## ଏନ୍‌ଟିପିସି କ୍ଷତିଗ୍ରସ୍ତ ମସୁଣିହତା ପ୍ରଜାଙ୍କ ଆନ୍ଦୋଳନ

# ୮୮ ଆନ୍ଦୋଳନକାରୀଙ୍କୁ ଗିରଫ କଲା ପୁଲିସ

କଣିହାଁ, ୨୪।୫(ସମିସ)



ଅନୁଗୋଳ ଜିଲ୍ଲା ଏନ୍‌ଟିପିସି କ୍ଷତିଗ୍ରସ୍ତ କଣିହାଁ ଥାନା ମସୁଣିହତା ଆନ୍ଦୋଳନକାରୀ ପ୍ରଜାଙ୍କୁ ଶନିବାର ପୁଲିସ ଉଠାଇନେଇଛି। ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ କଣିହାଁ ତହସିଲଦାର ଚିନ୍ମୟ ଦାସ ମାଜିଷ୍ଟ୍ରେଟ ଦାୟିତ୍ୱରେ ଆନ୍ଦୋଳନସ୍ଥଳରେ ପହଞ୍ଚିଥିଲେ। ଏଥିସହ ପାଲଲହଡ଼ା ଏସ୍‌ଡିପିଓ କୈଳାସ ସେଠୀ, ଅତିରିକ୍ତ ଆଡିସିନାଲ ଏସ୍‌ପି ରାଜୀବ ପଣ୍ଡା, ଏସ୍‌ଏନ ରାୟଗୁରୁ, କଣିହାଁ ଥାନା ଆଇଆଇସି ରମଣୀ ରଞ୍ଜନ ଦଳେଇ, ରେଙ୍ଗାଳି ଥାନା ଆଇଆଇସି ଜୟନ୍ତ ମହାନ୍ତି, ଖମାର ଓଆଇସି ଅରୁଣ କୁମାର ପଣ୍ଡାଙ୍କ ସମେତ ୫ ପ୍ଲାଟୁନ ପୁଲିସ ଫୋର୍ସ ଆନ୍ଦୋଳନସ୍ଥଳରେ ପହଞ୍ଚି ୮୮ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରିଥିଲେ। ଗିରଫଙ୍କ ମଧ୍ୟରେ ୨୦ ପୁରୁଷ, ୬୮ ମହିଳା ଥିବା ଜଣାପଡ଼ିଛି। ପୁଲିସ ଭ୍ୟାନରେ ଏମାନଙ୍କୁ ନେଇ ଏନଟିପିସିର ଆରଆଣ୍ଡଆର କାର୍ଯ୍ୟାଳୟ ପରିସରରେ ଅଟକ ରଖାଯାଇଥିଲା। ପରେ ୪୧ ସିଆରପିସିରେ ସମସ୍ତଙ୍କୁ ଛାଡ଼ି ଦିଆଯାଇଛି।

ଏନଟିପିସି ଦ୍ୱାରା କ୍ଷତିଗ୍ରସ୍ତ ମସୁଣିହତା ପ୍ରଜା ଗତ ଗୁରୁବାରଠାରୁ ମସୁଣିହତା ଛକ ସିଭିଲ କୁଡ଼ିଆଠାରେ ଆନ୍ଦୋଳନ କରୁଛନ୍ତି। ଏନଟିପିସି ପ୍ରକଳ୍ପରେ ମେଣ୍ଟେନାନ୍ସରେ ନିଯୁକ୍ତି, ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଯୋଗ୍ୟ ପରିବାର ବର୍ଗଙ୍କୁ ପ୍ୟାକେଜ ଦାବିରେ ଗ୍ରାମ୍ୟ କମିଟି ସଭାପତି ରଞ୍ଜନ କୁମାର ପାଣିଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲିଥିବା ବେଳେ ଏନଟିପିସି ଷ୍ଟେଜ୍-୧ ଆସପଣ୍ଡ କାର୍ଯ୍ୟ ତିନିଦିନ ହେଲା ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏନେଇ ଶୁକ୍ରବାର ସନ୍ଧ୍ୟାରେ କଣିହାଁ ତହସିଲ ଅଫିସରେ ତାଳଚେର ଉପଜିଲ୍ଲାପାଳ ସମିର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାଧାନୀ ବୈଠକରେ ଏନଟିପିସି ବରିଷ୍ଠ ଅଧିକାରୀ, ପ୍ରଶାସନିକ ଅଧିକାରୀ ସହ ମସୁଣିହତା ପ୍ରଜା ସାମିଲ ହୋଇଥିଲେ। ତେବେ ଆଲୋଚନା ବିଫଳ ହେବାରୁ ଶନିବାର ତୃତୀୟ ଦିନରେ ଆନ୍ଦୋଳନ ଜାରି ରହିଥିଲା।

ଆନ୍ଦୋଳନକାରୀଙ୍କ ଅଭିଯୋଗ ମୁତାବକ, ଏନଟିପିସି ଆସପଣ୍ଡ ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ ହେବା ପରେ କ୍ଷତିପୂରଣ ରାଶି ମିଳିଛି। କିନ୍ତୁ ଉପରୋକ୍ତ ଦୁଇ ଦଫା ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଗତ ମାର୍ଚ୍ଚ ୨୮ରେ ତାଳଚେର ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ତ୍ରିପାକ୍ଷିକ ସମାଧାନୀ ବୈଠକ ବସିଥିଲା। ୧୫ ଦିନ ମଧ୍ୟରେ କ୍ଷତିଗ୍ରସ୍ତ ପ୍ରଜାଙ୍କ ସମସ୍ୟା ସମାଧାନ ନେଇ ଏନଟିପିସି କର୍ତ୍ତୃପକ୍ଷଙ୍କୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଅନ୍ୟପଟେ ଆଜି ପୁଲିସ ବଳପୂର୍ବକ ଆନ୍ଦୋଳନକାରୀଙ୍କୁ ଉଠାଇନେବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଏନଟିପିସି କ୍ଷତିଗ୍ରସ୍ତ ମସୁଣିହତା ପ୍ରଜା ପ୍ରକାଶ କରିଛନ୍ତି। ତେବେ ଆଜି ସନ୍ଧ୍ୟାରେ ପୁଣି କଣିହାଁ ତହସିଲ ଅଫିସରେ ତାଳଚେର ଉପଜିଲ୍ଲାପାଳ ଜେନା ମସୁଣିହତା କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ଜୁନ ୨୦ ମଧ୍ୟରେ କ୍ଷତିଗ୍ରସ୍ତଙ୍କ ତାଲିକା ପ୍ରସ୍ତୁତି କରାଯିବ ଏବଂ ସେପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଗିତ ରଖିବାକୁ ନିଷ୍ପତ୍ତି ହୋଇଥିବା ଗ୍ରାମ୍ୟ କମିଟି ସଭାପତି ପାଣି ସୂଚନା ଦେଇଛନ୍ତି।

# ଫିଲ୍ମ 'ଫୁଲେ'ର ବଢ଼ୁଛି ଲୋକପ୍ରିୟତା

## ଜ୍ୟୋତିରାଓ ଫୁଲେଙ୍କ ସଂଘର୍ଷମୟ ଜୀବନ ଓ ଅବଦାନ ଉପରେ ଆଧାରିତ




ଅନୁଗୋଳ, ୨୪।୫(ସମିସ): ମହାତ୍ମା ଜ୍ୟୋତିରାଓ ଫୁଲେ ୧୮୨୭ ଏପ୍ରିଲ ୨୮ରେ ମହାରାଷ୍ଟ୍ରରେ ଜନ୍ମିତ। ସେ ଜଣେ ଆଦର୍ଶ ସମାଜ ସେବକ ଓ ସଂସ୍କାରକ ଏବଂ ଶିକ୍ଷାପ୍ରେମୀ ଥିଲେ। ଆଧୁନିକ ଭାରତ ମୂଳଦୁଆ ଗଠନରେ ଥିଲେ ଅନ୍ୟତମ ଅଗ୍ରଗଣ୍ୟ। ଶିକ୍ଷା ମଣିଷର ଚେତନା। ଶିକ୍ଷା ମଣିଷ ମନରେ ସ୍ୱାଭିମାନକୁ ଜନ୍ମ ଦିଏ। ଏହା ତାଙ୍କୁ ଆନ୍ଦୋଳିତ କରିଥିଲା। ତାଙ୍କ ଲିଖିତ ପୁସ୍ତକ ଶୂଦ୍ର ଏବଂ ଅତିଶୁଦ୍ର, ସତ୍ୟଶୋଧକ ବିବାହ ପ୍ରଣାଳୀ ଏବଂ ଗୋଲାମଗିରି ଆଦି ହୋଇଥିଲା କ୍ରାନ୍ତିକାରୀ। ଦେଶରେ ନାରୀ ଶିକ୍ଷାର ପ୍ରସାର ପାଇଁ ମହାରାଷ୍ଟ୍ରର ପୁଣେରେ ୧୮୪୮ରେ ପ୍ରଥମ ସ୍କୁଲ ଖୋଲିଥିଲେ ମହାତ୍ମା ଜ୍ୟୋତିରାଓ ଫୁଲେ ଓ ତାଙ୍କ ପତ୍ନୀ ସାବିତ୍ରୀ ବାଇ ଫୁଲେ। ଏହା ଥିଲା ଭାରତରେ ପ୍ରଥମ ନାରୀ ଶିକ୍ଷା ଆନ୍ଦୋଳନ। ଯାହାକୁ ତତ୍କାଳୀନ ସାମାଜିକ ବ୍ୟବସ୍ଥାର ଘୋର ବିରୋଧ ସତ୍ତ୍ୱେ ଏହି ଦମ୍ପତି ସମାଜରୁ ଅନ୍ଧବିଶ୍ୱାସ, ଅପସଂସ୍କୃତି ଓ ପାଖଣ୍ଡବାଦ ଦୂରୀକରଣ ନିମନ୍ତେ ଯେଉଁ ସଂଘର୍ଷ କରିଥିଲେ, ତା' ଉପରେ ନିର୍ମାଣ ହୋଇଛି ଫିଲ୍ମ 'ଫୁଲେ'। ଜ୍ୟୋତିରାଓ ଫୁଲେ ଏବଂ ସାବିତ୍ରୀ ବାଇ ଫୁଲେଙ୍କ ଆତ୍ମଜୀବନୀ ଉପରେ ଆଧାରିତ ଫିଲ୍ମ 'ଫୁଲେ' ଶିକ୍ଷାପାଇଁ ପ୍ରେରଣାର ଉତ୍ସ। ନାରୀ ଶିକ୍ଷାର ମୂର୍ତ୍ତିମନ୍ତ ପ୍ରତୀକ ମାତା ସାବିତ୍ରୀବାଇ ଫୁଲେଙ୍କ ଉତ୍ସର୍ଗୀକୃତ ଜୀବନର ପ୍ରେରଣାଦାୟୀ ଗାଥା ଫିଲ୍ମ ଫୁଲେରେ ପ୍ରଦର୍ଶିତ ହୋଇଛି। ଏହି ଫିଲ୍ମ ତାଳଚେର ଗଣେଶ ସିନେମା ହଲରେ ଚାଲୁଛି। ଶିକ୍ଷା ପାଇଁ ପ୍ରେରଣା ଦେଉଛି। ମନରେ ଭରୁଛି ଚେତନା। ଯାହାକୁ ଦେଖିବା ପାଇଁ ତାଳଚେର, ଅନୁଗୋଳ, କଣିହାଁ, ଛେଣ୍ଡିପଦା, ବଣ୍ଡରପାଳ ଅଞ୍ଚଳବାସୀ ବେଶ୍ ଆଗ୍ରହର ସହ ପରିବାର ସଦସ୍ୟ ସାଥୀ, ବନ୍ଧୁ ପରିଜନଙ୍କ ଗହଣରେ ଉତ୍ସାହର ସହିତ ଦେଖୁଛନ୍ତି ଏବଂ ଅନ୍ୟମାନଙ୍କୁ ଏହି ଶିକ୍ଷଣୀୟ ଚଳଚ୍ଚିତ୍ର ଦେଖିବାକୁ ସୋସିଆଲ ମିଡିଆରେ ଭାଇରାଲ କରୁଛନ୍ତି।

## କିଶୋରନଗର ବ୍ଲକ୍‌ରେ ଉନ୍ନୟନ କାର୍ଯ୍ୟ ନେଇ ବୈଠକ

କିଶୋରନଗର, ୨୪।୫(ସମିସ): କିଶୋରନଗର ବ୍ଲକ ରେ ଚାଲିଥିବା ବିଭିନ୍ନ ବିଭାଗରେ ଉନ୍ନୟନ କାର୍ଯ୍ୟ ନେଇ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ବ୍ଲକରେ ଚାଲିଥିବା ସମସ୍ତ ବିଭାଗର ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏବିଡିଓ ଦିଲୀପ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଆଲୋକ ମିଶ୍ର, ଜିପିଡିଓ ସତ୍ୟପ୍ରିୟ ସାହୁ, ସହକାରୀ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ସୁଭାଷିନୀ ବେହେରା, ପୂର୍ତ୍ତ ବିଭାଗ ଏସଡିଓ ସହରାଇ ସିଂହ, ବିଦ୍ୟୁତ୍ ବିଭାଗ ଏସଡିଓ ଅକ୍ଷୟ କୁମାର ସାହୁ, ସିଡିପିଓ ଆରତୀ ସିଂହ, ବିଇଓ ଅରୁଣ ସେଠୀ, ଯୋଗାଣ ଅଧିକାରୀ ରୁଷଭ ଚନ୍ଦ୍ର ନାୟକ, ଏଏଚଓ ନିଶିପ୍ରଭା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

● ଯୁକ୍ତ ୨ ବିଜ୍ଞାନ ପରୀକ୍ଷା

## ବାଣୀରୂପା ଷ୍ଟଡି ସେଣ୍ଟରର ଶତପ୍ରତିଶତ ସଫଳତା

ଅନୁଗୋଳ, ୨୪।୫(ସମିସ): ସଦ୍ୟ ପ୍ରକାଶିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଅମଲାପଡ଼ାସ୍ଥିତ ବାଣୀରୂପା ଷ୍ଟଡି ସେଣ୍ଟର ଛାତ୍ରଛାତ୍ରୀମାନେ ଅଭୂତପୂର୍ବ ସଫଳତା କରିଛନ୍ତି। ଅନୁଷ୍ଠାନର ସମସ୍ତ ୩୧ ଛାତ୍ରଛାତ୍ରୀ ଭଲ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୮ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ୧୨ ଜଣ ଦ୍ୱିତୀୟ ଓ ଜଣେ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅମ୍ଲାନ ଆଶୁତୋଷ ସାହୁ ସର୍ବାଧିକ ୫୩୬ ନମ୍ବର ରଖି ଅନୁଷ୍ଠାନର ଟପ୍ପର ହୋଇଛନ୍ତି। ବଶିଷ୍ଠ ସାହୁ, ଦିବ୍ୟରଞ୍ଜନ ସାହୁ, ଅମର ବେହେରା, ଶୁଭମ୍ ମୁଦୁଲି ପ୍ରମୁଖ ୫୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଏହି ସଫଳତା ପରେ ସମସ୍ତ ଛାତ୍ରଛାତ୍ରୀ ଓ ଅଧ୍ୟାପକଙ୍କୁ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଶକ୍ତିପ୍ରସାଦ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ଦକ୍ଷ ଅଧ୍ୟାପକମାନଙ୍କ ପ୍ରଚେଷ୍ଟା ଓ ଛାତ୍ରଛାତ୍ରୀଙ୍କ ନିଷ୍ଠା ଓ କଠିନ ପରିଶ୍ରମ ଯୋଗୁଁ ଏହି ସଫଳତା ମିଳିଥିବା ପଟ୍ଟନାୟକ ପ୍ରକାଶ କରିଛନ୍ତି।

## ଓକିଲ ସଂଘ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର

ତାଳଚେର ସଦର, ୨୪।୫(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଦିନିକିଆ ତାଳଚେର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ତାଳଚେର ଓକିଲ ସଂଘ ତରଫରୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲକୁ ପୂର୍ଣ୍ଣାଙ୍ଗ ରୂପ ଦେଇ ଏ ବର୍ଷରୁ ଡାକ୍ତରୀ ଶିକ୍ଷା ପାଠ୍ୟକ୍ରମ ଆରମ୍ଭ କରିବା ଓ ଚିକିତ୍ସା ସେବା ଆରମ୍ଭ କରିବା ପାଇଁ ଓକିଲ ସଂଘ ତରଫରୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଦାବିପତ୍ର ଗ୍ରହଣ କରି ସକାରାତ୍ମକ ମତ ଦେଇଥିଲେ ବୋଲି ସଂଘ ସଭାପତି ସନ୍ତୋଷ କୁମାର ସାହୁ ଓ ସମ୍ପାଦକ ମାନସ ରଞ୍ଜନ ବାଇ ସୂଚନା ଦେଇଛନ୍ତି।

## ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର: ଅଳ୍ପକେ ବର୍ତ୍ତିଲା ବାଛୁରୀ



କିଶୋରନଗର, ୨୪।୫(ସମିସ): କିଶୋରନଗର ଥାନା ଓ ଆରଆଇ ଅଫିସ ସମ୍ମୁଖରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଭାବେ ମୁକୁଳା ଅବସ୍ଥାରେ ପଡ଼ିରହିଛି। ଶନିବାର ଗୋଟିଏ ବାଛୁରୀ ଏହି ଟ୍ରାନ୍ସଫର୍ମର ପାଖକୁ ପଳାଇ ଯାଇଥିଲା। ତାକୁ ବିଦ୍ୟୁତ୍ ଆଘାତ ଲାଗିବାରୁ ଛଟପଟ ହୋଇ ବିକଳରେ କୌଣସି ମତେ ବର୍ତ୍ତି ଯାଇଥିଲା। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଏସଡିଓ ଅକ୍ଷୟ ସାହୁଙ୍କୁ ପଚାରିବାରୁ ଖୁବଶୀଘ୍ର ସେଠାରେ ସୁରକ୍ଷା ବାଡ଼ ଦିଆଯିବ ବୋଲି କହିଛନ୍ତି।

## ଅବହେଳିତ ଶିଶୁଙ୍କ ଆଧାର ପଞ୍ଜୀକରଣ ଅଭିଯାନ



ଅନୁଗୋଳ, ୨୪।୫(ସମିସ): ଜାତୀୟ ଆଇନସେବା ପ୍ରାଧିକରଣ ଓ ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ରିଜିଓନାଲ ଜୁଡିସିଆଲ ଏକାଡେମୀଠାରେ ଜିଲ୍ଲା ଏବଂ ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ଭିଜିଲାନ୍ସ ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସାଥୀ ୟୁନିଟର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସାଥୀ ୟୁନିଟର ଅଧ୍ୟକ୍ଷ ଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ରହିଥିବାବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷାଅଧିକାରୀ, ସମସ୍ତ ତହସିଲଦାର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟରବାହିତ ରୋଗ) ଡା. ପୂର୍ଣ୍ଣିମା ଉଦଗାତା, ଅତିରିକ୍ତ ଏସ୍‌ପି ଯୋଗେଶ୍ୱରୀ ବେହେରା, ଅନୁଗୋଳ ଜିଲ୍ଲା ଶିଶୁଯତ୍ନ ଗୃହଗୁଡ଼ିକର ପ୍ରତିନିଧି, ଜିଲ୍ଲା ଆଇନସେବା ପ୍ରାଧିକରଣର ୪ ଓକିଲ ଓ ୪ ସ୍ୱେଚ୍ଛାସେବୀ ଏହାର ସଦସ୍ୟ ଅଛନ୍ତି। ଜିଲ୍ଲାର ଅବହେଳିତ ଶିଶୁମାନଙ୍କ ଆଧାର ପଞ୍ଜୀକରଣ, ଥଇଥାନ ଓ ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଜିଲ୍ଲା ସାଥୀ ୟୁନିଟର ଲକ୍ଷ୍ୟ ବୋଲି ଏହି ଶିବିରରେ ଆଲୋଚନା ହୋଇଥିଲା। ଅବହେଳିତ ଶିଶୁମାନଙ୍କ ତଥ୍ୟ ଯୋଗାଡ଼ ନିମନ୍ତେ ଜିଲ୍ଲାରେ ମେ ୨୬ରୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ଜିଲ୍ଲା ଆଇନସେବା ପ୍ରାଧିକରଣର ସ୍ୱେଚ୍ଛାସେବୀ ଏବଂ ଏନ୍‌ଜିଓଗୁଡ଼ିକ ଦ୍ୱାରା ଏହି ସର୍ଭେ କାର୍ଯ୍ୟ କରାଯିବ। ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ତଥା ଜିଲ୍ଲା ସାଥୀ ୟୁନିଟ ଅଧ୍ୟକ୍ଷ କମଳାକାନ୍ତ ନାୟକ ଓ ଜିଲ୍ଲା ଆଇନସେବା ପ୍ରାଧିକରଣ ସଦସ୍ୟ ଦିଲୀପ କୁମାର ମହାନ୍ତି ଜିଲ୍ଲା ସାଥୀ ୟୁନିଟର ସଦସ୍ୟମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## ଜୁଡିସିଆଲ କୋର୍ଟ କାର୍ଯ୍ୟକ୍ଷମ ପାଇଁ ଦାବି



କିଶୋରନଗର, ୨୪।୫(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ରାତିରେ ବିଭିନ୍ନ କାର୍ଯ୍ୟକ୍ରମ ସାରି ଅନୁଗୋଳରୁ ସମ୍ବଲପୁର ଯାଉଥିବା ବେଳେ କିଶୋରନଗର ବ୍ଲକ ନାକଚି ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ କିଛି ସମୟ ଅଟକିଥିଲେ। ସେଠାରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ନିର୍ବାଚନ ମଣ୍ଡଳୀ ବିଜେପି ସଂଯୋଜକ ଡା. ଅଲେଖ କୁମାର ପ୍ରଧାନ, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ଅଞ୍ଜଳି ପ୍ରଧାନ, ପୂର୍ବତନ ନାକଚି ସମିତି ସଭ୍ୟ ଜେନାମଣି ପ୍ରଧାନ, ବିଶ୍ୱରଞ୍ଜନ ପ୍ରଧାନ, ମନ୍ତ୍ରୀ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ କିଶୋରନଗରରେ ଜୁଡିସିଆଲ କୋର୍ଟ ଶୀଘ୍ର କାର୍ଯ୍ୟକ୍ଷମ କରାଯିବାକୁ ପୂର୍ବତନ ମନ୍ତ୍ରୀ ସାହୁ, ପୂର୍ବତନ ବିଧାୟକ ସାଏ, ଆଇନଜୀବୀ ପ୍ରତାପ ପ୍ରଧାନ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି।

## ରେଙ୍ଗାଳି ମଣ୍ଡଳ ବିଜେପିର ସାଙ୍ଗଠନିକ ବୈଠକ



କଣିହାଁ, ୨୪।୫(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣିହାଁ ବ୍ଲକ ରେଙ୍ଗାଳି ମଣ୍ଡଳ ବିଜେପି ପକ୍ଷରୁ ଦଳକ ପଞ୍ଚାୟତ ନାଲମ ଶିଶୁ ମନ୍ଦିର ପରିସରରେ ଗୁରୁବାର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ବିଜେପି ଉପସଭାପତି ନୃସିଂହ ଚରଣ ବରାଳ ସଭାପତିତ୍ୱ କରିଥିଲେ। ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ ପାଇଁ ମନୋନୀତ ହୋଇଥିବା ନୂତନ କମିଟିର ସଦସ୍ୟଙ୍କ ନାମ ଘୋଷଣା କରିଥିଲେ। ହରିହର ସାହୁ, ନିଶାକର ପ୍ରଧାନ, ନମିତା ଜେନା, ବିରଞ୍ଚି ସାମଲ, ଲିପିକା ପ୍ରଧାନ ଉପସଭାପତି, ଟିକନ ପ୍ରଧାନ ବାଲିପଶି ଓ କବିରାମ ନାୟକ କାକୁଡ଼ିଆ ମଣ୍ଡଳର ସାଧାରଣ ସମ୍ପାଦକ ଭାବେ ଚୟନ ହୋଇଛନ୍ତି। ସମ୍ପାଦକ ଭାବେ ଅନୀଲ ସାହୁ ଡେରାଙ୍ଗ, ପ୍ରକାଶ ଚନ୍ଦ୍ର ଧୀର ରେଙ୍ଗାଲି, ପିଙ୍କି ବେହେରା ବାଲିପଶି, କୁନିଲତା ପ୍ରଧାନ ହନୁମାନପୁର, ରଶ୍ମିତା ମହାରଣା ତଳପଦା, ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ଦୁଃଖବନ୍ଧୁ ସାହୁ ଦଳକ, ସମ୍ପାଦକ ବିମଳ ପ୍ରଧାନ ବାଲିପଶି, ଏସିଏସଟି ମୋର୍ଚ୍ଚା ସଭାପତି ସନ୍ତୋଷ ନାଏକ ଡେରଙ୍ଗ, ସମ୍ପାଦକ ପଦ୍ମଲୋଚନ ନାଏକ ତାଳପଦା, ଯୁବମୋର୍ଚ୍ଚା ସଭାପତି ବିଭୂତି ସ୍ୱାଇଁ, କୁଳମା, ଓବିସି ମୋର୍ଚ୍ଚା ସଭାପତି ବିଧାନ ସାହୁ ତାଳପଦା, ସମ୍ପାଦକ ଟୁନା ସାହୁ ଡେରଙ୍ଗ ଏସଟି ମୋର୍ଚ୍ଚା ସଭାପତି ରିମିତା ମାଝୀ ବାଲିପଶି, ସମ୍ପାଦକ ରଞ୍ଜନ ଗଡ଼ତିଆ ଦଳକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ମିନା ସାମଲ ରେଙ୍ଗାଲି, ସମ୍ପାଦକ ଲୋକା ଅଙ୍ଗରିଆ ସମେତ ବିନୟ ପ୍ରଧାନ, ତ୍ରିପୁରାରି ପ୍ରଧାନ, ଚନ୍ଦନ ସ୍ୱରାଜ, ଧ୍ରୁବ ଧୀର, ସୁମନ୍ତ ପ୍ରଧାନ, ବିଛନ୍ଦ ସାହୁ, ଶ୍ୟାମସୁନ୍ଦର ସାହୁ, ଅଞ୍ଜଳି ପ୍ରଧାନ, ଦିବାକର ପ୍ରଧାନ, ଜଗମୋହନ ପ୍ରଧାନ, ସୁରେଶ ଧଳ, ଟିକନ ମହାନ୍ତି, ଯୁବମୋର୍ଚ୍ଚା ପକ୍ଷରୁ ହୃଦୟ ପ୍ରଧାନ, ବିରଞ୍ଚି ସାମଲ, ନିର୍ମଳ ବେହେରା ପ୍ରମୁଖ ବିଜେପି ଜିଲ୍ଲା କମିଟିରେ ସ୍ଥାନ ପାଇଛନ୍ତି।

## ଫୁଟ୍ ଓଭରବ୍ରିଜ ନିର୍ମାଣ ପାଇଁ ବିଧାୟକଙ୍କ ଚିଠି

ବଇଣ୍ଡା, ୨୪।୫(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା କଲେଜ ନିକଟରେ ୫୫ ନମ୍ବର ଜାତୀୟ ରାଜପଥ ଉପରେ ଏକ ଫୁଟ୍ ଓଭରବ୍ରିଜ ନିର୍ମାଣ ପାଇଁ ଶୁକ୍ରବାର ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଜାତୀୟ ରାଜପଥ ବିଭାଗ ସମ୍ବଲପୁର ଡିଜିଏମଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ବିଧାୟକ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ବଇଣ୍ଡା ଜନତା ମହାବିଦ୍ୟାଳୟ ୫୫ ନମ୍ବର ଜାତୀୟ ରାଜପଥ କଡ଼ରେ ଅବସ୍ଥିତ। ଏହି ମହାବିଦ୍ୟାଳୟକୁ ୧୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ଆସୁଛନ୍ତି। ବର୍ତ୍ତମାନ ୪ ଲେନ ରାସ୍ତା ନିର୍ମାଣ ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କୁ ରାସ୍ତା ପାର ହେବାକୁ ବ୍ୟାପକ ଅସୁବିଧା ସୃଷ୍ଟି ହେବ। ବିଶେଷ କରି ୬୦ ପ୍ରତିଶତ ଛାତ୍ରଛାତ୍ରୀ ବସ୍‌ରେ ଯିବାଆସିବା କରୁଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀମାନେ କଲେଜ ସମ୍ମୁଖରେ ବସରୁ ଓହ୍ଲାଇ କଲେଜକୁ ଯାଉଛନ୍ତି। ହେଲେ ରାସ୍ତାରେ ଜାତୀୟ ରାଜପଥ ପକ୍ଷରୁ ବାଡ଼ ନିର୍ମାଣ କରାଯାଉଥିବା ବେଳେ ଛାତ୍ରଛାତ୍ରୀ ଯିବା ଆସିବା ପାଇଁ ଅସୁବିଧା ଭୋଗୁଛନ୍ତି। ତେଣୁ ଛାତ୍ରଛାତ୍ରୀଙ୍କ ଯାତାୟାତ ପାଇଁ କଲେଜ ନିକଟରେ ଫୁଟ ଓଭରବ୍ରିଜ ନିର୍ମାଣ ସହ ଉଭୟ ପାର୍ଶ୍ୱରେ ସର୍ଭିସ ରାସ୍ତା ନିର୍ମାଣ ପାଇଁ ବିଧାୟକ ଦାବି କରିଛନ୍ତି। ଏ ନେଇ ମହାବିଦ୍ୟାଳୟ ପକ୍ଷରୁ ମଧ୍ୟ ଚିଠି ନମ୍ବର ମାଧ୍ୟମରେ ପୂର୍ବରୁ ଜାତୀୟ ରାଜପଥ ବିଭାଗକୁ ଅବଗତ କରାଯାଇଥିଲା।

## 'ନେସ୍'ର ନୂତନ କର୍ମକର୍ତ୍ତାଙ୍କ ଶପଥପାଠ

ନାଲକୋନଗର, ୨୪।୫(ସମିସ): ନାଲ୍‌କୋ ଏମ୍ପ୍ଲୋଇଜ ସଂଘ (ନେସ୍)ର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ସଂଘ କର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ ଉପ-ସଭାପତି ମଦନ ଧଳ, ନାଲକୋ ଶ୍ରମିକ କଂଗ୍ରେସ ୟୁନିଅର ସାଧାରଣ ସମ୍ପାଦକ ବିଭବ କୁମାର ଜେନା, ବରିଷ୍ଠ ନେତା ବିଜନ ଦଳବେହେରା, ନିରୋଦ ଧୀର, ମୁରଲୀ ପଣ୍ଡା, ରାମକୃଷ୍ଣ ମୁଣ୍ଡା ପ୍ରମୁଖ ଯୋଗଦେଇଥିଲେ। ନବନିର୍ବାଚିତ ସଭାପତି ନିର୍ମଳ କୁମାର ସାମଲ, ସାଧାରଣ ସମ୍ପାଦକ ରଞ୍ଜିତ କୁମାର ସାହୁଙ୍କ ସମେତ ୩ଜଣ କାର୍ଯ୍ୟକାରୀ ସଭାପତି, ୧୧ ଉପ-ସଭାପତି, ଜଣେ ଯୁଗ୍ମ ସାଧାରଣ ସମ୍ପାଦକ, ୩ ସାଙ୍ଗଠନିକ ସମ୍ପାଦକ, କୋଷାଧ୍ୟକ୍ଷ, ଯୁଗ୍ମ କୋଷାଧ୍ୟକ୍ଷ ୧୪ ଜଣ ସମ୍ପାଦକ, ୧୫ ଜଣ ଯୁଗ୍ମ ସମ୍ପାଦକ ଓ ୧୫ ଜଣ ସହ ସମ୍ପାଦକ ଶପଥପାଠ କରିଥିଲେ।

## କ୍ରୀଡ଼ା ଶିକ୍ଷକଙ୍କ ପରଲୋକ



ଖମାର, ୨୪।୫(ସମିସ): କଣିହାଁ ବ୍ଲକ ଡକେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦୁଷ୍ମନ୍ତ କୁମାର ମିଶ୍ର (୪୩)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ଦୁଷ୍ମନ୍ତ ସପ୍ତାହରେ ୩ଦିନ କଣ୍ଟିଆପଶି ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠରେ କାର୍ଯ୍ୟ କରନ୍ତି। ସେ ଜଣେ ମେଳାପି, ଛାତ୍ରବତ୍ସଳ ଶିକ୍ଷକ ଭାବେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ଆକସ୍ମିକ ଦେହାନ୍ତରେ ଉଭୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସହକର୍ମୀ ଗଭୀର ମର୍ମାହତ ହୋଇଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ୨ପୁଅ ବୃଦ୍ଧା ମାଆ ଓ ଭଉଣୀ ସହ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ସେ ଜଣେ ବ୍ଲକଗ୍ରାଣ୍ଟ ଶିକ୍ଷକ ହୋଇଥିବାରୁ ସରକାରଙ୍କ ତରଫରୁ କିଛି ସାହାଯ୍ୟ ଯୋଗାଇ ଦେଲେ ପରିବାର ଉପକୃତ ହୋଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଦୁଷ୍ମନ୍ତଙ୍କ ସହଧର୍ମିଣୀଙ୍କର ମଧ୍ୟ ବର୍ଷକ ପୂର୍ବରୁ ହୃଦଘାତରେ ମୃତ୍ୟୁ ହୋଇଥିଲା।

● ନିଶାଡ଼ିକୁ ମୁହଁ ମୋଡ଼ିଲା ନବବଧୂ

# ଶାଶୂଘରେ ବରଣୀ ପରେ ବାପଘରକୁ ଫେରିଗଲା

ଅନୁଗୋଳ, ୨୪।୫(ସମିସ): ବାହାବେଦି ସାରି ଶାଶୂଘରେ ନ ପଶୁଣୁ ନିଶାଡ଼ି ସ୍ୱାମୀକୁ ତୀରସ୍କାର କରିଛି ନବବଧୂ। ନିଶାଡ଼ିର କାରନାମା ଦେଖି ସବୁଦିନ ପାଇଁ ଫେରିଯାଇଛି ବାପଘରକୁ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବଣ୍ଡରପାଳ ବ୍ଲକ ତଥା ଅନୁଗୋଳ ସହର ଉପକଣ୍ଠ ଅଞ୍ଚଳରେ।

ଗତ ୨୦ ତାରିଖ ବରଯାତ୍ରୀ ଧୁମ୍‌ଧାମରେ ବାଜା ରୋଷଣୀ ନେଇ କନ୍ୟା ଘରକୁ ଯାଇଥିଲେ। ବୈଦିକ ରୀତିରେ ବେଦିରେ ବିବାହ ସମ୍ପନ୍ନ ହୋଇଥିଲା। ତେବେ ବରକନ୍ୟାଙ୍କ ହାତଗଣ୍ଠି ବେଳେ ବାରମ୍ବାର ଢଳି ପଡୁଥିଲା ନିଶାଡ଼ି ବର। ବରପକ୍ଷ ଲୋକେ ବେଦିରେ ତାକୁ ଆୟତ୍ତ କରୁଥିଲେ। ବିବାହରେ ଯୋଗଦେଇଥିବା ଲୋକେ ଏଭଳି ଦୃଶ୍ୟ ଦେଖି ଚକିତ ହେଉଥିଲେ। ତଥାପି ସୁରୁଖୁରୁରେ ବିବାହ ସମ୍ପନ୍ନ ହୋଇଥିଲା। କନ୍ୟା ବିଦାୟୀ ବେଳେ ନିଜ ଭାଗ୍ୟକୁ ଆଦରି ବାପଘର ଛାଡ଼ିଥିଲା। ବରକନ୍ୟା ଯିବା ବାଟରେ ଗାଡ଼ି ଅଟକାଇ ବର ଯାଚିଥିଲା ଥଣ୍ଡା ପାନୀୟ। ନବବଧୂ ପିଇବାକୁ ମନା କରିବାରୁ ଗାଡ଼ି ଭିତରେ ଅସଭ୍ୟ ଗାଳି ଶୁଣିବାକୁ ପଡ଼ିଥିଲା। ବୁଧବାର ୧୧ଟା ବେଳେ ଶାଶୂଘରେ ବୋହୂ ବରଣୀ ହୋଇଥିଲା। ତା' ପରଠାରୁ ଘରୁ ଉଭାନ ହୋଇଗଲା ନିଶାଡ଼ି ବର। ପରିବାର ଲୋକେ ଖୋଜୁଥିଲେ ମଧ୍ୟ ତା' ପତ୍ତା ମିଳୁ ନ ଥିଲା। ଅନ୍ୟପଟେ ଧୁମଧାମରେ ଚାଲିଥିଲା ବିବାହ ଭୋଜିଭାତ। ମଣ୍ଡପରେ ବସିଥିଲା ଏକାକୀ ବୋହୂ। ଦିନ ୩ଟା ବେଳକୁ କନ୍ୟାଘର ଲୋକ ଯୌତୁକ ସାମଗ୍ରୀ ଧରି ପହଞ୍ଚିଥିଲେ ଝିଅ ଶାଶୂଘରେ। ତେବେ ମଣ୍ଡପରେ ଜ୍ୱାଇଁକୁ ନ ଦେଖି ଉଠିଲା କଥା। ବହୁ ବିଳମ୍ବରେ ଢଳି ଢଳି ଆସିଲା ନିଶାଡ଼ି ଜ୍ୱାଇଁ। ଏହି ଘଟଣାରେ ଉଭୟ ପରିବାର ଆଲୋଚନା କରିଥିଲେ। ବହୁ ବୁଝାସୁଝା ପରେ ନିଶାଡ଼ି ବର ପାଖରେ ନ ରହିବାକୁ ରୋକ୍‌ଠୋକ୍ ମନା କରିଦେଲେ ନବବଧୂ। ଶେଷରେ ବରକୁ ଛାଡ଼ି ଫେରି ଆସିଲେ ବାପଘରକୁ। କାନ୍ୟାଘର ଲୋକେ ନେଇଥିବା ଆସବାବପତ୍ର ଗାଡ଼ିରୁ ଓହ୍ଲାଇ ନ ଥିଲେ। ସବୁ ଧରି ଫେରି ଆସିଥିଲେ।

# ଆମ୍ବ ବାସ୍ନାରେ ମହକୁଛି ତାଳଚେର ବଜାର

ତାଳଚେର ସଦର, ୨୪।୫(ସମିସ)



ଗ୍ରୀଷ୍ମ ସରି ଆସୁଥିବା ବେଳେ ବର୍ଷାର ଆଗମନ ହେବାକୁ ଯାଉଛି। ପ୍ରବଳ ଗୁଳୁଗୁଳି ସହ ଅସରାଏ ବର୍ଷା ଆମ୍ବ ଏବଂ ପଣସ ପାଚିବାର ପରିବେଶ ସୃଷ୍ଟି କରିଛି। ଅଣସର ଗୁଳୁଗୁଳି ସମୟରେ ଗାଁ ଗଣ୍ଡାରେ ଆମ୍ବ ପଣସ ପ୍ରବଳ ପାଚିଥାଏ। ଯାହାର ଚାହିଦା ମଧ୍ୟ ଅଧିକ ରହିଛି। ଏଭଳି ସ୍ଥିତିରେ ବର୍ତ୍ତମାନ ପାଚିଲା ଆମ୍ବ ବାସ୍ନାରେ ତାଳଚେର ବଜାର ମହକୁଛି। ଏବେ ସହରର ଏକାଧିକ ସ୍ଥାନ ଓ ରାସ୍ତା କଡ଼ରେ ଆମ୍ବର ପସରା ଖୋଲୁଥିବା ଦେଖିବାକୁ ମିଳିଛି।

ଛୋଟ ଆମ୍ବଠାରୁ ପ୍ରାୟ ୨ କେଜି ଓଜନ ପର୍ଯ୍ୟନ୍ତ ଆମ୍ବ ସଜାହୋଇ ରହିଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ରଙ୍ଗବେରଙ୍ଗ ଆମ୍ବ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆମଦାନୀ ହୋଇ ଏଠାକୁ ଆସୁଛି। ଗାଁ ଗହଳି ଜାଗାରେ ଏହାର ଦର ସେତେ ନ ଥିବାରୁ ସେଗୁଡ଼ିକ ପ୍ରାୟତଃ ସହରକୁ ରପ୍ତାନୀ କରାଯାଉଛି। ଅନେକ ଚାଷୀ ଓ ଆମ୍ବପ୍ରେମୀ ନିଜ ବାଡ଼ି ବଗିଚାରେ ଅନେକ କିସମର ଆମ୍ବଚାଷ କରୁଛନ୍ତି। ଗାଁ ଗହଳିରୁ ଏହି ଆମ୍ବଗୁଡ଼ିକ ଆସୁଥିବା ବେଳେ ତାଳଚେର ବଜାରରେ ଏହାର ଭଲ ଦର ରହୁଛି। ଏହାକୁ ଋତୁଗତ ବ୍ୟବସାୟ ହିସାବରେ ନେଇଥିବା ବେଳେ ଆମ୍ବ ବିକ୍ରି କରି ଭଲ ଦୁଇ ପଇସା ଉପାର୍ଜନ କରୁଥିବା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି। ଦୁଧିଆପଲ୍ଲୀ, ବମ୍ବେଗ୍ରୀନ୍, ଲେଙ୍ଗଡ଼ା, ଫଲିଜେଣ୍ଟ, ଅଲଫାସୋ, ଚେରୁକସମ, ମଲିକା, ଆଖୁରସ, ଆମ୍ରପଲ୍ଲୀ, ହିମସାଗର, ନିଲମ, ନିଲେଶ୍ୱରୀ, ଲାପସୁନ୍ଦରୀ, ଗୋଦାବରୀ, ବାଇଗଣପଲେଇ, କଳାବଇଁଶୀ, କଞ୍ଚାସୁଆଦି, କେଶର, ସୁନ୍ଦରୀଲେଙ୍ଗଡ଼ା, ପୁସାସୁରିୟା, ଏଚ-୯୪୯, ଟିସୁଲ, ୧୦୮୪, ଏଚ-୩୮, ସିନ୍ଧୁ ଦୋସେରୀ-୫୧, ଭଣ୍ଡୁପଲ୍ଲୀ, ପଣ୍ଡୁ, ମାଲଦା, ହାପୁଷ ଦୋସେରୀ, ପ୍ରଭାଶଙ୍କର, ସୁନ୍ଦରୀ, ଗୋଲାପଖାସ୍, ଭୁସାପଲ୍ଲୀ, ବୈଶାଳୀ ଆଦି ଜାତିର ସ୍ୱାଦିଷ୍ଟ ଆମ୍ବ ବିକ୍ରି ହେଉଛି। ବର୍ତ୍ତମାନ ସହରରେ ଆମ୍ବ କେଜି ପିଛା ୩୦ରୁ ୪୦ ଓ ଅତି ଭଲ କିସମର ଆମ୍ବ ହେଲେ ୬୦ରୁ ୮୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ଦେଶୀ ଓ ଛୋଟ ଆମ୍ବଗୁଡ଼ିକ ଜଙ୍ଗଲ ଅଞ୍ଚଳରୁ ଆସୁଛି। ତାହାର ମଧ୍ୟ ଚାହିଦା ମାର୍କେଟରେ ବେଶ୍ ଭଲ ରହିଛି। ତେବେ ଆମ୍ବଚାଷୀମାନଙ୍କୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ସେମାନେ ବେଶ୍ ରୋଜଗାରକ୍ଷମ ହୁଅନ୍ତେ ଏବଂ ଦଲାଲଙ୍କ ଉପରେ ନିର୍ଭରଶୀଳ ହୁଅନ୍ତେ ନାହିଁ ବୋଲି ମତ ପ୍ରକାଶ ପାଇଛି।

# ମୂର୍ତ୍ତି ଗଢ଼ାକୁ ଆଦରି ନେଇଛନ୍ତି ପଦ୍ମିନୀ

**ଧର୍ମଶାଳା, ୨୪।୫(ସମିସ)**



ଆମ ଓଡ଼ିଆ ମାନଙ୍କର ବାର ମାସରେ ତେର ପର୍ବ। ଆଗକୁ ପୂଜା ପର୍ବାଣିକୁ ଦୃଷ୍ଟିରେ ରଖି ଏବେ ମୂର୍ତ୍ତିକାରମାନେ ବିଭିନ୍ନ କିସମର ମୂର୍ତ୍ତି ଗଢିବାରେ ଲାଗିପଡ଼ିଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ଧର୍ମଶାଳା ବ୍ଲକ କୁମାରୀ ଗ୍ରାମପଞ୍ଚାୟତ ଦେଉଳି ଗ୍ରାମର ସୋମନାଥ ରଣାଙ୍କ ପତ୍ନୀ ପଦ୍ମିନୀ ରଣା (୩୧) ଜଣେ ଉଚ୍ଚକୋଟିର ମୂର୍ତ୍ତି କାରିଗର। ସେ ପିଲା ଦିନରୁ ମୂର୍ତ୍ତି କଳା ପ୍ରତି ଆକର୍ଷିତ। ତାଙ୍କ ବାପା ଇନ ରଣା ଓ ଦୁଇ ଭାଇ ଗୋପାଳ, ଅନନ୍ତ ମୂର୍ତ୍ତି କାରିଗର ହୋଇଥିବାରୁ ସେ ପିଲାବେଳୁ ମୂର୍ତ୍ତି ଗଢାଯାଉଥିବା ଦେଖି ସେଥିପ୍ରତି ଆକର୍ଷିତ ହୋଇଥିଲେ। ସେହି ଦିନରୁ ସେ ଛୋଟ ଛୋଟ ମୂର୍ତ୍ତି ଗଢୁଥିଲେ। ୨୦୦୯ ମସିହାରେ ମାଟ୍ରିକ ପାସ କଲା ପରେ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେ ଆଉ ଅଧିକ ପଢ଼ିପାରି ନ ଥିଲେ। ଘରେ ରହି ଘର କାମ କରିବା ସହିତ ବାପା ଭାଇଙ୍କୁ ମୂର୍ତ୍ତି ଗଢ଼ାରେ ସହଯୋଗ କରୁଥିଲେ ପଦ୍ମିନୀ। ବାପାଙ୍କ ଘର ରସୁଲପୁର ବ୍ଲକ ସାମନ୍ତରାୟପୁର ପଞ୍ଚାୟତ ବାଲିପାଟଣାର କୁଲୁଙ୍ଗା। ୧୦ବର୍ଷ ତଳେ ସେ ଧର୍ମଶାଳା ବ୍ଲକ ଚହଟା ପଞ୍ଚାୟତ ଭାଲୁଖାଇ ଗ୍ରାମର ଭୀମ ରଣା ପୁଅ ସୋମନାଥଙ୍କୁ ବିବାହ କରିଥିଲେ। ଘରର କୌଣସି ସମସ୍ୟା ହେତୁ ଦେଉଳି ଗ୍ରାମରେ ଭଡା ଘରେ ରହି ମୂର୍ତ୍ତି ତିଆରି କରି ପରିବାର ପ୍ରତିପୋଷଣ କରୁଛନ୍ତି ପଦ୍ମିନୀ। ବର୍ତ୍ତମାନ ପରିବାର କହିଲେ ୩ ଜଣ। ସ୍ୱାମୀ ସୋମନାଥ, ଝିଅ ଶୁଭଲକ୍ଷ୍ମୀ ଓ ସେ ନିଜେ। ବରାଦ ଅନୁଯାୟୀ ଅଧିକ ମୂର୍ତ୍ତି ଗଢୁଥିବା କଥା କହିଛନ୍ତି ପଦ୍ମିନୀ। ସେହିପରି ପର୍ବ ପର୍ବାଣୀ କୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ମୂର୍ତ୍ତି ଗଢାଯାଇଥାଏ। ଖୁଦୁରୁକୁଣୀ ଗଣେଶ, ଦୁର୍ଗା, କାର୍ତ୍ତିକେଶ୍ୱର, ବିଶ୍ୱକର୍ମା, ସରସ୍ୱତୀ, ଲକ୍ଷ୍ମୀ ଓ କାଳୀ ମୂର୍ତ୍ତି ଗଢା ଯାଇଥାଏ। ଏବେ ପ୍ରତ୍ୟେକ ସାମଗ୍ରୀର ମୂଲ୍ୟ ବଢ଼ି ଯାଇଥିବାରୁ ମୂର୍ତ୍ତି ଅନୁଯାୟୀ ପାରିଶ୍ରମିକ ଠିକ ଭାବରେ ମିଳୁନାହିଁ। ଏହି ସବୁ ମୂର୍ତ୍ତି ଗଢିବା ପାଇଁ ମାଟି, ବାଉଁଶ ବତା, ସୁତୁଲି, କଣ୍ଟା, କାଠ ପଟା, ଝୋଟ ଓ ରଙ୍ଗ ଆଦି ସାମଗ୍ରୀ କିଣିବାକୁ ପଡ଼ିଥାଏ। ମୂର୍ତ୍ତି ଗୁଡିକ ଧର୍ମଶାଳା ଓ ଜାରକା ସମେତ ଯାଜପୁର, କେନ୍ଦୁଝର, ଆନନ୍ଦପୁର, ଭଣ୍ଡାରିପୋଖରୀ, ପାଣିକୋଇଲି, ଯାଜପୁର ରୋଡ଼, ଚଣ୍ଡିଖୋଲ, ଛତିଆ, ବାଲିଚନ୍ଦ୍ରପୁର ଆଦି ଅଞ୍ଚଳରେ ମୂର୍ତ୍ତିଗୁଡିକ ବିକ୍ରି କରା ଯାଇଥାଏ। ଏଠାକୁ ଦୂରଦୂରାନ୍ତରୁ ଲୋକମାନେ ଆସି ବିଭିନ୍ନ କିସମର ମୂର୍ତ୍ତି କିଣି ନେଇଥାନ୍ତି। ସେଥିରୁ ଉପାର୍ଜିତ ଅର୍ଥରେ ତେଲ ଲୁଣ ସଂସାର ଚଳେ। ଅନେକ ସମୟରେ ନିଜ ପାଖରେ ଟଙ୍କା ନଥିଲେ ସୁଧହାରରେ ଆଣି କାର୍ଯ୍ୟ କରିବାକୁ ପଡ଼ିଥାଏ। ମୂର୍ତ୍ତି ଗୁଡିକ ବିକ୍ରି ହେବା ପରେ ସୁଧ ସହିତ ଟଙ୍କା ପଇଠ କରିବାକୁ ପଡ଼ିଥାଏ। ଯଦି ଅନୁକୂଳ ପାଗ ହୁଏ ମୂର୍ତ୍ତି ବିକ୍ରି ହେଇଯାଏ, କିନ୍ତୁ ପ୍ରତିକୂଳ ପାଗ ହୁଏ ମୂର୍ତ୍ତି ବିକ୍ରି କରିବାରେ ବାଧା ଉପୁଜେ।ଗ୍ରାମାଞ୍ଚଳରେ ଅନେକ ମୂର୍ତ୍ତି କାରିଗର ଅଛନ୍ତି। ସେମାନଙ୍କର ଆର୍ଥିକ ସମ୍ବଳ ନଥିବାରୁ ବାଧ୍ୟ ହୋଇ ସେମାନେ ବାହାର ରାଜ୍ୟକୁ ଯାଇ ଦାଦନ ଖଟୁଛନ୍ତି। ଯଦି ସରକାର ମାଟି ମୂର୍ତ୍ତିକାରଙ୍କୁ ଚିହ୍ନଟ କରି ଆର୍ଥିକ ସହାୟତା ଯୋଗାଇ ଦିଅନ୍ତେ ତେବେ ମୂର୍ତ୍ତିକାରମାନେ ସ୍ୱାବଲମ୍ବୀ ହୋଇପାରନ୍ତେ ବୋଲି ମୂର୍ତ୍ତିକାର ସଂଘ ପକ୍ଷରୁ ଆଶାପୋଷଣ କରାଯାଇଛି। ଏ ଦିଗରେ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

## ରାହାଡ଼ପୁର ପଥର ଖାଦାନ ଦୁର୍ଘଟଣା ଘଟଣା

# ୮ ମାସ ପରେ ବି ରୁଜୁ ହୋଇନି ମାମଲା

**ଯାଜପୁର, ୨୪।୫(ସମିସ):** ଗତ ୮ ମାସ ତଳେ ରାହାଡ଼ପୁର ପାହାଡ଼ରେ ହୋଇଥିବା ଦୁର୍ଘଟଣା ଘଟଣାରେ ଏ ଯାଏଁ ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି। ରାହାଡ଼ପୁର ପାହାଡ଼ରେ ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଖଣ୍ଡିଆ ପଞ୍ଚାୟତ ଜାନୁଡାହି ଗ୍ରାମର ଅଜୁ ସିଂ କାମ କରୁଥିବା ବେଳେ ଗତ ୧୪-୯-୨୦୨୪ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ପାହାଡ ଲିଜଧାରୀଙ୍କ ବେଆଇନ କାର୍ଯ୍ୟ ଏବଂ ଅବହେଳା ଯୋଗୁଁ ଏଭଳି ଅଘଟଣ ଘଟି ମୃତ୍ୟୁ ହୋଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇନାହିଁ ବୋଲି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ମୃତ ଅଜୁଙ୍କ ପତ୍ନି ମମିତା ସିଂ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ କିନ୍ତୁ ଅଦ୍ୟାବଧି ପୁଲିସ ଏତଲାଟିଏ ମଧ୍ୟ ରୁଜୁ କରିନଥିବା ଘଟଣା ସାମ୍ନାକୁ ଆସିଛି। ଏତଲାରେ ଦର୍ଶାଇଥିଲେ ଯେ, ରାହାଡପୁରରେ ଥିବା ଖାଦାନରେ କାମ କରିବାକୁ ଡଙ୍କାରୀର କାହ୍ନୁ ପୃଷ୍ଟି ତାଙ୍କ ସ୍ୱାମୀ ଅଜୁ ସିଂଙ୍କୁ ନେଇଥିଲେ। ଗତ ସେପ୍ଟେମ୍ବର ୧୪ ତାରିଖରେ ପଥର ଖାଦାନରୁ ଅଚାନକ ପଥର ଖସି ପଥର ତଳେ ଅଜୁ ଚାପି ହୋଇ ରହିଗଲେ। ସେଠାରେ ଥିବା ତାଙ୍କ ମାମୁ ଜନ୍ମେଜୟ ସିଂ ସଙ୍ଗେ ସଙ୍ଗେ କାହ୍ନୁ ପୃଷ୍ଟିଙ୍କ ମୋବାଇଲରେ ଫୋନ କରି ଅଜୁଙ୍କୁ ତୁରନ୍ତ ଡାକ୍ତରଖାନା ନେବାକୁ ବିକଳ ହୋଇ ଅନୁରୋଧ କରିଥିଲେ। କିନ୍ତୁ ତାଙ୍କୁ ଡାକ୍ତରଖାନା ନେବାରେ ଦୁଇଘଣ୍ଟା ବିଳମ୍ବ କରାଗଲା। ଫଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ବୋଲି ସେ କହିଛନ୍ତି।

ସେ ସେହି ସମୟରେ ଗର୍ଭବତୀ ଥିବାରୁ କୌଣସି ପ୍ରକାର ପ୍ରତିବାଦ କିମ୍ବା ଏତଲା ଦେଇ ପାରି ନଥିଲେ। ତେଣୁ ତୁରନ୍ତ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ଗତ ଡିସେମ୍ବର ୨ ତାରିଖରେ ମମିତା ସିଂ ମୁଖ୍ୟମନ୍ତ୍ରୀଙ୍କୁ ଧର୍ମଶାଳା ପାହାଡ ପର୍ବତ ସୁରକ୍ଷା ମଞ୍ଚର ସଭାପତି ସତୀଶ ବିଶ୍ୱାଳଙ୍କ ଜରିଆରେ ନ୍ୟାୟ ପାଇଁ ନିବେଦନ କରିଥିଲେ। ରାଜ୍ୟ ପୁଲିସ ମୁଖ୍ୟାଳୟରେ ମଧ୍ୟ ଗତ ଡିସେମ୍ବର ୨୩ ତାରିଖରେ ଅଭିଯୋଗ ହୋଇଥିଲା। ହେଲେ ଯାଜପୁର ଏସପିଙ୍କ ତରଫରୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଅପରନ୍ତୁ ଏଥିନେଇ ଯାଜପୁର ଉପଖଣି ନିର୍ଦ୍ଦେଶକଙ୍କ ତରଫରୁ ଦିଆଯାଇ ଥିବା ଏତଲା ଆଧାରରେ ଏତଲା ରୁଜୁ ହୋଇଥିବାରୁ ମମିତାଙ୍କ ଏତଲା ରୁଜୁ ହେଲା ନାହିଁ ବୋଲି ଜେନାପୁର ପୁଲିସ ତରଫରୁ କୁହାଯାଉଛି। ଉପଖଣି ନିର୍ଦ୍ଦେଶକଙ୍କ ଏତଲାରେ କୌଣସି ଅଭିଯୁକ୍ତଙ୍କ ନାମ ଉଲ୍ଲେଖ ନଥିବା ବେଳେ ମମିତାଙ୍କ ଏତଲାରେ ନିର୍ଦ୍ଦିଷ୍ଟ ଅଭିଯୁକ୍ତଙ୍କ ନାମ ରହିଛି। ଡିଡିଏମଙ୍କ ଏତଲା ଅନୁସାରେ ଏଠାରେ ବେଆଇନ ଭାବେ ପାହାଡ ଲୁଟ ହେଉଥିବା ବେଳେ ଶ୍ରମିକ ମୃତ୍ୟୁ ହୋଇଥିବାର ଅଭିଯୋଗ ହୋଇଥିଲା। ଏହାପରେ ବି ପୁଲିସ ୮ ମାସ ହେଲା ଚୁପ୍ ବସିଛି।

## ବେଷ୍ଟ ଇଞ୍ଜିନିୟରିଂ କଲେଜରେ ନିଯୁକ୍ତି ମେଳା

**ଅସୁରାଳି, ୨୪।୫(ସମିସ):** ବେକାର ଯୁବକଙ୍କୁ ନିଯୁକ୍ତି ଦେବା ନିମନ୍ତେ ଟେକ୍ ମହିନ୍ଦ୍ରା ପକ୍ଷରୁ ଅସୁରାଳି ସ୍ଥିତ ବେଷ୍ଟ ଇଞ୍ଜିନିୟରିଂ କଲେଜରେ ନିଯୁକ୍ତି ମେଳା ଆୟୋଜିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଯୁକ୍ତ ୨, ଯୁକ୍ତ ୩ ପାସ କରିଥିବା ପିଲା ମାନେ ନିଜର ଯୋଗ୍ୟତା ଅନୁସାରେ ନିଯୁକ୍ତି ପାଇଁ ସାକ୍ଷାତକାର ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ସାଂସଦ ପ୍ରତିନିଧି ମନୋଜ ମଲ୍ଲିକ, ବେଷ୍ଟ ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ରବୀନ୍ଦ୍ର ଜେନା, ମହିନ୍ଦ୍ରା ଟେକ୍ ମୁଖ୍ୟ ଅଧିକାରୀ ଗଣ ଓ ବହୁ ଆଶାୟୀ ପ୍ରାର୍ଥୀ ମାନେ ଉପସ୍ଥିତ ଥିଲେ।

## କ୍ଷୀରୋଦ ଜେନାଙ୍କୁ ଭେଟେରାନ୍ ଆଚିଭର୍ ଆୱାର୍ଡ

**କୁନ୍ଦଲ, ୨୪।୫(ସମିସ):** ବଡ଼ଚଣା ବ୍ଲକ କଳାଶ୍ରୀ ଗ୍ରାମର ବାସିନ୍ଦା ତଥା ପ୍ରଖ୍ୟାତ୍ ପରିବେଶବିତ୍ କ୍ଷୀରୋଦ ଜେନାଙ୍କୁ ମିଳିଛି 'ଭେଟେରାନ୍ ଆଚିଭର୍ ଆୱାର୍ଡ଼'। ନୂଆଦିଲ୍ଲୀର ସେନା ମୁଖ୍ୟାଳୟରେ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀଙ୍କ ଠାରୁ ସେ 'ଭେଟେରାନ୍ ଆଚିଭର୍ ଆୱାର୍ଡ' ଗ୍ରହଣ କରିଛନ୍ତି। ଦେଶ ନିର୍ମାଣରେ ତାଙ୍କର ଅବଦାନ ଏବଂ ସମର୍ପଣକୁ ଦୃଷ୍ଟିରେ ରଖି ସେନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଜଣେ ପୂର୍ବତନ ସେନା କର୍ମୀଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ସେ ଆଜି ଦିଲ୍ଲୀରୁ ଫେରି ଭୁବନେଶ୍ୱର ବାସଭବନରେ ପହଞ୍ଚିବା ପରେ ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ପ୍ରକାଶ ଥାଉ କି ଶ୍ରୀ ଜେନା ୨୦୦୫ ମସିହାରେ ଭାରତୀୟ ସେନାବାହିନୀରୁ ଅବସର ଗ୍ରହଣ କରିଥିଲେ। ସେବେ ଠାରୁ ବିଭିନ୍ନ ଗ୍ରାମ ରାସ୍ତା, ଅପଚୟ ଜମି ଏବଂ ଲଣ୍ଡା ପାହାଡ଼ରେ ଗଛ ଲଗାଇ ବିଭିନ୍ନ ମହଲରୁ ପୁରସ୍କୃତ ହେବା ସହ ଉଚ୍ଚ ପ୍ରଶଂଶିତ ହୋଇଛନ୍ତି। ଶ୍ରୀ ଜେନା କହିଥିଲେ ଯେ ସେ ଆଜି ପର୍ଯ୍ୟନ୍ତ ୩୦ ହଜାରରୁ ଅଧିକ ଫଳଦାୟକ ଗଛ ଲଗାଇସାରିଛନ୍ତି। ସେ ତାଙ୍କ ମାସିକ ପେନସନ୍ ରୁ କିଛି ଅର୍ଥ ଏହି ଦିଗରେ ଖର୍ଚ୍ଚରେ ଲଗାନ୍ତି ଏବଂ ଏଥିନିମନ୍ତେ ଅନେକ ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନ ମଧ୍ୟ ସହଯୋଗ କରିଥାନ୍ତି।




# ବିନା ନାମଫଳକରେ ହେଉଛି ଉନ୍ନୟନ କାର୍ଯ୍ୟ

**ବାରିକପୁର, ୨୪।୫(ସମିସ):** ସରକାରୀ ନୀତି ନିୟମ ଦୃଷ୍ଟିରୁ ଉନ୍ନୟନ କାମ ସକାଶେ ୫ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟ ବରାଦ ହୋଇଥିଲେ କାର୍ଯ୍ୟ କ୍ଷେତ୍ରରେ ନାମଫଳକ ଲାଗିବା ବାଧ୍ୟତାମୂଳକ ହେବ। କେଉଁ ଯୋଜନାରେ କାମ ହେବ, ଏଥିପାଇଁ କେଉଁ ସାମଗ୍ରୀ କେତେ ପରିମାଣର ବ୍ୟବହାର ହେବ, କାମ ଆରମ୍ଭ ଓ ଶେଷ କେବେ ହେବ ଏବଂ କାର୍ଯ୍ୟ ପାଇଁ କେତେ ଟଙ୍କା ବ୍ୟୟ ଅଟକଳ ମଞ୍ଜୁର ହୋଇଛି ସେସବୁ ନାମଫଳକରେ ଲିପିବଦ୍ଧ ରହିବା କଥା। ପରିତାପର ବିଷୟ ଏବେ କିଛି ଦିନ ହେବ କୌଣସି କାର୍ଯ୍ୟ କ୍ଷେତ୍ରରେ ଆଉ ନାମଫଳକ ଲାଗୁନଥିଓା ଦେଖା ଯାଉଛି। ସୂଚନା ମୁତାବକ ଭଣ୍ଡାରିପୋଖରୀ ଜଳସମ୍ପଦ ବିଭାଗ ତରଫରୁ ଚାରି ନମ୍ବର କେନାଲ ରାସ୍ତାର ନବୀକରଣ କରଣ କାର୍ଯ୍ୟ ହେଉଥିବା ବେଳେ ସେଠାରେ କୌଣସି ନାମଫଳକ ଲାଗି ନାହିଁ। ସେହିଭଳି ବାରିକପୁର, ଧାମନଗର, ଭଦ୍ରକ ଓ ଆଖୁଆପଦା ଜଳସମ୍ପଦ ବିଭାଗ ଜରିଆରେ ବିଭିନ୍ନ କେନାଲ ବନ୍ଧ ରାସ୍ତା ସହିତ ନଦୀବନ୍ଧ ଓ ଅନ୍ୟାନ୍ୟ ଜଳନିଷ୍କାସନ ପଥ ମଧ୍ୟ ନିର୍ମାଣ ହେଉଛି। ତିନି ନମ୍ବର ହାଇଲେବୁଲ କେନାଲ ଠାରୁ ଆରମ୍ଭ କରି ତିନି ନମ୍ବର ମୁଖ୍ୟ କେନାଲ ତଥା ଶାଖା କେନାଲ ରାସ୍ତା ଗୁଡିକର ନବୀକରଣ କାର୍ଯ୍ୟ ହୋଇଥିବା ବେଳେ ବିନା ନାମଫଳକ ରେ ଏସବୁ କାମ ହୋଇଛି। ଏପରିକି ଜଳନିଷ୍କାସନ ପାଇଁ ନିର୍ମିତ ହୋଇଥିବା କେନାଲ ସୁରକ୍ଷା ପ୍ରାଚୀର ମଧ୍ୟ ବିନା ସୂଚନା ଫଳକରେ ହୋଇଛି। ଚନ୍ଦ୍ରପୁର ଠାରୁ ଆରମ୍ଭ କରି ଦରଡା ଜେଲ ନିକଟକୁ ନିର୍ମିତ ହେଉଥିବା ରାସ୍ତା, ନଳାଙ୍ଗ କେନାଲ ରାସ୍ତା ଓ ପରମାନନ୍ଦପୁର କେନାଲ ସୁରକ୍ଷା ପ୍ରାଚୀର, ସୁରୁବଣ କେନାଲ ରାସ୍ତା, ତିନି ନମ୍ବର ବି କେନାଲର ଗାର୍ଡୱାଲ କାର୍ଯ୍ୟ ସବୁଠି ବିନା ନାମ ଫଳକରେ କାମ ହୋଇଛି। କାମ ବିଷୟରେ ସ୍ଥାନୀୟ ଲୋକେ କୌଣସି ବିସ୍ତୃତ ବିବରଣୀ ଜାଣିବାକୁ ପାଉନଥିବା ବେଳେ ସୂଚନା ବିନା କାର୍ଯ୍ୟର ତ୍ରୁଟି ବିଷୟରେ ମଧ୍ୟ ଅଭିଯୋଗ କରିପାରୁ ନାହାନ୍ତି। ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କେଉଁ ଉଦ୍ଦେଶ୍ୟରେ ନାମଫଳକ ଲାଗୁନାହିଁ ତାହା ଜାଣିବା ମୁସ୍କିଲ ହୋଇଛି। ଏଥିପାଇଁ ବିଭାଗୀୟ ଅଧିକାରୀ ମାନଙ୍କ ମତାମତ ମିଳିପାରିନାହିଁ।



## ବଳରାମପୁର ସଂରକ୍ଷିତ ଜଙ୍ଗଲରେ ପଥର ଖନନ ମାମଲା

# ହାଇକୋର୍ଟରେ ହାଜର ହେଲେ ଜିଲ୍ଲାପାଳ, ଡିଡିଏମ୍

**ଯାଜପୁର, ୨୪।୫(ସମିସ):** ଧର୍ମଶାଳା ତହସିଲ ଅନ୍ତର୍ଗତ ବଳରାମପୁର ସଂରକ୍ଷିତ ଅଞ୍ଚଳରୁ ହେଉଥିବା ବେଆଇନ ପଥର ଚାଲାଣ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। କୋର୍ଟଙ୍କ ନୋଟିସ ପାଇବା ପରେ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ଡିଡିଏମ ଜୟ ପ୍ରକାଶ ନାୟକ, ମାଇନିଂ ଅଫିସର ଝସକେତନ ସେଠୀ ପ୍ରମୁଖ ଅନ୍‌ଲାଇନ ମାଧ୍ୟମରେ କୋର୍ଟରେ ହାଜର ହୋଇ ନିଜର ପକ୍ଷ ରଖିଥିଲେ। ପୂର୍ବରୁ କୋର୍ଟ ପକ୍ଷରୁ ପ୍ରଶାସନକୁ ନୋଟିସ କରାଯାଇ ଏଭଳି ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ କିଭଳି ପଥର ଚୋରାଚାଲାଣ ହେଉଛି ଏବଂ କାହିଁକି ରୋକାଯାଉନି ବୋଲି ପ୍ରଶ୍ନ କରାଯିବା ସହିତ ଏହାର ଜବାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲେ। ସେହି ଅନୁଯାୟୀ ଜିଲ୍ଲାପାଳ ଓ ଡିଡିଏମଙ୍କ ସମେତ ଜିଲ୍ଲା ପ୍ରଶାସନ ପକ୍ଷରୁ ଇତିମଧ୍ୟରେ ସମ୍ପୃକ୍ତ ଅଞ୍ଚଳରେ ଚୋରାଚାଲାଣଙ୍କୁ ବନ୍ଦ କରାଯିବା ନେଇ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କୋର୍ଟଙ୍କୁ ଅବଗତ କରାଯାଇଥିଲେ। ଲିଜଧାରୀଙ୍କୁ ନୋଟିସ ସହିତ ଇ-ଟ୍ରାଞ୍ଜିଟ ପାସ୍‌କୁ ବନ୍ଦ କରାଯାଇଥିବା କୋର୍ଟକୁ ଅବଗତ କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ କୋର୍ଟଙ୍କୁ ଅବଗତ କରାଯାଇଥିବା ଜଣାପଡ଼ିଛି। ଏଥିସହିତ ଏହି ଘଟଣାରେ ଡିଏଫଓଙ୍କ ମୁଖ୍ୟ ଭୂମିକା ଥିବା ବେଳେ ଏହି ମାମଲାରେ ଡିଏଫଓଙ୍କୁ ପକ୍ଷ ଭୁକ୍ତ କରିବାକୁ ଆଇନଜୀବୀ ସୁବିର ପାଲିତ ଅଦାଲତଙ୍କୁ ଅବଗତ କରିଥିଲେ। ସମସ୍ତ ଘଟଣା ସମ୍ପର୍କରେ ପରବର୍ତ୍ତି ତାରିଖ ସୁଦ୍ଧା ଜିଲ୍ଲା ପ୍ରଶାସନର ଅଧିକାରୀ ନିଜର ସତ୍ୟପାଠ ଦାଖଲ କରିବାକୁ ଅଦାଲତ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ସଂରକ୍ଷିତ ଜଙ୍ଗଲର ସୁରକ୍ଷା ଦାୟିତ୍ୱ ସରକାର ତଥା ଜିଲ୍ଲା ପ୍ରଶାସନର ହୋଇଥିବା ବେଳେ କିଭଳି ଉକ୍ତ ଜଙ୍ଗଲକୁ ମାଫିଆଙ୍କ ହାତକୁ ପ୍ରଶାସନ ଟେକି ଦେଲା ତାକୁ ନେଇ ପ୍ରଶାସନ ହରଡ ଘଣାରେ ପଡ଼ିଥିବା ଚର୍ଚ୍ଚା ହେଉଛି।

# ବୁଦ୍ଧବାଟିକାରେ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା



**କୁଆଖିଆ, ୨୪।୫(ସମିସ):** ରସୁଲପୁର ବ୍ଲକ ବଡ଼କଇଁଚି ନାଉପାଳ ଗ୍ରାମର ଅବସ୍ଥିତ ବୁଦ୍ଧବାଟିକାରେ ବୁଦ୍ଧ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଂଗ୍ରାମ ସମିତିର ସଭାପତି ତଥା ଗୀତିକାର ପ୍ରତାପରୁଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ବରେଣ୍ୟ ଅତିଥି ଭାବରେ ଶ୍ରୀଶ୍ରୀ ବିଶ୍ୱାନନ୍ଦ ଦେବଦାସ ଗୋସ୍ୱାମୀ (ଅଖାବାବା), ଅବସରପ୍ରାପ୍ତ ବିଚାରପତି ଗୟାଧର ପଣ୍ଡା, ଭାରତୀୟ ବୁଦ୍ଧ ସୋସାଇଟ୍‌ର ଟ୍ରଷ୍ଟି ତଥା ଗବେଷକ ସୌରେନ୍ଦ୍ର କୁମାର ମହାପାତ୍ର ଯୋଗଦେଇଥିଲେ। ପ୍ରଦୀପ କୁମାର ସାମଲ ମଞ୍ଚ ଆବାହନ, ରବୀନ୍ଦ୍ର କୁମାର ମିଶ୍ରଙ୍କ ଅତିଥି ପରିଚୟ ପ୍ରଦାନ, ବସନ୍ତ କୁମାର ସାହୁ ସ୍ୱାଗତ୍ ଭାଷଣ ପ୍ରଦାନ କରିଥିବା ବେଳେ ଆବାହକ ତଥା ସମ୍ପାଦକ କୈଳାସ ଚନ୍ଦ୍ର ମଲିକ ଅନୁଷ୍ଠାନର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସଦସ୍ୟ ଅଧ୍ୟାପକ ସନ୍ତୋଷ କୁମାର ସାହୁ, ଡ. ବୈଦେନ୍ଦ୍ରନାଥ ସାହୁ ଅତିଥିମାନଙ୍କୁ ଉତ୍ତରୀୟ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ଅବସରପ୍ରାପ୍ତ ଅଧ୍ୟାପକ ତଥା ସାହିତ୍ୟିକ ନିତ୍ୟାନନ୍ଦ ମହାନ୍ତି, ସମାଜସେବୀ ତଥା ଧର୍ମ ଉପାସକ ସୀତାରାମ ପାଣି, ବଂଶୀ ବାଦକ ତଥା ହରି ଉପାସକ ହରିହର ମଳିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରହ୍ଲାଦ ମଲିକ, ସତ୍ୟସୁଧାଂଶୁ ମଲିକ, ସାଗର ମଲିକ, ସୁଶାନ୍ତ କୁମାର ସାହୁ, ଏବଂ ଗ୍ରାମର ମା' ବସୁଳାଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ପରିଚାଳନା କରିଥିଲେ। ଏହି ଆଲୋଚନାଚକ୍ରରେ ଧର୍ମଶାଳା ଆମ୍ବେଦକର ଫାଉଣ୍ଡେସନର ସଭାପତି ସୁରେନ୍ଦ୍ର କୁମାର ମଲିକ, ପୂର୍ବତନ ସମିତି ସଭ୍ୟ କାର୍ତ୍ତିକଚନ୍ଦ୍ର ମଲିକ, କଳ୍ପତରୁ ପଣ୍ଡା, ସରପଞ୍ଚ ସୁରେନ୍ଦ୍ର କୁମାର ତିଆଡି, ପଣ୍ଡିତ ଅଭୟ କୁମାର ତ୍ରିପାଠୀ, ବନମାଳୀ ରଥ ପ୍ରଭୃତି ଅଂଶ ଗ୍ରହଣ କରିଥିବାବେଳେ ଶେଷରେ ଯୁବ ସଂଗଠକ ଅଭିମନ୍ୟୁ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବଦଳିଲା ଶାନ୍ତିବଜାର ରାସ୍ତାର ପ୍ରଶସ୍ତିକରଣ ମ୍ୟାପ୍



**ଧର୍ମଶାଳା, ୨୪।୫(ସମିସ)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ଠାରୁ ନାକପୋଲ ରାସ୍ତାର ପ୍ରଶସ୍ତିକରଣ ମ୍ୟାପ ପରିବର୍ତ୍ତନ କରାଯିବା ସହ ଏକମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ ବୋଲି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ କହିଛନ୍ତି। ପୂର୍ବରୁ କାଏମା ଠାରୁ ଶାନ୍ତିବଜାର ରାସ୍ତା ପ୍ରଶକ୍ତିକରଣ ପାଇଁ ଟେଣ୍ଡର କରା ଯାଇଥିବା ବେଳେ ପ୍ରଶକ୍ତିକରଣ ଦ୍ୱାରା ସାଧାରଣ ଲୋକଙ୍କ ଅନେକ କ୍ଷୟକ୍ଷତି ହେବାର ସମ୍ଭାବନା ରହିଥିଲା। ସ୍ଥାନୀୟ ଅଧିବାସୀମାନେ ଏହି ବଜାର ରାସ୍ତାକୁ ଚାରି ଲେନ୍ ବିଶିଷ୍ଟ ନକରି ଦୁଇ ଲେନ୍ ବିଶିଷ୍ଟ କରିବା ପାଇଁ ପ୍ରଶାସନକୁ ନିବେଦନ କରିଥିଲେ। ଏହା ଉପରେ ଆଲୋଚନା କରି ଏହି କାର୍ଯ୍ୟର ମ୍ୟାପ୍‌କୁ ବଦଳାଇ ଲୋକଙ୍କ ନିବେଦନ ରକ୍ଷା କରି କାମ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଦିନକୁ ଦିନ ଏହି ରାସ୍ତାର ଅବସ୍ଥା ଖରାପ ହେବା ସହ ରାସ୍ତାରେ ବିଭିନ୍ନ ସ୍ଥାନରେ ଖାଲ ଖମା ସୃଷ୍ଟି ହୋଇଛି ଏବଂ ଅନେକ ସମୟରେ ଭିଡ଼ ରହୁଥିବାରୁ ଲୋକେ ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ପୂର୍ବରୁ ହୋଇଥିବା ଟେଣ୍ଡରକୁ ବାତିଲ କରାଯାଇ ନୂତନ ଟେଣ୍ଡର କରାଯିବା ଫଳରେ ଏହା ସମୟ ଲାଗୁଥିବା କହିଛନ୍ତି ବିଧାୟକ।

ସୂଚନା ମୁତାବକ ଶାନ୍ତି ବଜାର ଠାରୁ କାଏମା ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ୧୨କୋଟି ୬୭ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ତେଣୁ ଏହି ରାସ୍ତା ପ୍ରଶକ୍ତିକରଣ ପାଇଁ ପ୍ରସ୍ତୁତ ମ୍ୟାପ୍ ଅନୁଯାୟୀ ଶହେ ଫୁଟର ମାପ ନେଇ ପ୍ରଶାସନ ପକ୍ଷରୁ ଚିହ୍ନ ଦିଆଯାଇଥିଲା। ରାସ୍ତା ପାର୍ଶ୍ୱରେ ଥିବା ଆନେକ ଘରୋଇ ଜମି ଓ ଘର ସମ୍ପୂର୍ଣ୍ଣ ମାପ ଚୁପ୍ ମଧ୍ୟକୁ ଆସି ଯାଇଥିଲା। ସେହିପରି କାଏମା ଲାଲ୍ ବାହାଦୁର ଉଚ୍ଚ ଓ ପ୍ରାଥମିକ ବିଦ୍ୟାଳୟର ଘର ସହ ପଞ୍ଚାୟତ କାର୍ଯ୍ୟାଳୟର କିଛି ଅଂଶ ମଧ୍ୟ ମାପ ଚୁପ୍ ରେ ସ୍ଥିର କରାଯାଇଥିଲା। ତେଣୁ ଲୋକେ ରାହିବେ କେଉଁଠି ତାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଯାହା ଫଳରେ ଏହି ମାପ ଚୁପ୍ କୁ ନେଇ ଅନେକଙ୍କ ମନରେ ଅସନ୍ତୋଷ ଥିବା ବେଳେ ଅନେକ ଲୋକେ ଭୟବିତ ହୋଇଥିଲେ।

## ବିପଦପୂର୍ଣ୍ଣ ନାମ ଫଳକ



**ମଞ୍ଜୁରୀ ରୋଡ, ୨୪।୫(ସମିସ):** ଭଣ୍ଡାରିପୋଖରୀ ବ୍ଲକର ଜନଗହଳିପୂର୍ଣ୍ଣ ସ୍ଥାନ ମଞ୍ଜୁରିରୋଡ ବଜାର ପ୍ରବେଶ ପଥରେ ଏକ ସରକାରୀ ସୂଚନା ଫଳକ ଦୀର୍ଘ ଦିନ ହେବ ବିପଦପୂର୍ଣ୍ଣ ଭାବେ ରହିଛି। ଭଦ୍ରକ ପୂର୍ତ୍ତ ବିଭାଗ ପକ୍ଷରୁ ଫେକର ଠାରୁ ମଞ୍ଜୁରୀରୋଡ଼ ଯାଏଁ ରାସ୍ତା ସୁରକ୍ଷା ପାଇଁ ଛଅ ମାସ ପୂର୍ବରୁ ଏହି ଜନ ପରାମର୍ଶ ଭିତିକ ସୂଚନା ଫଳକ ଲାଗିଥିଲା। ବିଭାଗ ପକ୍ଷରୁ କୌଣସି ଠିକାସଂସ୍ଥା ଜରିଆରେ ଏହି ସୂଚନାଫଳକଟି ଲଗାଯାଇଥିଲା। ଠିକାସଂସ୍ଥା ଅତି ବେପରୁଆ ଭାବେ ଲୁହା ନିର୍ମିତ ଏହି ବୋର୍ଡଟିକୁ ଲଗାଇଦେଇ ପଳାଇଯାଇଥିଲା। ଯେଉଁ ଫଳକଟିରେ ସୂଚନା ଭିତିକ ତଥ୍ୟ ସହିତ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହିଛି। ପରିତାପର ବିଷୟ ଫଳକ ଲାଗିବାର ଅଳ୍ପ କିଛି ଦିନ ପରେ ଏହା ରାସ୍ତା ଆଡକୁ ଢଳି ରହିଛି। ଝଡି ପବନ ହେଲେ ଏହା ପାର୍ଶ୍ୱ ଦେଇ ଯିବାକୁ ପଥଚାରୀ ସୁରକ୍ଷିତ ମଣୁନାହାନ୍ତି। ମାତ୍ରାଧିକ ପବନ ହେଲେ ଏହା କେତେବେଳେ ଭାଙ୍ଗି ଯାଇ କାହା ଉପରେ ପଡ଼ିବ କହିହେଉନାହିଁ। ଯଦି କୌଣସି ସମୟରେ ଏଭଳି ମନୁଷ୍ୟକୃତ ଦୁର୍ଘଟଣା ଘଟେ ଏଥିପାଇଁ କିଏ ଦାୟୀ ରହିବ ତାହା ତ ଦୂରର କଥା କିନ୍ତୁ ଏହା ପୂର୍ବରୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବୃଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



# କଟକ ସିଟି



■ 'ନାଦ ନିନାଦ' ପକ୍ଷରୁ ଗ୍ରୀଷ୍ମ ଉତ୍ସବ

## 'ଶାସ୍ତ୍ରୀୟ ସଂଗୀତ ଶୃଙ୍ଖଳାର ମାର୍ଗ'




କଟକ,୨୪।୫(ସମିସ): ଶନିବାର କଳାବିକାଶ କେନ୍ଦ୍ରଠାରେ ସାଂସ୍କୃତିକ ଅନୁଷ୍ଠାନ 'ନାଦ ନିନାଦ'ର ଦୁଇଦିନିଆ ଗ୍ରୀଷ୍ମ ଉତ୍ସବ-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବକୁ ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ ଉଦଘାଟନ କରି ଭାରତୀୟ ଶାସ୍ତ୍ରୀୟ ସଂଗୀତ କିପରି ସମାଜକୁ ଶୃଙ୍ଖଳିତ କରେ ସେ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ରନାଥ ମହାନ୍ତି, ସୁଧୀରଞ୍ଜନ ମିଶ୍ର ଓ ଅସୀମ କୁମାର ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ ସଂଗୀତ ଓ ନୃତ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ 'ନାଦ ନିନାଦ'ର ନିରନ୍ତର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସଭାପତି ବିଶିଷ୍ଟ ଶାସ୍ତ୍ରୀୟ ସଂଗୀତ ଗୁରୁ ପଣ୍ଡିତ ଏ. ମହେଶ୍ୱର ରାଓ ସ୍ୱାଗତ ଭାଷଣ ଦେବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ରଞ୍ଜନ କୁମାର ସାହୁ ସମ୍ପାଦକ ବିବରଣୀ ପାଠ କରିଥିଲେ। ଶାସ୍ତ୍ରୀୟ ସଂଗୀତର ପ୍ରଚାର ପ୍ରସାର କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଭୁବନେଶ୍ୱର ମ୍ୟୁଜିକ ସର୍କଲର ସମ୍ପାଦକ ଙ୍କ କ୍ଷୀରୋଦ ମୋହନା ପଟ୍ଟନାୟକଙ୍କୁ ଚଳିତ ବର୍ଷର ନିଦାଘ ସମ୍ମାନ-୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଶିଳ୍ପୀମାନେ ପଣ୍ଡିତ ଏ. ମହେଶ୍ୱର ରାଓଙ୍କ ନିର୍ଦ୍ଦେଶନାରେ ରାଗ ମାଳା ପରିବେଷଣ କରିଥିଲେ। ଯୁବ ଶାସ୍ତ୍ରୀୟ ସଂଗୀତ କଣ୍ଠ ଶିଳ୍ପୀ ଏ. ଶିବ ପ୍ରସାଦ ରାଓ ହିନ୍ଦୁସ୍ତାନୀ କଣ୍ଠ ସଂଗୀତ ପରିବେଷଣ କରିଥିଲେ। ଦିଲ୍ଲୀର ପ୍ରସିଦ୍ଧ ବେହେଲା ବାଦକ ଯଦଦେଶ ରାଇକର ବେହେଲା ବାଦନ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁଜନ କୁମାର ରାୟଚୌଧୁରୀ, କାନନ ବାଳା ରାୟଚୌଧୁରୀ, ମିଲନ ପରିଡା, ବିଜୟ କୁମାର ସ୍ୱାଇଁ, ଏ. ନାରାୟଣ ରାଓ, ଏ. ମନ୍ଦାକିନୀ ରାଓ, ନମ୍ରତା ମହାନ୍ତି, ଅଜୟ ବାରିକ, ବନଲକ୍ଷ୍ମୀ କାନୁନଗୋ, ବିଜୟାଲକ୍ଷ୍ମୀ ପତି, ଲଳିତ ତ୍ରିପାଠୀଙ୍କ ସମେତ 'ନାଦ ନିନାଦ'ର ସଦସ୍ୟମାନେ ସହଯୋଗ କରିଥିଲେ। ବିଶିଷ୍ଟ ଉଦଘୋଷକ ବିଚିତ୍ରାନନ୍ଦ ପଣ୍ଡା ପରିଚାଳନା କରିଥିବା ବେଳେ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

■ ଚଣ୍ଡୀ ମନ୍ଦିର ନବୀକରଣ ବିଳମ୍ବ ପ୍ରସଙ୍ଗ

## ନିର୍ମାଣକାରୀ ସଂସ୍ଥାକୁ ତାଗିଦ

କଟକ,୨୪।୫(ସମିସ): କଟକ ଚଣ୍ଡୀ ମନ୍ଦିର ନବୀକରଣ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନ ଆକ୍ସନ ମୋଡ୍‌କୁ ଆସିଛି। ସମ୍ପୃକ୍ତ ନିର୍ମାଣକାରୀ ସଂସ୍ଥାକୁ ତାଗିଦ କରାଯାଇଛି। ଚଳିତ ବର୍ଷ ଡିସେମ୍ବର ମାସ ଶେଷ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବାକୁ କୁହାଯାଇଛି। କଟକ ସାଂସଦ ଭର୍ତ୍ତୃହରୀ ମହତାବ ଓ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ ମା'ଙ୍କ ମୁଖ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟ ଡିସେମ୍ବର ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜୁନ ମାସ ଶେଷ ସୁଦ୍ଧା ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର ଖୋଲା ହେବା ସହିତ ପୂର୍ବଦ୍ୱାର ଏବଂ ଏହା ସହ ପାଶ୍ୱର୍ ଦେବାଦେବୀଙ୍କ ମନ୍ଦିର କାର୍ଯ୍ୟ ମଧ୍ୟ ସମୟ ଅନୁସାରେ ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଛି। ମନ୍ଦିରରେ ବ୍ୟବହାର ହେଉଥିବା ପଥର ଆସିବାରେ ବିଳମ୍ବ ହୋଇଥିଲା। ପ୍ରଶାସନିକ ଅସୁବିଧା ଯୋଗୁଁ ପଥର ଆସି ପାରୁ ନଥିଲା। ହେଲେ ଏବେ ସ୍ୱାଭାବିକ କାମ ଚାଲିଛି। ଧାର୍ଯ୍ୟ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ସାଂସଦ ଶ୍ରୀ ମହତାବ କହିଛନ୍ତି। ଅନ୍ୟପଟେ ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ମନ୍ଦିର ନବୀକରଣ କାର୍ଯ୍ୟ ଚଳିତ ବର୍ଷ ଡିସେମ୍ବର ମାସ ଶେଷ ସୁଦ୍ଧା ହେବ ବୋଲି ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୨ ମସିହାରେ କଟକ ଚଣ୍ଡୀ ମନ୍ଦିର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିପାଇଁ ୭୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ଏଠାରେ ସୂଚନାଯୋଗ୍ୟ, ଗତକାଲି ହାଇକୋର୍ଟରେ କଟକ ଚଣ୍ଡୀ ମନ୍ଦିର ସୁରକ୍ଷା କମିଟି ପକ୍ଷରୁ କାର୍ଯ୍ୟ ନିମ୍ନମାନର ଓ ବିଳମ୍ବିତ ନେଇ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା।



ହାଇପ୍ରୋଫାଇଲ୍ ଦଲାଲ ଗ୍ୟାଙ୍ଗ୍ ଠାବ

## ଚାକିରି ଦେବା ନାଁରେ ଠକେଇ; ୩ ଗିରଫ



'ଡାଟା-ଆନାଲିଷ୍ଟ' ପଦ ପାଇଁ ଦେଇଥିଲେ ନକଲି ବିଜ୍ଞାପନ

ଲାପଟପ୍ ଓ ପେନ୍‌ଡ୍ରାଇଭ୍‌ରୁ ମିଳିଲା ଚାଞ୍ଚଲ୍ୟକର ତଥ୍ୟ

କ୍ୟାବିନ୍‌ରେ ଚାଲିଥିଲା ଦଲାଲଙ୍କ କାର୍ଯ୍ୟାଳୟ



କଟକ,୨୪।୫(ସମିସ):

ଚାକିରି ଆଶାୟୀଙ୍କୁ ଟାର୍ଗେଟ୍ କରି ଲକ୍ଷ ଲକ୍ଷ ଟଙ୍କା ଲୁଟୁଥିଲେ। ପ୍ରତିବାଦ କରିଲେ ଜୀବନରୁ ମାରି ଦେବାକୁ ଧମକ ଦେଉଥିଲେ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଫୋନ୍ ସୁଇଚ୍ ଅଫ୍ କରି ହ୍ୱାଟ୍‌ସଆପ୍ ଆକାଉଣ୍ଟ ଡିଲିଟ୍ କରି ଦେଉଥିଲେ। ଏମାନେ ଆର୍ଥିକ ସ୍ୱଚ୍ଛଳ ଥିବା ବ୍ୟକ୍ତିଙ୍କୁ ଟାର୍ଗେଟ କରି ଗ୍ୟାଙ୍ଗ ଚଳାଉଥିଲେ। ଏହି ଗ୍ୟାଙ୍ଗକୁ ଚାଉଳିଆଗଞ୍ଜ ଥାନା ପୁଲିସ ଠାବ କରିବା ସହିତ ୩ଜଣ ଦଲାଲଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ, ମଙ୍ଗଳାବାଗ ଅଞ୍ଚଳର ସୁବାସିନୀ ମହାପାତ୍ର ଓରଫ୍ ବେବି(୪୪), ମଧୁପାଟଣା ଅଞ୍ଚଳର ସତ୍ୟସାଗର ସେନାପତି ଓରଫ୍ ସତ୍ୟ(୪୫) ଏବଂ ଚାଉଳିଆଗଞ୍ଜ ଅଞ୍ଚଳର ଚନ୍ଦନ ସାହୁ ଓରଫ୍ କ୍ଷୀରୋଦ(୩୮)। ଏମାନଙ୍କ ନିକଟରୁ ଲାପଟପ୍, ପେନ୍‌ଡ୍ରାଇଭ୍, ନକଲି କାଗଜପତ୍ର, ନକଲି ବିଜ୍ଞାପନ, ଆଧାର କାର୍ଡ ଏବଂ ୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଜବତ କରାଯାଇଥିବା ପେନ୍‌ଡ୍ରାଇଭ୍‌ରେ ଏକାଧିକ କଲ୍ ରେକର୍ଡିଂ, ସ୍କ୍ରିନ୍-ସଟ, ଚାଟ୍ ଇତ୍ୟାଦି ରହିଥିବା ବେଳେ ପୁଲିସ ଏହାକୁ ଯାଞ୍ଚ କରୁଛି। ତେବେ ୩ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ଏହି ଗ୍ୟାଙ୍ଗ୍‌ରେ ଆଉ କେତେଜଣଙ୍କ ସମ୍ପୃକ୍ତି ରହିଛି ପୁଲିସ ତାହାକୁ ଖୋଳତାଡ଼ୁ କରୁଥିବା ଜଣାପଡ଼ିଛି।

ପୁରୀଘାଟ ଥାନା ପିଠାପୁରର ଶିବମ୍ ଜୟସ୍ୱାଲ୍ ଅଭିଯୋଗ କରିଥିଲେ ଯେ ତାଙ୍କୁ ହ୍ୱାଟସଆପ୍‌ରେ ଚାକିରି ସମ୍ପର୍କିତ ଏକ ବିଜ୍ଞାପନ ପ୍ରାପ୍ତ ହୋଇଥିଲା। ସେଥିରେ 'ଡେଟା-ଆନାଲିଷ୍ଟ' ପଦ ପୂରଣ ନିମନ୍ତେ ଚାକିରି ଆହ୍ୱାନ କରାଯାଇଥିଲା। ସେ ଏହା ଦେଖିବା ପରେ ହ୍ୱାଟସଆପ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ। ଅଭିଯୋଗକାରୀ ଗତ ୨୨ ତାରିଖ ରାତିରେ ଚାକିରି ବିଷୟରେ ଅଧିକ ଜାଣିବା ପାଇଁ ବିଜ୍ଞାପନ୍‌ରେ ଉଲ୍ଲେଖ ଥିବା ମୋବାଇଲ୍ ନମ୍ବର(୯୩୩୭୩୩୫୪୯୮)ରେ ଯୋଗାଯୋଗ କରିଥିଲେ। ଫୋନ୍‌ରେ "ସୁବାସିନୀ ମାମ୍' ବୋଲି ଜଣେ ମହିଳା ପରିଚୟ ଦେଇ ତାଙ୍କୁ ଚାଉଳିଆଗଞ୍ଜ ପୋଷ୍ଟ ଅଫିସ୍ ସମ୍ମୁଖରେ ଥିବା ତାଙ୍କ କାର୍ଯ୍ୟାଳୟକୁ ଯିବାକୁ କହିଥିଲେ। ତଦନୁସାରେ, ଗତ ୨୩ ତାରିଖ ସକାଳ ପ୍ରାୟ ୧୧ଟାରେ, ଅଭିଯୋଗକାରୀ ଉକ୍ତ କାର୍ଯ୍ୟାଳୟକୁ ଯାଇଥିଲେ। ସମ୍ପୃକ୍ତ କାର୍ଯ୍ୟାଳୟ ଏକ ଛୋଟ କ୍ୟାବିନ୍‌ରେ ଚାଲୁଥିଲା। ସେଠାରେ ଜଣେ ବ୍ୟକ୍ତି ଓ ଜଣେ ମହିଳା ଉପସ୍ଥିତ ଥିଲେ। ସେମାନେ ନିଜକୁ ସତ୍ୟ ଏବଂ ସୁବାସିନୀ ବୋଲି ପରିଚୟ ଦେଇଥିଲେ। ସେମାନେ ଅଭିଯୋଗକାରୀଙ୍କୁ ସେମାନଙ୍କ କମ୍ପାନୀର କିଛି କାଗଜପତ୍ର ଦେଖାଇଥିଲେ ଏବଂ ସେମାନେ ପୂର୍ବରୁ ସେମାନଙ୍କ ଏଜେନ୍ସି ମାଧ୍ୟମରେ ଅନେକ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରିଥିବା ଦାବି କରିଥିଲେ। ଅଭିଯୁକ୍ତଙ୍କ ପରାମର୍ଶକ୍ରମେ ଅଭିଯୋଗକାରୀ ଶିବମ୍ ତାଙ୍କର ସମସ୍ତ ସାର୍ଟିଫିକେଟ୍ ଓ ବାୟୋଡେଟା ଦେଇଥିଲେ। ଏହାପରେ ଅଭିଯୁକ୍ତମାନେ ତାଙ୍କୁ ନାମ ପଞ୍ଜୀକରଣ ପାଇଁ କହିଥିଲେ। ଏ ବାବଦରେ ୫ହଜାର ଟଙ୍କା ଦେବାକୁ କହିବାରୁ ଶିବମ୍ ଟଙ୍କା ଦେଇଥିଲେ। ଯେତେବେଳେ ଅଭିଯୋଗକାରୀ ଚାକିରିର ସମୟ ଏବଂ କର୍ତ୍ତବ୍ୟ ବିଷୟରେ ବିବରଣୀ ମାଗିଥିଲେ, ଅଭିଯୁକ୍ତମାନେ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ସନ୍ଦେହ ହେବାରୁ ଶିବମ୍ ଟଙ୍କା ଫେରସ୍ତ କରିବାକୁ ଅନୁରୋଧ କରିଥିଲେ। ଜବାବରେ ଅଭିଯୁକ୍ତମାନେ ତାଙ୍କୁ ଅଶ୍ଳୀଳ ଭାଷା ବ୍ୟବହାର କରି ଗାଳିଗୁଲଜ କରିଥିଲେ। ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏହାପରେ ଶିବମ୍ ଚାଉଳିଆଗଞ୍ଜ ଥାନାର ଦ୍ୱାରସ୍ଥ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରଥମେ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ କ୍ୟାବିନ୍‌ରେ ଯାଇ ପଚରାଉଚରା କରିଥିଲା। ଏହାପରେ ସତ୍ୟ ଓ ସୁବାସିନୀଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ଠକାମି ସମ୍ପର୍କରେ ୨ ଜଣ ସ୍ୱୀକାର କରିଥିଲେ। ଅନ୍ୟତମ ଅଭିଯୁକ୍ତ ଚନ୍ଦନ ସାହୁକୁ ଗିରଫ କରାଯାଇଥିଲା। ଏହି ଦଲାଲ ଗ୍ୟାଙ୍ଗ୍‌ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସ୍ଥାନୀୟ ଅଞ୍ଚଳରେ ଚଢ଼ଉ ଜାରି ରହିଥିବା ଥାନା ଆଇଆଇସି ଚିନ୍ତେଶ୍ୱର ମୁଣ୍ଡା ସୂଚନା ଦେଇଛନ୍ତି।

୧୬ତମ ସାତସାହି କଟକ ନୃତ୍ୟ ଉତ୍ସବ ନବମ ସନ୍ଧ୍ୟା

## ନାଚଗୀତ ସାଙ୍ଗକୁ ରୋଗୀଙ୍କୁ ସାହାଯ୍ୟ କରିବା ପ୍ରଶଂସନୀୟ



କଟକ,୨୪।୫(ସମିସ): କଟକ ନୃତ୍ୟ ଉତ୍ସବ କମିଟି ଜିଲ୍ଲା ପ୍ରଶାସନ ସିଏମସି ଓ ସିଡିଏର ମିଳିତ ଆନୁକୂଲ୍ୟରେ ବାଲିଯାତ୍ରା ଉପର ପଡିଆରେ ଆୟୋଜିତ ୧୬ତମ ସାତସାହି କଟକ ନୃତ୍ୟ ଉତ୍ସବର ନବମ ସନ୍ଧ୍ୟାକୁ ବରିଷ୍ଠ ବିଜେପି ନେତା ତଥା ଶିକ୍ଷାବିତ ବିନୋଦ ଦାଶ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବ ରାଜାବଗିଚାରୁ ବାଲିଯାତ୍ରାକୁ ଯାତ୍ରା ଅନେକ ବାର୍ତ୍ତା ଦେଉଛି। ବିଶେଷକରି ନାଚଗୀତ ସାଙ୍ଗକୁ ରୋଗରେ ପୀଡ଼ିତ ଶିଶୁଙ୍କୁ ଆର୍ଥିକ ସହାୟତାର ଏହି ଉଦ୍ୟମ ବାସ୍ତବିକ ପ୍ରଶଂସନୀୟ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସଂସ୍କୃତି ଅଧିକାରି ନଳିନୀକାନ୍ତ ସାହୁ, ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ, ବରିଷ୍ଠ ସାମ୍ବାଦିକ ପ୍ରଦୀପ ସାହୁ, ଲାଲବାଗ ଥାନା ଅଧିକାରୀ ସୁଧାଂଶୁ ଶେଖର ଜେନା, କ୍ୟାଣ୍ଟନମେଣ୍ଟ ଥାନାଧିକାରୀ ଯତୀନ୍ଦ୍ର ନାଥ ସେଠୀ, ବିଜେପି ନେତା ଲଲାଟେନ୍ଦୁ ବଡୁ, ସଙ୍ଗୀତ ନିର୍ଦ୍ଦେଶକ ଦିଲୀପ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଫେସର ଡାକ୍ତର ଖିରୋଦ ଚନ୍ଦ୍ର ନନ୍ଦ,ପ୍ରଫେସର ଡାକ୍ତର ସୁନୀଲ କୁମାର ଅଗ୍ରୱାଲାଙ୍କୁ ଜାତୀୟ ସେବା ରତ୍ନ, ବିଶିଷ୍ଟ ଶିଶୁ ରୋଗ ସର୍ଜନ ଡାକ୍ତର ମାନସ ରଞ୍ଜନ ଦାଶଙ୍କୁ ଓଡିଶା ସେବା ରତ୍ନ ଯୁବ ଆଇନଜୀବୀ ପ୍ରଭୁ ପସନ୍ନ ବେହେରାଙ୍କୁ ଓଡିଶା ଆଇନ ରତ୍ନ, ଶିଳ୍ପଦ୍ୟୋଗୀ ଅନୁପ ରାୟ ଙ୍କୁ ଓଡିଶା ଶିଳ୍ପ ରତ୍ନ ସଂମ୍ମାନ ବିଶିଷ୍ଟ ସାହିତ୍ୟିକା ଶୋଭାଗିନୀ ବେହେରା ଙ୍କୁ ଓଡିଶା ସାହିତ୍ୟ ରତ୍ନ ସଂମ୍ମାନ ଓ ମେଡେକ୍ସ ହସ୍ପିଟାଲକୁ ଓଡିଶା ହେଲଥ କେୟାର ଏକ୍ସିଲେନ୍ସ ସଂମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହିତ ସାଉଣ୍ଡ ପରିଚାଳନା ରେ ଥିବା ରିତେଶ ପଣ୍ଡା ଙ୍କୁ ମଧ୍ଯ ସଂମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ ସଂଯୋଜିକା ବିବିତା ସ୍ୱାଇଁ ଅଧକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଦିପେଶ ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ନୃତ୍ୟଙ୍ଗନା ଅନୁଷ୍ଠାନ ର ଓଡିଶୀ ନୃତ୍ୟରୁ ସାଂସ୍କୃତିକ ବିଚିତ୍ରା ଆରମ୍ଭ ହୋଇଥିଲା.ପରେ ପରେ ଶିବାଷ୍ଟ ଡ୍ୟାନ୍ସ ଏକାଡେମୀ,ନୃତ୍ୟାଞ୍ଜଳି ଡ୍ୟାନ୍ସ ଏକାଡେମୀ ଅନନ୍ୟା ଡ୍ୟାନ୍ସ ଗ୍ରୁପ ସ୍ୱସ୍ତିକ କଳାକେନ୍ଦ୍ର, ନଚନିଆ କଳା ପରିଷଦ, ନଟରାଜ ନୃତ୍ୟାଳୟ ଶୋଭନୀୟ ଶିକ୍ଷଶ୍ରମ ଓ ଲାସ୍ୟା ଡ୍ୟାନ୍ସ ଏକାଡେମୀ ଆକର୍ଷଣୀୟ ସାଂସ୍କୃତିକ ବିଚିତ୍ରା ପରିବେଷଣ କରିଥିଲେ। ଏହି ଅବସରରେ ଅନେକ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯାଇଥିଲା। ସବିତା ମହାନ୍ତି ରଶ୍ମିରଂଜନ ତ୍ରିପାଠୀ, ବିଶ୍ୱଜିତ ସେନାପତି, ସୁବାଶିଷ ଦାସ,ଶକ୍ତି ପ୍ରସାଦ ସାମଲ, ତନ୍ମୟ ରାୟ, ସୁଶାନ୍ତ ପାତ୍ର,ସନ୍ଦୀପ ମିଶ୍ର ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ ପ୍ରକାଶ ନାୟକ ମଞ୍ଚରେ ଉଦଘୋଷଣା ଶେଷ ରେ ସଦସ୍ୟ ସତ୍ୟପ୍ରସାଦ ବଳ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଡୋ କପ୍ ପ୍ରତିଯୋଗିତାରେ ଓଡ଼ିଶାକୁ ୧୯ଟି ପଦକ

କଟକ,୨୪।୫(ସମିସ): ୩ୟ ଜାତୀୟ କୁଡୋ କପ୍ ପ୍ରତିଯୋଗିତା ଓ ପ୍ରଶିକ୍ଷଣ ଶିବିର ମହାରାଷ୍ଟ୍ରର ପୁନେ ଫୁଲଗାଓଁର ନେତାଜୀ ସୁଭାଷଚନ୍ଦ୍ର ବୋଷ ବାଳକ ମିଲିଟାରୀ ବିଦ୍ୟାଳୟଠାରେ ଚଳିତ ମଇ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। 'କୁଡୋ ଆସୋସିଏସନ୍', ଓଡ଼ିଶା ତରଫରୁ ୨୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ସଫଳତାର ସହିତ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ସେମାନଙ୍କ ମଧ୍ୟରୁ ବୈଶିଷ୍ଟା ସେନାପତି, ବୈଷ୍ଣବୀ ସେନାପତି, ଅନନ୍ୟା ମହାନ୍ତି, ସ୍ଥିତିପ୍ରଜ୍ଞା ନାୟକ ଓ ଆମେରା ସାଇନି ବାର୍ଲା 'ସ୍ୱର୍ଣ୍ଣ ପଦକ' ହାସଲ କରିଥିଲା ବେଳେ କୈବଲ୍ୟ ପଢ଼ିହାରୀ, ସ୍ୱସ୍ତିକା ମିଶ୍ର, ରାଜ ଅର୍ଜୁନ ମଲ୍ଲିକ, ରାଜେନ୍ଦ୍ର ଦଳେଇ, ଖୁସି ମୁଣ୍ଡା, ହିମାଂଶୁ ସେଠୀ ଓ ତ୍ରିଶା କୁମାରୀ ଚାନ୍ଦ 'ରୌପ୍ୟ ପଦକ' ଓ ମୈତ୍ରୀ ପିପ୍ପଲା, ସେଲିନା ପଟ୍ଟନାୟକ, ଶର୍ମିଷ୍ଠା ମିଶ୍ର, ସାଇଶ୍ରୀ ମହାନ୍ତି, ପ୍ରିସ୍‌କିଲା ନାଗ୍, ତ୍ରିଶାତ ମାର୍ଥା ଓ ମୃତ୍ୟୁଞ୍ଜୟ ସ୍ୱାଇଁ 'ବ୍ରୋଞ୍ଜ ପଦକ' ହାସଲ କରିଛନ୍ତି। 'କୁଡୋ ଆସୋସିଏସନ୍ ଅଫ୍ ଓଡ଼ିଶା'ର ମୁଖ୍ୟ ପ୍ରଶିକ୍ଷକ ସିହାନ୍ ନିତାଇ ଶଙ୍କର ଗୁଇଁ ପ୍ରତିଯୋଗୀଙ୍କ ନେତୃତ୍ୱ ନେଇଥିବା ବେଳେ ମୁକେଶ କୁମାର ନାୟକ, ଅଜୟ କୁମାର ବେହେରା ଓ ଅନିଲ୍ ବାର୍ଲା ସହପ୍ରଶିକ୍ଷକ ଏବଂ ମୃତ୍ୟୁଞ୍ଜୟ ଯାଦବ, ଅତିସ ଷଡ଼ଙ୍ଗୀ ଓ ବରଦା ପ୍ରସାଦ ଦାସ ରେଫରୀ ଓ ନର୍ମଦା ଗୁଇଁ ମ୍ୟାନେଜର ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଶିବାଶିଷ କର ଓ ମୁଖ୍ୟ ଉପଦେଷ୍ଟା ଡ. ବିଜୟାନନ୍ଦ ସିଂହ କୃତୀ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।




## କାଞ୍ଜିଆହୁଦା ପରିଚାଳନା ଦାୟିତ୍ୱ ନେବ ମିଶନ ଶକ୍ତି ଗୋଷ୍ଠୀ



କଟକ,୨୪।୫(ସମିସ):

କଟକ ମହାନଗର ନିଗମ (ସିଏମସି) ଅଞ୍ଚଳରେ ବୁଲା ଗୋରୁଗାଈଙ୍କ ଉପଦ୍ରବ ନିତିଦିନିଆ ହୋଇଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବାରେ ବିଭିନ୍ନ ଯୋଜନା ବିଫଳ ହୋଇଆସିଛି। ଏହି ଦୃଷ୍ଟିରୁ ମହାନଗର ନିଗମ ଏଣିକି ସ୍ୱୟଂ ସହାୟକ ଗୋଷ୍ଠୀ ହାତରେ ଏହି ବୁଲା ଗୋରୁଙ୍କ ଦାୟିତ୍ୱ ହସ୍ତାନ୍ତର କରିବ ବୋଲି ଜଣାପଡ଼ିଛି। ଏଥିପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହେବା ସହ ଟେଣ୍ଡର ଆହ୍ୱାନ ସକାଶେ ପ୍ରସ୍ତୁତି ଚାଲିଛି। ବିଭିନ୍ନ ସମୟରେ ବିଶେଷକରି ରାସ୍ତାଘାଟରେ ଗୋରୁଗାଈ, ଷଣ୍ଢ ଅବରୋଧ କରି ରଖୁଥିବାରୁ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ଅନ୍ୟପଟରେ ଧରାଯାଉଥିବା ବୁଲା ଗୋରୁଙ୍କୁ ରଖିବା ପାଇଁ ଏକମାତ୍ର ସତୀଚୌରାସ୍ଥିତ କାଞ୍ଜିଆହୁଦା ଉପରେ ନିର୍ଭର କରିବାକୁ ପଡୁଛି। ଏଠାରେ ୭ଦିନର ରହଣି ବ୍ୟବସ୍ଥା ହୋଇଥିଲେ ମଧ୍ୟ ଅନେକ ସମୟରେ ପରିଚାଳନାଗତ ତ୍ରୁଟି ନେଇ ଅଭିଯୋଗ ଉଠୁଛି।

### ବୁଲା ଗୋରୁ ଉପଦ୍ରବ: ବର୍ଷକୁ ୪ ଲକ୍ଷ ଟଙ୍କା ଜରିମାନା

କଟକ ମହାନଗର ନିଗମର ବିଭାଗୀୟ ଅଧିକାରୀଙ୍କ କହିବାନୁସାରେ, ପ୍ରଶାସନ ପକ୍ଷରୁ କାଞ୍ଜିଆହୁଦା ପରିଚାଳନା ଦାୟିତ୍ୱ ମିଶନଶକ୍ତି ଗୋଷ୍ଠୀ ବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦିଆଯିବା ପାଇଁ ଯୋଜନା କରାଯାଇଛି। ଏଥିପାଇଁ ବିଡ୍ ଆହ୍ୱାନ କରାଯାଇଛି। ଚଳିତ ମେ ମାସ ଶେଷ ସୁଦ୍ଧା ଏହା ଚୂଡ଼ାନ୍ତ ହେବ ବୋଲି ଜଣାପଡିଛି। ନିର୍ଦ୍ଧାରିତ ସମୟରେ ଧାର୍ଯ୍ୟ ଜରିମାନା ପଇଠ କରି ଯଦି ଗୋରୁଗାଈ ମାଲିକ ସେମାନଙ୍କ ଗୋରୁ ନନେଲେ ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ଗୋରୁଗାଈଙ୍କୁ ସହରର ୨୦ କିଲୋମିଟର ଦୂରରେ ଛାଡ଼ି ଦିଆଯିବ। ଟେଣ୍ଡର ଚୂଡ଼ାନ୍ତ ହେବା ପରେ ସିଏମସି ପକ୍ଷରୁ ସମ୍ପୃକ୍ତ ମିଶନଶକ୍ତି ଗୋଷ୍ଠୀ ସହ ଏକ ଏମଓୟୁ ସ୍ୱାକ୍ଷର ହେବ। କାଞ୍ଜିଆହୁଦାରେ ସୁପରଭାଇଜର, ସୁରକ୍ଷା କର୍ମୀ, ୱାର୍ଡର ଆଦି ନିଯୁକ୍ତ କରାଯିବ। ସେହିଭଳି ଏଠାରେ ରେଜିଷ୍ଟରରେ ଦୈନନ୍ଦିନ କାର୍ଯ୍ୟକଳାପ ଉଲ୍ଲେଖ କରାଯିବ ବୋଲି ସିଏମସି ସର୍ତ୍ତାରୋପ କରିଛି।

ଅନ୍ୟପକ୍ଷରେ, ବୁଲା ଗୋରୁଗାଈଙ୍କ ପାଇଁ ପୁଲିସର ଚିନ୍ତା ବଢ଼ିଛି। ମହାନଗର ନିଗମ ପକ୍ଷରୁ ନିୟମିତ ବୁଲା ଗୋରୁଙ୍କୁ ଧରି କାଞ୍ଜିଆହୁଦାରେ ଛଡ଼ା ଯାଉଥିଲେ ମଧ୍ୟ ଏହି ଅଭିଯାନ ସେତେଟା ସଫଳ ହୋଇପାରୁନି। ମହାନଗର ନିଗମର ମୋଟ ୫୯ଟି ୱାର୍ଡ ରହିଥିବା ବେଳେ ଏଥିପାଇଁ ମାତ୍ର ଗୋଟିଏ ଗୋରୁଗାଈ ଧରା ଗାଡ଼ି ରହିଛି। ଏହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ୫-୭ଟି ୱାର୍ଡ ପାଇଁ ଗୋଟିଏ ଗାଡିର ଆବଶ୍ୟକ ରହିଛି ହେଲେ ମହାନଗର ନିଗମର ବଡ଼ ଗାଡ଼ି ସମସ୍ତ ଗଳିକନ୍ଦିକୁ ପଶିପାରୁନାହିଁ। ଫଳରେ ଗୋରୁଗାଈଙ୍କ ଉପଦ୍ରବ କମୁନି। ସହରରେ ବୁଲା ଗୋରୁଙ୍କ ଉପଦ୍ରବ ନେଇ ହାଇକୋର୍ଟ ମଧ୍ୟ ରିପୋର୍ଟ ତଲବ କରିଥିବାର ନଜିର ରହିଛି।

ସୂଚନାନୁସାରେ, ଗତ ବର୍ଷକ ମଧ୍ୟରେ ଗୋରୁ ଗାଈ ମାଲିକଙ୍କଠାରୁ ୪ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇ ଗୋରୁଗାଈଙ୍କୁ ଛଡ଼ାଯାଉଛି। ସିଏମସି କର୍ତ୍ତୃପକ୍ଷଙ୍କ କହିବାନୁସାରେ, ଗୋରୁଗାଈଙ୍କୁ ଧରିବା ପାଇଁ ଦୁଇଟି ପର୍ଯ୍ୟାୟରେ ଅଭିଯାନ କରାଯାଉଛି। ପ୍ରତି ପର୍ଯ୍ୟାୟରେ ୭ ଜଣଙ୍କୁ ନିୟୋଜିତ କରାଯାଉଛି। ପ୍ରଥମ ପର୍ଯ୍ୟାୟ ସକାଳ ୭ଟାରୁ ଦିନ ୧୨ଟା ଓ ଦ୍ୱିତୀୟ ପର୍ଯ୍ୟାୟ ଦିନ ୨ଟାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ ହେଉଛି। ଜାତୀୟ ରାଜପଥରେ ବୁଲା ଗୋରୁଗାଈ ଅଧିକ ସଂଖ୍ୟାରେ ରାତ୍ରୀ ସମୟରେ ବୁଲିବା ଚିନ୍ତାର କାରଣ ପାଲଟିଛି ବୋଲି ପୁଲିସ ଅଧିକାରୀ କହିଛନ୍ତି। ସିଏମସି ବୁଲା ଗୋରୁଙ୍କୁ କାଁଭାଁ ନେଉଥିଲେ ମଧ୍ୟ ଷଣ୍ଢଗୁଡିକ କ୍ଷେତ୍ରରେ କିଛି ପଦକ୍ଷେପ ଗ୍ରହଣ କରୁ ନଥିବା ଅଭିଯୋଗ ହେଉଛି।




### ସଫେଇ ଆଳରେ ହାତ ସଫେଇ

# ନେଇଗଲେ ଲକ୍ଷାଧିକ ଟଙ୍କାର ସୁନା ଗହଣା

**ରାଉରକେଲା, ୨୪।୫(ସମିସ)**

ସ୍ମାର୍ଟ ସିଟି ରାଉରକେଲାରେ ପୁଣି ସଫେଇ ଆଳରେ ହାତ ସଫେଇ କରି ଲକ୍ଷାଧିକ ଟଙ୍କା ସୁନା ଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ପୂର୍ବରୁ ପତଞ୍ଜଳି କମ୍ପାନୀର କର୍ମଚାରୀ ପରିଚୟ ଦେଇ ସୁନା ଅଳଙ୍କାର ଲୁଟ୍ କରୁଥିବାବେଳେ ଏବେ ଉଜାଲା କମ୍ପାନୀର କର୍ମଚାରୀ ପରିଚୟ ଦେଇ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍ କରିଥିବା ନେଇ ଛେଣ୍ଡ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଛେଣ୍ଡ ଏଲ୍‌ସିଆର/୧୬୫ ଘରେ ବାସ କରୁଥିବା ରାଜେନ୍ଦ୍ର ରଥ ଶୁକ୍ରବାର କାମକୁ ଯାଇଥିବା ବେଳେ ଘରେ ସ୍ତ୍ରୀ ଏକୁଟିଆ ଥିଲେ। ହଠାତ୍ ଦୁଇ ଜଣ ଦୁର୍ବୃତ୍ତ ଆସି କବାଟ ବାଡ଼େଇ ନିଜକୁ ଉଜାଲା କମ୍ପାନୀର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। କମ୍ପାନୀ ପକ୍ଷରୁ ସୁନା ଅଳଙ୍କାର, ପିତ୍ତଳ ବାସନ ସଫା ପାଇଁ ନୂଆ ପାଉଡର ବାହାରିଛି। ପ୍ରଥମେ ଆଖି ସାମ୍ନାରେ ସଫା କରି ଦେଖାଇବା ପରେ ମାଗଣାରେ ଗୋଟିଏ ପାଉଚ୍ ପାଉଡର କମ୍ପାନୀ ପକ୍ଷରୁ ଦିଆଯିବ ବୋଲି କହିଥିଲେ। ତାଙ୍କ କଥାରେ ବିଶ୍ୱାସ କରି ଶ୍ରୀମତୀ ରଥ ସୁନା ଅଳଙ୍କାର ସାମଗ୍ରୀ ଦେଇଥିଲେ। ସଫା କରିବା ଆଳରେ ସୁଯୋଗ ଦେଖି ମୁଦି, ହାର ଓ କାନ ଫୁଲ ନେଇ ଦୁର୍ବୃତ୍ତ ଦ୍ୱୟ ଫେରାର ହୋଇ ଯାଇଥିଲେ। ପ୍ରାୟ ୨ ଭରି ଓଜନର ସୁନା ଠକେଇ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଏ ନେଇ ପୁଲିସ ବିଶେଷ ଗୁରୁତ୍ୱ ଦେଇ ତଦନ୍ତ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ଉ ଚାଲିଥିବା ଇନ୍ସପେକ୍ଟର ବିଜୟ ସିଂ କହିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୨୧ ମସିହାରୁ ପତଞ୍ଜଳି ନାଁରେ ସମାନ ଘଟଣା ଘଟି ଚାଲିଥିଲା। ତେବେ ୨୦୨୪ ଅକ୍ଟୋବର ମାସରେ ପୁଲିସ ଏଥିରେ ବିହାର ରାଜ୍ୟର ୮ଜଣ ଓ ରାଉରକେଲାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଆର୍‌ଏସ୍‌ପି ହସ୍‌ପିଟାଲରେ ଜଟିଳ ଅସ୍ତ୍ରୋପଚାର

ରାଉରକେଲା, ୨୪।୫(ସମିସ): ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଇସ୍ପାତ ଜେନେରାଲ୍ ହସ୍ପିଟାଲ୍‌ରେ ଜନୈକ ବ୍ୟକ୍ତିଙ୍କ ଜଟିଳ ଅସ୍ତ୍ରୋପଚାର କରାଯାଇଛି। ମେରୁଦଣ୍ଡ ଆଘାତ ପାଇଥିବା ୫୯ ବର୍ଷୀୟ ପୁରୁଷ ରୋଗୀଙ୍କ ସଫଳ ଚିକିତ୍ସା ସହିତ ଉନ୍ନତ ଶଲ୍ୟ ଚିକିତ୍ସାରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି ଆର୍‌ଏସ୍‌ପି। ଗତ ୩ ତାରିଖରେ ପଡ଼ିଯିବାରୁ ତାଙ୍କର ମେରୁଦଣ୍ଡରେ ଗୁରୁତର ଆଘାତ ହୋଇଥିଲା। ରାଉରକେଲା ସରକାରୀ ହସ୍ପିଟାଲରେ ଚାରି ଦିନ ପାଇଁ ପ୍ରାରମ୍ଭିକ ଚିକିତ୍ସା ପରେ ସେ ୭ ତାରିଖରେ ଆଇଜିଏଚ୍‌ରେ ଆୟୁଷ୍ମାନ ଭାରତ ଯୋଜନାରେ ଭର୍ତ୍ତି ହୋଇଥିଲେ। ନ୍ୟୁରୋସର୍ଜରୀ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ମନୋଜ କୁମାର ଦେଓଙ୍କ ତତ୍ତ୍ୱାବଧାନରେ ରୋଗୀଙ୍କର ସର୍ଭିକାଲ୍ ମେରୁଦଣ୍ଡର ଏମ୍‌ଆର୍‌ଆଇ ଏବଂ ଏକ୍ସ-ରେ ସମେତ ବ୍ୟାପକ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କର ସର୍ଭିକାଲ୍ ଡିସ୍କ ରୋଗ ଏବଂ ସର୍ଭିକାଲ୍ ଭର୍ଟିବ୍ରାର ଅସ୍ୱାଭାବିକ ଗତିଶୀଳତା ଚିହ୍ନଟ କରିଥିଲେ। ଆଇଜିଏଚର ବରିଷ୍ଠ ପରାମର୍ଶଦାତା ଡାକ୍ତର ମନୋଜ କୁମାରଙ୍କ ନେତୃତ୍ୱରେ ଶଲ୍ୟଚିକିତ୍ସା ଦଳ ସଫଳତାର ସହ ଶଲ୍ୟ ଚିକିତ୍ସା ପ୍ରକ୍ରିୟା ସମ୍ପାଦନ କରିଥିଲେ। ଆନାସ୍ଥେସିଆ ଏବଂ ଆଇସିୟୁର ଅତିରିକ୍ତ ସିଏମଓ ଡକ୍ଟର ସଞ୍ଜୁକ୍ତା ପାଣିଗ୍ରାହୀ ଆନାସ୍ଥେସିଆ କେୟାର ପରିଚାଳନା କରିଥିଲେ। ଅସ୍ତ୍ରୋପଚାର ପରେ ରୋଗୀଙ୍କ ସ୍ୱାସ୍ଥ୍ୟରେ ଉଲ୍ଲେଖନୀୟ ଉନ୍ନତି ଦେଖାଯାଇଥିଲା।



# ବେଦାନ୍ତ ଆଲୁମିନିୟମ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

**ରାଉରକେଲା, ୨୪।୫(ସମିସ):** ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ବ୍ଲକର ମୁଣ୍ଡେରଖେତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ହେମଗିରିର ମୁଣ୍ଡେରଖେତ ପଞ୍ଚାୟତ ସରପଞ୍ଚ ସନ୍ନ୍ୟାସୀ ବାଗଙ୍କ ଉପସ୍ଥିତିରେ ହେମଗିରି ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଚିନ୍ମୟ କୁମାର ମିଶ୍ର ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୨୦୦ରୁ ଅଧିକ ହିତାଧିକାରୀ ଉପକୃତ ହୋଇଥିଲେ। ବେଦାନ୍ତ ଦ୍ୱାରା ମୁଣ୍ଡେରଖେତ, ଝାରପାଲମ, ଗର୍ଜନଜୋର ଏବଂ ନିକଟସ୍ଥ ଗ୍ରାମପଞ୍ଚାୟତକୁ ସାମିଲ କରି ଗ୍ରାମୀଣ ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଲାଗି ନିରନ୍ତର ପ୍ରୟାସର ଏକଅଂଶ ଭାବରେ ଏହି ପଦକ୍ଷେପ ନିଆଯାଇଥିଲା। ଏହି ପଦକ୍ଷେପ ଦୁର୍ଗମ ଅଞ୍ଚଳଗୁଡ଼ିକୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ମାଗଣା ସେବାର ଏକ ପରିସର ପ୍ରଦାନ କରିଥିଲା। ଯେଉଁଥିରେ ଅସ୍ଥିଶଲ୍ୟ, ପ୍ରସୂତି ଏବଂ ସ୍ତ୍ରୀ ରୋଗ, ଶିଶୁ ରୋଗ, ଚର୍ମରୋଗ, ଇଏନ୍‌ଟି, ଛାତି ଏବଂ ଯକ୍ଷ୍ମା ଚିକିତ୍ସା ସହିତ ମାଗଣା ଔଷଧ ବଣ୍ଟନ, ସ୍ୱତନ୍ତ୍ର ପରାମର୍ଶ ଏବଂ ଯାଞ୍ଚ ଅନ୍ତର୍ଭୁକ୍ତ ଥିଲା। ଏହାସହିତ, ପ୍ରତିରୋଧକ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହିତ କରିବା ଏବଂ ଦୀର୍ଘକାଳୀନ କଲ୍ୟାଣରେ ଉନ୍ନତି ଆଣିବା ପାଇଁ ପରିଷ୍କାର ପରିଚ୍ଛନ୍ନତା, ପୁଷ୍ଟିସାର ଏବଂ ରୋଗ ନିବାରଣ ଉପରେ ସଚେତନତା ଅଧିବେଶନ କରାଯାଇଥିଲା। କମ୍ପାନୀର ଗୋଷ୍ଠୀକୈନ୍ଦ୍ରିକ ସ୍ୱାସ୍ଥ୍ୟସେବା ପଦକ୍ଷେପ ବିଷୟରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଥିଲେ।



# ଗୁଳିମାଡ଼ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

**ରାଉରକେଲା, ୨୪।୫(ସମିସ):** ସ୍ଥାନୀୟ ସେକ୍ଟର -୩ ଥାନା ଅନ୍ତର୍ଗତ ସେକ୍ଟର -୪, ଏ/୮୮ ଘର ବାସିନ୍ଦା ବିଜୟ ଲାକ୍ରାଙ୍କୁ ଗତ ୨୨ ଫେବୃଆରୀ ରାତିରେ ଗୁଳିମାଡ ଘଟଣାରେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି ସେକ୍ଟର - ୩ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବିଶ୍ରା ତେତେରକେଲା ଅଞ୍ଚଳର କୁଖ୍ୟାତ ବାଲି ମାଫିଆ ଭରତ ମାହାନ୍ତ। ଆଜି ତାକୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗତ ୨୨ ଫେବୃଆରୀ ସଂଧ୍ୟା ପ୍ରାୟ ୮ଟା ୧୦ ବେଳେ ବିଜୟ ଲାକ୍ରା ତାଙ୍କ ଝିଅକୁ କାରରେ ନେଇ ଯାଉଥିବା ବେଳେ ଏକ ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ଗୁଳି କରି ଫେରାର ହୋଇ ଯାଇଥିଲେ। ଫଳରେ ସେକ୍ଟର-୪, ଏ/୩୦ ଘରର ପାଚେରୀକୁ ଯାଇ କାର ଧକ୍କା ଦେଇଥିବା ବେଳେ ବିଜୟଙ୍କ ଡାହାଣ ଗାଲରେ ଗୁଳି ବାଜିଥିଲା। ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ। ଏ ନେଇ ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ବିଶ୍ରା ଥାନା ଅନ୍ତର୍ଗତ ତେତେରକେଲା ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ ଭରତ ମହତୋ (୩୨)ଙ୍କୁ ଧାରା ୧୦୯, ୧୧୮(୨), ୬୧(୨) (ଏ), ୩(୫) ବିଏନଏସ, ୨୫/୨୭ ଆର୍ମସ ଆକ୍ଟରେ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାକୁ ନେଇ ଇନ୍ସପେକ୍ଟର ପିଙ୍କି କୁମାରୀ ମୁର୍ମୁ ସୂଚନା ଦେଇ କହିଛନ୍ତି ଯେ, ତଦନ୍ତ ବେଳେ ବାଲି ବ୍ୟବସାୟ ବିବାଦରୁ ଏହି ଆକ୍ରମଣ ଘଟିଥିଲା।

**ତେତେରକେଲା ବାଲି ଘାଟକୁ ନେଇ ହୋଇଥିଲା ବିବାଦ**

**ଏନ୍‌କାଉଣ୍ଟର ପରେ ଦୁଇ ସୁପାରି କିଲର ଜେଲ୍‌ରେ**

ଆହତ ବିଜୟ ଥିଲେ ଜଣେ ବାଲି ବ୍ୟବସାୟୀ। ସେ ତେତେରକେଲା ବାଲୁଘାଟ, ବିଶ୍ରା, ଜମୁନାନାକି, ଉସ୍ରା ବାଲୁଘାଟ, କୁଆଁରମୁଣ୍ଡା ଭଳି ବିଭିନ୍ନ ବାଲୁଘାଟରେ କାମ କରିଥିଲେ। ପରେ ସେ ଭୁବନେଶ୍ୱରର ପ୍ରଭା ରଞ୍ଜନ ମିଶ୍ରଙ୍କ ସଂସ୍ପର୍ଶରେ ଆସିଥିଲେ। ୨୦୧୮ ମସିହାରେ ପ୍ରଭା ରଞ୍ଜନ ମିଶ୍ର ତେତେରକେଲା ବାଲିଘାଟର ଟେଣ୍ଡର ପାଇଥିଲେ। ସେ ସେହି ସ୍ଥାନରେ ଉପସ୍ଥିତ ରହି ନପାରିବାରୁ, ସେ ବିଜୟ ଲାକ୍ରାଙ୍କ ସହିତ ଏକ ଚୁକ୍ତିନାମା କରିଥିଲେ। ତାଙ୍କୁ ଘାଟ ପରିଚାଳନା ପାଇଁ ୫୦ ପ୍ରତିଶତ ସହଭାଗୀତା ଦେଇଥିଲେ। ତେବେ ବିଜୟ ଲାକ୍ରା ଭରତ ମହତୋଙ୍କୁ ଦାୟିତ୍ୱ ଦେଇଥିଲେ। ସେମାନେ ୫୦ ପ୍ରତିଶତ ଅଂଶଧନର ଏକ ପୃଥକ ଚୁକ୍ତିନାମା ମଧ୍ୟ କରିଥିଲେ। ଏନେଇ ଭରତ ତାଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ। ମାତ୍ର ପରେ ବ୍ୟବସାୟ ଅଧିକ ଲାଭଜନକ ହେବାରୁ ଲିଜ୍ ଧାରୀ ପ୍ରଭା ମିଶ୍ର ଓ ଅଂଶୀଦାର ଭରତଙ୍କୁ କିଛି ଟଙ୍କା ଦେଲେ ନାହିଁ। ଫଳରେ ଘଟଣାକୁ ନେଇ ବିଜୟ ଏବଂ ଭରତଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ବିଜୟଙ୍କୁ ରାସ୍ତାରୁ ହଟାଇବା ପାଇଁ ଝାଡ଼ଖଣ୍ଡ ଅଞ୍ଚଳର ଦୁର୍ଦ୍ଦାନ୍ତ ଅପରାଧୀ ବିୟେସ୍ ଲାଖୁଆ ଏବଂ ଅମିତ ଟପ୍ପୋଙ୍କୁ ସୁପାରୀ ଦେଇଥିଲେ। ଏହି ଦୁଇ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ୧୨ ମାର୍ଚ୍ଚ ୨୦୨୫ରେ ରାଉରକେଲା ପୁଲିସ ଏନକାଉଣ୍ଟର ମାମଲାରେ ଜେଲ ହାଜତରେ ଅଛନ୍ତି।

# ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

**ବଣାଇଁ, ୨୪।୫(ସମିସ):** ବଣାଇଁ ବ୍ଲକ ସାନ ଗୋଗୁଆ ପ୍ରାଥମିକ ବିଦ୍ୟାଳୟ ସାମ୍ନାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ମୁକୁଳା ହୋଇ ପଡ଼ିଛି। ପ୍ରତ୍ୟେକ ଦିନ ଶହଶହ ଲୋକ ଏହି ରାସ୍ତାରେ ଯାତାୟାତ କରିବା ସହ ଆଗକୁ ସ୍କୁଲ ଖୋଲିଲେ ରାସ୍ତାରେ ଛାତ୍ରଛାତ୍ରୀଙ୍କ ଭିଡ଼ ଜମିବ। ସେହିପରି ନିକଟରେ ମନ୍ଦିର ସମୂହ ଦେବଭୂମି ରହିଛି। ତେଣୁ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଅନେକ ଲୋକ ମନ୍ଦିର ଯାଉଛନ୍ତି। ଆଉ କିଛି ଦିନ ପରେ ଚାଷ କାର୍ଯ୍ୟ ମଧ୍ୟ ଆରମ୍ଭ ହେବ। ବିଗତ ବର୍ଷରେ ଗୋଗୁଆରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଷୀଙ୍କ ମୃତ୍ୟୁ ଘଟିଥିବା ନଜିର ରହିଛି। ଟ୍ରାନ୍ସଫର୍ମରଟି ମୁକୁଳା ଥିବା ଫଳରେ ଲୋକେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ତେବେ ବଣାଇଁ ବିଦ୍ୟୁତ୍ ବିଭାଗ ପକ୍ଷରୁ ସବୁଆଡ଼େ ପାଚେରି ନିର୍ମାଣ କରାଯାଉଥିଲେ ମଧ୍ୟ ଏଭଳି ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ଟ୍ରାନ୍ସଫର୍ମରକୁ ମୁକୁଳା ରଖିବା ବିଭାଗର ଖାମଖିଆଲି ମନୋଭାବ ଦର୍ଶାଉଛି। କୌଣସି ଦୁର୍ଘଟଣା ଘଟିବା ପୂର୍ବରୁ ବଣାଇଁ ବିଦ୍ୟୁତ୍ ବିଭାଗ ତୁରନ୍ତ ଏଠାରେ ଏକ ପାଚେରି ନିର୍ମାଣ କରିବା ପାଇଁ ଦାବି ହେଉଛି।



# ଆର୍‌ଏସ୍‌ପି କର୍ମଚାରୀଙ୍କ ପାଇଁ 'ସଜାଗ'ର ଶୁଭାରମ୍ଭ



**ରାଉରକେଲା, ୨୪।୫(ସମିସ):** ରାଉରକେଲା ଇସ୍ପାତ କାରଖାନାର ସତର୍କତା ବିଭାଗ ଦ୍ୱାରା କାରଖାନାର କର୍ମଚାରୀଙ୍କ ପାଇଁ ଏକ ନୂତନ ପ୍ରତିଷେଧମୂଳକ କାର୍ଯ୍ୟକ୍ରମ 'ସଜାଗ' ଆରମ୍ଭ କରାଯାଇଛି। ଏହି ପଦକ୍ଷେପର ପ୍ରଥମ ଅଧିବେଶନ ଶନିବାର ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ଆର୍‌ଏସ୍‌ପିର ଭିଜିଲାନ୍ସ ବିଭାଗର ସିଜିଏମ୍ ତଥା ଏସିଭିଓ ସୁବ୍ରତ ପ୍ରହରାଜ ଏବଂ ଏଚ୍‌ଆର୍‌ଏଲ୍ ଆଣ୍ଡ ଡି ବିଭାଗର ସିଜିଏମ୍ ପି କେ ସାହୁ ଉପସ୍ଥିତ ଥିଲେ। ଏହି ଦିନିକିଆ କାର୍ଯ୍ୟକ୍ରମରେ କାରଖାନାର ବିଭିନ୍ନ ବିଭାଗର ୭୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

ଏହି ଅଧିବେଶନର ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି ଶ୍ରୀ ପ୍ରହରାଜ ଦୈନନ୍ଦିନ କାର୍ଯ୍ୟରେ ସଚ୍ଚୋଟତା ଏବଂ ସତର୍କତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ପ୍ରତିଷେଧମୂଳକ ସତର୍କତା କେବଳ କିଛି ଲୋକଙ୍କ ଦାୟିତ୍ୱ ନୁହେଁ ବରଂ ଏହା ଏକ ସାମୂହିକ ପ୍ରୟାସ, ଯାହା ପ୍ରତ୍ୟେକ ବ୍ୟକ୍ତିଙ୍କ ସଚେତନ, ସତର୍କ ଏବଂ ନୈତିକ ଅଭ୍ୟାସ ପ୍ରତି ପ୍ରତିବଦ୍ଧତା ରହିବା। କାର୍ଯ୍ୟକ୍ରମରେ ସତର୍କତା ଏବଂ ଉତ୍କୋଚ ବିରୋଧୀ ପରିଚାଳନା, କର୍ମକ୍ଷେତ୍ରରେ ନୈତିକ ମୂଲ୍ୟବୋଧ ଏବଂ ସଚ୍ଚୋଟତା, ପ୍ରାସଙ୍ଗିକ ସ୍ଥାୟୀ ନିର୍ଦ୍ଦେଶ ଏବଂ ଆରଡିଏ କାର୍ଯ୍ୟପନ୍ଥା, କେସ୍ ଷ୍ଟଡି ଉପସ୍ଥାପନା ଏବଂ କର୍ମଚାରୀଙ୍କ ସହିତ ଜଡ଼ିତ ସତର୍କତା ତଦନ୍ତ ଉପରେ ଆଲୋଚନା, ଉତ୍ପାଦନ ଏବଂ ପରିଚାଳନା, ନମୁନା, ପରୀକ୍ଷଣ ଏବଂ ଯାଞ୍ଚ, ଷ୍ଟୋର ଏବଂ ଗୋଦାମ, ଓଜନ ଏବଂ ପ୍ରେରଣ, ବିକ୍ରେତା ବିଲ୍ ପରିଚାଳନା ଏବଂ କର୍ମଚାରୀ ବିଷୟ, ଚୁକ୍ତିନାମା କାର୍ଯ୍ୟକାରୀରେ କ'ଣ କରିବେ ଏବଂ କ'ଣ ନ କରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅଂଶଗ୍ରହଣକାରୀ ସତର୍କତା ଶପଥ ଗ୍ରହଣ କରିଥିଲେ। ଭିଜିଲାନ୍ସ ବିଭାଗର ଜିଏମ୍ ଏମ୍ କେ ଅଗ୍ରୱାଲ ଏବଂ ଏଚ୍‌ଆର୍‌ଏଲ୍ ଆଣ୍ଡ ଡି ବିଭାଗର ଜିଏମ୍ ଏଚ୍ ପତି କାର୍ଯ୍ୟକ୍ରମର ଶେଷ ଅଧିବେଶନରେ ଅଧ୍ୟକ୍ଷତା କରି ଅଂଶଗ୍ରହଣକାରୀଙ୍କ ସହ ମତବିନିମୟ କରିଥିଲେ। ଏହି କାର୍ମଶାଳାର ବିଭିନ୍ନ ଅଧିବେଶନ ଭିଜିଲାନ୍ସ ବିଭାଗର ଏଜିଏମ୍ ଏ କେ ବିଶ୍ୱାଲ ମ୍ୟାନେଜର ଏମ୍‌କେ ସିଂହ ଏବଂ ଡେପୁଟି ମ୍ୟାନେଜର ପି କେ ସରକାର ପରିଚାଳନା କରିଥିଲେ।

# ତୁଟୁନି କୋଇଡ଼ା ଟ୍ରକ୍-ଟିପ୍ପର୍ ସଂଘ ଅଡୁଆ

**କୋଇଡ଼ା, ୨୪।୫(ସମିସ):** କୋଇଡ଼ା ଟ୍ରକ୍ ଟିପ୍ପର୍ ସଂଘ ଅଡୁଆ ସମାଧାନ ହେଉନଥିବାରୁ କୋଇଡ଼ା ଖଣି ଅଞ୍ଚଳରେ ଲୋଡିଂକୁ ନେଇ ଦୈନନ୍ଦିନ ଛୋଟବଡ଼ ଗଣ୍ଡଗୋଳ ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ ଯେ କୋଇଡ଼ା ଟ୍ରକ୍ ଓ ଟିପ୍ପର୍ ମାଲିକ ସଂଘର ବିଗତ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ନିର୍ବାଚନ କରାଯାଇ ନାହିଁ। ଟ୍ରକ୍ ଓ ଟିପ୍ପର୍ ମାଲିକ ସଂଘରେ ବ୍ୟାପକ ଅନିୟମିତତା ଅଭିଯୋଗ ହେବାରୁ ଗତ ଦୁଇମାସ ତଳେ ଜିଲ୍ଲା ପ୍ରଶାସନ ପକ୍ଷରୁ କୋଇଡ଼ା ଟ୍ରକ୍ ଏବଂ ଟିପ୍ପର ଆସୋସିଏସନ୍‌ର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରି ଏକ ମାସ ମଧ୍ୟରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ବାଇ-ଲ'ର ଆଳ ଦେଖାଇ ନିର୍ବାଚନ କରିବାରେ ଟାଳଟୁଳ ନୀତି ଦେଖିବାକୁ ମିଳିଛି। ଯାହା ଫଳରେ କୋଇଡ଼ା ଅଞ୍ଚଳର ପ୍ରକୃତ ଟ୍ରକ୍ ଟିପର୍ ମାଲିକମାନେ ଲୋଡିଂ ନ ପାଇ ହଟହଟା ହେବା ସହ ଟ୍ରକର ମାସିକ କିସ୍ତି ଦେଇ ପାରୁନାହାନ୍ତି। କିଛି ମୁଷ୍ଟିମେୟ ବ୍ୟକ୍ତି ଆସୋସିଏସନ ପଦବୀର ଫାଇଦା ଉଠାଇବା ସହିତ ଟ୍ରକ ସମେତ ପରିବହନ ସଂସ୍ଥା ଠାରୁ ଟନ ପ୍ରତି ଅର୍ଥ ଆଦାୟ କରୁଛନ୍ତି ବୋଲି ଅଭିଯୋଗ ଜିଲ୍ଲା ପ୍ରଶାସନ ନିକଟରେ କରାଯାଇଛି। ସେପଟେ ଲୋଡିଂ ନପାଇ କୋଇଡ଼ା ଟ୍ରକ୍ ଓ ଟିପ୍ପର ମାଲିକମାନେ ହଇରାଣ ହେଉଛନ୍ତି। ଏମିତିକି ଲୋଡିଂ ପାଇଁ ଟ୍ରକ୍ ମାଲିକଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇ ନ୍ୟାୟ ପାଇଁ ସେମାନେ ଥାନାର ଦ୍ୱାରସ୍ଥ ହୋଇଥିବା ନଜିର ରହିଛି। ଯଥାଶୀଘ୍ର ଉଭୟ ସଂଘର ନିର୍ବାଚନ କରାଯାଇ ନ୍ୟାୟ ପ୍ରଦାନ କରିବାକୁ ଦାବି ହେଉଛି।

**ଭବିଷ୍ୟତକୁ ନେଇ ଅନ୍ଧାରରେ ଗାଡ଼ି ମାଲିକ**

# ଭୂତଳ ଖଣିରେ ବାୟୁଚଳନ ଉପରେ ଜାତୀୟ ଆଲୋଚନାଚକ୍ର

**ରାଉରକେଲା, ୨୪।୫(ସମିସ)**

ଏନ୍‌ଆଇଟି ରାଉରକେଲାର ଖଣି ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଗତ ୧୯ ରୁ ୨୩ ତାରିଖ ପର୍ଯ୍ୟନ୍ତ 'ଭୂତଳ ଖଣି ପାଇଁ ବାୟୁଚଳନ ଯୋଜନା ଏବଂ ଡିଜାଇନ୍' ଶୀର୍ଷକ ଆୟୋଜିତ ଏକ ପାଞ୍ଚ ଦିନିଆ ସ୍ୱଳ୍ପକାଳୀନ ପାଠ୍ୟକ୍ରମ ସମାପ୍ତ ହୋଇଛି। ଏହି କାର୍ଯ୍ୟକ୍ରମକୁ ସାଉଥ୍ ଇଷ୍ଟର୍ଣ୍ଣ କୋଲଫିଲ୍ଡସ୍ ଲିମିଟେଡ୍‌ର ପୂର୍ବତନ ସିଏମ୍‌ଡି ଡକ୍ଟର ପ୍ରେମ ସାଗର ମିଶ୍ର ଉଦ୍‌ଘାଟନ କରିଥିଲେ। ଖଣି ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ଏ. କେ. ଗୋରାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ଡକ୍ଟର ପ୍ରେମ ସାଗର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗଭୀର ଏବଂ ଯାନ୍ତ୍ରିକ ଖଣି କାର୍ଯ୍ୟରେ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବୈଜ୍ଞାନିକ ବାୟୁଚଳନ ରଣନୀତିର ଆବଶ୍ୟକତା ଉପରେ ପ୍ରଫେସର ରାଓ ଆଲୋକପାତ କରିଥିଲେ। ଡକ୍ଟର ମହେଶ କୁମାର ଶ୍ରୀୱାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡକ୍ଟର ଦେବୀଦାସ ଏସ୍. ନିମାଜେ ଏବଂ ଡକ୍ଟର ବୁକ୍କେ କିରଣ ନାୟକ ସହ-ସଂଯୋଜକ ଭାବରେ ସହାୟତା କରିଥିଲେ। ଭିଡିପିଡ୍ୟୁଏମ୍ - ୨୦୨୫ ଆଧୁନିକ ଖଣି ଭେଣ୍ଟିଲେସନ୍ ଡିଜାଇନ୍, ଭେଣ୍ଟିଲେସନ୍-ଆଧାରିତ ମଡେଲିଂ, ସ୍ମାର୍ଟ ମନିଟରିଂ ସିଷ୍ଟମ୍ ଏବଂ ନିୟାମକ ଅନୁପାଳନରେ ବୈଷୟିକ କ୍ଷମତା ନିର୍ମାଣ କରିବା ପାଇଁ ଲକ୍ଷ୍ୟ ରଖିଛି। ଏସ୍‌ଇସିଏଲ୍, ଇସିଏଲ, ଏଚ୍‌ସିଏଲ, ଡବ୍ଲ୍ୟୁସିଏଲ, ଏମ୍‌ସିଏଲ୍, ସିସିଏଲ୍, ଏସ୍‌ସିସିଏଲ୍, ଏମ୍‌ଓଆଇଏଲ୍, ୟୁସିଏଲ୍, ଏଚ୍‌ଜିଏମ୍‌ଏଲ୍, ଆଇଏମ୍‌ଏଫ୍‌ଏ ଏବଂ ଆଦାନୀ ମାଇନିଂ ସମେତ ବିଭିନ୍ନ ସଂଗଠନର ୪୦ରୁ ଅଧିକ ଏହି ପାଠ୍ୟକ୍ରମରେ ଯୋଗ ଦେଇଥିଲେ। ଆଇଆଇଟି ଖଡ଼ଗପୁର, ଆଇଆଇଟି ଧାନବାଦ, ସିଏମ୍‌ପିଡିଆଇ, ଏସ୍‌ସିସିଏଲ ଏବଂ ଏନ୍‌ଆଇଟି ରାଉରକେଲାର ବିଶେଷଜ୍ଞ ଅଧ୍ୟାପକମାନେ ଅଧିବେଶନ ସମୟରେ ସେମାନଙ୍କର ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ। ଏହି ପାଠ୍ୟକ୍ରମରେ ଭେଣ୍ଟିଲେସନ୍ ଆଧାରିତ ହାତ-ଅନ୍ ଅଧିବେଶନ ଏବଂ ଭାରତୀୟ ଖଣିରେ ଭେଣ୍ଟିଲେସନ୍ ଚ୍ୟାଲେଞ୍ଜ ଉପରେ ଏକ ବ୍ରେନ୍ ଷ୍ଟର୍ମିଂ କର୍ମଶାଳା ମଧ୍ୟ ରହିଛି। କାର୍ଯ୍ୟକ୍ରମରେ ବିଶେଷଜ୍ଞ ଅଧିବେଶନ ଅନ୍ତର୍ଭୁକ୍ତ ଥିଲା।






## ଶ୍ରୀକ୍ଷେତ୍ର ସିଟି

୨୪/୫/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୩୪,୫୬୦/- ସୁନା: ୦୦.୬୦୦ ଗ୍ରାମ୍ ରୁପା: ୯୮.୩୦୦ ଗ୍ରାମ୍



### ଅଭୟାରଣ୍ୟ ପରିସରରେ ଜମି କିଣାବିକା ପ୍ରସଙ୍ଗ

# ଦଣ୍ଡନୀୟ ଅପରାଧର ଫଳକ ମାରିଲା ବନ ବିଭାଗ

ପୁରୀ,୨୪।୫(ସମିସ): ବାଲୁଖଣ୍ଡ ଅଭୟାରଣ୍ୟ ପରିସୀମା ମଧ୍ୟରେ ପ୍ଲଟିଂ କରାଯାଇ ଜମି କିଣାବିକାକୁ ନେଇ ଶେଷରେ ଆକ୍ସନ ମୋଡ୍‌କୁ ଆସିଛି ବନ ବିଭାଗ। ଅଭୟାରଣ୍ୟ ଭିତରେ କୌଣସି ପ୍ରକାର ବେଆଇନ କାର୍ଯ୍ୟ କରିବା ଦଣ୍ଡନୀୟ ଅପରାଧ। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଅଭୟାରଣ୍ୟ ସଂଲଗ୍ନ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ଶନିବାର ଏମିତି ଏକାଧିକ ଫଳକ ମାରିଛି ବନ ବିଭାଗ। ବାଲୁଖଣ୍ଡ ବନ୍ୟପ୍ରାଣୀ ବନାଞ୍ଚଳ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଲଗାଯାଇଥିବା ଏହି ଫଳକରେ ଲେଖାଯାଇଛି ଯେ ଜାତୀୟ ରାଜପଥରୁ ଅଭୟାରଣ୍ୟ ମଧ୍ୟକୁ ପଡ଼ିଥିବା ରାସ୍ତା ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ଅଭୟାରଣ୍ୟ ପରିସୀମା ମଧ୍ୟରେ କୌଣସି ବି ଜମି କିଣାବିକା, ଲିଜ୍, ନୂତନ ନିର୍ମାଣ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଅନୁଯାୟୀ ବୈଧ ନୁହେଁ। ଅଭୟାରଣ୍ୟ ମଧ୍ୟରେ ବିନା ଅନୁମତିରେ ପ୍ରବେଶ କରିବା, ଗଛ କାଟିବା, ଶିକାର କରିବା, ବଣଭୋଜି କରିବା, ନିଆଁ ଲଗାଇବା, ଅଭୟାରଣ୍ୟ ଜମିକୁ ଜବରଦଖଲ କରିବା ଦଣ୍ଡନୀୟ ଅପରାଧ ଅଟେ। ଆଇନକୁ ଅବମାନନା କଲେ ୭ ବର୍ଷ ଜେଲ୍‌ଦଣ୍ଡ ସହ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡରେ ଦଣ୍ଡିତ ହେବାକୁ ପଡ଼ିବ ବୋଲି ବନ ବିଭାଗ ଫଳକରେ ସୂଚନା ଦେଇଛି।



ସେହିପରି ଅନ୍ୟ ଫଳକରେ ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ବିନା ଅନୁମତିରେ ନିର୍ମାଣ କାର୍ଯ୍ୟ କରିବା ଅପରାଧ ଅଟେ ବୋଲି ଉଲ୍ଲେଖ କରାଯାଇଛି। ବିଳମ୍ବରେ ହେଉ ପଛେ ବନ ବିଭାଗ ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ଦାବିକୁ ମାନିଥିବାରୁ ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ବିଭାଗୀୟ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ପୁରୀ-କୋଣାର୍କ ଜାତୀୟ ରାଜପଥ ପାର୍ଶ୍ୱରେ ଏକ ଜାଗାରେ କାମ ଚାଲିଥିଲା। ସମ୍ପୃକ୍ତ ସଂସ୍ଥା କାହାକୁ ଖାତିର ନ କରି ମନଇଛା କାମ କରୁଥିବା ଅଭିଯୋଗ ହେବାରୁ ବନ ବିଭାଗ କାମ ବନ୍ଦ କଲା ଏବଂ ଏହାର ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛି। କିନ୍ତୁ ଏପର୍ଯ୍ୟନ୍ତ ସମ୍ପୃକ୍ତ ସଂସ୍ଥା ବିରୋଧରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ସେ ମନମାନୀ ଚଳାଇଛି ବୋଲି ଆପ୍ ସଭାପତି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି।

ସୂଚନାଥାଉ କି, ପୁରୀ ଜିଲ୍ଲାରେ ସକ୍ରିୟ ହୋଇପଡ଼ିଛନ୍ତି ଜମି ମାଫିଆ। ବେଆଇନ ଭାବେ ଅନ୍ୟର ଜମି ମାଡ଼ିବସିବା, ଜାଲ୍ କାଗଜପତ୍ର କରି ଜମି ବିକ୍ରି କରିବା, ସରକାରୀ ଜମି ଜବରଦଖଲ ଏମିତି ଜମିଜମାକୁ ନେଇ ବେଆଇନ କାର୍ଯ୍ୟ ବଢ଼ିବାରେ ଲାଗିଛି। ଏବେ କିଛି ଜମି ମାଫିଆଙ୍କ ନଜର ପଡ଼ିଛି ବାଲୁଖଣ୍ଡ ଅଭୟାରଣ୍ୟ ଉପରେ। ଅଭୟାରଣ୍ୟ ଭିତରେ ରାସ୍ତା, ପାଚେରି ଏବଂ ପ୍ଲଟିଂ କରାଯାଇ ବିକ୍ରି କରାଯାଉଛି। ବାସ୍ତବରେ ଏ ଜମିର ମାଲିକାନା କ'ଣ ତାହା ସ୍ପଷ୍ଟ ନ ଥିବାବେଳେ ଅଭୟାରଣ୍ୟ ଭିତରେ ଜମି ବିକାକୁ ନେଇ ଅଭିଯୋଗ କରିଥିଲା ଆପ୍। ଅଭୟାରଣ୍ୟ ଭିତରେ ପ୍ରବେଶ ପାଇଁ ବିଭିନ୍ନ ପ୍ରକାର କଟକଣା ରହିଛି। ହେଲେ ଏହା ମଧ୍ୟରେ ଏକାଧିକ ରାସ୍ତା କରାଯାଇଥିବାବେଳେ ବିଦ୍ୟୁତ୍ ସଂଯୋଗ, ପାଚେରି ବୁଲାଯାଇ ପ୍ଲଟିଂ ବେପାର ହେଉଛି କିଭଳି? ବିଦ୍ୟୁତ୍ ହେଉ କି ରାସ୍ତା ନିର୍ମାଣ ଏ ସବୁ ପାଇଁ ଅନୁମତି ଦେଇଛି କିଏ? ନିଶ୍ଚିତ ଜିଲ୍ଲା ପ୍ରଶାସନ କିମ୍ବା ଜଙ୍ଗଲ ବିଭାଗ ଅନୁମତି ଦେଇଥିବ। ନଚେତ୍ ଏତେ ସାହସ ହେବ କେମିତି? ଏଭଳି ଅଭିଯୋଗ ନେଇ ଆପ୍ ଜିଲ୍ଲା ବନଖଣ୍ଡ ଅଧିକାରୀ (ଡିଏଫ୍ଓ)ଙ୍କ ଦ୍ୱାରସ୍ଥ ହେଉଥିଲାବେଳେ ବନ ବିଭାଗ ପଦକ୍ଷେପ ନେଇଛି।

# ଅଭୟାରଣ୍ୟରେ ଖାଦ୍ୟାଭାବ

## ବାଟ ହୁଡୁଛନ୍ତି ହରିଣ; ଦୁର୍ଘଟଣାରେ ଯାଉଛି ଜୀବନ

ପୁରୀ,୨୪।୫(ସମିସ): ବାଲୁଖଣ୍ଡ ଅଭୟାରଣ୍ୟରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ରହୁଥିଲେ ମଧ୍ୟ ଚିତ୍ରା ହରିଣ ହେଉଛନ୍ତି ଏହାର ପ୍ରମୁଖ ଆକର୍ଷଣ। ବାତ୍ୟା ଫନି ପରେ ଏମାନଙ୍କ ସଂଖ୍ୟା କମି ଯାଇଥିଲା। ହେଲେ ଏବେ ହରିଣଙ୍କ ସଂଖ୍ୟା ବଢ଼ିଛି। ଯଦିଓ ଇତିମଧ୍ୟରେ ହରିଣଙ୍କ ଗଣନା କରାଯାଇ ନାହିଁ କିନ୍ତୁ ସେମାନଙ୍କ ଗତିବିଧିରୁ ସଂଖ୍ୟା ବଢ଼ିଥିବା କୁହାଯାଉଛି। ସବୁଠୁ ଉଦ୍‌ବେଗର ବିଷୟ ହେଉଛି ହରିଣଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ମିଳୁନାହିଁ। ଫଳରେ ବିଭିନ୍ନ ସମୟରେ ବାଟ ହୁଡୁଛନ୍ତି ହରିଣପଲ୍ଲ। ଅନେକ ସମୟରେ ଖାଦ୍ୟ ଆଶାରେ ଜନବସତିମୁହାଁ ହେଉଥିବା ହରିଣ ବିପଦରେ ପଡୁଛନ୍ତି। କେତେବେଳେ ବୁଲା କୁକୁରଙ୍କ ଶିକାର ହେଉଛନ୍ତି ତ ପୁଣି କେତେବେଳେ ଗାଡ଼ି ଦୁର୍ଘଟଣା ଏପରିକି ଟ୍ରେନ୍‌ରେ ପଡ଼ି ଏମାନଙ୍କ ଜୀବନ ଯାଉଛି। ନିକଟରେ ଜନବସତିମୁହାଁ ହେଉଥିବାବେଳେ ଟ୍ରେନ୍‌ରେ କଟି ୩ଟି ହରିଣଙ୍କ ମୃତ୍ୟୁ ଘଟିଛି।

ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରୋଡ୍‌ରେ ଅବସ୍ଥିତ ବାଲୁଖଣ୍ଡ ଅଭୟାରଣ୍ୟ। ୮୭ ବର୍ଗ କିମି ଅଞ୍ଚଳରେ ପରିବ୍ୟାପ୍ତ ଏହି ଅଭୟାରଣ୍ୟର ପରିବେଶ ବେଶ୍ ମନମୁଗ୍ଧକର। ଶାନ୍ତ ଶୀତଳ ପରିବେଶରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ଏଠାରେ ରହିଆସୁଥିଲେ। କିନ୍ତୁ ୨୦୧୯ର ଫନି ବାତ୍ୟା ଅଭୟାରଣ୍ୟ ସବୁଜିମାକୁ ଧୂଳିସାତ୍ କରି ଦେଇଥିଲା। ବାତ୍ୟାରେ ଲକ୍ଷ ଲକ୍ଷ ଗଛ ଧରାଶାୟୀ ହୋଇଥିବାବେଳେ ହରିଣ ଏଣେତେଣେ ପଳାଇ ଯାଇଥିଲେ। ବାତ୍ୟାର କିଛିଦିନ ପରେ ଯଦିଓ ସେମାନେ ଫେରିଥିଲେ କିନ୍ତୁ ସଂଖ୍ୟା ବହୁତ କମିଯାଇଥିଲା। ଏବେ ସଂଖ୍ୟା ବୃଦ୍ଧି ପାଇଛି। ହେଲେ ଦ୍ରୁତ ସହରୀକରଣ ଯୋଗୁଁ ଏହା ମଧ୍ୟରେ ରହୁଥିବା ଜୀବଜନ୍ତୁଙ୍କ ଜୀବନଶୈଳୀ ପ୍ରଭାବିତ ହେବାରେ ଲାଗିଛି। ଗୋଟେପଟେ ଜଙ୍ଗଲ ସଂକୁଚିତ ହେଉଥିବାବେଳେ ଅନ୍ୟପଟେ ବନ୍ୟପ୍ରାଣୀଙ୍କ ବାସ ପାଇଁ ସଙ୍କଟ ସୃଷ୍ଟି ହେଲାଣି। ବିଶେଷକରି ହରିଣଙ୍କ ପାଇଁ ଖାଦ୍ୟ ସଙ୍କଟ ଯୋଗୁଁ ବେଳେବେଳେ ସେମାନେ ମୃତାହତ ହେଉଛନ୍ତି। ପୂର୍ବରୁ ହରିଣଙ୍କୁ ଯେଉଁଭଳି ପର୍ଯ୍ୟାପ୍ତ ସବୁଜ ଘାସ ମିଳୁଥିଲା ତାହା ଆଉ ମିଳୁନାହିଁ। ଏପଟେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ବାହାରକୁ ଗଲେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ସେହିପରି ଟ୍ରେନ୍‌ରେ ପଡ଼ି ବି ହରିଣଙ୍କ ମୃତ୍ୟୁ ହେବାର ପୂର୍ବରୁ ଅନେକ ନଜିର୍ ରହିଛି। ଗତ ବୁଧବାର ରାତିରେ ଟ୍ରେନ୍ ଚକ ତଳେ କଟି ୩ଟି ହରିଣଙ୍କ ମୃତ୍ୟୁ ଘଟିଛି।

ଗତ ୨୧ ତାରିଖ ରାତିରେ ଚାରିଛକ ଲେଭଲ୍ କ୍ରସିଂରେ ହରିଣପଲ୍ଲଙ୍କୁ ଧକ୍କା ଦେଇଥିଲା ଟ୍ରେନ୍। ଜଙ୍ଗଲ ଛାଡ଼ି ଖାଦ୍ୟ, ପାନୀୟ ଅନ୍ୱେଷଣରେ ଜନବସତି ଆଡ଼କୁ ମୁହାଁଇଥିବା ହରିଣପଲ୍ଲଙ୍କ ମଧ୍ୟରୁ ଟ୍ରେନ୍ ଚକ ତଳେ କଟି ୩ଟି ହରିଣଙ୍କ ଜୀବନ ଯାଇଥିଲା। ରେଳ ଧାରଣାରେ ମୁଣ୍ଡ ଗଣ୍ଡି ଅଲଗା ହୋଇ ପଡ଼ିଥିବା ହରିଣଙ୍କ ଶରୀରକୁ ଜବତ କରିଥିଲା ବନ ବିଭାଗ। ସେମାନଙ୍କ ମଧ୍ୟରୁ ଗୋଟିଏ ଅଣ୍ଡିରା ଓ ଅନ୍ୟ ୨ଟି ମାଈ ହରିଣ ବୋଲି ଜଣାପଡ଼ିଥିଲା। ବିଳମ୍ବିତ ରାତିରେ ହରିଣପଲ୍ଲ ଜଙ୍ଗଲରୁ ବାହାରି ଜନବସତି ଆଡ଼କୁ ମୁହାଁଇଥିଲେ। ରେଳ ଧାରଣା ଅତିକ୍ରମ କରିବାବେଳେ ଦ୍ରୁତ ଗତିରେ ଆସୁଥିବା ଟ୍ରେନ୍ ଧକ୍କାରେ ଗୋଟିଏ ହରିଣ ଦୂରକୁ ଛିଟିକି ପଡ଼ିଥିବାବେଳେ ଅନ୍ୟ ୨ଟି ହରିଣଙ୍କ ମୁଣ୍ଡ ଗଣ୍ଡି ଅଲଗା ହୋଇଯାଇଥିଲା। ରେଳ ଧାରଣା କଡ଼ରେ ହରିଣଙ୍କ ମୃତଦେହ ବିକ୍ଷିପ୍ତ ହୋଇ ପଡ଼ିଥିଲା। ଗୁରୁବାର ସକାଳେ ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ହରିଣଙ୍କ ମୃତଦେହ ଜବତ କରିଥିଲେ। ବାଲୁଖଣ୍ଡ ରେଞ୍ଜ୍ ଅଫିସରେ ୩ ହରିଣଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ଜଙ୍ଗଲରେ ପୋତି ଦିଆଯାଇଥିଲା। ଏମିତି ବିଭିନ୍ନ ସମୟରେ ଖାଦ୍ୟ ପାଇଁ ଜନବସତିମୁହାଁ ହେଉଥିବା ହରିଣ ଦୁର୍ଘଟଣାରେ ମୃତାହତ ହେଉଛନ୍ତି।

## 'ଶ୍ରୀମନ୍ଦିରକୁ ଭକ୍ତ ମୋବାଇଲ୍ ନେବାକୁ ଅନୁମତି ମିଳୁ'

ପୁରୀ,୨୪।୫(ସମିସ): ଶ୍ରୀମନ୍ଦିର ସୁରକ୍ଷା ପାଇଁ ମୋବାଇଲ୍ ନିଷିଦ୍ଧ ଯେ ଏକ କାରଣ ନୁହେଁ, ଏହା ଉପଲବ୍ଧି କରି ସରକାର ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ଲଗାଯିବ ବୋଲି ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶା ପକ୍ଷରୁ ଏଣିକି ସାଧାରଣ ଭକ୍ତଙ୍କୁ ଶ୍ରୀମନ୍ଦିର ଭିତରକୁ ମୋବାଇଲ୍ ଫୋନ୍ ନେବାର ଅନୁମତି ଦେବାକୁ ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେ କହିଛନ୍ତି, ଯଦି ଆବଶ୍ୟକ କି ଜରୁରୀ ମନେକରି ସେବାୟତ, ପୁଲିସ, ଜେଟିପି, ଫୁଲବାଲା, ଦୀପବାଲା, ଅବଢ଼ା ବିକିବା ବାଲା ଏପରିକି ବରିଷ୍ଠ ସେବାୟତଙ୍କ ଯାତ୍ରୀମାନେ ମୋବାଇଲ୍ ନେଇପାରୁଛନ୍ତି ଓ ଶ୍ରୀମନ୍ଦିରରେ ପ୍ରତ୍ୟହ ୧ହଜାରରୁ ଊର୍ଦ୍ଧ୍ୱ ମୋବାଇଲ ବ୍ୟବହାର ହେଉଛି; ତେବେ ସାଧାରଣ ଭକ୍ତଙ୍କୁ ଏଥିରୁ ବାରଣ କରିବା ତାଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଛି। ବରଂ ସମସ୍ତେ ମୋବାଇଲ୍ ନିଅନ୍ତୁ ମାତ୍ର ଫଟୋ ଉଠାଇବା ସମ୍ପୂର୍ଣ୍ଣ ନିଷିଦ୍ଧ ହେଉ।

# ସମୁଦ୍ରରେ ଓଲଟିଲା ବୋଟ୍

### ଅଳ୍ପକେ ରକ୍ଷାପାଇଲେ ୪ ବଙ୍ଗୀୟ ପର୍ଯ୍ୟଟକ

ପୁରୀ,୨୪।୫(ସମିସ): ପୁରୀ ସମୁଦ୍ରରେ ଘଟିଛି ଅଘଟଣ। ଜଳକ୍ରୀଡ଼ା ପାଇଁ ଏକ ସ୍ପିଡ୍ ବୋଟ୍‌ରେ ସମୁଦ୍ର ଭିତରକୁ ୪ ଜଣ ପର୍ଯ୍ୟଟକ ଯାଇଥିଲେ। ହେଲେ ଭିତରେ ସେହି ବୋଟ୍‌ଟି ପଲଟି ଯାଇଥିଲା। ସୌଭାଗ୍ୟବଶତଃ ଲାଇଫ୍‌ଗାର୍ଡମାନେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ସମସ୍ତେ ବଙ୍ଗୀୟ ପର୍ଯ୍ୟଟକ ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ୩ ଜଣ ପୁରୁଷ ଏବଂ ଜଣେ ମହିଳା ଥିଲେ।

ପୁରୀ ବେଳାଭୂମିକୁ ବୁଲି ଆସୁଥିବା ପର୍ଯ୍ୟଟକଙ୍କ ଜଳକ୍ରୀଡ଼ା ପାଇଁ ଏକ ସଂସ୍ଥାକୁ ଅନୁମତି ମିଳିଛି। ବେଳାଭୂମି ସଂଲଗ୍ନ ମଙ୍ଗଳା ନଦୀରେ ଏହି ଜଳକ୍ରୀଡ଼ା କରିବା ଲାଗି ଅନୁମତି ଥିବାବେଳେ ସମ୍ପୃକ୍ତ ସଂସ୍ଥା ହୋଟେଲ ହନ୍ସ କୋକ୍‌ପାମ୍ ସମ୍ମୁଖ ସମୁଦ୍ରରେ ସ୍ପିଡ୍ ବୋଟ୍‌ରେ ପର୍ଯ୍ୟଟକଙ୍କୁ ବୁଲାଉଛି। ଶନିବାର ୪ ଜଣ ବଙ୍ଗୀୟ ପର୍ଯ୍ୟଟକ ଏହି ବୋଟ୍‌ରେ ଭିତରକୁ ଯାଇଥିଲେ। ବେଳାଭୂମିଠାରୁ ଅଳ୍ପ ଦୂରରେ ହଠାତ୍ ବୋଟ୍‌ଟି ପଲଟି ଯାଇଥିଲା।



ବେଳାଭୂମିରେ ଥିବା ଲାଇଫ୍‌ଗାର୍ଡ ଏହା ଦେଖି ତୁରନ୍ତ ଭିତରକୁ ଯାଇ ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରିଥିଲେ। ସେମାନେ ଲାଇଫ୍ ଜ୍ୟାକେଟ ପିନ୍ଧିଥିବାରୁ ବଡ଼ଧରଣର ଅଘଟଣ ଟଳିଯାଇଛି। ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଏହି ଦୁର୍ଘଟଣା ଘଟିଥିବାବେଳେ ୱାଟର୍ ସ୍ପୋର୍ଟ୍ସ ଦାୟିତ୍ୱରେ ଥିବା ସଂସ୍ଥାର କାର୍ଯ୍ୟଦକ୍ଷତା ପ୍ରତି ସମସ୍ତେ ଅଙ୍ଗୁଳି ଉଠାଇଛନ୍ତି। ଯଦି ସ୍ପିଡ୍ ବୋଟ୍ ପର୍ଯ୍ୟଟକଙ୍କୁ ନେଇ ସମୁଦ୍ର ଭିତରକୁ ଯାଉଛି ତେବେ ଆଉ ଏକ ବୋଟ୍ ବ୍ୟାକ୍‌ଅପ୍ ରହିବା କଥା। ହେଲେ ସମ୍ପୃକ୍ତ ସଂସ୍ଥା ଏହାକୁ ଅଣଦେଖା କରୁଛି। ଫଳରେ ପର୍ଯ୍ୟଟକଙ୍କ ଜୀବନ ବିପଦରେ ରହୁଥିବାବେଳେ ଏଥିପ୍ରତି ପ୍ରଶାସନ ବି ନିଜର ରଖୁନି। ସେହିପରି ୱାଟର୍ ସ୍ପୋର୍ଟ୍ସ ଜୋନ୍‌ରୁ ବୋଟ୍ ବେଳେବେଳେ ପର୍ଯ୍ୟଟକ ଗାଧୋଉଥିବା ଅଞ୍ଚଳକୁ ପଶି ଆସୁଛି। ଫଳରେ ଏଥିପାଇଁ ବି କେତେବେଳେ ପର୍ଯ୍ୟଟକମାନେ ଦୁର୍ଘଟଣାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ତେଣୁ ଏ ସବୁକୁ ନଜରରେ ରଖି ପ୍ରଶାସନ ଜଳକ୍ରୀଡ଼ା ପାଇଁ ସ୍ୱତନ୍ତ୍ର ଅଞ୍ଚଳ ଏବଂ ସୁରକ୍ଷିତ ଜଳକ୍ରୀଡ଼ା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଉଠିଛି।

## ଡକାୟତି ଯୋଜନା ପଣ୍ଡ: ୫ ଗିରଫ, ମାରଣାସ୍ତ୍ର ଜବତ

ପୁରୀ,୨୪।୫(ସମିସ): ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି ସମୁଦ୍ରକୂଳ ଥାନା ପୁଲିସ। ଅଚାନକ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରିଥିବାବେଳେ ସେମାନଙ୍କଠାରୁ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଜବତ କରିଛି। ଅଭିଯୁକ୍ତମାନେ ହେଲେ ପୁରୀ ଗୌଡ଼ବାଡ଼ ସାହିର ସୁନୀଲ ସାହୁ ଓ ଆର୍ ରାମଚନ୍ଦ୍ର ବେହେରା, ପିକେ ଆରଆଇଟି କଲୋନୀର ପିଣ୍ଟୁ ଥାପ୍ପା, ତାଳବଣିଆ ପ୍ରଥମ ଲେନ୍‌ର ବିଶାଳ ନାୟକ ଏବଂ ରେଲ୍‌ୱେ କଲୋନୀ ଭାଗବତ ଆଶ୍ରମର ବାବୁଲି ନାୟକ। ପୁଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୨ଟା ୪୦ରେ ହଲିଡେ' ରିସୋର୍ଟ ପଛ ପାଖର୍ ଏକ ପରିତ୍ୟକ୍ତ ଜାଗାରେ କେତେଜଣ ଅସାମାଜିକ ବ୍ୟକ୍ତି ଏକାଠି ବସି ଡକାୟତି ଯୋଜନା କରୁଥିବା ପାଟ୍ରୋଲିଂ ଟିମ୍‌କୁ ଖବର ପହଞ୍ଚିଥିଲା। ସଙ୍ଗେ ସଙ୍ଗେ ପାଟ୍ରୋଲିଂରେ ଥିବା ପୁଲିସ କର୍ମଚାରୀ ଘଟଣାସ୍ଥଳରେ ଚଢ଼ଉ କରିଥିଲେ। ପୁଲିସକୁ ଦେଖି ସେମାନେ ଖସିଯିବାକୁ ଉଦ୍ୟମ କରିଥିବାବେଳେ ୫ ଜଣଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ଗୋଟିଏ କଟୁରୀ, ଗୋଟିଏ ଲୁହାରଡ୍, ଗୋଟିଏ ଛୁରୀ, ଗୋଟିଏ ପ୍ଲାସ୍, ଲଙ୍କାଗୁଣ୍ଡ ପ୍ୟାକେଟ୍, ୨ଟି ବିୟର ବୋତଲ, ଗୋଟିଏ ବିଡ଼ି ପ୍ୟାକେଟ୍ ଏବଂ ଦିଆସିଲି ଜବତ ହୋଇଥିଲା। ଏ ନେଇ ପୁଲିସ ଏକ ମାମଲା (ନଂ.୧୩୨/୨୫) ରୁଜୁ କରି ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟ ଚାଲାଣ କରିଛି।

## ଶ୍ରୀନୀଳାଚଳ କ୍ଷତ୍ରିୟ ଖଣ୍ଡାୟତ ମହାସଭା

ପୁରୀ,୨୪।୫(ସମିସ): ଲୋକନାଥ ରୋଡ୍‌ସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ଶନିବାର ଶ୍ରୀନୀଳାଚଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ମୁଖ୍ୟବକ୍ତା ଭାବେ ଡ. ନବଘନ ପରିଡ଼ା, ସମ୍ମାନିତ ବକ୍ତା ଡ. ବାୟାମନୁ ଚରଚି, ସୌମେନ୍ଦ୍ର ଜେନା, ସମ୍ମାନିତ ଅତିଥି ଗୌରହରି ପ୍ରଧାନ, ବଂଶୀଧର ନାୟକ, କିଶୋର ଚନ୍ଦ୍ର ପାତ୍ର, କୁଞ୍ଜବିହାରୀ ରାଉତ, ସଭାପତି ଶ୍ରୀଧର ଜେନା, ସମ୍ପାଦକ ପତିତପାବନ ଜେନା ଯୋଗଦେଇଥିବା ବେଳେ ବିଭୁଦତ୍ତ ଭିକାରୀ ଚରଣ ଜେନା ମଞ୍ଚ ପରିଚାଳନା କରିଥିଲେ। ପୁରୀ ଓ ପୁରୀ ସଦର ଜୋନ୍‌ର ସମସ୍ତ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ବ୍ରହ୍ମଗିରି ଜୋନ୍ ସମ୍ପାଦକ ନରେନ୍ଦ୍ର କୁମାର ପଲେଇ, କଣାସ ଜୋନ୍ ସଭାପତି ଦୁର୍ଯ୍ୟୋଧନ ଜେନା, ସତ୍ୟବାଦୀ ଜୋନ୍ ସଭାପତି କୈଳାସ ଚନ୍ଦ୍ର ଜେନା, କଣାସ ଜୋନ୍ ସହ ସମ୍ପାଦକ ତରୁଣ କୁମାର ସ୍ୱାଇଁ, ନୀଳାଚଳ ଖଣ୍ଡାୟତ ଆଇନ ପରାମର୍ଶଦାତା ଭାସ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ଶବ୍ଦ ସୁରଭି ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା।

## ଶ୍ରୀକ୍ଷେତ୍ର ଅନୁରାଗ ସାହିତ୍ୟ ସଂସଦର ବୈଠକ

ପୁରୀ,୨୪।୫(ସମିସ): ଶ୍ରୀକ୍ଷେତ୍ର ଅନୁରାଗ ସାହିତ୍ୟ ସଂସଦର ପ୍ରଥମ ବୈଠକ ସ୍ଥାନୀୟ ଗାନ୍ଧୀ ଘାଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସ୍ଥିତ ସଦସ୍ୟ ଏବଂ ସାହିତ୍ୟପ୍ରେମୀଙ୍କ ଗହଣରେ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ନ୍ୟାସ୍‌ନାଲ ବୁକ୍ ଟ୍ରଷ୍ଟ ଇଣ୍ଡିଆର ପୂର୍ବତନ ସମ୍ପାଦକ ଓ ସାହିତ୍ୟିକ ମାନସ ରଞ୍ଜନ ମହାପାତ୍ରଙ୍କୁ ସଭାପତି ଭାବେ ନିର୍ବାଚିତ କରାଯାଇଥିବାବେଳେ ସୁଭଦ୍ରା ଆର୍ଟ ଗ୍ୟାଲେରୀର ଚେୟାରମ୍ୟାନ୍ ସୂର୍ଯ୍ୟ ରଥଙ୍କୁ କାର୍ଯ୍ୟକାରୀ ସଭାପତି ଓ ବରିଷ୍ଠ ସାମ୍ବାଦିକ ବିଶ୍ୱମିତ ମିଶ୍ରଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ସେହିପରି ବିଜୟ କୃଷ୍ଣ ବ୍ରହ୍ମା, ମୀନତି ରଥ, କବି ଶୈଳବାଳା ମହାପାତ୍ର ଓ ଶିବପ୍ରସାଦ ମିଶ୍ରଙ୍କୁ ଉପସଭାପତି ହୋଇଥିବାବେଳେ ବିଶ୍ୱପ୍ରୀତ ମିଶ୍ର କୋଷାଧ୍ୟକ୍ଷ ଦାୟିତ୍ୱ ତୁଲାଇବେ। ଏକ୍‌ଜିକ୍ୟୁଟିଭ୍ କମିଟିରେ ଶିବ ପ୍ରସାଦ ମହାପାତ୍ର, ଅନୀଲ ସାହୁ, ଧଡୁ ମହାପାତ୍ର, ଚିତ୍ରଲେଖା ମିଶ୍ର ଓ ଗୌରବ ମିଶ୍ରଙ୍କୁ ରଖାଯାଇଛି। ଆଗାମୀ ଦିନରେ ପୁରୀର ହଜିଯାଇଥିବା ମହାନ ସାହିତ୍ୟିକଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଉଦ୍ୟମ କରାଯିବ ବୋଲି ଶ୍ରୀ ମହାପାତ୍ର କହିଥିଲେ। ଖୁବ୍‌ଶୀଘ୍ର ସଂସଦର ଏକ ବିଧିବଦ୍ଧ ରୂପ ସମ୍ମୁଖକୁ ଆସିବ ବୋଲି ସଭାପତି କହିଥିଲେ। ଅନେକ ସାହିତ୍ୟ ସଂସଦ କରାଯାଉଥିଲେ ମଧ୍ୟ ଏହାକୁ ବଜାୟ ରଖିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି କବି ଶୈଳବାଳା କହିଥିଲେ।

## ସବୁ ମୁକୁଳା ଡ୍ରେନ୍‌ରେ ପଡ଼ିବ ସ୍ଲାବ୍: ମନ୍ତ୍ରୀ

ପୁରୀ,୨୪।୫(ସମିସ): ରାଜ୍ୟ ସରକାରଙ୍କ ଫୋକସ୍‌ରେ ପୁରୀ। ବଢ଼ିବ ପୁରୀର ପରିଧି। ଏଥିସହ ରୂପରେଖରେ ମଧ୍ୟ ହେବ ପରିବର୍ତ୍ତନ। ସବୁ ମୁକୁଳା ଡ୍ରେନ୍‌ରେ ପଡ଼ିବ ସ୍ଲାବ୍। ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଥିବା ଜାଗାକୁ ପରିଷ୍କାର ପରିଚ୍ଛନ୍ନ ରଖାଯାଇ ବଡ଼ ସାଇନ୍ ବୋର୍ଡ ଲାଗିବ। ରଥଯାତ୍ରା ନେଇ ନିଜ ବିଭାଗର ପ୍ରସ୍ତୁତିର ସମୀକ୍ଷା କରିବାବେଳେ ଏହା କହିଛନ୍ତି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ବୁଧବାର ମନ୍ତ୍ରୀ ଶ୍ରୀ ପାତ୍ର ଗ୍ରାଉଣ୍ଡରେ ସମୀକ୍ଷା କରିବାବେଳେ କହିଥିଲେ, କେବଳ ରଥଯାତ୍ରା ନୁହେଁ ଆଗକୁ ମଧ୍ୟ ପୁରୀରେ ବିଭିନ୍ନ କାର୍ଯ୍ୟ ଜାରି ରହିବ। ବଡ଼ଦାଣ୍ଡରେ ବର୍ଷା ସମୟରେ ଜଳବନ୍ଦୀ ସମସ୍ୟା ଯେପରି ନ ହେବ ତା' ଉପରେ ଗୁରୁତ୍ୱ ଦିଆଯାଇଛି। ଜଙ୍କ ହୋଇଯାଇଥିବା ଡ୍ରେନ୍‌ର ଆଇରନ ସ୍ଲାବ୍‌କୁ ପରିବର୍ତ୍ତନ ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ସ୍ଥାନରେ ଡ୍ରେନ୍ ଏସ୍‌ଟିପି ସହ ସଂଯୋଗ ହୋଇନାହିଁ ତାହା ତୁରନ୍ତ କରିବାକୁ କହିଛନ୍ତି ମନ୍ତ୍ରୀ। ସାହି ଗଳିକନ୍ଦିର ଡ୍ରେନ୍‌କୁ ତୁରନ୍ତ ସଫା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ୨୬ରେ ଯୁଗ୍ମ ଅଭିଯୋଗ ଶୁଣାଣି

ପୁରୀ,୨୪।୫(ସମିସ): ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଆସନ୍ତା ୨୬ ତାରିଖ ସକାଳ ୭ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଏଥିପାଇଁ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଜନସାଧାରଣ ପଞ୍ଜୀକରଣପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍‌ବ୍ୟତୀତ ଅଣ ପଞ୍ଜିକୃତ ଆବେଦନକାରୀଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଓ ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ଜନସାଧାରଣଙ୍କୁ ସୂଚନା ଦିଆଯାଇଛି।

# ଦେବସ୍ନାନ ପୂର୍ଣ୍ଣିମା ଓ ଅଲାରନାଥ ଦର୍ଶନ ସମୀକ୍ଷା ବୈଠକ

## ସୁଚାରୁରୂପେ ପରିଚାଳନା ପାଇଁ ପରାମର୍ଶ



ପୁରୀ, ୨୪।୫ (ସମିସ): ଚଳିତବର୍ଷର ଦେବସ୍ନାନ ପୂର୍ଣ୍ଣିମା ଜୁନ୍ ୧୧ ତାରିଖରେ ଅନୁଷ୍ଠିତ ହେବ। ଏହାର ପରଦିନଠାରୁ ବ୍ରହ୍ମଗିରି ଅଲାରନାଥ ପୀଠରେ ମହାପ୍ରଭୁଙ୍କ ଦର୍ଶନ ଆରମ୍ଭ ହୋଇଯିବ। ସ୍ନାନଯାତ୍ରା ଓ ଅଲାରନାଥଙ୍କ ଦର୍ଶନକୁ ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ ଏକ ପ୍ରସ୍ତୁତି ବୈଠକ ସଦ୍‌ଭାବନା ସଭାଗୃହଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଥିଲେ, ପୂର୍ବରୁ ଏକାଧିକ ବୈଠକ ମାଧ୍ୟମରେ ସ୍ନାନଯାତ୍ରା, ଅଲାରନାଥ ଦର୍ଶନ ଓ ରଥଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ତାହାର ନିର୍ଯ୍ୟାସ ଆଧାରରେ ସମସ୍ତ ବିଭାଗ ସେମାନଙ୍କ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଯେଭଳି ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀମାନେ ଭଲ ଭାବେ ମହାପ୍ରଭୁଙ୍କ ଦର୍ଶନ କରନ୍ତି ଓ ଅନ୍ୟାନ୍ୟ ମୌଳିକ ସୁବିଧାପ୍ରାପ୍ତ ହୁଅନ୍ତି, ସେଥିପାଇଁ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂ ସ୍ଥଳ, ଶାନ୍ତିଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ଓ ଜଳ ସିଞ୍ଚନ ବ୍ୟବସ୍ଥା ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପି ବିନୀତ ଅଗ୍ରୱାଲ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଉପଜିଲ୍ଲାପାଳ ରାଜକିଶୋର ଜେନା, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅଲାରନାଥ ମନ୍ଦିର ସେବାୟତ ବୃନ୍ଦ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




## ନିଶ୍ଚିନ୍ତକୋଇଲିରେ ସବ୍‌ରେଜିଷ୍ଟ୍ରାର ଓ ସବ୍‌ଟ୍ରେଜେରୀ କାର୍ଯ୍ୟାଳୟ କେବେ ?

**ନିଶ୍ଚିନ୍ତକୋଇଲି, ୨୪।୫(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ରାଜ୍ୟର ଦ୍ୱିତୀୟ ବୃହତ୍ତମ ବ୍ଲକ ଭାବେ ପରିଗଣିତ ହେଉଛି। ଏହି ବ୍ଲକରେ ୪୧ଟି ପଞ୍ଚାୟତ। ହାରାହାରି ଦୁଇ ଲକ୍ଷ ଲୋକ ବସବାସ କରୁଛନ୍ତି। ପୂର୍ବରୁ ନିଶ୍ଚିନ୍ତକୋଇଲି ବ୍ଲକ ଓ ମାହାଙ୍ଗା ବ୍ଲକର ଲୋକମାନେ ସାଲେପୁର ତହସିଲ ଅଧୀନରେ ରହିଥିବା ବେଳେ ସାଲେପୁର ସବ୍‌ରେଜିଷ୍ଟ୍ରାର ଓ ସାଲେପୁର ସବଟ୍ରେଜେରୀ ଅଧୀନରେ ରହି ସେମାନଙ୍କ ସମସ୍ତ କାର୍ଯ୍ୟ କରିଆସୁଥିଲେ। କାଳକ୍ରମେ ମାହାଙ୍ଗା ବ୍ଲକରେ ନୂତନ ଭାବେ ତହସିଲ, ସବରେଜିଷ୍ଟର କାର୍ଯ୍ୟାଳୟ ଏବଂ ସବ୍‌ଟ୍ରେଜେରୀ କାର୍ଯ୍ୟାଳୟ ବହୁ ବର୍ଷ ହେବ ଖୋଲାଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକରେ କେବଳ ନୂତନ ତହସିଲ କାର୍ଯ୍ୟାଳୟ ଖୋଲାଯାଇଥିଲା ବେଳେ ଆଜି ପର୍ଯ୍ୟନ୍ତ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଏବଂ ସବ୍‌ଟ୍ରେଜେରୀ କାର୍ଯ୍ୟାଳୟ ଖୋଲାଯାଇପାରିନାହିଁ। ଏହି ଦୁଇଟି କାର୍ଯ୍ୟାଳୟ ଖୋଲିବା ପାଇଁ ଦୀର୍ଘ ଦିନ ହେବ ବ୍ଲକ୍ ଅଞ୍ଚଳର ଲୋକମାନେ ଦାବି କରିଆସୁଥିଲେ ମଧ୍ୟ ଏହାକୁ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଲୋକମାନେ ସେମାନଙ୍କର ଜମିବାଡ଼ି ବିକ୍ରିବଟା କରିବା କିମ୍ବା ଜମିବାଡ଼ି ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ସାଲେପୁର ସବରେଜିଷ୍ଟର କାର୍ଯ୍ୟାଳୟକୁ ଯାଉଛନ୍ତି। ସେହିପରି ଟ୍ରେଜେରୀ ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟ ଯଥା ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ପାଇବା ଓ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଚାଲାଣ ପାଇଁ ମଧ୍ୟ ସାଲେପୁର ସବଟ୍ରେଜରୀ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ଯାହାଦ୍ୱାରା ଏ ଅଞ୍ଚଳ ବାସିନ୍ଦାମାନେ ଏସବୁ କାମ ପାଇଁ ସାଲେପୁର ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ନିଶ୍ଚିନ୍ତକୋଇଲିରେ କେବଳ ତହସିଲ କାର୍ଯ୍ୟାଳୟ ଖୋଲିଦେଇ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ନ ଖୋଲିବା ପଛରେ କି ଉଦ୍ଦେଶ୍ୟ ରହିଛି ସେନେଇ ପ୍ରଶ୍ନ ଉଠିଛି। ଲୋକମାନଙ୍କର ସୁବିଧା ଦୃଷ୍ଟିରୁ ନିଶ୍ଚିନ୍ତକୋଇଲିରେ ଏହି ଦୁଇ କାର୍ଯ୍ୟାଳୟ ଖୋଲିବା ନିତାନ୍ତ ଜରୁରୀ ବୋଲି ସାଧାରଣରେ ଆଲୋଚନା ହେଉଛି। ଆବଶ୍ୟକତା ଦୃଷ୍ଟିରୁ ଏହି ଦୁଇ କାର୍ଯ୍ୟାଳୟ ଖୋଲିବା ପାଇଁ ଏ ଅଞ୍ଚଳବାସୀ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଥିବା ବେଳେ ଏଥିପାଇଁ ପଦକ୍ଷେପ ନେବାକୁ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନଙ୍କୁ ଅନୁରୋଧ କରିଛନ୍ତି।

### ପ୍ରଧାନମନ୍ତ୍ରୀ ଆବାସ ଅପେକ୍ଷାରେ ଶତାଧିକ ହିତାଧିକାରୀ

## ସର୍ଭେ କାର୍ଯ୍ୟ ମନ୍ଥର; କାର୍ଯ୍ୟାଦେଶରେ ବିଳମ୍ବ

**ନିଶ୍ଚିନ୍ତକୋଇଲି,୨୪।୫(ସମିସ)**




ସରକାର ପରିବର୍ତ୍ତନ ହେବାର ପାଖାପାଖି ଏକ ବର୍ଷ ହୋଇଥିଲା ବେଳେ ଅଦ୍ୟାବଧି ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇ ପାରିନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉ କିମ୍ବା ଅନ୍ତ୍ୟୋଦୟ ଗୃହ ଯୋଜନା ହେଉ, ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ମୁଣ୍ଡ ଉପରେ ଛାତ ଘର ଯୋଗାଇ ଦେବା ଲକ୍ଷ୍ୟରେ ବର୍ତ୍ତମାନର ସରକାର କେବଳ ପ୍ରଚାର ଜୋରଦାର ଚଳାଇଛନ୍ତି। ହେଲେ ବର୍ତ୍ତମାନ ମଇ ମାସ ଶେଷ ହେବାକୁ ବସିଥିଲେ ମଧ୍ୟ ଏହି ଦୁଇ ଯୋଜନାରେ ହିତାଧିକାରୀମାନେ ପକ୍କାଘର ନିର୍ମାଣ କରିବା ପାଇଁ କାର୍ଯ୍ୟାଦେଶ ମିଳି ନଥିବା ଅଭିଯୋଗ ହେଉଛି। ସରକାର ବିଧବା ମହିଳା ଓ ଭିନ୍ନକ୍ଷମଙ୍କୁ ସ୍ୱତନ୍ତ୍ର ଭାବେ ପକ୍କାଘର ଯୋଗାଇ ଦେବା ପାଇଁ ଉକ୍ତ ଗୃହ ଯୋଜନା ଆରମ୍ଭ କରିଛନ୍ତି। ଏହି ଗୃହ ଯୋଜନାରେ ଯୋଗ୍ୟ ହିତାଧିକାରୀ ସାମିଲ ହେବା ପାଇଁ ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ପଞ୍ଚାୟତରେ ସର୍ଭେ କାର୍ଯ୍ୟ ମଧ୍ୟ ଚାଲିଛି। ଏହି ସର୍ଭେ କାର୍ଯ୍ୟ ମେ ମାସ ୩୦ ତାରିଖରେ ଶେଷ ହେବା ପରେ ଯୋଗ୍ୟ ହିତାଧିକାରୀ ବଛାଯାଇ ସେମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି।

ଏହି ବ୍ଲକ୍‌ରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୭ଶହରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ହେଲେ କାର୍ଯ୍ୟର ମନ୍ଥର ଗତି ପାଇଁ ସର୍ଭେ କାର୍ଯ୍ୟ ଶେଷ ହୋଇ ପାରୁ ନଥିବା ବେଳେ କାର୍ଯ୍ୟାଦେଶ ବଣ୍ଟନ ପାଇଁ ବାଧା ଉପୁଜିଛି। ଏହାଛଡ଼ା ଗତ ଫେବୃୟାରୀରେ ଶହେରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ନିର୍ମାଣ କରିବା ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ବେଳେ ସେମାନଙ୍କର ବ୍ୟାଙ୍କ୍ ଜମାଖାତାକୁ ଅଦ୍ୟାବଧି ଅର୍ଥ ଯୋଗାଇ ଦିଆଯାଇନାହିଁ। ବର୍ତ୍ତମାନ ମୌସୁମୀ ବର୍ଷା ଆସିବା ପାଇଁ ଆଉ କେଇ ଦିନ ବାକି ରହିଲା; ହେଲେ ହିତାଧିକାରୀଙ୍କୁ ମିଳିନାହିଁ ପକ୍କାଘର ନିର୍ମାଣର କାର୍ଯ୍ୟାଦେଶ। ଯଦି ବର୍ଷାଋତୁରେ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କାଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଏ ତାହାହେଲେ ଗୃହ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେବ ଏବଂ କିପରି, କେଉଁଠାରେ ସେମାନେ ମୁଣ୍ଡ ଗୁଞ୍ଜିବେ ସେନେଇ ପ୍ରଶ୍ନ ଉଠିଛି। ଗୃହ ନିର୍ମାଣ ପାଇଁ ଆବଶ୍ୟକ ଉପକରଣ ଇଟା, ବାଲି, ଗୋଡି, ସିମେଣ୍ଟ ଆଦି ନେବା ଆଣିବା କରିବାରେ ଅସୁବିଧା ଉପୁଜିବ। ବର୍ଷା ଲାଗି ରହିଲେ ଗୃହ ନିର୍ମାଣ କାର୍ଯ୍ୟ ମଧ୍ୟ ହୋଇପାରିବ ନାହିଁ।

ସରକାରଙ୍କ ନିୟମାନୁଯାୟୀ, ହିତାଧିକାରୀ ଗୃହ ନିର୍ମାଣ କରିବାର ପ୍ରଥମ କିସ୍ତି ଅର୍ଥ ପାଇବାର ୧୨୦ ଦିନ ଭିତରେ ଯଦି ଗୃହ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରେ ତାହାହେଲେ ହିତାଧିକାରୀଙ୍କୁ ଅଧିକ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ସେହିପରି ଯେଉଁ ହିତାଧିକାରୀ ପ୍ରଥମ କିସ୍ତି ଅର୍ଥ ପାଇବାର ୯୦ ଦିନ ଭିତରେ ଗୃହ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବ ତାଙ୍କୁ ୨୦ ହଜାର ଟଙ୍କାର ଅଧିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ହେଲେ ଜୁନ୍‌ମାସରେ ଯଦି କାର୍ଯ୍ୟାଦେଶ ପ୍ରଦାନ କରାଯାଏ ତାହାହେଲେ ହିତାଧିକାରୀ ବର୍ଷା ଦିନରେ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରିବ ନାହିଁ କିମ୍ବା ପ୍ରୋତ୍ସାହନ ରାଶି ବାବଦର ଅର୍ଥ ୧୦ ହଜାର ବା ୨୦ ହଜାର ଅର୍ଥ ରାଶି ପାଇପାରିବ ନାହିଁ। ସେନେଇ ହିତାଧିକାରୀମାନେ ଆଶା ଆଶଙ୍କାରେ ଅଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣର କାର୍ଯ୍ୟାଦେଶ ବଣ୍ଟନ କରିବାକୁ ସାଧାରଣରେ ଦାବି ହେଉଛି।

## ରାସ୍ତାରେ ପୁଣି ଫସିଲା କଣ୍ଟେନର; ଘଣ୍ଟାଏ ଜାମ୍

**କଣ୍ଟାପଡା,୨୪।୫(ସମିସ):** ଫୁଲନଖରା-ନିଆଳି ରାଜ୍ୟ ରାଜପଥର ସୁନ୍ଦରଗ୍ରାମଠାରେ ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିଲା। ଶନିବାର ସଂକୁଚିତ ରାସ୍ତାରେ ଚାରିଚକିଆ କାରଗୁଡିକ ବୋଝେଇ କରି ବାହାର ରାଜ୍ୟରୁ ଆସିଥିବା ଏକ କଣ୍ଟେନର ଟ୍ରକ୍‌କୁ ଫସି ଯାଇଥିଲା। ଗାଡ଼ି ବୁଲାଇ କାର ଅନଲୋଡ କରିବା ପାଇଁ ଯାଉଥିବା ବେଳେ କଣ୍ଟେନର ଟ୍ରକର ସମ୍ମୁଖ ୬ଟି ଚକ ମାଟିରେ ଦବିଯିବାରୁ ସମ୍ପୂର୍ଣ୍ଣ କଣ୍ଟେନର ରାସ୍ତା ଉପରେ ରହି ଯାଇଥିଲା। ଫଳରେ ଏହି ରାଜପଥରେ ଦୀର୍ଘ ଏକ ଘଣ୍ଟା କାଳ ଯାତାୟାତ ବନ୍ଦ ହୋଇଯାଇଥିଲା। ଉଭୟ ପଟରୁ ଆସୁଥିବା ଶହଶହ ଯାନବାହନ ରାସ୍ତାରେ ଅଟକି ରହିଥିଲା। ତେବେ ଦୀର୍ଘ ସମୟ ପରେ ସ୍ଥାନୀୟ ଯୁବକଙ୍କ ଉଦ୍ୟମରେ ଗାଡ଼ିଟି ଫସିଥିବା ସ୍ଥାନରୁ ବାହାରି ପାରିଛି। ଏହି ସ୍ଥାନରେ ଆଜି ଘଟଣାକୁ ମିଶାଇ ଏପରି ପୂର୍ବରୁ ୩ ଥର ସମାନ ଘଟଣା ଘଟିଥିବାର ନଜିର ରହିଛି। କାର ଗୋଦାମ ମାଲିକ ଓ କର୍ମଚାରୀଙ୍କୁ ଅନ୍ୟ ଫାଙ୍କା ସ୍ଥାନରେ ଗାଡ଼ି ବୁଲାଇବା ଓ ରାସ୍ତା ପାର୍ଶ୍ୱରେ ଗାଡ଼ି ପାର୍କିଂ କରି ଅନଲୋଡ ନକରିବା ପାଇଁ ଏକାଧିକ ଥର ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବି ଜଣାଇବା ସତ୍ତ୍ୱେ ଗୋଦାମ ମାଲିକଙ୍କ ବେଖାତିର ମନୋଭାବ ଯୋଗୁଁ ଏଠାରେ ବାରମ୍ବାର ଛୋଟବଡ଼ ଦୁର୍ଘଟଣା ମାନ ଘଟୁଛି। ଫଳସ୍ୱରୂପ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଜିଲ୍ଲା ପ୍ରଶାସନ ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।





## ଭଡ଼ାରେ ଲାଗିଛି ବିଦ୍ୟାଳୟ ଗୃହ; ତଦନ୍ତ ଦାବି

**ଭଦ୍ରେଶ୍ୱର,୨୪।୫(ସମିସ):** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଗ୍ରାମପଞ୍ଚାୟତ ଝାଡେଶ୍ୱରପୁର(ଚିଙ୍ଗୁଡିଆମୁହଁ) ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟ ଗୃହ ଦୀର୍ଘ ଦିନ ହେଲା ଜଣେ ଠିକାଦାରଙ୍କୁ ଭରା ସୂତ୍ରରେ ଦିଆଯାଇଥିବାର ଅଭିଯୋଗ ହୋଇଛି। ଚିଙ୍ଗୁଡିଆମୁହଁ ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ରହିଛି। ସରକାରଙ୍କ ତରଫରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏହି ବିଦ୍ୟାଳୟ ଗୃହ ନିର୍ମାଣ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଆବଶ୍ୟକ ଛାତ୍ରଛାତ୍ରୀ ନହେବା କାରଣରୁ ଏହି ବିଦ୍ୟାଳୟଟିକୁ ବନ୍ଦ କରି ଦିଆଯାଇଥିଲା। ଏହି ସରକାରୀ ଗୃହଟି କୌଣସି ମହତ କାର୍ଯ୍ୟରେ ବିନିଯୋଗ କରଯିବା ପରିବର୍ତ୍ତେ ଜଣେ ଠିକାଦାରଙ୍କୁ ଭଡା ସୂତ୍ରରେ ଦିଆଯାଇଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସରକାରୀ ଗୃହକୁ ଭଡ଼ା ଦିଆଯିବା କେତେଦୂର ସମୀଚୀନ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷରେ ଏହି ଭଡ଼ା ବାବଦ ଅର୍ଥ କାହା ପକେଟକୁ ଯାଉଛି ତାର ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି।



## ଜଳିଗଲା ଦୁଇ ବଖରା



**ନରସିଂହପୁର, ୨୪।୫ (ସମିସ):** ନରସିଂହପୁର ତହସିଲ ଅନ୍ତର୍ଗତ ଫୁଲୁପଡା ପଞ୍ଚାୟତର ନୂଆଫୁଲ ଗ୍ରାମରେ ଭୟାବହ ଅଗ୍ନିକାଣ୍ଡରେ ସୁଜନ ବେହେରାଙ୍କ ଦୁଇ ବଖରା ଘର ଜଳିଯାଇଛି। ଅଗ୍ନିକାଣ୍ଡରେ ତାଙ୍କର ସମସ୍ତ ଆସବାବପତ୍ର ଜଳିପୋଡି ପାଉଁଶ ହୋଇଯାଇଛି। ଏହି ଘଟଣା ସମ୍ପର୍କରେ ଖବର ପାଇ ନରସିଂହପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ବିଦ୍ୟୁତ ସର୍ଟସର୍କିଟରୁ ହୋଇଥିବା କୁହାଯାଇଛି। ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଉତ୍ସବ

**ସାଲେପୁର,୨୪।୫(ସମିସ):** ଚଳିତ ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ଜପକୁଦଠାରେ ଥିବା ବିଦ୍ୟାର୍ଥୀ ଏକାଡେମୀ ପରିସରରେ ଓମ୍ ଶ୍ରୀରାମ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଅବତନ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରେନ୍ଦ୍ରନାଥ ଶତପଥୀ ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ମିଶ୍ର, ସେକ୍ ସମସୁଦ୍ଦିନ, ଟ୍ରଷ୍ଟର ସଂପାଦକ ଅଧ୍ୟାପକ ରାମଚନ୍ଦ୍ର ପାଣି ପ୍ରମୁଖ ୧୧ଟି ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ଉଚ୍ଚଶିକ୍ଷା ନିମନ୍ତେ ପାଠ୍ୟପୁସ୍ତକ ପ୍ରଦାନ କରିଥିଲେ। ସେହିପରି ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏକାଡେମୀର ମୁଖ୍ୟ ଜୟଦେବ ମହାରଣା ଓ ସହକର୍ମୀ ସୁଷମା ବେହୁରା ପ୍ରମୁଖ ସହଯୋଗ କରିଥିଲେ।



## ଗୋ-ସମ୍ପଦ ବୀମା ଯୋଜନା ସଚେତନତା

**ନିଶ୍ଚିନ୍ତକୋଇଲି,୨୪।୫(ସମିସ):** କାମଧେନୁ ଯୋଜନାରେ ଗୋପାଳକମାନେ କିଭଳି ଅଧିକରୁ ଅଧିକ ଅନ୍ତର୍ଭୁକ୍ତ ହେବେ ଏବଂ ସେମାନଙ୍କ ଗୋ-ସମ୍ପଦ କିପରି ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ସେନେଇ ଏକ ସଚେତନତା କାର୍ଯ୍ୟକ୍ରମ ବଡ଼କ୍ଷୀରସ୍ଥିତ ଗୋପୀନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଗୋପାଳକ ଚାଷୀ ତଥା ଦୁଗ୍ଧଚାଷୀମାନେ ମଧ୍ୟ ସେମାନଙ୍କ ଗାଈକୁ ସୁରକ୍ଷା ଦେବା ପାଇଁ ବୀମା କରିବା ନିମନ୍ତେ ଏକ ବୀମା ମେଳା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ମୋଟ୍ ୩୦ଟି ଗାଈକୁ ବୀମାଭୁକ୍ତ କରାଯାଇଛି। ଏହି ବୀମାଭୁକ୍ତ କରିବାରେ ପ୍ରିମିୟମ୍ ଅର୍ଥ ୮୫ ଶତକଡ଼ା ସରକାର ଦେଉଥିବା ବେଳେ ଗୋପାଳକମାନେ ୧୫ ଶତକଡ଼ା ଅର୍ଥ ଦେଉଛନ୍ତି। ବଡ଼କ୍ଷୀରର ମା' ବିଂଶଭୂଜା ମହିଳା ସମବାୟ ସମିତି(ଓମ୍‌ଫେଡ଼) ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ପାଦକ ପ୍ରତାପ କୁମାର ସିଂହ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀ ପ୍ରକାଶ କୁମାର ବେଉରିଆ ଯୋଗ ଦେଇ ବୀମା ସଂକ୍ରାନ୍ତ ଗୋପାଳକଙ୍କୁ ସଚେତନ କରି ବୀମାପତ୍ର ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମାହାଙ୍ଗା ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ପରିଚାଳକ ବିପିନ କୁମାର ସେଠୀ, ଶାନ୍ତନୁ କୁମାର ଶତପଥୀ, ବୀମା ଏଜେଣ୍ଟ ରାଜୀବ ଲୋଚନ ଚାନ୍ଦ, ଗୋମିତ୍ର ମନୋଜ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସମିତିର ସଭାନେତ୍ରୀ ସୁଷମା ବେହେରା ଓ ନାରୀନେତ୍ରୀ ଅମ୍ରିତା ସିଂହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




## ଡ୍ରାଇଭରଙ୍କ ଏକାଦଶାହରେ ସଂଘର ସହାୟତା



ଟିଗିରିଆ, ୨୪।୫ (ସମିସ): ଟିଗିରିଆ ବ୍ଲକ ଡ୍ରାଇଭର ମହାସଂଘ ଅନ୍ତର୍ଗତ ପୁରୁଣା ଟିଗିରିଆ ପଞ୍ଚାୟତ ଡ୍ରାଇଭର ସଂଘର ସଦସ୍ୟ ମାଧବ ବେହେରାଙ୍କ ଏକାଦଶାହ ଅବସରରେ ଡ୍ରାଇଭର ମହାସଂଘ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଟିଗିରିଆ ଡ୍ରାଇଭର ମହାସଂଘର ସଭାପତି ମନୋଜ କୁମାର ଭୁଜବଳ, ଉପସଭାପତି ଚନ୍ଦ୍ରଶେଖର ପତି, ସମ୍ପାଦକ ସୌମ୍ୟକାନ୍ତ ସାମଲ ଓ ସହସମ୍ପାଦକ ଅମୀୟ କୁମାର ସାହୁଙ୍କ ନେତୃତ୍ୱରେ ଉପସ୍ଥିତ ସମସ୍ତ ସଙ୍ଘର ସଦସ୍ୟ ସ୍ୱର୍ଗତ ବେହେରାଙ୍କ ପୁରୁଣା ଟିଗିରିଆ ପଞ୍ଚାୟତସ୍ଥିତ ପାଇକିଆଁରା ଗ୍ରାମର ବାସଭବନରେ ପହଞ୍ଚି ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯିବା ସହ ଏକ କ୍ୟାଣ୍ଡଲ ଶୋଭାଯାତ୍ରାରେ ସମସ୍ତ ସଦସ୍ୟ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ଡ୍ରାଇଭର ସଂଘର ସଦସ୍ୟଙ୍କ ତରଫରୁ ସ୍ୱର୍ଗତ ବେହେରାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ବେହେରାଙ୍କ ଫୁସଫୁସ ସଂକ୍ରମଣଜନିତ ରୋଗରେ ମୃତ୍ୟୁ ହୋଇଥିଲା।

## ବାସୁକୀ କ୍ଷେତ୍ରର ବାର୍ଷିକ ଉତ୍ସବ ପ୍ରସ୍ତୁତି

**ସାଲେପୁର,୨୪।୫(ସମିସ):** ଚଳିତ ବର୍ଷ ବଟେଶ୍ୱର ଗ୍ରାମରେ ଥିବା ବାସୁକୀକ୍ଷେତ୍ରରେ ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାପାଇଁ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କବି ସଦାଶିବ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ମାସ ୩ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଏହି ବାର୍ଷିକ ଉତ୍ସବ ପାଳନ କରାଯିବାପାଇଁ ସ୍ଥିର କରାଯାଇଥିଲା। ଏଥିରେ ଯଜ୍ଞ ଆଦି ପୂଜାକାର୍ଯ୍ୟ ଅନୁଷ୍ଠିତ ହେବା ସହ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୩ତାରିଖରେ ଅଙ୍କୁରାରୋପଣ, ୪ତାରିଖରେ କଳସ ଶୋଭାଯାତ୍ରା, ମଙ୍ଗଳା ଘଟାଧିବାସ, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳାଦିପୂଜା, ଯଜ୍ଞକର୍ମ ଆରମ୍ଭ ୭ତାରିଖ ଦିନ ଯଜ୍ଞର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯିବା ପାଇଁ ସ୍ଥିର କରାଯାଇଛି। ୫ଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ସାଧୁସନ୍ଥମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଦଧିବାମନଜୀଉଙ୍କ ଚନ୍ଦନ ଯାତ୍ରା ସମ୍ପନ୍ନ

**ନିଶ୍ଚିନ୍ତକୋଇଲି, ୨୪।୫(ସମିସ)**



ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ଅସୁରେଶ୍ୱରସ୍ଥିତ ମହାପ୍ରଭୁ ଶ୍ରୀଦଧିବାମନଜୀଉଙ୍କ ଚନ୍ଦନ ଯାତ୍ରା ସମ୍ପନ୍ନ ହୋଇଛି। ପବିତ୍ର ଅକ୍ଷୟ ତୃତୀୟାଠାରୁ ଏହି ଯାତ୍ରା ଆରମ୍ଭ କରାଯାଇ ୨୧ ଦିନ ଧରି ଚାଲିବା ପରେ ୨୨ ଦିନରେ ହଳଦି ପାଣି କରାଯାଇ ଏହି ଯାତ୍ରାକୁ ଶେଷ କରାଯାଇଛି। ତହସିଲଦାର ଅନିତା ନାୟକଙ୍କ ତତ୍ତ୍ୱାବଧାନରେ ଦଧିବାମନଜୀଉଙ୍କ ଯାତ୍ରା ସଂକ୍ରାନ୍ତ ସମସ୍ତ ନୀତିକାନ୍ତି କରାଯାଇଥିଲା। ପ୍ରତ୍ୟେକ ଦିନ ଶ୍ରୀଜୀଉଙ୍କର ପୂଜା ପଣ୍ଡା ଓ ସେବାୟତଙ୍କ ଦ୍ୱାରା ଦଧିବାମନଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଓ ମା' ଲକ୍ଷ୍ମୀଙ୍କୁ ସୁସଜ୍ଜିତ ବିମାନରେ ଶୋଭାଯାତ୍ରାରେ ଚନ୍ଦନ ପୁଷ୍କରିଣୀରେ ଥିବା ବିଶ୍ରାମ ମନ୍ଦିରରୁ ଅଣାଯାଇ ଚନ୍ଦନଲାଗି ନୀତି କରାଯାଇଥିଲା। ପ୍ରଥମ ଦିନରେ ମହାପ୍ରଭୁଙ୍କୁ ନୌକାରେ ଅଧିଷ୍ଠିତ କରାଯାଇ ଏକଘେରା ଭଉଁରୀ ଖେଳା ଯାଇଥିବା ବେଳେ କ୍ରମଶଃ ଏହା ବଢ଼ି ବଢ଼ି ଶେଷ ଦିନରେ ୨୧ ଘେରା ନୌକାବିହାରରେ ଭଉଁରୀ ଯାତ୍ରା ହୋଇଥିଲା। ମହାପ୍ରଭୁ ନୌକାବିହାର କରିବା ସମୟରେ ପରିଚ୍ଛା ସେବକ ସୁବାସଚନ୍ଦ୍ର ମିଶ୍ର ଓ ପ୍ରବଚକ ବିଭୂତି ମହାରାଜ ଏବଂ ତାଙ୍କ ସାଥୀଙ୍କ ଦ୍ୱାରା ଭଜନ ସଂକୀର୍ତ୍ତନ କରାଯାଇଥିଲା। ଯାତ୍ରା ଶେଷରେ ଯଥାରୀତି ନୀତିକାନ୍ତି କରାଯାଇ ମହାପ୍ରଭୁଙ୍କୁ ରତ୍ନ ସିଂହାସନରେ ବିଜେ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରଫେସର ଦେବେନ୍ଦ୍ର ଖୁଣ୍ଟିଆ ଏବଂ ବିଜୟ କୁମାର ମିଶ୍ର ସଂଯୋଜନା କରିଥିଲେ।

## ଚକ୍ରାପାଢ଼ି-ଇଟୁଆ ରାସ୍ତା ବିପର୍ଯ୍ୟସ୍ତ

# ଅସରାଏ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି

ବନ୍ତ/ଆଗରପଡ଼ା, ୨୪।୫(ସମିସ)



ବର୍ଷାଧିକ କାଳ ପରେ ମଧ୍ୟ ରାସ୍ତା ମରାମତି ହୋଇ ପାରୁନଥିବାରୁ ଅସରାଏ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହିବା ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଚକ୍ରାପାଢ଼ୀ ଠାରୁ ଇଟୁଆକୁ ଲମ୍ବିଥିବା ୫୦୦ ମିଟର ରାସ୍ତାରେ ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ଚାରିଗାଁ ପଞ୍ଚାୟତ ଅନ୍ତର୍ଗତ ଚକ୍ରାପାଢ଼ୀ-ଇଟୁଆ ରାସ୍ତା ଶୋଚନୀୟ ଭାବେ ଖରାପ ହୋଇ ପଡ଼ିଛି। ରାସ୍ତା ସାରା ଖାଲଖମାରେ ଭର୍ତ୍ତି, ମେଟାଲ ଗୁଡ଼ିକ ରାସ୍ତାରୁ ଉଠି ଯାଇଛି। ଅନ୍ଧାର ରାତିରେ ଯିବା ଅର୍ଥ ବିପଦକୁ ଆମନ୍ତ୍ରଣ କରିବା। ରାସ୍ତା ସମସ୍ୟା ଯୋଗୁଁ ପ୍ରତିଦିନ ବାଇକ୍ ଆରୋହୀମାନେ ପଡ଼ି ଖଣ୍ଡିଆ ଖାବରା ହେଉଥିବାର ପରିଲକ୍ଷିତ ହେଉଛି। ସହର ବଜାରଠାରୁ ଆରମ୍ଭ କରି ଗାଁ ଗଣ୍ଡା ରାସ୍ତାଗୁଡ଼ିକ କଂକ୍ରିଟ୍ କରାଯାଉଥିବାର ସରକାର ଡିଣ୍ଡିମ ପିଟୁଥିବାବେଳେ ଚକ୍ରାପାଢ଼ି ଠାରୁ ଇଟୁଆକୁ ଲମ୍ବିଥିବା ମାତ୍ର ୫ଶହ ମିଟର ରାସ୍ତାରୁ ୪ଶହ ମିଟର କଂକ୍ରିଟ୍ ହୋଇ ନ ପାରିବା ବିଡ଼ମ୍ବନା ବିଷୟ। ଏହି ରାସ୍ତା ଦେଇ ପ୍ରତିଦିନ ବାଲେଶ୍ୱର ଜିଲ୍ଲା ବିଷ୍ଣୁପୁର, ବରଦା, ଗରଡ଼ି, ଗଡ଼ସଂଗ, ଅନ୍ତରା, ନିରଞ୍ଜନବିନ୍ଧା ଆଦିର ଗ୍ରାମବାସୀମାନେ ଯାଆଆସ କରିଥାନ୍ତି। ଏଥି ସହିତ ଏହି ରାସ୍ତାଟି ମଧ୍ୟ ଆଗରପଡ଼ା-ଭଦ୍ରକକୁ ସଂଯୋଗ କରୁଛି। ପ୍ରାୟ ୧୫ ବର୍ଷ ତଳେ ରାସ୍ତାଟି ନିର୍ମାଣ କରା ଯାଇଥିଲା। ଏହାପରେ ଏଠାରେ ମୋରମ ମୁଠାଏ ପଡ଼ି ପାରିନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସଞ୍ଜୟ ପଣ୍ଡା, ପତିତ କର, ଜୀବନ ପଣ୍ଡା, ଶିବ ପ୍ରସାଦ ସାହୁ ପ୍ରମୁଖ ଗ୍ରାମବାସୀମାନେ ଦାବି କରିବା ସହ ତୁରନ୍ତ ମରାମତି କାର୍ଯ୍ୟ ନ ହେଲେ ଆନ୍ଦୋଳନ କରିବେ ବୋଲି ଦୃଢ଼ ଚେତାବନୀ ଦେଇଛନ୍ତି।

# ନବୀକରଣ ନାଁରେ କେନାଲ ରାସ୍ତା ଦୁର୍ବଳ



ବାରିକପୁର, ୨୪।୫(ସମିସ): କେନାଲ ଗର୍ଭ ତଥା ଜଳ ଯୋଗାଣ ବ୍ୟବସ୍ଥା ନବୀକରଣ ନାଁରେ ଗମନାଗମନ ପଥ ଅତ୍ୟନ୍ତ ଦୁର୍ବଳ ହେଉଛି। ଏମିତି ଚିତ୍ର ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ ସରସଦା ପଞ୍ଚାୟତ ବରଦାବଜାର ନିକଟସ୍ଥ ୩ ନମ୍ବର ମୁଖ୍ୟ କେନାଲ ଠାରେ। କେନାଲର ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଦାସ ସାହି ହେଡ ୱାଲ ଯାଏଁ ବିଭାଗ ପକ୍ଷରୁ ଏବେ କଂକ୍ରିଟ ନିର୍ମାଣ ହେଉଛି। ବିଶେଷ କରି କେନାଲ ଦୁଇ ପାର୍ଶ୍ୱରେ ପକ୍କା ସୁରକ୍ଷା ପ୍ରାଚୀର ନିର୍ମାଣ ହେଉଛି। ପ୍ରାୟ ୨ଶହ ମିଟର ରୁ ଅଧିକ ଦୈର୍ଘ୍ୟ ଯାଏଁ ଏହି ନ୍ୱିକରଣ କାର୍ଯ୍ୟ ହେଉଥିବା ଜଣାପଡ଼ିଛି। ପରିତାପର ବିଷୟ କେନାଲର ଉଭୟ ପାର୍ଶ୍ୱ ଗମନାଗମନ ପଥକୁ ଅତି ଗଭୀର ଭାବେ ଖୋଳା ଯାଇ ଏହି କଂକ୍ରିଟ ୱାଲ ନିର୍ମାଣ କାର୍ଯ୍ୟ ହେଉଥିବା ବେଳେ ଏହା ଅତି ବେପରୁଆ ଭାବେ ହେଉଛି। କାରଣ ଯେଉଁ ପୁରୁଣା କେନାଲ ବନ୍ଧକୁ କଟା ଯାଉଛି ତାକୁ ଯଥା ସମ୍ଭବ ମାଟି କିମ୍ବା ବାଲି ଦ୍ୱାରା ସମତୁଲ କରାଯାଉ ନାହିଁ। ଫଳରେ ବର୍ଷା ହେଲେ ରାସ୍ତାରୁ ମାଟି ଖସି ଯିବ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏହା ଉପରେ ବିଭାଗୀୟ ଯନ୍ତ୍ରୀ ଗୁରୁତ୍ୱ ଦେଉନଥିବା ସୂଚନା ମିଳିଛି। ତେଣୁ ଏଷ୍ଟିମେଟ ଅନୁଯାୟୀ ଠିକାଦାର କେବଳ ନବିକରଣ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଗମନାଗମନ ପଥ ସୁରକ୍ଷା ସମ୍ପର୍କରେ ଏଯାଏଁ କେହି ଦୃଷ୍ଟି ଦେଉନାହାନ୍ତି। ଆଗକୁ ଯଦି ବଡ ଧରଣର ବର୍ଷା ହୁଏ ତାହେଲେ ଅବସ୍ଥା ଅସମ୍ଭାଳ ହେବ। ଏହାଛଡା ଏଭଳି କାର୍ଯ୍ୟ ଯୋଗୁଁ ଦୁର୍ଘଟଣା ଘଟି ପାରେ ବୋଲି ମତପ୍ରକାଶ ପାଇଛି। ତେଣୁ ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ମହିଳା ସଂଗଠନ 'ନନ୍ଦିନୀ'ର କର୍ମକର୍ତ୍ତା ଚୟନ

ଭଦ୍ରକ, ୨୪।୫(ସମିସ): ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ମହିଳା ସଂଗଠନ 'ନନ୍ଦିନୀ'ର କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ଭଦ୍ରକ ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଂଗଠନର ସଭାପତି ଭାବେ ଶିକ୍ଷୟିତ୍ରୀ ସରୋଜିନୀ ନାୟକ, ଉପସଭାପତି ଭାବେ ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା



ବାରିକ, ସମାଜସେବୀ ଗୀତାଞ୍ଜଳି ଅଗସ୍ତି, ସମ୍ପାଦକ ଭାବେ ପ୍ରଧାନ ଶିକ୍ଷୟତ୍ରୀ ସଂଯୁକ୍ତା ଯାଦବ, ସହ ସମ୍ପାଦିକା ଭାବେ ଶିକ୍ଷୟତ୍ରୀ ତୃପ୍ତି ଦାସ ଓ ମାମିନା ମାଝୀ ନିର୍ବାଚିତ ହୋଇଥିବା ବେଳେ ଉପଦେଷ୍ଟା ଭାବେ ସଂଗଠିକା ଦମୟନ୍ତୀ ରାଉତଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଏହି ସଂଗଠନ ବିଶେଷ କରି ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ସେବା ଭଳି କାର୍ଯ୍ୟ କରିବା ସହିତ ଓଡ଼ିଶାର ବରପୁତ୍ର ମାନଙ୍କ ଉଦ୍ଦେଶ୍ୟରେ ସେମାନଙ୍କର ଜୟନ୍ତୀ, ଶ୍ରାଦ୍ଧୋତ୍ସବ ମୁଖ୍ୟତଃ ପାଳନ କରିବ ବୋଲି ସଭାପତି ଶ୍ରୀମତୀ ନାୟକ କହିଛନ୍ତି। ଉକ୍ତ ବୈଠକରେ ଉପଦେଷ୍ଟା ରବିନାରାୟଣ ଖିଲାର, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି, ଆଇନଜୀବୀ ପ୍ରବୋଧ ଅଗସ୍ତି ଅତିଥି ଭାବେ ଯୋଗଦେଇ ଥିଲେ।

## ସୁପ୍ରିମକୋର୍ଟ ଓକିଲ ସମ୍ମାନିତ



ବନ୍ତ/ଆଗରପଡ଼ା, ୨୪।୫(ସମିସ): ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପୃଷ୍ଠପୋଷକ ତଥା ସୁପ୍ରିମକୋର୍ଟ ଓକିଲ ଜଗତମୋହନ ସିଂହଙ୍କୁ ସମ୍ମାନିତ କରାଯାଇଛି। ଆଇନ୍‌ର ସର୍ବୋଚ୍ଚ ନ୍ୟାୟାଳୟ ପୂର୍ବରୁ ଏକ ବିସ୍ତୃତ ଆଡ଼ଭୋକେଟ ପ୍ରାକ୍ଟିସିଂ ଭାବରେ ଆଇନ୍‌ର ଫିଲ୍ଡ, ଉତ୍ସର୍ଗ ଓ ଅତିରିକ୍ତ ଯୋଗଦାନ ପାଇଁ ପ୍ଲେକ ଅଫ ଅନର ଶ୍ରୀ ସିଂହଙ୍କୁ ଅଲ୍ ଇଣ୍ଡିଆନ କାଉନସିଲ ଅଫ ଜୁରିଷ୍ଟ ଓ ଅଲ୍ ଇଣ୍ଡିଆ ବାର ଆସୋସିଏସନ ପକ୍ଷରୁ ପ୍ରଦାନ କରାଯାଇଛି। ଶ୍ରୀ ସିଂହ ବିଟିପୁର ଗ୍ରାମର ସ୍ୱର୍ଗତ କିଶୋରୀ ମୋହନ ସିଂହଙ୍କ ପୁଅ ଅଟନ୍ତି।

## ତିହିଡ଼ି ଛାତ୍ରଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର

ତିହିଡ଼ି, ୨୪।୫(ସମିସ): ତିହିଡ଼ି ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ସତ୍ୟଜିତ ସାହୁଙ୍କୁ ଜାତୀୟ ସେବା ଯୋଜନା ତଥା ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟସ ଫୋରମ ତରଫରୁ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି।



ଏହି ସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପ୍ରାକ୍ତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ବିଧାୟକ ସୁରେଶ ରାଉତରାୟ, ପ୍ରାକ୍ତନ କୁଳପତି ପ୍ରଫେସର ଡ. ବିନାୟକ ରଥ ପ୍ରମୁଖ ଯୋଗଦେଇଥିଲେ। ଛାତ୍ର ସତ୍ୟଜିତ ତିହିଡି ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତର ଲିଙ୍ଗାଡ଼ି ଗ୍ରାମର କୃଷକ ନିରଞ୍ଜନ ସାହୁ ଏବଂ ମନୋରମା ସାହୁ ପୁଅ।।

# ନିମ୍ନମାନର ରାସ୍ତା ନିର୍ମାଣ ଅଭିଯୋଗ

ବନ୍ତ/ଆଗରପଡ଼ା, ୨୪।୫(ସମିସ): ବନ୍ତ ବ୍ଲକ ଟିଲୋ ପଞ୍ଚାୟତ ମଧୁପୁର, ରାଜସାହି ଠାରୁ କୋଠଡିଅ ପର୍ଯ୍ୟନ୍ତ ନିର୍ମାଣାଧୀନ କଂକ୍ରିଟ ରାସ୍ତା ନିମ୍ନମାନର ହେଉଥିବାର ଗ୍ରାମବାସୀମାନେ ଅଭିଯୋଗ କରୁଛନ୍ତି। ସୂଚନାଯୋଗ୍ୟ, ଏହି କଂକ୍ରିଟ ରାସ୍ତା ନିର୍ମାଣରେ ଆବଶ୍ୟକୀୟ ସିମେଣ୍ଟ ବ୍ୟବହାର ହେଉ ନାହିଁ କି ଥିକନେସ ଠିକ ରହୁନି। ଉକ୍ତ ନିର୍ମାଣ କାର୍ଯ୍ୟରେ କୌଣସି ସୂଚନା ଫଳକ ଲାଗି ନ ଥିବାର ମଧ୍ୟ ଦେଖିବାକୁ ମିଳିଛି। ନିର୍ମାଣ କାର୍ଯ୍ୟ ସମୟରେ ଯନ୍ତ୍ରୀ ଉପସ୍ଥିତ ରହୁ ନାହାଁନ୍ତି। ଏହିପରି ନାନାଦି ଅଭିଯୋଗମାନ ଶୁଣିବାକୁ ମିଳୁଛି। ସ୍ଥାନୀୟ ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଫୋନ୍ କଲ୍ କରିବା ସତ୍ତ୍ୱେ ମଧ୍ୟ ସେ କୌଣସି ଉତ୍ତର ଦେଉ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହି ରାସ୍ତାର ସ୍ଥାୟିତ୍ୱ



ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ୫୦ ଫୁଟ ଧସିଲା କୋଚିଲା ନଦୀବନ୍ଧ



ଅସୁରାଳି/ଡୋବଲ, ୨୪।୫(ସମିସ): ଧାମନଗର ବ୍ଲକରେ ପ୍ରବାହିତ ହେଉଥିବା ଉପର ସଇଲୋ ଗ୍ରାମ ନିକଟ କୋଚିଲା ନଦୀର ଡାହାଣ ପାର୍ଶ୍ୱ ନଦୀ ବନ୍ଧ ପାଖାପାଖି ୫୦ ଫୁଟ ଧସିଯାଇଛି। ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ମାତ୍ର ନିମ୍ନମାନର କାର୍ଯ୍ୟ ପାଇଁ ସେଇ କାର୍ଯ୍ୟ କେଇଟା ଦିନ ପରେ ବନ୍ଧ ଦବିଯାଇଥିଲା ଏବଂ ମରାମତି ବି ହୋଇଥିଲା। ପୁଣି ଆଜି ସେହି ସ୍ଥାନରେ ପାଖାପାଖି ୫୦ ଫୁଟରୁ ଉର୍ଦ୍ଧ୍ୱ ହେବ ବନ୍ଧ ଫାଟି ଯିବା ସହିତ ନଦୀ ଗର୍ଭକୁ ଧସି ଯାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ ବାରମ୍ବାର ସମାନ ସ୍ଥାନରେ ଗର୍ତ୍ତ, ଘାଇ ସୃଷ୍ଟି ହେଉଛି। ପଥର ପ୍ୟାକିଂରେ ତ୍ରୁଟି ଓ ରୁଲିଂ କରି ନଥିବାରୁ ବନ୍ଧ ଗୁଡ଼ିକ ବହୁଦିନ ପର୍ଯ୍ୟନ୍ତ ଟେକି ରହିପାରୁନାହିଁ। ମାସେ ପରେ ବର୍ଷା ଦିନ ଆରମ୍ଭ ହୋଇଯିବ ଏଣୁ ସ୍ଥାନୀୟ ବାସିନ୍ଦା ନଦୀବନ୍ଧର ଦୂରାବସ୍ଥାକୁ ଦେଖି ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବାରମ୍ବାର ଏମିତି ଘଟଣା ଘଟିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଦୋଷ ଦେଇଛନ୍ତି ସ୍ଥାନୀୟ ବାସିନ୍ଦା। ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଅଧିକାରୀ ଶରତ ଘଡାଇଙ୍କୁ ପଚାରିବାରୁ ଉକ୍ତ ନଦୀବନ୍ଧ ଉପରେ ନଜର ରଖାଯାଇଛି ବୋଲି କହିବା ସହ ଖୁବ୍‌ଶୀଘ୍ର ପଥର ପ୍ୟାକିଂ ସହ ନଦୀବନ୍ଧକୁ ସୁଦୃଢ଼ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଭଣ୍ଡାରିପୋଖରୀ ହାଇସ୍କୁଲ କ୍ୟାଡେଟ୍‌ଙ୍କ ସଫଳତା

ଭଣ୍ଡାରିପୋଖରୀ, ୨୪।୫(ସମିସ): ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ତଥା ଆର୍ମୀ ଏନ୍‌ସିସି ଏକାଡେମୀର ଦ୍ୱିତୀୟ ବର୍ଷ କ୍ୟାଡେଟ ଦୁର୍ଗେଶ ନନ୍ଦିନୀ ସାହୁ ସଫଳତା ଅର୍ଜନ କରିଛନ୍ତି। ଭଦ୍ରକ ମହାବିଦ୍ୟାଳୟରେ ଥିବା ଏନ୍‌ସିସି ସପ୍ତମ ଓଡ଼ିଶା ବ୍ୟାଟାଲିଅନ ପକ୍ଷରୁ ତିହିଡି ଦହପାଣିଆ ହାଇସ୍କୁଲରେ ଗତ ୧୫ ତାରିଖରୁ ଅନୁଷ୍ଠିତ କ୍ୟାମ୍ପରେ ସାଧାରଣ ଜ୍ଞାନ ପ୍ରତିଯୋଗିତା



ଅନୁଷ୍ଠିତ ହୋଇଥିଲା। କ୍ରୀଡା ଶିକ୍ଷକ ତଥା ଏନ୍‌ସିସି. ଅଧିକାରୀ ମାନସ ସାହୁଙ୍କ ତତ୍ତ୍ୱାବଧାନରେ ଦୁର୍ଗେଶ ଅଂଶଗ୍ରହଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଶନିବାର ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଏନ୍‌ସିସି ସପ୍ତମ ଓଡ଼ିଶା ବ୍ୟାଟାଲିଅନ କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣେଲ ଶୈଳେନ୍ଦ୍ର ସିଂ ରଘୁବଂଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ କ୍ୟାଡେଟଙ୍କୁ ପୁରସ୍କୃତ କରିଥିଲେ।

## ବାଲିମୁଣ୍ଡାରୁ ଚୋରା ଡିଜେଲ ଟ୍ୟାଙ୍କର ଜବତ

ବାସୁଦେବପୁର, ୨୪।୫(ସମିସ): ବାସୁଦେବପୁର ବ୍ଲକର ବାଲିମୁଣ୍ଡା ଏୟାର ଷ୍ଟ୍ରିପ ରାସ୍ତାର ଏକ ଚୋରା ଡିଜେଲ ବୋଝେଇ ଟ୍ୟାଙ୍କକୁ ଜବଦ କରିଛି ନାୟକାଣୀଡିହି ପୁଲିସ। ବାସୁଦେବପୁର ବ୍ଲକର ବାଲିମୁଣ୍ଡା ପଞ୍ଚାୟତ ଧାମରା ବନ୍ଦର ଏୟାରଷ୍ଟ୍ରିପ ନିର୍ମାଣ କାର୍ଯ୍ୟ ଦୃତଗତିରେ ଆଗେଇ ଚାଲିଛି। ବାଲିମୁଣ୍ଡା ଓ ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ଚିଙ୍ଗୁଡି ଚାଷ ହେଉଅଛି। ଏହି ଚିଙ୍ଗୁଡି ପ୍ଲାଣ୍ଟର ଏରିଏଟର ମୋଟର ଚଳାଇବା ପାଇଁ ଡିଜେଲ ଆବଶ୍ୟକତା ରହିଛି। ପ୍ରତିଦିନ ଧାମରା ବନ୍ଦରକୁ ଶହ ଶହ ଆଇରନ ବୋଝେଇ ଟ୍ରକ ଯାତାୟତ କରୁଛି। କିଛି ଅସାମାଜିକ ବ୍ୟକ୍ତି ଚୋରା ଡିଜେଲ କାରବାର ରାକେଟ ଚଳାଇଛନ୍ତି। ରାସ୍ତା ପାର୍ଶ୍ୱର ଗଡ଼ି ଉଠିଥିବା ଛୋଟ ଛୋଟ ଦୋକାନ ବିଳମ୍ବିତ ରାତ୍ରିର ଚୋରା ଡିଜେଲ କାରବାର ଚାଲୁଛି। ଆଜି ଏକ ଟ୍ୟାଙ୍କ (ବାଲିମୁଣ୍ଡା ଏୟାର ଷ୍ଟ୍ରିପ ରାସ୍ତାର ଭିତରକୁ ନେଇ ଡ୍ରମରେ ବୋଝେଇ କରି ପିକଅପ୍ ଅଟୋ ଓ ଟାଟାଏସିରେ ବୋଝେଇ କରି ଅପରାହ୍ନ ଠାରୁ ବିକ୍ରି ହେଉଅଛି। ଏହି ଚୋରା ତେଲ ନେବାକୁ ବେଶ ଗହଳି ଲାଗିଥିଲା। ଏହି ରାସ୍ତା ଠାରୁ ଅଧା କିଲୋମିଟର ଦୂରତାରେ ପେଟ୍ରୋଲ ଓ ଡିଜେଲ ଟାଙ୍କି ରହିଛି। ବେଆଇନ ଭାବେ ଚୋରାରେ କାରବାର ଚାଲିଥିବାର ସୂଚନା ପାଇ ନାୟକାଣୀଡିହି ପୋଲିସ ଟ୍ୟାଙ୍କର ଓ ତେଲକୁ ଜବଦ କରି ଚାଳକଙ୍କୁ ଅଟକ ରଖି ଚୋରା ଡିଜେଲ କାରବାର ପୋଲିସ ଖିଅ ଖୋଜୁଛି। ଏ ସମ୍ପର୍କରେ ନାୟକାଣୀଡିହି ଥାନା ଅଧିକାରୀ ରାଜଲକ୍ଷ୍ମୀ ନାୟକଙ୍କୁ ପଚାରିବାରୁ ସେ କହିଲେ ଟ୍ୟାଙ୍କର ଜବତ ହୋଇ ତଦନ୍ତ ଚାଲିଛି।

## 'ଦିଶା' ଓ 'ଉଇ ଦି ଚେଞ୍ଜ' ପକ୍ଷରୁ ସଚେତନତା ଅଭିଯାନ

ଭଦ୍ରକ, ୨୪।୫(ସମିସ): ଭଦ୍ରକ ସହରରେ ଥିବା ସ୍ୱେଚ୍ଛାସେବୀ ସଂଗଠନ 'ଦିଶା' ଓ 'ଉଇ ଦି ଚେଞ୍ଜ' ତରଫରୁ ରେଡିଓ ବୁଲବୁଲ ସହାୟତାରେ ଚଳିତ ମାସ ମେ' ୧୮ ତାରିଖରୁ ଏକ ଅଭିଯାନ ଆରମ୍ଭ ହୋଇଛି। ଯାହା ଆସନ୍ତା ଜୁନ ମାସ ପର୍ଯ୍ୟନ୍ତ ଜାରି ରହିବ। ଏଥିରେ କିଶୋରମାନଙ୍କ ମଧ୍ୟରେ ଋତୁସ୍ରାବ ସମସ୍ୟା ସମ୍ପର୍କରେ ଆଲେଶଚନା କରାଯିବ। ମାସିକ ଋତୁସ୍ରାବର ସଚେତନତା ମୂଳକ କାର୍ଯ୍ୟକ୍ରମ ରେଡିଓ ବୁଲବୁଲର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅଭିଯାନରେ ସ୍ଥାନୀୟ ଚରମ୍ପାର ଜାନୁଗଞ୍ଜ ସାହି ଓ ବେଲଦା, ତଥା ଛୋଟ ଶଙ୍କରପୁର ଏହି ୩ଟି ଗ୍ରାମରେ ଅନେକ କିଶୋରୀ ମାନଙ୍କୁ ନେଇ ଋତୁସ୍ରାବ ସମ୍ପର୍କିତ ଏକ ବୈଠକ ହୋଇଯାଇଛି। ଏହା ବ୍ୟତିତ, ରେଡ଼ିଓ ବୁଲବୁଲ ଦ୍ୱାରା ଆୟୋଜିତ ବିଶେଷ କାର୍ଯ୍ୟକ୍ରମ ତଥା କୁଇଜ୍ ଏବଂ ଅନ୍ୟାନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

## ଅବହେଳିତ ପିଲାଙ୍କ ଆଧାର ପଞ୍ଜୀକରଣ ଅଭିଯାନ

ଭଦ୍ରକ, ୨୪।୫(ସମିସ): ରାଷ୍ଟ୍ରୀୟ ଆଇନ୍‌ସେବା ଓ ରାଜ୍ୟ ଆଇନ୍‌ସେବା ପ୍ରାଧୀକରଣଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣ ପକ୍ଷରୁ ସାଥୀ ଅଭିଯାନ ମାଧ୍ୟମରେ ନିଃସହାୟ ତଥା ଅବହେଳିତ ପିଲାମାନଙ୍କୁ ଚିହ୍ନଟ ଏବଂ ଆଧାର ପଞ୍ଜୀକରଣ, ଆଇନ୍‌ଗତ ସହାୟତା ପ୍ରଦାନ କରିବା ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧକ୍ଷ ପ୍ରଭାତ କୁମାର ରାଜଗୁରୁ ନିର୍ଦ୍ଦେଶକ୍ରମେ ପୁଣ୍ୟଶ୍ଲୋକ ରଥ, ସଚିବ, ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣ, ଭଦ୍ରକଙ୍କ ତତ୍ତ୍ୱାବଧାନରେ ଏକ ସାଥୀ କମିଟି ଗଠନ କରାଯାଇ ସଦସ୍ୟ ରୂପେ ପ୍ୟାନେଲ ଓକିଲ, ପାରାଲିଗାଲ୍ ସ୍ୱେଚ୍ଛାସେବୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତଥା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, କିଶୋର ପରିଷଦର ପୁଲିସ୍ ଅଧିକାରୀ, ଶିଶୁ ଯତ୍ନ ପ୍ରତିଷ୍ଠାନର ଅଧୀକ୍ଷକ, ଜିଲ୍ଲାର ୭ ଟି ତହସିଲଦାରମାନଙ୍କୁ ନେଇ ଏହି ତାଲିମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସାଥୀ ଅଭିଯାନ ପ୍ରକ୍ରିୟାର ମୂଳ ଲକ୍ଷ୍ୟରୂପେ ଯେପରି କୌଣସି ପିଲା ଆଇନ୍‌ଗତ ପରିଚୟ ବା କୌଣସିଟି ଶିଶୁ ଯେପରି ବିନା ପରିଚୟରେ ନରହିବେ ସେ ସମ୍ପର୍କରେ ବିଷଦଭାବେ ଆଲୋଚନା କରାଯାଇଥିଲା। ଯଦି କୌଣସ ନିଃସହାୟ ପିଲାର ଆଇନ୍‌ଗତ ସହାୟତା ତଥା ସରକାରୀ ଯୋଜନାରେ ଅର୍ନ୍ତଭୁକ୍ତ କରାଇବା ନିମିତ୍ତ ସହାୟତା ପାଇଁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ, ଭଦ୍ରକର ସହଯୋଗ କରିବାକୁ ମଧ୍ୟ ସମସ୍ତଙ୍କର ସହଯୋଗ ଲୋଡ଼ା ଯାଉଛି।

## ବିପଦ ସଙ୍କୁଳ ସେତୁ ନିର୍ମାଣ କାର୍ଯ୍ୟ

ବାରିକପୁର, ୨୪।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ଯାଜପୁର ସହରକୁ ସଂଯୋଗ କରୁଥିବା ଛତା୍‌ୱର ବଳିଘାଇ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲୁଥିବା ଦେଖିବାକୁ ମିଳିଛି। ତିନି ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟ ଏଯାଏଁ ଶତକଡା ୫୦ ଭାଗ ଶେଷ ହୋଇନାହିଁ। ନିର୍ମାଣ ଅବଧି ଶେଷ ହେବା ପରେ ପୁଣି ନୂତନ ସମୟସୀମା ଧାର୍ଯ୍ୟ ହୋଇଥିବା ବେଳେ କାମ କିନ୍ତୁ ପୂର୍ବ ଭଳି ଚାଲିଛି। ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାସ୍ତାରେ ଯେଉଁ ଛୋଟ ବଡ ପୋଲ ଗୁଡିକ ନିର୍ମାଣ ହେଉଛି ତାହା ଅତି ବିପଦଜନକ



ଅବସ୍ଥାରେ ହେଉଥିବା ଅଭିଯୋଗ ହୋଇଛି। ସମ୍ପ୍ରତି ପର୍ବତୀ ଘାଟ ଠାରେ ନୂଆ ନଇ (ତିନି ନମ୍ବର ହାଇଲେବୁଲ କେନାଲ) ଉପରେ ପୂର୍ବରୁ ଗୋଟିଏ ସେତୁ ନିର୍ମାଣ ହୋଇଥିବା ବେଳେ ଏବେ ଦ୍ୱିତୀୟ ପୋଲ ନିର୍ମାଣ ପାଇଁ ଠିକା ସଂସ୍ଥା କାର୍ଯ୍ୟ ଆରମ୍ଭ କରିଛି। ପୁରୁଣା ପୋଲଟିକୁ ଭଙ୍ଗା ଯାଇ ଉକ୍ତ ସ୍ଥାନରେ ନୂତନ ସେତୁ ନିର୍ମାଣ ପାଇଁ ମାଟି ଖୋଳା ଯାଇ ବେସ କାର୍ଯ୍ୟ ଆରମ୍ଭ ହୋଇଛି। ଆଶ୍ଚର୍ଯ୍ୟର କଥା ହେଲା ନୀୟମ ଦୃଷ୍ଟିରୁ ନିର୍ମାଣ କାର୍ଯ୍ୟ ପୂର୍ବରୁ ପଥଚାରୀ ମାନଙ୍କ ସୁରକ୍ଷା ଦିଗ ପ୍ରତି ଦୃଷ୍ଟି ଦିଆଯାଇନାହିଁ। ନୂତନ ପୋଲ ନିର୍ମାଣ ସକାଶେ ପୂର୍ବ ନିର୍ମିତ ପୋଲ ଉପରେ କୌଣସି ସ୍ଥାୟୀ କିମ୍ବା ଅସ୍ଥାୟୀ ସୁରକ୍ଷା ପ୍ରାଚୀର ନିର୍ମାଣ ହୋଇନାହିଁ। ତେଣୁ ଯାନବାହାନ ଚଳାଚଳ ପାଇଁ ଏହା ଘୋର ବିପଦ ସୃଷ୍ଟି କରୁଛି। ଏଥିପାଇଁ ଯେ କେତେବେଳେ ଦୁର୍ଘଟଣା ନଘଟିବ କହି ହେଉନାହିଁ। ତେଣୁ ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ମାନେ ଦାବି କରିଛନ୍ତି।

## ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭଦ୍ରକ, ୨୪।୫(ସମିସ): ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ବିଭିନ୍ନ ଆର୍ଥିକ ଓ ଅଣଆର୍ଥିକ ଦାବି ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅତିରିକ୍ତ ସଚିବ ଆଲୋମଣି ସେଠୀ ଓ ଅନ୍ୟାନ୍ୟ ରାଜସ୍ୱ ବିଭାଗର ସହଯୋଗି ଅଧିକାରୀମାନେ ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟ ସଂଘ ତରଫରୁ ରାଜ୍ୟ ସଭାପତି ସୁଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ଏମଡି ଜାଭେଦ ଅକ୍ତର, ଉପସଭାପତି ତଥା ଭଦ୍ରକ ତହସିଲ ସୁପରଭାଇଜର ଜ୍ୟୋତିରଞ୍ଜନ ପଣ୍ଡା ଓ ଅନ୍ୟାନ୍ୟ ରାଜସ୍ୱ ସଂଘର କାର୍ଯ୍ୟନିର୍ବାହୀ କ୍ଷେତ୍ର ଅଧିକାରୀଗଣ ଆଲୋଚନାଚକ୍ରରେ ପୃଷ୍ଠପୋଷକତା ସହ ପର୍ଯ୍ୟାଲୋଚନା କରିଥଲେ। ସଙ୍ଘର ସଭ୍ୟ ମାନଙ୍କୁ ରାଜସ୍ୱ କର୍ଯ୍ୟକୁ ସ୍ୱଚ୍ଛ ଓ ସେବା ମନବୃତ୍ତି ରଖି କାର୍ଯ୍ୟ କରିବା ନେଇ ଏକ ନୂତନ ପ୍ରେରଣା ଓ ଦିଗଦର୍ଶନ ଦେଇଥିଲେ ବୋଲି ଭଦ୍ରକ ତହସିଲ ରାଜସ୍ୱ ପର୍ଯ୍ୟବେକ୍ଷକ ତଥା ରାଜ୍ୟ ଉପସଭାପତି, ରାଜସ୍ୱ କ୍ଷେତ୍ର ଅଧିକାରୀ ସଙ୍ଘ କେନ୍ଦ୍ରୀୟ ଜୋନ ଜ୍ୟୋତିରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି।



# ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ଜୟନ୍ତୀ

ତିହିଡ଼ି/ବାସୁଦେବପୁର, ୨୪।୫(ସମିସ)




ତିହିଡ଼ି ବିଜେଡି ତରଫରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ୧୦୫ତମ ଜୟନ୍ତୀ ତିହିଡ଼ି ଠାରେ ପାଳିତ ହୋଇଯାଇଛି। ତାଙ୍କ ଗ୍ରାମ ତିହିଡ଼ି ବ୍ଲକ ଅଧୀନ ମୁକୁନ୍ଦପୁରରେ ଅବସ୍ଥିତ ସମାଧିପୀଠରେ ବିଜେଡି ନେତା, କର୍ମୀ ଓ ବହୁ ସାଧାରଣ ଜନତା ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ଦଳ କାର୍ଯ୍ୟାଳୟରେ ଦଳର ବରିଷ୍ଠ ନେତା ତଥା ଜିଲ୍ଲା ଉପସଭାପତି ସୁରେନ୍ଦ୍ର କୁମାର ନାୟକଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ମହରମପୁର ସରପଞ୍ଚ ତାପସ ବେହେରା, ମୁକୁନ୍ଦପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସୁଧାଂଶୁ ଶେଖର ମହାଳିକ, ପୂର୍ବତନ ସମିତି ସଭ୍ୟ ସଂଗ୍ରାମକେଶରୀ ଦାସ, ନାରାୟଣ ଚନ୍ଦ୍ର ସେଠୀ, ସୌମ୍ୟରଞ୍ଜନ ପରିଡ଼ା, ମୁକୁନ୍ଦପୁର ବିଜେଡି ସଭାପତି ଗଣେଶ ନାୟକ, ବିପିନ ବେହେରା, ମଙ୍ଗଳପୁର ସମବାୟ ସମିତି ସଭାପତି ନିତ୍ୟାନନ୍ଦ ବେହେରା, ପ୍ରଫୁଲ୍ଲ ଯତି, ପ୍ରେମାନନ୍ଦ ମଲିକ, ଟୁଗୁଲି ବେହେରା ପ୍ରମୁଖ ଯୋଗଦେଇଥିଲେ। ପରେ ବିଜେଡି ତରଫରୁ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସେହିପରି ବାସୁଦେବପୁର ପୌରପାଳିକାର ନୀଳମଣୀ ମାର୍କେଟ କମ୍ପ୍ଲେକ୍ସରେ ନୀଳମଣୀ ରାଉତରାୟଙ୍କ ପ୍ରତିମୂର୍ତ୍ତିରେ ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ପୌରପାଳିକାର ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବାସନ୍ତୀ ବାଲାଜୀ ଜରାଶ୍ରମର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ। ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ, ବାଲିମେଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପଳିତା, କାଉନସିଲର ଚନ୍ଦନ ସେନ, ଗୌତମ ସେଠୀ, ପୂର୍ବତନ କାଉନସିଲର ମାନସ ରଞ୍ଜନ ସାହୁ, ଉମେଶ ଚନ୍ଦ୍ର ନାୟକ, ବିଜେଡି ନଗର ସଭାପତି ଶ୍ୟାମସୁନ୍ଦର ମହାନ୍ତି, ସୁଶାନ୍ତ ସେଠୀ, କାଳନ୍ଦୀ ଚରଣ ସାହୁ, ମାନସ ରଞ୍ଜନ ପଟ୍ଟନାୟକ, କମଳାକାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ।

ସକାଳ
THE SAKALA



ପାଞ୍ଚ ବର୍ଷ ହେଲା ଚାଲିଛି କାଳିଗିରି ପୋଲ ନିର୍ମାଣ

# ୪ ବର୍ଷ ହେଲା ସରିଲାଣି ଅବଧି; ଲୋକେ ହନ୍ତସନ୍ତ

ଭାପୁର,୨୪।୫(ସମିସ)

ଅଞ୍ଚଳର ବିକାଶ ଏହାର ଗମନାଗମନ ଓ ରାସ୍ତାଘାଟ ଉପରେ ନିର୍ଭର କରିଥାଏ। ମାତ୍ର ଠିକାଦାରଙ୍କ ମନମାନୀ ଓ ପ୍ରଶାସନିକ ସ୍ଥାଣୁତା ଯେ କିପରି ଲକ୍ଷ ଲକ୍ଷ ଲୋକଙ୍କ ପ୍ରଗତୀରେ ବାଧକ ହୋଇପାରେ ତାହା ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ କାଳିଗିରି ପୋଲ ଏକ ଜ୍ୱଳନ୍ତ ଉଦାହରଣ। ୫ ବର୍ଷ ହେଲାଣି ଏହି କାମ ଚାଲିଥିବାବେଳେ ୪ ବର୍ଷ ହେଲାଣି ଏହି କାର୍ଯ୍ୟର ଅବଧି ଶେଷ ହୋଇଗଲାଣି।



ଖୋର୍ଦ୍ଧା ଜିଲ୍ଲା ବାଘମାରୀଠାରୁ କଳାପଥର, ଫତେଗଡ଼, କଣ୍ଟିଲୋ ଦେଇ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଯାଇଥିବା ୪୮ ନମ୍ବର ରାଜ୍ୟ ରାଜପଥର ଫତେଗଡ଼ଠାରେ ଥିବା କାଳିଗିରି ପୋଲଟି ପୂର୍ବରୁ ନିଚ୍ଚା ଥିବାରୁ ମହାନଦୀର ବନ୍ୟା ପାଣି ଆସିଲେ ଏହା ବୁଡ଼ି ଯାଇଥାଏ। ନୟାଗଡ଼ ଜିଲ୍ଲାର ଭାପୁର, ଖଣ୍ଡପଡ଼ା, ଗଣିଆ ଓ ଦଶପଲ୍ଲା ବ୍ଲକ୍‌ର ଜୀବନରେଖା ଭାବେ ପରିଚିତ ଏହି ରାସ୍ତା। ଏହି ପୋଲ ଯୋଗୁଁ ବର୍ଷା ଦିନେ ରାଜଧାନୀ ସହ ଅନେକ ସମୟରେ ଅଞ୍ଚଳବାସୀଙ୍କ ଯୋଗଯୋଗ ବିଚ୍ଛିନ୍ନ ହୋଇଯାଇଥାଏ। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ରାଜ୍ୟ ସରକାର ଏହି ନଦୀ ଉପରେ ଏକ ନୂତନ ପୋଲ ନିର୍ମାଣ ପାଇଁ ୧୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ପୋଲର ଉଚ୍ଚତା ଅଧିକ ହେବା ସହ ଅଧିକ ପ୍ରଶସ୍ତ ମଧ୍ୟ ହେବ। ଏହାର ଟେଣ୍ଡର ଭୁବନେଶ୍ୱରର ତକ୍ଷଶୀଳା ପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡ୍ କାମ ନେଇ ୨୦୨୧ରୁ କାର୍ଯ୍ୟ ଆରମ୍ଭ କରିଛି। ଏହାର ନିର୍ମାଣ କାର୍ଯ୍ୟ ୨୦୨୨ ଏପ୍ରିଲ ମାସରେ ସରିବା କଥା। ମାତ୍ର ନିର୍ମାଣ ସମ୍ପୂର୍ଣ୍ଣ ହେବାର ଅବଧି ସରିବାର ୪ବର୍ଷ ପରେ ବି ଏହା ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଏହାର ନିର୍ମାଣ ଆହୁରି ୧ ବର୍ଷ ଲାଗିବ ବୋଲି କୁହାଯାଉଛି। ଠିକାଦାରଙ୍କ ଏପରି ମନମାନୀ ଓ ଶିଥିଳତା ପଛରେ ବିଭାଗୀୟ ବଡ଼ପଣ୍ଡାମାନଙ୍କ ଆଶୀର୍ବାଦ ରହିଛି। ଏପରିକି ଠିକାଦାର ବିଭାଗୀୟ ଯନ୍ତ୍ରୀଙ୍କ କଥାକୁ କୁଆଡ଼େ କର୍ଣ୍ଣପାତ କରୁନାହିଁ ବୋଲି ଆଲୋଚନା ହେଉଛି। ଏକ ସପ୍ତାହ ଭିତରେ ଓଡ଼ିଶାରେ ଆସି ମୌସୁମୀ ପହଞ୍ଚିଯିବ। ଗୋଟିଏ ଦୁଇଟି ବଡ଼ ଧରଣର ବର୍ଷା ହେଲେ ଏହାର ଅସ୍ଥାୟୀ ରାସ୍ତା ବୁଡ଼ିଯିବା ସହ ଶ୍ରମିକମାନେ ରହୁଥିବା ଅସ୍ଥାୟୀ ଘର ମଧ୍ୟ ବୁଡ଼ିଯିବ। ଏପରି ଅବସ୍ଥାରେ ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ ସାରିବାକୁ ଦାବି ହେଉଛି। ଜିଲ୍ଲାପାଳ ନିଜେ ଏହାର ସମୀକ୍ଷା କଲେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ଜନସାଧାରଣ ଆଶା କରୁଛନ୍ତି।

● ଯୁବତୀଙ୍କୁ ବିବାହ କରିବାକୁ ମନା କରିବାରୁ...

## ଯୁବକଙ୍କ ପରିବାରକୁ ନିଆଁ, ପାଣି ବାସନ୍ଦ

**କାଟିଦେଲେ ବିଦ୍ୟୁତ୍ ସଂଯୋଗ**

କଣାସ, ୨୪।୫ (ସମିସ): ଯୁବତୀଙ୍କୁ ବିବାହ କରିବାକୁ ମନା କରିଦେବାରୁ କଙ୍ଗାରୁ କୋର୍ଟରେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରିବାରକୁ ପରିବାରକୁ ନିଆଁ, ପାଣି ବାସନ୍ଦ। ତାଙ୍କ ପରିବାରକୁ ମନ୍ଦିର ଓ ଦୋକାନରୁ ସଉଦା କିଣିବାକୁ ମଧ୍ୟ ବାରଣ କରାଯାଉଛି। ଏପରିକି, ତାଙ୍କ ଘରର ବିଦ୍ୟୁତ୍ ସଂଯୋଗ ମଧ୍ୟ ବିଚ୍ଛିନ୍ନ କରିଦେଇଛନ୍ତି। ମାସେ କି ଦୁଇ ମାସ ନୁହେଁ, ପାଖାପାଖି ୧୧ ମାସ ହେଲା କଣାସ ବ୍ଲକ୍ ବଡ଼ାଲ ପଞ୍ଚାୟତ ଓଗାଳପୁର ଗ୍ରାମର ଲକ୍ଷ୍ମୀଧର ପଲାଇଙ୍କ ପରିବାରକୁ ଏମିତି ବାସନ୍ଦ ଜୀବନ ବିତାଇବାକୁ ପଡ଼ୁଛି। ଏଥିରେ ଅତିଷ୍ଠ ହୋଇ ଲକ୍ଷ୍ମୀଧର ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିଛନ୍ତି। ଲକ୍ଷ୍ମୀଧରଙ୍କ ଝିଅ ମଧ୍ୟ ପୂର୍ବରୁ ଏ ସଂପର୍କରେ ସେ ପୁରୀ ଏସ୍‌ଡିପିଓଙ୍କୁ ସାକ୍ଷାତ କରି ଅଭିଯୋଗ କରିସାରିଛନ୍ତି। ମିଳିଥିବା ସୂଚନାନୁଯାୟୀ, ଗ୍ରାମର ଜଣେ ଯୁବତୀଙ୍କ ସହ ଲକ୍ଷ୍ମୀଧରଙ୍କ ପୁଅ ମନୋଜ ପଲାଇଙ୍କ ୫ ବର୍ଷ ଧରି ସଂପର୍କ ଥିଲା। ମନୋଜ ତାଙ୍କୁ ବିବାହ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରେ ମନା କରିଦେବାରୁ ଯୁବତୀଜଣଙ୍କ ତାଙ୍କ ଘର ସମ୍ମୁଖରେ ଧାରଣା ଦେଇଥିଲେ। କଥା ବଢ଼ିବାରୁ, ଗ୍ରାମବାସୀମାନେ କଙ୍ଗାରୁ କୋର୍ଟ ବସାଇ ମାମଲାର ଫଇସଲା କରିଥିଲେ। କେତେକ ଭଦ୍ରବ୍ୟକ୍ତିଙ୍କୁ ଡକାଇ ହାଡ଼ିବନ୍ଧୁଙ୍କ ସଭାପତିତ୍ୱରେ ଗଡ଼ିଶାଗୋଦା ଥାନା ନିକଟରେ ଏକ ବୈଠକ ବସିଥିଲା। ଏଥିରେ ମନୋଜ ଓ ଉକ୍ତ ଯୁବତୀଙ୍କୁ ମଧ୍ୟ ଡକାଯାଇଥିଲା। ତେବେ ମନୋଜ ଉକ୍ତ ଯୁବତୀଙ୍କୁ ବିବାହ କରିବେ ନାହିଁ ବୋଲି ମନା କରିଦେବାରୁ ତାଙ୍କ ପରିବାରକୁ ନିଆଁ, ପାଣି ବାସନ୍ଦ କରିଦିଆଯାଇଥିଲା। ଏହାସହ ଯୁବତୀଜଣଙ୍କ ମଧ୍ୟ ଏ ସଂପର୍କରେ ଥାନାରେ ଏତଲା ଦେଇଥିଲେ। ଗଡ଼ିଶାଗୋଦା ପୁଲିସ୍ ଅଭିଯୋଗକୁ ଭିତ୍ତି କରି ମନୋଜ, ବାପା ଲକ୍ଷ୍ମୀଧର ପଲାଇ, ମାଆ ଖୁଲଣାଙ୍କ ନାମରେ ମାମଲା ରୁଜୁ କରି କରିଥିଲେ। ଲକ୍ଷ୍ମୀଧର ଓ ଖୁଲଣାଙ୍କୁ ହାଇକୋର୍ଟରୁ ଜାମିନ ମିଳି ଯାଇଥିବା ବେଳେ ମନୋଜଙ୍କୁ ପୁଲିସ୍ କୋର୍ଟଚାଲାଣ କରିଥିଲେ। ମନୋଜ ୨୨ ଦିନ ଧରି ଜେଲ୍‌ରେ ରହିବା ପରେ ଜାମିନରେ ଆସିଥିବା ବେଳେ କୋର୍ଟରେ ମାମଲା ଚାଲୁ ରହିଛି। ତେବେ ଗ୍ରାମବାସୀମାନେ ମଝିରେ ଲକ୍ଷ୍ମୀଧରଙ୍କ ଘରର ବିଦ୍ୟୁତ୍ ସଂଯୋଗ କାଟି ଦେଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଣିଥରେ ସଂଯୋଗ କରାଯାଇଥିଲା। କିନ୍ତୁ ପୁଣିଥରେ କିଛି ଗ୍ରାମବାସୀ ତାଙ୍କ ଘରର ବିଦ୍ୟୁତ୍ କାଟିଦେବାରୁ ଲକ୍ଷ୍ମୀଧର ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ୍ ଏକ ମାମଲା ରୁଜୁ କରିଛି। ବିଦ୍ୟୁତ୍ ସରବରାହ ଯୋଗାଇବା ପାଇଁ କଣାସ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ପାଖକୁ ଲକ୍ଷ୍ମୀଧରଙ୍କୁ ପଠାଇଛନ୍ତି। ଖବର ପାଇ କନିଷ୍ଠ ଯନ୍ତ୍ରୀ ବିଦ୍ୟୁତ୍ ସରବରାହ ଚାଲୁ କରିଥିଲେ।

## ଛାମୁଣ୍ଡିଆ ବନାଞ୍ଚଳରେ ମାଂସାସୀ ଓ ତୃଣଭୋଜି ପ୍ରାଣୀ ଗଣନା

ଗଣିଆ,୨୪।୫(ସମିସ): ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳରେ ଗତ ୧୯ ତାରିଖଠାରୁ ଆରମ୍ଭ ହୋଇଥିବା ମାଂସାସୀ ଓ ତୃଣଭୋଜି ବନ୍ୟପ୍ରାଣୀଙ୍କ ଗଣନା ଶନିବାର ଶେଷ ହୋଇଛି। ଛାମୁଣ୍ଡିଆ ବନାଞ୍ଚଳରେ ବନ କର୍ମଚାରୀଙ୍କ ୧୧ଟି ଟିମ୍ ଗଠନ କରାଯାଇ ଗଣନା କରାଯାଇଥିଲା। ୧୧ଟି ବିଟ୍ ହାଉସ୍‌କୁ ନେଇ ୧୧ ଟିମ୍‌ରେ ୩୩ ଜଣ ବନ କର୍ମଚାରୀ ଓ ଅସ୍ଥାୟୀ ବନ କର୍ମଚାରୀ ନିୟୋଜିତ ହୋଇଥିଲେ। ଗତ ୧୯, ୨୦ ଓ ୨୧ ତାରିଖରେ ମାଂସାସୀ ବନ୍ୟପ୍ରାଣୀ ଓ ୨୨, ୨୩, ୨୪ ତାରିଖରେ ତୃଣଭୋଜି ବନ୍ୟପ୍ରାଣୀଙ୍କର ଗଣନା କରାଯାଇଥିଲା। ଏଥିସହ ଗଛଲତା, ଗୁଳ୍ମ, ଘାସ ଆଦି ଗଣନା କରାଯାଇଥିଲା। ବନ କର୍ମଚାରୀମାନେ ଜଙ୍ଗଲର ବିଭିନ୍ନ ସ୍ଥାନରେ ଟ୍ରାଞ୍ଜିଟ୍ ଲାଇନ୍ (ପିଆଇପି) ଦ୍ୱାରା ମାଂସାସୀ ବନ୍ୟପ୍ରାଣୀଙ୍କର ପାଦଚିହ୍ନକୁ ଅନୁସରଣ କରି ଗଣନା କରିଛନ୍ତି। ସେହିପରି ବନ୍ୟପ୍ରାଣୀମାନଙ୍କର ଗର୍ଜନ୍, ରାମ୍ପୁଡ଼ା ଦାଗ ଓ ମଳ ଆଦିକୁ ଦେଖି ଗଣନା କରାଯାଇଥିଲା। ଏତଦ୍‌ବ୍ୟତୀତ ଜଙ୍ଗଲରେ ଲାଗିଥିବା କ୍ୟାମେରା ଦ୍ୱାରା ବନ୍ୟଜନ୍ତୁ ଗଣନା କରାଯାଇଛି। ତେବେ ବନଖଣ୍ଡର ୪ଟି ବନାଞ୍ଚଳର ତଥ୍ୟକୁ ନେଇ ତର୍ଜମା କଲାପରେ ମାଂସାସୀ ଓ ତୃଣଭୋଜିମାନଙ୍କର ସଂଖ୍ୟା ଜଣାପଡ଼ିବ ବୋଲି ଛାମୁଣ୍ଡିଆ ବନାଞ୍ଚଳ ଅଧିକରୀ ଲକ୍ଷ୍ମୀନାରାୟଣ ପଣ୍ଡା ସୂଚନା ଦେଇଛନ୍ତି।

## ଖଇରଗାଡ଼ିଆ ଝିଅ ଜିଲ୍ଲାରେ ତୃତୀୟ



ଭାପୁର,୨୪।୫(ସମିସ): ସମ୍ପ୍ରତି +୨ ପରୀକ୍ଷା ଫଳ ପ୍ରକାଶିତ ହୋଇଯାଇଛି। ଏହି ପରୀକ୍ଷାରେ ଭାପୁର ବ୍ଲକ୍ ଭାପୁର ପଞ୍ଚାୟତ ଖଇରଗାଡ଼ିଆ ଗ୍ରାମର ଝିଅ ଆକାଂକ୍ଷା ଆକସ୍ମିକା ୫୬୯ ନମ୍ବର ରଖି ଜିଲ୍ଲାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ସେ ଜଣେ ମେଧାବୀ ଛାତ୍ରୀ ଭାବେ ମାଟ୍ରିକ୍ ପରୀକ୍ଷାରେ ମଧ୍ୟ ୯୩% ନମ୍ବର ରଖିଥିଲେ। ସେ ଜଣେ ଉତ୍ତମ ଛାତ୍ରୀ ସହ ଭଲ ନୃତ୍ୟଶିଳ୍ପୀ ମଧ୍ୟ ଅଟନ୍ତି। ସେ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଲୋକମାନଙ୍କ ସେବା କରିବା ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି।

## ଆମ୍ବ ଡାଳ ପଡ଼ି ଭାଙ୍ଗିଗଲା ଉଦ୍ୟାନ ବିଭାଗ ପାଚେରି

ଖଣ୍ଡପଡ଼ା,୨୪।୫(ସମିସ): ଖଣ୍ଡପଡ଼ା ଉଦ୍ୟାନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ବାହ୍ୟ ପାଚେରି ଉପରେ ଆମ୍ବ ଗଛର ଏକ ଡାଳ ଭାଙ୍ଗି ପଡ଼ିବାରୁ ପ୍ରାଚୀରର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି। କାଳବୈଶାଖୀ ବର୍ଷା ଓ ପବନ ଯୋଗୁଁ ଏକ ବିରାଟକାୟ ଶୁଖିଲା ଆମ୍ବ ଗଛର ଡାଳ ଭାଙ୍ଗି ପଡ଼ିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଏଥିପ୍ରତି ଉଦ୍ୟାନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ କ୍ଷତିଗ୍ରସ୍ତ ହୋଇଥିବା ବାହ୍ୟ ପ୍ରାଚୀରର ଆନୁଷଙ୍ଗିକ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।

## ଖଣ୍ଡପଡ଼ାରେ ତ୍ରିରଙ୍ଗା ଶୋଭାଯାତ୍ରା

ଖଣ୍ଡପଡ଼ା,୨୪।୫(ସମିସ): ଅପରେସନ ସିନ୍ଦୂର ଜରିଆରେ ଭାରତୀୟ ସେନାବାହିନୀର ଅସୀମ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ଖଣ୍ଡପଡ଼ା ବ୍ଲକ୍ ଅଧୀନ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନଙ୍କ ପୀଠରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଶୁକ୍ରବାର ଅପରାହ୍ଣରେ ବାହାରି ଖଳିସାହି ଗ୍ରାମ ଓ ପରେ ଖଣ୍ଡପଡ଼ା ସହର ପରିକ୍ରମା କରି ମଧୁବନ ମିନି ଷ୍ଟାଡିୟମ୍ ପରିସରରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ବିଜେପି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ଯୁବ ସଂଗଠକ ଜିତେନ୍ଦ୍ର କୁମାର କାଟିଆ, କିଶୋର ବେହେରା, ପରମେଶ୍ୱର ମହାନ୍ତି, ବାପିନା ସାହୁଙ୍କ ସମେତ ଅନ୍ୟମାନେ ସାମିଲ୍ ହୋଇଥିଲେ।

## ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର

ଖଣ୍ଡପଡ଼ା,୨୪।୫(ସମିସ): ଖଣ୍ଡପଡ଼ା ବ୍ଲକ୍ ଅଧୀନ ରୟତ ଢୋଲମରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ମୁକୁତା ପରିଡ଼ା, ସମିତିସଭ୍ୟ ମାନସ କୁମାର ଦାଶ ଅତିଥି ରୂପେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କଟକ ଅର୍ବାନ ହସ୍ପିଟାଲର ଅଭିଜ୍ଞ ଚକ୍ଷୁ ଚିକିତ୍ସକମାନେ ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ଚକ୍ଷୁ ପରୀକ୍ଷା କରିବା ସହ ସେମାନଙ୍କୁ ଚଷମା ପ୍ରଦାନ କରିଥିଲେ। ଡ. ସ୍ୱୟଂ ପ୍ରକାଶ ପାଣି ଓ ସହଯୋଗୀମାନେ ଜନସାଧାରଣଙ୍କର ମୋତିଆ ବିନ୍ଦୁ ପରୀକ୍ଷା କରିବା ସହ ମଧୁମେହ ଓ ରକ୍ତଚାପ ପରୀକ୍ଷଣ କରି ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରିଥିଲେ। ସାମ୍ବାଦିକ ସଦାଶିବ ପାତ୍ର, କନକଲତା ପ୍ରଧାନ ଓ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀମାନେ ଶିବିର ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

## ରାସ୍ତା ଉପରେ ଜମିଛି ବର୍ଷା ଜଳ; ଯାତାୟାତ ବାଧା

ଓଡ଼ଗାଁ,୨୪।୫(ସମିସ): ନୟାଗଡ଼ ଓଡ଼ଗାଁ ଦେଇ ଭଞ୍ଜନଗର ଅଭିମୁଖେ ଯାଇଥିବା ରାଜ୍ୟ ରାଜପଥର ଓଡ଼ଗାଁ ନିକଟ ରଙ୍ଗଣିପାଟଣା ଛକରେ ବର୍ଷାଜଳ ଜମିଯିବା



ଫଳରେ ସାଧାରଣ ଯାତାୟାତ ବାଧାପ୍ରାପ୍ତ ହୋଇଛି। ରାସ୍ତା ପାର୍ଶ୍ୱରେ ଅନେକ ଗୃହ ନିର୍ମାଣ ଚାଲିଥିବା ଯୋଗୁଁ ବର୍ଷାଜଳ ନିଷ୍କାସନ ବାଧାପ୍ରାପ୍ତ ହେବା ଫଳରେ ଏଭଳି ସମସ୍ୟା ଦେଖାଦେଉଛି। ଅପରପକ୍ଷରେ ଗୃହ ନିର୍ମାଣକାରୀ, ରାସ୍ତା ପାଶ୍ୱର୍ ଘର ସାମ୍ନାରେ ମୋରମ୍ ପକାଇଥିବା ସ୍ଥାନ ଉପର ଦେଇ କୌଣସି ଯାନ ଚାଲିଯାଇଥିଲେ ସେଠାରେ ସାଧାରଣ ଯାତ୍ରୀଙ୍କ ଅବସ୍ଥା କହିଲେ ନସରେ। ଛକଟି ସାଧାରଣତଃ ସର୍ବଦା ଭିଡ଼ ଲାଗିରହୁଥିବାରୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ବହୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ସାମାନ୍ୟ ବର୍ଷାରେ ପାଣି ଜମୁଥିବାବେଳେ ବର୍ଷା ଋତୁରେ ଅବସ୍ଥା ଅସମ୍ଭାଳ ହୋଇପଡ଼ିବା ସମ୍ଭାବନା ରହିଛି। କର୍ତ୍ତୃପକ୍ଷଙ୍କ ସାମାନ୍ୟ ଦୃଷ୍ଟି ପଡ଼ିଲେ ସମସ୍ୟାର ସହଜ ସମାଧାନ ହୋଇପାରିବ।

## ମଝିଆଖଣ୍ଡରେ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ



ରଣପୁର,୨୪।୫(ସମିସ): ରଣପୁର ବ୍ଲକ୍ ଅନ୍ତର୍ଗତ ମଝିଆଖଣ୍ଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କିଓର ବେ କ୍ଲିନିକ୍ ତରଫରୁ ୮୦% ରିଆତି ଦରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ତଥା ମାଗଣା ଚକ୍ଷୁ ଚିକିତ୍ସା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲୁ ରହିଥିଲା। କିଓର ବେ ତରଫରୁ କ୍ଲଷ୍ଟର ମ୍ୟାନେଜର ରାଜିବ ମହାନ୍ତି, ଫାର୍ମାସିଷ୍ଟ ଦୀପକ ଖୁଣ୍ଟିଆ, ଷ୍ଟାଫ୍ ନର୍ସ ଏମ୍. ଦୀପ୍ତିମୟୀ, ମୋନାଲିସା ସାହୁ, କର୍ମଚାରୀ ସୁଧାକର ପ୍ରଧାନ, ସମ୍ରାଟ କେଶରୀ ନାୟକ, ଚକ୍ଷୁ ବିଭାଗ ଆଥୋର୍ମିକ୍ ଆସିଷ୍ଟାଣ୍ଟ ସୁମିତ୍ରା ହରିଚନ୍ଦନ, ସାଗର କୁମାରଙ୍କ ଉପସ୍ଥିତିରେ ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ସେମାନଙ୍କ ରକ୍ତ ପରୀକ୍ଷା କରିଥିଲେ। ମଧୁମେହ, ରକ୍ତଚାପ, ଥାଇରଏଡ୍, କୋଲେଷ୍ଟରେଲ୍, ଭିଟାମିନ୍, ଇସିଜି, ଚକ୍ଷୁ ଆଦି ପରୀକ୍ଷା କରଯାଇଥିଲା। ରାମପୁର ମଝିଆଖଣ୍ଡ ଭଳି ଅଞ୍ଚଳରେ ସାଧାରଣ ଜନତା ଯେଭଳି ରିଆତି ଦରରେ ସ୍ୱାସ୍ଥ୍ୟସେବା ପାଇପାରିବେ ସେଥିପାଇଁ ଯୁବ ସମାଜସେବୀ ନୟାଗଡ଼ ଜିଲ୍ଲା ବିଜେଡି ଉପସଭାପତି ପ୍ରଫୁଲ୍ଲ କୁମାର ନାୟକ ଓ ସାଥି ସଞ୍ଜୟ କୁମାର ବାରିକଙ୍କ ସହଯୋଗରେ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶତାଧିକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ରକ୍ତ ନମୁନା ପରୀକ୍ଷା, ୧୫ରୁ ଉର୍ଦ୍ଧ୍ୱ ଚକ୍ଷୁ ଚିକିତ୍ସା, ୧୦ରୁ ଉର୍ଦ୍ଧ୍ୱଙ୍କର ଇସିଜି କରାଯାଇଥିବା ଜଣାପଡ଼ିଛି।

## ବ୍ୟାଙ୍କ ଦ୍ୱାରା ମହିଳା ଗୋଷ୍ଠୀ ଶୋଷିତ; ସୁଧଛାଡ଼ ପାଲଟିଛି ପ୍ରହସନ

ଭାପୁର,୨୪।୫(ସମିସ): ପୁରୁଷ କୈନ୍ଦ୍ରିକ ସମାଜରେ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଇ ସମାଜରେ ମହିଳାମାନଙ୍କ ଉତ୍ଥାନ ପାଇଁ ରାଜ୍ୟର ପୂର୍ବତନ ବିଜେଡି ସରକାର ମିଶନଶକ୍ତି ଯୋଜନା ଆରମ୍ଭ କରିଥିଲେ। ଯାହା ଅପାର ସଫଳତା ହାସଲ କରି ଦେଶର ଅନ୍ୟ ରାଜ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇଥିଲା। ଘର କୋଣରେ ରହୁଥିବା ମହିଳାମାନେ ଏହି ଯୋଜନା ମାଧ୍ୟମରେ ଗାଁ ଗାଁରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ବ୍ୟାଙ୍କଠାରୁ ସୁଧ ନେଇ ନିଜର ଓ ପରିବାରର ଆର୍ଥିକ ପ୍ରଗତୀ କରାଇ ପାରିଛନ୍ତି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ ବର୍ତ୍ତମାନ ୧୩୧୦ଟି ମହିଳା ଗୋଷ୍ଠୀ ସରକାରୀ ଭାବେ ପଞ୍ଜିକୃତ ହୋଇଛି। ସେହି ଗୋଷ୍ଠୀଗୁଡ଼ିକ ମାଧ୍ୟମରେ ୧୩ ହଜାରରୁ ଅଧିକ ମହିଳା ଏହି ଯୋଜନାର ଉପକୃତ ହେଉଛନ୍ତି। ମାତ୍ର ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଆର୍ଥିକ ଅଭିବୃଦ୍ଧି ପାଇଁ ବ୍ୟାଙ୍କରୁ ବ୍ୟାବସାୟିକ ଋଣ ନେଇ ସଭ୍ୟାମାନେ ନିଜ ପରିବାରକୁ ଆଗକୁ ବଢ଼େଇଥାଆନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀମାନେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ବ୍ୟାଙ୍କରେ ଖାତା ଖୋଲି ପ୍ରତି ମାସରେ କିଛି ଟଙ୍କା ଜମା କରିବା ସହିତ ସରକାରଙ୍କ ଘୋଷଣା ଅନୁଯାୟୀ, ବିନା ସୁଧରେ ସେହି ବ୍ୟାଙ୍କରୁ ଋଣ ନେଇ ବ୍ୟାବସାୟିକ ଅଭିବୃଦ୍ଧି କରିଥାନ୍ତି। କିନ୍ତୁ ଏହି ସୁଯୋଗର ଫାଇଦା ଉଠାଇ ଭାପୁର ବ୍ଲକ୍‌ର କେତେକ ବ୍ୟାଙ୍କ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଲୋଭିତ କରି ଋଣ ପ୍ରଦାନ କରୁଛନ୍ତି। ବିନା ସୁଧରେ ଗ୍ରୁପ୍ ଲୋନ୍ ବଦଳରେ କୃଷି ଋଣ ଦେଇ ପରେ ମାସକୁ ମାସ ସୁଧ ଟଙ୍କା ଗୋଷ୍ଠୀଙ୍କଠାରୁ ନେଉଛନ୍ତି ଏବଂ ରାଜ୍ୟ ସରକାର ସୁଧ ଟଙ୍କା ଫେରସ୍ତ କରିଲେ ଗୋଷ୍ଠୀମାନଙ୍କୁ ଫେରସ୍ତ ହେବ ବୋଲି କହୁଛନ୍ତି। ଗତ ବର୍ଷେ ହେଲା ନୂତନ ସରକାର ଆସିଲା ପରେ ଭାପୁର ବ୍ଲକ୍‌ର କୌଣସି ସ୍ୱୟଂ ସହାୟକ ଗୋଷ୍ଠୀ ସୁଧ ଟଙ୍କା ଫେରସ୍ତ ପାଇନାହାନ୍ତି ଯାହାକୁ ନେଇ ଗୋଷ୍ଠୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ମୂଳ ଜମା ସହିତ ସୁଧ ଟଙ୍କା ବ୍ୟାଙ୍କକୁ ଦେଇ ଶୋଷିତ ହେଉଥିବାବେଳେ ରାଜ୍ୟ ସରକାର ସୁଧ ଛାଡ଼ ଟଙ୍କା ଫେରସ୍ତ ନ କରିବା ଯୋଗୁଁ ଭାପୁର ବ୍ଲକ୍‌ରେ ମିଶନ ଶକ୍ତିର ମିଶନ ଫେଲ୍ ହେବାକୁ ବସିଛି ଏବଂ ବ୍ୟାଙ୍କମାନେ ନିଜର ଫାଇଦା ହାସଲ କରିବାରେ ଲାଗିଛନ୍ତି। ତେଣୁ ମିଶନଶକ୍ତିର ଅଧିକାରୀମାନେ ଏ ଦିଗରେ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

## ଯୁକ୍ତ ୨ ପରୀକ୍ଷା ଫଳ; ଲୋପିତା ଜେନା କୃଷ୍ଣପ୍ରସାଦ ବ୍ଲକ୍ ଟପ୍ପର



କୃଷ୍ଣପ୍ରସାଦ,୨୪।୫(ସମିସ): ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ ପଣସପଦା ସ୍ଥିତ ହରିଶ୍ୱରଦେବ ଭୋକେସ୍‌ନାଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟରେ ଉଭୟ କଳା ଏବଂ ବିଜ୍ଞାନ ବିଭାଗରେ ମୋଟ୍ ୧୮୩ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୧ ଜଣ ପ୍ରଥମ ଶ୍ରେଣୀ, ୫୮ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୬୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ୍ ପାସ୍‌ହାର ୯୦ପ୍ରତିଶତରୁ ଅଧିକ ରହିଛି। ବିଦ୍ୟାଳୟର ଛାତ୍ରୀ ଲୋପା ଜେନା ମୋଟ୍ ୫୪୦ ନମ୍ବର ରଖି କୃଷ୍ଣପ୍ରସାଦ ବ୍ଲକ୍‌ରେ ଟପ୍ପର ହୋଇଛନ୍ତି। ସେହିପରି ରଚନା ଘଡ଼େଇ ୫୩୩, ପାପାଲି ଘଡ଼େଇ ୫୩୨, ଅମିଶା ମହାପାତ୍ର ୫୧୯, ସିମ୍ରନ୍ ସାଇ ସମର୍ପିତା ଜେନା ୫୧୪ ନମ୍ବର ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚିଲିକା ଉପକୂଳ ଗ୍ରାମାଞ୍ଚଳର ପିଲାମାନଙ୍କ ଅନେକ ଅସୁବିଧା ସତ୍ତ୍ୱେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବାରୁ ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ଗାଁ ବନ ବିଭାଗ କବ୍‌ଜାରେ ୩ ଶିକାରୀ

୨ ବଣ୍ୟପ୍ରାଣୀଙ୍କ ସହିତ ଗୋଟିଏ ଦେଶୀ ବନ୍ଧୁକ, ଟାଙ୍ଗିଆ ଓ ୫ ଗୁଳି ଜବତ



ଓଡ଼ଗାଁ,୨୪।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ କର୍ମଚାରୀମାନେ ବାଣ୍ଡପୁର ଜଙ୍ଗଲରେ ପାଟ୍ରୋଲିଂ କରୁଥିବାବେଳେ ଶୁକ୍ରବାର ବିଳମ୍ବିତ ରାତିରେ ୩ ଶିକାରୀଙ୍କୁ ଧରିବାକୁ ସକ୍ଷମ ହୋଇଥିଲେ। ସେମାନଙ୍କଠାରୁ ୨ ମୃତ ଶାଳିଆପତନୀ, ଗୋଟିଏ ଦେଶୀ ବନ୍ଧୁକ, ଟାଙ୍ଗିଆ ସହିତ ୫ ଗୁଳି ଜବତ କରିଛନ୍ତି। ଗିରଫ ଶିକାରୀମାନେ ହେଲେ ଓଡ଼ଗାଁ ଥାନା ନୋଡରପଲ୍ଲୀ ଗାଁର ଦୟାନିଧି ପ୍ରଧାନ (୪୧), ଗୌର ପ୍ରଧାନ (୩୭) ଏବଂ ଶୁକୁରୁ ପ୍ରଧାନ (୭୧)। ବନ ବିଭାଗ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲେ। ଜାମିନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଘଟଣାରୁ ପ୍ରକାଶ, ଓଡ଼ଗାଁ ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇଙ୍କ ନେତୃତ୍ୱରେ ବାଣ୍ଡପୁର ବନରକ୍ଷୀ ଉଦ୍ଧବ ପ୍ରଧାନଙ୍କ ସହିତ ସ୍କ୍ୱାଡ୍ ବାଣ୍ଡପୁର ଜଙ୍ଗଲକୁ ଯାଇଥିଲେ। ଅପରପାଶ୍ୱର୍ରୁ ଶବ୍ଦଶୁଣି ତା'ର ପିଛା କରିବାବେଳେ ଅଭିଯୁକ୍ତମାନେ ବନ କର୍ମଚାରୀଙ୍କ ହାତରେ ଧରାପଡ଼ିଥିଲେ।

## ବଜ୍ରପାତରୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

କଣ୍ଟିଲୋ,୨୪।୫(ସମିସ): କଣ୍ଟିଲୋ ବହୁମୁଖୀ ବନ୍ୟା ବାତ୍ୟା ଆଶ୍ରୟସ୍ଥଳୀଠାରେ ଶନିବାର ଗୋଷ୍ଠୀସ୍ତରୀୟ ସଚେତନତା ଓ ସତର୍କତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସମିତିସଭ୍ୟା ପ୍ରତିନିଧି ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ବରୁଣେଇ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଲୋକକଳା ମାଧ୍ୟମରେ ଜନସାଧାରଣଙ୍କୁ ଘଡ଼ଘଡ଼ି, ବଜ୍ରପାତ ଓ ବିଭିନ୍ନ ପ୍ରାକୃତିକ ସମସ୍ୟାମାନଙ୍କ ଠୁ



କିଭଳି ନିଜକୁ ସୁରକ୍ଷିତ ରଖିପାରିବ ସେ ସମ୍ବନ୍ଧରେ ସଚେତନ କରାଯାଇଥିଲା। ଏଥିରେ ଅଶୋକ ବାରିକ, କାଶୀନାଥ ବେହେରା, ଆଶୁତୋଷ ବାରିକ ପ୍ରମୁଖ ଅଭିନୟ କରିଥିଲେ।

ଏଏସ୍‌ଆଇ ଡିଜିଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ବୈଠକ

# ମନ୍ଦିରର ସଂରକ୍ଷଣ ଓ ପୁନଃଉଦ୍ଧାର କାର୍ଯ୍ୟ ଉପରେ ଗୁରୁତ୍ୱାରୋପ

ପୁରୀ,୨୪।୫(ସମିସ)

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଶନିବାର ଶ୍ରୀମନ୍ଦିରରେ ଚାଲିଥିବା ମରାମତି ଏବଂ ଭବିଷ୍ୟତର ସଂରକ୍ଷଣ ସଂକ୍ରାନ୍ତରେ ଏଏସ୍‌ଆଇ ଡିଜି ଡ. ଯେଜୁଭେନ୍ଦ୍ର ସିଂହ ରାୱତଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏଥିରେ ମନ୍ଦିରର ସ୍ଥାପତ୍ୟ ଐତିହ୍ୟ, ଢାଞ୍ଚାଗତ ଅଖଣ୍ଡତା ଏବଂ ସାଂସ୍କୃତିକ ଗୁରୁତ୍ୱକୁ ସଂରକ୍ଷଣ କରିବା ପାଇଁ ସହଯୋଗମୂଳକ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରମୁଖ ଆଲୋଚନା ମଧ୍ୟରେ ମନ୍ଦିରର ସଂରକ୍ଷଣ



ଏବଂ ପୁନରୁଦ୍ଧାର କାର୍ଯ୍ୟ, ରଥଯାତ୍ରା ସମୟରେ ଗର୍ଭଗୃହ ଯାଞ୍ଚ ଓ ମରାମତି, ଏଏସ୍‌ଆଇ ଦ୍ୱାରା ରତ୍ନଭଣ୍ଡାରର ସଂରକ୍ଷଣ ଏବଂ ମରାମତି କାର୍ଯ୍ୟ ସମାପ୍ତ କରିବା, ଶ୍ରୀମନ୍ଦିରର ଉତ୍ତର ଦ୍ୱାରରେ ବୟସ୍କ ଏବଂ ଭିନ୍ନକ୍ଷମ ଭକ୍ତଙ୍କ ପ୍ରବେଶକୁ ସୁବିଧାଜନକ କରିବା ପାଇଁ ରାମ୍ପ ବ୍ୟବସ୍ଥାର ଶୀଘ୍ର ସମାପ୍ତି, ନାଟ ମଣ୍ଡପରେ ଏୟାର କଣ୍ଡିସନିଂ ସିଷ୍ଟମ ଏବଂ ମନ୍ଦିରର ଆଲୋକୀକରଣ ବ୍ୟବସ୍ଥା, ଜଗମୋହନର ବାହାର ପାଶ୍ୱର୍ ଛାତର ସଂରକ୍ଷଣ କାମ, ବିମଳା, ମହାଲକ୍ଷ୍ମୀ, ଭୁବନେଶ୍ୱରୀ ଆଦି ନୃସିଂହ ଏବଂ ସୂର୍ଯ୍ୟ ମନ୍ଦିର ଭଳି ଉଚ୍ଚ ମନ୍ଦିରଗୁଡ଼ିକରେ ଆଲୋକୀକରଣ ଆରେଷ୍ଟର ବ୍ୟବସ୍ଥା, ଜଗମୋହନ ଏବଂ ଭୋଗମଣ୍ଡପରେ ଦିଆଯାଇଥିବା ସପୋର୍ଟ, ଷ୍ଟେନ୍‌ଲେସ୍ ଷ୍ଟିଲ୍ ବିମ୍, ମୁଖ୍ୟ ମନ୍ଦିରର ବାହ୍ୟ ପାଶ୍ୱର୍ରେ ରାସାୟନିକ ପ୍ରଲେପ, ଏଏସ୍‌ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନ ଉଭୟେ ମନ୍ଦିରର ସୁରକ୍ଷା ପାଇଁ ସେମାନଙ୍କର ସହଭାଗିତାର ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ପ୍ରଶାସକ ଏଏସ୍‌ଆଇ ଡିଜିଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ମନ୍ଦିରର ଶୁଖିଲି ଭୋଗ ପ୍ରଦାନ କରିଥିଲେ। ବୈଠକରେ ଏଏସ୍‌ଆଇ ଡିଜିଙ୍କ ସହିତ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ମଧ୍ୟ ଉପସ୍ଥିତ ଥିଲେ। ଯେଉଁଥିରେ ଡିଡିଜି (ସଂରକ୍ଷଣ) ଜାନହ୍ୱିଜ୍ ଶର୍ମା, ନିର୍ଦ୍ଦେଶକ (ସଂରକ୍ଷଣ) ଭୀମା ଆଜମିରା, ନିର୍ଦ୍ଦେଶକ (ବିଜ୍ଞାନ) ମନୋଜ ଭଟନାଗର, ଆଞ୍ଚଳିକ ନିର୍ଦ୍ଦେଶକ ଡ. ଦିଲ୍ଲୀପ ଖାମାରୀ ଏବଂ ସ୍ଥାନୀୟ ଅଧିକାରୀମାନେ ସାମିଲ ଥିଲେ। ସେହିପରି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ଏବଂ ଓଏସ୍‌ଡି ୱାର୍କ୍ସ ଆଶିଷ ସୁବୁଦ୍ଧି ଉପସ୍ଥିତ ଥିଲେ।

## ଓବିସି ମଞ୍ଚର ସାଧାରଣ ସଭା



ସୁନ୍ଦରଗଡ଼,୨୪।୫(ସମିସ): ସୁନ୍ଦରଗଡ଼ ଜିଲ୍ଲା ବିଜେପି ଓବିସି ମଞ୍ଚର ସାଧାରଣ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ସୁନାରି, ମହାକୁଲ, ତେଲି, ଅଘରିଆ, ଥୋଡ଼ିଆ ମହାଜନ, ଶୁଣ୍ଢି, ଗୌଡ଼ ଏବଂ ଅନ୍ୟ ଓବିସି ସମାଜର କର୍ମକର୍ତ୍ତା ଯୋଗ ଦେଇ ଓଡ଼ିଶାରେ ପଛୁଆ ବର୍ଗଙ୍କୁ ଶିକ୍ଷା ଅନୁଷ୍ଠାନରେ ୧୧.୨୫% ପ୍ରତିଶତ ସଂରକ୍ଷଣ ସକାଶେ ସରକାରଙ୍କୁ ସାଧୁବାଦ ଜଣାଇଥିଲେ। ଏଥିରେ ରଞ୍ଜନ ପଟେଲ ସଭାପତିତ୍ୱ କରିଥିବାବେଳେ ଯଶୋବନ୍ତ ନାଏକ ସଭା ପରିଚଳନା କରିଥିଲେ। ସୁନାରି ସମାଜର ଭୋଜରାଜ୍ ମହାପାତ୍ର, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ମହାକୁଲ୍ ସମାଜର ବସନ୍ତ ବେହେରା, ଗଣେଶ ବାରିକ, ତେଲି ସମାଜର ଫକୀର ମୋହନ ପୃଷେଠ, ଅଚ୍ୟୁତ କୁମାର ସାହୁ, ଅଖିଳ ବେହେରା, ସଞ୍ଜୟ କୁମାର ଦାନୀ, ଅଘରିଆ ଦିଲ୍ଲୀପ କୁମାର ପଟେଲ, ଶିଶିର କୁମାର ଚୌଧୁରୀ, ବିପିନ ବିହାରୀ ନାଏକ, ଜୟନ୍ତ କୁମାର ନାଏକ, ଅମୂଲ୍ୟ କୁମାର ନାଏକ, ଥୋଡ଼ିଆ ମହାଜନ ସମାଜର ପରୀକ୍ଷିତ ସାହୁ, ଗୌଡ଼ ସମାଜର ବାବୁଲି କର୍ସେଲ ତଥା ଅନ୍ୟ ସମାଜର ପ୍ରତିନିଧି ଉପସ୍ଥିତ ଥିଲେ।

## ଯୋଗ ଦିବସର ୧୦ ବର୍ଷ ପୂର୍ତ୍ତି ପାଳିତ



ବାଲିଶଙ୍କରା,୨୪।୫(ସମିସ): ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ୍ କୁରେଇ ପଞ୍ଚାୟତ ଗଇକନପାଲି ଗ୍ରାମର ଆମ୍ବ ବଗିଚାଠାରେ ବନ ସୁରକ୍ଷା କମିଟି ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସର ୧୦ ବର୍ଷ ପୂର୍ତ୍ତି ପାଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟୋଜକ କ୍ଷେତ୍ର ପରିଚାଳନା ଏକକ ସୁନ୍ଦରଗଡ଼ ବନଖଣ୍ଡ ତରଫରୁ ଗଇକନପାଲି ଗ୍ରାମର କର୍ମୀ ତଥା ଜନସାଧାରଣ, ବନସୁରକ୍ଷା କର୍ମୀ, ଛାତ୍ରଛାତ୍ରୀ, ଜଶୋମୁରା ଗ୍ରାମର ବନକର୍ମୀ ନୀଳାମ୍ବର ଗଉଡ଼, ସମ୍ପତ୍ତି ସାଏ, ଚାରଡ଼ିପାର ଜସକେତନ ପ୍ରଧାନ, ସସ୍ମିତା ମାଝୀ, ଶାଗଜୁରୀର କନକ ସାଏ, ଗୟାଧର ସାଏ, କାଦୋପାଏନର ରାମଧର ମାଝୀ, ଭାଗୀରଥି ମାଝୀ, କୁରେଇ ଗ୍ରାମର ହୃଦାନନ୍ଦ ବାରିକ, ଗୋବର୍ଦ୍ଧନ ଖୁଣ୍ଟିଆ, ଗାଇକନପାଲିର ଟଙ୍କଧର ସିଂ, ପପୁ ସିଂ, ଧୁଡ଼ିନୂଆଗାଁର ମନୋଜ ସା, ଜେନାମଣି କିସାନ, ବରିଷ୍ଠ ନାଗରିକ ଭାବେ କଲ୍ୟାଣୀ ସିଂ, ନୀଳାଦ୍ରି ସିଂ, ଜ୍ୟୋତି ସିଂ, ସୁବ୍ରତ ସିଂ, ଅଶୋକ ସିଂ ପ୍ରମୁଖ ଯୋଗ ଶିବିରରେ ଅଂଶଗ୍ରହଣ କରିଥିଲେ। ଯୋଗ ଶିକ୍ଷା ଦେଇଥିଲେ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ। ପରିଚାଳନା କରିଥିଲେ ପ୍ରତାପ କୁମାର ଛୁରିଆ। ମିତ୍ରଭାନୁ ମାହାର, ଅନନ୍ତ ମହନ୍ତ ପ୍ରମୁଖ କାର୍ଯ୍ୟଭାର ତୁଲାଇଥିଲେ। ଜନ୍ମଦିନରେ କେକ୍ କାଟି ମହମବତୀ ଫୁଙ୍କି ଲିଭାଇବା ବଦଳରେ ଗଛଟିଏ ଲଗାଇବାକୁ ଆହ୍ୱାନ ଦିଆଯାଇଥିଲା।

## ଅହଲ୍ୟା ବାଈ ହୋଲକରଙ୍କ ଜୟନ୍ତୀ ନେଇ କର୍ମଶାଳା



ସୁନ୍ଦରଗଡ଼,୨୪।୫(ସମିସ): ବିଜେପି ସୁନ୍ଦରଗଡ଼ ସାଂଗଠନିକ ଜିଲ୍ଲା ପକ୍ଷରୁ ଜିଲ୍ଲା ବିଜେପି କାର୍ଯ୍ୟାଳୟଠାରେ ସଂଯୋଜକ ସୁରେନ୍ଦ୍ର ଭିତ୍ରିଆଙ୍କ ଅଧ୍ୟକ୍ଷତାରେ ଅହଲ୍ୟା ବାଈ ହୋଲକରଙ୍କ ୩୦୦ ତମ ଜୟନ୍ତୀ ପାଳନ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ସ୍ୱଚ୍ଛ ଭାରତ ରାଜ୍ୟ ସହ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, ବରିଷ୍ଠ ନେତା ଭୋପାଳ ସାହୁ, ଜିଲ୍ଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସଂଯୁକ୍ତା ନାଏକ, ସଦର ବ୍ଲକ୍ ଉପାଧ୍ୟକ୍ଷା ଚନ୍ଦ୍ରମା ମେହେର, ଜିଲ୍ଲା ସହ ସଂଯୋଜିକା ରୁବିରାଣୀ ପଟେଲ ପ୍ରମୁଖ ଯୋଗଦେଇ ଅଷ୍ଟ ଦଶ ଶତାବ୍ଦୀର ଇତିହାସରେ ମହାରାଣୀ ଦେବୀ ଅହଲ୍ୟା ବାଈ ହୋଲକରଙ୍କ କୃତିତ୍ୱ ଓ ତାଙ୍କର ଜୀବନୀ ଉପରେ ଆଲୋକପାତ କରିଥିଲେ। ଆସନ୍ତା ୩୧ ତାରିଖରେ ଜନ୍ମୋତ୍ସବ ଜିଲ୍ଲା ଓ ସୁନ୍ଦରଗଡ଼ ସାଂଗଠାନିକ ଜିଲ୍ଲାର ସମସ୍ତ ୨୨ଟି ମଣ୍ଡଳରେ ପାଳିତ ହେବ। ଏଣୁ ଏହାର ସଫଳ ରୂପାୟନ ପାଇଁ ଦଳୀୟ ନେତା, କର୍ମୀଙ୍କୁ ଦିଗଦର୍ଶନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଦାମ ହୋତା, ଭୋଳାନାଥ ପଟେଲ, ପରୀକ୍ଷିତ ସାହୁ, ରମେଶ ସୋରେଙ୍ଗ, ସୁମନ୍ତ ଚାଲାଣ, ପିଙ୍କୁ ପୃଷେଠ୍, ବିଜୟ ଚୌଧୁରୀ, ମହିଳା ନେତ୍ରୀ ଲତିକା ପଟ୍ଟନାୟକ, ଅଞ୍ଜନା ପଟେଲ, ଦୋଳରସା ଗୁଡ଼ିଆ, କାଉନସିଲର ଭାରତୀ ପଟେଲ, ଦୀପାଞ୍ଜଳି ନନ୍ଦ, ମମତା ଖାଲଖୋ, ଲକ୍ଷ୍ମୀ ପଟେଲ, ରମା ନାଏକ, ଉଷା ନାଏକ, ସଂଯୁକ୍ତା ପଟେଲ, ତୃଷାରାଣୀ ହୋତା, ନିବେଦିତା ନାଏକ, ରୀନା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଜୋରଜବରଦସ୍ତ କୋଇଲା ପରିବହନ ମସୁଧା
# ଆନ୍ଦୋଳନକାରୀଙ୍କୁ ଧମକ; ଉତ୍ତେଜନା

ସୁନ୍ଦରଗଡ଼,୨୪।୫(ସମିସ): ଗତ ୩ ତାରିଖରେ ହେମଗିର ବ୍ଲକ୍‌ର ବରପାଲି ନୂତନ କୋଇଲା ସାଇଡିଂରେ ପରିବହନକୁ ବିରୋଧ କରୁଥିବା ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହଙ୍କ ସମେତ ୯୫ ଜଣ ଆନ୍ଦୋଳନକାରୀଙ୍କୁ ପୁଲିସ ଉଠାଇ ନେବା ପରେ କୋଇଲା ପରିବହନ ବନ୍ଦ ରହିଥିଲା। ତେବେ ୩ ସପ୍ତାହର ନିରବତା ପରେ ଶୁକ୍ରବାର ରାତିରେ ପୁଣି ପରିବହନ ପାଇଁ ମସୁଧା କରାଯାଉଥିବାରୁ ଗ୍ରାମବାସୀଙ୍କ ସହ ବିଧାୟକ ଘଟଣାସ୍ଥଳରେ ଜଗି ରହିଥିବାବେଳେ ଆଜି ସନ୍ଧ୍ୟାରେ ଜିଲ୍ଲା ବାହାରର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଅସାମାଜିକ ବ୍ୟକ୍ତି ଆସି ଆନ୍ଦୋଳନକାରୀଙ୍କୁ ଧମକ ଚମକ ଦେଇଥିଲେ। ଫଳରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ହେମଗିରି ଥାନା



ପୁଲିସ ଘଟଣାସ୍ଥଳକୁ ଯାଇ ପରିସ୍ଥିତିକୁ ନିୟନ୍ତ୍ରଣ କରିଛି। ଜିଲ୍ଲା ବାହାରର ଅସାମାଜିକ ବ୍ୟକ୍ତିଙ୍କ ଏପରି କାରନାମାକୁ ନେଇ ସ୍ଥାନୀୟ ଅଂଚଳରେ ଉତ୍ତେଜନା ଦେଖା ଦେଇଛି। ବରପାଲିରେ ବଲିଙ୍ଗା, ବାଙ୍କିବାହାଲ, ଗର୍ଜନବାହାଲ, ବାଙ୍ଗୁରକେଲା, କର୍ଲିକଛାର ଆଦି ଗ୍ରାମର ଏସିଏଲ ବିସ୍ଥାପିତଙ୍କୁ ଥଇଥାନ କରା ଯାଇଥିବା ବେଳେ ଏହି ଗ୍ରାମକୁ ଏକ ଆଦର୍ଶ ଗ୍ରାମର ମାନ୍ୟତା ଦେଇ ବିଭିନ୍ନ ଜନ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଚାଲିଛି। ତେବେ ଏଠାରେ ନୂତନ କୋଇଲା ସାଇଡିଂ ପାଇଁ କୌଣସି ଗ୍ରାମସଭା କିମ୍ବା ଜନ ଶୁଣାଣି କରା ନ ଯାଇ ସାଇଡିଂ ଖୋଲା ଯାଇଛି। ଏହାକୁ ଗ୍ରାମବାସୀ ତୀବ୍ର ବିରୋଧ କରୁଛନ୍ତି। ଏଠାରେ କୋଇଲା ସାଇଡିଂ ଦ୍ୱାରା ଶହ ଶହ ହେକ୍ଟର ଉର୍ବର ଚାଷଜମି କ୍ଷତିଗ୍ରସ୍ତ ହେବ। ପାଣି ପବନ ପରିବେଶ ପ୍ରଦୂଷିତ ହେବ ବୋଲି ଅଭିଯୋଗ କରୁଛନ୍ତି। ସାଇଡିଂଠାରୁ ମାତ୍ର ତିନି ଶହ ମିଟର ଦୂରତାରେ ବିଦ୍ୟାଳୟ ଥିବାରୁ ଏହାକୁ ବନ୍ଦ କରିବାକୁ ଦାବି କରି ଆସୁଛନ୍ତି। ତଥାପି ପ୍ରଶାସନ ବଳ ପୂର୍ବକ ସାଇଡିଂରେ ପରିବହନ ଆରମ୍ଭ କରିବାକୁ ଉଦ୍ୟମ କରି ଆସୁଛି। ଫଳରେ ଘଟଣାସ୍ଥଳରେ ଗ୍ରାମବାସୀ ପ୍ରାୟ ୪ ମାସ ତଳୁ ଧାରଣା ଦେଇଛନ୍ତି। ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀଙ୍କ ରିଟ୍ ପିଟିସନ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି। ତଥାପି ପ୍ରଶାସନ ପୁଲିସ ବଳ ପ୍ରୟୋଗ କରି ପ୍ରଥମେ ସାଇଡିଂରେ କୋଇଲା ଗଦା କରିବା ପରେ ଗତ ୩ ତାରିଖରେ ଏହାକୁ ରେଳ ଯୋଗେ ପରିବହନ ଆରମ୍ଭ କରିବାକୁ ମସୁଧା କରିଥିଲା। ବିଧାୟକ ଶ୍ରୀ ସିଂହଙ୍କ ନେତୃତ୍ୱରେ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିବାରୁ ପୁଲିସ ତାଙ୍କୁ ଉଠାଇ ନେଇଥିଲା।

ପୁଲିସର ଏପରି ଦମନ ଲୀଳାକୁ ବିଜେଡି ତୀବ୍ର ନିନ୍ଦା କରି ଏହା ବିରୋଧରେ ଚରମ ଆନ୍ଦୋଳନ ପାଇଁ ଚେତାବନୀ ଦେବା ପରେ କୋଇଲା ପରିବହନ ବନ୍ଦ ରହିଥିଲା। ଏହାର ତିନି ସପ୍ତାହ ପରେ ଜିଲ୍ଲାର ଜଣେ ବରିଷ୍ଠ କଂଗ୍ରେସ ନେତାଙ୍କ ଇସାରାରେ ଅସାମାଜିକ ବଳ ଲଗା ଯାଇ କୋଇଲା ପରିବହନ ପାଇଁ ମସୁଧା କରା ଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରା ଯାଉଛି।

## ନିର୍ମାଣାଧୀନ ସେବାଶ୍ରମ ବିଦ୍ୟାଳୟ କାମ ନିମ୍ନମାନର!

### ବାଲି ବଦଳରେ ପୋତାହେଉଛି ମାଟି



ବାଲିଶଙ୍କରା,୨୪।୫(ସମିସ): ବାଲିଶଙ୍କରା ବ୍ଲକ୍ ତଲସରା ପଞ୍ଚାୟତ ରାଉଲଡେଗା ସେବାଶ୍ରମ ନୂତନ ବିଦ୍ୟାଳୟ ଗୃହ ନିର୍ମାଣରେ ଅନିୟମିତତା ଅଭିଯୋଗ ହୋଇଛି। ଗ୍ରାମବାସୀ କରିଥିବା ଅଭିଯୋଗ ଅନୁଯାୟୀ ଏହି ନୂତନ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟରେ ସୂଚନା ଫଳକ ଲଗାଯାଇ ନାହିଁ। ଅପରପକ୍ଷେ ଫାଉଣ୍ଡେସନରେ ବାଲି ଦେବା ବଦଳରେ ମାଟି ଦେଇ କାର୍ଯ୍ୟ କରାଯାଉଛି। ଏ ସମ୍ପର୍କରେ ଆର୍‌ଡି ଜେଇ ମାଧବନନ୍ଦ ସରେନଙ୍କୁ ଯୋଗାଯୋଗ କରିବାରୁ ମୋ ପାଖରେ ଖବର ନଥିଲା, ଆପଣଙ୍କ ପାଖରୁ ଅଭିଯୋଗ ହେବା ପରେ ଜାଣିବାକୁ ମିଳିଲା, ତୁରନ୍ତ ଏହାର ତଦନ୍ତ କରାଯିବ ବୋଲି କହିଥିଲେ। ଅପରପକ୍ଷରେ ଠିକାଦାର ନିମ୍ନମାନର କାର୍ଯ୍ୟ କରୁଥିବାବେଳେ ଗ୍ରାମରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏ ନେଇ ପ୍ରଶାସନ ପ୍ରଶାସନ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବ୍ରାହ୍ମଣୀକୁ ଡେଇଁ ଛାତ୍ରଙ୍କ ଆତ୍ମହତ୍ୟା

ରାଉରକେଲା,୨୪।୫(ସମିସ): ବ୍ରାହ୍ମଣୀ ନଦୀକୁ ଡେଇଁ ଜଣେ ଛାତ୍ର ଆତ୍ମହତ୍ୟା କରିଥିବା ବ୍ରାହ୍ମଣୀ ତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ସେକ୍ଟର-୧୬ ଅଞ୍ଚଳର ୧୯ ବର୍ଷୀୟ ଶୁଭମ୍ ପ୍ରଧାନ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୁଲିସ ସୂଚନା ମୁତାବକ, କୌଣସି କାରଣକୁ ନେଇ ହଠାତ୍ ଶୁଭମ୍ ଶୁକ୍ରବାର ରାତିରେ ଆତ୍ମହତ୍ୟା କରିବାକୁ ଯାଉଛି ବୋଲି କହି ଘରୁ ସ୍କୁଟି ନେଇ ପଳାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ସନ୍ଧାନ ପାଇ ନଥିଲେ। ଏ ନେଇ ପୁଲିସ ନିକଟରେ ଜଣାଇବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ଶନିବାର ବେଦବ୍ୟାସ ମନ୍ଦିର ନିକଟରେ ସ୍କୁଟି ଥିବା ପୁଲିସ ଜାଣିବାକୁ ପାଇଥିଲା। ପରେ ଅଗ୍ନିଶମ ବିଭାଗ କର୍ମଚାରୀ ବ୍ରାହ୍ମଣୀ ନଦୀରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କିଛି ଘଣ୍ଟା ପରେ ଦାଣ୍ଡିଆପାଲି ଦେଇ ଯାଇଥିବା ନଦୀରୁ ଶୁଭମ୍‌ଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁଭମ୍ ୟୁଜିଆଇଇ କଲେଜର ଛାତ୍ର ଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।



## ରାମେଶ୍ୱର ମନ୍ଦିର ପରିଚାଳନା କମିଟି ବୈଠକ ଆଜି

ରାଉରକେଲା,୨୪।୫(ସମିସ): ସାରନଗରୀର 'ଇ' ବ୍ଲକ୍‌ସ୍ଥିତ ରାମେଶ୍ୱର ମହାଦେବ ମନ୍ଦିରର ନୂତନ ପରିଚାଳନା କମିଟି ଗଠନ ନେଇ ଆସନ୍ତା କାଲି ସନ୍ଧ୍ୟା ୮ଟାରେ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ସାରନଗରୀ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ରହି ସେମାନଙ୍କର ମତାମତ ଦେବାକୁ ରାମେଶ୍ୱର ମନ୍ଦିରର ପ୍ରତିଷ୍ଠାତା ପତିତପାବନ ମଣ୍ଡଳ ଅନୁରୋଧ କରିଛନ୍ତି।

## ନୂଆପଡ଼ା ଜିଲ୍ଲା ଗସ୍ତରେ ପିସିସିଏଫ୍

ନୂଆପଡ଼ା/କୋମନା ୨୪।୫ (ସମିସ): ଦିନିକିଆ ନୂଆପଡ଼ା ଜିଲ୍ଲା ଗସ୍ତରେ ବନ ବିଭାଗର ପିସିସିଏଫ ସୁରେଶ ପନ୍ଥ ଆସି ବିଭିନ୍ନ ଅଞ୍ଚଳ ଗସ୍ତ କରିଛନ୍ତି। ସେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବନଖଣ୍ଡର କୋମନା ରେଞ୍ଜର ବିଭିନ୍ନ ଅଞ୍ଚଳ ବୁଲି ଦେଖିଥିଲେ। କୋମନା ରେଞ୍ଜର ବରଦାପାଟ ନର୍ସରୀ, ବରଦାପାଟ ଏପି ପ୍ଲାଣ୍ଟେସନ, ମଖାଭଟା ଏଏନ୍‌ଆର ପ୍ଲାଣ୍ଟେସନ, କୁଶଦହନା ଓ ମାନିଗୁଡ଼ା ପ୍ଲାଣ୍ଟେସନ ଆଦି ୮ ଗୋଟି ସ୍ଥାନ ବୁଲି ଦେଖିଛନ୍ତି। ତାଙ୍କ ସହ ଭବାନୀପାଟଣା ଆରସିସିଏଫ ସଞ୍ଜୀବ ଯୋଶୀ, ଖଡିଆଳ ବନ ବିଭାଗ ଡିଏଫଓ ଅଜିଜ ଖାଁ, ଏସିଏଫ ମୁସ୍ତଫା ସଲେହା, କୋମନା ରେଞ୍ଜର ଦେବଦତ୍ତ ସୁତାର ପ୍ରମୁଖ ଉପସ୍ଥିତ ଥିଲେ।

## ଜମିରେ ଗଜା ହୋଇଗଲା ଧାନ; ଚିନ୍ତାରେ ଚାଷୀ

ନୂଆପଡ଼ା, ୨୪।୫(ସମିସ): ନୂଆପଡ଼ା ଜିଲ୍ଲାରେ ଅଦିନିଆ କାଳ ବୈଶାଖୀ ବର୍ଷା ଉଜାଡିଦେଇଛି ରବି ଧାନ ଚାଷ। ଚାଷୀ ଆସନ୍ନ ବର୍ଷାକୁ ଦୃଷ୍ଟିରେ ରଖି ଜମିରୁ ଧାନ ଅମଳ କରିବାକୁ ଯାଉଥିବା ସମୟରେ କାଳବୈଖାଖୀ ସବୁ ଉଜାଡିଦେଇଛି। ବର୍ଷା ଯୋଗୁଁ ଅମଳ ଧାନ ସବୁ ଗଜା ହୋଇଯାଇଛି। ଶତାଧିକ ହେକ୍ଟର ଜମିର ଅର୍ଦ୍ଧାଧିକ ଚାଷ ଉଜୁଡିଯାଇଛି। ଯାହାକୁ ନେଇ ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି। ଗତ ସାତ ଦିନରେ ଜିଲ୍ଲାରେ ୩୯୫ ମିଲିମିଟର ବର୍ଷା ହୋଇଥିବା ବେଳେ ଧାନ ଅମଳକ୍ଷମ ହେବା ପରେ ଚାଷୀ ଧାନ କାଟିଥିଲେ। ହଠାତ୍ କାଳ ବୈଶାଖୀ ବର୍ଷା ହେବାରୁ କଟା ଧାନକୁ ସୁରକ୍ଷିତ ସ୍ଥାନକୁ ନେଇ ପାରି ନଥିଲେ। ଜମିରେ ଲଗାଣ ବର୍ଷା ଯୋଗୁଁ ଧାନ ପାଣିରେ ବୁଡ଼ି ରହି ଏବେ ଗଜା ହୋଇଯାଇଛି। ଯେଉଁ ଧାନ କଟାଯାଇ ନାହିଁ ସେସବୁରେ ମଧ୍ୟ ଆଣ୍ଠୁଏ ପାଣି ଜମି ରହିବାରୁ ସେସବୁ ମଧ୍ୟ ଗଜା ହୋଇଥିବା ଚାଷୀମାନେ କହିଛନ୍ତି। ନୂଆପଡ଼ାସଦର ବ୍ଲକ କଲ୍ୟାଣପୁର ଗାଁର ଛଗନ ସାହୁ ପୂର୍ବଥର ଦୁଇ ଏକର ଜମିରୁ ୬୦ କ୍ୱିଣ୍ଟାଲ ଧାନ ଆଦାୟ କରିଥିବା ବେଳେ ଚଳିତ ଥର ବର୍ଷା ଯୋଗୁଁ ବିହନ ତଳି ପାଇବା ମଧ୍ୟ ମୁସ୍କିଲ ବୋଲି କହିଛନ୍ତି। ସେହିପରି ଗାଁର ଚନ୍ଦନ ସାହୁ, ଲେଖରାମ ପାଣ୍ଡେ, ଜଗଦୀଶ ପାଣ୍ଡେ, ବସନ୍ତ ପାଣ୍ଡେ, ସୀତାରାମ ସାହୁ, ରୁପରାମ ସାହୁ, ବରୁଣ ପାଣ୍ଡେ, ବିଶ୍ୱମ୍ବର ସାହୁ ପ୍ରମୁଖ ୭୦ଜଣ ଚାଷୀଙ୍କର ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି।



ଏନେଇ ନୂଆପଡ଼ା ବ୍ଲକ କୃଷି ଅଧିକାରୀ ସତ୍ୟ ଭୂଷଣ ନାଗଙ୍କୁ ପଚାରିବାରେ ଆମସେନା ପଞ୍ଚାୟତର କଲ୍ୟାଣପୁର, ଭାଇଁଷା ଟାଲ, ବୁଢୀପାଲି, ପରକୋଡ଼ ପଞ୍ଚାୟତ ବୁଲି କ୍ଷୟକ୍ଷତିର ଆକଳନ କରିଥିବା ଓ ଏନେଇ ଜିଲ୍ଲା କାର୍ଯ୍ୟାଳୟକୁ ରିପୋର୍ଟ କରାଯିବ ବୋଲି କହିଛନ୍ତି। ସେହିପରି କୋମନା, ଖଡ଼ିଆଳ ବ୍ଲକରେ ମଧ୍ୟ ବ୍ୟାପକ ଫସଲ ନଷ୍ଟ ହୋଇଥିବା ସୂଚନା ମିଳିଛି। ବିଭାଗୀୟ କର୍ତ୍ତୃପକ୍ଷ ଚାଷୀଙ୍କୁ କ୍ଷତି ପୂରଣ ଓ ସହାୟତା ଯୋଗାଇ ଦେବାକୁ ଚାଷୀ ନବୀନ କୁମାର ଶବର, ରାମେଶ୍ୱର ଶବର, ଲିଙ୍ଗରାଜ ପଟେଲ, ସୂର୍ଯ୍ୟ କାନ୍ତି ଶବର ପ୍ରମୁଖ ଅନୁରୋଧ କରିଛନ୍ତି।

## ଗ୍ରାମରକ୍ଷୀଙ୍କ ବିରୋଧରେ ହତ୍ୟା ଉଦ୍ୟମ ଅଭିଯୋଗ

ସୁନ୍ଦରଗଡ଼,୨୪।୫(ସମିସ): ସୁନ୍ଦରଗଡ ସଦର ଥାନା ଅନ୍ତର୍ଗତ କତ୍ରା ବୁଡାବାହାଲ ଗ୍ରାମରକ୍ଷୀ ପ୍ରମୋଦ ମହାନନ୍ଦିଆଙ୍କ ବିରୋଧରେ ହତ୍ୟା ଉଦ୍ୟମ ଅଭିଯୋଗ ହୋଇଛି। ଗ୍ରାମରକ୍ଷୀ ପ୍ରମୋଦ ଏବଂ ପଡ଼ୋଶୀ ବିଶ୍ୱମ୍ବର ମହାନ୍ଦିଆଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ସେ ଉତ୍କ୍ଷିପ୍ତ ହୋଇ ବିଶ୍ୱମ୍ବରଙ୍କୁ ଲୁହା ରଡ୍‌ରେ ମାଡ଼ ମାରିଥିଲେ। ପରିବାର ଲୋକେ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ତାଙ୍କୁ ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ମାନେ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଛନ୍ତି। ଏ ନେଇ ଥାନାରେ ଏତଲା ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମଦୁଆ ଚାଳକଙ୍କ ବାଇକ ଜବତ

ସୁନ୍ଦରଗଡ଼,୨୪।୫(ସମିସ): ଭଷ୍ମା ଥାନା ପୁଲିସ ଦର୍ଲିପାଲି ଅଞ୍ଚଳରୁ ନିଶାସକ୍ତ ଅବସ୍ଥାରେ ଯାଉଥିବା ଜଣେ ଆରୋହୀଙ୍କ ବାଇକ ଜବତ କରିଛି। ଲେଫ୍ରିପଡ଼ା ଥାନା ରାଏଡିହି ଗ୍ରାମର ଗିରିଶ ପଟେଲ (୩୦) ତାଙ୍କ ବାଇକ (ଓଡି୧୬ଡି - ୦୭୧୪) ନିଶାସକ୍ତ ଅବସ୍ଥାରେ ଚଳାଇ ଯାଉଥିବାବେଳେ ପୁଲିସ ହାତରେ ଧରା ପଡ଼ିଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

## ବିଦ୍ୟୁତ ତାର ଚୋରି

ସୁନ୍ଦରଗଡ଼,୨୪।୫(ସମିସ): ଲେଫ୍ରିପଡ଼ା ଥାନା ଚନ୍ଦଲି ନିକଟରୁ ୧୧ କେ.ଭି ବିଦ୍ୟୁତ ତାର ଚୋରି ହୋଇ ଯାଇଛି। ଚୋର ମାନେ ପ୍ରାୟ ୧୦୦ ମିଟର ବିଦ୍ୟୁତ ତାର କାଟି ପକାଇଛନ୍ତି। ବିଦ୍ୟୁତ ଚାଲି ଯିବାରୁ ଗ୍ରାମବାସୀ ବିଦ୍ୟୁତ ବିଭ୍ରାଟ ବୋଲି ମନେ କରୁଥିବା ବେଳେ ସକାଳେ ତାର ଚୋରି ହୋଇଥିବା ଜଣା ପଡିଥିଲା। ଏ ନେଇ ଥାନାରେ ଏତଲା ହେବା ପରେ ପୁଲିସ ମାମଲା ରୁଜୁ କରି ଛାନଭିନ ଚଳାଇଛି।

## ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକୁ ବେଖାତିର, ଅଭିଯୁକ୍ତ ଗିରଫ

ବାଲିଶଙ୍କରା,୨୪।୫(ସମିସ): ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶନାମାକୁ ବେଖାତିର କରିଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ତଲସରା ଥାନା ପୁଲିସ। ସୂଚନା ଅନୁଯାୟୀ ତଲସରା ଥାନା ବୁଡ଼ାବାହାଲ ଗ୍ରାମର କିଶୋର ରାଉତ (୪୫) କିଛି ସରକାରୀ ଜାଗାକୁ ଅକ୍ତିଆର କରିଥିଲେ। ଏହି ଜମି ନିକଟ ଦେଇ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହେଉଥିବା ସମୟରେ ସମସ୍ୟା ହେବାରୁ ଗ୍ରାମବାସୀ ଏ ସମ୍ପର୍କରେ ସ୍ଥାନୀୟ ତହସିଲରେ ଅଭିଯୋଗ କରିଥିଲେ। ତହସିଲଦାର ଆସି ରାସ୍ତା ଜମି ଚିହ୍ନଟ କରି ଉକ୍ତ ରାସ୍ତାକୁ ଛାଡ଼ି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେ ଏହି ଜାଗାକୁ ଜୋର ଜବରଦସ୍ତ ଅକ୍ତିଆର କରିବାରୁ ବାଲିଶଙ୍କରା ତହସିଲଦାର ତଥା ମାଜିଷ୍ଟ୍ରେଟ୍ ଗୌରହରି ମହନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ପୁଲିସ ପକ୍ଷରୁ ୱାରେଣ୍ଟ ଇସ୍ୟୁ ପୂର୍ବକ ଅଭିଯୁକ୍ତକୁ ଗିରଫ କରିଥିବା ଜଣାପଡ଼ିଛି।

## ଲେଫ୍ରିପଡ଼ା ବନାଞ୍ଚଳରେ ଯୋଗାଭ୍ୟାସ; ବୃକ୍ଷ ରୋପଣ

ସୁନ୍ଦରଗଡ଼,୨୪।୫(ସମିସ): ବିଶ୍ୱ ଯୋଗ ଦିବସର ୧୦ ବର୍ଷ ପୂର୍ତ୍ତି ଅବସରରେ ସୁନ୍ଦରଗଡ଼ ବନଖଣ୍ଡର ଲେଫ୍ରିପଡ଼ା ବନାଞ୍ଚଳରେ ବନ ସୁରକ୍ଷା ସମିତିର ସହଯୋଗରେ ଯୋଗ ଅଭ୍ୟାସ ସହିତ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାଶେଙ୍କ ଦିଗ୍‌ଦର୍ଶନରେ ଲେଫ୍ରିପଡ଼ା ବନାଞ୍ଚଳର ପ୍ରତ୍ୟେକ ବନ ସୁରକ୍ଷା ସମିତିରେ ଯୋଗ ଶିକ୍ଷା ସଙ୍ଗେ ସଙ୍ଗେ ବୃକ୍ଷରୋପଣ ପାଇଁ ପ୍ରେରଣା ଦିଆଯାଉଛି।

ଏହି କ୍ରମରେ ଲେଫ୍ରିପଡ଼ା ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ପଟେଲଙ୍କ ପ୍ରଚେଷ୍ଟାରେ ଶନିବାର ହାଣ୍ଡିପାନି, ସାତକୁରିଆ, ଠିଠେଇଟାଙ୍ଗର, ତିଳପଡ଼ା,



ବୈରାଗୀବାହାଲ, ସାଲେଟିକ୍ରା, କାପୁଟିକ୍ରା ଆଦି ବନସୁରକ୍ଷା ସମିତିରେ ଯୋଗାଭ୍ୟାସ କରାଯାଇଥିଲା। ଝୁଲେନଡିହି ବନ ସୁରକ୍ଷା ସମିତିରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଜରିଆରେ ବନ ସୁରକ୍ଷା ସମିତି କରିଥିବା ବୃକ୍ଷ ରୋପଣ, ଯାହା ଆଜି ଏକ ଜଙ୍ଗଲରେ ପରିଣତ ହୋଇଛି। ସେ ଭିତରେ ଶାନ୍ତ ପରିବେଶରେ ଯୋଗାଭ୍ୟାସ ହୋଇଥିଲା।

ଏହି ଅବସରରେ ଚାରା ରୋପଣ ମଧ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବନସୁରକ୍ଷା ସମିତିର ସଭ୍ୟ ସଭ୍ୟା, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଝୁଲେନଡିହିର ଛାତ୍ରଛାତ୍ରୀ, ଅପା, ଭାଇଙ୍କ ସମେତ ବନ ବିଭାଗ, ସହଯୋଗୀ ଅନୁଷ୍ଠାନ ସେବକ ଓ କ୍ଷେତ୍ର ପରିଚାଳନା ଏକକର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ସୁନ୍ଦରଗଡ଼,୨୪।୫(ସମିସ): ସୁନ୍ଦରଗଡ଼ ସହରର ବିଶିଷ୍ଟ ବ୍ୟବସାୟୀ ସ୍ୱର୍ଗତ ଶଙ୍କରଲାଲ ଅଗ୍ରୱାଲଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଶନିବାର ସ୍ଥାନୀୟ ଶଙ୍କର ମ୍ୟାରେଜ ହଲ୍ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି। ରାୟପୁରର କାଶୀ ସ୍ୱାଇନ ହସ୍ପିଟାଲର ବିଶିଷ୍ଟ ମେରୁଦଣ୍ଡ ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ବିମଲ ଅଗ୍ରୱାଲ ଓ ତାଙ୍କ ଟିମ ଉପସ୍ଥିତିରେ ଏହି ଶିବିରରେ ବିଭିନ୍ନ ଅସ୍ଥି ସମ୍ପର୍କିତ ରୋଗର ଚିକିତ୍ସା କରାଯାଇଥିଲା। ସେଥିରେ ଅଣ୍ଟା, ପିଠି, ବେକ, ହାତ, ଗୋଡ଼ ତଥା ବିଭିନ୍ନ ବାତ ରୋଗର ଚିକିତ୍ସା କରାଯାଇଥିଲା। ସେହିପରି ଅତ୍ୟାଧୁନିକ ଅସ୍ଥି ରୋଗ ନିରୂପଣ ଯନ୍ତ୍ର ଦ୍ୱାରା ବିଭିନ୍ନ ପ୍ରକାର ପରୀକ୍ଷା ସହିତ ମାଗଣାରେ ଔଷଧ ଯୋଗାଇ ଦିଆଯାଇଥିଲା। ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ନିର୍ମଳ ମହାପାତ୍ର ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଶ୍ମଶାନ ବନ୍ଧୁ ସିଦ୍ଧାନ୍ତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱର୍ଗତ ଶଙ୍କରଲାଲ ଅଗ୍ରୱାଲଙ୍କ ସହଧର୍ମିଣୀ ସରୋଜଦେବୀ ଅଗ୍ରୱାଲ, ତାଙ୍କ ପୁତ୍ର ଦୀପକ ଅଗ୍ରୱାଲ, କହ୍ନେୟାଲାଲା ଅଗ୍ରୱାଲ ଓ ନାରାୟଣ ଅଗ୍ରୱାଲଙ୍କ ସମେତ କମଲେଶ ଯୋଗୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ୧୫୦ରୁ ଅଧିକ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆ ଯାଇଥିଲା। କାହ୍ନୁ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।



# ଯୁବକଙ୍କୁ ଛୁରାମାଡ଼ ଘଟଣା: ଅଭିଯୁକ୍ତ ଗିରଫ

ଆଠଗଡ଼, ୨୪।୫ (ସମିସ): ଆଠଗଡ଼ ଥାନା ଅନ୍ତର୍ଗତ ହରିଡ଼ାଗହୀର ଗ୍ରାମରେ ଘଟିଥିବା ଏକ ଛୁରାମାଡ଼ ଘଟଣାର ଅଭିଯୁକ୍ତକୁ ପୁଲିସ ଗିରଫ କରି ଶନିବାର କୋର୍ଟ ଚାଲଣ କରିଛି। ଅଭିଯୁକ୍ତ ଜଣକ ହେଲା ଆଠଗଡ଼ ଥାନା ଅନ୍ତର୍ଗତ ହରିଡାଗହିରର ଦାଶରଥୀ ମହାନ୍ତି (୨୩)। ସୂଚନା ଅନୁସାରେ, ହରିଡାଗହିର ଗାଁର ସୁରେଶ ମଲ୍ଲିକଙ୍କ ପୁଅ ମଧୁସୂଦନ (୨୮) ଋଣ କରାଇ ଦେବା ପାଇଁ ସେହି ଗାଁର ଜଣେ ଯୁବକଙ୍କୁ ଟଙ୍କା ଦେଇଥିଲେ। ତେବେ ଋଣ ନ ହେବାରୁ ମଧୁସୂଦନ ତାଙ୍କ ଟଙ୍କା ଫେରାଇ ଦେବା ପାଇଁ କହିବାରୁ ଦୁଇ ଯୁବକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଏହା ଉଗ୍ର ରୂପ ଧାରଣ କରିଥିଲା। ଟଙ୍କା ନେଇଥିବା ସେହି ଗାଁର ଦାମୋଦର ମହାନ୍ତିଙ୍କ ପୁଅ ଦାଶରଥୀ ଏକ ଛୁରିରେ ମଧୁସୂଦନଙ୍କୁ ତିନିଥର ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ପରିବାର ଲୋକ ପହଞ୍ଚି ମଧୁସୂଦନଙ୍କୁ ଉଦ୍ଧାର କରିବା ସହ ଆଠଗଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଖବର ପାଇଁ ପୁଲିସ ଘଟଣାସ୍ଥଳରେ ତଦନ୍ତ କରିବା ସହ ଏନେଇ ସୁଷମା ମଲ୍ଲିକ ଗତ ୧୫ ତାରିଖରେ ଆଠଗଡ଼ ଥାନାରେ ଅଭିଯୋଗ କରିଥିଲେ।



ଆଠଗଡ଼ ଥାନାରେ ପୁଲିସ ଅଭିଯୋଗର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲଣ କରିଥିବା ଆଇଆଇସି ସୁମତି ମହାନ୍ତି ପ୍ରକାଶ କରିଛନ୍ତି।

# ବିଜେପିର ୪ଟି ମଣ୍ଡଳ ସଭାପତି ନିଯୁକ୍ତ

କଟକ, ୨୪।୫(ସମିସ): ଭାରତୀୟ ଜନତା ପାର୍ଟି ପକ୍ଷରୁ କଟକ ଗ୍ରାମୀଣ ଜିଲ୍ଲାର ୪ଟି ମଣ୍ଡଳ ସଭାପତିଙ୍କୁ ନିଯୁକ୍ତ କରାଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଆଗାମୀ ଦିନରେ ସଙ୍ଗଠନ ଏବଂ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଏହି ମଣ୍ଡଳ ସଭାପତି ଚୟନ ସହାୟକ ହେବ। ସାଲେପୁର ମଣ୍ଡଳ ପାଇଁ ଅସିତକୁମାର ମହାନ୍ତି, ଆଠଗଡ଼ ନଗର ମଣ୍ଡଳ ପାଇଁ ଇଲା ପଣ୍ଡା, ନୂଆପାଟଣା ମଣ୍ଡଳ ପାଇଁ ଦିପୁନା ସେନାପତି, ଶଙ୍କରପୁର ମଣ୍ଡଳ ପାଇଁ ଯଯାତୀ ମହାରଣାଙ୍କୁ ନିୟୋଜିତ କରାଯାଇଛି।

# ୧୦ ଶିଶୁ ଜଣ୍ଡିସରେ ଆକ୍ରାନ୍ତ

## ବିଶୁଦ୍ଧ ପାନୀୟଜଳ ନମିଳିଲେ ଆନ୍ଦୋଳନ

ଟାଙ୍ଗୀ, ୨୪।୫(ସମିସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ଟାଙ୍ଗୀ ମଦନମୋହନ ସାହିରେ ଏକକାଳୀନ ୧୦ ଜଣ ଶିଶୁ ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି। ଖବରପାଇ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ସହ ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନା ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଉକ୍ତ ଅଞ୍ଚଳରେ ଥିବା ସମସ୍ତ କୂପ ତଥା ନଳକୂପରେ ବ୍ଲିଚିଂ ପାଉଡର ପକାଯାଇଥିଲେ ହେଁ ବିଶୁଦ୍ଧ ପାନୀୟଜଳକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାଧାରଣ ଜନତାଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ୧୦ ବର୍ଷ ପୂର୍ବରୁ ଯେତିକି ନଳକୂପ ବସିଛି ସେତିକି। ନୂତନ ନଳକୂପ ପାଇଁ ଦାବି କରିଥିଲେ ମଧ୍ୟ ତାହା ହୋଇପାରିନାହିଁ। ଯେଉଁ ପୁରୁଣା ନଳକୂପ ବସିଛି ସେଗୁଡିକ ମରାମତି ନହେବା ଦ୍ୱାରା ବିଶୁଦ୍ଧ ପାନୀୟଜଳରୁ ବଞ୍ଚିତ ହେଉଛନ୍ତି ଟାଙ୍ଗୀବାସୀ। ଦୂଷିତ ପାଣି ପିଇ ଶିଶୁମାନେ ନାନା ରୋଗରେ ପୀଡିତ ହେଉଛନ୍ତି। ନୂତନ ନଳକୂପ ବସାଇବା ଓ ପୁରୁଣା ନଳକୂପ ମରାମତି ନିମନ୍ତେ ଟାଙ୍ଗୀ ସାଲେପୁର ବିଜେପି ନେତା ହିମାଂଶୁ କୁମାର ମହାନ୍ତି ଦାବି କରିଥିଲେ ହେଁ ବ୍ଲକ ପ୍ରଶାସନ ତାହାକୁ କର୍ଣ୍ଣପାତ କରି ନଥିବା ଜଣାପଡ଼ିଛି। ଏବେ ଜଣ୍ଡିସ ରୋଗ ବ୍ୟାପିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲିଚିଂ ପାଉଡର ପକାଉଥିବା ଦେଖିବାକୁ ମିଳିଛି। ଯଦି ଟାଙ୍ଗୀରେ ତୁରନ୍ତ ଜଣ୍ଡିସ ରୋଗର ନିରାକରଣ, ନୂଆ ନଳକୂପ ସ୍ଥାପନ ଓ ପୁରୁଣା ନଳକୂପ ମରାମତି କରା ନଯାଏ ଆଗାମୀ ଦିନରେ ବ୍ଲକକୁ ଅଚଳ କରିଦେବା ପାଇଁ ବିଜେପି ନେତା ଶ୍ରୀ ମହାନ୍ତି ଚେତାବନୀ ଦେଇଥିବା ଜଣାପଡ଼ିଛି।



## ୧୦ ବର୍ଷ ପରେ ନନ୍ଦନକାନନରେ ଉତ୍ସାହ

# ଘଡ଼ିଆଳ କୁମ୍ଭୀର ଅଣ୍ଡାରୁ ବାହାରିଲେ ୧୪ ଛୁଆ





ନନ୍ଦନକାନନ, ୨୪।୫(ସମିସ): ଦୀର୍ଘ ବର୍ଷ ବ୍ୟବଧାନ ପରେ ନନ୍ଦନକାନନରେ ଘଡ଼ିଆଳ କୁମ୍ଭୀର ଅଣ୍ଡାରୁ ଛୁଆ ଫୁଟିଛନ୍ତି। ଯାହାକୁ ନେଇ ନନ୍ଦନକାନନରେ ଘଡ଼ିଆଳ ପ୍ରଜାନନ କ୍ଷେତ୍ରରେ ବିଗତ ୧୦ବର୍ଷ ହେବ ଲାଗିରହିଥିବା ଘଡ଼ିଆଳ ଅଣ୍ଡାରୁ ଛୁଆ ନ ଫୁଟିବାର ଆଶଙ୍କା ଦୂର ହୋଇଛି। ରାଜସ୍ଥାନ ଜୟପୁରରୁ ଆସିଥିବା ୧୪ଟି ଘଡ଼ିଆଳ କୁମ୍ଭୀର ଅଣ୍ଡାରୁ ୧୪ଟି ଛୁଆ ଫୁଟିଥିବା ନେଇ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଠାରୁ ଜାଣିବାକୁ ମିଳିଛି।

କୁମ୍ଭୀର ପ୍ରଜାନନ, ବଂଶ ବୃଦ୍ଧି ଓ ସୁରକ୍ଷା କ୍ଷେତ୍ରରେ ନନ୍ଦନକାନନ ଏକ ସ୍ୱତନ୍ତ୍ର ପରିଚୟ ବହନ କରିଥିଲା। ହେଲେ ଏଥିରେ ଗତ ୧୦ବର୍ଷ ହେବ ନନ୍ଦନକାନନରେ ଘଡ଼ିଆଳ କୁମ୍ଭୀର ଅଣ୍ଡାରୁ ଆଉ ଛୁଆ ହୋଇ ନ ଥିଲା। ଯାହା ଏହି କ୍ଷେତ୍ରରେ ମରୁଡ଼ି ସୃଷ୍ଟି ହେଲା ଭଳି ଅବସ୍ଥା ହୋଇଥିଲା। ଏନେଇ ବହୁ ଚିନ୍ତା ପ୍ରକାଶ ପାଇଥିଲା। ସେ ନେଇ ୨୦୧୭ବର୍ଷରେ ୪ଟି ଅଣ୍ଡିରା ଘଡ଼ିଆଳ କୁମ୍ଭୀରକୁ ଲକ୍ଷ୍ନୌରୁ ନନ୍ଦନକାନନକୁ ଅଣାଯାଇଥିଲା। ହେଲେ ଏମାନଙ୍କ ଦ୍ୱାରା ବି ଘଡ଼ିଆଳ ବଂଶ ବୃଦ୍ଧି ହୋଇଥିଲା। ୨୦୨୧ରେ ରାଜସ୍ଥାନ ଜୟପୁରରୁ ୨ଟି ଅଣ୍ଡିରା ଘଡ଼ିଆଳ କୁମ୍ଭୀର ଆସିଥିଲା। ସେଥିମଧ୍ୟରୁ ଗୋଟିଏ କୁମ୍ଭୀରର ମିଳନରୁ ମାଇ ଘଡ଼ିଆଳ ଅଣ୍ଡା ଦେଇ ମାଟିରେ ପୋତିଥିଲା। ଶନିବାର ଯନ୍ତୁ ରକ୍ଷକ କୁମ୍ଭୀର ପ୍ରଜାନନ କେନ୍ଦ୍ରକୁ ଯାଇଥିବା ବେଳେ କିଛି ଘଡ଼ିଆଳ କୁମ୍ଭୀର ଛୁଆ ପ୍ରଜାନନ କେନ୍ଦ୍ର ଜଳାଶୟରେ ପାଣିରେ ପହଁରୁ ଥିବା ଦେଖିଥିଲେ। ଏନେଇ ଅଧିକାରୀଙ୍କୁ ଖବର ଦେଇଥିଲେ। ଖବର ପାଇ ଅଧିକାରୀ ମାନେ ପହଞ୍ଚି ଦେଖିଲା ବେଳକୁ ୫ଟି ଘଡ଼ିଆଳ କୁମ୍ଭୀର ଛୁଆ ପାଣିରେ ପହଁରୁ ଥିବା ଦେଖିଥିଲେ। ପରେ ଅଣ୍ଡାରୁ ଆହୁରି ଛୁଆ ଫୁଟିଥିବା ନେଇ ଆଶାକରି ମାଟି ତାଡ଼ି ଖୋଜିଥିଲେ। ଖବର ଲେଖା ହେଲା ବେଳକୁ ସମୁଦାୟ ୧୪ଟି ଘଡ଼ିଆଳ ଛୁଆଙ୍କୁ ଆଣି ସ୍ୱତନ୍ତ୍ର ଭାବରେ ରଖିଥିବା ଜାଣିବାକୁ ମିଳିଛି। ଆହୁରି ଛୁଆ ଫୁଟିଥିବା ନେଇ ଆଶା କରାଯାଉଛି ବୋଲି ଉପ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ଅଧିକାରୀ ପ୍ରକାଶ କରିଛନ୍ତି।

# କମଙ୍ଗରେ ହାତୀ ଉତ୍ପାତ

ଟାଙ୍ଗୀ, ୨୪।୫(ସମିସ): ଟାଙ୍ଗୀ ଅଞ୍ଚଳରେ ଗୋଟିକିଆ ହାତୀର ଉତ୍ପାତ ବଢ଼ିବାରେ ଲାଗିଛି। ରାତ୍ରି ସମୟରେ ହାତୀ ଉପଦ୍ରବ ବୃଦ୍ଧିରେ ଜନସାଧାରଣ ଅତିଷ୍ଠ ଥିବାବେଳେ ଏବେ ଦିନ ସମୟରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବ୍ରହ୍ମପୁର ପଞ୍ଚାୟତ କମଙ୍ଗ ଗ୍ରାମରେ। ପ୍ରଶାନ୍ତ କୁମାର ବସ୍ତିଆଙ୍କ ବାଡିରେ ଶୁକ୍ରବାର ପୂର୍ବାହ୍ନରେ ଉକ୍ତ ହାତୀ ପଶି ଗଛଗୁଡ଼ିକ ନଷ୍ଟ କରିବା ସହ ଘର ପାଖକୁ ପଳାଇ ଆସିଥିବା ଜଣାପଡ଼ିଛି। ଏଭଳି ସମସ୍ୟା ଯଦି ଲାଗି ରହେ ଜନସାଧାରଣ ରାସ୍ତାରେ ଯିବା ଆସିବା କଷ୍ଟକର ହୋଇପଡ଼ିବ। ଜଙ୍ଗଲ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ ଉକ୍ତ ହାତକୁ ଅଭୟାରଣ୍ୟରେ ଛାଡ଼ିବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



# ବିଶ୍ୱନାଥ ସାହୁଙ୍କ ଅକାଳ ବିୟୋଗରେ ଶୋକସଭା



କଟକ, ୨୪।୫(ସମିସ): ଖାନନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟିର ପୂର୍ବତନ ଉପସଭାପତି ତଥା ଖାନନଗର ତୈଳିକ ବୈଶ୍ୟ ସମାଜର ଉପଦେଷ୍ଟା ବିଶ୍ୱନାଥ ସାହୁଙ୍କ ଅକାଳ ବିୟୋଗ ଘଟିଛି। ଖାନନଗର ତୈଳିକ ବୈଶ୍ୟ ସମାଜ ତରଫରୁ ଏକ ଶୋକସଭା ଆଜି ସନ୍ଧ୍ୟାରେ ଗ୍ରାମଦେବୀ ରଣା ମା'ଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଖାନନଗର ପୂଜା କମିଟି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ତୈଳିକ ବୈଶ୍ୟ ସମାଜର ସାଧାରଣ ସମ୍ପାଦକ ଲଳିତ ମୋହନ ସାହୁ, କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ସାହୁ, ଉପ ସଭାପତି ସୋମନାଥ ସାହୁ, ସଂଗଠନ ସମ୍ପାଦକ ଦେବାଶିଷ ସାହୁ, ଯୁଗ୍ମ ସମ୍ପାଦକ ଇଂ ବଦ୍ରି ବିଶାଲ ସାହୁ, ସହ ସମ୍ପାଦକ କାହ୍ନୁଚରଣ ସାହୁ, ମନୋରଞ୍ଜନ ସାହୁ, ରାକେଶ କୁମାର ସାହୁ, ସୁନୀଲ କୁମାର ସାହୁ, କୋଷାଧକ୍ଷ ରାକେଶ କୁମାର ସାହୁଙ୍କ ସମେତ ତ୍ରିଲୋଚନ ସାହୁ, ଶମ୍ଭୁ ସାହୁ ଏବଂ ବହୁ ଯୁବଗଣ ଉପସ୍ଥିତ ଥିଲେ।

## ରୋଟାରୀ ଓ ଇନରହୁଇଲ ପକ୍ଷରୁ ସାହିତ୍ୟ ସନ୍ଧ୍ୟା

# ଭାବ ଓ ଭାଷାକୁ ନେଇ ସାହିତ୍ୟର ସୃଷ୍ଟି

କଟକ, ୨୪।୫(ସମିସ): ରୋଟାରୀ ଓ ଇନରହୁଇଲ କ୍ଲବ ଅଫ କଟକ ମିଡଟାଉନ ମିଳିତ ଆନୁକୂଲ୍ୟରେ ହୋଟେଲ ଆକବରୀ ସମ୍ମିଳନୀ କକ୍ଷରେ ସଭାପତି ଡ. ଆଶୁତୋଷ ଦେବତାଙ୍କ ଅଧ୍ୟକ୍ଷତାରେ ଓ ଇନରହୁଇଲ ସଭାପତି ଡ. ମିତା ଦେବତାଙ୍କ ସକ୍ରିୟ ସହଯୋଗରେ ୨୬ତମ ସାହିତ୍ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ଶିଶୁ ସାହିତ୍ୟିକ ପ୍ରଫେସର ଡ. ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ଭାବ ଓ ଭାଷାକୁ ନେଇ ସାହିତ୍ୟର ସୃଷ୍ଟି ବୋଲି କହିବା ସହ ସାହିତ୍ୟର ସୌଧ କେବଳ କବିତା, ପ୍ରବନ୍ଧ, ନାଟକରେ ସୀମିତ ନରହି ସମାଜର ମୂଲ୍ୟବୋଧ ତଥା ସୃଷ୍ଟିର ଉନ୍ମାଦନାକୁ ଆନ୍ଦୋଳିତ କରୁ ବୋଲି ମତ ବ୍ୟକ୍ତ କରିଥିଲେ। ମୁଖ୍ୟଅତିଥିଙ୍କୁ ଚଳିତବର୍ଷ ପ୍ରଫେସର ଡ. ବିଷ୍ଣୁପ୍ରିୟା ଦେବୀ ସ୍ମୃତି ଉପଲକ୍ଷେ ରୋଟାରୀ ସାହିତ୍ୟିକ ସମ୍ମାନ ପ୍ରଦାନ କରାଯାଇଛି। ମିଡଟାଉନ ରୋଟାରୀ କ୍ଲବର ପ୍ରାକ୍ତନ ସଭାପତି ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରୋଟାରିଆନ ରମେଶଚନ୍ଦ୍ର ସିଂ ଓ ଇନରହୁଇଲ ପ୍ରାକ୍ତନ ସଭାପତି ପ୍ରଭାତୀ ମହାନ୍ତି ସଂଯୋଜନା କରିଥିଲେ। ଏକ ମନୋଜ୍ଞ କବିତା ପଠନ ଆୟୋଜନ କରାଯାଇଥିଲା। ରୋଟାରୀଆନ ବିଭୂତି ଭୂଷଣ ରାଉତ, କମଳ କୁମାର ମହାନ୍ତି, ମେଜର ନନ୍ଦକିଶୋର ଶତପଥୀ, ଅରୁଣ କୁମାର ଦାଶ, ମନୋଜ କୁମାର ସାହୁ, ମନୋରଞ୍ଜନ ମହାନ୍ତି, ସୁବୋଧ ମିଶ୍ର, ସଂଯୁକ୍ତା ମଲିକ, ବିଶ୍ୱଜିତା ମହାନ୍ତି, ସୌମ୍ୟା ମହାନ୍ତି, ସୁଜାତା ସାମଲ, ଇନା ପୁରୋହିତ, ସଂଘମିତ୍ରା ସାହୁ, ପୁଷ୍ପଲତା ମହାନ୍ତି, ଅନିତା ପତି, ଶୁଭ୍ରାଂଶୁ ସାମନ୍ତରାୟ, ଶଶାଙ୍କ ମହାପାତ୍ର, ବିଜୟ ଟାପୁରିଆ, ରଘୁନାଥ ଭୁତ, ରଜନୀକାନ୍ତ ଶତପଥୀ, ଦୁଷ୍ମନ୍ତ ବିଶ୍ୱାଳ, ତରୁଣକାନ୍ତି ବୋଷ, ବିଶ୍ୱରୂପ ଆଚାର୍ଯ୍ୟ, ସମ୍ରାଟ କର, ପ୍ରଭାତ ମିଶ୍ର, ତୋଫାନ ପତି, ଉତ୍ତମ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




# ହେମଲତା ଭୂୟାଁଙ୍କ ପରଲୋକ

ସାଲେପୁର, ୨୪।୫(ସମିସ): ଲୁଣାହାର ଗ୍ରାମର ସ୍ୱର୍ଗତ ସଚ୍ଚିଦାନନ୍ଦ ଭୂୟାଁଙ୍କ ପତ୍ନୀ ହେମଲତା ଭୂୟାଁଙ୍କର ୮୨ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ, ପରୋପକାରୀ, ମେଳାପୀ ବୃଦ୍ଧା ଥିଲେ। ବାର୍ଦ୍ଧକ୍ୟଜନିତ କାରଣରୁ ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ଆଜି ଦିନ ପ୍ରାୟ ୧ଟା ସମୟରେ ତାଙ୍କ ବାସଭବନରେ ତାଙ୍କ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ଗୋପବନ୍ଧୁ ଭୂୟାଁ, ବ୍ରଜବନ୍ଧୁ ଭୂୟାଁ, ପୁଷ୍ପଲତା ପରିଡ଼ା, ଅନ୍ନପୂର୍ଣ୍ଣା ଭୂୟାଁ, ରାଜଲକ୍ଷ୍ମୀ ଭୂୟାଁ, ଜ୍ୟୋତିକାଦିତ୍ୟ ଭୂୟାଁ, ଅରୋମିରା ଭୂୟାଁ, ଅରୋଶ୍ରୀ ଭୂୟାଁ, ବିଲିପ୍ସା ଭୂୟାଁ ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ କନିଷ୍ଠ ପୁତ୍ର ବ୍ରଜବନ୍ଧୁ ଭୂୟାଁ ମୁଖାଗ୍ନି ଦେଇଥିଲେ।



# ନୂଆ ଢ଼ଳେଇ ରାସ୍ତାରେ ଆଣ୍ଠୁଏ ପାଣି



ଭଦ୍ରେଶ୍ୱର, ୨୪।୫(ସମିସ)

ମାହାଙ୍ଗା ବ୍ଲକ ପ୍ରଶାସନ ତରଫରୁ ମାତ୍ର ୨ ମାସ ତଳେ ନିର୍ମାଣ କରାଯାଇଥିବା ଏକ ଢ଼ଳେଇ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହୁଛି। ଏବେ ବର୍ଷା ସମୟରେ ପାଣି ଜମିଲେ ଯାତାୟାତରେ ସାଧାରଣ ଲୋକମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ମାହାଙ୍ଗା ବ୍ଲକ ପ୍ରଶାସନ ତରଫରୁ ବାସୁଦେବପୁର ଗ୍ରାମପଞ୍ଚାୟତ ବାଣପୁର ଗ୍ରାମରେ ନିକଟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ଢ଼ଳେଇ ରାସ୍ତା ନିର୍ମାଣ କରାଯାଇଥିଲା। ନିମ୍ନମାନର କାର୍ଯ୍ୟ ଯୋଗୁଁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାର ଅଭିଯୋଗ ହୋଇଛି। ଏପରିକି ଶନିବାର ପ୍ରାକ୍ ମୌସୁମୀଜନିତ ବର୍ଷା ହେବା କାରଣରୁ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଥିଲା। ଫଳରେ ଲୋକେ ଯାତାୟାତ ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି।

ଏନେଇ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ରାସ୍ତାଟିର ମରାମତି କରି ଏହାକୁ ଗମନାଗମନ ଉପଯୋଗୀ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ● ଜାହାଙ୍ଗିରାବାଦ ପୋଲ ରାସ୍ତା ବେହାଲ୍

# ଅସରାଏ ବର୍ଷାରେ କାଦୁଅ ପଚପଚ

ସାଲେପୁର, ୨୪।୫(ସମିସ): ଅସରାଏ ବର୍ଷାରେ ଜାହାଙ୍ଗିରାବାଦ ପୋଲ ସଂଯୋଗୀକରଣ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ପୋଲ ନିର୍ମାଣ ପରେ ରାସ୍ତାରେ ମାଟି ପକାଯାଇଥିବାରୁ ତାହା ଉପରେ ନାଲିଗୋଡ଼ି କିମ୍ବା ଅନ୍ୟ କୌଣସି ବ୍ୟବସ୍ଥା କରାଯାଇନାହିଁ। ସାମାନ୍ୟ ଅସରାଏ ବର୍ଷାରେ ଏହି ମାଟି ରାସ୍ତାଟି କାଦୁଅ ପରିପୂର୍ଣ୍ଣ ହୋଇପଡ଼ିଛି। ଫଳରେ ଲୋକମାନେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦିନ ଧରି ଏହି ସ୍ଥାନରେ ପୋଲ ନିର୍ମାଣ ହୋଇଥିଲେ ମଧ୍ୟ ପୋଲର ଉଭୟ ପାର୍ଶ୍ୱରେ ସଂଯୋଗୀକରଣ ରାସ୍ତାରେ କେବଳ ମାଟି ପକାଯାଇଥିବାରୁ ଆଜି ଅସରାଏ ବର୍ଷାରେ ରାସ୍ତାଟି କାଦୁଅରେ ପରିପୂର୍ଣ୍ଣ ହୋଇପଡ଼ିଛି। ଫଳରେ ଏହି ରାସ୍ତା ଦେଇ ସାଲେପୁର ସହରକୁ ଆସୁଥିବା ଜାହାଙ୍ଗିରାବାଦ, ଓଷଦ, ସଉରୀ, କିଶିନାପୁର, ମହନାପୁର ଆଦି ଅଞ୍ଚଳର ପଥଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସଂଯୋଗୀକରଣ ରାସ୍ତା ପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



# ପୂର୍ତ୍ତ ବିଭାଗ ରାସ୍ତାରେ ଜଳନିଷ୍କାସନ ପାଇଁ ନାହିଁ ଡ୍ରେନେଜ୍



● ପ୍ରାକ୍ ମୌସୁମୀ ବର୍ଷା ଯୋଗୁଁ କୃତ୍ରିମ ହ୍ରଦ

ବେଗୁନିଆ,୨୪।୫(ସମିସ): ବେଗୁନିଆ ବ୍ଲକ୍ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲିପଦର ଗ୍ରାମର ଗୁଡ଼ିଆସାହି ଓ ଭଣ୍ଡାରିସାହିରେ ପ୍ରାକ୍ ମୌସୁମୀ ବର୍ଷା ଯୋଗୁଁ ଜଳନିଷ୍କାସନ ହୋଇ ନ ପାରି କୃତ୍ରିମ ହ୍ରଦ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଥିଲା। ଏହାଦ୍ୱାରା ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ସାହି ଭିତରେ ପାଣି ଜମି ରହିଥିବାରୁ ଯାତାୟାତରେ ଦୀର୍ଘ ସମୟ ଧରି ଘୋର୍ ଅସୁବିଧା ସୃଷ୍ଟି ହୋଇଥିଲା। ଏ ନେଇ ଜଳନିଷ୍କାସନ କରିବା କରିବା ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା। ଯାହାକି ସାଧାରଣରେ ଅସନ୍ତୋଷ ବ୍ୟାପିବା ସହ ଆଗାମୀ ଦିନରେ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆଇନଅମାନ୍ୟ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ବେଗୁନିଆ ପୂର୍ତ୍ତ ବିଭାଗ ଅଧୀନରେ ଥିବା କୋଟପଲା-ପାଣିକୋଇଲ୍ ରାସ୍ତା ଦୁଇ ମାସରୁ ଉର୍ଦ୍ଧ୍ୱ ହେବ କାର୍ଯ୍ୟ ଶେଷ ହୋଇଛି। ମଲିପଦର ଗ୍ରାମର ଜନସାଧାରଣ ଜଳନିଷ୍କାସନ କରିବା ପାଇଁ ଡ୍ରେନେଜ୍ ବ୍ୟବସ୍ଥାର ଗୁରୁତ୍ୱକୁ ଉପଲବ୍‌ଧି କରି ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ନିକଟରେ ଦାବି କରି ଆସୁଥିଲେ। ଏଥିରେ ଠିକାଦାର ଲୋକଙ୍କୁ ଭୁଆଁ ବୁଲାଇ ଡ୍ରେନେଜ୍ କାର୍ଯ୍ୟ ନ କରି ଚାଲିଯାଇଥିବାରୁ ଗ୍ରାମବାସୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବା ସହ ଡ୍ରେନେଜ୍ ବ୍ୟବସ୍ଥା କରିବା ପାଇଁ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ବେହେରା, ସମିତିସଭ୍ୟ ଡ. ଶିଶିର କୁମାର ଆଚାର୍ଯ୍ୟ, ସୁବାସ ଚନ୍ଦ୍ର ମହାନ୍ତି, ସମାଜସେବୀ ଡ. ବିଦ୍ୟାଧର ମହାରଣା, ରବୀନ୍ଦ୍ର ନାଥ ବାରିକ ଓ ମାଗୁଣି ସାମନ୍ତରାୟଙ୍କ ସମେତ ଗ୍ରାମବାସୀମାନେ ଗଣମାଧ୍ୟମ ଆଗରେ କହିଛନ୍ତି।

# ଡ୍ରେନ୍ ନିର୍ମାଣ ପାଇଁ ଉଚ୍ଛେଦକୁ ବିରୋଧ; ଫେରିଗଲା ପ୍ରଶାସନ



ବାଣପୁର,୨୪।୫(ସମିସ): ବାଣପୁରରେ ପ୍ରସିଦ୍ଧ ମା'ଭଗବତୀଙ୍କ ଶକ୍ତିପୀଠ ଏବଂ ଏସିଆ ମହାଦେଶର ସର୍ବବୃହତ୍ ଶାଳ-ଶାଗୁଆନ ଜଙ୍ଗଲ ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଥିବାରୁ ଏହି ଅଞ୍ଚଳର ଏକ ସ୍ୱତନ୍ତ୍ରତା ରହିଛି। ବର୍ଷତମାମ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟେ। ମାତ୍ର ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ହେବାର ୫୨ ବର୍ଷ ଅତିକ୍ରମ ପରେ ମଧ୍ୟ ସହରର ଗମନାଗମନର ବ୍ୟବସ୍ଥାରେ ସୁଧାର ଆସିପାରିଲା ନାହିଁ। ବାଣପୁର ସହର ବଜାରର ସଂକୀର୍ଣ୍ଣ ରାସ୍ତା ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକଙ୍କ ଯାତାୟାତରେ ଘୋର ବ୍ୟାଘାତ ସୃଷ୍ଟି କରୁଛି। ଏପରି ସ୍ଥଳେ କିଛି ମାଷ୍ଟର ପ୍ଲାନ ନ ଥାଇ ଅବରୋଧକୁ ହଟା ନ ଯାଇ ଡ୍ରେନେ ନିର୍ମାଣ ପାଇଁ ବାଣପୁର ଏନ୍ଏସିର ୧୦ନଂ. ୱାର୍ଡର ସଂକୀର୍ଣ୍ଣ ମୁଖ୍ୟ ରାସ୍ତାକୁ ବିନା ମାପ ଚୁପରେ ୱାର୍ଡ ବାସିନ୍ଦାଙ୍କ ଘରର ଦାଣ୍ଡ ପିଣ୍ଡାକୁ ଉଚ୍ଛେଦ କରିବାକୁ ବାଣପୁର ପ୍ରଶାସନ ପୁଲିସ ଫୋର୍ସ ସହ ସଦଳବଳ ଜେସିବି ନେଇ ପହଞ୍ଚି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା। ହେଲେ ସ୍ଥାନୀୟ ବାସିନ୍ଦା ଏହାକୁ ପ୍ରବଳ ବିରୋଧ କରିବାରୁ ଶେଷରେ ବାଧହୋଇ ପ୍ରଶାସନ ଓ ପୁଲିସ ଫୋର୍ସ ଜେସିବି ସହିତ ଫେରିଆସିଥିଲେ।

ଘଟଣା ମୁତାବକ, ବାଣପୁର ସହର ଓ ବଜାର ଦେଇ ଯାଇଥିବା ମୁଖ୍ୟରାସ୍ତା ଅତି ସଂକୀର୍ଣ୍ଣ ହୋଇଥିବାରୁ ଏଠାରେ ବାରମ୍ବାର ଟ୍ରାଫିକ ସମସ୍ୟା ଦେଖାଦିଏ। ଏହାର ସ୍ଥାୟୀ ସମାଧାନ ଏଯାବତ୍ ହୋଇ ପାରିଲା ନାହିଁ। ଏପରି ସ୍ଥଳେ ବାଣପୁର ଥାନା ଠାରୁ ପୋଷ୍ଟ ଅଫିସ ଦେଇ ମା'ଭଗବତୀଙ୍କ ମନ୍ଦିର ସହ ଉପକାରାଗରକୁ ଯିବା ପାଇଁ ଏନ୍ଏସିର ୧୦ନଂ ୱାର୍ଡ ତଳସାହି ରାସ୍ତା ଦେଇ ଯିବାକୁ ପଡେ। ତେବେ ଉକ୍ତ ରାସ୍ତାଟି ଅତ୍ୟନ୍ତ ସଂକୀର୍ଣ୍ଣ ହୋଇଥିବା ବେଳେ ଖାଲଖମାରେ ଭର୍ତ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଦାବି ଯୋଗୁଁ ଦୀର୍ଘଦିନ ପରେ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଏହି ରାସ୍ତାକୁ କିଛିମାସ ପୂର୍ବେ ବହୁ ଅର୍ଥ ବ୍ୟୟରେ ପେଭର ବ୍ଲକ ବିଛା ଯାଇଥିଲା। ହେଲେ ଉକ୍ତ ରାସ୍ତାଟି ସେଭଳି ଓସାର ନଥିବା ସହ ରାସ୍ତା ଉପରେ ପାଣି ଜମୁ ନଥିଲେ ମଧ୍ୟ ନୂଆ ରାସ୍ତାକୁ ଖୋଳି ଅନାବଶ୍ୟକ ଭାବେ ଡ୍ରେନ ନିର୍ମାଣ କରିବାକୁ କର୍ତ୍ତୃପକ୍ଷ ଯୋଜନା କରୁଥିବାର ୱାର୍ଡ ବାସିନ୍ଦା କିଛିଦିନ ପୂର୍ବେ ଜାଣିବାକୁ ପାଇଥିଲେ। ଉକ୍ତ ସଂକୀର୍ଣ୍ଣ ରାସ୍ତାରେ ଏକ ଡ୍ରେନ ନିର୍ମାଣ ଆବଶ୍ୟକତା ନଥିବାବେଳେ ସେହି ସୁନ୍ଦର ରାସ୍ତାକୁ ଭାଙ୍ଗି ଡ୍ରେନ ନିର୍ମାଣ କଲେ ରାସ୍ତାଟି ସଂକୀର୍ଣ୍ଣ ହୋଇପଡି ମା'ଭଗବତୀଙ୍କ ମନ୍ଦିରକୁ ଯାତାୟାତରେ ବହୁ ଅସୁବିଧା ସୃଷ୍ଟି ହେବ। ତତ୍‌ସହିତ ନିର୍ମାଣ କରିବାକୁ ଯାଉଥିବା ଡ୍ରେନରେ ଘର ମାନଙ୍କର ଉଦ୍‌ବୃତ୍ତ ଜଳ ସହ ପାଇଖାନାର ବର୍ଜ୍ୟଜଳ ଛାଡ଼ିଲେ ସହିରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବାର ଆଶଙ୍କା ଥିଲା। ସେଥିପାଇଁ ୧୦ନଂ ୱାର୍ଡବାସିନ୍ଦା ଡ୍ରେନ୍ ନିର୍ମାଣକୁ ବିରୋଧ କରି ବାଣପୁର ତହସିଲଦାର, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପାଳ ଓ ଚିଲିକା ବିଧାୟକ ତଥା ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀଙ୍କୁ ଗତ ୧୭ ଏପ୍ରିଲରେ ଦାବିପତ୍ର ପ୍ରଦାନ କରି ଡ୍ରେନ୍ ନିର୍ମାଣ ବନ୍ଦ ପାଇଁ ଅନୁରୋଧ କରିଥିଲେ।

ମାତ୍ର ଏହାକୁ ଅଣଦେଖା କରି ଶୁକ୍ରବାର ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ତହସିଲଦାର ଓ ବାଣପୁର ଥାନା ଅଧିକାରୀ ପ୍ରମୁଖ ପୁଲିସ ଫୋର୍ସ ସହ ଜେସିବି ନେଇ ତଳସାହିକୁ ଯାଇ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଶତାଧିକ ସ୍ଥାନୀୟ ଏକାଠି ହୋଇ ଏହାକୁ ଘୋର ବିରୋଧ କରିଥିଲେ। ଫଳରେ ପ୍ରଶାସନ ଫେରିଯିବାକୁ ବାଧ୍ୟ ହୋଇଥିଲା।

ଏ ସମ୍ପର୍କରେ ୱାର୍ଡ ବାସିନ୍ଦା ବରିଷ୍ଠ ଆଇନଜୀବୀ ଗୌରୀଶଙ୍କର ଷଡ଼ଙ୍ଗୀ କହିଛନ୍ତି ଯେ, କିଛି ସ୍ୱାର୍ଥବାଦୀ ବ୍ୟକ୍ତି ବିଶେଷ ନିଜସ୍ୱ ସ୍ୱାର୍ଥ ପାଇଁ ସମୂହ ଜନସାଧାରଣଙ୍କ ପ୍ରତିବାଦ ସତ୍ତ୍ୱେ ପୁଲିସ ଓ ପ୍ରଶାସନ ଉପରେ ଅଯଥା ଚାପ ପକାଇ ଅନାବଶ୍ୟକ ଡ୍ରେନ ନିର୍ମାଣର ଉଦ୍ୟମ କରୁଛନ୍ତି। ଉପଯୁକ୍ତ ମାପ ଚିହ୍ନଟ ନ କରି, ସ୍ଥାନୀୟ ଲୋକଙ୍କ ସହଯୋଗ ନ ନେଇ ଏଭଳି ନିର୍ମାଣ ଉଦ୍ୟମକୁ ନିନ୍ଦା କରିଛନ୍ତି ଆଇନଜୀବୀ ଅନ୍ନଦା ଶଙ୍କର ଷଡ଼ଙ୍ଗୀଙ୍କ ସମେତ ସାହିବାସିନ୍ଦା।

ଏସମ୍ପର୍କରେ ଏନ୍ଏସି ନଗରପାଳ ମିଟୁ ନାୟକ କହିଛନ୍ତି, ସେ ବ୍ୟକ୍ତିଗତ ଭାବେ ଡ୍ରେନ ନିର୍ମାଣର କିଛି ଆବଶ୍ୟକତା ନଥିବା ଅନୁଭବ କରୁଥିବାବେଳେ ଆଜ୍ଞାତ ଚାପରେ ସେ ନାଚାର, ହେଲେ ସେ ସଦାସର୍ବଦା ଜନସାଧାରଣଙ୍କ ସୁଖଦୁଃଖରେ ରହିଥିବେ ବୋଲି କହିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠେ ସାହି ବାସିନ୍ଦା ତଥା ଶହ ଶହ ଲୋକଙ୍କ ସ୍ୱାର୍ଥ ଓ ଦାବିକୁ ଅଣଦେଖା କରି କେଉଁ ସ୍ୱାର୍ଥରେ ଏବଂ କାହା ଚାପରେ ଏଭଳି ଅନାବଶ୍ୟକ ଡ୍ରେନ ନିର୍ମାଣ କରାଯାଉଛି। ତେବେ ସ୍ଥାନୀୟବାସିନ୍ଦା କହିଛନ୍ତି, ଯଦି ପ୍ରଶାସନ ପକ୍ଷରୁ ନିରପେକ୍ଷ ଭାବେ ସଠିକ ମାପଚୁପ ନ କରି ଡ୍ରେନ ନିର୍ମାଣ କରାଯାଏ ତେବେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି।

# ଶ୍ରୀରାମଲୀଳା ତାଳପତ୍ର ପୋଥି ପଠନ ଉଦ୍‌ଯାପିତ

ବେଗୁନିଆ,୨୪।୫(ସମିସ): ବେଗୁନିଆ ବ୍ଲକ୍ ବଡ଼ବେରଣା ଗ୍ରାମର ସଡ଼କସାହିରେ ଶ୍ରୀରାମ ନବମୀଠାରୁ ଚାଲିଥିବା କବି ଅନଙ୍ଗ ନରେନ୍ଦ୍ରଙ୍କ ଦ୍ୱାରା ରଚିତ ଓ ସ୍ୱର୍ଗତ କାହ୍ନୁ ମାଝୀଙ୍କ ଦ୍ୱାରା ତାଳପତ୍ରରେ ଲିଖିତ ଶ୍ରୀରାମ ଲୀଳା ପୋଥି ପଠନ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଅନ୍ତିମ ବନ୍ଦନା "ଉଠ ରାମ ପାହିଲା ରଜନୀ' ଶ୍ରଦ୍ଧାଳୁଙ୍କ ମନରେ ଭକ୍ତି ଓ ଭାବମୟ ପରିବେଶ ସୃଷ୍ଟି କରିଥିଲା। ଏଥିରେ ନୀଳମଣି ମାଝୀ, ବ୍ରଜବନ୍ଧୁ ବେହେରା, ଭଗବାନ ପଣ୍ଡା, ଭଗବାନ ମହାନ୍ତି, ମନମୋହନ ପଣ୍ଡା, ଉମାକାନ୍ତ ରଣା, ଓମ୍‌ପ୍ରକାଶ ମହାପାତ୍ର, ଅଂଶୁମାନ ପଣ୍ଡା, ପ୍ରାଣନାଥ ପ୍ରଧାନ, ଚିନ୍ମୟ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ସନ୍ତୋଷୀ ମା'ଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

ବେଗୁନିଆ,୨୪।୫(ସମିସ): ବେଗୁନିଆ ବ୍ଲକ ସିକୋ ଗ୍ରାମସ୍ଥିତ ଦୋଳପଡ଼ିଆରେ ସନ୍ତୋଷୀ ମା'ଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଯାଜ୍ଞିକ ପଣ୍ଡିତ ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ଚନ୍ଦ୍ର ଶେଖର ମିଶ୍ର ଓ ମୃତ୍ୟୁଞ୍ଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ରବି ନାରାୟଣ ଚମ୍ପତି କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଶ୍ରଦ୍ଧାଳୁମାନେ ମନ୍ଦାକିନୀ ନଦୀ ତୁଠରୁ ପବିତ୍ର ଜଳ କଳସ ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ସହ ନୂତନ ମନ୍ଦିର ପରିସରରେ ସ୍ଥାପନ କରିଥିଲେ। ପରେ ଗର୍ଭାଧାନ, ମହାସ୍ନାନ ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଯୋଗେଶ୍ୱର ଛୋଟରାୟ, ପୂର୍ବତନ ସରପଞ୍ଚ ଭବାନୀ ଚମ୍ପତି, ପୂର୍ବତନ ସମିତିସଭ୍ୟ ପ୍ରମୋଦ କୁମାର ମହାପାତ୍ର, ସମାଜସେବୀ ସଞ୍ଜୟ କୁମାର ବାହୁବଳେନ୍ଦ୍ର, ଅନନ୍ତ କୁମାର ସାହୁ ଓ ଚିତ୍ତରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ।

# ଦିନକ ପରେ ସାବିତ୍ରୀ / ଆକାଶଛୁଆଁ ଫଳଦର; ଚିନ୍ତାରେ ଗ୍ରାହକ



୫ଶହ ଟଙ୍କାରେ ପୂରୁନି ବ୍ୟାଗ୍

ଖୋର୍ଦ୍ଧା,୨୪।୫(ସମିସ): ଆଉ ଦିନକ ପରେ ସାବିତ୍ରୀ ଅମାବାସ୍ୟା। ବିବାହିତାମାନେ ଭଗବାନଙ୍କୁ ପୂଜା କରି ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରିବା ସହ ପରିବାରର ମଙ୍ଗଳ ମନାସିବେ। ଏଥିପାଇଁ ମହିଳାମାନେ ଆଗୁଆ ପ୍ରସ୍ତୁତି ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ସାବିତ୍ରୀ ପୂଜା କଥା କହିଲେ ଆମ୍ବ, ପଣସ, ନଡ଼ିଆ, ସେଓ, ସପୁରୀ, ଖଜୁରୀ, ତାଳ ସମେତ ବିଭିନ୍ନ ଫଳମୂଳ ଖୋଜା ପଡ଼ିଥାଏ। ତେଣୁ ସାବିତ୍ରୀ ପାଇଁ ବଜାରରେ ଭିଡ଼ ଜମିବାରେ ଲାଗିଲାଣି। ମାତ୍ର ଗତ କିଛି ବର୍ଷ ହେବ ଫଳର ମହଙ୍ଗାମାଡ଼ ଗ୍ରାହକଙ୍କ ଚିନ୍ତା ବଢ଼ାଇ ଦେଇଥିବାବେଳେ ପ୍ରାକୃତିକ ଦୁର୍ବିପାକ ଯୋଗୁଁ ଆମ୍ବ, କଦଳୀ, ଲିଚୁ, କମଳା ଓ ପଣସ ଚାଷୀଙ୍କ ଫସଲ ପ୍ରାୟତଃ ନଷ୍ଟ ହୋଇଯାଇଥିବା ଜଣାଯାଇଛି। ତେଣୁ ବଜାରରେ ଏହାର ପ୍ରଭାବ ଦେଖାଯାଇଛି। ଆଉ ଯେଉଁ ପରିମାଣରେ ଚାଷୀ ଆମ୍ବ, ପଣସ, କଦଳୀ ବଜାରକୁ ବିକ୍ରି ନିମନ୍ତେ ଆଣୁଛନ୍ତି ତାହା ସହରବାସୀଙ୍କ ଆବଶ୍ୟକତା ପୂରଣ କରିପାରୁନାହିଁ। ଫଳରେ ପଡ଼ୋଶୀ ରାଜ୍ୟ ଆନ୍ଧ୍ରର କଦଳୀ ଏବଂ ଆମ୍ବ ଚାହିଦା ବୃଦ୍ଧି ସମେତ ବିପୁଳ ପରିମାଣରେ ବିକ୍ରି ହେଉଛି। ଚମ୍ପା କଦଳୀରେ ବ୍ୟବସାୟୀଙ୍କ ଅଣ୍ଟଲାଭ ମିଳୁଥିବା ଯୋଗୁଁ ସେମାନେ ଚମ୍ପା କଦଳୀର କୃତ୍ରିମ ଅଭାବ କରିଥିବା କୁହାଯାଉଛି। ଯାହା ଫଳରେ ମଧ୍ୟବିତ୍ତ ଓ ଗରିବ ଲୋକେ ବାଧ ହୋଇ ଅମୃତପାଣି କଦଳୀ ଅଧିକ ଦର ଦେଇ କିଣୁଥିବା ଦେଖାଯାଇଛି।

ଅନ୍ୟପକ୍ଷରେ ସହର ଏବଂ ଉପକଣ୍ଠର ବିଭିନ୍ନ ସ୍ଥାନରେ ଆମ୍ବ, ତାଳସଜ, ସପୁରୀ ଓ ପଣସର ପସରା ଜମିଛି। ହାତରେ ଆଉ ଗୋଟିଏ ଦିନ ରହିଥିବାବେଳେ ଝିଅ ଘରକୁ ଭାର ପଠାଇବା ପାଇଁ ବାପଘର ଲୋକେ ତତ୍ପର। ଆକାଶଛୁଆଁ ଦରରେ ବ୍ୟାଗ୍ ଭର୍ତ୍ତି କରିବା କଷ୍ଟକର ହୋଇପଡୁଛି।

ଏପଟେ ଚାହିଦାକୁ ଲକ୍ଷ୍ୟ ରଖି ଦୋକାନୀମାନେ ମଧ୍ୟ ଚଢ଼ା ଦର କଷୁଛନ୍ତି। ବଜାରରେ ଦେଶୀ ଆମ୍ବର ଦର କିଲୋପିଛା ୪୦ରୁ ୫୦ ଟଙ୍କା ଥିବାବେଳେ ଉନ୍ନତମାନର ଆମ୍ବ ଯଥା- ବାଇଗଣ ପଲେଇ ୭୦ ଟଙ୍କା, ସୁନ୍ଦରୀ ଆମ୍ବ ୯୦ରୁ ୧୦୦ ଏବଂ ଦୋଷରୀ ଆମ୍ବ ୧୧୦ ଟଙ୍କାରୁ କମ୍‌ରେ ମିଳୁନି। ପଣସ ଦର ଆକାରକୁ ନେଇ ନିର୍ଦ୍ଧାରିତ ହୋଇଛି। ୭୦ ଟଙ୍କାରୁ ଆରମ୍ଭ କରି ୩୦୦ ଟଙ୍କା ଯାଏଁ ଦରରେ ପଣସ ବିକ୍ରି ହେଉଛି। ବଜାରରେ ତାଳ ଗୋଟାକୁ ୨୦ରୁ ୩୦ ଟଙ୍କା ଏବଂ ଖଜୁରୀ କୋଳି ପ୍ୟାକେଟ୍ ୧୦ରୁ ୧୫୦ ଟଙ୍କାରେ ବିକ୍ରି କରିବାକୁ ବାଧ ହେଉଥିବା ବ୍ୟବସାୟୀ ପ୍ରକାଶ କରିଛନ୍ତି। ସେହିପରି ବ୍ୟବସାୟୀ ଅଶୋକ ବେହେରାଙ୍କ କହିବା କଥା, ବର୍ତ୍ତମାନ ବଜାରରେ ଲିଚୁ କୋଳି ୨୦୦ରୁ ୨୫୦ ଟଙ୍କା, ଜାମୁ କୋଳି ୨ଟାକୁ ୫ଟଙ୍କା, ସେଓ (୩ ପ୍ରକାର ଦର) ୨୦୦, ୨୫୦ ଓ ୩୦୦ ଟଙ୍କାରେ ବିକ୍ରି କରୁଛୁ। ରେଡ୍ ଗ୍ଲୋବ ଅଙ୍ଗୁର କିଲୋ ପିଛା ୨୫୦ ଓ ଜମ୍ମୁ ଅଙ୍ଗୁର ୧୪୦ରୁ ୧୮୦, କମଳା ୧୦୦ରୁ ୧୫୦, ସିଙ୍ଗାପୁରୀ କଦଳୀ କିଲୋ ୫୦, ଦେଶୀ କଦଳୀ (ଡଜନ୍) ୧୫୦, ଡାଳିମ୍ବ (୩ ପ୍ରକାର ଦର) ୨୦୦, ୨୫୦ ଏବଂ ୩୦୦ ଟଙ୍କା, ତରଭୁଜ କେଜି ପିଛା ୨୦ରୁ ୩୦ ଟଙ୍କା, ନଡ଼ିଆ ଗୋଟାକ ୩୦ରୁ ୪୦ ଟଙ୍କା ଏବଂ ସପୁରୀ ଗୋଟାକ ୪୦ରୁ ୫୦ ଟଙ୍କା ଦରରେ ବିକ୍ରି ହେଉଛି।

ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଫଳଦର ହୁ ହୁ ହୋଇ ବୃଦ୍ଧି ହେଉଛି। ଫଳ ଦର ଦେଖି ଗ୍ରାହକ ଏକପ୍ରକାର ଛାନିଆ ହୋଇଥିଲେ ମଧ୍ୟ ସାବିତ୍ରୀ ସମୟରେ ଏଭଳି ଦର ହୁଏ ବୋଲି ମନକୁ ବୁଝାଇ ନେଇଥିଲେ। କିଛି ଉପାୟ ନ ପାଇ ଫଳ କିଣିବାକୁ ବାଧ। ପଣସ, ତାଳ ଓ ଖଜୁରୀ ପୂଜା ପାଇଁ ଆବଶ୍ୟକତା ରହୁଥିବାରୁ ବର୍ଷକୁ ଥରେ ଯେପରି ହେଲେ ନେବାକୁ ପଡୁଥିଲା। ବଜାରରେ ସକାଳୁ ଓ ସନ୍ଧ୍ୟା ସମୟରେ ଭିଡ଼ ଦେଖିବାକୁ ମିଳିଥିବାବେଳେ କାଳବୈଶାଖୀ ବର୍ଷା ଓ ବଜ୍ରପାତ ଯୋଗୁଁ ଦ୍ୱିପ୍ରହର ସମୟରେ ଫାଙ୍କା ପଡ଼ିଥିଲା। ତେବେ ଚଳିତ କାଳବୈଶାଖୀ ବର୍ଷା ପବନ ଯୋଗୁଁ ଫଳ ବଗିଚା ଉଜୁଡ଼ିବା ଏବଂ ମାଙ୍କଡ଼ ଉତ୍ପାତ ରୋକିବାରେ ବନ ବିଭାଗ ବିଫଳ ହେବାରୁ ଫଳ ଦରବୃଦ୍ଧି ପାଉଥିବା ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

● ଜଳଖିଆ ଦୋକାନରେ ଲଙ୍କାକାଣ୍ଡ

# ଖଣ୍ଡା ଚୋଟରେ ଜଣଙ୍କ ଜୀବନ ଗଲା

ଟାଙ୍ଗୀ,୨୪।୫(ସମିସ): ଟାଙ୍ଗୀ ଥାନା ଜରିପଡ଼ା ପାଣିଦୂଆର ଛକରେ ଥିବା ଏକ ଜଳଖିଆ ଦୋକାନରେ ପଇସା ଦେବାକୁ ନେଇ ମୁଣ୍ଡ ଗଡ଼ିଛି। ମୃତକ ହେଲେ ଡିଗିରିସାହିର ରବି ବେହେରାଙ୍କ ପୁଅ ଅରବିନ୍ଦ ବେହେରା (୩୦)।

ପ୍ରକାଶ ଯେ, ଟାଙ୍ଗୀ ଥାନା ଜରିପଡ଼ା ପାଣିଦୂଆର ଛକରେ କୈଳାସ ସାହୁ ଏକ ଠେଲା ଗାଡ଼ିରେ ଜଳଖିଆ ବେପାର କରନ୍ତି। ସବୁଦିନ ଭଳି ଆଜି ଜଳଖିଆ ବିକୁଥିବାବେଳେ ରାତି ପ୍ରାୟ ୯ଟାରେ ମଦ୍ୟପାନ କରି ଏହି ଥାନା ଅଧିନସ୍ଥ ଡିଗିରିସାହିର ପୁରୁଷୋତ୍ତମ ବେହେରାଙ୍କ ପୁଅ ଗୋପ ବେହେରା ପହଞ୍ଚିଥିଲା। ଜଳଖିଆ ଖାଇ ପଇସା ଦେଇନଥିଲା। ଏନେଇ କୈଳାସ ଓ ଗୋପଙ୍କ ମଧ୍ୟରେ ବଚସା ହୋଇଥିଲା। ଅରବିନ୍ଦ ପହଞ୍ଚି କାହିଁକି ପାଟିତୁଣ୍ଡ କରୁଛ କହି ସମାଧାନ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ମଦ୍ୟପାନ କରିଥିବା ଗୋପ ଉତ୍ତ୍ୟକ୍ତ ହୋଇ ଅରବିନ୍ଦ ସହିତ ଓଲଟା ଝଗଡ଼ା କରିବା ସହ ଘରକୁ ଯାଇ ଏକ ଖଣ୍ଡା ଆଣି ଅରବିନ୍ଦଙ୍କ ମୁଣ୍ଡକୁ ଚୋଟ ପକାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଆମ୍ବୁଲାନ୍ସ ଯୋଗେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। ରିପୋର୍ଟ ଲେଖାହେବା ବେଳକୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିଲେ ମଧ୍ୟ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଚଳାଇଛି। ହତ୍ୟାକାରୀ ଗୋପ କୁ ପୁଲିସ ଧରିବାରେ ସକ୍ଷମ ହୋଇପାରିନାହିଁ।

# ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ; ଚାଳକ ଆହତ

ବାଲୁଗାଁ/ଟାଙ୍ଗୀ,୨୪।୫(ସମିସ) : ୧୬ନଂ ଜାତୀୟ ରାଜପଥ ଏଚ୍‌ପି ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ୧୦୮ ଆମ୍ବୁଲାନ୍ସ ଏକ ଟ୍ରେଲରକୁ ପଛରୁ ଧକ୍କା ଦେବାରୁ ଚାଳକ ଆହତ ହୋଇଛନ୍ତି। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଦୁର୍ଘଟଣା ପରେ ଜାତୀୟ ରାଜପଥରେ ଯାନବାହନ ଚଳାଚଳରେ ବ୍ୟାଘାତ ହୋଇଥିଲା। ପୁଲିସ ପହଞ୍ଚିବା ରାସ୍ତା କ୍ଲିୟର କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ସୂଚନା ମୁତାବକ, ବିଶାଖାପାଟଣାରୁ କଟକ ଯାଉଥିବା ଏକ ଟ୍ରେଲର ରାତି ପ୍ରାୟ ୧୦ଟାରେ ଏଚ୍‌ପି ପେଟ୍ରୋଲ ପମ୍ପରେ ତେଲ ପକାଇ ରାଜପଥ ଉପରକୁ ଆସୁଥିବାବେଳେ ବ୍ରହ୍ମପୁର ଏମ୍‌କେସିଜି ହସ୍ପିଟାଲରୁ ରୋଗୀଙ୍କୁ ନେଇ ଭୁବନେଶ୍ୱର ଏମସ୍ ଯାଉଥିବା ଏକ ୧୦୮ ଆମ୍ବୁଲାନ୍ସ ଟ୍ରେଲର ପଛରେ ଭାରସାମ୍ୟ ହରାଇ ଜୋର୍‌ରେ ପିଟି ହୋଇଯାଇଥିଲା। ଦୁର୍ଘଟଣାରେ ଆମ୍ବୁଲାନ୍ସ ଡ୍ରାଇଭର ସାମାନ୍ୟ ଆହାତ ହୋଇଥିବା ବେଳେ ଆମ୍ବୁଲାନ୍ସରେ ନିଆ ଯାଉଥିବା ଗୁରୁତର ରୋଗୀଙ୍କୁ ଅନ୍ୟଏକ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ପଠାଯାଇଥିଲା। ଦୁର୍ଘଟଣା ଫଳରେ ରାସ୍ତା ଅବରୋଧ ହୋଇ ପ୍ରାୟ ଏକ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଟାଙ୍ଗୀ ପୋଲିସ ପହଞ୍ଚି ଗାଡ଼ି ଦୁଇଟିକୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ମା' ବାଇଧର ଦେବୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା



ବାଲୁଗାଁ,୨୪।୫(ସମିସ): ଚିଲିକା ବ୍ଲକ ଅନ୍ତର୍ଗତ ଶିଙ୍ଗେଶ୍ୱର ପଞ୍ଚାୟତ ଆମ୍ବପଡ଼ା ଗ୍ରାମରେ ଜଗତ୍‌ଜନନୀ ମା' ବାଇଧର ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସହ ବିଗ୍ରହ ପ୍ରତିଷ୍ଠା, ରତ୍ନମୁଦ, ଘୃତଯଜ୍ଞ ଓ ଅନ୍ନଯଜ୍ଞ ଆଦି ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସୂର୍ଯ୍ୟ ପୂଜା, ଗୋ ପୂଜା, ପଞ୍ଚ କର୍ମ, ଆହୁତୀ, ଦେବତା ସ୍ନାନ ଏବଂ ମା'ଙ୍କୁ ଯଜ୍ଞ ମଣ୍ଡପରୁ ଘଣ୍ଟ ବାଦ୍ୟ ଓ ହରିବୋଲ ହୁଳହୁଳି ମଧ୍ୟରେ ନେଇ ନୂତନ ମନ୍ଦିର ସ୍ଥିତ ଆସ୍ଥାନରେ ସ୍ଥାପନ ପରେ ସନ୍ଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ଏହି ଅବସରରେ ଗ୍ରାମବାସୀଙ୍କ ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପୁରୀ ମୁକ୍ତି ମଣ୍ଡପ ପୂଜାରୀ ବିଚିତ୍ରା ନନ୍ଦ ମିଶ୍ର, ଦୀପ୍ତି ରଞ୍ଜନ ଦୀକ୍ଷିତ, ଲିଙ୍ଗରାଜ ପଣ୍ଡା, ମନୋରଞ୍ଜନ ଷଡ଼ଙ୍ଗୀ, ବିଶ୍ୱଜିତ ଦାଶ, ସୌମ୍ୟ ରଞ୍ଜନ ମିଶ୍ର, ସତ୍ୟବାନ ମୁଦ୍ରା ଓ ନିହାର ରଞ୍ଜନ ମିଶ୍ର ପ୍ରମୁଖ ବ୍ରାହ୍ମଣ ଓ ପଣ୍ଡିତମାନଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏଥିରେ ସଭାପତି ଅଜୟ ସୁନ୍ଦରା ଓ ପ୍ରମୋଦ ବେହେରା ତଥା କର୍ତ୍ତା ବାଳାଜୀ ଲକ୍ଷ୍ମୀ ନାରାୟଣ ପ୍ରଧାନ ଓ କୁବେର ପ୍ରଧାନ ପ୍ରମୁଖଙ୍କ ସମେତ ଆମ୍ବପଡ଼ା ଓ କିମ୍ବୀରପଡ଼ା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଦୀର୍ଘ ୪ ଦିନ ଧରି ଗ୍ରାମରେ ନାମ ସଂକୀର୍ତ୍ତନରେ ଏକ ଆଧାମ୍ଭିକ ପରିବେଶ ସୃଷ୍ଟି ହୋଇଥିଲା।

# କାଳବୈଶାଖୀ ବର୍ଷା | ରାସ୍ତା ଉପରେ ଲହଡ଼ି ଭାଙ୍ଗିଲା ଆବର୍ଜନା ଜଳ



ଖୋର୍ଦ୍ଧା,୨୪।୫(ସମିସ): କ୍ରମାଗତଭାବେ ଗତ କିଛିଦିନ ହେବ ଅସହ୍ୟ ତାତିରେ ଆଉଟୁପାଉଟୁ ହେଉଥିଲେ ଜିଲ୍ଲାବାସୀ। ତାପମାତ୍ରା ପ୍ରାୟ ୩୮ ଡିଗ୍ରୀ ଛୁଇଁଥିବାବେଳେ ଦିନ ସାଢ଼େ ୯ଟା ପରେ ରାସ୍ତାଘାଟ ଶୂନ୍‌ଶାନ୍ ହେଉଥିଲା। ୩ ଦିନ ହେବ କାଳବୈଶାଖୀ ବର୍ଷା ଯୋଗୁଁ ଅସହ୍ୟ ତାତିରୁ ଜିଲ୍ଲାବାସୀଙ୍କୁ ନିସ୍ତାର ମିଳିଛି। ତାପମାତ୍ରା ହ୍ରାସ ପାଇଥିବାବେଳେ ପାଗରେ ବି ପରିବର୍ତ୍ତନ ଦେଖାଯାଇଛି। ୩ଦିନ ହେବ ଆକାଶ ମେଘାଚ୍ଛନ୍ନ ହୋଇ କାଁ ଭାଁ ଦିନରେ ଏବଂ ରାତିରେ ବର୍ଷା ଆରମ୍ଭ ହୋଇଥିବାବେଳେ ଶନିବାର ମଧ୍ୟ ମଧ୍ୟାହ୍ନ ପର୍ଯ୍ୟନ୍ତ ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ମଧ୍ୟ ଜୋର୍ ହୋଇଥିଲା। ଫଳରେ ବିଗତ ଏକ ସପ୍ତାହ ହେବ ଦେଖାଯାଇଥିବା ଉତ୍ତାପ ସାମାନ୍ୟ ହ୍ରାସ ପାଇଛି। ଅସହ୍ୟ ତାତି ଯୋଗୁଁ ନଦୀ, ନାଳ ଓ ଜଳ ଉତ୍ସଗୁଡ଼ିକ ଶୁଖିଲା ପଡ଼ିଥିଲା। ବର୍ଷା ଯୋଗୁଁ ଜମି ଚାଷ ଲାଗି ପାଗ ଅନୁକୂଳ ହୋଇଥିବାରୁ ଚାଷୀ ମଧ୍ୟ ଖୁସି। ଶନିବାର ମଧ୍ୟାହ୍ନରେ ପ୍ରାୟ ଅଧଘଣ୍ଟା ବର୍ଷାରେ ସହରବାସୀ ରାସ୍ତାରେ ଯାତାୟାତ ନେଇ ଅଣାୟତ ହୋଇଥିଲେ। ଏପରିକି ଅଧିକାଂଶ ରାସ୍ତାରେ ଡ୍ରେନ୍ ପାଣି ଲହଡ଼ି ଭାଙ୍ଗୁଥିବା ଦେଖାଯାଇଥିବା ବେଳେ ଅଧିକ ବର୍ଷା ଜାରି ରହିଲେ ରାସ୍ତାଘାଟର ଅବସ୍ଥା ସଙ୍ଗିନ୍ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି।

ପ୍ରକାଶଥାଉ କି, ୨୨ଟି ୱାର୍ଡକୁ ନେଇ ଖୋର୍ଦ୍ଧା ପୌରପରିଷଦ ଗଠିତ। ଏହାର ଲୋକସଂଖ୍ୟା ପାଖାପାଖି ୫୦ ହଜାରରୁ ଉର୍ଦ୍ଧ୍ୱ ହେବ। ସହର ମଧ୍ୟରେ ନିର୍ମାଣ ହୋଇଥିବା ରାସ୍ତା ଏବଂ ପୁରାତନ ରାସ୍ତାର ଅଧିକାଂଶ ସ୍ଥାନରେ ନାଳ ନ ଥିବାବେଳେ ଆଉ ଯେଉଁ କେତେକ ସ୍ଥାନରେ ଅଛି ତାହା ପୋତି ହୋଇଯାଇଛି। ବେଆଇନ ଭାବେ ନାଳ ଜବରଦଖଲ ଯୋଗୁଁ ଅସରାଏ ବର୍ଷାରେ ସହରରେ ବର୍ଷାଜଳ ଜମି ରହୁଛି। ନାଳର ପୁନରୁଦ୍ଧାର ମଧ୍ୟ କରାଯାଉ ନ ଥିବା ଅଭିଯୋଗ ହେଉଛି। କିଛି ରାସ୍ତାରେ ନୂଆ ନାଳ କରାଯାଇଥିଲେ ହେଁ ସଠିକ୍ ଭାବେ ସଂଯୋଗ ହୋଇ ନ ଥିବାରୁ କେତେକ ସ୍ଥାନରେ ରାସ୍ତା ଉପରେ ପାଣି ଜମୁଛି। ଏଥିସହିତ ସହର ଅଧିକାଂଶ ନାଳ ଉପରେ ବେଆଇନ ଭାବେ ବହୁ ଘର ନିର୍ମାଣ ହୋଇଛି। ପ୍ରଶାସନର ନୀରବତା ହିଁ ଲୋକଙ୍କୁ ଅସୁବିଧାରେ ପକାଉଛି। ବହୁଦିନ ଡ୍ରେନ୍‌ଗୁଡ଼ିକ ସଫା ନ ହେବା ଫଳରେ ବହୁ ନାଳ ପୋତି ହୋଇ ମାନଚିତ୍ରରୁ ହଜି ଯାଇଥିବା ମଧ୍ୟ ଦେଖାଗଲାଣି। କିନ୍ତୁ ପୌରପରିଷଦ ତରଫରୁ ନାଳସଫା ନିୟମିତ ହେଉଥିବା ସଫେଇ ଦିଆଯାଉଛି। ମାତ୍ର ବର୍ଷାଦିନ ଆସିଲେ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି।

ସେହିପରି ଲୋକମାନଙ୍କ ମଧ୍ୟରେ ସଚେତନତା ଅଭାବରୁ ଘରୁ ବାହାରୁଥିବା ଆର୍ବଜନା ନାଳ ମଧ୍ୟରେ ପକାଉଥିବା ଯୋଗୁଁ ଡ୍ରେନ୍ ମଧ୍ୟ ପୋତି ହୋଇ ପାଣି ନାଳରେ ଯିବା ପରିବର୍ତ୍ତେ ରାସ୍ତାରେ ଭାସୁଛି। ଫଳରେ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ପୌରପରିଷଦ ତରଫରୁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ଅଧିକାଂଶ ୱାର୍ଡରେ କଂକ୍ରିଟ ରୋଡ୍ କରାଯାଉଥିବାବେଳେ ବର୍ଷାଜଳ ନିଷ୍କାସନ ପାଇଁ ପାର୍ଶ୍ୱରେ ଡ୍ରେନ୍ ତିଆରି ହୋଇନାହିଁ। ଆଉ ଯେଉଁ ସ୍ଥାନରେ ବି ତିଆରି ହୋଇଛି ତାହା ଅଧପାନ୍ତରିଆ। ଫଳରେ ବର୍ଷାଜଳ ଘରେ ପଶୁଛି। ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଗେଟ୍ ଏବଂ ସରକାରୀ କ୍ୱାର୍ଟର୍ସ ସମ୍ମୁଖରେ ଯାଇଥିବା ଡ୍ରେନ୍ ପୋତିହେବା ଫଳରେ ବର୍ଷାଜଳ ରାସ୍ତାରେ ଲହଡ଼ି ମାରୁଛି। ପ୍ରତିବର୍ଷ ବର୍ଷା ଆସିଲେ ପୌରପରିଷଦ ଲୋକଦେଖାଣିଆ ଭାବେ ଯେଉଁକିଛି ଡ୍ରେନେଜ୍ ରହିଛି ତା'ର ସଫେଇ କାମ ହାତକୁ ନେଉଛି ସିନା ବାସ୍ତବରେ ଜନସାଧାରଣଙ୍କ ସମସ୍ୟା ଯେଉଁଠି କି ସେଇଠି ଅଟକି ରହିଛି। ତେଣୁ ସହରରେ ସ୍ୱେରେଜ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ପ୍ରଶାସନିକସ୍ତରରେ ଠିକ୍ ଭାବେ ଉଦ୍ୟମ କରା ନ ଗଲେ ଆଗାମୀ ଦିନରେ ପୌର ପ୍ରଶାସନକୁ ଜନସାଧାରଣଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିପାରେ ବୋଲି ଆଲୋଚନା ହେଉଛି।

# ବିଦ୍ୟାଳୟର ଶତବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବେଗୁନିଆ,୨୪।୫(ସମିସ): ବେଗୁନିଆ ସଦର ମହକୁମା ସ୍ଥିତ ସର୍ବପୁରାତନ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ୧୦୦ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଦ୍ୱିତୀୟ ସାଧାରଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଶିକ୍ଷାବିତ୍ ଯୋଗେଶ୍ୱର ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ପୁରାତନ ଛାତ୍ରଛାତ୍ରୀ ଏକାଠି ହୋଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ନିଜର ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ସାହୁ ବିଗତ ବୈଠକର ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ସ୍ମୃତି ପଟ୍ଟନାୟକ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ। ତେବେ ଆସନ୍ତା ଜୁନ୍ ୮ରେ ତୃତୀୟ ସାଧାରଣ ବୈଠକ ଅନୁଷ୍ଠିତ ପାଇଁ ନିଷ୍ପତ୍ତି ହୋଇଥିଲା। ଶିକ୍ଷାବିତ୍ ଭାଗିରଥୀ ପରିଡ଼ା ଧନ୍ୟବାଦ ଦେଇଥିଲେ।



## ବଜ୍ରପାତରେ ୨ ଗୋରୁ ମୃତ

କଁ଼ୟାଗୋଲା, ୨୪।୫(ସମିସ): ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତ ବଡ଼ କୁଆଁଲ ଗ୍ରାମ ଅଜୟ ମଲ୍ଲିକଙ୍କ ଦୁଇଟି ଗୋରୁଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ଆଜି ପୂର୍ବାହ୍ନରେ ପ୍ରବଳ ବର୍ଷା ହେବା ସହ ହଠାତ ବିଜୁଳି ଘଡ଼ଘଡ଼ି ମାରିଥିଲା। ବିଜୁଳି ଘଡ଼ଘଡ଼ିରେ ବାଙ୍ଗରା ପଞ୍ଚାୟତ ଗୁଣ୍ଡୁରୀପଡ଼ା ବିଲରେ ଚରୁଥିବା ଗୋରୁ ଦୁଇଟିର ମୃତ୍ୟୁ ହୋଇଯାଇଥିଲା। କୁଆଁଲ ପଶୁ ଚିକିତ୍ସାଳୟର ଚିକିତ୍ସକ ପହଞ୍ଚି ଗାଈଟିର ଅସ୍ତ୍ରୋପଚାର କରାଇ ପେଟ ଭିତରେ ମୃତ ବାଛୁରୀକୁ ବାହାର କରିଥବଲେ। ଅଜୟ ଜଣେ ଗରିବ ଶ୍ରେଣୀୟ ଦିନ ମଜୁରିଆ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବାଲି ବୋଝେଇ ହାଇୱା ଜବତ



ପାଣିକୋଇଲି, ୨୪।୫(ସମିସ): ଦିବାରାତ୍ରି ପାଣିକୋଇଲି ଅଞ୍ଚଳରେ ଚୋରା ବାଲି ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। କେତେବେଳେ କେମିତି ଖଣି ବିଭାଗ ଓ ପୁଲିସ ଗାଡି ଧରି ତାର କାମ ସାରୁଛି। ସମୁଦ୍ରକୁ ଶଙ୍ଖେ ଭଳି ବାଲି ଗାଡି ଧରୁଛି ଖଣି ବିଭାଗ। ଆଜି ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଏକ ବାଲି ବୋଝେଇ ହାଇୱା ଧରି ପାଣିକୋଇଲି ପୁଲିସ ଜିମା ଦିଆଯାଇଛି। ଜୁନିଅର ଖଣି ଅଧିକାରୀ ସିତେଶ କୁମାର ନାୟକ ଓ ଛାୟାକାନ୍ତ ମହନ୍ତ ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ।

## ପଦ୍ମଲୋଚନ କୋରେଇ ବିଧାୟକଙ୍କ ମିଡିଆ ସେଲ୍ ପ୍ରତିନିଧି

କୁଆଖିଆ, ୨୪।୫(ସମିସ): ରସୁଲପୁର ବ୍ଲକର ଯୁବ ସାମ୍ବାଦିକ ପଦ୍ମଲୋଚନ ନାୟକଙ୍କୁ କୋରେଇ ବିଧାୟକ ଆକାଶ ଦାସନାୟକ ରସୁଲପୁର ବ୍ଲକ ପାଇଁ ନିଜର ମିଡିଆ ସେଲ୍‌ର ପ୍ରତିନିଧି ଭାବରେ ମନୋନୀତ କରିଛନ୍ତି। ଏ ସଂକ୍ରାନ୍ତରେ ବିଧାୟକ ଏକ ଚିଠି ମାଧ୍ୟମରେ ରସୁଲପୁର ବିଡିଓଙ୍କୁ ସୂଚନା ଦିଆଯାଇଛି। ଯୁବ ସାମ୍ବାଦିକ ଶ୍ରୀ ନାୟକ ବର୍ତ୍ତମାନ କୁଆଖିଆ ପ୍ରେସ କ୍ଲବର ଜଣେ ସକ୍ରିୟ ସଭ୍ୟ ଏବଂ କୋଷାଧ୍ୟକ୍ଷ ଅଛନ୍ତି। ସେ କୋରେଇ ନିର୍ବାଚନ ମଣ୍ଡଳୀରେ ଥିବା ରଶୁଲପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଗଣମାଧ୍ୟମରେ ଦାୟିତ୍ୱରେ ରହିବେ।

## ଡିଜିପିଙ୍କୁ କଂଗ୍ରେସ ନେତାଙ୍କ ଦାବିପତ୍ର ପ୍ରଦାନ



ଧର୍ମଶାଳା, ୨୪।୫ (ସମିସ): କୁମାରୀ ପଞ୍ଚାୟତ ଜାମୁବଣିଆ ଗ୍ରାମର ମୃତ କ୍ରସର କର୍ମଚାରୀ ଅରଜିତ ଜେନା ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଗିରଫ ଦାବିରେ ଧର୍ମଶାଳା କଂଗ୍ରେସ ପକ୍ଷରୁ ଡିଜିପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କଂଗ୍ରେସ ନେତା କିଷାନ ପଣ୍ଡାଙ୍କ ନେତୃତ୍ୱରେ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ତରେଇ, ପ୍ରଫୁଲ୍ଲ କୁମାର ରାୟ, ସଞ୍ଜୟ କୁମାର ରାଉତ ଓ ଦୀପକ କୁମାର ବଳ ପ୍ରମୁଖ କଟକସ୍ଥିତ କ୍ୟାଣ୍ଟେନମେଣ୍ଟ ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ଜରିଆରେ ଡିଜିପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବହୁ ଚର୍ଚ୍ଚିତ ଅରଜିତ ଜେନା ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଜ୍ଞାନରଞ୍ଜନ ମହାପାତ୍ର (ସିଲୁ)ଙ୍କୁ ତୁରନ୍ତ ଗିରଫ କରା ନଗଲେ ଜୁନ ମାସ ପ୍ରଥମ ସପ୍ତାହରେ ଧର୍ମଶାଳା ଥାନା ଘେରଉ କରାଯିବ ବୋଲି ଶ୍ରୀ ପଣ୍ଡା ଚେତାବନୀ ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ପଦ୍ମାବତୀ କ୍ରସର କର୍ମଚାରୀ ଅରଜିତ ଜେନା ମୃତ୍ୟୁ ମାମଲାରେ ୪ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣକୁ ଇତି ମଧ୍ୟରେ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ହେଲେ ମୁଖ୍ୟ ଅଭିଯୁକ୍ତ ଜ୍ଞାନରଞ୍ଜନ ମହାପାତ୍ର(ସିଲୁ) ଏବେ ବି ଫେରାର ରହିଛି।

## ଅଗ୍ନି ବିପନ୍ନ ପରିବାରକୁ ସହାୟତା

କଁ଼ୟାଗୋଲା, ୨୪।୫(ସମିସ): ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତର ବିନ୍ଧାନନ୍ଦୀପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ପୋଡ଼ିଯାଇଛି। ଗ୍ରାମର ଉମାକାନ୍ତ ଯେନା, ରମାକାନ୍ତ ଯେନା, ସୂର୍ଯ୍ୟକାନ୍ତ ଯେନା ଓ କାନ୍ତରି ଯେନାଙ୍କ ୪ ବଖରା ଘର ସହ ଗୁହାଳ ପୋଡି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଖବର ପାଇ 'ଆମେ ଅଛୁ ଆପଣଙ୍କ ସାଥିରେ' ହେଲ୍‌ପିଂ ଗ୍ରୁପ ତରଫରୁ ଚାଉଳ, ଅଟା, ଚୁଡ଼ା, ସୁଜି, ବିସ୍କୁଟ, ସହିତ ନୂତନ ବସ୍ତ୍ର, ଲୁଙ୍ଗି ଅଗ୍ନି ବିପନ୍ନ ପରିବାରକୁ ପ୍ରଦାନ କରାଯାଇଛି। ସଂଗଠନ ମୁଖ୍ୟ ଆବାହକ ଦେବଦତ୍ତ ନାୟକ ସହିତ ଗ୍ରୁପ ସଦସ୍ୟ ଉମେଶ ଦାସ, ପାଲଟପୁର ସରପଞ୍ଚ ଲିପିକା ମଲ୍ଲିକ ଉପସ୍ଥିତ ଥିଲେ।



ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ବିଶେଷଜ୍ଞ ଡାକ୍ତରଙ୍କ ବିନା ଚାଲିଛି ରୋଗୀସେବା

● ଡିଏମ୍‌ଏଫ୍ ଭରସାରେ ମେଡିକାଲ ଅଧିକାରୀ

ବ୍ୟାସନଗର, ୨୪।୫(ସମିସ):

ଯାଜପୁର ଜିଲ୍ଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଗଣିତ। ଏସିଆ ମହାଦେଶର ଧାତବ ଶିଳ୍ପ ରାଜଧାନୀ କଳିଙ୍ଗନଗରର ମୁଖଶାଳା ଭାବେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନେକ ଗୁରୁତ୍ୱବହନ କରିଥାଏ। ହେଲେ ବିଗତ କିଛି ବର୍ଷ ଧରି ଏଠାରେ ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟ ସେବା ଏତେ ନିମ୍ନମାନର ହେଲାଣି ଯେ ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସିବାକୁ ଅମଙ୍ଗ ହେଲେଣି। ଫଳରେ ଜୀବନ ରକ୍ଷାକାରୀ ଏହି କେନ୍ଦ୍ର ଏବେ କିଛି ମୁଷ୍ଟିମେୟ ଅଧିକାରୀଙ୍କ କବ୍‌ଜାରେ ରହି ନିଜ ପୂର୍ବ ଗରିମା ହରାଇବାକୁ ବସିଛି।




ଦୀର୍ଘବର୍ଷ ଧରି ବିଭିନ୍ନ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଯୋଗୁଁ ଏଠାରେ ଦୈନନ୍ଦିନ ଶହ ଶହ ରୋଗୀ ଆବଶ୍ୟକ ଚିକିତ୍ସା ନପାଇ ଫେରୁଛନ୍ତି। ବିବାଦରେ ଛନ୍ଦି ହୋଇ ବରିଷ୍ଠ ଆନାସ୍ଥେଥିଆ ବିଶେଷଜ୍ଞ ଡା. ସନ୍ତୋଷ କୁମାର ପୃଷ୍ଟି ପ୍ରାୟ ବର୍ଷକ ତଳେ ଏଠାରୁ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପରେ ଏଠାରେ ଏହି ପଦବୀ ଏଯାଏଁ ଖାଲି ପଡ଼ିଛି। ସେହିପରି ୨୦୦୯ରୁ ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ବିରେନ୍ଦ୍ର କୁମାର ଦାଶ ଏଠାରୁ ବଦଳି ହୋଇଯିବା ପରେ ଦୀର୍ଘ ବର୍ଷ ହେବ ଏଠାରେ ଅସ୍ଥିଶଲ୍ୟ ବିଶେଷଜ୍ଞ ପଦ ଖାଲି ପଡ଼ିବା ପରେ ନାମକୁ ମାତ୍ର ଜନୈକ ଡାକ୍ତର ଦିଲ୍ଲୀପ କୁମାର ନାୟକଙ୍କୁ ଡିଏମ୍‌ଏଫ (ଜିଲ୍ଲା ଖଣିଜ ନ୍ୟାସ ପାଣ୍ଠି) ଯୋଜନାରେ ଥଇଥାନ କରିଥିବା ବେଳେ ସେ ଏଠାରେ ରୋଗୀ ସେବା କମ୍ ନିଜସ୍ୱ ବେସରକାରୀ ମେଡିକାଲରେ ଚିକିତ୍ସା ପାଇଁ ବାଧ କରୁଥିବା ନେଇ ଅନେକ ସମୟରେ ଅଭିଯୋଗ ହେଉଛି। ସହିପରି ମେଡିସିନ ବିଭାଗର ଡା. ଜୟଦେବ ନନ୍ଦ ସପ୍ତାହରେ ୨ ଦିନ ଏଠାରେ ରୋଗୀ ଦେଖୁଥିବା ବେଳେ ବାକି ସମୟ ସୁକିନ୍ଦାରେ ରହୁଛନ୍ତି। ସ୍ତ୍ରୀ ଓ ପ୍ରସୂତି ବିଭାଗର ବରିଷ୍ଠ ଡା. ସୌଭାଗ୍ୟ ରଞ୍ଜନ ସୁବୁଦ୍ଧି ଏଠାରେ କୋରେଇ ଗଲା ପରେ ମେଡିକାଲରେ ଡା. ବିରଞ୍ଚି ନାରାୟଣ ମହାପାତ୍ର ଯୋଗ ଦେଇଥିଲେ। ତେବେ ରୋଗୀ ତାଙ୍କୁ ନେଇ ଅସନ୍ତୁଷ୍ଟ ଥିବା ଅଭିଯୋଗ ହେଉଛି। ସେହିପରି ଶିଶୁ ରୋଗ ବିଶେଷଜ୍ଞ ଡା. ଗୌତମ କୁମାର ସାହୁ ଏଠାରେ ଯୋଗ ଦେବା ଦିନଠାରୁ ବିବାଦରେ ରହିଛନ୍ତି। ବିତାଡିତ ଫାର୍ମାସିଷ୍ଟଙ୍କୁ ନିଜ କ୍ୱାର୍ଟର ଚାବି ଦେବା ଠାରୁ ଆରମ୍ଭ କରି ସରକାରୀ ଡ୍ୟୁଟି ସମୟରେ ବେସରକାରୀ କ୍ଲିନିକରେ ରୋଗୀ ଦେଖିବା ଭଳି ସଙ୍ଗିନ ଅଭିଯୋଗ ତାଙ୍କ ବିରୋଧରେ ହୋଇଛି। ସେହିପରି ଡା. ସାହୁ ବ୍ଲଡ ବ୍ୟାଙ୍କ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱରେ ରହିଥିବା ବେଳେ ସେଠି ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ସେହିପରି ଫିଜିଓଥେରାପି ଏବଂ ଏକ୍ସରେ ଦାୟିତ୍ୱରେ ଥିବା ଅଧିକାରୀ ନିୟମିତ କାର୍ଯ୍ୟ କରୁଥିଲେ ମଧ୍ୟ ମେଡିକାଲର ଅବ୍ୟବସ୍ଥା ପାଇଁ ରୋଗୀ ଏକପ୍ରକାର ଏଠାରୁ ମୁହଁ ଫେରାଉଛନ୍ତି। ସେହିପରି ପୂର୍ବତନ ଦାନ୍ତ ଡାକ୍ତର ଡା. ଶୁଭଲକ୍ଷ୍ମୀ ରଥ ଏବଂ ତତ୍କାଳୀନ ଫାର୍ମାସିଷ୍ଟ ବିବାଦ ପରେ ଏଠାରୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେସନରେ ଡା. ରଥ ଯିବା ପରେ ସେ ସ୍ଥାନ ମଧ୍ୟ ଖାଲି ପଡ଼ିଛି। ସେହିପରି ନ୍ୟୁରୋଲୋଜି ବିଭାଗରେ କେହି ବିଶେଷଜ୍ଞ ଡାକ୍ତର ଦୀର୍ଘ ବର୍ଷ ହେବ ଏଠାରେ ନାହାଁନ୍ତି। ଅନ୍ୟପକ୍ଷରେ ଏଠାରେ କାର୍ଯ୍ୟ କରୁଥିବା କିଛି ଡାକ୍ତର ଠିକ୍ ଭାବେ ରୋଗୀ ସେବା ନ କରି ବିଭିନ୍ନ ଘରୋଇ ଡାକ୍ତରଖାନା ଓ କ୍ଲିନିକ୍‌କୁ ପଠାଉଥିବା ଅଭିଯୋଗ ହେଉଛି।

ଏନେଇ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଧିକାରୀ ତଥା ସୁପରିଟେଣ୍ଡେଣ୍ଟ ଡା. ଦେବାଶିଷ ସାହୁଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିବା ସହିତ ପ୍ରକାରନ୍ତରେ ଡାକ୍ତର ଅଭାବ ଯୋଗୁଁ ଏନେଇ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରୁନଥିବା କହିଛନ୍ତି। ତେବେ ଖୁବ୍ ଶୀଘ୍ର ଆନାସ୍ଥେସିଆ, ନ୍ୟୁରୋଲୋଜି, ଦାନ୍ତ, ମେଡିସିନ ବିଭାଗରେ ଖାଲି ଥିବା ବିଶେଷଜ୍ଞ ପଦ ପୂରଣ କରାଯିବ। ଏନେଇ ଡିଏମ୍‌ଏଫ୍ (ଜିଲ୍ଲା ଖଣିଜ ନ୍ୟାସ ପାଣ୍ଠି) ଯୋଜନାରେ ବିଜ୍ଞାପନ ବାହାରିବା ସହିତ ଖୁବ୍‌ଶୀଘ୍ର ପକ୍ରିୟା ଶେଷ ହେବ। ତେବେ ସର୍ଜରୀ ବିଶେଷଜ୍ଞ ନିମନ୍ତେ ଜନୈକ ଡାକ୍ତରଙ୍କ ଇଣ୍ଟରଭ୍ୟୁ ସରିଥିଲେ ମଧ୍ୟ ଅଧିକ ଅର୍ଥ ଦାବି କରି ସେ କାର୍ଯ୍ୟରେ ଯୋଗ ଦେଇନଥିଲେ ବୋଲି ଶ୍ରୀ ସାହୁ କହିଛନ୍ତି। ତେବେ ଏଭଳି ସ୍ପର୍ଶକାତର ଘଟଣାରେ ଯାଜପୁର ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ କୋରେଇ ବିଧାୟକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଦଳ ପଙ୍କରେ ପୋତି ହୋଇଗଲାଣି ବେଙ୍ଗାନାଳ ଶଯ୍ୟା



**କଁ଼ୟାଗୋଲା, ୨୪।୫(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଚଷାଖଣ୍ଡ, ବିରିପଟା ସହ ଅନ୍ୟ ପଞ୍ଚାୟତ ତତ୍‌ସହିତ ପଡ଼ୋଶୀ ବ୍ଲକ ବିଞ୍ଝାରପୁରର ଆଉଁରୀ, ହଳଦୀଡ଼ିହ ପଞ୍ଚାୟତ ପାର୍ଶ୍ୱରେ ପ୍ରବାହିତ ବେଙ୍ଗାନାଳ ଏବେ ଏହାର ସତ୍ତା ହରାଇବାକୁ ବସିଲାଣି। ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବହୁ ଏକର ଚାଷ ଜମିକୁ ଜଳସେଚିତ କରିବାର ଏହି ନାଳ ମୁଖ୍ୟ ମାଧ୍ୟମ ଥିଲା। ବର୍ଷଯାକ ଚାଷୀ ପରିବାର ବିଭିନ୍ନ ଚାଷ ଓ ପନିପରିବା ପାଇଁ ଉକ୍ତ ବେଙ୍ଗାନାଳ ଉପରେ ନିର୍ଭର କରୁଥିଲେ। ଅପରପକ୍ଷେ ଚାଷ ଜମିକୁ ଜଳସେଚିତ କରିବାର ଲକ୍ଷ୍ୟ ନେଇ ବେଙ୍ଗାନାଳ ଉପରେ ଏକାଧିକ ସ୍ଥାନରେ ସୁଇଚ୍ ଗେଟ୍ ନିର୍ମାଣ କରାଯାଇଛି। ଦଳ ଓ ପଙ୍କ ଯୋଗୁଁ ବେଙ୍ଗାନାଳ ଶଯ୍ୟା ପୋତି ହୋଇପଡ଼ୁଛି। ସମୟାନୁକ୍ରମେ ବେଙ୍ଗାନାଳ ଶଯ୍ୟା ପୋତି ହୋଇପଡ଼ୁଥିବାରୁ ଜଳଧାରଣା କ୍ଷମତା ହ୍ରାସ ପାଇବାରେ ଲାଗିଛି। ବେଙ୍ଗାନାଳ ଶଯ୍ୟା ଖନନ ନିମନ୍ତେ ରାଜ୍ୟ ସରକାରଙ୍କ ଡ୍ରେନେଜ୍ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବେଙ୍ଗାନାଳ ଶଯ୍ୟା ଖନନ ହେଲେ ଜଳଧାରଣା କ୍ଷମତା ବୃଦ୍ଧି ପାଇବା ସହ ବହୁ ହେକ୍ଟର ହେକ୍ଟର ଚାଷ ଜମିରେ ଧାନ ସହ ଅନ୍ୟାନ୍ୟ ଫସଲ ହୋଇପାରିବ। ଏହାଦ୍ୱାରା ଶତାଧିକ ଚାଷୀ ପରିବାର ଉପକୃତ ହେବା ସହ ପରିବାର ଗୁଜୁରାଣ ମେଣ୍ଟାଇ ପାରିବେ। ବେଙ୍ଗା ନାଳର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ଜଳସେଚନ ବିଭାଗ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ପ୍ରଶିକ୍ଷଣ ଶିବିର



**ପାଣିକୋଇଲି, ୨୪।୫(ସମିସ):** ପୁରୀ ଗୋବର୍ଦ୍ଧନ ପୀଠ ପରିଷଦ ଅନ୍ତର୍ଗତ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ଉତ୍ତର ବିଭାଗ ଓଡ଼ିଶା ପ୍ରାନ୍ତର କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର ଓ ନିର୍ମାଣ ଶିବିର ତିନି ଦିନ ଧରି ପାଣିକୋଇଲି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହେଉଛି। ଉକ୍ତ ଶିବିରକୁ ଆଦିତ୍ୟ ବାହିନୀର ଓଡ଼ିଶା ପ୍ରାନ୍ତ ସଭାପତି ପଣ୍ଡିତ ମାତୃପ୍ରସାଦ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ରାଜ୍ୟ ସମ୍ପାଦକ ସତ୍ୟଜିତ ବେଜ, ପ୍ରାନ୍ତୀୟ ଉପସଭାପତି ବ୍ରହ୍ମଚାରୀ ସୁଯେସ ପ୍ରଶାନ୍ତ ଜୀ, ରଘୁନାଥ ମହନ୍ତ, ବିଭାଗ ସଂଗଠକ ସଚିବ ପଣ୍ଡିତ ମହେଶ ତ୍ରିପାଠୀ ପ୍ରମୁଖ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ଉତ୍ତର ବିଭାଗର ମୟୂରଭଞ୍ଜ କ୍ଷେତ୍ରୀୟ ସମ୍ପାଦକ ସୀତାନାଥ ମହାନ୍ତି, ବାଲେଶ୍ୱର କ୍ଷେତ୍ରୀୟ ସମ୍ପାଦକ ଗିରିଜା କର, ଭଦ୍ରକର କ୍ଷେତ୍ରୀୟ ସମ୍ପାଦକ ଡା. ନିମାଇଁ ନାୟକ, କେନ୍ଦୁଝରର କ୍ଷେତ୍ରୀୟ ସମ୍ପାଦକ ପ୍ରହ୍ଲାଦ ମହାନ୍ତ ଉପସ୍ଥିତ ଥିଲେ। ଯାଜପୁରର କ୍ଷେତ୍ରୀୟ ସମ୍ପାଦକ ପଣ୍ଡିତ ଲୋକନାଥ ପଣ୍ଡା ଏବଂ ପାଣିକୋଇଲି ପଞ୍ଚାୟତର ସରପଞ୍ଚ ପଦ୍ମାବତୀ ପଣ୍ଡା ଉପସ୍ଥିତ ଥିଲେ। ପ୍ରାନ୍ତୀୟ ସମ୍ପର୍କ ସଚିବ ପ୍ରତାପ ଭାରତୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା

**ଯାଜପୁର, ୨୪।୫(ସମିସ):** ଦଶରଥପୁର ବ୍ଲକ ବିରିପଟାର ବିଶିଷ୍ଟ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ସାମଜସେବୀ ସନ୍ତୋଷ କୁମାର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯାଜପୁର ପୂର୍ବତନ ଜିଲ୍ଲା ପରିଷଦ ସଭାପତି ରଞ୍ଜିତା ରାଉତ, ଅନନ୍ୟା ସାହିତ୍ୟ ସଂସଦର ବରିଷ୍ଠ କର୍ମକର୍ତ୍ତା ସୁବାସ ଚନ୍ଦ୍ର ମହାପାତ୍ର, ସମାଜସେବୀ ବିଜୟ କୁମାର ଧଳ, ଆଇନଜୀବୀ ରମଣୀ ରଞ୍ଜନ ସାହୁ, ଆଇନଜୀବୀ ଆଲୋକ କୁମାର ଦାସ, ଆଇନଜୀବୀ ଶ୍ରୀକାନ୍ତ ମହାପାତ୍ର, ରମଣୀ ରଞ୍ଜନ ତ୍ରିପାଠୀ, ଜଗବନ୍ଧୁ ଜେଠୀ, ନରେନ୍ଦ୍ର କୁମାର ସାହୁ, ଗଣେଶ ସାହୁ, ହରେକୃଷ୍ଣ ଜେନା, ଭାଗୀରଥୀ ବାରିକ, ମନୋଜ କୁମାର ଧଳ, ଭାଗ୍ୟଶ୍ରୀ ରାଉତ, ପୀତବାସ ସାମଲ, ବାମଦେବ ରାଉତ, ଅକ୍ଷୟ କୁମାର ଧଳ, ଜିତେନ୍ଦ୍ର କୁମାର ବାରିକ, ପ୍ରଭାସ୍ କୁମାର ରାଉତ, ପ୍ରକାଶ କୁମାର ରାଉତ, ପ୍ରତାପ ରାଉତ, ଅବିନାଶ ରାଉତ, ପ୍ରତୀକ ରାଉତ, ଅର୍ପିତା ରାଉତ, ମମତା ରାଉତ, ପ୍ରକାଶ ଧଳ, ରୀନାରାଉତ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## ଆମ୍ବୁଲାନ୍ସ ଦୁର୍ଘଟଣାରେ ଜଣେ ମୃତ; ୨ ଗୁରୁତର

ଧର୍ମଶାଳା/ଯାଜପୁର ୨୪।୫( ସମିସ): ଧର୍ମଶାଳା ଥାନା ୧୬ନଂ ଜାତୀୟ ରାଜପଥ ରଥିଆ ଛକ ନିକଟରେ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାରେ ହେଲପରର ମୃତ୍ୟୁ ହୋଇଥିବା ବେଳେ ଫାର୍ମାସିଷ୍ଟ ସମେତ ୨ ଜଣ ଆହତ ହୋଇଛନ୍ତି। ସୂଚନା ମୁତବକ, ଗତକାଲି ସନ୍ଧ୍ୟାରେ ଓଡି-୦୨ବିଜେ-୧୪୬୩ ନଂ ବିଶିଷ୍ଟ ଏକ ୧୦୮ ଆମ୍ବୁଲାନସ ଯାଜପୁର ଜିଲ୍ଲା ଦଶରଥପୁର ଅଞ୍ଚଳରୁ ରୋଗୀ ନେଇ କଟକ ମେଡ଼ିକାଲରେ ଯାଇଥିଲା। ସେଠାରେ ରୋଗୀକୁ ଛାଡି ବିଳମ୍ବିତ ରାତିରେ ଦଶରଥପୁର ଫେରୁଥିବା ବେଳେ ୧୬ନଂ ଜାତୀୟ ରାଜପଥ ଜାରକା ନିକଟସ୍ଥ ରଥିଆ ଠାରେ ଭାରସାମ୍ୟ ହରାଇ ଏକ କଂଟେନର ଗାଡି ପଛପଟରେ ଧକ୍କା ଦେଇଥିଲା। ଫଳରେ ଆମ୍ବୁଲାନ୍ସର ସମ୍ମୁଖ ଭାଗରେ ଖୁବ ଜୋରରେ ମାଡ଼ ହୋଇଥିଲା। ଫଳରେ ଅମ୍ବୁଲାନ୍ସରେ ଥିବା ଡ୍ରାଇଭର, ହେଲପର ଓ ଫାର୍ମାସିଷ୍ଟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଧର୍ମଶାଳା ମେଡ଼ିକାଲରେ ଭର୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ଦଶରଥପୁର ବ୍ଲକ ମଧୁପୁର ଅଞ୍ଚଳର ଆମ୍ବୁଲାନ୍ସ ହେଲପର ଅଚ୍ୟୁତାନନ୍ଦ ବାରିକଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଗୁରୁତର ଆହତ ଫାର୍ମାସିଷ୍ଟ ତାପସ ପାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଆହତ ଡ୍ରାଇଭରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଥିଲା। ଖବର ପାଇ ଧର୍ମଶାଳା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ ଜବତ କରିଛି।



ଦୁର୍ଘଟଣା ପରେ କଣ୍ଟେନରଟି ଗାଡିଟି ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ଜଣାଯାଇଛି ଏବଂ ଏସମ୍ପର୍କରେ ଧର୍ମଶାଳା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଧର୍ମଶାଳା ମେଡିକାଲରେ ଅଚ୍ୟୁତଙ୍କ ଶବ ବ୍ୟବଚ୍ଛେଦ ହେବା ପରେ ନିଜ ଜନ୍ମମାଟି ଦଶରଥପୁର ବ୍ଲକ ମଧୁପୁରକୁ ନିଆଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶେଷକୃତ୍ୟ ସମୟରେ ଯାଜପୁର ଜିଲ୍ଲା ୧୦୮ ସଂଘର ପୂର୍ବତନ ସଭାପତି ମାନସ ରଞ୍ଜନ ତ୍ରିପାଠୀ, ସମ୍ପାଦକ କାହ୍ନୁଚରଣ ପଣ୍ଡା, ସଦସ୍ୟ ଜ୍ଞାନ ରଞ୍ଜନ ମଲ୍ଲିକ, ସାରଦା ମହାରଣା, ଅମିୟ ଜେନା, ପ୍ରଶାନ୍ତ ସାମଲ, ଶୁଭ୍ରାଂଶୁ ମଲ୍ଲିକ, ପ୍ରଦୀପ ମଲ୍ଲିକ, ବଳରାମ ବେହେରା, ଭବାନନ୍ଦ ମିଶ୍ର, କାହ୍ନୁ ଚରଣ ପଣ୍ଡା, ଶିବ ପ୍ରସାଦ ଦାସ, ସୌଭାଗ୍ୟ ଦାସ, ଉତ୍ସବ ପାତ୍ର, ସ୍ମୃତି ସୌରଭ ଓ କ୍ଲଷ୍ଟର ଲିଡର ସୌମ୍ୟ ରଞ୍ଜନ ଦାସ ଉପସ୍ଥିତ ଥିଲେ।

ଛାତ୍ରୀଙ୍କୁ ଅପହରଣ, ବଳାତ୍କାର ଓ ହତ୍ୟା ଅଭିଯୋଗ

# ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

ଯାଜପୁର, ୨୪।୫(ସମିସ):

ଜନୈକା କଲେଜ ପଢୁଆ ଯୁକ୍ତ ୨ ଛାତ୍ରୀଙ୍କୁ ପ୍ରଥମେ ଅପହରଣ କରି ବଳାତ୍କାର କରିବାରେ ପରେ ହତ୍ୟା କରି ତା'ର ଶବକୁ ଏକ ପାଇଖାନା ଟାଙ୍କିରେ ପକାଇ ଦେଇଥିବା ଅଭିଯୋଗରେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଯାଜପୁରର ପୋକ୍‌ସୋ ବିଚାରପତି।

ବିବରଣୀରୁ ପ୍ରକାଶ, ଯାଜପୁର ଟାଉନର ଏକ ମହିଳା କଲେଜରେ ପଢୁଥିବା ଜନୈକା ୧୭ ବର୍ଷର ଛାତ୍ରୀ ସହ କୋରେଇ ରଣେଶ୍ୱରପୁରର ନବ କିଶୋର ମାଝୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଏହି ପ୍ରେମ ସମ୍ପର୍କକୁ ନାବାଳିକାର ପରିବାର ନାପସନ୍ଦ କରୁଥିଲେ। ନାବାଳିକାର ବାପା ଯାଜପୁର ଟାଉନର ଏକ ପ୍ରତିଷ୍ଠିତ ବିଦ୍ୟାଳୟରେ ପିଅନ ଭାବେ କାର୍ଯ୍ୟ କରନ୍ତି। ଉକ୍ତ ବିଦ୍ୟାଳୟ ପରିସରରେ ନାବାଳିକାର ପରିବାର ରହୁଥିବା ବେଳେ ଗତ ୨୦୧୬ ମସିହା ଜାନୁଆରୀ ୩ ତାରିଖରେ ନବ କିଶୋର ନାବାଳିକାକୁ



ଅପହରଣ କରି ଉକ୍ତ ଗ୍ରାମରେ ଥିବା ଲାବଣେଶ୍ୱର ନୋଡାଲ ୟୁପି ସ୍କୁଲ ବାରଣ୍ଡାରେ ନାବାଳିକାକୁ ବଳାତ୍କାର କରିଥିଲା। ପରେ ପ୍ରମାଣ ନଷ୍ଟ କରିବା ପାଇଁ ନାବାଳିକାକୁ ବିଦ୍ୟାଳୟର ପଛ ପଟେ ଏକ ଧାରୁଆ ଅସ୍ତ୍ରରେ ତା'ର ବେକକୁ କାଟି ହତ୍ୟା କରି ସେଠାରେ ଥିବା ପାଇଖାନା ଟାଙ୍କିରେ ପକାଇ ଦେଇଥିଲା। ତହିଁ ପରଦିନ ଅର୍ଥାତ୍ ୪ ତାରିଖ ଦିନ ବିଦ୍ୟାଳୟର କେତେକ ଛାତ୍ରଛାତ୍ରୀ ପାଇଖାନା ଟାଙ୍କି ପାଖରେ ରକ୍ତ ଛିଟା ପଡ଼ିଥିବାର ଦେଖି ତାଙ୍କ ଶିକ୍ଷକଙ୍କୁ ଜଣାଇବାରୁ ଶିକ୍ଷକ କୋରେଇ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚ ପାଇଖାନା ଟାଙ୍କିରୁ ଏକ ଝିଅର ଶବକୁ ଉଦ୍ଧାର କରିଥିଲେ। ପରେ ଧନେଶ୍ୱର ଗ୍ରାମରେ ଥିବା ଝିଅର ମାମୁଁ ଭାଣିଜୀର ଶବକୁ ଚିହ୍ନଟ କରିବା ପରେ କୋରେଇ ଥାନାରେ ଝିଅର ଭାଇ ସତ୍ୟରଞ୍ଜନ ମହାନ୍ତି ଏତଲା ଦାୟର କରିଥିଲେ। ଏହି ଏତଲାକୁ ଭିତ୍ତି କରି କୋରେଇ ଥାନାଧିକାରୀ ଥାନା କେଶ ନଂ. ୩/୨୦୧୬ ମୁତାବକ ଏକ କେଶ ରୁଜୁ କରି ତଦନ୍ତ ଜାରି ରଖିଥିଲେ। ଅଭିଯୁକ୍ତ ନବକିଶୋର ମାଝୀ ନାବାଳିକା ଜଣକ ଆଣିଥିବା ଭ୍ୟାନିଟି ବ୍ୟାଗ, କିଛି ସୁନା ଅଳଙ୍କାର, ତାଙ୍କ ବାପାଙ୍କ ଏଟିଏମ କାଡର୍ ଓ ମୋବାଇଲ ନେଇ ତାଙ୍କ ଘରେ ରଖିଥିଲା। ପରେ ଏଟିଏମ କାର୍ଡ଼ ବ୍ୟବହାର କରି ଯାଜପୁର ରୋଡ଼ରୁ ୧୦ହଜାର ଟଙ୍କା ଉଠାଇ ଅଭିଯୁକ୍ତ ବାଲେଶ୍ୱର ପଳାଇ ଯାଇଥିଲା। ସେଠାରୁ ପୁନଶ୍ଚ ୭ ତାରିଖ ଦିନ କୋରେଇ ଥାନା ଅନ୍ତର୍ଗତ ତେନ୍ତୁଳିଖୁଣ୍ଟା ଗ୍ରାମରେ ବୁଲୁଥିବା ସମୟରେ ପୁଲିସ ଗିରଫ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା। ସେହିଦିନ ଠାରୁ ଅଭିଯୁକ୍ତ ନବ କିଶୋର ମାଝୀ ବିଚାରଧିନ କଏଦୀ ଭାବେ ଯାଜପୁର ବିଚାର ବିଭାଗୀୟ ହାଜତରେ ରହିଥିଲେ। ତେବେ ଶନିବାର ଦିନ ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ଯାଜପୁର ପୋକ୍‌ସୋ ବିଚାରପତି ବିଜୟ କୁମାର ଜେନା ୪୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି ଅପହରଣ, ବଳାତ୍କାର ଓ ହତ୍ୟା ଅଭିଯୋଗରେ ଅଭିଯୁକ୍ତ ନବକିଶୋର ମାଝୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ରାୟରେ ପ୍ରକାଶ କରିଛନ୍ତି। ଏହି ଜରିମାନା ଅର୍ଥ ଅନାଦେୟରେ ଅଭିଯୁକ୍ତକୁ ଅଧିକ ୬ମାସ ଜେଲ୍ ଦଣ୍ଡାଦେଶ ଭୋଗ କରିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ରାଜେନ୍ଦ୍ର ପ୍ରସାଦ ନାୟକ ମକୋଦ୍ଦମା ପରିଚାଳନା କରୁଥିଲେ।

## ଡ୍ରେନ୍ ଜାମ; ରାସ୍ତା ଉପରେ ବର୍ଷା ପାଣି



**କବାଟବନ୍ଧ, ୨୪।୫(ସମିସ):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ରଘୁନାଥପୁର ଗ୍ରାମରେ ଡ୍ରେନ୍ ଜାମ କାରଣରୁ ରଘୁନାଥପୁର- ଦଣ୍ଡାଘାଟି ରାସ୍ତା ଉପରେ ପାଣି ଜମି ରହିଥିବା ଦେଖିବାକୁ ମିଳିଛି। ଶନିବାର ପୂର୍ବାହ୍ନରେ ସାମାନ୍ୟ ବର୍ଷା ଫଳରେ ଏହି ସମସ୍ୟା ସୃଷ୍ଟି ହୋଇଛି। ଏହି ଗାଁଟି ପାହାଡ଼ ସଂଲଗ୍ନ ହୋଇଥିବାରୁ ବର୍ଷା ହେଲେ ପାହାଡ଼ ପାଣି ମଧ୍ୟ ଏହି ସ୍ଥାନ ଦେଇ ପ୍ରବାହିତ ହୋଇଥାଏ। ବର୍ଜ୍ୟବସ୍ତୁ ଓ ପାଣି ପାଇଁ ଡ୍ରେନେଜ ସୁବିଧା ରହିଥିଲେ ମଧ୍ୟ ଏହା ସଫା ନ ହେବା କାରଣରୁ ପାଣି ଉକ୍ତ ଡ୍ରେନ୍‌ରେ ଭଲ ଭାବରେ ଯାଇ ପାରୁ ନାହିଁ। ଯାହା ଫଳରେ ଡ୍ରେନ ମଧ୍ୟରେ ପାଣି ନ ଯାଇ ରାସ୍ତା ଉପରେ ଜମି ରହିଛି। ଏହା ଦ୍ୱାରା ପାଣି ଟାଙ୍କି, ଦୋକାନ ଆଦି ପାଣି ଘେରରେ ରହୁଛି। ଗ୍ରାମବାସୀ ଓ ସ୍ଥାନୀୟ ଲୋକମାନେ ଯିବା ଆସିବାରେ ଅସୁବିଧା ଭୋଗ କରୁଛନ୍ତି। କେବଳ ରଘୁନାଥପୁର ନୁହେଁ ବର୍ଷା ଦିନ ଅନେକ ସ୍ଥାନରେ ଏହି ଡ୍ରେନେଜ ସମସ୍ୟା ଦେଖା ଦେଇଥାଏ। ତୁରନ୍ତ ପ୍ରଶାସନ ପକ୍ଷରୁ ଡ୍ରେନେଜ ସଫା କରିବା ବ୍ୟବସ୍ଥା କରାଗଲେ ଏହାର ସମାଧାନ ହୋଇ ପାରିବ।

# ମା’ ତାରାଦେବୀଙ୍କ ଠାକୁରାଣୀ ଯାତ୍ରା

ବ୍ରହ୍ମପୁର,୨୪।୫(ସମିସ): ଲାଞ୍ଜିପଲ୍ଲୀର ଅଧିଷ୍ଠାତ୍ରୀ ଦେବୀ ପ୍ରସିଦ୍ଧ ମା’ ତାରାଦେବୀଙ୍କ ଠାକୁରାଣୀ ଯାତ୍ରା ରବିବାର ରାତିରୁ



ଆରମ୍ଭ ହୋଇଥିବା ବେଳେ ଶନିବାର ୬ଷ୍ଠ ଦିନାରେ ପହଞ୍ଚିଛି। ପ୍ରତିଦିନ ପରି ଶନିବାର ମଧ୍ୟ ଅସ୍ଥାୟୀ ମଣ୍ଡପରେ ମା’ଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ଭୋରୁ ପ୍ରଭାତ ଆଳତୀ, ବାଲଭୋଗ, ହୋମ ଚଣ୍ଡିପାଠ କରାଯିବା ସହ ମଧ୍ୟାହ୍ନରେ ଅନ୍ନଭୋଗ ଓ ସନ୍ଧ୍ୟାରେ ୧୦୮ ଆଳତୀ ପରେ ହେଉଥିବା ବେଳେ ମା’ଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ଶନିବାର ଆଳତୀ ପରେ ରଜାଘର ଭୋଗ ସାରି ମା’ଙ୍କ ଘଟ ଖଳା ସାହି, ବାପୁଜୀ ନଗର ରୋଡ, ମହାଲକ୍ଷ୍ମୀ ନଗର ପ୍ରଥମ ଲାଇନ୍, ଦ୍ୱିତୀୟ ଲାଇନ, ଜାତୀୟ ରାଜପଥ ଛକ, କେଶବ ନଗର ୨ୟ, ୩ୟ ଓ ୪ର୍ଥ ଲାଇନ, ଖଳା ସାହି ଏବଂ ବ୍ରାହ୍ମଣ ସାହି ପରିକ୍ରମା କରି ଅସ୍ଥାୟୀ ମନ୍ଦିରକୁ ଫେରିଥିଲେ। ଅନ୍ୟପକ୍ଷରେ ପଞ୍ଚମ ଦିନରେ ଦକ୍ଷିଣ ରେଡିକା ସାହିରେ କାମଧେନୁ ଓ ରଘୁନାଥ ମଠ ସାହିରେ ମହାଲକ୍ଷ୍ମୀ କଳାକୁଞ୍ଜ ଉନ୍ମୋଚିତ ହୋଇଥିଲା।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷା ଫଳ ପ୍ରକାଶ

# ଶିବାଙ୍ଗି ସୁବୁଦ୍ଧି ‘ଶ୍ରେଷ୍ଠ ସ୍ନାତକ’

ବ୍ରହ୍ମପୁର,୨୪।୫(ସମିସ)



ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକ (ୟୁଜି) ପରୀକ୍ଷା ଫଳାଫଳ ଶନିବାର ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଫଳାଫଳ ପୁସ୍ତିକାକୁ ଉନ୍ମୋଚିତ କରିଥିଲେ। ଏହି ସମୟରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ପଦ୍ମିନୀ ସାହୁ, କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ, ପରୀକ୍ଷା ନିୟନ୍ତ୍ରକ ଡ଼ ମନୋଜ କୁମାର ପଟ୍ଟନାୟକ, ଉପ-ନିୟନ୍ତ୍ରକ ଡ଼ ଉଷାରାଣୀ ରଥ ପ୍ରମୁଖ ଉପସ୍ଥିତ ଥିଲେ।

ଚଳିତବର୍ଷର ପାସ୍ ହାର ୯୦ ଶତକଡ଼ାରୁ ଅଧିକ ରହିଛି। ପଦାର୍ଥ ବିଜ୍ଞାନ ବିଭାଗର ଛାତ୍ରୀ ଶିବାଙ୍ଗି ସୁବୁଦ୍ଧି ‘ଶ୍ରେଷ୍ଠ ସ୍ନାତକ’ ହୋଇଛନ୍ତି। ସେ ଶତକଡ଼ା ୯୩.୫ ପ୍ରତିଶତ ନମ୍ବର ରଖିବା ସହ ୯.୮୫ ସିଜିପିଏ ଏବଂ ‘ଓ’ ଗ୍ରେଡ଼ ରଖି ସମସ୍ତ ବିଭାଗର ଛାତ୍ରଛାତ୍ରୀଙ୍କଠାରୁ ଅଧିକ ନମ୍ବର ହାସଲ କରିଛନ୍ତି। ସେହିପରି କଳା ବିଷୟରେ ବୁଢେଶ୍ୱରୀ ଜେନା ଶତକଡ଼ା ୮୯.୪ ପ୍ରତିଶତ ସହ ୯.୪୪ ସିଜିପିଏ ଓ ବାଣିଜ୍ୟରେ ଜି.ଅମିତ୍ ପାତ୍ର ଶତକଡ଼ା ୮୬.୨ ପ୍ରତିଶତ ସହ ୯.୧୨ ସିଜିପିଏ ରଖି ଟପ୍ପର ହୋଇଛନ୍ତି।

ଚଳିତ ଶିକ୍ଷାବର୍ଷରେ ଖଲ୍ଲିକୋଟ ଏକ ବିଶ୍ୱବିଦ୍ୟାଳୟର ସ୍ନାତକ ବର୍ଷର କଳାରେ ୪୪୯ ଜଣ ପରୀକ୍ଷା ଦେଇଥିବା ବେଳେ ୪୧୦ ଜଣ ଅର୍ଥାତ ଶତକଡ଼ା ୯୧.୩୧ ଭାଗ ଛାତ୍ରଛାତ୍ରୀ ପାସ କରିଛନ୍ତି। ବାଣିଜ୍ୟରେ ୩୬୭ଜଣଙ୍କ ମଧ୍ୟରୁ ୩୪୫ ଜଣ ଅର୍ଥାତ ଶତକଡ଼ା ୯୪ଭାଗ ଓ ବିଜ୍ଞାନରେ ୩୧୮ ମଧ୍ୟରୁ ୩୦୨ଜଣ ଶତକଡ଼ା ୯୪.୭୫ ପାସ କରିଛନ୍ତି। ବିଶ୍ୱବିଦ୍ୟାଳୟରେ ମୋଟ ୧୧୩୪ଜଣ ପରୀକ୍ଷା ଦେଇଥିବା ବେଳେ ସେଥି ମଧ୍ୟରୁ ୧୦୫୭ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି କଳା ନୃତତ୍ତ୍ୱ ବିଭାଗ ବିଷୟରେ ତନିଶା ପାତ୍ର, ବିଜ୍ଞାନ ବିଭାଗର ନୃତତ୍ତ୍ୱ ବିଷୟରେ ତପସ୍ୱିନୀ ମାଝୀ, ଉଦ୍ଭିଦ ବିଜ୍ଞାନର ଅସ୍ମିତା ନାଇଡୁ, ରସାୟନ ବିଜ୍ଞାନର ବିଭୁ ପ୍ରସାଦ ଗୌଡ଼, ବାଣିଜ୍ୟରେ ଜି. ଅମିତ୍ ପାତ୍ର, କମ୍ପ୍ୟୁଟର ବିଜ୍ଞାନରେ କୀର୍ତ୍ତି ରାଜ ପାଣିଗ୍ରାହୀ, ଅର୍ଥନୀତିରେ ସ୍ମରଣିକା ଦାସ, ଶିକ୍ଷାରେ ଦୀପକ କୁମାର ରାଉତ, ଇଂରାଜୀରେ ଶୁଭଶ୍ରୀ ମିଶ୍ର, ଭୂତତ୍ତ୍ୱ ବିଜ୍ଞାନରେ ସାଇ ଶୁଭ ଶଙ୍କର ପଣ୍ଡା, ହିନ୍ଦୀରେ ଶ୍ୱେତା ଗୁପ୍ତା, ଇତିହାସରେ ବୁଢେଶ୍ୱରି ଜେନା, ଗଣିତରେ କେ. ସିଦ୍ଧାର୍ଥ ରାଓ, ଗଣିତ ବିଜ୍ଞାନ ବିଭାଗରେ ସୁନେହା ପ୍ରଧାନ, ଓଡ଼ିଆରେ କାଶୀନାଥ କାର୍ଜୀ, ପଦାର୍ଥ ବିଜ୍ଞାନରେ ସିବାଙ୍ଗି ସୁବୁଦ୍ଧି, ଦର୍ଶନ ଶାସ୍ତ୍ରରେ ଭବାନୀ ଦାସ, ରାଜନୀତି ବିଜ୍ଞାନରେ ହର୍ଷବର୍ଦ୍ଧନ ସାମଲ, ପ୍ରାଣୀ ବିଜ୍ଞାନରେ ରାଣୀ ପ୍ରିୟା ମହାପାତ୍ର ଟପ୍ପର ହୋଇଛନ୍ତି।

● ଲାଞ୍ଜିପଲ୍ଲୀ ଓଭରବ୍ରିଜ୍ ତଳୁ ବୋମା ଓ ଖଣ୍ଡା ଜବତ ଘଟଣା

# ଗିରଫ ସଂଖ୍ୟା ୬କୁ ବୃଦ୍ଧି

ବ୍ରହ୍ମପୁର,୨୪।୫(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳ ଜେଲ ରୋଡରେ ଥିବା ଏକ ଟ୍ରାନ୍ସଫର୍ମର ନିକଟରୁ ବୋମା ଓ ଖଣ୍ଡା ଜବତ ଘଟଣାର ସମ୍ପୃକ୍ତ ଥିବା ଜଣେ ଯୁବକକୁ ପୁଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଆଙ୍କୁଲି ଅଞ୍ଚଳର ରାକେଶ ମଣ୍ଡଳ(୨୪)। ପୂର୍ବରୁ ଏହି ମାମଲାରେ ଦକ୍ଷିଣପୁର ବଡ଼ ସାହି ନିବାସୀ ତଥା କଂଗ୍ରେସ ଯୁବନେତା ନୀଳମାଧବ ସାହୁ, ଫୁଲଟା ଗ୍ରାମର କାଳିଆ ଦାସ, ଫୁଲଟା ହରିଜନ ସାହିର ଦିନବନ୍ଧୁ ଦାସ, ପ୍ରେମ ନଗର ପ୍ରଥମ ଲାଇନର ମାନି ରାଓ ଓ ବେଲଗାଁର ବନ୍ଧ ସାହିର ପ୍ରଭାତ ଦାସ ଆଦି ୫ଜଣ ଗିରଫ ହୋଇଥିଲେ। ବର୍ତ୍ତମାନ ଗିରଫ ସଂଖ୍ୟା ୬କୁ ବୃଦ୍ଧି ହୋଇଛି। ଏହି ଘଟଣାରେ ଏକାଧିକ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଛି। ସେମାନେ ଏବେ ଫେରାର ରହିଛନ୍ତି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛି।

ସୂଚନାଯୋଗ୍ୟ ଯେ, ଗତ ୧୭ତାରିଖ ସନ୍ଧ୍ୟା ସମୟରେ ଲାଞ୍ଜିପଲ୍ଲୀ ଫାଣ୍ଡି ଟିମ୍ ବ୍ରହ୍ମପୁର ସର୍କଲ ଜେଲ ନିକଟ ଓଭର ବ୍ରିଜ୍ ତଳୁ ତିନୋଟି ଜୀବନ୍ତ ବୋମା ଜବତ କରିଥିଲା। ଏହାର କିଛି ଦୂରରୁ ଏକ ବ୍ୟାଗ ଭିତରେ ଥିବା ୫ଟି ଖଣ୍ଡା ମଧ୍ୟ ଜବତ ହୋଇଥିଲା। ତଦନ୍ତ କରି ଉପରୋକ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଶିବା ଚୌଧୁରୀ ହତ୍ୟା ମାମଲାର ପ୍ରତିଶୋଧ ନେବା ପାଇଁ ଦକ୍ଷିଣପୁର ବୁଲୁ ନାୟକଙ୍କୁ ହତ୍ୟା କରିବାକୁ ଅଭିଯୁକ୍ତ ଭବାନୀ ଷଡ଼ଯନ୍ତ୍ର କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଏଥିରେ ଅନ୍ୟ ଅଭିଯୁକ୍ତମାନେ ଭବାନୀଙ୍କୁ ସହଯୋଗ କରିଥିଲେ।

# ରେଳଧାରଣାରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର,୨୪।୫(ସମିସ): ଲାଞ୍ଜିପଲ୍ଲୀ ରାମନଗର ରେଳ ଧାରଣା ନିକଟରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ସରକାରୀ ରେଳବାଇ ପୁଲିସ। ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇନି। ତାଙ୍କ ବୟସ ୩୫ରୁ ୩୮ ହେବ ବୋଲି ଅନୁମାନ କରାଯାଉଛି। ରେଳଧାରଣା ନିକଟରେ ମୃତଦେହ ପଡ଼ିଥିବା ଖବର ପାଇ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡ଼ିକାଲ ପଠାଇଥିଲା। ଏକ ଅପମୃତ୍ୟୁ ମାମଲା ରୁଜୁ କରି ଯୁବକଙ୍କ ପରିଚୟ ଖୋଜୁଛି ପୁଲିସ। ରେଳଧାରଣା ପାର ହେଉଥିବା ବେଳେ ଟ୍ରେନ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଥିବା ପୁଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ପରେ ମୃତକଙ୍କ ପରିଚୟ ସ୍ପଷ୍ଟ କରିବାକୁ ଶବକୁ ସଂରକ୍ଷଣ ଗୃହରେ ସଂରକ୍ଷିତ ରଖାଯାଇଛି।

## ୪ ଫାଇନାନ୍ସ କର୍ମଚାରୀଙ୍କୁ ଅପହରଣ ମାମଲା

# ଖୁଲମ୍‌ଖୁଲା ବୁଲୁଛି ଫେରାର୍ ଅଭିଯୁକ୍ତ ଆନ୍ନା



● ନୌସେନା କର୍ମଚାରୀ କହି ଏକାଧିକ ଯୁବକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକିଥିବା ଅଭିଯୋଗ

ବ୍ରହ୍ମପୁର,୨୪।୫(ସମିସ): ଦିଲ୍ଲୀ, କଟକ ଓ ଭୁବନେଶ୍ୱରର ୪ଜଣଙ୍କ ଫାଇନାନ୍ସ କର୍ମଚାରୀଙ୍କୁ ବ୍ରହ୍ମପୁର ଡ଼ାକି ଅପହରଣ ପରେ ୧କୋଟି ଟଙ୍କା ଦାବି କରିବା ଏବଂ ଚିକିଟି କେରାଣ୍ଡି ମାଳ ପର୍ବତରେ ରଖି ସାପ ଭୟ ଦେଖାଇ ଜୀବନରୁ ମାରିଦେବାକୁ ଧମକ ଘଟଣାର ମାଷ୍ଟରମାଇଣ୍ଡ ତଥା ଗୋଷାଣୀନୂଆଗାଁ ନିବାସୀ କାର୍ତ୍ତିକ ବେହେରା ଓରଫ ଆନ୍ନା ଖୁଲମଖୁଲା ବୁଲୁଛି। ବର୍ତ୍ତମାନ ପୁଲିସ ସ୍କାନରେ ଆନ୍ନା ଓ ରାଜା ରହିଛନ୍ତି। ଆନ୍ନା ହାଇକୋର୍ଟରୁ ନୋଟ ଆରେଷ୍ଟ ବେଲ ପାଇଥିବାରୁ କେନୂଆଗାଁ ଥାନା ପୁଲିସ ଗିରଫ ବେଳେ ଆନ୍ନାକୁ ଛାଡିଥିଲା। ବର୍ତ୍ତମାନ ବେଲର ଅବଧି ଶେଷ ହୋଇଛି। ସେପଟେ ଆନ୍ନା ଚିକିଟି, ଦିଗପହଣ୍ଡି, ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ କାର ଯୋଗେ ବୁଲୁଥିବା ଭାଇରଲ ଫଟୋରୁ ସ୍ପଷ୍ଟ ଜଣାପଡିଛି। ଆନ୍ନା ବୁଲୁଥିବା ଖବର ପାଇ ପୁଲିସ ଉକ୍ତ ସ୍ଥାନରେ ଚଢ଼ଉ କରିଲା ବେଳକୁ ଆନ୍ନା ଚମ୍ପଟ ମାରୁଛି। ଅନ୍ୟପକ୍ଷରେ ଆନ୍ନା ନିଜକୁ ନୌସେନାର ଜଣେ କର୍ମଚାରୀ ବୋଲି ପରିଚୟ ଦେଇ ସହର ଓ ଗଞ୍ଜାମ ଜିଲ୍ଲାର ଏକାଧିକ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୋଗ ରହିଛି। ସେ ବିଭିନ୍ନ ସରକାରୀ ଚାକିରି କରାଇଦେବାକୁ କହି ଲକ୍ଷାଧିକ ଟଙ୍କା ଠକିଛି। ବ୍ରହ୍ମପୁର ଷ୍ଟେସନ ନିକଟରେ ରହୁଥିବା ଜଣେ ଯୁବକକୁ ଚାକିରି କରାଇଦେବି କହି ୮ଲକ୍ଷ ଟଙ୍କା ଆନ୍ନା ନେଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକ ଜଣକ ସୁନା ବନ୍ଧକ ରଖି ଚାକିରି ଆଶାରେ ଏହି ଟଙ୍କା ଦେଇଛନ୍ତି। ଆନ୍ନା ନୌସେନାର ୟୁନିଫର୍ମ ପିନ୍ଧି ବିଭିନ୍ନ ପ୍ରତିଶ୍ରୁତି ଦେଇ ଯୁବକଙ୍କୁ ଠକିଛି।

ସୂଚନାଯୋଗ୍ୟ ଯେ, କଟକ ଗୋବିନ୍ଦପୁରର ବ୍ରହ୍ମାନନ୍ଦ ପାତ୍ର, କଟକ ତୁଳସୀପୁର ଅଞ୍ଚଳର ଅହମ୍ମଦ ଖାନ୍, ଭୁବନେଶ୍ୱର ଗଡ଼ ନହରକଣ୍ଟାର ଅମରଜିତ ସାମନ୍ତସିଂହାର ଓ ଦିଲ୍ଲୀର ରବୀନ୍ଦ୍ର କୁମାର ଆଦି ୪ଜଣଙ୍କୁ ଦୁର୍ବୃତ୍ତ ଅପହରପଣ କରିଥିଲେ। ସେମାନଙ୍କୁ ଛାଡିବା ପାଇଁ ୧କୋଟି ଦାବି କରିଥିଲେ। ଦୁର୍ବୃତ୍ତଙ୍କ କବଳରୁ କୌଶଳ କ୍ରମେ ଅମରଜିତ ମୁକ୍ତି ପାଇ ଘଟଣାକୁ ନେଇ ଜାନୁଆରୀ ୨୬ତାରିଖରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତ ତଥା ଚିକିଟି ଗଡ଼ର ନୂତନ ପାତ୍ର, ଗେଟବଜାର ଅଞ୍ଚଳର ଦଣ୍ଡ ମହାରଣା ଓ ମାଷ୍ଟରମାଇଣ୍ଡ ଆନ୍ନାର ବାପା ଶଶୀକାନ୍ତ ବେହେରାଙ୍କ ସମେତ ମୋଟ ୧୧ଜଣଙ୍କୁ ପୁଲିସ ଗିରଫ କରିଥିଲା। ବର୍ତ୍ତମାନ ଏହି ଘଟଣାରେ ସମ୍ପୃକ୍ତ ଥିବା ଏକାଧିକ ଅଭିଯୁକ୍ତ ଫେରାର ରହିଛନ୍ତି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ; ଜଣେ ଗୁରୁତର

ବ୍ରହ୍ମପୁର,୨୪।୫(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥ -୧୬ ଉକ୍ତ ସାଲବେଗନଗର ଛକ ନିକଟରେ ଆଜି ଅପରାହ୍ନରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଲେ ବେଲଗାଁ ଥାନା ଅନ୍ତର୍ଗତ ଦିଗାପଡ଼ାର ସୁନୀଲ କୁମାର ନାୟକ(୩୧) ଓ ଆହାତ ଜଣକ ହେଲେ ସେହି ଅଞ୍ଚଳର ସୀମାଞ୍ଚଳ ନାୟକ ବୋଲି ପୁଲିସ କହିଛି।ଅପରାହ୍ନରେ ସୁନୀଲ ଓ ସୀମାଞ୍ଚଳ କୌଣସି କାମରେ ନିଜ ଗ୍ରାମରୁ ବାଇକ୍ (ନଂ.ଓଡ଼ି ୦୭ ଏସ ୩୧୯୭) ରେ ବ୍ରହ୍ମପୁରରୁ ଛତ୍ରପୁର ଜାତୀୟ ରାଜପଥ-୧୬ରେ ଯାଉଥିବା ବେଳେ ସାଲବେଗ ନଗର ଛକ ନିକଟରେ ପଛପଟୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଚଢ଼ି ପଳାଇଥିଲା। ଘଟଣା ସ୍ଥଳରେ ସୁନୀଲଙ୍କ ମୃତ୍ୟୁ ହୋଇଥିବା ବେଳେ ସୀମାଞ୍ଚଳ ଗୁରୁତର ଆହାତ ହୋଇଥିଲେ। ଗୋପାଳପୁର ପୁଲିସ ପହଞ୍ଚି ଘଟଣା ସ୍ଥଳରେ ଟ୍ରାଫିକ ନିୟନ୍ତଣ କରିବା ସହ ଉଭୟଙ୍କୁ ବ୍ରହ୍ମପୁର ମେଡିକାଲ ପଠାଇଥିଲା। ସୀମାଞ୍ଚଳ ମେଡିକାଲରେ ଚିକିତ୍ସାଧୀନ ଥିବା ପୁଲିସ କହିଛି। ଘଟଣା ସ୍ଥଳରୁ ଦୁର୍ଘଟଣା ଘଟାଇ ଥିବା ଗାଡ଼ି ଫେରାର ଥିବା ପୁଲିସ କହିଛି।

# ୪୦ ଲକ୍ଷ ଟଙ୍କା ଠକେଇ ମାମଲା; ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୨୪।୫(ସମିସ): ବ୍ରହ୍ମପୁର ସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଟ୍ରାନ୍ସପୋର୍ଟ) ଅନନ୍ୟା ଅପରିମିତା ଏକ ଠକେଇ ମାମଲାର ବିଚାର କରି ପ୍ରମାଣ ଅଭାବରୁ ଜଣେ ଅଭିଯୁକ୍ତକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ ବିଜିପୁରର ସୁମନ ଶେଖର ରାଉତ(୩୩)।

ମାମଲାରୁ ପ୍ରକାଶ ଯେ, ବ୍ରହ୍ମପୁର ବିଜିପୁର ଟ୍ୟାଙ୍କ ରୋଡରେ ଶିକ୍ଷା ଓ ଅର୍ଥନୈତିକ ବିକାଶ ସମିତି ନାମରେ ବେସରକାରୀ ସଂସ୍ଥା ରହିଛି। ଏହି ସଂସ୍ଥାରେ ବିଜିପୁରର ସୁମନ ଫାଇନାନ୍ସ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ସେ ସଂସ୍ଥାର ବିଭିନ୍ନ ଆର୍ଥିକ କାରବାର ମଧ୍ୟ ବୁଝୁଥିଲେ। ୨୦୨୩ ଡିସେମ୍ବର ୧୫ତାରିଖରେ ସଂସ୍ଥାର ଦିଲ୍ଲୀ ସ୍ଥିତ ଷ୍ଟେଟ ବ୍ୟାଙ୍କ ଆକାଉଣ୍ଟରୁ ସୁମନ ନିଜ ବ୍ୟାଙ୍କ ଆକାଉଣ୍ଟକୁ ୨ଟି ପର୍ଯ୍ୟାୟରେ ୪୦ ଲକ୍ଷ ୬୫ ହଜାର ଟଙ୍କା ଚଞ୍ଚକତା କରି ଟ୍ରାନ୍ସଫର କରି ନେଇଥିବା ଅଭିଯୋଗ ହୋଇଥିଲା। ସେ ସଂସ୍ଥାର ମୋବାଇଲ ନମ୍ବର ବଦଳରେ ବ୍ୟାଙ୍କରେ ନିଜ ନମ୍ବର ଦେଇଥିଲେ। ତେଣୁ ସଂସ୍ଥାର କର୍ତ୍ତୃପକ୍ଷ ଟଙ୍କା ଟ୍ରାନ୍ସଫର ସମ୍ପର୍କରେ ଜାଣିପାରି ନ ଥିଲେ। ପରେ ସଂସ୍ଥାର ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଖାଲି ହୋଇଯାଇଥିବା କଥା ସାମ୍ନାକୁ ଆସିବା ପରେ ସଂସ୍ଥାର ସମ୍ପାଦକ ଗୋଷାଣି ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ପରେ ୨୦୨୩ ଫେବୃଆରୀ ୨୮ରେ ସୁମନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଗିରଫ ପରଠାରୁ ବ୍ରହ୍ମପୁର ଜେଲରେ ଥିବା ସୁମନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀ ମାନଙ୍କ ବୟାନରୁ ପ୍ରମାଣ ମିଳି ନ ଥିବାରୁ ମାଜିଷ୍ଟ୍ରେଟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଶ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ କେ.କମଳ ଲୋଚନ ଦାସ ମକଦ୍ଦମା ପରିଚାଳନା କରିଥିଲେ।

# ଯୁବକଙ୍କୁ ଆକ୍ରମଣ ମାମଲା; ଗିରଫ ସଂଖ୍ୟା ୯ ଛୁଇଁଲା



ବ୍ରହ୍ମପୁର,୨୪।୫(ସମିସ): ଜଣେ ଯୁବକକୁ ଆକ୍ରମଣ ଅଭିଯୋଗରେ ବଡ଼ ବଜାର ପୁଲିସ ଆଉ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଧାନମେରା ସାହିର ରୋହନ ବିଷୋୟୀ (୨୪)। ପୂର୍ବରୁ ଜଗା ଘୋଡେଇ, ଆରୀୟାନ ଗୌଡ଼ଙ୍କ ସମେତ ଏହି ମାମଲାରେ ଏକାଧିକ ଅଭିଯୁକ୍ତ ଗିରଫ ହୋଇଥିଲେ। ସୂଚନାଯୋଗ୍ୟ ଯେ, ଗତ ଡିସେମ୍ବର ୩୦ରେ ଶ୍ରୀରାମ ନଗର ପନ୍ଦରା ସାହିର ଅଶୋକ କୁମାର ବେହେରା (୧୯)ଙ୍କୁ କିଛି ଯୁବକ ଖଣ୍ଡାରେ ଆକ୍ରମଣ କରି ସୁନା, ରୁପା ଅଳଙ୍କାର ଓ ୫୦୦ଟଙ୍କା ଛଡ଼ାଇ ନେଇଯାଇଥିବା ଅଭିଯୋଗ ହୋଇଥିଲା। ତଦନ୍ତ କରି ପୁଲିସ ଏକାଧିକ ଅଭିଯୁକ୍ତକୁ ଗିରଫ କରିଛି। ଏହି ଘଟଣାରେ ଆଉ ଜଣେ ଫେରାର ରହିଛି ଖୁବଶୀଘ୍ର ତାକୁ ଗିରଫ କରାଯିବ ବୋଲି ତଦନ୍ତଅଧିକାରୀ ତଥା ଏସ୍ଆଇ ସସ୍ମିତା ବେହେରା ସୂଚନା ଦେଇଛନ୍ତି।

## ଖଣି ଦୁର୍ନୀତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଶୂନ୍ୟସହନଶୀଳତା

# ରାଜ୍ୟରେ ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ଲଘୁ ଖଣିଜ ପରିଚାଳନା ନୀତି: ଖଣି ମନ୍ତ୍ରୀ

ବ୍ରହ୍ମପୁର,୨୪।୫(ସମିସ)



ଖଣି ଦୁର୍ନୀତି କ୍ଷେତ୍ରରେ ରାଜ୍ୟ ସରକାରଙ୍କର ଶୂନ୍ୟ ସହନଶୀଳତା ନୀତି। ଖଣି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଦେଇଛନ୍ତି କଡ଼ା ନିର୍ଦ୍ଦେଶ। ସୁନ୍ଦରଗଡ ଜିଲ୍ଲାର ଖଣି ଦୁର୍ନୀତିର ଖୋଲତାଡ ପାଇଁ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସୁନ୍ଦରଗଡ ଜିଲାର ହେମଗିରି ଓ କୋଇଡା ତହସିଲରେ ହୋଇଥିବା ବ୍ୟାପକ ବେଆଇନ ଖଣି ଖନନ, ଉତ୍ତୋଳନ ଓ କାରବାରର ତଦନ୍ତ ଭିଜିଲାନ୍ସ ଦ୍ୱାରା କରାଯିବ। ଏଥି ନିମନ୍ତେ ଭିଜିଲାନ୍ସ ପକ୍ଷରୁ ଏକ ଏସ୍ଆଇଟି ଗଠନ କରାଯାଇଛି। ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ବିଭାଗୀୟ ଅଧିକାରୀଙ୍କ ସହ ସମ୍ପୃକ୍ତ ବେଆଇନ ଖଣି ଉତ୍ତୋଳନ ସ୍ଥଳକୁ ଗସ୍ତକରି ଦୀର୍ଘଦିନ ଧରି ଜଙ୍ଗଲ ଭିତରେ ଚାଲିଥିବା ଏହି ବେଆଇନ ଖଣି ଖନନ ଓ ଚାଲାଣ ସମ୍ବନ୍ଧିତ ରିପୋର୍ଟ ସଂଗ୍ରହ କରିବା ସହ ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ସୁନ୍ଦରଗଡର ଏହି ଖଣି ଦୁର୍ନୀତିର ପର୍ଦ୍ଦାଫାସ୍ କରିବା ପାଇଁ ଭିଜିଲାନ୍ସ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରିବା ସହ ଦୋଷୀ ଯେ କେହି ବି ହୋଇ ଥାଆନ୍ତୁ ନା କାହିଁକି ସମସ୍ତଙ୍କୁ ଖୋଜି ବାହାର କରି ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ସୁନ୍ଦରଗଡ଼ ଜିଲ୍ଲା ହେମଗିରି ତହସିଲରେ ୨୨ଟି ଖଣିରୁ ବେଆଇନ ଭାବେ ୯୮୪୩ ମେଟ୍ରିକ୍ ଟନ୍‌ରୁ ଅଧିକ ପରିମାଣର କୋଇଲା ଉତ୍ତୋଳନ କରାଯାଇଥିବା ନଜରକୁ ଆସିଛି। ଯାହାର ଆନୁମାନିକ ମୂଲ୍ୟ ୨କୋଟି ଟଙ୍କାରୁ ଅଧିକ। ଏହି ଖଣିଗୁଡ଼ିକ ମଧ୍ୟରୁ ୧୪ଟି ଖଣି ଗୋପାଳପୁର ଗ୍ରାମରେ ୩ଟି ରନ୍‌ସୋରା ଗ୍ରାମରେ ଏବଂ ୫ଟି ଭୋଗରାକଚର ଗ୍ରାମରେ ଅବସ୍ଥିତ। ଏଗୁଡ଼ିକ ମୁଖ୍ୟତଃ ଜଙ୍ଗଲ କିସମର ଜମି। ଏଥିସହିତ ହେମଗିରିର ଜାମଖାନି ସଂରକ୍ଷିତ ଜଙ୍ଗଲ ଏବଂ ଭୋଗରାକଚର ଗ୍ରାମରେ ବେଆଇନ ଭାବେ କୋଇଲା ଗଚ୍ଛିତ କରାଯିବାର ସୂଚନା ରହିଛି। ସେହିଭଳି କୋଇଡ଼ା ତହସିଲ ଅନ୍ତର୍ଗତ ମାଲଦା, ପଟାବେଡ଼ା, ସାନପୁଟୁଳି, କୋଲମଙ୍ଗ ଏବଂ ରୁସିବେଣୁଆଠାରେ ୪୭ଟି ମାଙ୍ଗାନିଜ୍ ଓ ୩ଟି ଲୌହ ଖଣିରୁ ବେଆଇନ ଭାବେ ମାଙ୍ଗାନିଜ୍ ଓ ଲୁହା ପଥର ଉତ୍ତୋଳନ କରାଯାଉଥିବା ନଜରକୁ ଆସିଛି। ଏହି ମୋଟ ୫୦ଟି ଖଣି ମଧ୍ୟରୁ ୧୬ଟି ପଟାବେଡ଼ା ଗ୍ରାମରେ, ୧୦ଟି ମାଲଦା ଗ୍ରାମରେ, ୨୦ଟି କୋଲମଙ୍ଗ ଗ୍ରାମରେ ଏବଂ ଅବଶିଷ୍ଟ ୪ଟି ସାନପୁଟୁଳି ଓ ରୁସିବେଣୁଆ ଗ୍ରାମରେ ରହିଛି। ଏସବୁ ଖଣିରୁ ୨୦ହଜାର ମେଟ୍ରିକ୍ ଟନ୍‌ରୁ ଅଧିକ ମାଙ୍ଗାନିଜ ଏବଂ ୧୨ଶହ ମେଟ୍ରିକ୍ ଟନ୍‌ରୁ ଊର୍ଦ୍ଧ୍ୱ ପରିମାଣର ଲୁହାପଥର ବେଆଇନ ଭାବେ ଉତ୍ତୋଳନ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୩୭କୋଟିରୁ ଅଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହି ବେଆଇନ ଖଣି ଉତ୍ତଳନ (ଖଣି ଓ ଖଣିଜ ପଦାର୍ଥର ବିକାଶ ଏବଂ ନିୟନ୍ତ୍ରଣ) ନିୟମର ଖିଲାପ କରୁଥିବାରୁ ଖଣିମାଫିଆଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ତଦନ୍ତ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବାପାଇଁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଖଣି ଓ ଇସ୍ପାତ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଏହି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଖଣି ଖାଦାନକୁ ଯିଏ ବି ଲୁଟୁଛି, ଯେତେ ବଡ଼ ପ୍ରଭାବଶାଳୀ ବ୍ୟକ୍ତି ରୁହନ୍ତୁ ନା କାହିଁକି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ବାଲି ଓ ମୋରମ ଭଳି ଲଘୁ ଖଣିଜ କ୍ଷେତ୍ରରେ ମଧ୍ୟ ରାଜ୍ୟରେ ଖୁବ୍‌ଶୀଘ୍ର ଲଘୁ ଖଣିଜ ପରିଚାନା ନୀତି ଲାଗୁ କରାଯିବାକୁ ଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଲଘୁ ଖଣିଜ ସମ୍ପଦର ଚୋରୀକୁ ରୋକିବା ପାଇଁ ବିଭାଗକୁ ଅଧିକ ସୁଦୃଢ କରାଯାଇଛି। ନିକଟରେ ବହୁ ଜରିମାନା ଆଦାୟ କରାଯାଇଥିବା ବେଳେ ୧୮୯ଜଣ କନିଷ୍ଠ ଖଣି ଅଧିକାରୀଙ୍କ ସହିତ ୯ଜଣ କ୍ଷେତ୍ର ଅଧିକାରୀ, ୪୮ଜଣ ଖଣି ଅଧିକାରୀଙ୍କୁ ନିଯୁକ୍ତି ପ୍ରଦାନ ସହିତ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଆଗକୁ ଖଣି ଖାଦନର ସୁରକ୍ଷା ପାଇଁ ଓଡିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସଙ୍କୁ ନିୟୋଜିତ କରାଯିବା ସହିତ ଚୋରା ଖଣିଜ ସମ୍ପଦକୁ ଚଢ଼ଉ କରି ତାହାକୁ ଜବତ କରିବା କ୍ଷମତା ବନ, ରାଜସ୍ୱ, ପୁଲିସ ଓ ଖଣି ବିଭାଗୀୟ ଅଧିକାରଙ୍କୁ ପ୍ରଦାନ କରିବା ଦିଗରେ ସରକାର ଚିନ୍ତା କରୁଥିବା ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସମେତ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର, ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ଓ ବିଜେପିର ବରିଷ୍ଠ ନେତା ସୁନିଲ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

● ଖଣି ମାଫିଆଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ ଭିଜିଲାନ୍ସ ତଦନ୍ତ ନିଷ୍ପତ୍ତିକୁ ସ୍ୱାଗତ

● ଖଣିଜ ସମ୍ପଦର ସୁରକ୍ଷା ସହିତ ଚୋରାଚାଲାଣ ରୋକିବାକୁ ନିଆଯିବ ବଳିଷ୍ଠ ପଦକ୍ଷେପ

# ସୁଭଦ୍ରାଙ୍କ ସାବିତ୍ରୀ; ମନ୍ତ୍ରୀ ବାଣ୍ଟିଲେ ଯୋଗାଡ଼



ବ୍ରହ୍ମପୁର,୨୪।୫(ସମିସ): ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ଅଧିନସ୍ଥ ଗୋଳନ୍ଥରା ସ୍ଥିତ ଈଶାଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ "ସୁଭଦ୍ରାଙ୍କ ସାବିତ୍ରୀ" କାର୍ଯ୍ୟକ୍ରମ ମାଧ୍ୟମରେ ଅଞ୍ଚଳ ସୁଭଦ୍ରା ଭଉଣୀମାନଙ୍କୁ ସାବିତ୍ରୀ ବ୍ରତ ଉପଲକ୍ଷେ ସାବିତ୍ରୀ ଭାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଶତାଧିକ ସୁଭଦ୍ରା ଭଉଣୀମାନେ ଯୋଗ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଭାସୀ ମାଧ୍ୟମରେ ଯୋଗ ଦେଇ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ସେହିଭଳି କାଶୀ ସୁମେରୁପୀଠର ପୀଠାଧିଶ୍ୱର ଅନନ୍ତ ବିଭୂଷିତ ଜଗତଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନରେନ୍ଦ୍ରାନନ୍ଦ ସରସ୍ୱତୀ ମହାରାଜ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆଶୀର୍ବାଦ ପ୍ରଦାନ କରିଥିଲେ।

ଏହି ଅବସରରେ ଖଣି ଓ ଇସ୍ପାତ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ସୁଭଦ୍ରା ଭଉଣୀମାନଙ୍କୁ ଭାର ବଣ୍ଟନ କରିଥିଲେ। ପ୍ରତ୍ୟେକ ଶକ୍ତିକେନ୍ଦ୍ରରୁ ୧୫ଜଣ ସୁଭଦ୍ରା ମା’ଙ୍କୁ ସାବିତ୍ରୀ ଯୋଗାଡ଼ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ପାତ୍ରପୁର ବ୍ଲକ ଅଧ୍ୟକ୍ଷା ୱାଇ ସଞ୍ଜୁକ୍ତା, ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ବରିଷ୍ଠ ବିଜେପି ମହିଳା ନେତ୍ରୀ ବବିତା ପାତ୍ର, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ପତି, ବରିଷ୍ଠ ବିଜେପି ନେତା ଗଙ୍ଗାଧର ଶତପଥୀ, ସୁନିଲ୍ କୁମାର୍ ପାତ୍ର, ଟୁନା ଜେନା, କୋଳଥିଗାଁ ସରପଞ୍ଚ ଜଗମୋହନ ପାତ୍ର, କରାପଲ୍ଲୀ ମଣ୍ଡଳ ସଭାପତି ଏମ୍, ସାଗର, ଗୋଳନ୍ଥରା ମଣ୍ଡଳ ସଭାପତି କାଜଲ ପାତ୍ର, ତୁଳୁ ମଣ୍ଡଳ ସଭାପତି ହୃଶୀକେଶ ବେହେରା, ଗୌରୀ ଶଙ୍କର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।



# କୁଆଡ଼େ ଗଲା ସ୍ମାର୍ଟପାର୍କିଂ ବ୍ୟବସ୍ଥା?

ଭୁବନେଶ୍ୱର, ୨୪।୫(ସମିସ)

ରାଜଧାନୀରେ ଟ୍ରାଫିକ୍ ଜାମ୍ ଏବେ ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି। ପିକ୍ ଆୱାର୍‌ରେ ସହର ଭିତରେ ୫ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ଅଧ ଘଣ୍ଟାଏରୁ ଅଧିକ ସମୟ ଲାଗୁଛି। ଏହାର କାରଣ ଦ୍ରୁତଗତିରେ ବଢ଼ୁଥିବା ଗାଡ଼ି ସଂଖ୍ୟା ବୋଲି କୁହାଯାଉଛି। ଏଥିସହ ବେଆଇନ ପାର୍କିଂ ମଧ୍ୟ ଟ୍ରାଫିକ୍ ଭିଡ଼କୁ ବଳ ଯୋଗାଉଛି। ତେଣୁ ପାର୍କିଂକୁ ବ୍ୟବସ୍ଥିତ କରିବା ପାଇଁ ସ୍ମାର୍ଟସିଟି ପକ୍ଷରୁ ବହୁତଳ କାର୍ ପାର୍କିଂ(ଏମ୍‌ଏଲ୍‌ସିପି) କରାଯାଇଛି। ମାତ୍ର ଲୋକମାନେ ଏହାକୁ ବ୍ୟବହାର କରୁନାହାନ୍ତି। କାରଣ ଲୋକଙ୍କ ଗନ୍ତବ୍ୟସ୍ଥଳଠାରୁ କେତେକାଂଶରେ ଏହା ଦୂରବର୍ତ୍ତୀ ହେଉଛି। ତେଣୁ ରାସ୍ତା କଡ଼ରେ ପାର୍କିଂକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ସ୍ମାର୍ଟ ସିଟି ପକ୍ଷରୁ ଜନପଥରେ ସ୍ମାର୍ଟ ପାର୍କିଂ ବ୍ୟବସ୍ଥା ଆପଣା ଯାଇଥିଲା। ମାଟି ତଳେ ସେନ୍ସର୍ ପୋତା ଯାଇଥିଲା। ଏହାକୁ ବ୍ୟବହାର କରି ଗାଡ଼ି ଚାଳକମାନେ ସ୍ୱଙ୍ଗ ଆପ୍ ମାଧ୍ୟମରେ ପାର୍କିଂ କରିବା ନେଇ ସମସ୍ତ ବ୍ୟବସ୍ଥା କରାଯାଉଥିଲା। ମାତ୍ର ଏହାକୁ କାର୍ଯ୍ୟକାରୀ କରାଗଲାନି। ତେଣୁ ଏବେ ଜନପଥରେ ଏବେ ବି ପାର୍କିଂ ନେଇ ଅନେକ ସମୟରେ ସମସ୍ୟା ସୃଷ୍ଟି ହେଉଛି। ପାର୍କିଂ ପାଇଁ ଉଦ୍ଦିଷ୍ଟ ଥିବା ସ୍ଥାନରେ ଗାଡ଼ି ପାର୍କିଂ ହେବା ପରେ ରାସ୍ତାକୁ କବ୍‌ଜା କରି ଗାଡ଼ି ଗୁଡ଼ିକ ଛିଡ଼ା ହେଉଛି। ଫଳରେ ଉତ୍କଟ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି।

ସ୍ମାର୍ଟ ଜନପଥରେ ୩ଟି ପ୍ୟାକେଜ୍‌ରେ ସ୍ମାର୍ଟ ପାର୍କିଂ କରିବାକୁ ଯୋଜନା ହୋଇଥିଲା। ଏଥିରେ ଶିଶୁଭବନରୁ ମାଷ୍ଟରକ୍ୟାଣ୍ଟିନକୁ ପ୍ୟାକେଜ୍-୧, ମାଷ୍ଟରକ୍ୟାଣ୍ଟିନରୁ ରୁପାଲି ଛକ ପ୍ୟାକେଜ୍-୨ ଏବଂ ରୁପାଲି ଛକରୁ ବାଣୀବିହାର ଛକ ପର୍ଯ୍ୟନ୍ତ ପ୍ୟାକେଜ୍-୩ ଭାବରେ ଚିହ୍ନିତ ହୋଇଥିଲା। ଗୋଟିଏ ପ୍ୟାକେଜ୍‌ରେ ଥରେ ଫି' ଦେଇ ପାର୍କିଂ କଲେ ଏହି ଅଞ୍ଚଳରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆଉ ପାର୍କିଂ କଲେ ଫି' ଦେବାକୁ ପଡ଼ିବନି। ଗୋଟିଏ ପ୍ୟାକେଜ୍‌ରେ ୪୫୦ରୁ ୫୦୦ ଗାଡ଼ି ପାର୍କିଂ ହେବା ଭଳି ବ୍ୟବସ୍ଥା ହେବ। ପ୍ରତ୍ୟେକ ପାର୍କିଂସ୍ଥଳୀ ପାଇଁ ପ୍ରାୟ ୧୦ ଫୁଟ୍‌ର ଜାଗା ରହିବ। ଜନପଥରେ କେତେ ପାର୍କିଂସ୍ଥଳୀ ରହିବ ତାହା ସ୍ମାର୍ଟ ଜନପଥ ନିର୍ମାଣ କରିଥିବା ଠିକା ସଂସ୍ଥା ନମ୍ବରିଂ କରିବାକୁ ଥିଲା। ଜନପଥର ଉତ୍ତରରୁ ଦକ୍ଷିଣ ଦିଗକୁ ନମ୍ବରିଂ ହେବାକୁ ଯୋଜନା ଥିଲା। ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଲ୍ୟାଣ୍ଡମାର୍କକୁ ନେଇ ପାର୍କିଂ ଅଞ୍ଚଳକୁ ନାମିତ କରାଯିବାକୁ କୁହାଯାଇଥିଲା। ଏହି ପାର୍କିଂ ବ୍ୟବସ୍ଥାରେ ଅନଲାଇନ୍‌ରେ ପାର୍କିଂସ୍ଥଳୀ ବୁକିଂ କରି ହେବ। ଏହାସହ କେଉଁଠି ପାର୍କିଂ ଅଞ୍ଚଳ ଖାଲି ଅଛି, ତାହାକୁ ଅନଲାଇନ୍‌ରେ ଟ୍ରାକିଂ ମଧ୍ୟ କରି ହେବ ବୋଲି ସ୍ମାର୍ଟ ସିଟି ସ୍ୱପ୍ନ ଦେଖାଇଥିଲା।



■ ସେନ୍ସର କଥା ଭୁଲିଗଲେଣି ଅଧିକାରୀ
■ ରାଜମହଲ-ବାଣୀବିହାରରେ ଲାଗିଥାନ୍ତା ହଜାରେ ସେନ୍ସର

ଗାଡ଼ି ରଖିବା ପାଇଁ ଆପ୍ ଜରିଆରେ ସ୍ଲଟ୍ ବୁକିଂ ହେବ। ଅର୍ଥାତ୍ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ବା ଘରୁ ବାହାରିବା ବେଳେ ଗାଡ଼ି ରଖିବା ପାଇଁ ପାର୍କିଂ ସ୍ଥାନ ବୁକ୍ କରିବାକୁ ପଡ଼ିବ। ଥରେ ବୁକ୍ ହୋଇଗଲେ ସେଠାରେ ଗାଡ଼ି ପାର୍କ ହେବନାହିଁ। ସ୍ଲଟ୍ ବୁକିଂ କରିଥିବା ଗାଡ଼ି ପହଞ୍ଚିବା ପର୍ଯ୍ୟନ୍ତ ଏହା ଫାଙ୍କା ଥିବ। ଯିଏ ଯେଉଁ ସୋ' ରୁମ୍ ବା ଯେଉଁ ଜାଗାକୁ ଯାଉଥିବ, ସେ ସେହି ଜାଗାର ପାର୍କିଂ ସ୍ଥିତିକୁ ଆପ୍ ଜରିଆରେ ଯାଞ୍ଚ କରିବ- କେତେ ଗାଡ଼ି ଅଛି? କେତେ ଜାଗା ଖାଲି ଅଛି? ଏ ସବୁ ଜାଣିବା ପରେ ଗାଡ଼ି ନେଇ ଘରୁ ବାହାରିବ। ଏଭଳି ଏକ ଅତ୍ୟାଧୁନିକ ବ୍ୟବସ୍ଥା ୨୦୨୧ ସେପ୍ଟେମ୍ବର ପହିଲା ସୁଦ୍ଧା ରାଜମହଲ ଠାରୁ ଶିଶୁଭବନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିଲା। ରାଜମହଲ ଛକରୁ ଶିଶୁଭବନ ଛକ ଯାଏ ୫୦ଟି ସେନ୍ସର ମାଟି ତଳେ ପୋତା ଯାଇଥିଲା। ଏହା ପରେ ରାଜମହଲରୁ ବାଣୀବିହାର ପର୍ଯ୍ୟନ୍ତ ୧, ୦୦୦ ସେନ୍ସର ଲାଗିବାର ଯୋଜନା ରହିଥିଲା।

ବେଆଇନ ପାର୍କିଂ ହେଲେ ସେନ୍ସର ଜରିଆରେ ପାର୍କିଂ ଫି' ଆଦାୟ କରୁଥିବା କର୍ମଚାରୀଙ୍କ ପାଖରେ ଥିବା ଡିଭାଇସ୍‌କୁ ସୂଚନା ଯିବ। ସେ ତୁରନ୍ତ ଆସି ପାର୍କିଂ ଫି' ଆଦାୟ କରିବା ସହ ଧାର୍ଯ୍ୟ ଜାଗାରେ ଗାଡ଼ି ରଖିବାକୁ ବ୍ୟବସ୍ଥା କରିବେ। ଜନପଥରେ ସଫଳ ହେଲେ ଏହି ବ୍ୟବସ୍ଥା ବିଭିନ୍ନ ମାର୍କେଟ୍‌ରେ କରିବାକୁ ଯୋଜନା ଥିଲା। 'ଭୁବନେଶ୍ୱର ଡଟ୍ ଏମ୍‌ଇ' ସହ ସମନ୍ୱିତ ହୋଇ ସମ୍ପୃକ୍ତ ଆପ୍ କାମ କରିଥାନ୍ତା। ଯେଉଁ ଜାଗାକୁ ଯିବାକୁ ଅଛି ସେହି ଜାଗାର ପାର୍କିଂ ଦେୟ ଆଗୁଆ ପୈଠ କରି ପାର୍କିଂ ପାଇଁ ଜାଗା ବୁକ୍ କରିବା ଯୋଜନା ଥିଲା। କିନ୍ତୁ ଏହି ଯୋଜନା ସମ୍ପୂର୍ଣ୍ଣ ଫେଲ୍ ମାରିଲା।

## ଚୋରଙ୍କ ଯୋଗୁଁ ପାଣି ବନ୍ଦ

● ଦୁଇ ପାଣିଟାଙ୍କି ଟ୍ରାନ୍ସଫର୍ମରରୁ କେବୁଲ ଚୋରି

ବାଲିଅନ୍ତା, ୨୪।୫(ସମିସ): ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ଏବଂ ପାରିବାସୁଦେଇପୁର ଯୁବକ ସଂଘ ପଡ଼ିଆ ନିକଟରରେ ଥିବା ପାଇପ ଲାଇନ ଜଳ ଯୋଗାଣ ପ୍ରକଳ୍ପ ଟ୍ରାନ୍ସଫର୍ମରରୁ ଶୁକ୍ରବାର ବିଳମ୍ବିତ ରାତିରେ ଟ୍ରାନ୍ସଫର୍ମରରୁ ଷ୍ଟାର୍ଟର ପର୍ଯ୍ୟନ୍ତ ଯାଇଥିବା ତମ୍ବା କେବୁଲ ତାର ଦୁର୍ବୃତ୍ତମାନେ କାଟି ନେଇଛନ୍ତି। ଫଳରେ ଉପରୋକ୍ତ ୨ ପ୍ରକଳ୍ପରୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ପିଇବା ପାଣି ପାଇଁ ଆଜି ଦିନ ତମାମ ଲୋକେ ବଡ଼ ହୀନସ୍ତା ହୋଇଛନ୍ତି। ଉଭୟ ଟ୍ରାନ୍ସଫର୍ମରରୁ ପାଖାପାଖି ୨୦୦ ଫୁଟ ଲେଖାଏଁ ତମ୍ବା କେବୁଲ ଲୁଟ ହୋଇଯାଇଛି। ଟ୍ରାନ୍ସଫର୍ମରରୁ କେବୁଲ ତାର ଦୁର୍ବୃତ୍ତ ଲୁଟି ନେବା ପରେ ଆଜି ପ୍ରକଳ୍ପରୁ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ତେଣୁ ପାଣି ପାଇଁ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏସମ୍ପର୍କରେ ପ୍ରତାପରୁଦ୍ରପୁର ସରପଞ୍ଚ ଶ୍ରଦ୍ଧେୟା ପାତ୍ର ବାଲିଅନ୍ତା ଥାନା ଓ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧିକାରୀ ଓ ବାଲିପାଟଣା ବିଦ୍ୟୁତ ସେକସନ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ହେଲେ ଦାୟିତ୍ୱରେ ଥିବା ଅଧିକାରୀ କେବୁଲ ସଂଯୋଗ ଦିଗରେ କ'ଣସି ପଦକ୍ଷେପ ଗ୍ରହଣ କରିନଥିବା ଜଣାଯାଇଛି। ଯାହାଫଳରେ ଲୋକେ ପାଣି ପାଇଁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏନେଇ ସ୍ଥାନୀୟଅଞ୍ଚଳରେଘୋରଅସନ୍ତୋଷଦେଖାଦେଇଛି। କର୍ତ୍ତୃପକ୍ଷଦୃଷ୍ଟିଦେବାକୁଦାବିହେଉଛି।

## ମହିଳାଙ୍କୁ ହତ୍ୟା ଉଦ୍ୟମ; ସ୍ୱାମୀ ଗିରଫ

ଭୁବନେଶ୍ୱର, ୨୪।୫ (ସମିସ): ସ୍ତ୍ରୀକୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ସ୍ୱାମୀକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୂଆପଲ୍ଲୀ ବେହେରା ସାହିର ରଞ୍ଜନ କୁମାର ସାହୁ (୫୧)। ପୁଲିସ ସୂଚନା ଅନୁସାରେ, ଅଭିଯୋଗକାରିଣୀ ଓ ରଞ୍ଜନ ପ୍ରାୟ ୧୬ ବର୍ଷ ପୂର୍ବେ ବିବାହ କରିଥିବା ବେଳେ ସେମାନଙ୍କର ଏକ ୧୩ ବର୍ଷର ଝିଅ ଅଛି। ବିବାହର କିଛି ବର୍ଷ ପରେ ଉଭୟଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇଥିଲା। ବିଭିନ୍ନ କଥାକୁ ନେଇ ରଞ୍ଜନ ତାଙ୍କ ସ୍ତ୍ରୀଙ୍କୁ ଅନେକ ଥର ଆକ୍ରମଣ କରି ଆସୁଥିଲା। ଗତ ୧୭ ତାରିଖ ରାତି ପ୍ରାୟ ୮ଟାରେ କୌଣସି କଥାରୁ ପତିପତ୍ନୀଙ୍କ ମଧ୍ୟରେ ବଚସା ହୋଇଥିଲା। ରଞ୍ଜନ ଏଥିରେ ଉତକ୍ଷିପ୍ତ ହୋଇ ପତ୍ନୀଙ୍କୁ କାଠ ଫାଳିଆରେ ଆକ୍ରମଣ କରି ହତ୍ୟା କରିବାକୁ ଉଦ୍ୟମ କରିଥିଲା। ଆକ୍ରମଣ ଫଳରେ ତାଙ୍କ ମୁଣ୍ଡ, ଆଖି, ମୁହଁ, ଗୋଡ଼ ସମେତ ଶରୀରର ଅନେକ ସ୍ଥାନରେ ଆଘାତ ଲାଗିଥିଲା। ସେ କୌଶଳକ୍ରମେ ସ୍ୱାମୀ କବଳରୁ ଖସିଯାଇ ନିଜ ଜୀବନ ବଞ୍ଚାଇଥିଲେ। ଏନେଇ ପତ୍ନୀ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ରଞ୍ଜନକୁ ଗିରଫ କରିବା ସହିତ କାଠ ଫାଳିଆ ଜବତ କରିଥିଲା।

# ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଭୟାବହ ଅଗ୍ନିକାଣ୍ଡ

ଭୁବନେଶ୍ୱର, ୨୫।୫(ସମିସ): ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଏକ ଗଦି (ଫୋମ୍) କାରଖାନାରେ ଆଜି ବିଳମ୍ବିତ ରାତିରେ ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ରାତି ପ୍ରାୟ ୧୨ଟା ୪୫ରେ ମଞ୍ଚେଶ୍ୱର ରେଳଷ୍ଟେସନ୍ ନିକଟରେ ଥିବା ଟିକେ ଫୋମ୍‌ସ ପ୍ରାଇଭେଟ୍ ଲିମିଟେଡ୍ କାରଖାନାରେ ଏହି ଅଘଟଣ ଘଟିଛି। ଖବର ପାଇ ମଞ୍ଚେଶ୍ୱର ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା ଚଳାଇଛି। କିନ୍ତୁ ଶେଷ ଖବର ଲେଖା ହେବା ସୁଦ୍ଧା, ପ୍ରାୟ ଦେଢ଼ ଘଣ୍ଟା ଧରି ଆଗ୍ନିକମାନେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ହେଁ ସଫଳ ହୋଇପାରିନଥିଲେ।



## ଗଦି କାରଖାନା ଛାରଖାର

ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ପାଖାପାଖି ୫ କିମି ପରିଧି ପର୍ଯ୍ୟନ୍ତ ଏହା ଦୃଶ୍ୟମାନ ହେଉଥିଲା। ଏପରିକି, ନିଆଁ ଧାସରେ ଆକାଶ ରକ୍ତିମବର୍ଣ୍ଣ ଧାରଣ କରିଥିଲା। ଅଗ୍ନିକାଣ୍ଡର କାରଣ ସଂପର୍କରେ ଜଣାପଡ଼ିନଥିଲେ ହେଁ ସର୍ଟସର୍କିଟ୍‌ରୁ ଘଟିଥିବା ଅନୁମାନ କରାଯାଉଛି। ତେବେ ଖବର ଲେଖା ହେବା ବେଳକୁ ଏଥିରେ କେହି ମୃତାହତ ହୋଇଥିବା ନେଇ ଜଣାପଡ଼ିନାହିଁ।

ସ୍ଥାନୀୟ କିଛି ଶ୍ରମିକଙ୍କ କହିବାନୁଯାୟୀ, କାରଖାନାରେ ପାଖାପାଖି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଗଦି ରହିଥିଲା। ଏହା ଦହନଶୀଳ ସାମଗ୍ରୀ ହୋଇଥିବାରୁ ନିଆଁକୁ ଆୟତ୍ତ କରିବା ପାଇଁ ଆଗ୍ନିକମାନଙ୍କୁ ନାକେଦମ୍ ହେବାକୁ ପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ୪ ଏକର ବିଶିଷ୍ଟ ଏହି କାରଖାନା ଭିତରେ ୨୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଶୋଇଥିଲେ। କିନ୍ତୁ ନିଆଁ ଲାଗିବା ଦେଖି ସିକ୍ୟୁରିଟି ଗାର୍ଡ ସେମାନଙ୍କୁ ଡାକି ଆଣିବାରୁ ଏକ ବଡ଼ଧରଣର ଜୀବନହାନି ଅଳ୍ପକେ ଟଳି ଯାଇଛି। ନିଆଁକୁ ତୁରନ୍ତ ଆୟତ୍ତ କରାନଗଲେ, ନିକଟରେ ଥିବା କାଗଜ, କାଠ ଓ ପାଉଁରୁଟି କାରଖାନା ପାଇଁ ବିପଦ ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି। ଅଗ୍ନିଶମ ବିଭାଗର ଅଧିକାରୀଙ୍କ କହିବାନୁଯାୟୀ, ନିଆଁର ପ୍ରକୋପ ଏତେ ରହିଛି ଯେ ଆୟତ୍ତ କରିବା ବେଳକୁ ଆସନ୍ତାକାଲି ସକାଳ ହୋଇଯିବ। ଖବର ପାଇ ଆଖାପାଖ ଅଗ୍ନିଶମ କେନ୍ଦ୍ରଗୁଡ଼ିକରୁ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଗାଡ଼ି ଘଟଣାସ୍ଥଳକୁ ଛୁଟୁଥିବା ଜଣାପଡ଼ିଛି।

## ଡାକ ଓ ରେଳ ଡାକସେବା ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା




ଭୁବନେଶ୍ୱର, ୨୪।୫(ସମିସ)

ଅଖିଳ ଭାରତ ଡାକ ଓ ରେଳ ଡାକସେବା ଅବସରପ୍ରାପ୍ତ କର୍ମଚାରୀ ସଂଘ, କେନ୍ଦ୍ରୀୟ କାର୍ଯ୍ୟାଳୟର ଡାକରାରେ ଶନିବାର ଓଡ଼ିଶା ରାଜ୍ୟ କମିଟି ତରଫରୁ ସଂଘର ରାଜ୍ୟ ସମ୍ପାଦକ ରବୀନ୍ଦ୍ର ନାଥ ଧଳଙ୍କ ନେତୃତ୍ୱରେ ୧୧ଦଫା ଦାବି ନେଇ ମୁଖ୍ୟ ମହାଡାକପାଳ ଓଡ଼ିଶା ସର୍କଲ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ ପରିସରରେ ଏକ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ଧାରଣା କାର୍ଯ୍ୟକ୍ରମକୁ ସଂଘର ରାଜ୍ୟ ଉପ-ସଭାପତି ଶିବଚନ୍ଦ୍ର ଦାଶ ପରିଚାଳନା କରିଥିବା ଥିଲେ। ଶ୍ରୀ ଧଳ କାର୍ଯ୍ୟାଳୟର ଉଦ୍ଦେଶ୍ୟ ଓ ଅନେକ ଦିନରୁ ବାରମ୍ବାର ଦାବିପତ୍ର ଦେବା ସତ୍ତ୍ୱେ ବିଭାଗୀୟ ଅବହେଳାରୁ ସମାଧାନ ନ ହୋଇ ପଡ଼ିରହିଥିବା ୧୧ଦଫା ଦାବି ଉପରେ ବିସ୍ତୃତ ବକ୍ତବ୍ୟ ରଖିଥିଲେ। ୧୯୮୬ ମସିହା ପୂର୍ବରୁ ଚାକିରିରେ ଯୋଗ ଦେଇଥିବା ପୋଷ୍ଟାଲ ଆସିଷ୍ଟାଣ୍ଟ ଏବଂ ସର୍ଟି ଆସିଷ୍ଟାଣ୍ଟମାନଙ୍କୁ ଟିବିଓପି। ବିସିଆର ଓ ଏମ୍‌ଏସିପି ପରିସରଭୁକ୍ତ କରିବା ପାଇଁ ଟ୍ରେନିଂ ସମୟକୁ ହିସାବକୁ ନେବା। ପୋଷ୍ଟମ୍ୟାନ୍ ଓ ମେଲ୍‌ଗାର୍ଡ଼ମାନଙ୍କୁ ୧୯୯୬ ରୁ ୧୯୯୭ ପର୍ଯ୍ୟନ୍ତ ଉଚ୍ଚତର ବେତନ (ଅଫ୍-ଗ୍ରେଡେଡ୍ ପେ ସ୍କେଲ) ପ୍ରଦାନ କରିବା, ଅବସରପ୍ରାପ୍ତ କର୍ମଚାରୀଙ୍କ ଉପରେ ଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଶୁଣାଣିକୁ ତ୍ୱରାନ୍ୱିତ କରିବା, ସବୁ ସ୍ତରରେ ଠିକ୍ ସମୟରେ ପେନ୍‌ସନ୍ ଅଦାଲତ ବସାଇବା, ପେନ୍‌ସନରସ୍ ଏବଂ ପେନ୍‌ସନରସ୍ ସଂଘ ତରଫରୁ ଦିଆଯାଉଥିବା ଚିଠିପତ୍ରକୁ ଗ୍ରହଣକରି ସଠିକ୍ ଉତ୍ତର ରଖିବା ପ୍ରଭୃତି ଦାବି ଉପସ୍ଥାପନା କରାଯାଇଥିଲା। ଅନ୍ୟ ବକ୍ତାମାନଙ୍କ ମଧ୍ୟରେ ଶିବଚନ୍ଦ୍ର ଦାସ, ପୂର୍ବେନ୍ଦ୍ର କୁମାର ଦାସ, ବୃହସ୍ପତି ସାମଲ, ଦେବବ୍ରତ ମହାନ୍ତି, ଦିପ୍ତୀରଞ୍ଜନ ମହାନ୍ତି, ଲିଙ୍ଗରାଜ ସାହୁ, ଶ୍ୟାମସୁନ୍ଦର ସାହୁ, ବିଷ୍ଣୁ ପ୍ରସାଦ ଦାସ, ବିମଳ ପ୍ରସନ୍ନ ଦାସ ଓ ସୁଧୀର କୁମାର ସ୍ୱାଇଁ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ରାଜ୍ୟ କମିଟି ତରଫରୁ ଡାକ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଓଡ଼ିଶାର ମୁଖ୍ୟ ମହାଡାକପାଳଙ୍କୁ ପ୍ରଦାନ କରାଯାଇଥିଲା।

## ସରକାରୀ ଚାକିରି ଆଳରେ ୫ ଲକ୍ଷ ଠକେଇ

ଭୁବନେଶ୍ୱର, ୨୪।୫(ସମିସ): ସରକାରୀ ଚାକିରି କରାଇ ଦେବାକୁ କହି ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଅଭିଯୁକ୍ତ ଅନିଲ କୁମାର ଦାସକୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଅଭିଯୁକ୍ତର ଘର ଜଲେଶ୍ୱର ଅଞ୍ଚଳରେ। ଖାରବେଳ ନଗର ଥାନା ଅଞ୍ଚଳରେ ରହୁଥିବା ସତ୍ୟାନନ୍ଦ ମଲ୍ଲିକଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ଅନିଲ ସହ ଅଭିଯୋଗକାରୀ ସତ୍ୟାନନ୍ଦ ମଲ୍ଲିକ ଭେଟ ହେବା ପରେ ତାଙ୍କୁ ରେଲୱେ ଗ୍ରୁପ୍-ଡ଼ି ଚାକିରି କରାଇ ଦେବାକୁ କହି ୫ଲକ୍ଷ ୧୩ହଜାର ଟଙ୍କା ନେଇଥିଲେ। ଦେଇଥିବା ସମୟ ମଧ୍ୟରେ ଚାକିରି ନ ଦେବାରୁ ୧ ଲକ୍ଷ ୯୮ ହଜାର ଟଙ୍କା ଫେରାଇ ଦେଇଥିଲେ। ବାକି ଟଙ୍କା ମାଗିବାରୁ ତାଙ୍କୁ ବିଭିନ୍ନ ଧମକ ଚମକ ଦେଇଥିଲେ। ସତ୍ୟାନନ୍ଦଙ୍କ ମା' ଫୋନ୍ ପେ ମାଧ୍ୟମରେ ୫ ଲକ୍ଷ ୫ହଜାର ୧୦୦ ଟଙ୍କା ପଠାଇଥିଲେ। ମଞ୍ଚେଶ୍ୱର ଏବଂ ମୈତ୍ରୀ ବିହାର ଥାନାରେ ଅନିଲଙ୍କ ନାଁରେ ଠକେଇ ଅଭିଯୋଗ ରହିଛି। ଏହି ଠକେଇ ପଛରେ ମଧ୍ୟ ଜଣେ ପୂର୍ବତନ ଆର୍ମି ଅଫିସରଙ୍କ ସମ୍ପୃକ୍ତି ରହିଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି।

## ଅଧିକ ସୁଧ ଦେବାକୁ କହି ୧୨ ଲକ୍ଷ ଠକେଇ

ଭୁବନେଶ୍ୱର, ୨୪।୫(ସମିସ): ମାସକୁ ୭ ପ୍ରତିଶତ ଅଧିକ ସୁଧ ଦେବାକୁ କହି ୧୨ ଲକ୍ଷ ଠକେଇ କରିବା ଅଭିଯୋଗରେ ସାଇବର ଥାନା ପୁଲିସ ଜଣେ ଠକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା କେନ୍ଦ୍ରାପଡ଼ା ନିକିରାଇର ପ୍ରମୋଦ କୁମାର ମହାନ୍ତି। ଏନେଇ ଡିସିପି ଜଗମୋହନ ମିନା କହିଛନ୍ତି ଯେ, ନୂଆପଲ୍ଲୀର ମିଳନ କୁମାର ବେହୁରା ଇନଭେଷ୍ଟମେଣ୍ଟ ନାମରେ ୧୨ ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଯେଉଁ ଆଧାରରେ ସାଇବର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରମୋଦଙ୍କ ନିକଟରୁ ୩ଟି ମୋବାଇଲ, ଚେକ୍ ବୁକ୍, ଡେବିଟ କାର୍ଡ, ପ୍ୟାନକାର୍ଡ, ରବର ଷ୍ଟାମ୍ପ ଜବତ ହୋଇଛି। ବୈଷ୍ଣବ÷ ଏଣ୍ଟର ପ୍ରାଇଜେସ ନାଁରେ ଫେକ୍ କମ୍ପାନି କରିଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି। ଠକେଇ ଟଙ୍କାକୁ ଏହି ଫେକ୍ କମ୍ପାନି ନାଁରେ ନେଇଥିବା ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତର ଦୁଇଟି ଆକାଉଣ୍ଟରୁ ପୁଲିସ ୮ ଲକ୍ଷ ୩୯ ହଜାର ୯୦୦ଟଙ୍କା ଫ୍ରିଜ କରିଛି। ଏହି ଘଟଣାରେ ଆହୁରି ଅନେକ ଅଭିଯୁକ୍ତ ଅଛନ୍ତି ସେମାନଙ୍କୁ ଧରିବାକୁ ସାଇବର ଥାନା ତଦନ୍ତ ଜାରି ରଖିଛି।

## ୧୦ ବର୍ଷ ପରେ ନନ୍ଦନକାନନରେ ଉତ୍ସାହ

# ଘଡ଼ିଆଳ କୁମ୍ଭୀର ଅଣ୍ଡାରୁ ବାହାରିଲେ ୧୪ ଛୁଆ

ନନ୍ଦନକାନନ, ୨୪।୫(ସମିସ): ଦୀର୍ଘ ବର୍ଷ ବ୍ୟବଧାନ ପରେ ନନ୍ଦନକାନନରେ ଘଡ଼ିଆଳ କୁମ୍ଭୀର ଅଣ୍ଡାରୁ ଛୁଆ ଫୁଟିଛନ୍ତି। ଯାହାକୁ ନେଇ ନନ୍ଦନକାନନରେ ଘଡ଼ିଆଳ ପ୍ରଜାନନ କ୍ଷେତ୍ରରେ ବିଗତ ୧୦ବର୍ଷ ହେବ ଲାଗି ରହିଥିବା ଘଡ଼ିଆଳ ଅଣ୍ଡାରୁ ଛୁଆ ନ ଫୁଟିବାର ଆଶଙ୍କା ଦୂର ହୋଇଛି। ରାଜସ୍ଥାନ ଜୟପୁରରୁ ଆସିଥିବା ୧୪ଟି ଘଡ଼ିଆଳ କୁମ୍ଭୀର ଅଣ୍ଡାରୁ ୧୪ଟି ଛୁଆ ଫୁଟିଥିବା ନେଇ ନନ୍ଦନକାନନ କର୍ତ୍ତୃପକ୍ଷଙ୍କଠାରୁ ଜାଣିବାକୁ ମିଳିଛି।



କୁମ୍ଭୀର ପ୍ରଜାନନ, ବଂଶ ବୃଦ୍ଧି ଓ ସୁରକ୍ଷା କ୍ଷେତ୍ରରେ ନନ୍ଦନକାନନ ଏକ ସ୍ୱତନ୍ତ୍ର ପରିଚୟ ବହନ କରିଥିଲା। ହେଲେ ଏଥିରେ ଗତ ୧୦ବର୍ଷ ହେବ ନନ୍ଦନକାନନରେ ଘଡ଼ିଆଳ କୁମ୍ଭୀର ଅଣ୍ଡାରୁ ଆଉ ଛୁଆ ହୋଇ ନ ଥିଲା। ଯାହା ଏହି କ୍ଷେତ୍ରରେ ମରୁଡ଼ି ସୃଷ୍ଟି ହେଲା ଭଳି ଅବସ୍ଥା ହୋଇଥିଲା। ଏନେଇ ବହୁ ଚିନ୍ତା ପ୍ରକାଶ ପାଇଥିଲା। ସେ ନେଇ ୨୦୧୭ବର୍ଷରେ ୪ଟି ଅଣ୍ଡିରା ଘଡ଼ିଆଳ କୁମ୍ଭୀରକୁ ଲକ୍ଷ୍ନୌରୁ ନନ୍ଦନକାନନକୁ ଅଣାଯାଇଥିଲା। ହେଲେ ଏମାନଙ୍କ ଦ୍ୱାରା ବି ଘଡ଼ିଆଳ ବଂଶ ବୃଦ୍ଧି ହୋଇଥିଲା। ୨୦୨୧ରେ ରାଜସ୍ଥାନ ଜୟପୁରରୁ ୨ଟି ଅଣ୍ଡିରା ଘଡ଼ିଆଳ କୁମ୍ଭୀର ଆସିଥିଲା। ସେଥିମଧ୍ୟରୁ ଗୋଟିଏ କୁମ୍ଭୀରର ମିଳନରୁ ମାଈ ଘଡ଼ିଆଳ ଅଣ୍ଡା ଦେଇ ମାଟିରେ ପୋତିଥିଲା। ଶନିବାର ଯନ୍ତୁ ରକ୍ଷକ କୁମ୍ଭୀର ପ୍ରଜାନନ କେନ୍ଦ୍ରକୁ ଯାଇଥିବା ବେଳେ କିଛି ଘଡ଼ିଆଳ କୁମ୍ଭୀର ଛୁଆ ପ୍ରଜାନନ କେନ୍ଦ୍ର ଜଳାଶୟରେ ପାଣିରେ ପହଁରୁ ଥିବା ଦେଖିଥିଲେ। ଏନେଇ ଅଧିକାରୀଙ୍କୁ ଖବର ଦେଇଥିଲେ। ଖବର ପାଇ ଅଧିକାରୀ ମାନେ ପହଞ୍ଚି ଦେଖିଲା ବେଳକୁ ୫ଟି ଘଡ଼ିଆଳ କୁମ୍ଭୀର ଛୁଆ ପାଣିରେ ପହଁରୁ ଥିବା ଦେଖିଥିଲେ। ପରେ ଅଣ୍ଡାରୁ ଆହୁରି ଛୁଆ ଫୁଟିଥିବା ନେଇ ଆଶାକରି ମାଟି ତାଡ଼ି ଖୋଜିଥିଲେ। ଖବର ଲେଖା ହେଲା ବେଳକୁ ସମୁଦାୟ ୧୪ଟି ଘଡ଼ିଆଳ ଛୁଆଙ୍କୁ ଆଣି ସ୍ୱତନ୍ତ୍ର ଭାବରେ ରଖିଥିବା ଜାଣିବାକୁ ମିଳିଛି। ଆହୁରି ଛୁଆ ଫୁଟିଥିବା ନେଇ ଆଶା କରାଯାଉଛି ବୋଲି ଉପ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ଅଧିକାରୀ ପ୍ରକାଶ କରିଛନ୍ତି।




### ୪ ବର୍ଷରେ ବି ସମ୍ପୂର୍ଣ୍ଣ ହେଲାନି ପାନୀୟ ଜଳ ପ୍ରକଳ୍ପ

# ପିଇବା ପାଣି ପାଇଁ ଗ୍ରାମବାସୀ ଦହଗଞ୍ଜ



ବେତନଟୀ, ୨୪।୫(ସମିସ): ବେତନଟୀ ଥାନା ଦାନ୍ତିଆମୁହାଁ ପଞ୍ଚାୟତର କରମଶୋଳ ଗ୍ରାମରେ ୪ ବର୍ଷ ହେଲା ପାନୀୟଜଳ ପ୍ରକଳ୍ପ ଅଧପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ଲୋକେ ପିଇବା ପାଣି ପାଇପାରୁନାହାନ୍ତି। ସୂଚନା ମୁତାବକ, ୨୦୨୧-୨୦୨୨ରେ ଜେଜେଏମ ଅନୁଦାନରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିରୀକ୍ଷଣରେ କରମଶୋଳ ଗ୍ରାମରେ ଏକ ପାଣିଟାଙ୍କି ନିର୍ମାଣ ଆରମ୍ଭ ହୋଇଥିଲା। ଅଟକଳ ମୂଲ୍ୟ ୩୦ଲକ୍ଷ ୮ହଜାର ୧ଶହ ୫୯ଟଙ୍କା ଥିବାବେଳେ ଠିକାଦାର ଶମ୍ଭୁ ଦେହୁରୀ ୨୭ଲକ୍ଷ ୫୨ହଜାର ଟଙ୍କାରେ ନିର୍ମାଣ କରିବାନେଇ ବିଭାଗ ସହିତ ଚୁକ୍ତି କରିଥିଲେ। ଚୁକ୍ତି ମୁତାବକ ପାଣିଟାଙ୍କି ନିର୍ମାଣ ସାଙ୍ଗକୁ ପାଇପ ଲାଇନ ବିଛା ଯାଇଥିବା ବେଳେ ଗାଁରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହେଉଥିବା ଦେଖି ଗ୍ରାମବାସୀ ଖୁସି ହୋଇଥିଲେ। ତେବେ ଗ୍ରାମବାସୀଙ୍କ ଖୁସି ଅଧିକ ଦିନ ତିଷ୍ଠି ପାରିନଥିଲା। ଗ୍ରାମ୍ୟ ଜଳଯୋଗଣ ଓ ପରିମଳ ବିଭାଗର ଅବହେଳା ଏବଂ ଠିକାଦାର ପ୍ରତି ଅହେତୁକ ଅନୁକମ୍ପା ପାଇଁ ଆଜି ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ନହୋଇ ଅଧାରେ ରହିଛି। କରମଶୋଳ ଗ୍ରାମରେ ପାଖପାଖି ୭୦ ପରିବାର ବସବାସ କରୁଛନ୍ତି। ରାତି ପାହିଲେ ଗ୍ରାମବାସୀ ବିଶୁଦ୍ଧ ପିଇବାପାଣି ପାଇଁ ଦହଗଞ୍ଜ ହେଉଛନ୍ତି। କିନ୍ତୁ ପ୍ରକଳ୍ପ ନିର୍ମାଣ ଶେଷ ହେଉନାହିଁ। ଫଳରେ ଲୋକେ ପାଣି ପାଇଁ ଦହଗଞ୍ଜ ହେଉଛନ୍ତି। ଏପଟେ ମାଟିତଳେ ବିଛାଯାଇଥିବା ପାଇପଗୁଡିକ ଦୀର୍ଘବର୍ଷ ଧରି ବ୍ୟବହାର କରାଯାଉ ନ ଥିବାରୁ ଏବେ ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ଏନେଇ ବିଭାଗୀୟ ଯନ୍ତ୍ରୀ ସସ୍ମିତା ପତିଙ୍କୁ ଯୋଗାଯୋଗ କରିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ୪ବର୍ଷ ଧରି ଅଧପନ୍ତରିଆ ହୋଇ ପଡ଼ିରହିଥିବା ଗ୍ରାମର ତ୍ରିଲୋଚନ ମହାନ୍ତ, ନରହରି ମହାନ୍ତ, ବୁଲୁ ମହାନ୍ତ, ମନୋରଞ୍ଜନ ମହାନ୍ତ ପ୍ରମୁଖ ଅଭିଯୋଗ କରିଛନ୍ତି।

## ଅବକାରୀ ବିଭାଗର ଚଢଉ; ୨ କୋର୍ଟଚାଲାଣ

ବେତନଟୀ, ୨୪।୫ (ସମିସ): ବେତନଟୀ ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ଦୁଇଟି ସ୍ଥାନରେ ଚଢଉ କରାଯାଇ ଚୋରା ଦେଶୀମଦ ଜବତ କରିବା ସହିତ ଦୁଇଜଣଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବେତନଟୀ ଥାନା ତାରାକୋଟୀ ଉପକଣ୍ଠ କଦମାଶୋଳ ଗ୍ରାମର ସୁରେନ୍ଦ୍ର ମହାନ୍ତ(୨୮) ନିକଟରୁ ୧୩ଲିଟର ଏବଂ ବଡସାହି ଥାନା ଅଧୀନ ଛେଳିଆ-ବି ଗ୍ରାମର ବସନ୍ତ ସିଂ(୪୩) ନିକଟରୁ ୧୪ଲିଟର ଚୋରା ଦେଶିମଦ ଜବତ କରାଯାଇଛି।

## କାମରେ ଲାଗୁନି 'ଆମ ଶୌଚାଳୟ'

କରଞ୍ଜିଆ, ୨୪।୫(ସମିସ): କାମରେ ଲାଗୁନି କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାରେ ଥିବା ଆମ ଶୌଚାଳୟ। ସରକାରୀସ୍ତରରେ ପଲ୍ଲୀରୁ ସହର ଯାଏ ପରିବେଶ ସୁରକ୍ଷା ନିମନ୍ତେ ବିଭିନ୍ନ ଯୋଜନା କରାଯାଇଛି। ସହରାଞ୍ଚଳରେ ପ୍ରତି ବସ୍ତିରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ହୋଇଛି। ସେହିପରି ଯାତ୍ରୀଙ୍କ ସୁବିଧା ନିମନ୍ତେ ମଧ୍ୟ ବସଷ୍ଟାଣ୍ଡରେ ଶୌଚାଳୟ ଓ ଡାକ୍ତରଖାନାରେ ରୋଗୀ ଓ ସମ୍ପର୍କୀୟ ନିମନ୍ତେ ଆମ ଶୌଚାଳୟ ନିର୍ମାଣ କରାଯାଇଛି। ସେହି ଆଧାରରେ କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାରେ ମଧ୍ୟ ଆମ ଶୌଚାଳୟ ନିର୍ମାଣ ହୋଇଛି; କିନ୍ତୁ କିଛି ମାସ ହେଲା ଫାଟକରେ ତାଲା ପଡ଼ିଯାଇଛି। ଫଳରେ ରୋଗୀ ଏବଂ ସମ୍ପର୍କୀୟମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ କିଛି ରୋଗୀ ସମ୍ପର୍କୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ତତ୍କାଳୀନ ଡାକ୍ତରଖାନା ପରିଚାଳକଙ୍କୁ ପଚାରିବାରୁ




ଲୋକେ ଶୌଚାଳୟକୁ ଅପରିଷ୍କାର କରୁଥିବାରୁ ବନ୍ଦ କରିଦିଆଯାଇଛି ବୋଲି କହିଛନ୍ତି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ୪ ଅନାଥ ଶିଶୁଙ୍କ ପାଖରେ ପହଞ୍ଚିଲା ପ୍ରଶାସନ

ବେତନଟୀ, ୨୪।୫(ସମିସ): ବାରିପଦା ସଦର ବ୍ଲକ ଅନ୍ତର୍ଗତ ଭାଗବତଚନ୍ଦ୍ରପୁର ପଞ୍ଚାୟତର ଧାନଶୋଳ ଗ୍ରାମରେ ବସବାସ କରୁଥିବା ଆଦିମ ଜନଜାତି ଖଡିଆ ମାଙ୍କିଡିଆ ସମ୍ପ୍ରଦାୟର ଏକାଧିକ ଅସହାୟ ପରିବାର ନିକଟରେ ଶୁକ୍ରବାର ପ୍ରଶାସନ ପହଞ୍ଚିଥିଲା।



ସଚେତନତା ଅଭାବରୁ ଯକ୍ଷ୍ମା ଆକ୍ରାନ୍ତ ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁପରେ ଅନାଥ ୪ ଶିଶୁଙ୍କୁ ଥଇଥାନ ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦେଇଛି। ସୂଚନା ମୁତାବକ, ଧାନଶୋଳ ଗ୍ରାମରେ ଆଦିମ ଜନଜାତି ଖଡିଆ ମାଙ୍କିଡିଆ ସମ୍ପ୍ରଦାୟର ବହୁ ପରିବାର ବସବାସ କରୁଛନ୍ତି। ସେମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲେ ସୁଦ୍ଧା ଆଜି ମଧ୍ୟ ସେମାନଙ୍କ ନିକଟରେ ଶିକ୍ଷା ଏବଂ ସଚେତନତାର ଅଭାବ ରହିଛି। ଗ୍ରାମର ଯକ୍ଷ୍ମା ଆକ୍ରାନ୍ତ ଶୁକୁରା ଭକ୍ତା ଏବଂ ତାଙ୍କ ସ୍ତ୍ରୀ ମୃତ୍ୟୁବରଣ କରିବାପରେ ସେମାନଙ୍କର ୪ଟି ଶିଶୁ ଏବେ ଅନାଥ ହୋଇଯାଇଛନ୍ତି। ଏହି ଖବର ପାଇ ଶୁକ୍ରବାର ବାରିପଦା ସଦରବ୍ଲକ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଭାଗବତଚନ୍ଦ୍ରପୁର ସରପଞ୍ଚ ଉର୍ମିଳା ସିଂ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିନୟ କୁମାର ଦାସ, ଯନ୍ତ୍ରୀ ସୁଚିସ୍ମିତା ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ପଲ୍ଲବୀ ପ୍ରିୟଦର୍ଶିନୀ କବି ପ୍ରମୁଖ ଏକ ସ୍ୱତନ୍ତ୍ର ଟିମ ଧାନଶୋଳ ଗାଁ ଗସ୍ତ କରିଥିଲା। ପ୍ରଶାସନିକ ଅଧିକାରୀ ଓ ଟିମ ଧାନଶୋଳ ଗାଁରେ ପହଞ୍ଚି ଅନାଥ ଶିଶୁଙ୍କୁ ଉପଯୁକ୍ତ ଶିକ୍ଷାଦାନର ବ୍ୟବସ୍ଥା ଏବଂ ଥଇଥାନ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଗ୍ରାମର ନୂଆମଣି ଖିଲାର, ତ୍ରିଲୋଚନ ନାଏକ, ଚକ୍ରଧର ନାଏକ ପ୍ରମୁଖ ଅସହାୟ ପରିବାରକୁ ସହାୟତା ଯୋଗାଇ ଦେବାକୁ ନିବେଦନ କରିଥିଲେ।

### ଭଞ୍ଜଭୂମି ଜର୍ଣ୍ଣାଲିଷ୍ଟ ଆସୋସିଏସନର ବୈଠକ

# ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକତା ଉପରେ ଗୁରୁତ୍ୱ

ରାଇରଙ୍ଗପୁର, ୨୪।୫(ସମିସ): ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ତିରିଂ ବ୍ଲକ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଶୁକ୍ରବାର ଭଞ୍ଜଭୂମି ଜର୍ଣ୍ଣାଲିଷ୍ଟ ଆସୋସିଏସନର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାମ୍ବାଦିକଙ୍କ କର୍ମକ୍ଷେତ୍ର ସହିତ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ପ୍ରଥମେ ବରିଷ୍ଠ ସାମ୍ବାଦିକ ଓ ସଂଘ କର୍ମକର୍ତ୍ତାମାନେ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଉଦଘାଟନ କରିଥିଲେ। ଏହା ପରେ ଗତ କିଛି ଦିନ ପୂର୍ବରୁ ପହଲଗାମରେ ଆତଙ୍କୀଙ୍କ ଗୁଳିରେ ପ୍ରାଣ ହରାଇଥିବା ନିରୀହ ଲୋକଙ୍କ ସହିତ ଅପରେସନ ସିନ୍ଦୂରରେ ସହିଦ ହୋଇଥିବା ଯବାନଙ୍କ ସ୍ମୃତିରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ସ୍ତମ୍ଭକାର ଲଳିତ ମହାନ୍ତ ମଞ୍ଚ ପରିଚାଳନା କରିବା ସହିତ ସାମ୍ବାଦିକଙ୍କ ପରିଚୟ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ତଥା ଖ୍ୟାତନାମା ଚିତ୍ରଶିଳ୍ପୀ ଶରତ ଦାସ ଯୋଗଦେଇ ଭଞ୍ଜଭୂମି ଜର୍ଣ୍ଣାଲିଷ୍ଟ ଆସୋସିଏସନ ମାଧ୍ୟମରେ ଉଭୟ ରାଜ୍ୟର ସାମ୍ବାଦିକ ଏକତ୍ରିତ ହୋଇ ନିଜ ସମସ୍ୟାକୁ ନେଇ




ଭାବ ଆଦାନ ପ୍ରଦାନ ହେବା ଏକ ଭଲ ପଦକ୍ଷେପ ବୋଲି କହିଥିଲେ। ଏହା ପରେ ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ପଟ୍ଟନାୟକ କହିଲେ ଯେ, ସାମ୍ବାଦିକ ସର୍ବଦା ସମ୍ବେଦନଶୀଳ ହେବା ଆବଶ୍ୟକ ରହିଛି। ଆସୋସିଏସନର ସଭାପତି ରାଜେଶ କୁମାର ଶର୍ମା ସଂଗଠନର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହିତ ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ଚନ୍ଦନ ସୋରେନ ସାମ୍ବାଦିକଙ୍କ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରେ ଝାରଖଣ୍ଡରୁ ଆସିଥିବା ଗଣମାଧ୍ୟମ ପ୍ରତିନିଧିମାନେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଶେଷରେ ସାମ୍ବାଦିକ ଅନୁପ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସଂଗଠନ ସମ୍ପାଦକ ଚନ୍ଦନ କୁମାର ସୋରେନ, ବସନ୍ତ କୁମାର ସାଣ୍ଡିଲ, ଦୟାନିଧି ମହାକୁଡ଼, ପଙ୍କଜିନି ସାହୁ, ରାମଦାସ ମୁର୍ମୁ, ଲକ୍ଷ୍ମଣ ଟୁଡୁ, ପଙ୍କଜ ବାରିକ, ଲାଖିରାମ କିସ୍କୁ ଏବଂ ଝାରଖଣ୍ଡରୁ ଆସିଥିବା ସାମ୍ବାଦିକ ରାକେଶ ମିଶ୍ର, ଶଙ୍କର ଗୁପ୍ତା, ସୁମନ କୁମାର ସିଂହ, ସଞ୍ଜୟ ସରଦାର, ଶିବ କୁମାର, ଅନୁପ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଟାଟା-ବାଦାମପାହାଡ଼ ରେଳପଥର ବିକାଶ ପାଇଁ ଦାବିପତ୍ର



ରାଇରଙ୍ଗପୁର, ୨୪।୫(ସମିସ): ଦକ୍ଷିଣ ପୂର୍ବ ରେଳବାଇ ଜୋନର ଜେନେରାଲ ମ୍ୟାନେଜର ଏବଂ ଡିଭିଜନାଲ ରେଳ ମ୍ୟାନେଜର ଶୁକ୍ରବାର ରାଇରଙ୍ଗପୁର ଓ ବାଦାମପାହାଡ଼ ଅମୃତ ରେଳଷ୍ଟେସନ ପରିଦର୍ଶନ ପାଇଁ ଦିନିକିଆ ଗସ୍ତରେ ଆସିଥିଲେ। ଏହି ଅବସରରେ ଜେନେରାଲ ମ୍ୟାନେଜେରଙ୍କୁ ରାଇରଙ୍ଗପୁର ଓକିଲ ସଂଘ ସଭାପତି ଅକ୍ଷୟ କୁମାର ମହାନ୍ତି ଓ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ସ୍ୱାଗତ ଜଣାଇଥିଲେ। ପରେ ଟାଟା-ବାଦାମପାହାଡ଼ ରେଳପଥର ବିକାଶ ନିମନ୍ତେ ଏକ ପାଞ୍ଚ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଦାବି ମଧ୍ୟରେ ଚଳିତ ବର୍ଷ ପୁରୀ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଦେଖିବା ପାଇଁ ବାଦାମପାହାଡ଼ରୁ ପୁରୀଧାମ ଏକ୍ସପ୍ରେସ ଭାୟା ଟାଟାନଗର ପୁରୀ ଟ୍ରେନ ଚଳାଚଳ, ରାଇରଙ୍ଗପୁର ମୁଖ୍ୟ ବଜାର ରେଳ ଫାଟକରେ ଫ୍ଲାଇଓଭର ନିର୍ମାଣ, ବାଦାମପାହାଡ଼-କେନ୍ଦୁଝର, ଗୌରୁମାହିଷାଣି-ବାଙ୍ଗରିପୋଷୀ ଓ ବୁଡାମରା-ଚକୁଳିଆ ରେଳ ଲାଇନ ସଂଯୋଗୀକରଣ କାର୍ଯ୍ୟ ଶୀଘ୍ର ଆରମ୍ଭ, ରାଇରଙ୍ଗପୁର ରେଳ ଷ୍ଟେସନ ଓ ବାଦାମପାହାଡ଼ରେ ରେଳବାଇ କ୍ୟାଣ୍ଟିନ କରିବା, ରାଇରଙ୍ଗପୁର ରେଳ ଷ୍ଟେସନରେ ରେଳବାଇ ପୁଲିସ ଷ୍ଟେସନ ନିର୍ମାଣ ଆଦି ଅନ୍ତର୍ଭୁକ୍ତ। ଏହିସବୁ ଦାବି ଉପରେ ରେଳ ବିଭାଗ ବିଚାର କରି କାର୍ଯ୍ୟକାରୀ କରିବେ ବୋଲି ଅଧିକାରୀମାନେ ସୂଚନା ଦେଇଥିଲେ।

# ବିଦ୍ୟୁତ୍ ସମସ୍ୟା ନେଇ ଗ୍ରାମବାସୀଙ୍କ ଧାରଣା

ମହୁଲଡିହା, ୨୪।୫(ସମିସ): ଠାକୁରମୁଣ୍ଡା ବ୍ଲକ କେଶଡିହା ଗ୍ରାମରେ ବିଦ୍ୟୁତ ସମସ୍ୟା ନେଇ ଠାକୁରମୁଣ୍ଡା କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଶନିବାର ଧାରଣା ଦେଇଥିଲେ। ଏହି ଗ୍ରାମରେ ୩ ମାସ ହେଲା ବିଜୁଳି ସମସ୍ୟା ଲାଗିରହିଛି। ଏ ନେଇ ଗ୍ରାମବାସୀ ଠାକୁରମୁଣ୍ଡା ବିଦ୍ୟୁତ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଶୁଣୁ ନ ଥିବା ଅଭିଯୋଗ କରି ଆସୁଛନ୍ତି। ଗ୍ରାମରେ ବିଦ୍ୟୁତ୍ ସମସ୍ୟା ଲାଗି ରହିଥିବାରୁ ମେଡିକାଲ, ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ପରିଚାଳିତ



ଉଚ୍ଚବିଦ୍ୟାଳୟ ଓ ହଷ୍ଟେଲର ପିଲାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବିଜୁଳି ସମସ୍ୟା ପାଇଁ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀ। ଛାତ୍ରଛାତ୍ରୀମାନେ ପାଠ ପଢ଼ିବାରେ ମଧ୍ୟ ଅସୁବିଧା ଭୋଗୁଛନ୍ତି। ଏ ନେଇ ବହୁବାର ଅଭିଯୋଗ କରିବା ପରେ ବି ବିଭାଗୀୟ ଅଧିକାରୀମାନେ ନ ଶୁଣିବାରୁ ଶନିବାର ବାଧହୋଇ ଗ୍ରାମବାସୀ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଖବର ପାଇ ଠାକୁରମୁଣ୍ଡା ପୁଲିସ ଏବଂ ବିଡିଓ ସ୍ୱପ୍ନେଶ୍ୱର ବେହେରା ପହଞ୍ଚି ଘଟଣା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିଲେ। ବିଭାଗ ପକ୍ଷରୁ ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ପରେ ବିଡିଓଙ୍କ ପ୍ରତିଶ୍ରୁତି ପାଇବା ପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ।

## ପି.ଆର.ଏମ୍ ମହାବିଦ୍ୟାଳୟ +୨ ପରୀକ୍ଷାରେ ସୁସନା ଓ ବିନତୀ ଟପ୍ପର

ଶରତ, ୨୪।୫(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ପଣ୍ଡିତ ରଘୁନାଥ ମୁର୍ମୁ +୨ ମହାବିଦ୍ୟାଳୟରେ ଚଳିତବର୍ଷ ପୁଅଙ୍କ ଅପେକ୍ଷା ଝିଅମାନେ ବାଜି ମାରିଛନ୍ତି। ଯୁକ୍ତ ଦୁଇ ପରୀକ୍ଷାରେ ସୁସନା ସିଂ ଏବଂ ବିନତୀ ବଦ୍ରା ଉଭୟ ୬୦୦ ମାର୍କରୁ ୫୦୦ ମାର୍କ ଅର୍ଥାତ ୮୩.୩୩% ରଖି କଲେଜର ଟପ୍ପର ହୋଇଛନ୍ତି। ଏହି ସଫଳତା ପାଇଁ ଉଭୟ କଲେଜ ଅଧ୍ୟକ୍ଷ ଭଗବାନ ପଣ୍ଡା ଏବଂ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ତଥା ଅଭିଭାବକଙ୍କୁ ଶ୍ରେୟ ଦେଇଛନ୍ତି।





ତେବେ ଏହି କଲେଜରେ ଯୁକ୍ତ ୩ ବିଭାଗ ଖୋଲିବା ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମାନ୍ୟତା ନ ମିଳିବାରୁ ବରୁ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ଦିଗରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶରତ ଅଞ୍ଚଳର ଗରିବ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କ ସ୍ୱଳ୍ପ ଖର୍ଚ୍ଚରେ ଉଚ୍ଚଶିକ୍ଷା ପ୍ରଦାନ କରିବା ପାଇଁ ଏଠାରେ ଯୁକ୍ତ ୩ ବିଭାଗ ଖୋଲିବାକୁ ସାଧାରଣରେ ଦାବି ହେଉଛି।

### ସହରୀ ଢାଞ୍ଚାରେ ବଦଳୁଛି ଗାଉଁଲୀ ଜୀବନ

# ହଜିବାକୁ ବସିଲାଣି ତାସ, ଲୁଡୁ, କଉଡ଼ି, ବାଗୁଡ଼ି ଖେଳ

ବଡସାହି, ୨୪।୫(ସମିସ): ଜୀବନକୁ ସରସ ସୁନ୍ଦର କରି ଗଢି ତୋଳୁଥିବା ଗାଁ ଏବେ ସହରୀ ସଭ୍ୟତା ଜାଲରେ ଛନ୍ଦି ହୋଇପଡ଼ିଛି। ଆଧୁନିକତାର ବଶବର୍ତ୍ତୀ ହୋଇ ଗାଉଁଲୀ ଜୀବନରେ ବଞ୍ଚିବାର ଅନୁଭୂତି କ୍ରମେ ଲୋକଙ୍କ ମନରୁ ଲିଭିବାକୁ ବସିଲାଣି। ଫଳରେ ଗାଁର ପରିବେଶ ଦିନକୁ ଦିନ ପରିବର୍ତ୍ତନ ହେଉଥିବାବେଳେ ସହରୀ ସଭ୍ୟତା ମାଡି ଆସୁଛି। ଲୋକେ ଗାଉଁଲି ପରିବେଶକୁ ଭୁଲି ଆଧୁନିକତା ଢଙ୍ଗରେ ସଜେଇ ହେଉଥିବାରୁ ଚାଲି ଚଳଣୀରେ ପରିବର୍ତ୍ତନ ଘଟିଛି। ଏପରି ସଭ୍ୟତା ବଡ଼ସାହି ବ୍ଲକର ସିଂହଟିଆ, ତାଳପଦା, ମାଣତ୍ରୀ, ଦେଉଳିଆ, ଦୁର୍ଗାପୁର, ମାନଗୋବିନ୍ଦପୁର, ଛେଳିଆ, ପ୍ରତାପପୁର ଓ କୋଚିଲାଖୁଣ୍ଟା ଆଦି ଗାଁରେ ଦେଖିବାକୁ ମିଳୁଛି। ବିଜ୍ଞାନର ଅଗ୍ରଗତି ସାଙ୍ଗକୁ ସହରୀ ସଭ୍ୟତାର ଛାପକୁ ଅନୁସରଣ କରୁଥିବା ଅଧିକାଂଶ ଲୋକଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆସିଛି। ତାଳପଦା ଗ୍ରାମର ମହେଶ୍ୱର ସେନାପତି କହନ୍ତି, ସେଦିନର ଜେଜେମାଆ କୋଳରେ ନାତିନାତୁଣୀ ଶୋଇ ଶୁଣୁଥିବା ଧୋ'ରେ ବାଇଆ ଧୋ...ଗୀତ ଓ ବୁଢୀ ଅସୁରୁଣୀ ଗପ ଆଉ ଶୁଣିବାକୁ ମିଳୁନି। ବୁଢୀବୁଢାଙ୍କ ପାଇଁ ସଂଧ୍ୟାରେ ପୁରାଣ ଭାଗବତ ଶୁଣିବାକୁ ଥିବା ଭାଗବତ ଟୁଙ୍ଗି ବିଷୟରେ ବର୍ତ୍ତମାନର ପିଢିଙ୍କୁ ବୁଝାଇବାକୁ କଷ୍ଟ ହେଉଛି। ମୋବାଇଲ ଓ ସୋସିଆଲ ମିଡିଆ ଯୁଗରେ ଗୀତ ଗପଠାରୁ ଆରମ୍ଭ କରି ଦୁନିଆର ଯାବତୀୟ କାର୍ଯ୍ୟକ୍ରମ ଲୋକଙ୍କ ହାତ ମୁଠାରେ ରହିଛି। ଫଳରେ ପିଲା ତଥା ଯୁବକ ଯୁବତୀ ଜେଜେବାପା, ଜେଜେମାଆ, ଅଜା, ଆଈ ଓ ଗୁରୁଜନଙ୍କ ନିକଟରେ ସମୟ ବିତାଇବାକୁ ପଛଘୁଞ୍ଚା ଦେଉଛନ୍ତି। ପୂର୍ବରୁ ସଂଧ୍ୟା ହେଲେ ଗାଁ ଲୋକେ ପୁରାଣ ଶୁଣିବାକୁ ଭାଗବତ ଟୁଙ୍ଗିକୁ ଯାଉଥିଲେ। ମାତ୍ର ଏବେ ଦୂରଦର୍ଶନ ମାଧ୍ୟମରେ ପୁରାଣ ଭାଗବତ ଭଳି ଅନେକ କାର୍ଯ୍ୟକ୍ରମ ଘରେ ଦେଖୁଛନ୍ତି। ଫଳରେ ଭାଗବତ ଟୁଙ୍ଗି ହଜିବାକୁ ବସିଛି; ତଥାପି କିଛି ସଂଗଠନ ପକ୍ଷରୁ ପୁରାଣ ଚର୍ଚ୍ଚା ହେଉଛି। ମାତ୍ର ସେଥିରେ ପୂର୍ବପରି ମାଧୁର୍ଯ୍ୟ ଥିବାର ଦେଖାଯାଉନି। ସେହିପରି ଦେଉଳିଆ ଗ୍ରାମର ଗ୍ରାମର କହନ୍ତି ସୁଶାନ୍ତ କୁମାର ମହାପାତ୍ର କହନ୍ତି, ପ୍ରଚଣ୍ଡ ଖରାରୁ ରକ୍ଷା ପାଇବା ପାଇଁ ଚାଳ ଘର ଥିଲା ଶୀତଳ ପରିବେଶ। ଏବେ ଗାଁରେ ଆଉ ଚାଳ କିମ୍ବା କୁଡିଆ ଘର ଦେଖାଯାଉନି। ସରକାରଙ୍କ ପ୍ରଦତ୍ତ ପକ୍କା ଘର ଯୋଜନାରେ ଚାଳଘରର ରୂପ ବଦଳି ଯାଇଛି। ଫଳରେ ଘରର ମରାମତି କାମ କରି ରୋଜଗାର କରୁଥିବା ଲୋକେ ଏବେ କାମଧନ୍ଦା ନ ପାଇ ଦାଦନ ଖଟିବାକୁ ଯାଉଛନ୍ତି। ଚାରଣ ଭୂଇଁର ଅଭାବ ଯୋଗୁଁ ଗାଈଗୋରୁଙ୍କୁ ଚରାଉଥିବା ଗାଈଆଳଙ୍କ ଡାକ ଶୁଣିବାକୁ ମିଳୁନି। ଖାଦ୍ୟର ଅଭାବ ଯୋଗୁଁ ଗୋ ପାଳକମାନେ ନିଜ ବୃତ୍ତିଠାରୁ ଦୂରେଇ ଯାଉଛନ୍ତି। ଏବେ ସମସ୍ତ ଘରେ ପାଣିର ବ୍ୟବସ୍ଥା ହୋଇଥିବାରୁ ନଦୀ ଓ ପୋଖରୀ ତୁଠ ଫାଙ୍କା ପଡୁଛି। ନଦୀ ପଠା ବର ଓହରରେ ଝୁଲି ନଦୀରେ ଡିଆଁ ମାରିବା ସହ ପହଁରିବା ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଗାଁ ମୁଣ୍ଡ ବର କିମ୍ବା ଅଶ୍ୱତଥ ଗଛମୂଳେ ବସି ଭାଇଚାରା ବାଣ୍ଟୁଥିବା ତାସ, ଲୁଡୁ, କଉଡି, ବାଗୁଡି ଖେଳ ମଧ୍ୟ ହଜିବାକୁ ବସିଲାଣି। ସହରୀ ବ୍ୟସ୍ତ ଜୀବନ ଭିତରେ କେହି କାହାର ଦୁଃଖ ସୁଖ ବୁଝିବା ପାଇଁ ସମୟ ନ ଥିବା ବେଳେ ଗାଁରେ କିନ୍ତୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ପୂର୍ବରୁ ଗାଁର ଭାଇଚାରା ସମ୍ପର୍କ ନିବିଡ ଥିବା ବେଳେ ବର୍ତ୍ତମାନର ଆଧୁନିକତାର ସମୟ ସ୍ରୋତରେ ଲୋକମାନେ ବିଳାସବ୍ୟସନରେ ବଞ୍ଚିବା ପାଇଁ ଅର୍ଥ ପଛରେ ଦୌଡିବାରୁ ଭାଇଚାରା ସମ୍ପର୍କ କମିବାରେ ଲାଗିଛି ବୋଲି କହନ୍ତି ଅବସରପ୍ରାପ୍ତ ଶିକ୍ଷକ ଶ୍ରୀହରୀ ପ୍ରଧାନ। ପାଠପଢ଼ାର ବୋଝକୁ ସମ୍ଭାଳିବାରେ ସମୟ ଅତିବାହିତ ହେବାରୁ ବର ଓହରରେ ଝୁଲିବାକୁ ଗାଁ ପିଲାଙ୍କୁ ସମୟ ମିଳୁନି। ଭିଡିଓ ଗେମ ସହିତ ମୋବାଇଲ ଗେମରେ ସମୟ ବିତୁ ଥିବାରୁ ଗାଁ ଗଛ ମୂଳର ଆଦର କମିଛି। ପ୍ରଚଣ୍ଡ ଖରାରେ ଶିଝିବାରୁ ରକ୍ଷା ପାଇବା ପାଇଁ ଘରେ ଶୀତତାପ ନିୟନ୍ତ୍ରିତ ମେସିନର ବ୍ୟବହାର ପାଇଁ ମହିଳାମାନେ ଲୁଡୁ କଉଡି ଭଳି ଖେଳକୁ ଭୁଲି ଟିଭି ସିରିଏଲରେ ସମୟ ବିତାଉଛନ୍ତି। ଆଧୁନିକତାର ପ୍ରଭାବ ଯୋଗୁଁ ସହରୀ ଚାଲିଚଳଣି କିଛି ମାତ୍ରାରେ ପ୍ରଭାବ ପଡ଼ିଛି। କେତେକ ସ୍ଥାନରେ ପୁରୁଣା ପରମ୍ପରା ସହିତ ଭାଇଚାରା ସମ୍ପର୍କ ରହିଛି ବୋଲି କହନ୍ତି ପରିବେଶବିତ ଡ. ସନତ କୁମାର ଦାଶ।






ଭତ୍ତା ପାଇଁ ରାସ୍ତାରେ ଘୁଷୁରି ଘୁଷୁରି ଯିବା ଘଟଣା

# ଅସହାୟ ଶ୍ରୀଧରଙ୍କୁ ଭେଟି ସହାୟତା ଦେଲେ ବିଧାୟକ

କେନ୍ଦ୍ରାପଡ଼ା,୨୪।୫(ସମିସ):

ସରକାରୀ ଅବହେଳାର ଶିକାର ହୋଇଥିବା ଅକ୍ଷମ ତଥା ଅସହାୟ ୮୧ ବର୍ଷ ବୟସ୍କ ବୃଦ୍ଧ ଶ୍ରୀଧର ସାହୁଙ୍କୁ ଆଜି ତାଙ୍କ କୋରୋ ବାସଭବନରେ ଭେଟିଛନ୍ତି ବିଧାୟକ ଗଣେଶ୍ୱର ବେହେରା। ତାଙ୍କ ଦୁଃସ୍ଥିତି ପ୍ରତି

## ୩୫୦୦ ଭତ୍ତା ଓ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ କଲେ ଦାବି



ସମ୍ବେଦନଶୀଳ ହୋଇ ସହାୟତାର ହାତ ବଢାଇଛନ୍ତି। ପିନ୍ଧା ବସ୍ତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅତ୍ୟନ୍ତ ଅମାନବୀୟ ପରିବେଶରେ ଶ୍ରୀ ସାହୁଙ୍କୁ ଦେଖି ଶ୍ରୀ ବେହେରା ଉଦ୍‌ବେଗ ପ୍ରକାଶ କରିଛନ୍ତି। ସଂପ୍ରତି ରହୁଥିବା ଭଙ୍ଗା ଚାଳଘରକୁ ଅତିଶୀଘ୍ର ସଜାଡି ବାସ ଉପଯୋଗୀ କରିଦେବାକୁ କୋରୋ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ରଣଜିତ୍ ଜେନାଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିସହ ଆଉ କେତୋଟି ଆବଶ୍ୟକୀୟ ଜିନିଷ ଯୋଗାଇ ଦେବାକୁ ମଧ ନିଷ୍ପତ୍ତି ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି।

ଏ ସଂକ୍ରାନ୍ତରେ ପ୍ରତିକ୍ରିୟାରେ ବିଧାୟକ ଶ୍ରୀ ବେହେରା କହିଛନ୍ତି, ସରକାରୀ ନିର୍ଦ୍ଦେଶନାମାର ଉଲ୍ଲଂଘନ ହେତୁ ଏଭଳି ଏକ ଦୁଃଖଦାୟକ ଘଟଣା ଘଟିଲା ଓ ସାରା ଓଡ଼ିଶାରେ କୋରୋ ଗାଁର ସୁନାମରେ ଆଞ୍ଚ ଆସିଲା। ଘରେ ପହଞ୍ଚି ଯଦି ପଞ୍ଚାୟତ ଅଧିକାରୀ ଭତ୍ତା ଟଙ୍କା ଦେଇଥା'ନ୍ତେ, ତେବେ ଏଭଳି ଅଭାବନୀୟ ଘଟଣା ଘଟି ନ ଥା'ନ୍ତା। କର୍ତ୍ତବ୍ୟରେ ଅବହେଳା ପାଇଁ ପଞ୍ଚାୟତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ଶ୍ରୀଧର ସାହୁଙ୍କ ବୟସ ୮୧ ହୋଇଥିବାରୁ ତାଙ୍କୁ ମାସିକ ୩୫୦୦ ଭତ୍ତା ନିୟମିତ ତାଙ୍କ ଘରେ ପ୍ରଦାନ ଓ ବାସହୀନ ହେତୁ ପ୍ରଧାନମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ଯୋଗାଇ ଦେବାକୁ ବିଧାୟକ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଚିଠି ଲେଖି ଦାବି ଜଣାଇଛନ୍ତି। ସ୍ଥାନୀୟ ବିଜେଡି ନେତା ରଣଜିତ ଜେନା, ହରିପଦ ବେହେରା, ବାବାଜୀ ମଲିକ, କୃଷ୍ଣଚନ୍ଦ୍ର ମଲିକ, ଦେବାଶିଷ ବରାଳ, ସମ୍ବିତ ଶ୍ରୀଚନ୍ଦନ, ବସନ୍ତ ମଲିକ, ବାବୁଲି ମଲିକ, ହରି ସିଂହ, ନାରାୟଣ ସାମଲ, ଗଗନ ସାମଲ, ଶରତ ଚନ୍ଦ୍ର ସାମଲ, ସୌରୀ ରାଉତ, ଉଦୟନାଥ ମଲିକ, ରାମଚନ୍ଦ୍ର ସାହୁ ପ୍ରମୁଖ ଗଣେଶ୍ୱର ବେହେରାଙ୍କ ସହ ଶ୍ରୀଧର ସାହୁଙ୍କୁ ଭେଟିଥିଲେ।

## ଲଙ୍କେଶ୍ୱର ରାମାୟଣ କମିଟିର ବାର୍ଷିକ ଉତ୍ସବ



କେନ୍ଦ୍ରାପଡ଼ା,୨୪।୫(ସମିସ): ଠାକୁରହାଟର ଶ୍ରୀଶ୍ରୀ ଲଙ୍କେଶ୍ୱର ରାମାୟଣ କମିଟି ଦ୍ୱିତୀୟ ବର୍ଷରେ ପଦାର୍ପଣ କରି ଠାକୁରହାଟ ପଡ଼ିଆରେ ରାମାୟଣ ପରିବେଷଣ କରିଥିଲା। ଏଥିରେ ରାମ ବନବାସ, ସୀତାଚୋରି, ରାବଣ ବଧ, ଲବକୁଶ ଜନ୍ମ ଓ ବୈକୁଣ୍ଠ ଦର୍ଶନ ପ୍ରଭୃତି ନାଟକ ମଞ୍ଚସ୍ଥ କରାଯାଇଥିଲା। ନାଟ୍ୟ ନିର୍ଦ୍ଦେଶକ ପ୍ରଭାତ ସିଂହଙ୍କ ନିର୍ଦ୍ଦେଶନାରେ କଳାକାରମାନେ ନିଖୁଣ ଅଭିନୟ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ କମିଟି ସଭାପତି ରମେଶ ବେହେରା, ଉପସଭାପତି ଧନେଶ୍ୱର ଓଝା, ସମ୍ପାଦକ ଗୌରାଙ୍ଗ ନାୟକ, ନୃସିଂହ ସେଠୀ, ଖଗେଶ୍ୱର ସେଠୀଙ୍କ ସମେତ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାକର ମଲ୍ଲିକ, ନରହରି ସେଠୀ, ସନାତନ ମଲ୍ଲିକ, ଚନ୍ଦ୍ରମଣି ସାହୁ, ହୀରାମଣି ନାଥ, ବସନ୍ତ ବେହେରା, ବାବାଜୀ ଗେରୁ, ସୁରେନ୍ଦ୍ର ସେଠୀ, ବିନୋରୀ ପ୍ରଧାନ, ରାଜକିଶୋର ବେହେରା, କାର୍ତ୍ତିକ ଗେରୁ, ଦୟାନିଧି ପାତ୍ର, ରାଜକିଶୋର ନାୟକ, ବଟକୃଷ୍ଣ ସେଠୀ, ରମେଶ ଚନ୍ଦ୍ର ସେଠୀ, ଜନାର୍ଦ୍ଦନ ବେହେରା, କାଳନ୍ଦୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

■ ଦୁହୁରିଆ ଛକରେ ଦୁର୍ଘଟଣା

## ବାଇକ୍ ଆରୋହୀଙ୍କ ମୃତ୍ୟୁ, ୨ ଆହତ

କେନ୍ଦ୍ରାପଡ଼ା,୨୪।୫(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଦୁହୁରିଆ ଛକସ୍ଥ ୫୩ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଅନ୍ୟ ଦୁଇ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମୃତକ ଓ ଆହତ ସଦର ଥାନା ଅନ୍ତର୍ଗତ ମାଗୁରଗଣ୍ଡପାଟଣା ଗ୍ରାମର ବୋଲି ଜଣାପଡ଼ିଛି। ଆଜି ଅପରାହ୍ନ ୪ଟା ବେଳେ କେନ୍ଦ୍ରାପଡ଼ା ସହରରୁ କାମ ସାରି ୩ ଜଣ ଯୁବକ ଗୋଟିଏ ବାଇକ୍‌ରେ ଘରକୁ ଫେରୁଥିଲେ। ଜାତୀୟ ରାଜପଥରେ ଯାଉଥିବାବେଳେ ଚଣ୍ଡିଖୋଲ ଆଡୁ ଆସୁଥିବା ଏକ ହାଇୱା ସେମାନଙ୍କୁ ପଛରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ଆହତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୁଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ି ଜବତ କରିଛି। ଆହତ ଦୁଇଜଣ ଦେବେନ୍ଦ୍ର ମହାନ୍ତି ଓ ନବୀନ କୁମାର ବେହେରା , ମୃତକ ଜଣକ ଜିତେନ୍ଦ୍ର ବେହେରା ବୋଲି ଜଣାପଡ଼ିଛି ।

● ନାହିଁ ପାଣି ନିଷ୍କାସନ ବ୍ୟବସ୍ଥା

## ଅସରାଏ ବର୍ଷାରେ ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି



ପାରାଦୀପ, ୨୪।୫(ସମିସ): ଅସରାଏ ବର୍ଷାରେ ପାରାଦୀପଗଡ ବାଲିସାହି ଓ ଦଳେଇ ସାହି ଗାଁ ଦାଣ୍ଡ ବେହାଲ ହୋଇପଡ଼ିଛି। ଲୋକେ ଘରୁ ପଦାକୁ ବାହାରି ପାରୁନାହାନ୍ତି। ପାଣି ଜମି ରହିବା ଦ୍ୱାରା ଯାତାୟାତ ଠପ୍ ହୋଇଯାଇଛି। ବର୍ଷାଦିନ ଆଗକୁ ଆସୁଥିବାରୁ ପରିସ୍ଥିତି କ'ଣ ହେବ, ତାକୁ ନେଇ ଚିନ୍ତାରେ ଏବେ ସାହିବାସିନ୍ଦା। ପୂର୍ବ ବର୍ଷ ଏହି ସ୍ଥାନରେ ବର୍ଷା ଜଳ ଜମି ସ୍ଥାନୀୟ ଲୋକଙ୍କ ବହୁ କ୍ଷତି ଆଣି ଦେଇଥିଲା। ଲୋକେ ଏ ସମ୍ପର୍କରେ ପ୍ରଶାସନ ନିକଟରେ ଅଭିଯୋଗ ମଧ କରିଥିଲେ। ନାଳରେ ପାଣି ଜମି ରହି ଦୂଷିତ ହେବା ଦ୍ୱାରା ସେହି ବାଟ ଦେଇ ଯାତାୟାତ ସମ୍ଭବ ହେଉ ନ ଥିଲା। ନଳକୂପ ପାଣି ପିଇବା ଦ୍ୱାରା ଡାଇରିଆ ସୃଷ୍ଟି ହୋଇଥିଲା। ଏଭଳି ସ୍ଥିତିକୁ ନେଇ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଥିଲା। ଚଳିତବର୍ଷ ସେହି ଅବସ୍ଥା ଘଟିବାକୁ ଯାଉଛି। ଏଭଳି ସ୍ଥିତିରେ ପ୍ରଶାସନର ନିଘା ନ ଥିବା ଭଳି ମନେ ହେଉଛି। ଏବେ ପଞ୍ଚାୟତ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଥିବାବେଳେ ଲୋକଙ୍କ ଏ ସମସ୍ୟା କାହିଁକି ଲାଗି ରହୁଛି, ସମାଧାନ ହୋଇପାରୁନାହିଁ। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଏଭଳି ସମସ୍ୟା ହେଉଛି। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।

## ଭୂତମୁଣ୍ଡାଇରେ ଟ୍ରାଫିକ୍ ସମସ୍ୟା ଉତ୍କଟ, ନିରାକରଣ ଦାବି

କୁଜଙ୍ଗ,୨୪।୫(ସମିସ): ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ସଂଯୋଗ ସ୍ଥଳୀ ଭୂତମୁଣ୍ଡାଇରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଗୁରୁତର ହେଉଥିବା ଅଭିଯୋଗ କରିଛନ୍ତି ପାରାଦୀପ ବନ୍ଦରର ସେବା ନିବୃତ୍ତ କର୍ମଚାରୀ ଶିକ୍ଷାବିତ୍ ବୈଷ୍ଣବ ଚରଣ ପରିଡ଼ା ଓ ବରଦା ପ୍ରସାଦ ବଳିୟାରସିଂହ। ଦୁଇ ଜିଲ୍ଲାର ସଂଯୋଗ ସ୍ଥଳ ସହ ରାଜ୍ୟ ରାଜପଥ ଓ ୫(କ) ଜାତୀୟ ରାଜପଥର ସଂଯୋଗ ସ୍ଥଳୀ। ରାଜ୍ୟ ରାଜପଥରୁ ଉପରଲାଇନ୍ ତଥା ଜାତୀୟ ରାଜପଥକୁ ଯାତାୟାତ ଅଥବା ବିପରୀତ ଯାତାୟାତ ସମୟରେ ଏବେ ଗୁରୁତର ଟ୍ରାଫିକ୍ ସମସ୍ୟା ଦେଖାଦେଇଛି। ବହୁ ସମୟରେ ଯାନବାହନ ଘଣ୍ଟା ଘଣ୍ଟା ଧରି ଛିଡ଼ା ହେବା ସହ ଧନଜୀବନ ହାନୀ ହେଉଥିବା ଅଭିଯୋଗ ହୋଇଛି। ଜାତୀୟ ରାଜପଥ ଏବେ ସଂପ୍ରସାରିତ ହେଉଥିବାବେଳେ ଏହି ସମସ୍ୟା ଦିନକୁ ଦିନ ଗୁରୁତର ହେବାରେ ଲାଗିଛି। ଫଳରେ ସଂକୀର୍ଣ୍ଣ ସଂଯୋଗକାରୀ ରାସ୍ତାରେ ଅଧିକ ଚାପ ସୃଷ୍ଟି ହେବା ସହ ବହୁ ସମୟରେ ଗାଡ଼ି ଅତିକ୍ରମକୁ ନେଇ ଗଣ୍ଡଗୋଳ ହେଉଛି। ଯଦି ଜିଲ୍ଲାପାଳ ଓ ଏସ୍‌ପି ଏହି ସଂଯୋଗକାରୀ ତଥା ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳର ସ୍ଥିତି ସମୀକ୍ଷା କରି ସ୍ୱତନ୍ତ୍ର ଭାବେ ଟ୍ରାଫିକ୍ ପାଇଁ ପୁଲିସ ଓ ଅନ୍ୟାନ୍ୟ ବ୍ୟବସ୍ଥା ମୁତୟନ କରନ୍ତେ, ତେବେ ଟ୍ରାଫିକ ସମସ୍ୟା ଦୂର ହୋଇପାରନ୍ତା ବୋଲି ଶ୍ରୀ ପରିଡ଼ା କହିଛନ୍ତି।

## +୨ କଳା ବ୍ଲକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ରାଜନଗର, ୨୪।୫(ସମିସ): ରାଜନଗର ବ୍ଲକ୍ ବିଜୁ ଯୁବ ଜନତା ଦଳ ପକ୍ଷରୁ +୨ କଳା ବିଭାଗର ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମେଧାବୀ ଛାତ୍ରୀ ତଥା ରାଜନଗର ବ୍ଲକ୍‌ରେ +୨ କଳା ବିଭାଗରେ ସର୍ବୋଚ୍ଚ ନମ୍ବର (୫୧୫) ରଖି ଟପ୍ପର ହୋଇଥିବା ନାଗା ନାରାୟଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସବିତା ଜାନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଯୁବ ଛାତ୍ର ନେତା ପ୍ରଭାତ ସୁନୀଲ ରାଉଳ, ରବୀନ୍ଦ୍ର ସିଂ, ସଞ୍ଜୟ ରାଉଳ, ଅଲେଖ ପାତ୍ର, ଜିତ ଜୟପ୍ରକାଶ, ଜଗଦୀଶ ବେହେରା ପ୍ରମୁଖ ଛାତ୍ରୀଙ୍କ ଘରେ ପହଞ୍ଚି ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ହାଇୱା ଓ ପିକ୍‌ଅପ୍ ମୁହାଁମୁହିଁ ଧକ୍କା

## ପିକ୍‌ଅପ୍ ଡ୍ରାଇଭର ଗୁରୁତର ଆହତ



ଡେରାବିଶ, ୨୪।୫(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ବାଲିଆ ନିକଟରେ ଆଜି ଅପରାହ୍ନରେ ହାଇୱା ଓ ପିକ୍‌ଅପ୍ ଭ୍ୟାନ୍ ମୁହାଁମୁହିଁ ଧକ୍କା ହୋଇ ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଆଜି ଅପରାହ୍ନରେ କଟକ-ଚାନ୍ଦବାଲି ରାଜରାସ୍ତାର ବାଲିଆଠାରେ କଟକ ଅଭିମୁଖେ ଯାଉଥିବା ଏକ ହାଇୱା ସହ ବିପରୀତ ଦିଗରୁ ଆସୁଥିବା ଏକ ପିକଅପ୍ ଭ୍ୟାନ୍ ମୁହାଁମୁହିଁ ଧକ୍କା ହୋଇଥିଲା। ନୟାଗଡ଼ ଦଶପଲ୍ଲା ଅଞ୍ଚଳରୁ ଟାଇଲ୍ ନେଇ ପଟ୍ଟାମୁଣ୍ଡାଇ ଅଞ୍ଚଳକୁ ଯାଉଥିବା ପିକ୍‌ଅପ୍ ଭ୍ୟାନ୍‌ଟି ସମ୍ପୂର୍ଣ୍ଣ ଭାବେ ହାଇୱାର ବମ୍ପର ଭିତରକୁ ପଶିଯାଇଥିଲା। ଫଳରେ ଭ୍ୟାନ୍‌ର ଡ୍ରାଇଭର ବିକ୍ରମ ନାୟକ ଗାଡ଼ିର କ୍ୟାବିନ୍ ଭିତରେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଡ୍ରାଇଭରଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇ ନ ଥିଲା। ପରେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। କେନ୍ଦ୍ରାପଡ଼ା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କଟର ସାହାଯ୍ୟରେ ପିକ୍‌ଅପ୍ ଭ୍ୟାନ୍ କ୍ୟାବିନକୁ କାଟି ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ଆହତ ଡ୍ରାଇଭର ଶ୍ରୀ ନାୟକଙ୍କୁ ଆମ୍ବୁଲାନ୍ସ ଯୋଗେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଘଟଣା ଘଟିବାର ଦୁଇଘଣ୍ଟା ପର୍ଯ୍ୟନ୍ତ ମଝି ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟି ଅଟକି ରହିଥିବାବେଳେ କଟକ-ଚାନ୍ଦବାଲି ରାସ୍ତାର ଉଭୟ ପାଶ୍ୱର୍ରେ ଶହଶହ ଗାଡ଼ି ଅଟକି ରହିଥିଲା। କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ଘଟଣା ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ରାସ୍ତାରୁ ହଟାଇ ଉଭୟ ପଟରେ ଅଟକି ରହିଥିବା ଶହ ଶହ ଗାଡ଼ି ଚଳାଚଳକୁ ସ୍ୱାଭାବିକ କରାଇଥିଲେ। ସ୍ଥାନୀୟ ଲୋକଙ୍କ ମତ ଅନୁଯାୟୀ କଟକ-ଚାନ୍ଦବାଲି ରାସ୍ତାରେ ଦିନରାତି ୨୪ ଘଣ୍ଟା ଶହ ଶହ ହାଇୱା ବାଲି ବୋଝେଇ କରି ଯାତାୟାତ କରୁଛି। ଏହି ହାଇୱାଗୁଡ଼ିକର ବେଗ ବହୁ ଅଧିକ ରହୁଛି। ଯାହାକି ଅନେକ ସମୟରେ ବିଭିନ୍ନ ଦୁର୍ଘଟଣା ଘଟାଉଛି।

## 'ବଉଳ ଲୋ ରଜ ଆସୁଛି' ପ୍ରତିଯୋଗିତା



ତିର୍ତ୍ତୋଲ,୨୪।୫(ସମିସ): ତିର୍ତ୍ତୋଲସ୍ଥ ଋତୁପର୍ଣ୍ଣା କଳା ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ପିନାକିଲ ଶିକ୍ଷାକେନ୍ଦ୍ର ପରିସରରେ ଆମ ସଂସ୍କୃତି ଆମ ପରମ୍ପରାରେ 'ବଉଳ ଲୋ ରଜ ଆସୁଛି' ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଂସଦର ସମ୍ପାଦିକା ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜ ସୁଧାରକ ଡ. ଅରୁଣ କୁମାର ପାଣି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଆଧ୍ୟାତ୍ମିକ ଗୁରୁ ନଳିନୀ ଜୀ ମହାରାଜ, ସମ୍ମାନିତ ଅତିଥି ପ୍ରିୟ ଓଡ଼ିଆ ସାହିତ୍ୟ ସଂସଦ ସଭାପତି ରମେଶ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଆଦର୍ଶ ଶିକ୍ଷୟିତ୍ରୀ ରୁନୁବାଳା ମଲ୍ଲିକ, ଅନୁଷ୍ଠାନର ନିର୍ଦ୍ଦେଶକ ପବିତ୍ର କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଭାରତୀୟ ସଂସ୍କୃତି ପରମ୍ପରା ଉପରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତ, ନାଚ, ବକ୍ତୃତା, ପୁଚି, ଶଙ୍ଖ, ହୁଳହୁଳି, ଦୌଡ଼ି ଡିଆଁ ପ୍ରଭୃତି ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ସଂସଦ ପକ୍ଷରୁ ଆଗାମୀ ଦିନ ବିଭିନ୍ନ ସ୍ଥାନରେ ଏଭଳି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଂସଦର ସମ୍ପାଦିକା ଶ୍ରୀମତୀ ସ୍ୱାଇଁ ସୂଚନା ଦେଇଥିଲେ। ଶିକ୍ଷାକେନ୍ଦ୍ରର କର୍ମଚାରୀ ରାଜନ ମଣ୍ଡଳ, ରାଜକିଶୋର ମଲ୍ଲିକ, ସୁମିକା ଲେଙ୍କା, ଆଶିଷ ମଇତ, କନକ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ଇତିଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଡଲଫିନ ଆବାସିକ ଶିକ୍ଷା ପ୍ରତିଷ୍ଠାନର ସଫଳତା

ମାର୍ଶାଘାଇ,୨୪।୫(ସମିସ): ମାର୍ଶାଘାଇ ବ୍ଲକ୍ ଶିଳିପୁର ଡଲଫିନ ଆବାସିକ +୨ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପରୀକ୍ଷା ଫଳ ଶତପ୍ରତିଶତ ହୋଇଛି। ଉକ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୩୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୨୨ ଜଣ ପ୍ରଥମ ଶ୍ରେଣୀ, ୮ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ପ୍ରତ୍ୟୁଷା ପ୍ରିୟଦର୍ଶିନୀ ଦାସ ୫୦୫ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଶିକ୍ଷାନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ତୁଷାର ପାଲ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ରୟାଲ ଗାଇଡ୍‌ରେ ପ୍ରତିଭା ସମ୍ମାନ ସମାରୋହ

ମାର୍ଶାଘାଇ,୨୪।୫(ସମିସ): ମାର୍ଶାଘାଇ ଦି' ରୟାଲ ଗାଇଡ୍ ଶିକ୍ଷା ପ୍ରତିଷ୍ଠାନରେ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ୨୦୨୪-୨୫ ଶିକ୍ଷାବର୍ଷ +୨ ବିଜ୍ଞାନରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅଧ୍ୟାପକ ଧୀରେନ ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଦି' ରୟାଲ ଗାଇଡ୍ ଚେୟାରମ୍ୟାନ ଇଂ ଚିତ୍ତରଞ୍ଜନ ରଥ, ମୁଖ୍ୟବକ୍ତା ଅଧ୍ୟାପକ ଲକ୍ଷ୍ମୀଧର ଲେଙ୍କା, ସମ୍ମାନିତ ଅତିଥି ଏମଡି ଅଧ୍ୟାପକ ବିବେକାନନ୍ଦ ଦାସ, ଦିଲ୍ଲୀପ କୁମାର ରଥ, ଶିଶିର ରାଉତ, ବିଧେୟ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ଦି' ରୟାଲ ଗାଇଡ୍ ଶିକ୍ଷାନୁଷ୍ଠାନର ୬୦ ଜଣଙ୍କ ମଧ୍ୟରୁ ୫୧ ଜଣ ପ୍ରଥମ ଶ୍ରେଣୀ, ୯ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷାନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି । ଶୁଭଲକ୍ଷ୍ମୀ ଦାସ ୫୫୬ ନମ୍ବର, ଋତୁପର୍ଣ୍ଣା ରାଉତ ୫୪୫ ନମ୍ବର ରଖିଥିବାରୁ ମୁଖ୍ୟଅତିଥି ଇଂ ଶ୍ରୀ ରଥ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଶିକ୍ଷାକର୍ମୀ ଜଗନ୍ନାଥ ସାମଲ, ବିଚିତ୍ରାନନ୍ଦ ଦାସ, ରତ୍ନାକର ବାରିକ, ରଶ୍ମିତା ଜେନା, ସୁନୀତା ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ।

## ବଣିକ ସଂଘ ପକ୍ଷରୁ ଶୋକସଭା

ପଟ୍ଟାମୁଣ୍ଡାଇ,୨୪।୫(ସମିସ): ପଟ୍ଟାମୁଣ୍ଡାଇ ବଣିକ ସଂଘର ପୂର୍ବତନ ସଭାପତି ଓ ସମ୍ପାଦକ ପୀତାମ୍ବର ସାହୁଙ୍କ ବିୟୋଗରେ ବଣିକ ସଂଘ ପକ୍ଷରୁ ଏକ ଶୋକସଭା ସ୍ଥାନୀୟ ଶ୍ରୀରାମ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ବଣିକ ସଂଘ ସଭାପତି ଗୋପୀନାଥ କରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଉପସଭାପତି ମୋହନ ଦାସ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ, ଉପଦେଷ୍ଟା କିରଣ କୁମାର ଭୂୟାଁ, ସୁଦର୍ଶନ ଦାସ, ବିଜୟ ଦାସ, କିଶୋର ଜେନା, ଅଚ୍ୟୁତାନନ୍ଦ ଜେନା, ଅଜୟ ପାଢ଼ୀ, ସଞ୍ଜୟ ବର୍ମା, ସନ୍ଦୀପ ଦାସ, ସଂଗ୍ରାମ ଦାସ, ରବୀନ୍ଦ୍ର ସାହୁ, ହରେକୃଷ୍ଣ ସାହୁ, ବିଜୟ ଦାସ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପୀତାମ୍ବର ସାହୁଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏ ଅବସରରେ ତାଙ୍କ ଆତ୍ମାର ସଦଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଉପସଭାପତି ମୋହନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

■ ବଳରାମପୁର ପଞ୍ଚାୟତରେ ନିମ୍ନମାନର କାମ

## ଉଦ୍‌ଘାଟନ ପୂର୍ବରୁ ମାର୍କେଟ କମ୍ପ୍ଲେକ୍ସ ଅବସ୍ଥା ଶୋଚନୀୟ



ରାଜକନିକା,୨୪।୫(ସମିସ):

ପଞ୍ଚାୟତବାସୀଙ୍କୁ ବ୍ୟବସାୟ କରିବା ନିମନ୍ତେ ନିର୍ମାଣ ହୋଇଛି ମାର୍କେଟ କମ୍ପ୍ଲେକ୍ସ। ଏଥିପାଇଁ ପଞ୍ଚାୟତ ପ୍ରଶାସନ ପକ୍ଷରୁ ଅର୍ଥ ବରାଦ ହୋଇଛି। ଚାରି ବଖରା ପକ୍କାଘର ବି ହୋଇଛି। ସଟର ଲାଗିଛି। କେବଳ ରଙ୍ଗ ଦିଆଯାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯିବ। ତେବେ ତା'ପୂର୍ବରୁ କିନ୍ତୁ ଏହି ଚାରି ବଖରା ଦୋକାନ ଘର ଅବସ୍ଥା ବିଗିଡ଼ିଗଲାଣି। ସଟର୍ ତଳ ପାଖ ଆବୁଡା ଖାବୁଡା ହେବା ସହିତ ବାରଣ୍ଡା ଭାଙ୍ଗିଗଲାଣି। ପ୍ଲିନ୍ଥ ତଳ ବି ଢଳେଇଠାରୁ ଅଲଗା ହୋଇଗଲାଣି। ମୋଟାମୋଟି ଭାବେ କହିବାକୁ ଗଲେ ଅତି ନିମ୍ନମାନର କାମ ଯୋଗୁଁ ଦୋକାନ ଘରର ଅବସ୍ଥା ଏଭଳି ହୋଇଥିବା ଅଭିଯୋଗ ହେଉଛି।

ରାଜକନିକା ବ୍ଲକ୍ ଅନ୍ତର୍ଗତ ବଳରାମପୁର ପଞ୍ଚାୟତ ପକ୍ଷରୁ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଛି। ଫଳକ ଲାଗିଥିଲେ ବି କେତେ ଖର୍ଚ୍ଚ ହୋଇଛି, ତାହା ଉଲ୍ଲେଖ ହୋଇନାହିଁ। ତେବେ ବ୍ୟବସାୟ ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବା ଘରଗୁଡ଼ିକ ବ୍ୟବହାର ହେବା ଆଗରୁ ଯଦି ଏଭଳି ଅବସ୍ଥା ହେଲାଣି, ଆଗକୁ କି ଅବସ୍ଥା ହେବ ତାହା ବିଚାର ସାପେକ୍ଷ। ଓଳାଭର-ନହୁଣୀ ଛକ ମଝି ରାସ୍ତା କଡ଼ରେ ହୋଇଥିବା ଏହି ମାର୍କେଟ କମ୍ପ୍ଲେକ୍ସ କେବେ ଉଦ୍‌ଘାଟନ ହୋଇ ବ୍ୟବସ୍ଥିତ ହେବ, ତାହା ଉପରେ ରହିଛି ପଞ୍ଚାୟତବାସୀଙ୍କ ନଜର। ତୁରନ୍ତ ଏହି ଘରଗୁଡ଼ିକୁ ମରାମତି କରି ଉଦ୍‌ଘାଟନ କରାଯିବାକୁ ଦାବି ହେଉଛି।



# ବ୍ଲକସ୍ତରୀୟ ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ



ରାମନାଗଡ଼ା, ୨୪।୫(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବ୍ଲକ ସ୍ତରୀୟ ବାଲ୍ୟ ବିବାହ ସଚେତନତା ବା ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାମନାଗୁଡା ସମନ୍ୱିତ ଶିଶୁ ବିକାଶ ଯୋଜନା ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରତିମା ରାଣୀ ଦାସ ପିଇଓ, କଳ୍ପନା ଖୁଣ୍ଟିଆ ଗୁଣୁପୁର ପିଇଓ, ଅଞ୍ଜଳି ମହାପାତ୍ର ସିଡିପିଓ ରାମନାଗୁଡା, ସୁନିତା ବେହେରା ଥାନା ଅଧିକାରୀ ରାମନାଗୁଡା, ଡ.ପ୍ରଣତି ମହାପାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ରାମନାଗୁଡ଼ା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ, ବାଳିକା ଉଚ୍ଚ ବିଦ୍ୟାଳୟ ପାଲୁପାଇ ଶିକ୍ଷକ ପ୍ରମୁଖ ଯୋଗ ଦେଇଥିଲେ। ସଚେତନତା ଅଭାବରୁ ରାମନାଗୁଡ଼ା ବ୍ଲକର ୧୨ଟି ପଞ୍ଚାୟତ ଅଧୀନରେ ଥିବା ଗ୍ରାମାଞ୍ଚଳର ଅନେକ ଗାଁରେ ଲୁଚାଛପାରେ ଆଜି ବି ବାଲ୍ୟ ବିବାହ ହେଉଥିବା ଶୁଣିବାକୁ ମିଳୁଛି। ଏହାକୁ ରୋକିବା ପାଇଁ ରାମନାଗୁଡା ଶିଶୁ ବିକାଶ ବିଭାଗ ଆହୁରି ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପଡ଼ିବ ବୋଲି କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜାତି କୂଳ ସମାଜ କର୍ମକର୍ତ୍ତା, ଧାର୍ମିକ ସଂଗଠନର କର୍ମକର୍ତ୍ତା, ଟେଣ୍ଟ ହାଉସ ମାଲିକଙ୍କୁ ଡକା ଯାଇ ନଥିଲା। ଏହି ବିଷୟରେ ଗଣମାଧ୍ୟମ ପ୍ରତିନିଧିମାନେ ରାମନାଗୁଡା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅଞ୍ଜଳି ମହାପାତ୍ରଙ୍କୁ ପଚାରିବାରୁ ସାମ୍ବାଦିକଙ୍କୁ ଡାକି ପାରି ନଥିବାରୁ ଦୁଃଖ ପ୍ରକାଶ କରିଥିଲେ।

## ଆଗକୁ କିଏ ହେବ ମାଓଗଡ଼ର ମୁଖିଆ ?

# ବେଣୁଗୋପାଳ, ଦେବଜିତ୍ ଓ ଗଣପତିଙ୍କ ନାମକୁ ନେଇ ଚର୍ଚ୍ଚା

ମାଲକାନଗିରି, ୨୪।୫(ସମିସ)

ମାଓ ଦମନ ପାଇଁ ଯବାନଙ୍କ ପକ୍ଷରୁ ବଡ଼ଧରଣର ପଦକ୍ଷେପ ଓ ଅଭିଯାନ ପରେ ଅନେକ ବଡ ମାଓ ନେତା ନିହତ ହେଲେଣି। ଏପରି ସ୍ଥିତିରେ ମାଓଗଡ଼ ଭୁଶୁଡ଼ିବାରେ ଲାଗିଥିବା ବେଳେ ଗତ ଦୁଇଦିନ ପୂର୍ବେ ଟପ୍ ମାଓ ନେତା ବାସବରାଜ ମଧ୍ୟ ପୁଲିସ ଗୁଳିରେ ନିହତ ହୋଇଛି। ଏହା ପରେ ମାଓଗଡ଼ରେ ପଡ଼ିଛି ଭାଲେଣି। ବାସବରାଜ ଓରଫ ମାଓ ସଙ୍ଗଠନର କେନ୍ଦ୍ରିୟ କମିଟି ମୁଖ୍ୟ ଓ ସିପିଆଇ ମାଓ ସଂଗଠନର ସାଧାରଣ ସମ୍ପାଦକ ନାମ୍ବାଲା କେଶବ ରାଓର ମୃତ୍ୟୁ ପରେ ତାଙ୍କର ଏହି ସ୍ଥାନକୁ କିଏ ନେବ ତାହାକୁ ନେଇ ଚାଲିଛି କଳ୍ପନା ଜଳ୍ପନା। କାରଣ ବାସବରାଜ ମାଓ ସଂଗଠନ ପାଇଁ ଜ୍ଞାନ ଓ ରଣନୀତିର ଭଣ୍ଡାର ଥିଲା। ତାର ମୃତ୍ୟୁ ମାଓ ସଂଗଠନ ପାଇଁ ଶକ୍ତ ଝଟ୍‌କା ହୋଇଥିବା ବେଳେ ବର୍ତ୍ତମାନ ତାଙ୍କ ସ୍ଥାନ କୁଆଡ଼େ ମାଓ ନେତା ବେଣୁଗୋପାଳ ଓରଫ ଅଭୟ ନଚେତ ଦେବଜିତ ଓରଫ କୁମା ଦଦାଙ୍କୁ ଦିଆଯାଇ ପାରେ ବୋଲି ଚର୍ଚ୍ଚା ହେଉଛି। ଅଭୟ ବର୍ତ୍ତମାନ ମାଓ ସଙ୍ଗଠନର କେନ୍ଦ୍ରୀୟ କମିଟିର ପ୍ରବକ୍ତା ଭାବେ କାର୍ଯ୍ୟ କରୁଥିବା ବେଳେ ସଂଗଠନର ଆହୁରି ଅନେକ ଦାୟିତ୍ୱ ତା ଉପରେ ରହିଛି। ଦୀର୍ଘ ୪୦ ବର୍ଷ ଧରି ସେ ସଂଗଠନରେ ରହିଥିବା ବେଳେ ଅଭୟଙ୍କୁ ବର୍ତ୍ତମାନ ୭୦ ବର୍ଷ ବୟସ ହୋଇଥିବା କୁହାଯାଉଛି। ଅଭୟ ଅନେକ ହିଂସାକାଣ୍ଡ ଘଟାଇବାର ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଥିବା ସହ ତାଙ୍କ ନାମରେ ୧ କୋଟିରୁ ଅଧିକ ଟଙ୍କାର ଇନାମ ମଧ୍ୟ ରହିଛି। ସେହିପରି ଦେବଜିତ ମାଓ ସଂଗଠନର ସେଣ୍ଟ୍ରାଲ ମିଲିଟାରୀ କମାଣ୍ଡ ଇନ୍‌ଚାର୍ଯ୍ୟ ଓ ମାଓବାଦୀଙ୍କ କାମୁନିକେଶନ ବିଭାଗ ମୁଖ୍ୟ ଥିବା ବେଳେ ଟଙ୍କା ନାମରେ ମଧ୍ୟ ୧ କୋଟିରୁ ଅଧିକ ଟଙ୍କାର ଇନାମ ରହିଛି। ତେବେ ଏସବୁ ମଧ୍ୟରେ ପୂର୍ବ ମାଓ ନେତା ଗଣପତି ମଧ୍ୟ ଦାୟିତ୍ୱ ନେଇ ପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ତାଙ୍କ ସ୍ୱାସ୍ଥ୍ୟ ଖରାପ ଯୋଗୁଁ ଗଣପତିଙ୍କୁ ୨୦୧୮ ମସିହାରେ ମାଓ ମୁଖିଆରୁ ଅବସର ଦେଇ ବାସବରାଜଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା। ତେବେ ବାସବରାଜର ମୃତ୍ୟୁ ପରେ ବର୍ତ୍ତମାନ ଏହି ୩ଟି ନାମକୁ ନେଇ ମାଓ ସଂଗଠନରେ ଚର୍ଚ୍ଚା ଜୋର ଧରିଥିବା କୁହାଯାଉଛି। ତେବେ ସୁରକ୍ଷା ବଳ ପକ୍ଷରୁ ଘନ ଘନ ଅପରେସନ ଯୋଗୁଁ ମାଓ ସଂଗଠନର କୋର କମିଟି ବୈଠକ ହୋଇ ପାରୁନଥିବାରୁ ମୁଖ୍ୟ ଚୟନ ବିଳମ୍ବ ହେଉଥିବା କୁହାଯାଉଥିବା ବେଳେ ଗୁଇନ୍ଦା ବିଭାଗ ମଧ୍ୟ ଏହି ବୈଠକ ଉପରେ ନଜର ରଖିଥିବା କୁହାଯାଉଛି।

# ସିମେଣ୍ଟ ଗାଡ଼ି ଚାଳକଙ୍କୁ ଲୁଟ୍ : ୨ ଅଟକ

## ■ ୪ ଦୁର୍ବୃତ୍ତ ଛଡ଼ାଇ ନେଲେ ଟଙ୍କା ଓ ମୋବାଇଲ୍

କୋରୁକୋଣ୍ଡା, ୨୪।୫(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ସହର ଏବଂ ଆଖପାଖ ଅଞ୍ଚଳରେ ଦିନକୁ ଦିନ ଚୋରି ଡକାୟତି ଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମତାବକ ଗତ ଗୁରୁବାର ଦିନ ତେଲେଙ୍ଗାନା ରାଜ୍ୟରୁ ରାମେ ସେଠୀ ଗୋପୀ ନାମକ ଜଣେ ଟ୍ରକ୍ ଚାଳକ ଏକ ଟ୍ରକ୍‌ରେ ସିମେଣ୍ଟ ଲୋଡ୍ କରି ବାଲିମେଳା ସହରକୁ ଆସିଥିଲେ। ଗୁରୁବାର ରାତିରେ ଗାଡ଼ି ଚାଳକ ଟ୍ରକ୍‌କୁ ଚିତାପାରି ବ୍ରିଜ ପାଖରେ ରଖି ଗାଡ଼ି ଭିତରେ ଶୋଇଥିଲା। ରାତି ପ୍ରାୟ ୧୧ ଟାରୁ ୧୨ ମଧ୍ୟରେ ବାଇକ୍‌ରେ ୪ ଜଣ ଯୁବକ ଉକ୍ତ ଟ୍ରକ ନିକଟରେ ପହଞ୍ଚି ଗାଡ଼ିରେ ଶୋଇଥିବା ଗାଡ଼ି ଚାଳକଙ୍କୁ ଡାକି ତାଙ୍କ ପାଖରେ ଥିବା ଟଙ୍କା ଓ ମୋବାଇଲ ଫୋନ୍ ମାଗିଥିଲେ। ଗାଡ଼ି ଚାଳକ ଦେବାକୁ ମନା କରିବାରୁ ୪ ଜଣ ବ୍ୟକ୍ତି ତାଙ୍କୁ ଭଙ୍ଗା ବିଅର ବୋତଲ ଦେଖାଇ ମାରିଦେବାକୁ ଧମକ ଦେଇଥିଲେ। ଚାଳକଙ୍କ ପାଖରେ ଥିବା ମୋବାଇଲ ଫୋନ୍ ସହିତ ତାଙ୍କ ପାଖରେ ଥିବା ନଗଦ ୧୯ ହଜାର ୫ ଶହ ଟଙ୍କା ଛଡ଼ାଇ ନେଇ ଯାଇଥିଲେ। ଏ ନେଇ ଟ୍ରକ୍ ଚାଳକ ରାମେ ସେଠୀ ଗୋପୀ ଓର୍କେଲ ଥାନାରେ ଦ୍ୱାରସ୍ଥ ହୋଇ ଘଟିଥିବା ଘଟଣା ସମ୍ପର୍କରେ ଏକ ଲିଖିତ ଏତଲା ପ୍ରଦାନ କରିଛନ୍ତି। ଥାନା ଅଧିକାରୀ ଦାୟିତ୍ୱରେ ଥିବା ଏସ୍‌ଆଇ ଅଜିତ ସିଂ ବରିହାଙ୍କ ନେତୃତ୍ୱରେ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ କରିବା ସହିତ ଘଟଣାରେ ସମ୍ପୃକ୍ତ ଥିବା ୪ ଜଣ ବ୍ୟକ୍ତିଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଆରମ୍ଭ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ୪ ଜଣଙ୍କ ମଧ୍ୟରୁ ଭଗବାନ ଖରା ଏବଂ ସୁରଜ ହରିଜନକୁ ଥାନାରେ ଅଟକ ରଖି ପଚରା ଉଚୁରା ଜାରି ରହିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇଜଣ ବ୍ୟକ୍ତି ଘଟଣାରେ ବ୍ୟବହୃତ ବାଇକ୍ ସହ ଫେରାର ଥିବା ଜଣାପଡ଼ିଛି। ତେବେ ଫେରାର ଥିବା ଅନ୍ୟ ଦୁଇଜଣଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଆଇ ମିଳନ ବରିହା କହିଛନ୍ତି।

# କିଡ୍‌ନୀ ରୋଗୀକୁ ଭେଟିଲେ ଜିଲ୍ଲା ପରିଷଦ ସଭ୍ୟା

ମାଥିଲି, ୨୪।୫ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଧୁଙ୍ଗିଆପୁଟ ପଞ୍ଚାୟତ ଅନ୍ତର୍ଗତ ପାତ୍ରପୁଟ ଗ୍ରାମର ୫୫ ବର୍ଷୀୟ ଗୌରୀଚନ୍ଦ୍ର ଖୁଦୁପିଆ ଦୀର୍ଘ ଦିନ ହେବ କିଡ୍‌ନୀ ରୋଗରେ ପୀଡିତ ହୋଇ ଏବେ ବିଶାଖାପାଟଣାରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଖବର ଶୁଣି ମାଥିଲି ବ୍ଲକ ଜିଲ୍ଲା ପରିଷଦ ଜୋନ-୩ର ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ଗୌରୀଚନ୍ଦ୍ରଙ୍କ ପାତ୍ରପୁଟ ସ୍ଥିତ ବାସ ଭବନରେ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ ଏବଂ ସ୍ୱାସ୍ଥ୍ୟ ବୀମା କାର୍ଡ ବିଷୟରେ ପଚାରି ବୁଝିଥିଲେ। ପରିବାର ଲୋକେ କହିଥିଲେ ଯେ ପରିବାରରେ ସ୍ୱାସ୍ଥ୍ୟ ବୀମା କାର୍ଡ ତ ଅଛି। କିନ୍ତୁ ସେହି କାର୍ଡରେ ଗୌରୀଚନ୍ଦ୍ରଙ୍କ ନାମ ନାହିଁ। ସୂଚନା ନେବାରୁ ଗୌରୀଚନ୍ଦ୍ରଙ୍କର କିଛି ବର୍ଷ ପୂର୍ବରୁ ପେଟ ଯନ୍ତ୍ରଣା ହେବାରୁ ତାଙ୍କୁ ପ୍ରଥମେ ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା କରିବା ପରେ କୌଣସି ସୁଫଳ ନହେବାରୁ ଡାକ୍ତର ତାଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜକୁ ଯାଇ ଅଧିକ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ତୁରନ୍ତ କୋରାପୁଟ ମେଡ଼ିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ମାନେ ପରୀକ୍ଷା ନିରୀକ୍ଷା ପରେ ଜାଣିବାକୁ ପାଇଥିଲେ ଯେ ଗୌରୀଚନ୍ଦ୍ର କିଡିନି ଜନୀତ ରୋଗରେ ଆକ୍ରାନ୍ତ ଅଛନ୍ତି। ତାଙ୍କର ଅଧିକ ଚିକିତ୍ସା ପାଇଁ ବିଶାଖାପାଟଣାରେ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ବିଶାଖାପାଟଣାରେ ଚିକିତ୍ସିତ ହେବା ପାଇଁ ବହୁ ଅର୍ଥର ଆବଶ୍ୟକ ଥିବା ବେଳେ ପରିବାର ଲୋକେ ବହୁ କଷ୍ଟେ ମଷ୍ଟେ ଅର୍ଥ ଯୋଗାଡ଼ କରି ବିଶାଖାପାଟଣାରେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ କିଡ୍‌ନୀ ଜନୀତ ରୋଗ ଭଲ କରିବା ପାଇଁ ପ୍ରଚୁର ଅର୍ଥ ଆବଶ୍ୟକ ବୋଲି ଡାକ୍ତର ମାନେ ପରାମର୍ଶ ଦେଇଥିଲେ। ପରିବାର ଲୋକେ ଯାହା ଅର୍ଥ ହାତ ଉର୍ଦ୍ଧ୍ୱାରି କରି ଅର୍ଥ ନେଇଥିଲେ ତାହା ମଧ୍ୟ ଶେଷ ପର୍ଯ୍ୟନ୍ତ ଚିକିତ୍ସା କରିଲେ। ଆହୁରି ଅଧିକ ଚିକିତ୍ସା ପାଇଁ ଅର୍ଥ ଦରକାର। ଶେଷରେ ଭଗବାନଙ୍କ ଭରସାରେ ଗୌରୀଚନ୍ଦ୍ରକୁ ଘରକୁ ନେଇ ଆସିଥିଲେ। ଏହି ଖବର ଶୁଣିବା ପରେ ଲକ୍ଷ୍ମୀପ୍ରିୟା ନାୟକ ଏହି ଦୁଃଖ ସମୟରେ ପରିବାର ଲୋକଙ୍କ ପାଖରେ ପହଞ୍ଚିଥିଲେ ଏବଂ ପରିବାର ଲୋକଙ୍କୁ ସାହସ ଦେବା ସହିତ ଏପରି ସ୍ଥିତିରେ ଭାଙ୍ଗି ନ ପଡ଼ିବା ପାଇଁ ପରାମର୍ଶ ଦେଇଥିଲେ। କିପରି ଗୌରୀଚନ୍ଦ୍ରଙ୍କ ନାମ ବୀମା କାର୍ଡରେ ଯୋଡି ହେବ ଚେଷ୍ଟା କରିବେ ବୋଲି ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେ ଏହି କାର୍ଯ୍ୟ ପାଇଁ ଗ୍ରାମର ପ୍ରଶାନ୍ତ କୁମାର ସଗରିଆଙ୍କୁ ଦାୟିତ୍ୱ ଦେଇଛନ୍ତି।



# ବାଲି ବୋଝେଇ ଟ୍ରାକ୍ଟର ଜବତ

## ■ ୫୦ ହଜାର ଟଙ୍କା ଜରିମାନା ଆଦାୟ



ଗୁଣପୁର, ୨୪।୫(ସମିସ): ବେଆଇନ ଭାବେ ବଂଶଧାରା ନଦୀରୁ ଟ୍ରାକ୍ଟର ଯୋଗେ ?ାଲୀ ଚୋରା ଚାଲାଣ କରାଯାଉଥିବା ବେଳେ ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଟ୍ରାକ୍ଟର ଜବତ କରାଯାଇଛି। ଜବତ ଟ୍ରାକଟର ଗୁଣପୁର ଗାଦିଆଖଳା ଗ୍ରାମର ବୋଲି ଜଣାପଡ଼ିଛି। ଜବତ ଟ୍ରାକ୍ଟର ଇଞ୍ଜିନ୍ ର ନମ୍ବର ଓଡି ୧୮ ୭୩୩୫ ଲେଖା ହୋଇଥିବା ବେଳେ ଟ୍ରଲି ରେ ଓଡ଼ି ୧୮ ସି ୩୫୨୦ ରହିଚି। ଗାଡିରେ ଭୁଲ୍ ନମ୍ବର୍ଲ ଲେଖା ଯାଇ ବାଲି ଚୋରା ଚାଲାଣ ରେ ନିୟୋଜିତ କରଯାଉଥିବା ପରିଲକ୍ଷିତ ହେଉଛି। ଫଳରେ ରେ ଗାଡିର ସମ୍ପୂର୍ଣ୍ଣ ବିବରଣୀ ମଧ୍ୟ ମିଳିପାରି ନାହିଁ। ଏହି ଟ୍ରାକ୍ଟର କୁ ଯବତ କରାଯିବା ପରେ ପୋଲିସ ଥାନାରେ ଅଟକ ରଖାଯାଇଥିବା ବେଳେ ୫୦ ହଜାର ଟଙ୍କା ଜରିମାନା କରାଯାଇଥିବା ପୋଲିସ ସୂଚନା ଦେଇଛି। ଜରିମାନା ଟଙ୍କା ପୈଠ କରିବା ପରେ ଟ୍ରାକ୍ଟର ମାଲିକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ତେବେ ମଧ୍ୟ ରାତ୍ରରେ ଚଢ଼ାଉ କରାଗଲେ ଅଧିକରୁ ଅଧିକ ବାଲି ଚୋରା କାରବାର ରୋକାଯାଇ ପାରିଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଶୀତଳ ଭଣ୍ଡାର ପୁନରୁଦ୍ଧାର ପାଇଁ ଯୋଗାଣ ମନ୍ତ୍ରୀଙ୍କୁ ଦାବିପତ୍ର



ରାୟଗଡ଼ା, ୨୪।୫(ସମିସ): ରାୟଗଡ଼ାରେ ନୂତନ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଏବଂ ବୈଷୟକ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ରାୟଗଡ଼ା ବିଜେପି ନଗର ସଭାପତି ରାଜେଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମନ୍ତ୍ରୀଙ୍କ ସହ ଚାଷୀଙ୍କ ସମସ୍ୟା ନେଇ ଭେଟିଥିଲେ। ରାୟଗଡ଼ାର ଚାଷୀ ମାନଙ୍କ ହିତକୁ ଦୃଷ୍ଟିରେ ରଖି ରାୟଗଡ଼ାରେ ଦୀର୍ଘ ଦିନ ହେବ ତିଆରି ହୋଇଥିବା ଶୀତଳ ଭଣ୍ଡାରର ପୁନରୁଦ୍ଧାର ନିମନ୍ତେ ଆଲେଚନା କରିଥିଲେ ଏବଂ ଏକ ଲିଖିତ ପତ୍ର ଦେଇଥିଲେ। ରାୟଗଡ଼ା ଆଖପାଖ ଅଞ୍ଚଳରେ ଥିବା ଅନେକ ଚାଷୀ ପରିବା ଚାଷ, ଫଳ ଚାଷ କରି ପରିବାର ପୋଷଣ କରନ୍ତି। ଦୀର୍ଘ ଦିନ ହେବ ଶୀତଳ ଭଣ୍ଡାର ତିଆରି ହେଇଥିଲେ ମଧ୍ୟ ଉକ୍ତ ଶୀତଳ ଭଣ୍ଡାର କୌଣସି କାମରେ ଆସୁନାହିଁ। ରାୟଗଡ଼ା ସହରରେ ୫ହଜାର ମାଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଏକ ଶୀତଳ ଭଣ୍ଡାର କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା। କିନ୍ତୁ ଅନେକ ବର୍ଷ ହେଲା ଏହା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। ତେଣୁ ଏହାକୁ କାର୍ଯ୍ୟକ୍ଷମ କରାଗଲେ ଜିଲ୍ଲାର ଚାଷୀ ଉପକୃତ ହେବା ସହ ସେମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିପାରିବ। ମନ୍ତ୍ରୀ ଏହାର ତଦନ୍ତ କରି ନିଶ୍ଚୟ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ନଗର ସଭାପତି ରାଜେଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ପ୍ରତିନିଧି ଦଳରେ ନଗର ଭାଜପାର ପୂର୍ବତନ ସଭାନେତ୍ରୀ ମଞ୍ଜୁଳା ମିଣିଆକା, ସାଧାରଣ ସମ୍ପାଦକ ଅଜୟ ତୁଲେଟ, ଝରଣା ପାଣି, ରିଙ୍କି ସାହୁ, ଶାନ୍ତିଲତା ପଣ୍ଡା, ଲାଡି ବାଲା ଭାସ୍କର ଏବଂ କିଛି ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ହୋମଗାର୍ଡଙ୍କୁ ମରଣାନ୍ତକ ଆକ୍ରମଣ : ଦୁଇ ଗିରଫ

କୋରାପୁଟ, ୨୪।୫ (ସମିସ): ଜିଲ୍ଲା ପୁଲିସରେ କାର୍ଯ୍ୟରତ ଜଣେ ହୋମଗାର୍ଡଙ୍କୁ ମରଣାନ୍ତକ ଆକ୍ରମଣ କରି କୋରାପୁଟ ଟାଉନ ଥାନା ପୁଲିସ ଦୁଇଜଣଙ୍କୁ ଗିରଫ ହୋଇ କୋର୍ଟ ଚାଲାଣ କରିଛି। ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ ହୋମଗାର୍ଡ ଭାବେ କାର୍ଯ୍ୟରତ କୋରାପୁଟ ରାଜେଶ କୁମାର ହନ୍ତାଳ ଗତକାଲି ରାତି ପ୍ରାୟ ୮ଟା ୩୦ରେ ବନ୍ଧୁ ପ୍ରଶାନ୍ତ ସହ ମାର୍କେଟ ଯାଇଥିଲେ। କୋରାପୁଟ ବସ୍‌ଷ୍ଟାଣ୍ଡରେ ନିଜ କାର ପାର୍କିଂ କରି ଓହ୍ଲାଇବା ପରେ ନିକଟରେ ଥିବା ଆବାସ, ରଥ ଓ ଦୁର୍ଗା ନାମକ ତିନିଜଣ ଯୁବକ ସେମାନଙ୍କ ପାଖକୁ ଆସି ପାର୍କିଂ ଫି ମାଗିଥିଲେ। ରାଜେଶ ନିଜର ପରିଚୟ ଦେଇ ପାର୍କିଂ ଫି ଦେବାକୁ ମନା କରିବାରୁ ଆବାସ ଓ ରଥ ରାଜେଶଙ୍କ ବେକକୁ ଚିପି ମାଡ଼ ମାରି ଅଶ୍ଳୀଳ ଭାଷାରେ ଗାଳି ଦେବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ମାଡ଼ ମାରି ତଳେ ପକେଇ ତାଙ୍କ ପକେଟରୁ ୧୫୦୦ ଟଙ୍କା ନେଇଯାଇଥିବା ଓ ୭୦୦ ଟଙ୍କାର ସାର୍ଟ ଚିରି ଦେଇଥିବା ମଧ୍ୟ ଅଭିଯୋଗ ରାଜେଶ କରିଛନ୍ତି। ରଜେଶଙ୍କ ବନ୍ଧୁ ପ୍ରଶାନ୍ତ ଓ ନିକଟରେ ଥିବା କିଛି ଲୋକ ରାଜେଶଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। ଶନିବାର ସକାଳେ ରାଜେଶ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ପୁରୁଣା କୋରାପୁଟର ସେକ୍ ଅବଦୁଲ ଆବାସ ଓ ମହାବୀର ନଗର ଅଞ୍ଚଳର ଅରୁଣ କୁମାର ରଥକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ଏସ ଆଇ ଏସ ସି ସୀସା ମାମଲାର ତଦନ୍ତ କରୁଥିବା ଜଣା ପଡ଼ିଛି। ସେହିପରି ଅନ୍ୟ ଏକ ଘଟଣାରେ ଟାଉନ ଥାନା ପୁଲିସ ପରଜା ସାହିର ଶଙ୍କର ନାୟକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରି ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ଇନ୍ଦିରା କଲୋନୀର ଗୁରୁବନ୍ଧୁ ବାଘ ଗତକାଲି ରାତିରେ ପରଜା ସାହି ଛକ ସ୍ଥିତ ଏକ ହୋଟେଲକୁ ଯାଇଥିବାବେଳେ ପରଜା ସାହିର କାଲୁ ତାଙ୍କୁ ଡାକିଥିଲା। ସେ ନଯିବାରୁ କାଲୁ ତାଙ୍କ ସାର୍ଟ କଲର୍ ଧରି ମାରିବା ବେଳେ କାଲୁର ସହଯୋଗୀ ବବୁଲୁ ଏକ ଭଙ୍ଗା ବିଅର୍ ବୋତଲରେ ଆକ୍ରମଣ କରି ମୁଣ୍ଡ ଫଟେଇ ଦେଇଥିଲା। ଏହା ପରେ ଉଭୟେ ଫେରାର ହୋଇ ଯାଇଥିଲେ। ଶ୍ରୀ ବାଘ ଆଜି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତ ବବୁଲୁ ଓରଫ ଶଙ୍କର ନାୟକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଟାଉନ ଥାନା ଏ ଏସ ଆଇ ଏସ ସିଏଚ ବିଶୋଇ ଘଟଣାର ତଦନ୍ତ କରୁଛନ୍ତି।

# ପାରା କ୍ରୀଡ଼ା ସଂଘ ଗଠନମୂଳକ ସଭା



ରାୟଗଡ଼ା, ୨୪।୫(ସମିସ): ଦିବ୍ୟାଙ୍ଗ କ୍ରୀଡ଼ାକୁ ତୃଣମୂଳ ସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ରାୟଗଡ଼ା ଜିଲ୍ଲାରେ ପ୍ରଥମଥର ପାଇଁ ପାରା କ୍ରୀଡ଼ା ସଂଘ ଗଠନ ମୂଳକ ସଭା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଜଳନ୍ଧର ବାଛେଲିଙ୍କ ନେତୃତ୍ୱରେ ସର୍କିଟ ହାଉସ୍ ରାୟଗଡ଼ାରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଗଠନ ମୂଳକ ସଭାରେ ପାରା କ୍ରୀଡା ସଂଘ ଓଡ଼ିଶାର ସମ୍ପାଦକ ଓ ପାରା ଅଲିମ୍ପିକ କମିଟି, ଇଣ୍ଡିଆର କୋଷାଧ୍ୟକ୍ଷ ସୁନୀଲ ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସେଖ ଅଲିନୁର, ଓଡ଼ିଶା ବିକଳାଙ୍ଗ ମଞ୍ଚର ଉପସଭାପତି ସନ୍ତୋଷ ମହାପାତ୍ର, କ୍ରୀଡ଼ା ଶିକ୍ଷକ ମନୋଜ କୁମାର ନାୟକ, ରବୀନ୍ଦ୍ର ପାଟଖଣ୍ଡଲ, ରଘୁନାଥ ପାତ୍ର, ଯଶୋଦା ଖୋସଲା, ଜୟଶ୍ରୀ ଖୋସଲା ଓ ରତିରାମ ଗୌଡ଼, ଏଲ ରମେଶ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ଆଗାମୀ ଦିନରେ ରାୟଗଡ଼ା ଜିଲ୍ଲାରେ ତୃଣମୂଳ ସ୍ତରରେ ଦିବ୍ୟାଙ୍ଗ କ୍ରୀଡ଼ାକୁ ବିକାଶ କରିବା, ଲୁକାୟିତ ଦିବ୍ୟାଙ୍ଗ ପ୍ରତିଭାକୁ ଖୋଜି ବାହାର କରିବା ଓ ସଠିକ୍ ପ୍ରଶିକ୍ଷଣ ଓ ସହଯୋଗ ଦେଇ ସେମାନଙ୍କୁ ରାଜ୍ୟ ଓ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ ଦେବା ବିଷୟରେ ମତ ଓ ପ୍ରସ୍ତାବ ଆସିଛି।

# ଚୋରାରେ ବିକ୍ରି ହେଉଛି ବିଦେଶୀ ମଦ

କାଲିମେଳା, ୨୪।୫(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ଉଣ୍ଡୁରୁକୋଣ୍ଡା ଛକ ପାଲଟିଲାଣି ଚୋରା ମଦର ପେଣ୍ଠସ୍ଥଳୀ। ବହୁ ବର୍ଷ ଧରି ଏଠାରେ ଏକ ଦୋକାନରେ ଚୋରାରେ ମଦ ବେପାର ଚଳାଇଛନ୍ତି ରାଜ୍ୟ ବାହାରରୁ ଆସିଥିବା କିଛି ଅସାଧୁ ବ୍ୟକ୍ତି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆଯାଉ ନଥିବାରୁ ଦିନକୁ ଦିନ ଏହା ବଢ଼ିବାରେ ଲାଗିଥିବା ସାଧାରଣରେ ମତ ପ୍ରକାଶ ପାଇଛି। ଦୋକାନ ଭିତରେ ବେଆଇନ ଭାବେ ବିନା କୌଣସି ଲାଇସେନ୍ସରେ ପେଟି ପେଟି ବିଦେଶୀ ମଦ ରଖି ମଦ ବେପାର ଚଳାଇଛନ୍ତି ଏହି ଲୋକ ମାନେ। ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପରେ ମଧ୍ୟ ଚେତୁନି ଅବକାରୀ ବିଭାଗ। ତେବେ ଜିଲ୍ଲାରେ ପୁଲିସ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଲକ୍ଷ ଲକ୍ଷ ଟଙ୍କାର ବିଦେଶୀ ମଦ ଓ ଗଞ୍ଜେଇ ଜବତ କରୁଥିବା ବେଳେ ଅବକାରୀ ବିଭାଗ ଏକପ୍ରକାର ନିରବ ରହିଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଫଳରେ କାଲିମେଳାରୁ ପଡ଼ିଆ ମୁଖ୍ୟ ରାସ୍ତାର ଉଣ୍ଡୁରୁକୋଣ୍ଡା ଛକ ନିକଟରେ ଥିବା ଏହି ମଦ ବେପାରୀଙ୍କୁ କାଲିମେଳାର ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ବାରରେ ଥିବା କର୍ମଚାରୀଙ୍କ ଠାରୁ ମଦ ଯାଉଥିବା ସୂଚନା ମିଳିଛି। ବିଭିନ୍ନ ସମୟରେ ଅଟୋ ଏବଂ ମୋଟର ସାଇକେଲ ଯୋଗେ ବାରରୁ ମଦ ଚୋରା ଚାଲାଣ ହେଉଥିବା ଅନେକ ପ୍ରମାଣ ରହିଥିବା ବେଳେ ସେଗୁଡିକ ଅବକାରୀ ବିଭାଗ ନିକଟକୁ ଯାଉଥିଲେ ମଧ୍ୟ ବିଭାଗ ନୀରବ ରହିବା ଭଳି ମନେ ହେଉଛି। ଏ ସମ୍ପର୍କରେ ଆମେ ମାଲକାନଗିରି ଜିଲ୍ଲା ଅବକାରୀ ଅଧିକ୍ଷକ ବିମ୍ବାଧର ପଣ୍ଡାଙ୍କୁ ଯୋଗାଯୋଗ କରି ସମସ୍ତ ତଥ୍ୟ ପ୍ରମାଣ ପ୍ରଦାନ କରିଥିବା ବେଳେ ସେ ଘଟଣାର ତଦନ୍ତ କରିବେ ବୋଲି ପ୍ରକାଶ କରିଛନ୍ତି।

# କୋରାପୁଟ ଜିଲ୍ଲା ଯାଦବ ମହାସଭାର ପ୍ରସ୍ତୁତି ବୈଠକ

ଜୟପୁର, ୨୪।୫ (ସମିସ) :



କୋରାପୁଟ ଜିଲ୍ଲା ଯାଦବ ମହାସଭାର ଏକ ପ୍ରସ୍ତୁତି ବୈଠକ ଆଜି ସ୍ଥାନୀୟ ଯାଦବ ଭବନରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨ ତାରିଖ ଦିନ କୋରାପୁଟ ଜିଲ୍ଲାକୁ ରେଜାଙ୍ଗଲାରୁ କଳସ ଯାତ୍ରା ଆସୁଥିବାରୁ କିପରି ସ୍ୱାଗତ କରାଯିବ ସେ ନେଇ ଆଲୋଚନା ହୋଇଛି। ଜିଲ୍ଲା ସଭାପତି ମଦନ ମୋହନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଉତ୍କଳ ଯାଦବ ମହାସଭାର ସାଧାରଣ ସମ୍ପାଦକ ସାଥିରାମ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ଉପ ସଭାପତି ପରମେଶ୍ୱର ପାତ୍ର ସଂଯୋଜନା କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼ କଳସ ଯାତ୍ରା ସମ୍ପର୍କରେ ଅବଗତ କରାଇବା ସହ ବୋରିଗୁମ୍ମା ଓ ବୈପାରିଗୁଡ଼ାରେ ଏହାକୁ ସ୍ୱାଗତ କରାଯିବ ବୋଲି ସୂଚନା ପ୍ରଦାନ କରିଥିଲେ। ବୈଠକରେ ନାରାୟଣ ଗୌଡ଼, ପ୍ରଦୀପ ନାୟକ, ନରେନ୍ଦ୍ର ନାୟକ, ରବି ନାରୟଣ ଗୌଡ଼, ରାମଚନ୍ଦ୍ର ମହାଙ୍କୁଡ, ହରି ଗୌଡ଼, ବିଜୟ ଗୌଡ଼, ବ୍ଲକ ସଭାପତି ବାବୁଲା ଗୌଡ଼, ଦଣ୍ଡସି ମହାଙ୍କୁଡ, ଭୂବନ ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ସମାଜର ରହିଥିବା ଦାବି ଗୁଡ଼ିକକୁ ନେଇ ଆଲୋଚନ ହୋଇଥିଲା। ଏଥିରେ ଯାଦବ ମାନଙ୍କୁ ଗିରିଜନ ମାନ୍ୟତା, ଗୋଚର ଜମି ଜବରଦଖଲ ମୁକ୍ତ, ଜାତିଭିତ୍ତିକ ଜନଗଣନା ରିପୋର୍ଟ ପ୍ରକାଶ, ଶିକ୍ଷା ଏବଂ ଚାକିରି କ୍ଷେତ୍ରରେ ଯାଦବଙ୍କ ଭାଗିଦାରୀ ଅନୁସାରେ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା, ଓମ୍‌ଫେଡ ସଂସ୍ଥାର ସମ୍ପୂର୍ଣ୍ଣ ଦାୟିତ୍ୱ ଯାଦବଙ୍କର ରହିବା, ସେନା ବାହିନୀରେ ଅହିର୍ ରେଜୀମେଣ୍ଟ ଗଠନ, ଯାଦବଙ୍କ ପାଇଁ ଜଙ୍ଗଲ ଜମି ଅଧିକାର, ଯାଦବ ବିକାଶ ପରିଷଦ ଗଠନ ଉପରେ ଆଲୋଚନା ହୋଇଥିଲା। ଶେଷରେ ନଗର ସଭାପତି ଭାସ୍କର ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।



● ଠିକାଦାର ଓ ଅଧିକାରୀଙ୍କ ସଲାସୁତରା

## ସପ୍ତାହେ ନପୂରୁଣୁ ରାସ୍ତାରୁ ଉଠିଲା ପିଚୁ



● ପ୍ରତିବାଦ କଲେ ଗ୍ରାମବାସୀ

ସାନଖେମୁଣ୍ଡି,୨୪।୫(ସମିସ): ସାନଖେମୁଣ୍ଡି ବ୍ଲକ ଏମ.ଆମ୍ବଠା ଗ୍ରାମରୁ ସାହସପୁର ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସଡ଼କ ଯୋଜନାରେ ସାମିଲ କରି ରାସ୍ତା ତିଆରି ହେଲା। ମାତ୍ର ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଏହି ଯୋଜନା ବିଫଳ ହେବାକୁ ବସିଛି। ରାସ୍ତା ନିର୍ମାଣର ୪ ଦିନ ନ ପୂରୁଣୁ ପିଚୁ ଉଠିଗଲାଣି। ସାନଖେମୁଣ୍ଡି ବ୍ଲକ ଅଧିନସ୍ଥ ସାହସପୁରଠାରୁ ମାଗୁରା ଆମ୍ବଠା ଗ୍ରାମ ପର୍ଯ୍ୟନ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ଚାଲିଥିବା ବେଳେ ଆଜକୁ ପ୍ରାୟ ୪ ଦିନ ପୂର୍ବେ ମାଗୁରା ଆମ୍ବଠା ଗ୍ରାମ ମଧ୍ୟରେ ପିଚୁ ରାସ୍ତା ଅତି ନିମ୍ନ ମାନର ନିର୍ମାଣ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ହେଲେ ଠିକାଦାର ଜଣଙ୍କ ଗାଁ ଲୋକଙ୍କୁ ଧମକ ଦେଇ କହିଥିଲେ ଆମ ଇଚ୍ଛା ଅନୁସାରେ ରାସ୍ତା ନିର୍ମାଣ କରାଯିବ। ଗ୍ରାମବାସୀ କହିବା ମୁତାବକ ଠିକାଦାର ଜଣଙ୍କ ରାସ୍ତା ନିର୍ମାଣ କରିବା ସମୟରେ ରୋଡ଼କୁ ସଫା ନକରି କାଦୁଆ ମାଟି ରାସ୍ତା ଉପରେ ପିଚୁ ପକାଇଥିବାରୁ ଗାଡ଼ି ଯିବା ସମୟରେ ଗାଡି ଚକରେ ପିଚୁ ଉଠି ଯାଉଛି ଏବଂ ଲୋକେ ରାସ୍ତାରେ ଚାଲିକି ଗଲେ ମଧ୍ୟ ପିଚୁ ଉଠିଯାଉଛି। ଏନେଇ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ସୂର୍ଯ୍ୟ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି କି ରାସ୍ତା ନିର୍ମାଣ ନିମ୍ନମାନର ନେଇ ଅଭିଯୋଗ ହୋଇଥିଲା। ତେଣୁ ଠିକାଦାର ଜଣଙ୍କୁ ତାଗିଦ୍ କରାଯାଇଛି ସେ ପୁଣି ଥରେ ସଠିକ୍ ରୂପେ ରାସ୍ତା ନିର୍ମାଣ କରିବେ। ଏନେଇ ଗ୍ରାମବାସୀ କହିଛନ୍ତି ନିର୍ମାଣ ହୋଇଥିବା ରାସ୍ତାକୁ ସମ୍ପୂର୍ଣ୍ଣ ରୂପେ ନୂତନ୍ ଭାବେ ନିର୍ମାଣ କରାଯାଉ। ତେବେ ଏନେଇ ଠିକାଦାର ଜଣଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନଥିଲା। ଠିକାଦାର ଜଣଙ୍କ ଏରେଣ୍ଡ୍ରା ଗ୍ରାମ ନିକଟରେ ନିର୍ମାଣ ହୋଇଥିବା ରାସ୍ତାରେ ପୋଖରୀରୁ ପଙ୍କ ମିଶା ମାଟି ବାହାର କରି ରାସ୍ତା ନିର୍ମାଣ କରୁଥିବା ହେତୁ ଗ୍ରାମବାସୀ କାର୍ଯ୍ୟ ବନ୍ଦ କରିବା ସହ ପଙ୍କ ମିଶା ମାଟି ବାହାର କରି ନୂତନ ମାଟି ପକାଇବା ପାଇଁ ଦାବି କରିଛନ୍ତି। ଫଳରେ ଉକ୍ତ କାମ ବନ୍ଦ ରହିଛି।

## ବସ୍‌ଷ୍ଟାଣ୍ଡ ନିର୍ମାଣ କାମ ନିମ୍ନମାନର



ସାନଖେମୁଣ୍ଡି୨୪।୫(ସମିସ): ସାନଖେମୁଣ୍ଡି ବ୍ଲକ ଆମ୍ବଗାଁ ପଞ୍ଚାୟତ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଅଳ୍ପ ଦୂରରେ ନିର୍ମାଣ ହୋଇଥିବା ଲକ୍ଷ୍ମୀ ବସ୍‌ଷ୍ଟପ ନିର୍ମାଣ କାମ ନିମ୍ନ ମାନର ଅଭିଯୋଗ ହୋଇଛି। ନିର୍ମାଣର ବର୍ଷ ନପୂରୁଣୁ ବସଷ୍ଟାଣ୍ଡ ଚଟାଣରେ ଲାଗିଥିବା ମାର୍ବଲ ଗୁଡିକ ଫାଟି ଯାଇଥିବା ବେଳେ ନିର୍ମାଣ ହୋଇଥିବା କାନ୍ଥରେ ଫାଟ ହେଲାଣି। ଗ୍ରାମାଞ୍ଚଳ ସହ ବ୍ଲକ ମୁଖ୍ୟାଳୟକୁ ସଂଯୋଗୀକରଣ ପାଇଁ ପୂର୍ବତନ ସରକାର ଲକ୍ଷ୍ମୀ ବସ୍ ସେବା ଲାଗୁ କରିବା ସହ ଯାତ୍ରୀଙ୍କ ପ୍ରତୀକ୍ଷା ପାଇଁ ବସଷ୍ଟାଣ୍ଡ ନିର୍ମାଣ କରିଥିଲେ। ହେଲେ ବସ୍‌ଷ୍ଟାଣ୍ଡ ନିର୍ମାଣ କରୁଥିବା ଠିକାଦାରମାନେ କାର୍ଯ୍ୟ ଗୁଡ଼ିକ କମ୍‌ଦିନ ମଧ୍ୟରେ ନିର୍ମାଣ କରିଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଠିକ୍ ଭାବେ ଯୋଜନାର ତଦାରଖ କରିନଥିଲେ। ଫଳରେ କାମରେ ହୋଇଥିବା ଅନିୟମିତତା ଧିରେ ଧିରେ ପଦାକୁ ଆସିବାରେ ଲାଗିଛି। ଗୁରୁତ୍ୱପୂର୍ଣ୍ଣ କଥା ଏହି ବସଷ୍ଟାଣ୍ଡ ଯେଉଁ ସ୍ଥାନରେ ନିର୍ମାଣ ହୋଇଛି ତାହା ବ୍ୟବହାର ଉପଯୋଗୀ ମଧ୍ୟ ନଥିବା ଅଭିଯୋଗ ହୋଇଛି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନି।

# ଆର୍ଥିଂ ତାର ଚୋରି, ଏମ୍‌କେସିଜିରେ ସିଟି ସ୍କାନ୍ ସେବା ଠପ୍




ହନ୍ତସନ୍ତ ହେଉଛନ୍ତି ଶତାଧିକ ଗୁରୁତର ରୋଗୀ

ବ୍ରହ୍ମପୁର,୨୪।୫(ସମିସ): ବିଭିନ୍ନ ସମୟରେ ଏମକେସିଜି ମେଡ଼ିକାଲର ଭିନ୍ନ ଭିନ୍ନ ବିଭାଗରୁ ବହୁ ସାମଗ୍ରୀ ଚୋରି ହେଉଥିବା ନଜିର ରହିଛି। ଏହାଦ୍ୱାରା ପରୋକ୍ଷ ବା ପ୍ରତ୍ୟେକ୍ଷରେ ଏହା ରୋଗୀ ସେବା ଉପରେ ପ୍ରଭାବ ପକାଉଛି। ମେଡ଼ିକାଲରେ ଗୁରୁବାର ଏଭଳି ଏକ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ମେଡ଼ିକାଲ ପରିସରରେ ଥିବା ସିଟି ସ୍କାନ କେନ୍ଦ୍ରର ମେସିନକୁ ସଂଯୋଗ ହୋଇଥିବା ଆର୍ଥିଂ ତାର ଚୋରି ହୋଇଯାଇଥିବାରୁ ଦୁଇଦିନ ହେବ ସିଟି ସ୍କାନ ସେବା ବନ୍ଦ ରହିଛି। ଫଳରେ ରୋଗୀମାନେ ସିଟି ସ୍କାନ ସେବା ନପାଇ ଫେରିଯାଉଥିବା ଦେଖିବାକୁ ମିଳିଛି। ରୋଗୀଙ୍କ ରୋଗ ନିରୂପଣ ନିମନ୍ତେ ବିଭିନ୍ନ ସମୟରେ ମେଡ଼ିକାଲ ଗୁଡ଼ିକରେ ବହୁ ପରୀକ୍ଷା କରାଯାଏ। ଫଳରେ ଏହି ରିପୋର୍ଟ ଦ୍ୱାରା ଡାକ୍ତର ରୋଗୀଙ୍କ ରୋଗ ଚିହ୍ନଟ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି 'ନିରାମୟ' ଯୋଜନାରେ ରାଜ୍ୟ ସରକାରଙ୍କ ପକ୍ଷରୁ ରୋଗୀଙ୍କ ମାଗଣା ପରୀକ୍ଷା କରାଯାଏ। ସେହିକ୍ରମରେ ଏମକେସିଜି ମେଡ଼ିକାଲରେ ମଧ୍ୟ ରୋଗୀଙ୍କୁ ବିଭିନ୍ନ ପରୀକ୍ଷା କରିବା ନିମନ୍ତେ ସୁବିଧା କରାଯାଇଛି। ସିଟି ସ୍କାନ ନିମନ୍ତେ ମେଡିକାଲ ପରିସରରେ ପିପିପି ମୋଡ଼ରେ ଏକ ଘରୋଇ ସଂସ୍ଥା ଦ୍ୱାରା ରୋଗୀଙ୍କୁ ସିଟି ସ୍କାନ ଯୋଗାଇ ଦିଆଯାଉଛି। କେନ୍ଦ୍ରରେ ପ୍ରତିଦିନ ଶତାଧିକ ରୋଗୀ ଡ଼ାକ୍ତରଙ୍କ ପରାମର୍ଶ କ୍ରମେ ସିଟି ସ୍କାନ କରାଯାଇଥାଏ। କିନ୍ତୁ ଗତ ଦୁଇ ଦିନ ହେବ ଏହି ସେବା ବନ୍ଦ ରହିଛି।

ସିଟି ସ୍କାନ କେନ୍ଦ୍ରକୁ ସଂଯୋଗ ହୋଇଥିବା ଆର୍ଥିଂ ତାର କୌଣସି ଅସାଧୁବ୍ୟକ୍ତି ଚୋରି କରି ନେଇଯାଇଥିବା ବେଳେ ସିଟି ସ୍କାନ ମେସିନ ଅଚଳ ହୋଇପଡ଼ିଛି। ଖବର ପାଇବା ପରେ ଜିଇଡ଼ି ବିଭାଗ ପକ୍ଷରୁ ଶନିବାର ଆର୍ଥିଂ ତାରର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଏହା ପରେ ମଧ୍ୟ ରୋଗୀଙ୍କୁ ସିଟି ସ୍କାନ ସେବା ପ୍ରଦାନ କରାଯାଇ ନଥିଲା। ତମ୍ବା ତାର ବଦଳରେ ଆଲୁମିନିୟମ ତାରା ମେସିନକୁ ସଂଯୋଗ କରାଯାଇଥିବା ବେଳେ ମେସିନ କାର୍ଯ୍ୟକ୍ଷମ କରିବାରେ ସମସ୍ୟା ଉପୁଯୁଥିବା ପରିଚାଳନା କରୁଥିବା ସଂସ୍ଥାର ମେକାନିକ କହିଛନ୍ତି। ଅନ୍ୟପକ୍ଷରେ ମେସିନ ଦୁଇ ଦିନ ହେବ ବନ୍ଦ ରହିଥିବାରୁ ସିଟି ସ୍କାନ ସେବା ନପାଇ ବହୁ ଗୁରୁତର ରୋଗୀ ଫେରିଯାଉଛନ୍ତି। ସିଟି ସ୍କାନ ପରିଚାଳନା କରୁଥିବା ସଂସ୍ଥା ପକ୍ଷରୁ କିଛି ରୋଗୀଙ୍କୁ ସହରର ଏକ ଘରୋଇ ଡ଼ାଏଗ୍ନୋଷ୍ଟିରେ ସେଣ୍ଟରେ ସିଟି ସ୍କାନ କରାଯାଉଛି।

## ୪ ଗୋଚାଲାଣକାରୀ ଅଟକ

ଆସିକା,୨୪।୫(ସମିସ): ଆସିକା ବ୍ଲକ ଅନ୍ତର୍ଗତ ଭେଟନଇ-ଭେଜିପୁଟ ରାସ୍ତାରୁ ୪ ଜଣ ଗୋଚାଲାଣକାରୀଙ୍କୁ ସ୍ଥାନୀୟ ଲୋକ କାବୁ କରି କୋଟିନଡ଼ା ଥାନାରେ ଜିମା ଦେଇଛନ୍ତି। ଏହି ଗୋରୁ ଚାଲାଣକାରୀମାନେ ଯେଉଁ ଗ୍ରାମକୁ ଯାଉଥିଲେ ସେହି ଗ୍ରାମର କିଛି ଗୋ ଚରାଳିଙ୍କୁ ହାତକରି ଗୋରୁ ଗାଇମାନଙ୍କୁ ବିଲମାଳରେ ଚରାଇବା



ଭଳି କରି ଅନ୍ୟ ଗାଁ ରେ ଛାଡି ଦିଅନ୍ତି। ପୁଣି ସେହି ଗାଁର କିଛି ଲୋକଙ୍କୁ ହାତେଇ ତା ପର ଗାଁରେ ଛାଡନ୍ତି। ଯେମିତି ସହଜରେ କିଏ ଜାଣି ପାରିବ ନାହିଁ ଯେ ଗୋ ଚାଲାଣ ହେଉଛି ବୋଲି। ହେଲେ ବିଶ୍ୱ ହିନ୍ଦୁ ପରିଷଦ ଓ ବିଜରଙ୍ଗୀ ଦଳ ଏହା ଜାଣିବା ପରେ ଗୋଡେଇ ଗୋଡେଇ ୪ ଜଣ ଗୋ ଚାଲାଣକାରୀଙ୍କୁ ଅଟକ ରଖିବା ସହ ସହ ୫୪ ଗାଈକୁ ଉଦ୍ଧାର କରି କୋଟିନଡ଼ା ପୁଲିସକୁ ଖବର ଦେଇଥିଲେ। ଅଟକ ଥିବା ଚାରି ଜଣ ବାଲିସିରା ନିକଟସ୍ଥ ଅଞ୍ଚଳର ବୋଲି ଜଣାପଡିଛି।

## ମାଇଁଙ୍କୁ ଗୁଳିକରି ଫେରାର ଭଣଜା ଗିରଫ

କୋଦଳା,୨୪।୫(ସମିସ): ବୁଧବାର ବିଳମ୍ବିତ ରାତିରେ ବେରୁଆବାଡି ପଞ୍ଚାୟତ ରାମପଲି ଗ୍ରାମରେ ହୋଇଥିବା ଗୁଳିମାଡ ଘଟଣାର ଅଭିଯୁକ୍ତ ସୁରେଶ ପ୍ରଧାନଙ୍କୁ ପୁଲିସ ଛୁଞ୍ଚିପଡା ଯାପଟା ଜଙ୍ଗଲରୁ ଗିରଫ କରିଛି। ଏଥିସହ ବ୍ୟବହୃତ ମାଉଜର ମଧ୍ୟ ଉଦ୍ଧାର ହୋଇଛି। ତେବେ ସେ ମାଉଜର କେଉଁଠୁ ଆଣିଲା, କିଏ ଦେଲା ଅଧିକ ତଥ୍ୟ ହାସଲ ପାଇଁ ପୁଲିସ ଛାନବିନ ଚଳାଇଛି। ବୁଧବାର ବିଳମ୍ବିତ ରାତ୍ରରେ ସୁଶାନ୍ତ ରାଉତଙ୍କ ଘରକୁ ସେହି ଗ୍ରାମର ସମ୍ପର୍କୀୟ ଭଣଜା ସୁରେଶ ପ୍ରଧାନ ହଠାତ ପ୍ରବେଶ କରି ସୁଶାନ୍ତଙ୍କୁ ଲକ୍ଷ୍ୟ କରି ଗୁଳି ମାରିବା ସମୟରେ ସ୍ୱାମୀଙ୍କୁ ବଞ୍ଚାଇବାକୁ ଯାଇ ସ୍ତ୍ରୀ ଭାବିନି ରାଉତ ଆଗକୁ ଆସିଯିବାରୁ ତାଙ୍କ ପେଟରେ ଗୁଳି ବାଜିଥିଲା। ଘଟଣା ପରେ ସୁରେଶ ଫେରାର ହୋଇଯାଇଥିଲା। ଆହତ ଭାବିନି ରାଉତ ବର୍ତ୍ତମାନ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

## ମା' ବ୍ରାହ୍ମଣ ଦେବୀଙ୍କ ନଗର ପରିକ୍ରମା | ପାରମ୍ପରିକ ବାଦ୍ୟରେ ଦୁଲୁକିଲା ଗାଁ

ବେଲଗୁଣ୍ଠା,୨୪।୫(ସମିସ): ମାଁ ବ୍ରାହ୍ମଣ ଦେବୀଙ୍କ ଦ୍ୱିବାର୍ଷିକ ଯାତ୍ରା ଅବସରରେ ୟୁନାଇଟେଡ଼ କ୍ଲବ୍ ୯୯ ତରଫରୁ ଆକର୍ଷଣୀୟ ଶୋଭାଯାତ୍ରା, ଆତସବାଜି ସହିତ ଦେବୀଙ୍କ ନଗର ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ଟାରେ ସମ୍ପୂର୍ଣ୍ଣ ଯାତ୍ରା କମିଟି, ସହରର ବହୁ ବିଶିଷ୍ଟ ବ୍ୟକ୍ତି, ୟୁନାଇଟେଡ଼ କ୍ଲବ୍ ୯୯ର ସମସ୍ତ ସଦସ୍ୟ/ସଦସ୍ୟା ଏକ ଶୋଭାଯାତ୍ରାରେ ବାହାରି ମା' ବ୍ରାହ୍ମଣ ଦେବୀଙ୍କ ନଗର ପରିକ୍ରମା ପାଇଁ ନିମନ୍ତ୍ରଣ କରି ନିର୍ବିଘ୍ନରେ ନଗରପରିକ୍ରମା ସମାପ୍ତ କରିବାକୁ ଆଶୀର୍ବାଦ ଭିକ୍ଷା କରିଥିଲେ। ଶୋଭାଯାତ୍ରାରେ ସାମିଲ ହୋଇଥିବା ସମ୍ବଲପୁର ଜିଲ୍ଲାର ହନୁମାନ ଘଣ୍ଟ ବାଦ୍ୟ, ପୁରୀର ସାହି ଯାତ, ବାଘ ଷଣ୍ଢ, ଡିଜେ ବିଶେଷ କରି



ଓଡ଼ିଶାର ସୁନାମଧନ୍ୟ ପାଇକ ଆଖଡା ଖେଳାଳି ରିତେଶଙ୍କୁ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଘଣ୍ଟ ବାଦ୍ୟର ଶବ୍ଦ ଓ ରିତେଶଙ୍କ ବଲାଟି ଖେଳ, ନିଆଁ ଆଖଡାରେ ଦର୍ଶକ ବିଭୋର ହୋଇଥିଲେ। ରାତି ୯.୪୫ ସମୟରେ ମାଁ'ବ୍ରାହ୍ମଣ ଦେବୀ ସିଂହବାହିନୀଙ୍କ ବେଶରେ ନଗରପରିକ୍ରମା ଆରମ୍ଭ ହୋଇଥିଲା। ମାଁଙ୍କ ନଗରପରିକ୍ରମା ସମୟରେ ବିଭିନ୍ନ ସାହିରେ ୧୦୮ ଆରତୀ, ବିଭିନ୍ନ ପ୍ରକାର ବ୍ୟଞ୍ଜନ ଭୋଗ ଲାଗି ହୋଇଥିଲା। ଭୋର୍ ୪ଟା ରେ ମାଁ ବ୍ରାହ୍ମଣ ଦେବୀ ନଗରପରିକ୍ରମା ସମାପ୍ତ କରି ଗମ୍ଭୀରାରେ ବିଜେ କରିଥିଲେ। ଥାନାଧିକାରୀ ବନବିହାରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ପୁଲିସ ମୁତୟନ ହୋଇଥିଲେ।

## ଗଞ୍ଜାମରେ ମା'ବୁଢ଼ୀ ଠାକୁରାଣୀ ଯାତ୍ରା



ଗଞ୍ଜାମ,୨୪।୫(ସମିସ): ଗଞ୍ଜାମ ସହର ୬ ନମ୍ବର ୱାର୍ଡ ଓଡ଼ିଆ ଡାମଣା ସାହିରେ ବିଜେ ଗ୍ରାମ ଦେବତୀ ଓ ଠାକୁରାଣୀଙ୍କ ୩ ଦିନ ବ୍ୟାପି ଅନୁଷ୍ଠିତ ହେଉଛି। ଏହି ଅବସରରେ ପାରମ୍ପରିକ ବାଦ୍ୟ ବାଜଣା ସହ ଏକ ଶୋଭାଯାତ୍ରାରେ ସାହିର ଶତାଧିକ ମହିଳା ଏବଂ ପୁରୁଷ ଋଷିକୂଲ୍ୟା ନଦୀରୁ କଳସ ଯାତ୍ରା କରି ଓଡ଼ିଆ ଡାମଣା ସାହି ସ୍ଥିତ ଅସ୍ଥାୟୀ ମନ୍ଦିର ନିକଟରେ ପହଞ୍ଚିଥିଲେ। ମା'ଙ୍କ ହୋମ ପୂଜାର୍ଚ୍ଚନା ପରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପଟୁଆର ସହ ମା'ଙ୍କ ଘଟ ପରିକ୍ରମା ହେଉଛି। ସେହିପରି ଗଞ୍ଜାମ ସହର ମା'ବୁଢ଼ୀ ଠାକୁରାଣୀଙ୍କ ମଧ୍ୟ ଯାତ୍ରା ଅବସରରେ ଘଟ ପରିକ୍ରମା କରାଯାଉଥିବା ଦେଖିବାକୁ ମିଳିଛି। ଘଟ ପରିକ୍ରମା ସମୟରେ ସାହି ମାନଙ୍କରେ ମାଙ୍କୁ ଭୋଗ ନୈବେଦ୍ୟ ସମର୍ପଣ ସହ ଶ୍ରଦ୍ଧାଳୁ ମାନେ ଆଶୀର୍ବାଦ ଭିକ୍ଷା କରୁଥିବା ଲକ୍ଷ୍ୟ କରାଯାଇଛି।

## ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ବିଧାୟକ

କୁକୁଡାଖଣ୍ଡି,୨୪।୫(ସମିସ): କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ସିହଳା ଗ୍ରାମରେ କନକେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଓ ଚବିଶି ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଛି। ତୃତୀୟ ଦିନ ଅର୍ଥାତ୍ ଶୁକ୍ରବାର ସ୍ଥାନୀୟ ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇଥିଲେ। ଚିକିଟି ଲୋକନାଥପୁର ଗ୍ରାମର ମୁଖ୍ୟ ପଣ୍ଡିତ ଅଶୋକ କୁମାର ପାଢୀଙ୍କ ଦ୍ୱାରା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଚାଲୁରହିଛି। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା



ପାତ୍ର, ସମାଜସେବୀ ଉଦୟ ବେହେରା, ପୂର୍ବତନ ଜିଲ୍ଲାପରିଷଦ କୈଳାଶ ବିଷୋୟୀ, ମନ୍ଦିର କମିଟି ପ୍ରତାପ ପାଢ଼ୀ, ଦିଲ୍ଲୀପ ପାତ୍ର, ତେଜେଶ୍ୱର ପାତ୍ର, ନୀଳାଚଳ ପାତ୍ର, ପ୍ରଦୀପ ପାତ୍ର, ରଘୁରାମ ପାତ୍ର ସହ ବହୁ ଯୁବଗୋଷ୍ଠୀ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ସ୍ୱାମୀଙ୍କ କାତି ଚୋଟରେ ସ୍ତ୍ରୀ ଗୁରୁତର

ଦିଗପହଣ୍ଡି,୨୪।୫(ସମିସ): ଦିଗପହଣ୍ଡି ବ୍ଲକ ବଡ଼ଡୁମ୍ବୁଲା ଗ୍ରାମର ବୁଡୁ ସେଠୀ ତାଙ୍କ ସ୍ତ୍ରୀ ରଶ୍ମି ସେଠୀଙ୍କୁ ଯୌତୁକ ପାଇଁ କାତିରେ ହାଣିଥିବାବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ସଂକଟାପନ୍ନ ଥିବା ପୁଲିସ କହିଛି। ରଶ୍ମିଙ୍କ ଭାଇ ଲକ୍ଷ୍ମୀ ଚରଣ ସେଠୀ ଏନେଇ ଥାନାରେ ଏତଲା ଦେବାପରେ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ମାମଲା ରୁଜୁ କରି ତଦନ୍ତ ନିମନ୍ତେ ଏଏସଆଇ ଅଜୟ କୁମାର ନାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୧୪ ବର୍ଷ ପୂର୍ବେ ଗଞ୍ଜାମ ଜିଲ୍ଲା ଜରଡ଼ା ଥାନା ନାରାୟଣପୁର ଗ୍ରାମର ରାଜେନ୍ଦ୍ର ସେଠୀଙ୍କ କନ୍ୟା ରଶ୍ମି ବଡ଼ଡୁମ୍ବୁଲା ଗ୍ରାମର ସୀତାରାମ ସେଠୀଙ୍କ ପୁଅ ବୁଡୁଙ୍କୁ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ ଯୋ÷ତୁକ ଦିଆଯାଇଥିବାବେଳେ ବିବାହର ୨ ବର୍ଷ ପରେ ପୁଣି ୧ ଲକ୍ଷ ଟଙ୍କା ଏବଂ ୨ ଭରି ସୁନା ଅଳଙ୍କାର ବାପ ଘରୁ ଆଣିବାକୁ ରଶ୍ମିଙ୍କୁ ବାଧ କରିବା ସହ ସଦାସର୍ବଦା ମାନସିକ ଓ ଶାରିରୀକ ନିର୍ଯାତନା ଦେଉଥିଲେ ସ୍ୱାମୀ। ତାଙ୍କର ୭ ବର୍ଷୀୟ ପୁଅ ଓ ୧୦ ବର୍ଷୀୟା ଝିଅ ଅଛନ୍ତି। ବୁଡୁ ସୁରତରେ କାମ କରନ୍ତି। କିଛିଦିନ ପୂର୍ବେ ସେ ଗାଁକୁ ଆସିଥିଲେ। ଗତ ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ବୁଡୁ ତାଙ୍କ ସ୍ତ୍ରୀ ରଶ୍ମିଙ୍କୁ ଏକ କାତିରେ ମରଣାନ୍ତକ ଆକ୍ରମଣ କରିଥିଲେ। ପ୍ରଚୁର ରକ୍ତସ୍ରାବ ହେବାରୁ ଝିଅ ପୁଅ ଦୁଇଜଣ କାନ୍ଦିଥିଲେ। ଉଭୟଙ୍କୁ ସେ ରାସ୍ତା ଉପରକୁ ନେଇ କଚାଡ଼ି ଦେଇଥିଲେ। ସାହି ଲୋକେ ଦୌଡ଼ି ଆସିବାରୁ ବୁଡୁ ସେଠାରୁ ନାନା ଧମକ ଦେଇ ପଳାଇଥିଲେ। ରଶ୍ମିଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

# 'ସେନାପତି' ଗ୍ୟାଙ୍ଗ୍ ପାଇଁ ଅଡୁଆ ବଢ଼ାଉଛି 'ବାହାନା ନାଳ'

ବ୍ରହ୍ମପୁର,୨୪।୫(ସମିସ): ବ୍ରହ୍ମପୁର ସହରର ଚର୍ଚ୍ଚିତ ଦଲାଲ ଗୋଷ୍ଠୀ 'ସେନାପତି' ଗ୍ୟାଙ୍ଗ ପାଇଁ ଅଡୁଆ ବଢାଇଛି ବାହାନା ନାଳ। ଅନ୍ୟର ସ୍ଥାବର ସମ୍ପତ୍ତିକୁ ବଳପୂର୍ବକ ମାଡ଼ିବସି ଲୁଟିବାକୁ ଉଦ୍ୟମ କରି ବାହାନା ନାଳକୁ କରାଯାଇଛି ଅକ୍ତିଆର। ଯାହାକୁ ନେଇ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଦେଖିବାକୁ ମିଳିଛି ତୀବ୍ର ଅସନ୍ତୋଷ। ବାହାନା ନାଳକୁ ଜବରଦଖଲ କରି ସେଠାରେ ଗାର୍ଡୱାଲ ଓ କଲଭର୍ଟ ନିର୍ମାଣ ଫଳରେ ବର୍ଷାଜଳ ନିଷ୍କାସନ ନହୋଇ ସମଗ୍ର ଅଞ୍ଚଳ ଜଳମଗ୍ନ ହେଉଛି। ଫଳରେ ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ ଜଳବନ୍ଦୀ ସମସ୍ୟା ଭୋଗିବାକୁ ପଡୁଛି। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହେଉଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ସମସ୍ୟାକୁ ନେଇ ଦୈନିକ 'ସକାଳ' ଖବରକାଗଜରେ ଖବର ପ୍ରକାଶନ ପରେ ଅଣ୍ଟା ଭିଡ଼ିଛି ଡ୍ରେନେଜ ବିଭାଗ। ବାହାନା ନାଳ ଉପରୁ ଜବରଦଖଲ ହଟାଇବାକୁ ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ଡ୍ରେନେଜ ବିଭାଗ ନିର୍ବାହୀଯନ୍ତ୍ରୀ ବିଷ୍ଣୁ ପାଣିଗ୍ରାହୀ।

● ୨୦୨୨ରୁ ହୋଇଛି ବେନିୟମ ଅକ୍ତିଆର ଓ ସଂକୁଚିତ: ତହସିଲଦାର

● ଉଚ୍ଛେଦ ସହ ନାଳକୁ ଉନ୍ମୁକ୍ତ ପାଇଁ ଉପଜିଲ୍ଲାପାଳଙ୍କୁ ଅନୁରୋଧ କରିଛି ଡ୍ରେନେଜ୍ ବିଭାଗ : ନିର୍ବାହୀଯନ୍ତ୍ରୀ

● ସବୁଜାଣି ନୀରବଦ୍ରଷ୍ଟା ଡ୍ରେନେଜ ବିଭାଗ, ବିଇଏମ୍‌ସି କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ

ବ୍ରହ୍ମପୁରର ଦୁଃଖ 'ବାହାନା ନାଳ'। ଜବରଦଖଲ ଯୋଗୁ ଦିନକୁ ଦିନ ସଂକୁଚିତ ହୋଇ ନିଶ୍ଚିହ୍ନ ହେବାକୁ ବସିଥିବା ଏହି ନାଳକୁ ନେଇ ଚିନ୍ତାରେ ସହରବାସୀ। ଡ୍ରେନେଜ ବିଭାଗ ଅଧିନରେ ଥିବା ଏହି ନାଳ ସହର ମଧ୍ୟ ଦେଇ କେବଳ ଅତିକ୍ରମ କରୁଛି ଏହା ନୁହେଁ ବରଂ ବର୍ଷାଜଳ ନିଷ୍କାସନରେ ସହାୟକ ହେଉଛି। ତେବେ ଜବରଦଖଲ ଓ ସଂକୁଚିତ କାରଣରୁ ଏହି ନାଳ ବର୍ତ୍ତମାନ ସହର ପାଇଁ ଦୁଃଖର କାରଣ ପାଲଟିଛି। ଏହି ନାଳକୁ ବିଭିନ୍ନ ସ୍ଥାନରେ ଅବରୋଧ କରାଯାଇ ସଂକୁଚିତ ସହ ଗତିପଥକୁ ବଦଳାଇବାକୁ ଚେଷ୍ଟା କରାଯାଇଛି। ଏଭଳି ପରିସ୍ଥିତିରେ ଆଗକୁ ବର୍ଷା ଦିନ। ନାଳର ସ୍ଥିତିକୁ ନେଇ ଚିନ୍ତାରେ ଖୋଦ୍ ଡ୍ରେନେଜ ବିଭାଗ ଓ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ। ସହରରୁ ବର୍ଷାଜଳ ନିଷ୍କାସନ ପାଇଁ ବାହାନା ନାଳକୁ ଜବରଦଖଲ ମୁକ୍ତ କରିବା ଜରୁରୀ। ତେବେ ନାଳକୁ ଯେ ବିଭିନ୍ନ ସ୍ଥାନରେ ଜବରଦଖଲ କରାଯାଇଛି ଏବଂ କାହା ନିକଟରେ ସୂଚନା ମଧ୍ୟ ନାହିଁ ଏକଥା ନୁହେଁ। ଏନେଇ ଡ୍ରେନେଜ



ବିଭାଗ, ରାଜସ୍ୱ ବିଭାଗ, ପୁଲିସ ପ୍ରଶାସନ ଓ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ ସମସ୍ତଙ୍କ ନିକଟରେ ରହିଛି ସୂଚନା। ଖୋଦ୍ ଡ୍ରେନେଜ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ଅନୁରୋଧ କ୍ରମେ ୨୦୨୨ରେ ବ୍ରହ୍ମପୁର ତହସିଲଦାର ଫାଷ୍ଟଗେଟ ଛକ ନିକଟସ୍ଥ ହନୁମାନ ମନ୍ଦିର ସମ୍ମୁଖ ବାହାନା ନାଳକୁ ଜବରଦଖଲ କରି ସେଠାରେ ନିର୍ମାଣ ହୋଇଥିବା କଲଭର୍ଟ ଓ ଗାର୍ଡୱାଲ ସ୍ଥାନର ଚଉହଦି ଚିହ୍ନଟ କରିବାକୁ ଅନୁରୋଧ କରିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ହରିଡାଖଣ୍ଡି ରାଜସ୍ୱ ନିରୀକ୍ଷକ, ଅମିନ ଓ ଡ୍ରେନେଜ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ଉପସ୍ଥିତିରେ ଶଙ୍କରପୁର ମୌଜାର ଖାତା ନମ୍ବର ୩୦୧, ପ୍ଲଟ ନମ୍ବର ୨୯୬ ରକବା ୦.୯୯୩ ଡେସିମିଲ ଜମିକୁ ଚିହ୍ନଟ କରାଯାଇଥିଲା। ଉକ୍ତ ନାଳ ଉପରେ ପ୍ରାଚୀର ନିର୍ମାଣ ଯୋଗୁଁ ବାହାନା ନାଳ ସଂକୁଚିତ କରାଯିବା ସହ ଜଳ ନିଷ୍କାସନରେ ସମସ୍ୟା ଉପୁଜୁଥିବା ଦର୍ଶାଯାଇଛି। ବ୍ରହ୍ମପୁର ତହସିଲଦାରଙ୍କ ଠାରୁ ମିଳିଥିବା ଏହି ତଦନ୍ତ ରିପୋର୍ଟକୁ ଡ୍ରେନେଜ ବିଭାଗ ପକ୍ଷରୁ ସେହି ସମୟରୁ ଅର୍ଥାତ୍ ୨୦୨୨ମସିହା ଡିସେମ୍ବର ୧୨ତାରିଖରେ ବ୍ରହ୍ମପୁର ଉପ ଜିଲ୍ଲାପାଳ ଓ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇ ଉଚ୍ଛେଦ ପାଇଁ ଅନୁରୋଧ କରାଯାଇଥିଲା। ଇତି ମଧ୍ୟରେ ୩ ବର୍ଷ ବିତିବାକୁ ବସିଲାଣି ମାତ୍ର ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବର୍ତ୍ତମାନ ପୁଣି ଡ୍ରେନେଜ ବିଭାଗ ପକ୍ଷରୁ ବାହାନା ନାଳ ଉପରୁ ଜବରଦଖଲ ହଟାଇବା ପାଇଁ ଚଳିତ ମାସ ୨୧ତାରିଖରେ ଗଞ୍ଜାମ ଜିଲ୍ଲାପାଳ, ବ୍ରହ୍ମପୁର ଉପ ଜିଲ୍ଲାପାଳ ଓ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇ ଅନୁରୋଧ କରାଯାଇଛି। ବର୍ଷାଦିନ ପୂର୍ବରୁ ତୁରନ୍ତ ବାହାନା ନାଳ ଉପରେ ବେନିୟମ ଭାବେ ନିର୍ମାଣ ହୋଇଥିବା ଗାର୍ଡୱାଲ ଓ କଲଭର୍ଟକୁ ତୁରନ୍ତ ଭାଙ୍ଗିବା ଜରୁରୀ ହୋଇପଡିଛି। ବର୍ତ୍ତମାନ ଦେଖିବାକୁ ବାକି ରହିଲା ପ୍ରଶାସନ ପକ୍ଷରୁ ଏଭଳି ସମସ୍ୟା ପ୍ରତି କେତେ ଗୁରୁତ୍ୱ ଦିଆଯାଉଛି ଓ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।








# ଥାନା ଜଳବନ୍ଦୀ, ପାଣି ଘେରରେ ବଜାର





ଭୁବନେଶ୍ୱର, ୨୪।୫ (ସମିସ): ତମାଣ୍ଡୋରେ ପ୍ରାକ୍ ମୌସୁମୀ ଯନ୍ତ୍ରଣା ଦେଖାଦେଇଛି। ଶନିବାର ହୋଇଥିବା ବର୍ଷାରେ ତମାଣ୍ଡୋ ଅଣ୍ଡର ପାସ୍ ଆଣ୍ଠୁଏ ପାଣି ଜମି ରହିଥିଲା। ରାସ୍ତାର ଦୁଇପାର୍ଶ୍ୱ ସର୍ଭିସ ରୋଡ୍ ଓ ଅଣ୍ଡରପାସ୍ ତଳେ ପାଣି ଜମିବା ଯୋଗୁଁ ଯାତାୟତରେ ସମସ୍ୟା ଉପୁଜିଥିଲା। କହିବାକୁ ଗଲେ, ଯାତାୟତ ଏକ ପ୍ରକାର ଠପ୍ ହୋଇ ଟ୍ରାଫିକ୍ ସମସ୍ୟା ଉପୁଜିଥିଲା। କିଛି ବାଇକ୍ ରାସ୍ତା ଅତିକ୍ରମ ସମୟରେ ମଝିରେ ଗାଡି ଷ୍ଟାର୍ଟ ବନ୍ଦ ହୋଇଯିବାରୁ ପାଣି ମଝିରେ ଓଦା ହୋଇ ଯାତାୟତ କରିଥିଲେ। ବର୍ଷା ପାଣି ସହ ରାସ୍ତାପାର୍ଶ୍ୱରେ ଥିବା ଡ୍ରେନ୍ ପାଣି ମଧ୍ୟ ଏଥିରେ ମିଶିଥିଲା। ଏହି ବର୍ଷା ସମୟରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ପାଦଚଲା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ତମାଣ୍ଡୋ ଏକମାତ୍ର ବଡ ବଜାର ହୋଇଥିବାରୁ ପନିପରିବା ସହ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଲୋକ ଏହି ବଜାର ଉପରେ ନିର୍ଭର କରୁଛନ୍ତି। ବିଶେଷ କରି ଯାଆଁଳା, ନଁପୁଟ, ମଦନପୁର, କଳିଙ୍ଗ ବିହାର, ନରଗୋଦା ଓ ସିଜୁପୁଟ ଅଞ୍ଚଳର ଲୋକ ଏହି ବଜାରକୁ ଆସନ୍ତି। ଏନ୍ଏଚ୍ଏଆଇ ପକ୍ଷରୁ ନିର୍ମାଣ କରାଯାଇଥିବା ଡ୍ରେନରେ ସଠିକ୍ ଭାବରେ ବର୍ଷା ପାଣି ନିଷ୍କାସନ ହୋଇପାରୁନାହିଁ। ଏଥିସହିତ ଅଧପାନ୍ତରିଆ ଡ୍ରେନ ମଧ୍ୟ ଜଳ ନିଷ୍କାସନରେ ଏକ ବଡ଼ ସମସ୍ୟା ହୋଇ ଉଭା ହୋଇଛି। ଫଳରେ ଘଣ୍ଟା ଘଣ୍ଟା ଧରି ପାଣି ଜମ ରହୁଛି। ଲଗାଣ ବର୍ଷା ସମୟରେ ଡ୍ରେନ୍‌ରୁ ମଇଳା ପାଣି ରାସ୍ତାକୁ ଆସି ଦୂଷିତ ପରିବେଶ ସୃଷ୍ଟି କରୁଛି। ଏଥିସହିତ ବର୍ଷା ସମୟରେ ରାସ୍ତାର ଏପାଖ ମଇଳା ପାଣି ସର୍ଭିସ ରୋଡ୍ ଦେଇ ସେପାଖକୁ ଯାଉଛି।

ତେବେ ବର୍ଷା ଦ୍ୱାରା କେବଳ ତମାଣ୍ଡୋ ବଜାର ନୁହଁ, ଥାନା ମଧ୍ୟ ପ୍ରଭାବିତ ହୋଇଥିଲା। ତମାଣ୍ଡୋ ଥାନା ସାମ୍ନାରେ ଆଣ୍ଠୁଏ ଉଚ୍ଚତାର ପାଣି ଜମି ରହିଥିଲା। ଥାନା ଗେଟ୍ ଠାରୁ ସର୍ଭିସ୍ ରାସ୍ତା ପର୍ଯ୍ୟନ୍ତ ପାଣି ଜମି ଥିବାରୁ ଯାତାୟତରେ ବାଧା ଉପୁଜିଥିଲା। ପରିସ୍ଥିତି ଏମିତି ହୋଇଥିଲା ଯେ, ଚାଲି ଚାଲି ଥାନା ଭିତରକୁ ଯିବା ଅସମ୍ଭବ ହୋଇ ପଡ଼ିଥିଲା। ବିନା ଗାଡ଼ିରେ ଆସିଥିବା ଅଭିଯୋଗକାରୀମାନେ ମଇଳା ପାଣିରେ ପଶି ଥାନାକୁ ଯାଇଥିଲେ। ବର୍ଷା ଛାଡ଼ିବାର ପ୍ରାୟ ୩ ଘଣ୍ଟା ପରେ ଯାଇ ସ୍ଥିତି ସ୍ୱାଭାବିକ ହୋଇଥିଲା।



ପ୍ରାକ୍ ମୌସୁମୀ ଯନ୍ତ୍ରଣା

## ମୁକୁଳା ଡ୍ରେନ୍; ବିପଦରେ ରାଜଧାନୀବାସୀ

ଭୁବନେଶ୍ୱର, ୨୪।୫(ସମିସ): ଦେଶକୁ ମୌସୁମୀ ଛୁଇଁଛି। ଜୁନ୍ ପ୍ରଥମ ସପ୍ତାହରେ ରାଜ୍ୟକୁ ମୌସୁମୀ ଛୁଇଁବ ବୋଲି ଅନୁମାନ କରାଯାଉଛି। ଏହାର ପ୍ରଭାବରେ ରାଜଧାନୀ ସମେତ ଏହାର ଆଖପାଖ ଅଞ୍ଚଳରେ ବର୍ଷା ସମ୍ଭାବନା ରହିଛି। ବିଗତ କିଛିବର୍ଷ ହେବ ବର୍ଷା ସମୟରେ ମୁକୁଳା ଡ୍ରେନ୍ ରାଜଧାନୀବାସୀଙ୍କ ପାଇଁ କାଳ ପାଲଟିଥାଏ। ଏଥିପାଇଁ ଉଭୟ ଧନଜୀବନ ନଷ୍ଟ ହୋଇଥାଏ। ଏହାସତ୍ତ୍ୱେ ମଧ୍ୟ ବର୍ଷା ପୂର୍ବରୁ ମୁକୁଳା ଡ୍ରେନ୍‌କୁ ଆବଦ୍ଧ କରିବା କାମ ଶେଷ ହେଲା ନାହିଁ। ସବୁଆଡ଼େ ମୁକୁଳା ଡ୍ରେନ୍ ଆଁ କରିଛି।

ଗତବର୍ଷ ୟୁନିଟ୍-୩ ମାଳି ସାହି ନିକଟରେ ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ଶିଶୁର ମୃତ୍ୟୁ ହୋଇଥିଲା। ଏହାପରେ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଯନ୍ତ୍ରୀ, ବଡ଼ ଅଧିକାରୀ ଏବଂ ରାଜନେତାମାନେ ଘଟଣାସ୍ଥଳ ପରିଦର୍ଶନରେ ଯାଇଥିଲେ। ପ୍ରଥମେ ୧୫ଦିନ ପରେ ୩ମାସ ମଧ୍ୟରେ ରାଜଧାନୀରୁ ଆଉ ମୁକୁଳା ରହିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇ ଚାଲିଗଲେ। ହେଲେ ଏହା ମଧ୍ୟରେ ଏକ ବର୍ଷ ବିତିଗଲାଣି। ଗୋଟିଏ ବର୍ଷାଦିନ ଯାଇ ଆଉ ଆଉ ଏକ ବର୍ଷା ଦିନ ଆସିଲାଣି। ହେଲେ ଡ୍ରେନ୍‌ଗୁଡ଼ିକ ସେଭଳି ମୁକୁଳା ପଡ଼ିଛି। ଏବେବି ଅନେକ ସ୍ଥାନରେ ମୁକୁଳା ଡ୍ରେନ୍ ରହିଛି ତାହା କେବେ ଘୋଡା ଯିବ ତାହା କେହି ପାରୁ ନାହାନ୍ତି।

ଭୁବନେଶ୍ୱରରେ ମୋଟ ୧୮ ଶହ କିଲୋମିଟର ମଧ୍ୟମ ଏବଂ ଛୋଟ ଡ୍ରେନ୍ ରହିଛି। ଏଥିରୁ




୧୩୮୦ କିଲୋମିଟର ଡ୍ରେନ୍ ବିଏମ୍‌ସି ଅଧୀନରେ ରହିଛି। ୩୬୦ କିଲୋ ମିଟର ଡ୍ରେନ୍ ଆରଆଣ୍ଡବି ଅଧୀନରେ ରହିଛି। ୩୪ କିମି ଡ୍ରେନ୍ ଜାତୀୟ ରାଜପଥ ଅଧୀନରେ ରହିଛି। ବାକି ଡ୍ରେନ୍ ଇଡକୋ ଏବଂ ଅନ୍ୟ ବିଭାଗ ଅଧୀନରେ ରହିଛି। ସେହିପରି ଭୁବନେଶ୍ୱରରେ ଡ୍ରେନ୍ ନମ୍ବର ୧ରୁ ଆରମ୍ଭ କରି ୧୧ ପର୍ଯ୍ୟନ୍ତ ମୋଟ୍ ୭୭ କିଲୋମିଟର ମୁଖ୍ୟ ଡ୍ରେନ୍ ରହିଛି। ଏହା ମଧ୍ୟରୁ ୮ କିଲୋମିଟର ବିଏମ୍‌ସିର ଡ୍ରେନ୍ ମୁକୁଳା ପଡ଼ିଥିଲା ବେଳେ ଅନ୍ୟ ବିଭାଗର କିଛି ଡ୍ରେନ୍ ଅଧିକାଂଶ ସ୍ଥାନରେ ମୁକୁଳା ପଡ଼ିଛି।

ରାଜଧାନୀରେ ୟୁନିଟ୍-୧ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତାର ଡ୍ରେନ୍ ମୁକୁଳା ପଡ଼ିଛି। ଅତ୍ୟନ୍ତ ବିପଦଶଙ୍କୁଳ ଅବସ୍ଥାରେ ଲୋକେ ଯାତାୟତ କରୁଛନ୍ତି। ସେହିପରି ୟୁନିଟ୍-୧ରୁ ରାଜମହଲ ପର୍ଯ୍ୟନ୍ତ ରାସ୍ତାରେ ମୁକଳା ଡ୍ରେନ୍ ଲୋକଙ୍କ ପାଇଁ ମରଣ ଯନ୍ତା ପାଲଟିଛି। ୟୁନିଟ୍-୩, ନୟାପଲ୍ଲୀ, ରଥରୋଡ୍, ପଳାଶପଲ୍ଲୀ, ଏୟାରପୋର୍ଟ ରୋଡ୍, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଓୟୁଏଟି ଛକ ପଛପଟେ, ସୂର୍ଯ୍ୟନଗର, ୟୁନିଟ୍-୭ ପ୍ରଭୃତି ଅଞ୍ଚଳରେ ମୁକୁଳା ସ୍ଥିତି ସାଂଘାତ ହୋଇପଡ଼ିଛି। ଅନ୍ୟପକ୍ଷରେ ଜାତୀୟ ରାଜପଥ କଡ଼ ଅଞ୍ଚଳରେ ଡ୍ରେନ୍ ଖୋଲା ହେଇ ରହିଥିଲେ ମଧ୍ୟ କାମ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରିଲା ନାହିଁ। ଏଗୁଡ଼ିକୁ ତୁରନ୍ତ ଆବଦ୍ଧ କରିବାକୁ ସାଧାରଣରେ ଦାବି କରାଯାଇଛି।







## ପ୍ରାଚୀନ ସାହିତ୍ୟ ସଂସ୍କୃତିର ଉପାସକ ଥିଲେ ଡ. କବି ପ୍ରସାଦ ମିଶ୍ର



ଭୁବନେଶ୍ୱର, ୨୪।୫(ସମିସ): ଡାକ୍ତର କବିପ୍ରସାଦ ମିଶ୍ର ପ୍ରାଚୀନ ସାହିତ୍ୟ ସଂସ୍କୃତିର ମହାନ ଉପାସକ ଓ ବିଦ୍ୱାନ ଥିଲେ ବୋଲି ଓଡ଼ିଶା ଲେଖକ ସମବାୟ ସମିତି ପରିସରରେ ଅନୁଷ୍ଠିତ ମାସିକ ଆଲୋଚନାଚକ୍ର ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସୁକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପ୍ରଫେସର ଭାରତ ଭୂଷଣ ରଥ କହିଥିଲେ ଯେ, ଆମ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିଲେ ହେଁ ଆଜିର ଲେଖକମାନେ କୌଣସି ଅଳଙ୍କରିକ ସାହିତ୍ୟ ରଚନା ସୃଷ୍ଟି କରୁନାହାନ୍ତି। ଏଥିପାଇଁ ସମସ୍ତେ ଯତ୍ନବାନ ହେବା ଉଚିତ। କାର୍ଯ୍ୟକ୍ରମରେ ବାଳକୃଷ୍ଣ ସାହୁ, ଇଂ ଗଣେଶ ଚନ୍ଦ୍ର ପଣ୍ଡା, ବିଜୟ କୁମାର ମହାନ୍ତ, ଡ. ଆରତି କର ଆଲୋଚନା କରିଥିଲେ। ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରହ୍ଲାଦ ସାହୁ, ଲଡୁକିଶୋର ପଡ଼ିଆରି ଭଜନ ଗାନ ଓ ଦାସକାଠିଆ ପରିବେଷଣ କରିଥିଲେ। ସିଦ୍ଧାର୍ଥ କାନୁନ୍‌ଗୋ, ଗୁରୁମା ମମତା ପ୍ରଧାନ, ତପନ କର, ଉମାକାନ୍ତ ରାଉତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ ଦେଇଥିଲେ।

## କ୍ୟାମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ପ୍ରତି ଆଗ୍ରହୀ ଭାରତୀୟ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୪।୫(ସମିସ): ଇଂଲଣ୍ଡର କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟ ପ୍ରତି ଆକର୍ଷିତ ହେଉଛନ୍ତି ଭାରତୀୟ ଛାତ୍ରଛାତ୍ରୀ। ଗତବର୍ଷ ତୁଳନାରେ ଚଳିତ ବର୍ଷ ବହୁ ଅଧିକ ପିଲା ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ଗତବର୍ଷ ପ୍ରାୟ ୬୨ ହଜାର ପିଲା ପରୀକ୍ଷା ଦେଇଥିବାବେଳେ ଚଳିତବର୍ଷ ଏହା ୮୫ ହଜାର ରେ ପହଞ୍ଚିଛି। ତନ୍ମଧ୍ୟରୁ ୪୨୦ଟି ଶିକ୍ଷାନୁଷ୍ଠାନରେ ପ୍ରାୟ ୧୭ ହଜାରରୁ ଅଧିକ ଛାତ୍ରଛାତ୍ରୀ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ବରିଷ୍ଠ ଉପାଧକ୍ଷ ବିନୟ ଶର୍ମା କହିଛନ୍ତି ଯେ ଲଗାତର ଭାବେ ପ୍ରବେଶିକା ପରୀକ୍ଷାରେ ଭାରତୀୟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢ଼ିବା ଉତ୍ତମ ଶିକ୍ଷାଦାନକୁ ପ୍ରତିଫଳିତ କରୁଛି। ଏହା ଆନ୍ତର୍ଜାତୀୟସ୍ତରର ପାଠ୍ୟକ୍ରମ ପ୍ରଦାନ କରୁଛି। ପରିବର୍ତ୍ତନଶୀଳ ବିଶ୍ୱରେ ସଫଳ ହେବା ପାଇଁ ଆବଶ୍ୟକ ଦକ୍ଷତା ବିକାଶ ସହିତ ଆନ୍ତର୍ଜାତୀୟ ସ୍ତରରେ ଭାରତୀୟ ଛାତ୍ରଛାତ୍ରୀଙ୍କୁ ଶୀର୍ଷ ସ୍ଥାନରେ ସେମାନେ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ଶର୍ମା ପ୍ରକାଶ କରିଛନ୍ତି।

### ନିଯୁକ୍ତିରେ ୨୭ ପ୍ରତିଶତ ସଂରକ୍ଷଣ ପାଇଁ ଓବିସି ଫୋରମ୍‌ର ଦାବି

## ପୂର୍ବ ପ୍ରତିଶ୍ରୁତି ରକ୍ଷା କରନ୍ତୁ ସରକାର

ଭୁବନଶ୍ୱେର, ୨୪।୫(ସମିସ)

କ୍ଷମତାକୁ ଆସିବା ପୂର୍ବରୁ ବିଜେପି ନିଜର ନିର୍ବାଚନୀ ଇସ୍ତାହାରରେ ରାଜ୍ୟର ପଛୁଆବର୍ଗଙ୍କୁ ନିଯୁକ୍ତି ଓ ନାମଲେଖାରେ ୨୭ ଭାଗ ସଂରକ୍ଷଣ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲା। ତେଣୁ ନିଜର ପ୍ରତିଶ୍ରୁତିକୁ ପାଳନ କରି ରାଜ୍ୟର ୫୨ ଭାଗ ପଛୁଆବର୍ଗଙ୍କୁ ତାଙ୍କର ସାମ୍ବିଧାନିକ ଅଧିକାର ୨୭ ଭାଗ ସଂରକ୍ଷଣ ଦେବାପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି କରାଯାଇଛି।

ପ୍ରକାଶଥାଉକି ନୀତି ଆୟୋଗ ବୈଠକରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଓଡ଼ିଶା ଭିଜନ୍ ଡକୁମେଣ୍ଟ-୨୦୩୬' ଉପସ୍ଥାପିତ କରି କହିଛନ୍ତି ଯେ, ଆଗାମୀ ପାଞ୍ଚ ବର୍ଷ ଭିତରେ ତାଙ୍କ ସରକାର ଦେଢ଼ଲକ୍ଷ ସରକାରୀ ପଦବୀରେ ନିଯୁକ୍ତି ଦେବାକୁ ଯାଉଛନ୍ତି। କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି, ରାଜ୍ୟର ପଛୁଆବର୍ଗଙ୍କ ପାଇଁ ୨୭ ଭାଗ ସଂରକ୍ଷଣ ଯାହାକି ଭାରତ ସରକାର ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ପ୍ରଦାନ କରୁଛନ୍ତି ତାକୁ ଯଦି ଓଡ଼ିଶା ସରକାର ସୁନିଶ୍ଚିତ ନ କରନ୍ତି, ତାହେଲେ ରାଜ୍ୟର ପଛୁଆବର୍ଗ ୨୩ହଜାର ୬୨୫ ପଦବୀରେ ନିଯୁକ୍ତି ସୁଯୋଗ ହରେଇବେ ବୋଲି ଓବିସି ଫୋରମ୍ ରାଜ୍ୟ କମିଟି ଅଭିଯୋଗ କରିଛି। ଫୋରମ୍‌ର ରାଜ୍ୟ ଅଧକ୍ଷ ରବି ବେହେରା ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଯେ, 'ଓଡ଼ିଶା ଭିଜନ ଡକୁମେଣ୍ଟ-୨୦୩୬'କୁ ଓବିସି ଫୋରମ୍ ସ୍ୱାଗତ କରୁଛି। କିନ୍ତୁ ନିଯୁକ୍ତି ପୂର୍ବରୁ ରାଜ୍ୟ ସରକାର ଯଦି ଓବିସି ବର୍ଗଙ୍କୁ ତାଙ୍କର ୨୭ଭାଗ ସାମ୍ବିଧାନିକ ହକ୍ ଓ ଅଧିକାର ନ ଦିଅନ୍ତି, ତାହେଲେ ହଜାର ହଜାର ଓବିସି ପିଲା ସରକାରୀ ଚାକିରିରୁ ବଞ୍ଚିତ ହେବେ। ପୂରଣ ହେବାକୁ ଯାଉଥିବା ଦେଢ଼ଲକ୍ଷ ପଦବୀରେ ଯଦି ୨୭% ସଂରକ୍ଷଣ ଦିଆଯାଉଥାଆନ୍ତା ତାହେଲେ ୪୦ହଜାର ୫୦୦ ପଛୁଆବର୍ଗର ପିଲା ନିଯୁକ୍ତି ସୁଯୋଗ ପାଇଥାନ୍ତେ। କିନ୍ତୁ ବର୍ତ୍ତମାନ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାର ପଛୁଆବର୍ଗଙ୍କୁ ୧୧.୨୫ ପ୍ରତିଶତ ସଂରକ୍ଷଣ ଦେଉଛନ୍ତି। ଫଳରେ ମାତ୍ର ୧୬ ହଜାର ୮୭୫ ଜଣ ପିଲା ନିଯୁକ୍ତି ସୁଯୋଗ ପାଇପାରିବେ। ଅର୍ଥାତ୍ ଦେଢ଼ଲକ୍ଷ ପଦବୀରୁ ରାଜ୍ୟର ପଛୁଆବର୍ଗ ୨୩ ହଜାର ୬୨୫ ପଦବୀ ହରେଇବାକୁ ଯାଉଛନ୍ତି।

## ଜୟନ୍ତୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣିଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୪।୫(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ୧୦୫ତମ ଜନ୍ମ ଜୟନ୍ତୀ ଅବସରରେ ଭୁବନେଶ୍ୱର ଏ.ଜି. ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱର୍ଗତ ରାଉତରାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

ଜୟନ୍ତୀ କମିଟିର ଆବାହକ ରବି ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ପୂର୍ବତନ ମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ଅମର ପ୍ରସାଦ ଶତପଥୀ, ଅଶୋକ ଚନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ପୁଷ୍ପେନ୍ଦ୍ର ସିଂହଦେଓ, ଚନ୍ଦ୍ରସାରଥୀ ବେହେରା, ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ, ବିଧାୟକ ପ୍ରଶାନ୍ତ ଜଗଦେବ, ଅନନ୍ତ ନାରାୟଣ ଜେନା, ବାବୁ ସିଂ, ପୂର୍ବତନ ବିଧାୟକ ରବି ନାରାୟଣ ପାଣି, ସୁବର୍ଣ୍ଣ ନାୟକ, ରାଧାକାନ୍ତ ସେଠୀ, ବିଷ୍ଣୁପଦ ରାଉତରାୟ, ଅଂଶୁମାନ ମହାନ୍ତି, ରୁଦ୍ର ପ୍ରତାପ ମହାରଥୀ, ବରିଷ୍ଠ ବିଜେଡ଼ି ନେତା ଅରୁପ



ପଟ୍ଟନାୟକ, ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, କଂଗ୍ରେସ ନେତା ଅସିତ ପଟ୍ଟନାୟକ, ସିଦ୍ଧାର୍ଥ ଦାସ, ନାରୀନେତ୍ରୀ ଶ୍ରଦ୍ଧାଞ୍ଜଳି ରାୟ, ସଞ୍ଜୁଲତା ମହାନ୍ତି, କର୍ପୋରେଟର ଅମରେଶ ଜେନା, ଯୁବନେତା ଉମାଶଙ୍କର ମିଶ୍ର, ଲକ୍ଷ୍ମୀଧର ବେହେରା, କିଶୋର ଗିରି ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇ ନିଜ ନିଜର ବକ୍ତବ୍ୟ ରଖିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ଗୁରୁତର



ବାଲିପାଟଣା ୨୪।୫ (ସମିସ): ଶନିବାର ବିଳମ୍ବିତ ରାତିରେ ଅଜଣା ଗାଡି ଧକ୍କାରେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ନିମନ୍ତେ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ପଠାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବିଳମ୍ବିତ ରାତିରେ ଯୁବକ ଜଣଙ୍କ ଘରକୁ ଫେରୁଥିବା ବେଳେ ବାଲିପାଟଣା ଛକ ନିକଟ ପାଇକରାୟ କମ୍ପ୍ଲେକ୍ସ ସାମ୍ନାରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ଯୁବକ ଜଣଙ୍କ ଗୁରୁତର ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ଯୁବକଙ୍କୁ ବାଲିପାଟଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଯୁବକ ଜଣଙ୍କ ବାଲିପାଟଣା ବାସିନ୍ଦା ବୋଲି ସୂଚନା ମିଳିଛି।

ଆମେ ଗାଁରୁ ଆସିଛୁ

## ସେଦିନର ଗାଁ ଆଉ ନାହିଁ



ଭୁବନେଶ୍ୱର, ୨୪।୫(ସମିସ): ଅଧିକାଂଶ ରାତିରେ ମୁଁ ଗାଁର ସ୍ୱପ୍ନ ଦେଖେ। ବେଳେବେଳେ ପୁଅକୁ ଶୁଣାଏ ଆମ ପିଲାଦିନର ଗାଁର କଥା। ତାକୁ ଏସବୁ ଗପ ପରି ଲାଗେ। ସେଇ ଗପ ଭିତରେ ହଜିଯାଇଥିବା ଗାଁର କାଦୁଆ ପଚପଚ ରାସ୍ତା, ବହଳ ଗଛପତ୍ର, ତୋଟା, ବିଲମାଳ କଥା ଆସେ।

ଏପରି ଅନେକ ପରିଚୟରେ ବଞ୍ଚୁଥିବା ମଣିଷ ହେଉଛନ୍ତି ପ୍ରକାଶକ ସରୋଜ ବଳ। ୧୯୯୬ ମସିହାରେ ପାଠ ପଢ଼ିବା ପାଇଁ ବାଣୀବିହାର ଆସିଥିଲେ। ପଢ଼ା ସରିବାବେଳକୁ ଭୁବନେଶ୍ୱର ତାଙ୍କୁ ଜୀବିକାର ଡୋରିରେ ବାନ୍ଧିଦେଇଥିଲା। ଏବେ ଦୀର୍ଘବର୍ଷ ଧରି ବରମୁଣ୍ଡାରେ ସେ ରହୁଛନ୍ତି। ବିଗତ କୋଡିଏ ବର୍ଷ ଧରି ନିଜର ପ୍ରକାଶନ ସଂସ୍ଥା 'ଟାଇମ୍ ପାସ' ଓ ଅନେକଗୁଡିଏ ସାହିତ୍ୟପତ୍ରିକା ତଥା ସଂଗଠନ ସହିତ ବୃତ୍ତିଗତ ଭାବେ ଜଡିତ ହୋଇ ରହିଛନ୍ତି। ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ ଅନ୍ତର୍ଗତ 'ଅର୍ଜୁନବିନ୍ଧା' ତାଙ୍କ ପୈତୃକ ଗାଁ। ଶୈଶବର ଅନେକ ବର୍ଷ ତାଙ୍କର ସେହି ଗାଁରେ ହିଁ କଟିଛି। ନିଜ ପିଲାବେଳର କିଛି କଥା ମନେ ପକାଇ ସେ କହିଥିଲେ, ପିଲାଦିନ ଏବେ ଏକ ତାଜା କ୍ଷତ। ସେ ଦିନସବୁ ଯେତେ ପଛେଇ ଯାଉଛି, ସେତିକି ଉଜ୍ଜ୍ୱଳ ଦିଶୁଛି ଗାଁର ଅଭୁଲା ଦିନସବୁ। ଗାଁରେ ତ ପ୍ରତି ସପ୍ତାହରେ ପର୍ବ। ଆମ ଠାକୁରବାଡ଼ିରେ ନିଇତି ଅନ୍ନଭୋଗ ହୁଏ। ସଂଧ୍ୟାବେଳେ ଭାଗବତ ପଢ଼ାହୁଏ। ପ୍ରତିଟି ସଂଧ୍ୟାରେ ଶଙ୍ଖ ଘଣ୍ଟା ଶୁଭିଲେ ଜୀବନ ଲାଗେ ଉତ୍ସବ। ବର୍ଷସାରା ତ ଅନେକ ପର୍ବପର୍ବାଣୀ। ରଜରେ ଗାଁ ତୋଟାରେ ଲାଗେ ପଟାଦୋଳି, ବାଉଁଶଦୋଳି। କୁଆଁରପୁନେଇରେ ଗାଁସାରା ଚଉଁରା ଆଗରେ ଚାଲେ କୁଆଁରୀ ଝିଅଙ୍କ ମେଳା। ଗାଁରେ ଦୁର୍ଗାମନ୍ଦିର ବି ଅଛି, ଦୁର୍ଗାପୂଜା ଧୁମଧାମରେ ପାଳିତ ହୁଏ ସେଠି। ଦୋଳପୁନେଇଁରେ ରାଧାକୃଷ୍ଣଙ୍କ ବିମାନ ବୁଲନ୍ତି ଏ ଗାଁରୁ ସେ ଗାଁ। ଘଣ୍ଟପାଟୁଆ, ଚକିରିଆପଣ୍ଡା, ପଠାଣସାହିର ତାଜିଆ, ସପ୍ତା, ଦୀପାବଳି, ମାଣବସା, ଅକ୍ଷୟତୃତୀୟା, ରାକ୍ଷୀପୁନେଇଁ, ଏମିତି ଲମ୍ବା ତାଲିକା। ଛୁଟିରେ ବର୍ଷକୁ ସେ ଦୁଇଥର ଗାଁକୁ ଯାଇଥାନ୍ତି। ଆଜିର ଗାଁ ସେଦିନର ଗାଁ ହେଇ ନାହିଁ ବୋଲି ଅନୁଭବ ହୁଏ। ତଥାପି ସେଇ ମାଟି-ପାଣି-ପବନରେ ଗଢା ଏ ଦେହ ଓ ମନ ଖୁବ୍ ଶାନ୍ତି ପାଏ। ଶେଷ ଜୀବନ ସେଇ ଗାଁରେ ହିଁ କାଟିବାକୁ ଶେଷ ଇଚ୍ଛା ରଖିଛନ୍ତି। ଚେହେରା ଓ ଚଳଣି ବଦଳିଯାଇଥିଲେ ବି ଗାଁର ଆତ୍ମା ତ ଅକ୍ଷୁଣ୍ଣ ଅଛି ବୋଲି ଶେଷ କେଇ ପଦରେ କହିଥିଲେ।

# ବୟସ ୮୦; ବୃଦ୍ଧଙ୍କୁ ଭତ୍ତା ଆଉ ମିଳିବ କେବେ



ଚମ୍ପୁଆ,୨୪।୫(ସମିସ): ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସରେ ଭତ୍ତାକୁ ଚାହିଁ ରହିଛନ୍ତି ନାକଫୁଡ଼ି ବାରିକ; ହେଲେ ୨ ବର୍ଷ ହେବ ତାଙ୍କୁ ପ୍ରଶାସନ ନିରାଶ କରିଆସୁଛି। ପୂର୍ବରୁ ତାଙ୍କୁ ଭତ୍ତା ମିଳୁଥିଲା। ୧୨.୦୬.୨୦୨୩ରୁ ସେ ଆଉ ଭତ୍ତା ପାଇପାରୁ ନାହାନ୍ତି। ଭତ୍ତା ପାଇଁ ପଞ୍ଚାୟତ ଅଫିସ ଦୌଡ଼ୁଥିଲେ ହେଁ ଅଫିସ ପକ୍ଷରୁ ତମ ଭତ୍ତା ବ୍ୟାଙ୍କରୁ ମିଳିବ ବୋଲି ତାଙ୍କୁ ଫେରାଇ ଦିଆଯାଉଛି। ମାତ୍ର ବ୍ୟାଙ୍କରେ ଯାଇ ଦେଖିଲା ବେଳକୁ ବ୍ୟାଙ୍କ ଖାତାକୁ ଭତ୍ତା ଅର୍ଥ ଆସୁନାହିଁ। ଏନେଇ ସେ ଚମ୍ପୁଆ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁସାରେ, ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ପଞ୍ଚାୟତର ବାଲିପୋଶି ଗ୍ରାମର ନାକଫୁଡି ବାରିକ ୬୦ ବର୍ଷ ପରେ ଭତ୍ତା ପାଇଆସୁଥିଲେ। ମାତ୍ର ୨୦୨୩ ପରଠାରୁ ସେ ଭତାରୁ ବଞ୍ଚିତ ହୋଇଛନ୍ତି। ବୟସର ଅପରାହ୍ନରେ ଏହି ବୃଦ୍ଧ ଭତ୍ତା ସାହାରାରେ ଜୀବନ ନିର୍ବାହ କରୁଥିବା ବେଳେ ନିରାଶ ହୋଇପଡିଛନ୍ତି। ସେ ପଞ୍ଚାୟତ ଅଫିସକୁ ଯାଇ ମଧ୍ୟ ନିରାଶ ହୋଇଥିଲା ବେଳେ ଏନେଇ ତାଙ୍କୁ କୌଣସି ପ୍ରକାର ସହଯୋଗ ବି ମିଳୁନାହିଁ। ବ୍ୟାଙ୍କ ଯାଇ ପାସବୁକ ଅପଡେଟ କଲା ବେଳକୁ ସେଠାକୁ ଅର୍ଥ ଆସୁ ନଥିବା ଜାଣିଥିଲେ। ଫଳରେ ସେ ବ୍ଲକ କାର୍ଯ୍ୟାଳୟରେ ଭତ୍ତା ବିଭାଗରେ ଶିବାନୀ ମାରାଣ୍ଡିଙ୍କୁ ପଚାରିବାରୁ ୩ ମାସ ଧରି ଜଣେ ଭତ୍ତା ନନେଲେ ଡିସକନେକ୍ସନ ହୋଇଯାଇଥାଏ; ଏଣୁ ନାକଫୁଡିଙ୍କର ପୁଣି ରିକନେକ୍ସନ କରାଯାଇ ତୁରନ୍ତ ତାଙ୍କୁ ପୁରୁଣା ବକେୟା ଭତ୍ତା ସହ ବର୍ତ୍ତମାନର ଭତ୍ତା ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

# ୫ ବର୍ଷ ତଳୁ ପାଇପ୍ ପୋତା, ପାତ୍ରସାହିରେ ମିଳୁନି ପାଣି



କେନ୍ଦୁଝର,୨୪।୫(ସମିସ): ଘରକୁ ଘର ଜଳଯୋଗାଣ ନମନ୍ତେ ୫ ବର୍ଷ ହେଲା ପାଇପ ପୋତା ହେଲାଣି। ଏପରିକି ସେଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି। ଲୋକଙ୍କୁ ଏହି ପ୍ରକଳ୍ପରୁ ପାଣି କେବେ ମିଳିବ ତାକୁ ନେଇ ଗ୍ରାମବାସୀ ସନ୍ଦେହ ପ୍ରକାଶ କରିବା ସହ ପାଣି ପାଇବା ନେଇ ଚିନ୍ତା ପ୍ରକାଶ କରିଛନ୍ତି। ସକାଳ ହେଲେ ମହିଳାମାନେ ଗରା ବାଲଟି ଆଦି ଧରି ଲମ୍ବାଧାଡି ହୋଇ ନଳକୂଅରେ ଛିଡ଼ା ହେଉଛନ୍ତି। ଏପରି ଘଟଣା ରହିଛି କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ୪ନଂ ୱାର୍ଡ ପାତ୍ର ସାହିରେ। ସାହିରେ ଶହେ ପରିବାର ୩୫୦ରୁ ଅଧିକ ଜନସାଧାରଣ ରହୁଛନ୍ତି। ମୁଖ୍ୟତଃ ପାନୀୟ ଜଳସମସ୍ୟା ଉତ୍କଟ ହୋଇଛି। ଏଠାରେ ତଳେ ବଡ଼ ଚଟ୍ଟାଣ କାରଣରୁ ନଳକୂଅ ସଫଳ ହେଉନାହିଁ। ୧୦୦୦/୨୦୦୦ ଫୁଟ ଖୋଳିଲେ ମଧ୍ୟ ପାଣି ବାହାରୁ ନାହିଁ। ତିନିଟି ନଳକୂଅ ଖୋଳା ହୋଇଥିଲେ ହେଁ ପାଣି ବାହାରୁ ନଥିବାରୁ ପ୍ରାଥମିକ ବିଦ୍ୟାଳୟ ପାଚେରି ଡେଇଁ ବାସିନ୍ଦା ପାଣି ସଂଗ୍ରହ କରୁଛନ୍ତି। ପୁରୁଣା ଥାନା ପଛପଟ ଶାଳପଡିଆ ନିକଟରେ ଅଭରହେଡ ପାଣି ଟାଙ୍କି ନିର୍ମାଣ ସରିଛି। ମାତ୍ର ପାନୀୟଜଳ ଯୋଗାଣ ଆରମ୍ଭ କରାଯାଇନାହିଁ। ପାତ୍ରସାହିରେ କେବଳ ମାଟିତଳେ ଠିକାଦାର ମାଟି ତଳେ ପାଇପ୍ ପୋତି ଦେଇ କାମ ସାରିଦେଇଥିବାବେଳେ ପ୍ରତ୍ୟେକ ଘରେ ଷ୍ଟାଣ୍ଡପୋଷ୍ଟ ବସାଯାଇନି। ଅଭିଯୋଗ ହୋଇ ଆସୁଥିଲେ ହେଁ ଏଦିଗରେ ପ୍ରଶାସନ କୌଣସି ଦୃଷ୍ଟି ଦେଉନି। ଲୋକେ ଯୋଜନାରୁ ବଞ୍ଚିତ ହୋଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। କେବେ ସୁବିଧା ମିଳିବ ଲୋକେ ପ୍ରଶ୍ନ କରିଛନ୍ତି। ଜିଲ୍ଲା ପ୍ରଶାସନ ପାନୀୟଜଳ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ରଜ ପାଇଁ ଚାଲିଛି ଦୋଳି ପ୍ରସ୍ତୁତି



ବେଲବାହାଳି, ୨୪।୫ (ସମିସ): କେନ୍ଦୁଝର ଜିଲ୍ଲାରେ ରଜ ପର୍ବକୁ ଗଣପର୍ବ ଭାବେ ପାଳନ କରାଯାଇଥାଏ। ଆଉ ଦିନ କେତୋଟି ପରେ ଆସୁଛି ରଜ। ଏନେଇ ଜିଲ୍ଲାରେ ସଜବାଜ ଆରମ୍ଭ ହୋଇଛି। ଗାଁ ମାନଙ୍କରେ ରଜ ପର୍ବକୁ ପାଳିବା ନେଇ ବିଭିନ୍ନ ସ୍ଥାନରେ ଖାଇ ଦୋଳି, ପଟା ଦୋଳି, ଦଉଡ଼ି ଦୋଳି, ଡ଼ଙ୍ଗା ଦୋଳି, ଚକିରି ଦୋଳି ପ୍ରସ୍ତୁତି ଚାଲିଛି। ଆନନ୍ଦପୁର ବ୍ଲକ ବେଲବାହାଳି, ବାରିଗାଁ, ଟୋଲଙ୍କପଡ଼ା, ପଦ୍ମପୁର,ଫକିରପୁର ସମେତ ଘସିପୁରାର ସାଇଁକୁଳ, ନରସିଂହପୁର, ଭଗାନଇ, ଅତାସାହି, ବାତୋ, କରଡ଼ାପାଳ, ମଛାଳ, ଖଣ୍ଡିଦୋଳି, ମଦନପୁର, ଢ଼ିଙ୍କିଆ ଆଦି ଗ୍ରାମରେ ରଜ ପର୍ବ ପ୍ରସ୍ତୁତି ଜୋରସୋରରେ ଚାଲିଛି। ରଜ ଓଡ଼ିଶାର ଏକ ପାରମ୍ପରିକ ପର୍ବ ଓ ରାଜ୍ୟର ଗଣପର୍ବ। ଏହା ତିନିଦିନ ଧରି ପାଳନ କରାଯାଇଥାଏ। ରଜ ସଂକ୍ରାନ୍ତର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିବସ ହେଉଛି ରଜ ସଂକ୍ରାନ୍ତି, ତୃତୀୟ ଦିବସ ହେଉଛି ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିବସ ହେଉଛି ବସୁମତୀ ସ୍ନାନ। ଏହି ଦିନରେ ଚାଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ତିନି ଦିନ ପାଇଁ ବିରତି ନେଇଥାନ୍ତି। ରଜରେ ପୋଡ଼ ପିଠା ଓ ପାନ ଖୁଆ ସହିତ ଝିଅମାନଙ୍କ ରଜ ଦୋଳି ଓ ପୁଚି ଖେଳ, ପୁଅମାନଙ୍କ ଲୁଡୁ, ତାସ, ବାଗୁଡ଼ି ଆଦି ଖେଳି ଏହି ଉତ୍ସବଟିକୁ ପାଳନ କରାଯାଇଥାଏ। ସେହିପରି ବଜରଙ୍ଗବଲ୍ଲୀ କ୍ଲବ ନରସିଂହପୁର ରଜ କମିଟିର ଯୁବକଙ୍କ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି।

# ଜବରଦଖଲରେ କମ୍ୟୁନିଟି ସେଣ୍ଟର



ରାମଚନ୍ଦ୍ରପୁର,୨୪।୫(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ବାତୋଠାରେ ସରକାରୀ ଗୃହକୁ ବଳପୂର୍ବକ ଜବରଦଖଲ କରାଯାଇଥିବା ଅଭିଯୋଗ ହେଉଛି। କେନ୍ଦୁଝର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷରେ ବାତୋ ପଞ୍ଚାୟତ ଅତାରେ ଅଢେଇ ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିବା କମ୍ୟୁନିଟି ସେଣ୍ଟରକୁ ସେହି ଗ୍ରାମର ଜଣେ ବ୍ୟକ୍ତି ତାଲା ମାରି ସିମେଣ୍ଟ ଗୋଦାମ ଘର ଭାବେ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। କମ୍ୟୁନିଟି ସେଣ୍ଟରକୁ କାହିଁକି ତାଲା ମାରିଛ ବୋଲି ଗ୍ରାମବାସୀ ପଚାରିଲେ ସେ ଗୃହ ଛାଡ଼ିବାକୁ ପ୍ରସ୍ତୁତ ନଥିବା ଜଣାପଡ଼ିଛି। ଏକ ବର୍ଷ ତଳୁ ଏହି ଗୃହ ନିର୍ମାଣ କାର୍ଯ୍ୟ ସରିଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦୀପ୍ତିରଞ୍ଜନ ସ୍ୱାଇଁ ପ୍ରକାଶ କରିଥିଲେ ସୁଦ୍ଧା ତାହା ସର୍ବସାଧାରଣଙ୍କ କାମରେ ନଆସି କିପରି ଜଣେ ବ୍ୟକ୍ତିଙ୍କ ଅକ୍ତିଆରରେ ରହିଛି, ତାହା ତଦନ୍ତ ସାପେକ୍ଷ। ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଗୁଞ୍ଜରଣ ସୃଷ୍ଟି ହେଇଛି। ଜିଲ୍ଲା ତଥା ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ହେଉଛି।

**■ ମେଗା ଠିକାସଂସ୍ଥା ପାଇଁ ବର୍ଷାଜଳ ପଶିଲା ଘରେ**

# ଦେଓଗାଁ ରାସ୍ତା ଅବରୋଧକଲେ ମହିଳା



ଆନନ୍ଦପୁର/ବେଲବାହାଳି, ୨୪।୫ (ସମିସ): ପାଇପ ଯୋଗେ ପାନୀୟଜଳ ଯୋଗାଣ ପାଇଁ ଖୋଳା ଯାଇଥିବା ଗାତ ଯୋଗୁଁ ଅଦିନିଆ ବର୍ଷାଜଳ ନିଷ୍କାସନ ହୋଇ ନପାରି ଘରେ ପଶିଯିବା ଘଟଣାରେ ଉତ୍ତେଜନା ସୃଷ୍ଟି ହୋଇଛି। ନିର୍ମାଣକାରୀ ମେଗା ଠିକାସଂସ୍ଥାର ମନମାନି ପ୍ରତିବାଦରେ ଦେଓଗାଁ ଗ୍ରାମର ମହିଳାମାନେ ଦେଓଗାଁ-ନାରଙ୍ଗପୁର ରାସ୍ତାକୁ ଅବରୋଧ କରିଥିବାରୁ ଉତ୍ତେଜନା ପ୍ରକାଶ ପାଇଛି। ଆଜିକୁ ତିନିଦିନ ଧରି ପ୍ରତିଦିନ ଅପରାହ୍ନରେ ଅଦିନିଆ ବର୍ଷା ଯୋଗୁଁ ଦେଓଗାଁ ମୁଖ୍ୟ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହି ଘରେ ପାଣି ପଶିଯାଇଛି। ଦେଓଗାଁ ପଞ୍ଚାୟତରେ ମେଗା ପ୍ରୋଜେକ୍ଟ ପାଣି ପାଇପ ପାଇଁ ରାସ୍ତା ଖୋଳି ଦେଇଥିବାରୁ ଲଗାଣ ବର୍ଷାରେ ବର୍ଷାପାଣି ନିଷ୍କାସନ ନହୋଇ ରାସ୍ତାରେ ଆଣ୍ଠୁଏ ପାଣି ଜମିରହି ବା ପରେ ଘରେ ପଶିଯାଇଥିଲା। ବର୍ଷା ପାଣି ରାସ୍ତାରେ ଜମି ରହିବା ଯୋଗୁଁ ଲୋକଙ୍କ ଘରେ ପାଣି ପଶି ଧାନ, ଚାଉଳ ଓ ଅନେକ ଜିନିଷ ପତ୍ର ନଷ୍ଟ ହୋଇଯାଇଛି। ବର୍ଷା ପାଣି ଘରେ ପଶି କ୍ଷତି ହୋଇଥିବା ଲୋକେ କ୍ଷୟକ୍ଷତି ଦାବିରେ ଘଷିପୁରାରୁ ରେମାଳ, ବ୍ରାହ୍ମଣୀପାଳ ରୁ ଘଷିପୁରା ଓ ରେମାଳରୁ ଯାଜପୁର ମୁଖ୍ୟରାସ୍ତା ଚାରି ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅବରୋଧ ଥିବାରୁ ଗାଡି ଚଳାଚଳ ବନ୍ଦ ରହିଥିଲା। ହେଲେ କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳକୁ ଯାଇ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ପୋଲ ଉପରେ ଓଲଟିଲା ଟ୍ରେଲର୍



ତୁରୁମୁଙ୍ଗା, ୨୪।୫(ସମିସ): କେନ୍ଦୁଝର ଜିଲ୍ଲା ସ୍ୱାମ ସିମୁଳି ନାଳ ପୋଲ ଉପରେ ଶନିବାର ମଧ୍ୟାହ୍ନରେ ଏକ ଷ୍ଟିଲ ପ୍ଲେଟ ବୋଝେଇ ଟ୍ରେଲର ଭାରସାମ୍ୟ ହରାଇ ଓଲଟି ପଡିଛି। କଳିଙ୍ଗନଗରରୁ ଜାମସେଦପୁରକୁ ଷ୍ଟିଲ ପ୍ଲେଟ ବୋଝେଇ କରି ଯାଉଥିବା ୨୨ ଚକିଆ ଟ୍ରେଲରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ବେଳେ ଦୁର୍ଘଟଣା ପରେ ଉକ୍ତ ରାସ୍ତା ଦେଇ ଗାଡ଼ି ଚଳାଚଳ କିଛି ସମୟ ବ୍ୟାହତ ହୋଇଥିଲା। ପରେ ପୁଲିସ ପକ୍ଷରୁ ଗାଡ଼ିକୁ ହଟାଯିବା ପରେ ଚଳାଚଳ ସ୍ୱାଭାବିକ ହୋଇଥିଲା।

# କଇଁସିଆରୀ ଗୌଡିଓ ମଠରେ ପଖାଳ ମହୋତ୍ସବ



ରାମଚନ୍ଦ୍ରପୁର,୨୪।୫(ସମିସ): ପଖାଳ ମହୋତ୍ସବ ପାଇଁ ଉତ୍ସବମୁଖର ହୋଇ ଉଠିଛି ଘସିପୁରା ବ୍ଲକ ଅନ୍ତର୍ଗତ କଇଁସିଆରୀ ଗୌଡିଓ ମଠ। ଦିନତମାମ୍ ମଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି। ମଠ ମହନ୍ତ ପ୍ରେମାନନ୍ଦ ଦାସ ମହାରାଜଙ୍କ ପୌରହିତ୍ୟରେ ହରି ନାମ ସଂକୀର୍ତ୍ତନ ସହ ହୋମଯଜ୍ଞ ସମ୍ପାଦନ କରାଯାଉଛି। ମଠର ଆରାଧ୍ୟ ପ୍ରଭୁ ପତିତପାବନଙ୍କ ନିକଟରେ ସୁସ୍ୱାଦୁ ବ୍ୟଞ୍ଜନ ସହ ଦହି ପଖାଳ ସମର୍ପଣ କରାଯିବା ପରେ ଶହଶହ ଶ୍ରଦ୍ଧାଳୁଙ୍କୁ ବିତରଣ କରାଯାଇଛି। ମଠ ମହନ୍ତ ପଖାଳ ମହୋତ୍ସବର ଇତିବୃତ୍ତି ସହ ପଖାଳର ମହାତ୍ମ୍ୟ ବିଷୟରେ ଭକ୍ତଙ୍କୁ ମାର୍ଗଦର୍ଶନ କରିଛନ୍ତି। ଦହି ପଖାଳ ମହୋତ୍ସବ ପରେ ପ୍ରଭୁଙ୍କ ଦେବସ୍ନାନ ନୀତି ସମ୍ପନ୍ନ ହୋଇଥାଏ ବୋଲି ବିଶ୍ୱାସ ରହିଆସିଛି। ଆଦି ଗୌଡିଓ ମଠର ମହନ୍ତ ସ୍ୱର୍ଗତ ରାଇଚରଣ ମହାରାଜାଙ୍କ ଦ୍ୱାରା ଏହି ପଖାଳ ମହୋତ୍ସବ କାହିଁ କେତେ ବର୍ଷ ତଳୁ ମଠ ପରିସରରେ ପାଳିତ ହୋଇଆସୁଥିଲା। ତାଙ୍କର ସ୍ୱର୍ଗବାସ ପରେ ତାଙ୍କ ପଟ ଶିଶ୍ୟ ପ୍ରେମାନନ୍ଦ ଦାସ ମହାରାଜ ଏହି ପରମ୍ପରାକୁ ବଜାୟ ରଖି ଆସିଛନ୍ତି। ଶ୍ରଦ୍ଧାଳୁ ଭକ୍ତଙ୍କ ଅକୁଣ୍ଠ ସହଯୋଗରେ ଏହି ପରମ୍ପରା ଚାଲି ଆସୁଛି। ଆଖ ପାଖ ମଠ ମନ୍ଦିର ତଥା ପଡୋଶି ଯାଜପୁର ଜିଲ୍ଲାରୁ ମଧ୍ୟ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରଭୁ ପତିତପାବନଙ୍କ ସାନିଧ ଲାଭ କରିବା ସହ ଦହି ପଖାଳର ମଜା ନେଇଥାନ୍ତି।

# ବାଙ୍ଗୋର କ୍ରୋମାଇଟ୍ ମାଇନ୍ସରୁ ପରିବହନ ନେଇ ଅସନ୍ତୋଷ

ସୋସୋ,୨୪।୫(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ବାଙ୍ଗୋର ପଞ୍ଚାୟତରେ ବାଙ୍ଗୋର ଓଏମସି କ୍ରୋମାଇଟ ମାଇନ୍ସ ରହିଛି। ଗତ ଅକ୍ଟୋବର ୨୦୨୪ରୁ ବାଙ୍ଗୋର ଓ ଧନୁର୍ଜୟପୁର ପଞ୍ଚାୟତର ଟ୍ରକ୍ ମାଲିକମାନଙ୍କୁ କୋଟାଠାରୁ ଅଧିକ ସିଂହ ଭାଗ ଦେବାକୁ ଦାବିକରି ପରିବହନକୁ ବନ୍ଦ କରିଥିଲେ। ଏହାକୁ ନେଇ ଦୁଇ ତିନି ଥର ବୈଠକ ହୋଇଥିଲେ ବି ସମାଧାନ ହୋଇପାରିନାହିଁ।

କେନ୍ଦୁଝର ଟ୍ରକ୍ ମାଲିକ ସଙ୍ଘର ନିର୍ବାଚନ ପରେ ନୂତନ ସଭାପତି ଓ ସମ୍ପାଦକ ନିର୍ବାଚିତ ହେବା ପରେ ତାଙ୍କ ସମର୍ଥକ ଟ୍ରକ୍ ମାଲିକମାନେ ନିଜ ଗାଁର ଥିବା ଖଣିରୁ ସିଂହ ଭାଗ ନେବାକୁ ଦାବି କରୁଛନ୍ତି। ଏହାମଧ୍ୟରେ ସାତ ମାସ ବିତି ଯାଇଛି। ପରିବହନ ବନ୍ଦ କରାଯାଇଥିବାବେଳେ ଏବେ ଗତ ରବିବାର ୧୮ ତାରିଖରେ ବଉଳା କଲେଜ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲିବରେଇ, ସୋସୋ, ପଢିଆରିପଲ୍ଲୀ ଆଦି ବିଭିନ୍ନ ପଞ୍ଚାୟତର ଟ୍ରକ୍ ମାଲିକଙ୍କୁ ନେଇ ବୈଠକ ହୋଇଥିବାବେଳେ ବାଙ୍ଗୋର ଓ ଧନୁର୍ଜୟପୁର ଟ୍ରକ୍ ମାଲିକଙ୍କୁ ଡକାଯାଇ ନଥିଲା। ବୈଠକରେ ବାଙ୍ଗୋର ପଞ୍ଚାୟତର ଟ୍ରକ୍ ମାଲିକଙ୍କୁ ସିଂହ ଭାଗ ନଦେଇ ଯୋର ଜବରଦସ୍ତ ଟ୍ରକ୍ ମାଲିକ ସଙ୍ଘ ପରିବହନ କରିବାକୁ ନିଷ୍ପତ୍ତି ହୋଇଥିବା ନେଇ କୁହାଯାଇଛି। ଯଦି ଟ୍ରକ୍ ମାଲିକ ସଙ୍ଘ ଆମର ଦାବୀକୁ ପୂରଣ ନକରି ଯୋର ଜବରଦସ୍ତ ପରିବହନ କରିବାକୁ ଉଦ୍ୟମ କରେ ତେବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ମୋହନ କୁମାର ସାହୁ, ନିରୋଦ କୁମାର ମଲ୍ଲିକ, ତ୍ରିଲୋଚନ, ସରୋଜ କୁମାର ସାହୁ, ନନ୍ଦକିଶୋର ସାହୁ, ବେଣୁଧର ସାହୁ, ଯୋଗେନ୍ଦ୍ର ସାହୁ, ଅକ୍ଷୟ କୁମାର ସାହୁ, ଜୟକୃଷ୍ଣ ସାହୁ, ପ୍ରଦୀପ କୁମାର ସାହୁ, ଅନାଦି ଚରଣ ସାହୁ, ନିର୍ମଳ ପରିଡା, ଶୁଭେନ୍ଦୁ ଜେନା ପ୍ରମୁଖ ଓଏମସି ମ୍ୟାନେଜର, ସୋସୋ ଥାନା, ବଉଳା ଫାଣ୍ଡି ଓ ଏସଡିପିଓ ଆନନ୍ଦପୁରଙ୍କୁ ଲିଖିତ ଜଣାଇଛନ୍ତି। ଏହାକୁ ନେଇ ଟ୍ରକ୍ ମାଲିକ ସଙ୍ଘରେ ଅସନ୍ତୋଷ ବୃଦ୍ଧି ପାଇବା ସହିତ ଟ୍ରକ୍ ମାଲିକ ସଙ୍ଘ ମଧ୍ୟରେ ବିବାଦ ଦେଖାଦେଇଛି।

# ରାଜସ୍ୱ କର୍ମଚାରୀଙ୍କୁ ଆକ୍ରମଣ ମାମଲାରେ ଅଭିଯୁକ୍ତ ଖଲାସ

ଆନନ୍ଦପୁର, ୨୪।୫ (ସମିସ): ୨୦୧୬ରେ ବହୁଚର୍ଚ୍ଚିତ ଆନନ୍ଦପୁର ତହସିଲର ରାଜସ୍ୱ ବିଭାଗର କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତମାନେ ଖଲାସ ହୋଇଛନ୍ତି। ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଦେବଦତ୍ତ ଦାସ ମହାପାତ୍ର ଏହି ମାମଲାର ବିଚାରକରି ୫ଜଣ ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି। ୨୦୧୬ ମେ ୧୯ ତାରିଖରେ ଆରଆଇ ଶରଣ ଦାସ ଓ ଏଆରଆଇ ନକୁଳ ସେଠୀ ଆନନ୍ଦପୁର ତହସିଲ କଣ୍ଟିପାଳ ସର୍କଲର ବରିଡିହା ଗ୍ରାମ ନିକଟରେ ବେଆଇନ୍ ମାଟି ଚାଲାଣ କରାଯାଉଥିବା ଖବରପାଇ ଯାଇଥିବାବେଳେ ତାଙ୍କୁ ଆକ୍ରମଣ ହୋଇଥିଲା। କଣ୍ଟିପାଳ ଗ୍ରାମର ନିରଞ୍ଜନ ବେହେରା, ଇନ୍ଦ୍ର ନାହାକ, ଜଳଧର ନାହାକ, ପ୍ରଦୀପ ବେହେରା, ଦୈତାରୀ ନାହାକ ପ୍ରମୁଖ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଆନନ୍ଦପୁର ପୁଲିସ୍ ଏକ ମାମଲା ରୁଜୁକରି ଦୁଇଜଣଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାର ସମୟରେ ମୋଟ୍ ୧୭ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିବାବେଳେ ୫ ଜଣ ଅଭିଯୁକ୍ତଙ୍କୁ ଖଲାସ୍ କରି ଦିଆଯାଇଛି। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ମିଶ୍ର କେସ୍ ଲଢୁଥିଲେ। ସରକାରୀ ଓକିଲ ବାଇଧର ସେଠୀ ମାମଲା ପରିଚାଳନା କରୁଥିଲେ।

# ଅସ୍ତିତ୍ୱ ହରାଇବ କାଶୀଆ ନାଳ



ଯୋଡ଼ା, ୨୪।୫(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅନ୍ତର୍ଗତ କାରାଖେଣ୍ଡରା ପଞ୍ଚାୟତ କୋଲ୍ହ ବରପଦା ଗ୍ରାମରେ ସ୍ଥାପନ ହେବାକୁ ଥିବା ଏକ ବେନିଫିସିଏସନ କାରଖାନାକୁ ନେଇ ଚିନ୍ତାରେ ଅଞ୍ଚଳବାସୀ। ଏନେଇ ଏକ ଜନଶୁଣାଣି କାର୍ଯ୍ୟକ୍ରମ କରାଯାଇଥିଲା ବେଳେ ଏଥିରେ ଗ୍ରାମବାସୀ କାରଖାନା ସ୍ଥାପନକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷ କରି ସେମାନେ କାଶୀଆ ନାଳର ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସ୍ଥାନୀୟ ଅଧିବାସୀ ଏହି ନାଳର ପାଣିକୁ ବ୍ୟବହାର କରି ଆସୁଛନ୍ତି। ଏହା ନିକଟରେ କାରଖାନା ପ୍ରତିଷ୍ଠା ହେଲେ କାଶୀଆ ନାଳ ତାର ଜଳ ଧାରଣ କ୍ଷମତା ହରାଇବ। କାରଖାନା ହେଲେ ଆଗକୁ ପାଣି ଆଉ ବ୍ୟବହାର ପାଇଁ ମିଳିବନି ବୋଲି ଗ୍ରାମବାସୀ ଆଶଙ୍କା କରି ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରୁଛନ୍ତି। ଅନ୍ୟପକ୍ଷରେ, ଜନଶୁଣାଣିରେ ସ୍ଥାନୀୟ ଲୋକଙ୍କୁ ଦିଆଯାଉଥିବା ପ୍ରତିଶ୍ରୁତି ଏବଂ ସ୍ଥାନୀୟ ପରିବେଶକୁ ସୁରକ୍ଷା ନେଇ ଆଲୋଚନା କେବଳ ପ୍ରହସନ ବୋଲି ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ କାରଖାନା ପ୍ରତିଷ୍ଠା କରୁଥିବା ଦୁବେ ବ୍ରଦର୍ସ ପକ୍ଷରୁ ପ୍ରଦୀପ ଦୁବେ କହିଛନ୍ତି ଯେ ଏହା ଏକ ଛୋଟ ୱାସିଙ୍ଗ ପ୍ଲାଣ୍ଟ, ବର୍ଷକୁ ପ୍ରାୟ ଦେଢ଼ ଲକ୍ଷ ଟନ ଲୁହାପଥର ୱାସିଙ୍ଗ କରାଯିବ। କାରଖାନା ପାଇଁ ଆବଶ୍ୟକ ହେଉଥିବା ଜଳକୁ ନିକଟସ୍ଥ କାଶୀଆ ନାଳରୁ ବ୍ୟବହାର ପାଇଁ ଅନୁମତି ମଗାଯିବ ବା ଗ୍ରାଉଣ୍ଡ ୱାଟର ବ୍ୟବହାର କରାଯିବ। ଏପରି ହେଲେ ନିକଟରେ ଥିବା ଯନବସତି ବହୁ କ୍ଷତି ସହିବେ, କୂଅ ନଳ କୂଅ ଶୁଖିଯିବ, କାଶୀଆ ନାଳ ଶୁଖିଯିବ ତେଣୁ ଏହାକୁ ସରକାର ପ୍ରାଧାନ୍ୟ ଦେବାକୁ କହିଛନ୍ତି। ଏ ସମ୍ପର୍କରେ ରାଜ୍ୟ ପ୍ରଦୂଷଣ ବୋର୍ଡର କେନ୍ଦୁଝର ଜିଲ୍ଲା ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କୁମାର କର କହିଛନ୍ତି ଯେ ଏହି ବେନିଫିସିଏସନ କାରଖାନାକୁ ଭୂତଳ ଜଳର ଅନୁମତି ମିଳିବ ନାହିଁ। ଭୂତଳ ଜଳ କେବଳ ଘରୋଇ ବ୍ୟବହାର ପାଇଁ ଅନୁମତି ମିଳିଥାଏ। ବ୍ୟବସାୟିକ କିମ୍ବା ଶିଳ୍ପ ପାଇଁ ଏହାର ଅନୁମତି ନାହିଁ। ଏଥିରୁ ସ୍ପଷ୍ଟ ହେଉଛି ଯେ ଦୁବେ ବ୍ରଦର୍ସ ସ୍ଥାପନ କରୁଥିବା ବେନିଫିସିଏସନ କାରଖାନାରେ କାଶୀଆ ନାଳ ଉପରେ ପ୍ରଭାବ ପଡ଼ିବ ଏବଂ ଆଗାମୀ ଦିନରେ ଏହା ଅସ୍ତିତ୍ୱ ହରାଇବାର ଆଶଙ୍କା ପ୍ରକାଶ ପାଇଛି।

**■ ଧ୍ୱଂସାଭିମୁଖୀ ଗଡ଼ଖାଇ ଶିଆଡ଼ି ମାଳିଆ**

# ଅବାଧରେ ଚାଲିଛି ମାଟି ଚୋରା ଚାଲାଣ



ଆନନ୍ଦପୁର, ୨୪।୫ (ସମିସ): ଐତିହାସିକ ଗଡ଼ଖାଇ ଶିଆଡି ମାଳିଆ ସଂରକ୍ଷିତ ସରକାରୀ ଜମିରୁ ପ୍ରତିଦିନ ଶହ ଶହ ଟ୍ରିପ ମାଟି ଚୋରି ହୋଇ ଉପଖଣ୍ଡର ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିଲେ ମଧ୍ୟ ଆନନ୍ଦପୁର ପ୍ରଶାସନ କଟକଣା କରୁ ନଥିବାରୁ ଦିନକୁ ଦିନ ଏହି କାରବାର ଅନାୟସରେ ଚାଲିଛି। ରାତିତମାମ ମେସିନ ସହାୟତାରେ ମାଟି ଖନନ କରି କରି ଟ୍ରାକ୍ଟର ଯୋଗେ ଚାଲାଣ ହେଉଛି। ଏହି ଚୋରା କାରବାର ଉପରେ କଟକଣା ଜାରି ନକଲେ ଐତିହ୍ୟ ସମ୍ପନ୍ନ ଗଡ଼ଖାଇର ସୌନ୍ଦର୍ଯ୍ୟ ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି। ଶିଆଡିମାଳିଆସ୍ଥିତ ଗଡ଼ଖାଇର ସୁରକ୍ଷା ପାଇଁ ବନୀକରଣ କରାଯାଇଛି। ଏଠାରେ ଥିବା ଜଳପୁଟକୁ ଉନ୍ନତିକରଣ କରାଯିବା ପାଇଁ ବନବିଭାଗ ପକ୍ଷରୁ ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଦିଆଯାଇଛି। ମନୋରମ ପରିବେଶ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଆଗନ୍ତୁକଙ୍କୁ ଆକର୍ଷିତ କରୁଥିବା ବେଳେ ମାଟି ଚୋରି ଯୋଗୁଁ ଏହି ମନୋରମ ସ୍ଥାନ ଧ୍ୱଂସ ହେବାରେ ଲାଗିଛି। ଏହାକୁ ଦର୍ଶନୀୟ ସ୍ଥାନରେ ପରିଣତ କରି ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ପ୍ରକୃତି ପ୍ରେମୀମାନେ ଦାବି କରିଆସୁଛନ୍ତି। ଆନନ୍ଦପୁର ଉପଜିଲ୍ଲାପାଳ ଯଥାଶୀଘ୍ର ମାଫିଆଙ୍କ ଏପରି ମାଟି ଚୋରା କାରବାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗଡ଼ଖାଇ ଶିଆଡିମାଳିଆ ଭୂଭାଗକୁ ଉପଯୁକ୍ତ ସୁରକ୍ଷା ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହୋଇଛି।

# ସାପ କାମୁଡ଼ାରେ ଯୁବକ ମୃତ

ଆନନ୍ଦପୁର, ୨୪।୫ (ସମିସ): ନନ୍ଦିପଦା ଗ୍ରାମର ବିଜୟ ଦାସଙ୍କ ଏକମାତ୍ର ପୁଅ ଶକ୍ତି (୨୨) ଘରେ ଶୋଇଥିବା ବେଳେ ଏକ ବିଷଧର ସାପ କାମୁଡ଼ିଦେବାରୁ ତାଙ୍କ ମୃତ୍ୟୁ ଘଟିଛି। ପରିବାର ଲୋକ ଆନନ୍ଦପୁର ଡାକ୍ତରଖାନାକୁ ଆଣିଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ଏକମାତ୍ର ପୁଅର ମୃତ୍ୟୁରେ ପରିବାର ଲୋକେ ଆତ୍ମହରା ହୋଇପଡ଼ିଥିବା ବେଳେ ଉକ୍ତ ଅଞ୍ଚଳରେ ଦୁଃଖ ପ୍ରକାଶ ପାଇଛି। ଅସହାୟ ପରିବାର ବର୍ଗଙ୍କୁ ସହାୟତା ଯୋଗାଇଦେବା ପାଇଁ କାଉନସିଲର ସୁରେନ୍ଦ୍ର ଦାସ ଓ ସନତ କର ଦାବି ଜଣାଇଛନ୍ତି।

### ଉଠା ବ୍ୟବସାୟୀଙ୍କ ପାଇଁ ନାହିଁ ଆବଶ୍ୟକ ମାର୍କେଟ୍ କମ୍ପ୍ଲେକ୍ସ

# ମୁଖ୍ୟ ରାସ୍ତା ପାର୍ଶ୍ୱରେ ବ୍ୟବସାୟ, ଦୁର୍ଦ୍ଦଶା ଭୋଗୁଛନ୍ତି ଯାତ୍ରୀ

କୋରୁକୋଣ୍ଡା, ୨୪।୫ (ସମିସ)



ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସହରରେ ଥିବା ଉଠା ବ୍ୟବସାୟୀଙ୍କ ନିମନ୍ତେ ସହରର ଦୈନିକ ବଜାର ସମେତ କାଳୀଛକଠାରେ ଭେଣ୍ଡିଙ୍ଗ ଜୋନ ନିର୍ମାଣ କରାଯାଇଛି। କିନ୍ତୁ ପ୍ରତିଦିନ ବାଲିମେଳା ସହରରେ ଥିବା ଉଠା ବ୍ୟବସାୟୀଙ୍କ ସମେତ ଆଖପାଖ ବିଭିନ୍ନ ଗ୍ରାମରୁ ପନିପରିବା ସମେତ ବିଭିନ୍ନ ସାମଗ୍ରୀ ଗୁଡିକୁ ବିକ୍ରି କରିବା ପାଇଁ ସହରକୁ ଆସୁଥିବା ବ୍ୟବସାୟୀଙ୍କ ଆବଶ୍ୟକତା ଠାରୁ ବହୁତ କମ୍ ଭେଣ୍ଡିଙ୍ଗ ଜୋନ୍ ରହିଛି। ଯାହା ଫଳରେ ଉଠା ବ୍ୟବସାୟୀ ଓ ଚାଷୀ ମାନେ ନିରୂପାୟ ହୋଇ ସହରର ବିଭିନ୍ନ ଅଞ୍ଚଳରେ ଥିବା ମୁଖ୍ୟ ରାସ୍ତା କଡରେ ବସି ବ୍ୟବସାୟ କରୁଛନ୍ତି। ଫଳରେ ରାସ୍ତା ଉପରେ ସର୍ବଦା ଟ୍ରାଫିକ ସମସ୍ୟା ଲାଗି ରହୁଛି। ପ୍ରତିଦିନ ଏହି ରାସ୍ତା ଦେଇ ଯାତାୟତ କରୁଥିବା ଯାତ୍ରୀମାନେ ନାହିଁ ନଥିବା ଦୁର୍ଦଶା ଭୋଗୁଥିବା ଅଭିଯୋଗ ହୋଇଛି। ଏଥିଯୋଗୁଁ ଅନେକ ସମୟର ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଥିବା ନଜିର ରହିଛି। ମୁଖ୍ୟତଃ ବାଲିମେଳା ଏଏନଏସିରେ ଯେତିକି ଭେଣ୍ଡିଙ୍ଗ ଜୋନ ରହିଛି, ସେଗୁଡିକୁ ଏଏନଏସି କର୍ତ୍ତୃପକ୍ଷଙ୍କ ତରଫରୁ ବାଲିମେଳା ସହରର କିଛି ଉଠା ବ୍ୟବସାୟୀଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ କିଛି ବ୍ୟବସାୟୀ କିଛିଦିନ ସେଠାରେ ସେମାନଙ୍କର ଦୋକାନ ଖୋଲି ବ୍ୟବସାୟ ଆରମ୍ଭ କରିଥିଲେ। ହେଲେ ବାହାର ଅଞ୍ଚଳରୁ ଆସୁଥିବା ଶତାଧିକ ଚାଷୀ ଓ ବ୍ୟବସାୟୀ ଏବଂ ସ୍ଥାନୀୟ କିଛି ବ୍ୟବସାୟୀଙ୍କ ଆବଶ୍ୟକତା ଅନୁଯାୟୀ ଭେଣ୍ଡିଙ୍ଗ ଜୋନ କିମ୍ବା ମାର୍କେଟ କମ୍ପ୍ଲେକ୍ସ ନଥିନାରୁ ସେମାନେ ରାସ୍ତା କଡ଼ରେ ବସି ବ୍ୟବସାୟ କଲେ। ଫଳରେ ଭେଣ୍ଡିଙ୍ଗ ଜୋନ ନେଇଥିବା ବ୍ୟବସାୟୀ ମାନଙ୍କର ବେପାର ଧୀରେ ଧୀରେ ହ୍ରାସ ପାଇଲା। ସେଥିପାଇଁ ଉକ୍ତ ବେପାରୀ ମାନେ ନେଇଥିବା ଉକ୍ତ ଭେଣ୍ଡିଙ୍ଗ ଜୋନକୁ ଛାଡି ରାସ୍ତା କଡ଼ରେ ବସି ବ୍ୟବସାୟ କରୁଛନ୍ତି। ଗତ ୧୯୮୪ ମସିହାରୁ ସେମାନେ ଏଏନଏସିକୁ ଦୈନିକ ମହାସୁଲ ନିୟମିତ ଦେଇ ଆସୁଛନ୍ତି। ତେବେ ଉଠା ବ୍ୟବସାୟୀମାନଙ୍କ କହିବାନୁସାରେ ବାଲିମେଳା ଏନ୍ଏସି କର୍ତ୍ତୃପକ୍ଷ ତୁରନ୍ତ ବାଲିମେଳା ସହରରେ ନୂତନ ଜାଗା ଚିହ୍ନଟ କରି ସେଠାରେ ବାଲିମେଳା ସହରକୁ ପ୍ରତିଦିନ ଆସୁଥିବା ସମସ୍ତ ଉଠା ବ୍ୟବସାୟୀଙ୍କ ନିମନ୍ତେ ଏକ ନୂତନ ମାର୍କେଟ କମ୍ପ୍ଲେକ୍ସ ଏବଂ ଆଶ୍ୟକତା ଅନୁସାରେ ଭେଣ୍ଡିଙ୍ଗ ଜୋନ ଯୋଗାଇ ଦେବାକୁ ନିବେଦନ କରାଯାଇଛି। ତେବେ ଏନଏସି କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ସହ ଗ୍ରହଣ କରି ଏହାର ସ୍ଥାୟୀ ସମାଧାନ କରିବା ଦିଗରେ ତୁରନ୍ତ ଉପଯୁକ୍ତ ପଦକ୍ଷପ ଗ୍ରହଣ କରିବାକୁ ଉଠା ବ୍ୟବସାୟୀ ମାନଙ୍କ ସମେତ ସହରବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବାଲିମେଳା ଏନଏସିର ନିର୍ବାହୀ ଅଧିକାରୀ ମୁନା ତୁର୍କଙ୍କୁ ପଚାରିବାରୁ ସେ କହିଥିଲେ ଯେ, ନୂତନ ମାର୍କେଟ କମ୍ପ୍ଲେକ୍ସ ଏବଂ ଭେଣ୍ଡିଙ୍ଗ ଜୋନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନଙ୍କ ସହ ଆଲୋଚନା କରାଯିବ ଏବଂ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଏହାକୁ ନିର୍ମାଣ କରିବା ପାଇଁ ବହୁ ଶୀଘ୍ର ପ୍ରପୋଜା୍ ପଠାଯିବ ବୋଲି ସେ କହିଥିଲେ।

## ଜନଗହଳି ରାସ୍ତାରେ ବିଦ୍ୟୁତ୍ ଖମ୍ବ, ଶୁଖିଲା ଗଛ



ପଦ୍ମପୁର, ୨୪।୫(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ ଅନ୍ତର୍ଗତ ଦୁଇଟି ଜନଗହଳିପୂର୍ଣ୍ଣ ରାସ୍ତାରେ ବିପଦସଙ୍କୁଳ ଭାବେ ବିଦ୍ୟୁତ୍ ଖମ୍ବ ରହିଛି। ସେହିପରି ଏକ ଶୁଖିଲା ଗଛ ମଧ୍ୟ ରାସ୍ତା କଡ଼ରେ ଝୁଲନ୍ତା ଅବସ୍ଥାରେ ରହିଛି।

**● ଅଘଟଣ ପୂର୍ବରୁ ପ୍ରତିକାର ଦାବି**

ସୂଚନା ଅନୁସାରେ ପଦ୍ମପୁର ସହର ଖମାପଦରଠାରୁ ସୁନାରିଘାଇ ପର୍ଯ୍ୟନ୍ତ ଲମ୍ବିଥିବା ପିଡବ୍ଲୁଡି ରାସ୍ତା ପାର୍ଶ୍ୱରେ ଏକ ଖୋଲାରେ ବିଦ୍ୟୁତ୍ ଖମ୍ବ ରହିଥିବା ବେଳେ ଏହି ପିଚୁ ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ଗାଡ଼ି, ବସ୍ ଯାତାୟାତ କରୁଛି। ମଣିଷ ହେଉ କି ପଶୁ। ଏହି ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ସ୍ତମ୍ଭରେ ଲାଗି ଯିବା ଆଶଙ୍କା ରହୁଛି। ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଂଯୋଗ କରୁଥିବା ଗେଟ୍ ପାଖରେ ଏକ ଶୁଷ୍କ ବୃକ୍ଷ ଝୁଲନ୍ତା ଅବସ୍ଥାରେ ରହିଛି। ଏହି ମେଡିକାଲକୁ ରୋଗୀ ଓ ଆମ୍ବୁଲାନ୍ସ ଗାଡ଼ି ପ୍ରବେଶ ରାସ୍ତାରେ ହିଁ ଏହି ବିପଦପୂର୍ଣ୍ଣ ଗଛ ଝୁଲନ୍ତା ଅବସ୍ଥାରେ ରହିଛି। ତେଣୁ କୌଣସି ଅଘଟଣା ଘଟିବା ପୂର୍ବରୁ ପ୍ରଶାସନ ଓ ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ ଖମ୍ବ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରିବା ଓ ଶୁଖିଲା ଗଛକୁ କାଟିବା ପାଇଁ ଦାବି ହେଉଛି। ଏ ସମ୍ପର୍କରେ ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗୀରି ମେଡିକାଲ ପାଖରେ ଥିବା ଶୁଷ୍କ ବୃକ୍ଷକୁ ହଟାଇବା ପାଇଁ ସ୍ଥାନୀୟ ଦମକଳ ବାହୀନିଙ୍କ ସହ କଥା ହେଇଛି ବୋଲି କହିଛନ୍ତି।

## ରାଜସ୍ୱ ଗାଁକୁ ନାହିଁ ସ୍ଥାୟୀ ରାସ୍ତା



ବେହେଡ଼ା, ୨୪।୫ (ସମିସ): ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ଜୟପୁର ବିକ୍ରମଦେବ ରାଜାଙ୍କୁ ଠାରୁ ଜମି ପଟ୍ଟା ପାଇଥିବା ରେଭେନ୍ୟୁ ଗାଁ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ, ଶୁଖିଗାଁ ପଞ୍ଚାୟତ ଅନ୍ତର୍ଗତ ଡେପଗୁଡାରେ ପହଞ୍ଚି ପାରିନାହିଁ ସରକାରୀ ଯୋଜନା। ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀ। ମୌଳିକ ସୁବିଧା ଏମାନଙ୍କୁ ଯୋଗାଇ ଦେବା ପାଇଁ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଗ୍ରାମପଞ୍ଚାୟତଠୁ ବ୍ଲକ ଅଧିକାରୀ ଓ ଜିଲ୍ଲା ପ୍ରଶାସନ କେହି କର୍ଣ୍ଣପାତ କରୁନାହାନ୍ତି। ଉମରକୋଟ ମୁଖ୍ୟ ବ୍ଲକ ମୁଖ୍ୟାଳୟଠାରୁ ପ୍ରାୟ ୧୫ କିଲୋମିଟର ମୁଖ୍ୟ ରାସ୍ତା ବେହେଡା ଗାଁ ପାଖରୁ ଅଧା କିଲୋମିଟର ଦୂରରେ ଡେପଗୁଡା ଗାଁ। ପ୍ରାୟ ୧୨ ବର୍ଷ ପୂର୍ବେ ଗୋଟିଏ ମାଟି ରାସ୍ତା ସ୍ୱଳ୍ପ ସରକାରୀ ଅନୁଦାନରେ ତିଆରି ହୋଇଥିଲା। ବର୍ତ୍ତମାନ ଏହି ମାଟି ରାସ୍ତାରେ ଠିକାଦାର ମନମୁଖୀ ମୋରମ ପକାଉଛି। ଏ ନେଇ କୌଣସି ବୋର୍ଡ ଲାଗି ନାହିଁ। ଏଠି ବିକାଶ ଲୋକଙ୍କ ପାଇଁ ସାତ ସପନ। ମୌଳିକ ସୁବିଧାରୁ ବଞ୍ଚିତ ଥିବାରୁ ଚିନ୍ତାରେ ଗ୍ରାମବାସୀ। ଏହି ଡେପଗୁଡା ଗ୍ରାମବାସୀ ଯେପରି ଗ୍ରାମ ରାସ୍ତାରେ କଲଭର୍ଟ ପାଇ ପାରିବେ ସେଥିପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ନିବେଦନ କରାଯାଇଛି।

## ମା' ଦୁର୍ଗା ମିନି ଟ୍ରକ୍ ଚାଳକ ସଂଘର ବୈଠକ



ସେମିଳିଗୁଡ଼ା, ୨୪।୫ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ଅନ୍ତର୍ଗତ କୃଷକ ବଜାର ଠାରେ ମା' ଦୁର୍ଗା ମିନି ଟ୍ରକ୍ ଚାଳକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଭାବେ ରମେଶ ଖିଲ, ଉପସଭାପତି ଭାବେ ରୁନା ରାଉତ, ସାଧାରଣ ସମ୍ପାଦକ ଭାବେ ତ୍ରିନାଥ ପୋଦାର, ଯୁଗ୍ମ ସମ୍ପାଦକ ମନୋଜ ରାଓ, କୋଷାଧ୍ୟକ୍ଷ ଭାବେ ନରେଶ କୁମାର ଅଗ୍ରୱାଲ, ଉପଦେଷ୍ଟା ପଦ୍ମ ଚରଣ ମିଶ୍ର, ଆଇନ ଉପଦେଷ୍ଟା ସତ୍ୟ ନାରାୟଣ ସାହୁ ଯୋଗଦେଇ ସଂଘକୁ କିପରି ସୁଦୃଢ କରାଯିବ ତଥା ଆଗାମୀ ଦିନରେ ବିଭିନ୍ନ ସାମାଜିକ କାମରେ ସଂଘର କର୍ମକର୍ତ୍ତା କିଭଳି ଲିପ୍ତ ରହିବେ ଏବଂ ଜନ ସାଧାରଣଙ୍କ ଅସୁବିଧା ବେଳେ ସାହାଯ୍ୟ ସହଯୋଗର ହାତ ବଢ଼ାଇବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ବହୁ ସଂଖ୍ୟାରେ ମିନି ଟ୍ରକ ଚାଳକ ସଂଘର କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ରକ୍ତ ଦାନ, ସମାଜ କଲ୍ୟାଣରେ ସହଯୋଗ କରିବେ ବୋଲି ସୂଚନା ଦେଇଛନ୍ତି। ବୈଠକରେ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ମାସରେ ସଂଘର ଉନ୍ନତି ପାଇଁ ବୈଠକ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ସଙ୍କଟରେ କୁମ୍ଭାରଙ୍କ କୌଳିକ ପେଷା

କୋଷାଗୁମୁଡ଼ା, ୨୪।୫(ସମିସ): ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ସଦର ମହକୁମାରେ କୁମ୍ଭାରଙ୍କ କୌଳିକ ବୃତ୍ତିରେ ପରିବାର ପେଟ ପୋଷିବା ହେଉଛି କଷ୍ଟ। କୋଷାଗୁମୁଡ଼ା ସ୍ଥିତ କୁମ୍ଭାର ସାହିର କୁମ୍ଭାର ଓ ଅଞ୍ଚଳରେ ଥିବା କୁମ୍ଭାରମାନଙ୍କ ଜୀବନ ଜୀବିକା କେବଳ ମାଟି ନିର୍ମିତ ଦୀପ, ହାଣ୍ଡି, ଚୁଲି, ସରା ଓ ବିଭିନ୍ନ ଛୋଟ ବଡ଼ ଜିନିଷକୁ ସପ୍ତାହିକ ହାଟ



ଶୁକ୍ରବାର ଦିନ ବଜାରରେ ବିକ୍ରି କରି ଚଳି ଆସୁଛନ୍ତି। ଏହି କୁମ୍ଭାର ମାନଙ୍କ କୌଳିକ ବୃତ୍ତି ପିଢିପିଢି ଧରି କରି ଆସୁଛନ୍ତି। ହାଡ଼ ଭଙ୍ଗା ପରିଶ୍ରମ କରି ମଧ୍ୟ ସମାନ ଅର୍ଥ ରୋଜଗାର କରିବା ସମ୍ଭବ ହେଉନାହିଁ। ତେଣୁ ସେମାନଙ୍କ କୌଳିକ ଜୀବିକା ବର୍ତ୍ତମାନ ଲୁପ୍ତ ହେବାକୁ ଯାଉଛି। ଆଉ କିଛି ବୃତ୍ତି କରିବା ପାଇଁ ଟଙ୍କା ନାହିଁ କି ଚାଷ ଜମି ନାହିଁ ବୋଲି ସେମାନେ ସରକାରଙ୍କୁ ନିବେଦନ କରିଛନ୍ତି। ସରକାର ଅନ୍ୟ କିଛି ଗୋଟେ ଜୀବିକା ପାଇଁ ସହାୟତା ଯୋଗାଇ ଦେବାକୁ କୋଷାଗୁମୁଡ଼ାର ପୁରନ୍ଦର କୁମ୍ଭାର, ତୁଳସିରାମ କୁମ୍ଭାର, ବୁଧନ୍ତି କୁମ୍ଭାର, ଉର୍ମିଳା କୁମ୍ଭାର, ମହାଦେଇ କୁମ୍ଭାର, ସୁକିଆ କୁମ୍ଭାର, ଝିତରା କୁମ୍ଭାର ଓ ଗୋରୀ କୁମ୍ଭାର କହିଛନ୍ତି। କୋଷାଗୁମୁଡା କୁମ୍ଭାର ସାହି ରେ ପ୍ରାୟ ୫୦ରୁ ଅଧିକ କୁମ୍ଭାର ପରିବାର ଅଛନ୍ତି। ସେଭଳି କୋଷାଗୁମୁଡ଼ା ବ୍ଲକର ଅନ୍ୟ ପଞ୍ଚାୟତରେ ମଧ୍ୟ ଏଭଳି ଦୟନୀୟ ଅବସ୍ଥାରେ କୁମ୍ଭାର ଅଛନ୍ତି। ମାନ୍ଦା ବ୍ୟବସାୟ ଯୋଗୁଁ ସେମାନଙ୍କ ଆର୍ଥିକ ଅବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ତୁରନ୍ତ କୁମ୍ଭାରଙ୍କ କୌଳିକ ବୃତ୍ତିକୁ ସରକାର ପ୍ରୋତ୍ସାହନ ଦେବା ସହ ଏହି ରାଶି ପ୍ରଦାନ ପାଇଁ ସାଧାରଣରେ ଦାବି ହେଉଛି।

## ଦୁରିଗୁଡ଼ା, ଝାଡ଼ବନ୍ଧ ଓ ମାଣ୍ଡିଆପଙ୍କାଳକୁ ପକ୍କା ରାସ୍ତା ନିର୍ମାଣ ଦାବି



ଚନ୍ଦ୍ରପୁର, ୨୪।୫(ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ବିଜାପୁର ପଞ୍ଚାୟତର ଦୁରିଗୁଡ଼ା, ଝାଡ଼ବନ୍ଧ, ମାଣ୍ଡିଆପଙ୍କାଳ ଗାଁକୁ ପକ୍କା ରାସ୍ତା ନିର୍ମାଣ ହୋଇ ନ ଥିବାରୁ ଯାତାୟାତରେ ଲୋକେ ହଇରାଣ ହେଉଛନ୍ତି। ଦୁରିଗୁଡା ଗାଁରେ ୧୨ଟି ହରିଜନ ପରିବାର, ଝାଡ଼ବନ୍ଧରେ ୧୫ ହରିଜନ ପରିବାର ଓ ମାଣ୍ଡିଆପଙ୍କାଳରେ ୮ ଆଦିବାସୀ ପରିବାର ବସବାସ କରୁଛନ୍ତି। ଏହି ଗାଁ ଗୁଡିକ ପଞ୍ଚାୟତ ମହକୁମା ଠାରୁ ପ୍ରାୟ ୪ ଓ ୫ କିମି ଦୂରତା ମଧ୍ୟରେ ରହିଛି। ଆରଡ଼ି ରାସ୍ତା ଠାରୁ ଦୁରିଗୁଡ଼ା ୨ କିମି, ଝାଡବନ୍ଧ ଅଧା କିଲୋମିଟର, ମାଣ୍ଡିଆପଙ୍କାଳ ୨କିମିରୁ ଅଧିକ ଦୂର ହେବ। ମନରେଗା ଯୋଜନାରେ ୪ ବର୍ଷ ପୂର୍ବେ ଆରଡି ରାସ୍ତା ଠାରୁ ଏହି ଗାଁ ଗୁଡିକରେ ମାଟି ଓ ମୋରମ ରାସ୍ତା ନିର୍ମାଣ କରା ଯାଇଥିଲା। ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ଚିକିଟା କଳା ମାଟି। ବର୍ଷା ଦିନେ ମାଟି ରାସ୍ତା କାଦୁଅ ହେଉଥିବାରୁ ଯାତାୟାତ ସମୟରେ ଲୋକେ ହଇରାଣ ହେଉଛନ୍ତି। ବର୍ଷା ଦିନେ ଏହି ଗାଁ ଗୁଡିକରେ ଆମ୍ବୁଲାନ୍ସ ଗାଡି ଯାଇ ପାରୁ ନ ଥିବାରୁ ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ଆରଡି ରାସ୍ତା ପର୍ଯ୍ୟନ୍ତ ନିଆ ଯାଉଛି। ପରେ ଆମ୍ବୁଲାନ୍ସ କିମ୍ବା ଅନ୍ୟ ଗାଡ଼ିରେ ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରା ଯାଉଛି। ଭାଲୁତୋଟାରେ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଏହି ୩ ଗାଁର ପିଲାମାନେ ପାଠ ପଢ଼ିବା ପାଇଁ ଭାଲୁତୋଟା ବିଦ୍ୟାଳୟକୁ ଚାଲି ଚାଲି ଯିବା ସମୟରେ ହଇରାଣ ହେଉଛନ୍ତି। ଏହି ଗାଁ ଗୁଡିକରେ ନଳ କୂପ ରହି ଥିଲେ ମଧ୍ୟ ଯଥେଷ୍ଟ ପିଇବା ପାଣି ମିଳୁ ନ ଥିବାରୁ ଲୋକ ହଇରାଣ ହେଉଛନ୍ତି। ସରକାର ଏହି ଗାଁ ଗୁଡିକୁ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଆୟୁର୍ବେଦିକ ଚିକିତ୍ସାଳର ଭିତ୍ତିଭୂମି ଅଭାବ

ଉମରକୋଟ, ୨୪।୫ (ସମିସ): ନବରଙ୍ଗପୁର ଜିଲାରେ ୨୨ଟି ଆୟୁର୍ବେଦ ଚିକିତ୍ସାଳୟ ରହିଛି। କିନ୍ତୁ ଅଧାରୁ ଅଧିକ ଚିକିତ୍ସାଳୟ ଗୁଡିକର ଭିତ୍ତିଭୂମିର ଅଭାବ ଦେଖିବାକୁ ମିଳିଛି। ଅଧାରୁ ଅଧିକ ଚିକିତ୍ସାଳୟ ଗୁଡିକର ନିଜସ୍ୱ ଜାଗା ନାହିଁ ଏବଂ ଯେଉଁ କେତୋଟିର ନିଜସ୍ୱ ଜାଗା, କୋଠା ରହିଛି ତାହା ମଧ୍ୟ ଜରାଜୀର୍ଣ୍ଣ ହୋଇ ରହିଥିବା ଦେଖିବାକ ମିଳୁଛି। ଏହାର ଉଦାହରଣ ହେଲା ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର ଆୟୁର୍ବେଦିକ ଚିକିତ୍ସାଳୟ। ଉମରକୋଟ ବ୍ଲକ ବେନରା ପଞ୍ଚାୟତ ଠାରେ ୧୯୮୩ ମସିହାରେ



ଲୋକଙ୍କୁ ଆୟୁର୍ବେଦ ଚିକିତ୍ସା ଯୋଗାଇ ଦେବାକୁ ଗୋଟିଏ ଚିକିତ୍ସାଳୟ ଖୋଲା ଯାଇଥିଲା। କାଳକ୍ରମେ ତାହା ଜରାଜୀର୍ଣ୍ଣ ଅବସ୍ଥାରେରହିଛି। ରୋଗୀଙ୍କୁ ଚିକିତ୍ସା କରିବାକୁ କୋଠା ଘର ଖଣ୍ଡିଏ ନାହିଁ। ତେଣୁ ସରକାରୀ କ୍ୱାର୍ଟରରେ ରୋଗୀସେବା ଚାଲିବା ସହ ଔଷଧ ରଖାଯାଇଛି। ସେହିଭଳି ପିଇବା ପାଣିର ବ୍ୟବସ୍ଥା ନାହିଁ। ପାଚେରୀ ନାହିଁ। ରୋଗୀ ଆସିଲେ ବିଶ୍ରାମ ନେବାକୁ ମଧ୍ୟ କୌଣସି ବ୍ୟବସ୍ଥା ନାହିଁ ଏବଂ ଚିକିତ୍ସାଳୟରେ ତିନିଜଣ କର୍ମଚାରୀ ରହିବାର ନିୟମ ରହିଥିବା ବେଳେ ଏହି କେନ୍ଦ୍ରରେ ଦୁଇଜଣ କର୍ମଚାରୀ ରହିଛନ୍ତି। ଉକ୍ତ ପାଚେରୀ ମଧ୍ୟରେ ଡକ୍ଟର ରହିବାର ନିୟମ ରହିଥିବା ବେଳେ ଡାକ୍ତରଙ୍କ ରହିବା ପାଇଁ ଘର ଖଣ୍ଡିଏ ମଧ୍ୟ ନାହିଁ। ତେଣୁ ଡାକ୍ତର ପ୍ରତ୍ୟକ ଦିନ ପ୍ରାୟ ୨୫ କିଲୋମିଟର ଦୂର ଉମରକୋଟରୁ ଯିବା ଆସିବା କରୁଛନ୍ତି। ସ୍ଥାନୀୟ ଲୋକ ପ୍ରତିନିଧି କପୁରଚାନ୍ଦ ନାୟକ ଚିକିତ୍ସାଳୟର ସମସ୍ୟା ବିଷୟରେ ସ୍ଥାନୀୟ ପ୍ରଶାସନଙ୍କୁ ଅନେକ ଅବଗତ କରିଥିଲେ ମଧ୍ୟ ଏହି ସମସ୍ୟା ପ୍ରତି କେହି କର୍ଣ୍ଣପାତ କରି ନଥିଲେ। ସେହିଭଳି ଜିଲ୍ଲାର ଅନ୍ୟ ଏକ ଆୟୁର୍ବେଦ ଚିକିତ୍ସାଳୟ ଭଣ୍ଡାରୀଗୁଡା ପଞ୍ଚାୟତର ପୋଡ଼ଗଡ଼ଠାରେ ରହିଛି। ସେଠାକାର ଅବସ୍ଥା ମଧ୍ୟ ଶୋଚନୀୟ। ନିଜସ୍ୱ ଜାଗା ନାହିଁ। ଭିତ୍ତିଭୂମିର ଅଭାବ। ତେଣୁ ସ୍ଥାନୀୟ ସରପଞ୍ଚଙ୍କ ଦୟାରୁ ପଞ୍ଚାୟତ କାର୍ଯ୍ୟାଳୟର ଏକ କୋଠାରେ ଚାଲିଛି ଚିକିତ୍ସାଳୟ। ଅନ୍ୟପଟେ କର୍ମଚାରୀ ଅଭାବରୁ ଅନେକ ସମସ୍ୟା ହେଉଛି ବୋଲି କହିଛନ୍ତି ସେଠାରେ ନିୟୋଜିତ ଡାକ୍ତର। ରାସ୍ତା କଡ଼ରେ ସରକାର ଯଦି ଜାଗା ଖଣ୍ଡିଏ ଯୋଗାଇ ଦେବେ ତାହେଲେ ଲୋକେ ଉପକୃତ ହୋଇ ପାରିବେ ବୋଲି କହିଛନ୍ତ ଡାକ୍ତର ମୋନିକା ରାଣୀ ଶିକଦାର ଏବଂ ସ୍ଥାନୀୟ ବାସିନ୍ଦା। ଏ ନେଇ ଜିଲ୍ଲା ଆୟୁର୍ବେଦ ଡାକ୍ତର, ରାୟଗଡ଼ା ସର୍କଲର ଅଧିକାରୀ ଲକ୍ଷ୍ମୀଧର ପାତ୍ରଙ୍କୁ ପଚାରିବାରୁ ସେ ଭିତ୍ତି ଭୂମିର ଅଭାବ କଥାକୁ ସ୍ୱୀକାର କରିବା ସହ ଆୟୁର୍ବେଦ ଚିକିତ୍ସାଳୟ ଗୁଡିକରେ ମୁଖ୍ୟତଃ, ଘର, ପାଚେରୀ, ପିଇବା ପାଣି ଓ ବଗିଚା ରହିବା କଥା କିନ୍ତୁ ତାହା ଅନେକ ଜାଗାରେ ନ ଥିବା କହିଛନ୍ତି। ଏ ନେଇ ସରକାରଙ୍କୁ ଅବଗତ କରାଯାଇଛି। କିଛି ଜାଗାରେ ଚିକିତ୍ସାଳୟର କୋଠା କାମ ଚାଲିଛି, ଅନ୍ୟ ସ୍ଥାନର

## ବାଲ୍ୟ ବିବାହ ନିରାକରଣ ସଚେତନତା କାର୍ଯ୍ୟକ୍ରମ



ଗୁଣପୁର, ୨୪।୫(ସମିସ): ଗୁଣପୁର ବ୍ଲକ ସମ୍ମିଳନୀ କକ୍ଷରେ ବାଲ୍ୟବିବାହ ରୋକିବା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଓ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି। ଅଳ୍ପ ବୟସରେ କିଶୋରୀ ବାଳିକା ମାନେ ଭଲପାଇ ବିବାହ କରିବା ଓ ମାତୃତ୍ୱ ଲାଭ କରିବା ଦେଖିବାକୁ ମିଳୁଥିବାରୁ ଏହାକୁ ରୋକିବା ପାଇଁ ବିଭିନ୍ନ ଗୋଷ୍ଠୀକୁ ସଚେତନତା କରାଯାଇଥିଲା। ବାଲ୍ୟ ବିବାହ ରୋକିବା, ବାଲ୍ୟ ବିବାହ ଜନିତ କୁପ୍ରଭାବ ଯୋଗୁଁ ମା ଓ ଶିଶୁ ଜୀବନ ପ୍ରତି ବିପଦ ଥିବା ଆଦି ବିଷୟରେ ସଚେତନତା କରାଯାଇଥିଲା। ଶିଶୁ ବିକାଶ ବିଭାଗ, ଶିଶୁ ସୁରକ୍ଷା ୟୁନିଟ୍ ମିଳିତ ଭାବେ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଗୁଣପୁର ଶିଶୁ ବିକାଶ ଯୋଜନା ଅଧିକାରୀ ସୁଷମା ପ୍ରସାଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦର ମୁଖ୍ୟ ଅତିଥି, ଆଦର୍ଶ ଥାନା ଅଧିକାରୀ ଉତ୍ତମ କୁମାର ସାହୁ, ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଶାଶ୍ୱତ ପରିଡ଼ା, ଉପଖଣ୍ଡ ପ୍ରୋଗ୍ରାମ ଅଧିକାରୀ କଳ୍ପନା ମହାଙ୍କୁଡ଼, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଭାରପ୍ରାପ୍ତ ପଞ୍ଚାୟତ ଉନ୍ନୟନ ଅଧିକାରୀ ପି. ଦିବାକର, ମାଝୀ ଗୌରୀ, ସମ୍ପାଦକ ପିଙ୍କି ମହାପାତ୍ର, ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟତ୍ରୀ, ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟକ୍ଷା, ଛାତ୍ରୀନିବାସର ମେଟ୍ରୋନ, ସମସ୍ତ ପଞ୍ଚାୟତ ଅଧିକାରୀ, ଅଙ୍ଗନବାଡି କର୍ମୀ, ଆଶା ଓ ସ୍ୱାସ୍ଥ୍ୟକର୍ମୀ, ପଞ୍ଚାୟତିରାଜ ସଦସ୍ୟ, ଟେଣ୍ଟ ହାଉସ୍ ମାଲିକ ଉପସ୍ଥିତ ଥିଲେ।

## 'କାହାଣୀ ମୁଣିର' ଶୁଭ ଉନ୍ମୋଚନ

ଜୟପୁର, ୨୪।୫ (ସମିସ): ଭୁବନେଶ୍ୱର ସ୍ଥିତ ବୁଦ୍ଧମନ୍ଦିର ପ୍ରାଙ୍ଗଣରେ ମୈତ୍ରେୟୀ ଲେଖିକା ସଂଗଠନର ଚତୁର୍ଥ ବାର୍ଷିକ ବନ୍ଧୁମିଳନ ଏବଂ ପତ୍ରିକା ଉନ୍ମୋଚନ ଉତ୍ସବରେ ଜୟପୁରର ଲେଖିକା ବିଜୟଲକ୍ଷ୍ମୀ ପାଣିଗ୍ରାହିଙ୍କର ଶିଶୁଗଳ୍ପ ସଂକଳନ 'କାହାଣୀ ମୁଣି 'ର ଉନ୍ମୋଚନ ହୋଇଛି। ଅନୁଷ୍ଠାନର ସଭାପତି ସୁଷମା ମିଶ୍ରଙ୍କର ସ୍ୱଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଲେଖକ ଦେବ ପ୍ରସାଦ ଦାସ, ଅଜୟ ସ୍ୱାଇଁ, ବିଶିଷ୍ଟ ଲେଖିକା ପାରମିତା ଶତପଥୀ ଏବଂ ବିୟତ ପ୍ରଜ୍ଞା ତ୍ରିପାଠୀ ଯୋଗଦାନ କରିଥିଲେ। ସମ୍ପାଦିକା ଲକ୍ଷ୍ମୀ ଚାନ୍ଦଙ୍କର ବାର୍ଷିକ ସମ୍ପାଦକୀୟ ବିବରଣୀ ପାଠ ପରେ 'ମୈତ୍ରେୟୀ' ପତ୍ରିକା ଉନ୍ମୋଚନ କରାଯାଇ ଶିଶୁଗଳ୍ପ ସଂକଳନ 'କାହାଣୀମୁଣି' ଲୋକାର୍ପଣ କରାଯାଇଥିଲା। ଶ୍ରୀମତୀ ପାଣିଗ୍ରାହିଙ୍କର ତୃତୀୟ ସଂକଳନ ତଥା ଦ୍ୱିତୀୟ ଶିଶୁ ଗଳ୍ପ ସଂକଳନଟିରେ ପିଲାଙ୍କ ପାଇଁ ଗଣେଶଙ୍କ ବିଷୟରେ ସାତଟି ଗଳ୍ପକୁ କଥନ ଶୈଳୀରେ ବର୍ଣ୍ଣନା କରାଯାଇଛି। ଏହା ଶିଶୁଙ୍କ ପାଇଁ ଖୁବ୍ ଉପାଦେୟ ହୋଇପାରିବ ବୋଲି କୁହାଯାଉଛି।



# ଅବ୍ୟବସ୍ଥାରେ ଅମ୍ବାଦଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ମୁନିଗୁଡା, ୨୪।୫(ସମିସ)

୧୯୫୬ ମସିହାରେ ସ୍ଥାପନ ହୋଇଥିଲା ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଅମ୍ବାଦଳା ସ୍ଥିତ ମଙ୍ଗଳ ବିଭାଗ ଉଚ୍ଚ ବିଦ୍ୟାଳୟ। ଅତୀତରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଏକ ସୁପ୍ରସିଦ୍ଧ ବିଦ୍ୟାଳୟର ମାନ୍ୟତା ପାଇଥିବା ଏହି ସୁନାମଧନ୍ୟ ଶିକ୍ଷାକେନ୍ଦ୍ର ଏବେ ତାର ପୂର୍ବ ଗୌରବ ହରାଇ

**● ବିଜ୍ଞାନ ଶିକ୍ଷକଙ୍କ ବଦଳି ନେଇ ଅସନ୍ତୋଷ**

ବସିଲାଣି। ରାଜନୈତିକ ସ୍ତରରେ ହେଉ କି ପ୍ରଶାସନିକ ସ୍ତରରେ। ବହୁ ଉଚ୍ଚ ପଦବୀ ଅଳଙ୍କୃତ କରିଛନ୍ତି ଏହି ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ। ଅନେକ ସୁପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ଗଢିଥିବା ଏହି ମଣିଷ ତିଆରି କାରଖାନାରେ ଏବେ ଦେଖାଦେଇଛି ଶିକ୍ଷକ ମରୁଡ଼ି। ରାୟଗଡ଼ା ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୦ ବର୍ଷ ଧରି ଶିକ୍ଷକ ମରୁଡ଼ି ଦେଖାଦେଇଥିବା ବେଳେ ସମ୍ପ୍ରତି ବିଜ୍ଞାନ ଶିକ୍ଷକଙ୍କ




ଅନ୍ୟତ୍ର ନିଯୁକ୍ତିକୁ ନେଇ ସୃଷ୍ଟି ହୋଇଛି ଜନ ଅସନ୍ତୋଷ। ଏହାକୁ ନେଇ ଅଭିଭାବକମାନେ କ୍ଷୁବ୍ଧ ହୋଇଛନ୍ତି। ମଙ୍ଗଳ ବିଭାଗର ଏଭଳି ନିଷ୍ପତି ପ୍ରତ୍ୟାହାର ନକଲେ ଆନ୍ଦୋଳନର ଦାନା ବାନ୍ଧୁଛି। ପ୍ରକାଶ ଯୋଗ୍ୟ ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୮୦୦ଜଣ ବିଦ୍ୟାର୍ଥୀ ଅଧ୍ୟୟନରତ। ଅମ୍ବାଦଳା, ଅମ୍ଲାଭଟା, ରଘୁବାରି, ଡିମିରିଗୁଡ଼ା, ଇଛାପୁର, ରାଣୀପିଣ୍ଡା, ଜଗଦଲପୁର, ସରଧାପୁର ପ୍ରଭୃତି ପଞ୍ଚାୟତର ବିଦ୍ୟାର୍ଥୀ ଏଠାରେ ଅଧ୍ୟୟନ ପାଇଁ ପସନ୍ଦ କରିଥାନ୍ତି। ଷଷ୍ଠରୁ ଦଶମ ଶ୍ରେଣୀ ପାଇଁ ୧୨ ଜଣ ଶିକ୍ଷକ ଥିବା ବେଳେ ୮୦୦ ବିଦ୍ୟାର୍ଥୀ ପାଠ ପଢ଼ିଥାନ୍ତି। ସରକାରଙ୍କ ଶିକ୍ଷାନୀତି ଅନୁଯାୟୀ ପ୍ରତି ୪୦ ଜଣରେ ଜଣେ ଶିକ୍ଷକ ରହିବାର ବ୍ୟବସ୍ଥା ଥିବା ବେଳେ ଉକ୍ତ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପାଇଁ ୨୦ ଜଣ ଶିକ୍ଷକ ଆବଶ୍ୟକ। ହେଲେ ଏବେ ମାତ୍ର ୧୨ ଜଣ ଶିକ୍ଷକ ଅଛନ୍ତି। ଶିକ୍ଷକ ଆବଶ୍ୟକତା ଥିବା ବେଳେ ବିଜ୍ଞାନ ଶିକ୍ଷକଙ୍କୁ ଅନ୍ୟତ୍ର ଦିଆଯିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏଭଳି ଚିନ୍ତାଧାରାରୁ ଶିକ୍ଷା ବିଭାଗ ବିଚ୍ୟୁତ ନହେଲେ ଆଗାମୀ ଦିନରେ ଜନ ଆନ୍ଦୋଳନକୁ ଏଡାଇ ଦିଆଯାଇ ନପାରେ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଉକ୍ତ ବିଜ୍ଞାନ ଶିକ୍ଷକଙ୍କୁ ପୁନଃ ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଫେରାଇବା ସହ ଆବଶ୍ୟକ ଶିକ୍ଷକ ପ୍ରଦାନ କରିବା ପାଇଁ ଦାବି ହେଉଛି। ଏହି ବିଦ୍ୟାଳୟର ସାମ୍ପ୍ରତିକ ପରିସ୍ଥିତି ପ୍ରଶାସନିକ ଉଦାସୀନତାକୁ ପଦାରେ ପକାଉଛି। ତୁରନ୍ତ ଶିକ୍ଷକ ପଦବୀ ପୁରଣ ସହିତ ପ୍ରାଥମିକ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଅଭାଭାବକ ଓ ସ୍ଥାନୀୟ ଜନସାଧାରଣ ଦାବି ରଖିଛନ୍ତି।

# ଭୁବନେଶ୍ୱର ସିଟି



# ରାଜ୍ୟ ସଂଗ୍ରହାଳୟରେ କ୍ୟୁରେଟର୍ ଅଭାବ

## ୨୨ ଗ୍ୟାଲେରୀ ପାଇଁ ମାତ୍ର ଜଣେ କ୍ୟୁରେଟର; ସମସ୍ୟା ଭୋଗୁଛନ୍ତି ଦୃଷ୍ଟିହୀନ



ଭୁବନେଶ୍ୱର, ୨୪।୫(ସମିସ): ରାଜ୍ୟ ସଂଗ୍ରହାଳୟରେ ନାହାନ୍ତି ଆବଶ୍ୟକ ସଂଖ୍ୟାକ କ୍ୟୁରେଟର୍। ଫଳରେ ବୁଲିବାକୁ ଆସି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଦୃଷ୍ଟିହୀନ ପର୍ଯ୍ୟଟକ। ସଂଗ୍ରହାଳୟର ପ୍ରବେଶ ପଥରୁ ଆରମ୍ଭ କରି ସମସ୍ତ ଗ୍ୟାଲେରୀରେ ରହିଛି ପ୍ରାଚୀନ ଐତିହ୍ୟ କୀର୍ତ୍ତିରାଜି। ହେଲେ କୌଣସି ଗ୍ୟାଲେରୀରେ ଇନଷ୍ଟ୍ରକ୍ଟର ନ ଥିବାରୁ ପର୍ଯ୍ୟଟକମାନେ ଗ୍ୟାଲେରୀ ସମ୍ପର୍କରେ ସ୍ପଷ୍ଟ ଭାବେ ବୁଝିପାରୁ ନାହାନ୍ତି। ବିଶେଷ କରି ଦୃଷ୍ଟିହୀନମାନେ ରାଜ୍ୟ ସଂଗ୍ରହାଳୟ ବୁଲିବାକୁ ଆସିଥିବା ବେଳେ ସଂଗ୍ରହାଳୟରେ କ'ଣ ରହିଛି ତାହା ଦେଖିବାରୁ ସେମାନେ ବଞ୍ଚିତ ହୋଇଥିବା ବେଳେ ସେ ସମ୍ପର୍କରେ ତାଙ୍କୁ ଅବଗତ କରାଇବାକୁ କେହି ନାହାନ୍ତି। ତେବେ ଦୂରଦୂରାନ୍ତରୁ ଉତ୍କଣ୍ଠାର ସହ ରାଜଧାନୀରେ ଅବସ୍ଥିତ ରାଜ୍ୟ ସଂଗ୍ରହାଳୟକୁ ଆସିବା ବିଫଳ ବୋଲି ସେମାନେ କହିଛନ୍ତି। ସେହିପରି ଛୋଟ ପିଲା ଅବା ବିଭିନ୍ନ ବର୍ଗର ପର୍ଯ୍ୟଟକମାନେ ଗ୍ୟାଲେରୀଗୁଡ଼ିକରେ ସ୍ଥାନ ପାଇଥିବା ବିଭିନ୍ନ ବିଷୟରେ ସଠିକ୍ ଭାବେ ଜାଣିପାରୁ ନ ଥିବା ଅଭିଯୋଗ କରିଛନ୍ତି।

ରାଜ୍ୟ ସଂଗ୍ରହାଳୟରେ ପ୍ରତ୍ନତତ୍ତ୍ୱ, ସୂତ୍ରଲିପି ଉତ୍କିରଣବିଦ୍ୟା, ମୁଦ୍ରାଶାସ୍ତ୍ର, ଶସ୍ତ୍ରାଗାର, ଖନନ ଓ ଭୂ-ବିଜ୍ଞାନ, ପ୍ରାକୃତିକ ଇତିହାସ ବିଜ୍ଞାନ, କଳା ଓ ଶିଳ୍ପ, ସମକାଳୀନ କଳା, ପଟ୍ଟଚିତ୍ର, ନୃବିଦ୍ୟା, ତାଳପତ୍ରପୋଥୀ ଆଦି ରହିଥିବା ବେଳେ ପରବର୍ତ୍ତୀ ସମୟରେ ହାତୀ ଦାନ୍ତ ଗ୍ୟାଲେରୀ, ପ୍ରାକ୍ ଐତିହ୍ୟ ଗ୍ୟାଲେରୀ, ପ୍ରାଣୀ ବିଜ୍ଞାନ ଗ୍ୟାଲେରୀ, ଓଡ଼ିଶାର ହସ୍ତତନ୍ତ ଗ୍ୟାଲେରୀ, ମହାତ୍ମା ଗାନ୍ଧୀ ଗ୍ୟାଲେରୀ, ଇନଟ୍ରାନେଜିବୁଲ ହେରିଟେଜ୍ ଗ୍ୟାଲେରୀ, କଣ୍ଢେଇ ଓ ମୁଖା ଗ୍ୟାଲେରୀ, ଖଣି ଓ ଭୂତତ୍ତ୍ୱ ଗ୍ୟାଲେରୀ, ଆଦି ପ୍ରାୟ ୨୨ଟି ଗ୍ୟାଲେରୀ ରହିଛି। ସେହିପରି ପ୍ରତ୍ୟେକ ଗ୍ୟାଲେରୀରେ ସ୍ଥାନ ପାଇଥିବା ସାମଗ୍ରୀର ସମସ୍ତ ତଥ୍ୟ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଲେଖାଯାଇଛି। ଯାହାକୁ ସାଧାରଣତଃ ସମସ୍ତେ ପଢ଼ି ବୁଝିପାରିବେ। କିନ୍ତୁ ଦୃଷ୍ଟିହୀନଙ୍କ ପାଇଁ ଏଠାରେ ବ୍ରେଲ୍ ଲିପିରେ କୌଣସି ତଥ୍ୟ ଲେଖାନଥିବା ସହ ସେମାନଙ୍କୁ ଗ୍ୟାଲେରୀ ସମ୍ପର୍କରେ ବୁଝାଇବାକୁ କେହି ନାହାନ୍ତି। ତେଣୁ ସେମାନେ କେବଳ ପଥରରେ ନିର୍ମିତ ପୁରାତନ କିର୍ତ୍ତିରାଜି ଅବା ମୂର୍ତ୍ତି କିମ୍ବା ବିଭିନ୍ନ ଆକୃତିର ବସ୍ତୁ ଗୁଡ଼ିକ ସ୍ପର୍ଶ କରି ପରସ୍ପର ମଧ୍ୟରେ ସେ ସମ୍ପର୍କରେ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା। ତେବେ ରାଜ୍ୟ ସଂଗ୍ରହାଳୟକୁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ବୁଲିବାକୁ ଆସୁଥିବା ବେଳେ ନିୟମିତ ଭାବେ ଛାତ୍ରଛାତ୍ରୀଙ୍କ ଭିଡ଼ ଜମୁଛି। ଏହାସହ ବିଦେଶୀ ପର୍ଯ୍ୟଟକମାନେ ମଧ୍ୟ ସଂଗ୍ରହାଳୟ ବୁଲିବାକୁ ଆସୁଛନ୍ତି। ହେଲେ ଏଠାରେ ପ୍ରତି ଗ୍ୟାଲେରୀରେ କ୍ୟୁରେଟର କିମ୍ବା ଇନଷ୍ଟ୍ରକ୍ଟର ନ ଥିବାରୁ ଓଡ଼ିଶାର ଐତିହ୍ୟ ବହନ କରୁଥିବା ଏହି ସଂଗ୍ରହାଳୟକୁ କେବଳ ଦେଖି ଫେରୁଥିବା କହିଛନ୍ତି ଏଠାକୁ ଆସିଥିବା ଦୃଷ୍ଟିହୀନମାନେ। ସୂଚନା ଅନୁସାରେ, ବର୍ତ୍ତମାନ ଏଠାରେ ଜଣେ ସିନିୟର କ୍ୟୁରେଟର ରହିଥିବା ବେଳେ ୨ଜଣ ଟେମ୍ପୋରାରୀ କ୍ୟୁରେଟର ରହିଥିବା ସୂଚନା ରହିଛି। କିନ୍ତୁ ଗ୍ୟାଲେରୀ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିଲେ ବି ଆବଶ୍ୟକୀୟ କ୍ୟୁରେଟର କିମ୍ବା ଇନଷ୍ଟ୍ରକ୍ଟର ନିଯୁକ୍ତି କରାଯାଉ ନାହିଁ। ଏପଟେ ସଂଗ୍ରହାଳୟ ପରିସରରେ ରହିଥିବା ଗ୍ୟାଲେରୀ ଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ କରାଯିବା ସହ ଏଥିରେ ନୂଆ ନୂଆ ଗ୍ୟାଲେରୀ ମଧ୍ୟ ଯୋଡ଼ା ଯାଉଛି। ହେଲେ ଏବାବଦରେ ଲୋକଙ୍କୁ ଅବଗତ କରାଇବାକୁ ପ୍ରତି ଗ୍ୟାଲେରୀକୁ ଯାଇ ନିରାଶ ହେଉଛନ୍ତି ପର୍ଯ୍ୟଟକ। ତେଣୁ ପ୍ରତି ଅନ୍ୟ ସଂଗ୍ରହାଳୟ ଭଳି ପ୍ରତି ଗ୍ୟାଲେରୀରେ ଜଣେ ଲେଖାଏଁ ଇନଷ୍ଟ୍ରକ୍ଟର ନିଯୁକ୍ତ କରାଯିବାକୁ ସଂଗ୍ରହାଳୟ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ମତଦେଇଛନ୍ତି। ଏନେଇ ରାଜ୍ୟ ସଂଗ୍ରହାଳୟର ଅଧୀକକ୍ଷକଙ୍କ ମତାମତ ମିଳିପାରି ନାହିଁ।

## 'ମାଷ୍ଟର୍-କ୍ରାଫ୍ଟର୍ସ' ପ୍ରଦର୍ଶନୀ ଉଦ୍‌ଘାଟିତ



ଭୁବନେଶ୍ୱର, ୨୪।୫(ସମିସ): ଓଡ଼ିଶା କ୍ରାଫ୍ଟସ୍ କାଉନ୍ସିଲ୍ ପକ୍ଷରୁ 'ମାଷ୍ଟର-କ୍ରାଫ୍ଟର୍ସ' ନାମକ ଏକ ଦୁଇଦିନିଆ ପ୍ରତିଷ୍ଠିତ ପ୍ରଦର୍ଶନୀର ଆୟୋଜିତ ହୋଇଛି। ଏହି ପ୍ରଦର୍ଶନୀର ଉଦ୍ଘାଟନ କରି ହସ୍ତତନ୍ତ, ବସ୍ତ୍ର ଏବଂ ହସ୍ତଶିଳ୍ପ ବିଭାଗର ଆୟୁକ୍ତ ଏବଂ ସଚିବ ପୁନମ ଗୁହା ତାପସ କୁମାର କହିଛନ୍ତି ସରକାର ରାଜ୍ୟର କାରୁଶିଳ୍ପ ଖାତାକୁ ଉନ୍ନତ କରିବାକୁ ଶ୍ରୃଜନିକା ଅଧୀନରେ ଏକ କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅଧୀନରେ ଆମେ ପଟ୍ଟଚିତ୍ର, ଢୋକ୍ରା, ସୁନା ଘାସ, ସାବାଇ ଘାସ ଭଳି କାରୁକଳା ପାଇଁ ବିଭିନ୍ନ କ୍ଲଷ୍ଟର ବିକାଶ କରିବୁ। ଏହା କେବଳ ଉତ୍ପାଦର ବ୍ରାଣ୍ଡିଂରେ ସାହାଯ୍ୟ କରିବ ନାହିଁ, ବରଂ ଏହି କାରୁକଳା ପାଇଁ ଆବଶ୍ୟକ ମାର୍କେଟିଂ ଏବଂ ମାର୍କେଟିଂ ଲିଙ୍କେଜ୍ ମଧ୍ୟ ପ୍ରଦାନ କରିବ। ଦୁଇ ଦିନିଆ ଏହି କାର୍ଯ୍ୟକ୍ରମରେ ୨୦ ଜଣ ମାଷ୍ଟର କାରିଗର, ଯେଉଁଥିରେ ଜାତୀୟ ଏବଂ ରାଜ୍ୟ ପୁରସ୍କାର ବିଜେତାମାନେ ଅନ୍ତର୍ଭୁକ୍ତ, ଓଡ଼ିଶାର ବିଭିନ୍ନ ପ୍ରକାର ହସ୍ତଶିଳ୍ପ ପ୍ରଦର୍ଶନ କରିବେ। ପଟ୍ଟଚିତ୍ର, ତାଳପତ୍ର ଖୋଦାଇ, ଟେରାକୋଟା, ପଥର ଏବଂ କାଠ ଖୋଦାଇ, ଆପ୍ଲିକ୍, ସୁନା ଘାସ, ସାବାଇ ଘାସ, ରୁପା ଫିଲିଗ୍ରି, ସାମୁଦ୍ରିକ ଶଙ୍ଖ କଳା, ଢୋକ୍ରା କାଷ୍ଟିଂ, ଆଦିବାସୀ ଚିତ୍ରକଳା, ଏବଂ ହାତେ ବୁଣା ଇକଟ୍ ଭଳି କଳା ପ୍ରଦର୍ଶିତ ଏବଂ ବିକ୍ରୟ ପାଇଁ ଉପଲବ୍ଧ ରହିବ। ଏହି ଅବସରରେ ଓଡ଼ିଶା କ୍ରାଫ୍ଟସ୍ କାଉନ୍ସିଲ୍ ଅଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର ଏହା ଏକ ବିଶେଷ ପ୍ରକାରର ପ୍ରଦର୍ଶନୀ ଏବଂ ଏହା ଦ୍ୱିତୀୟ ସଂସ୍କରଣ। ଏଥିରେ ଅତି ଅଳ୍ପ କିଛି ପ୍ରତିଷ୍ଠିତ, ବିଶେଷ ଏବଂ ପୁରସ୍କାର ବିଜେତା କାରିଗରଙ୍କର କାରୁକଳା ପ୍ରଦର୍ଶିତ ହେଉଛି। ଆମର ଲକ୍ଷ୍ୟ ରାଜ୍ୟର କାରୁକଳା ପ୍ରତି ଜନସାଧାରଣଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ କ୍ରାଫ୍ଟସ୍ କାଉନ୍ସିଲ୍ ଓଡ଼ିଶାର ସଦସ୍ୟ ରେବତୀ ପାଣି, ରମେଶ ସ୍ୱାଇଁ, ଡ. ଆଦ୍ୟାଶା ଦାଶ ପ୍ରମୁଖ ଯୋଗ ଦେଇଥିଲେ।

## ଭଡ଼କରା ନୃତ୍ୟୋତ୍ସବରେ ଓଡ଼ିଆ ନୃତ୍ୟଶିଳ୍ପୀ

ଭୁବନେଶ୍ୱର, ୨୪।୫(ସମିସ): ଅନ୍ତରାଷ୍ଟ୍ରୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ଓଡିଆ ଭାଷା ଓ ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଡ. ଚିତ୍ତରଞ୍ଜନ ସାହାଣୀଙ୍କ ନୃତ୍ୟରେ ବିମୋହିତ ହେଲେ କେରଳବାସୀ। କେରଳ 'ଭଡ଼କରା ନୃତ୍ୟଉତ୍ସବ' ରେ ଜୟଦେବଙ୍କ କୃତ ଅଷ୍ଟପଦୀ, ଗୀତଗୋବିନ୍ଦର ୟାହି ମାଧବ ୟାହି କେଶବ ନୃତ୍ୟ ପରିବେଷଣ କରିଛନ୍ତି ଶ୍ରୀ ସାହାଣୀ। ସେ ତାଙ୍କ ନୃତ୍ୟର ଭାବାଭିନୟରେ ଶ୍ରୀରାଧା ଓ ନଟବର ଶ୍ରୀକୃଷ୍ଣଙ୍କ ରାଗାନୁରାଗ ପ୍ରେମଭକ୍ତିକୁ ଅତି ପ୍ରାଞ୍ଜଳ ଭାବେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ସାଂସଦ ସଫା ପରମବିଲ ଡ. ଚିତ୍ତରଞ୍ଜନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିବାବେଳେ ନୃତ୍ୟଶିଳ୍ପୀ ସାଂସଦଙ୍କୁ ଶ୍ରୀଜଗନ୍ନାଥଙ୍କ ସ୍ମୃତିଚିତ୍ର ପ୍ରଦାନ କରିଥଲେ। ଏଥିରେ ଦକ୍ଷିଣ ଏସୀୟ ମୈତ୍ରୀ ସମ୍ମିଳନୀର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦୀପକ ମାଲବ୍ୟ, ସଚିବ ରବିନାରାୟଣ ମହାନ୍ତି, ଆୟୋଜକ କମିଟିର ଚିତ୍ରା ସୁକୁମାରନ, ଜଗଦିଶ ପଳାୟତ ପ୍ରମୁଖ ଯୋଗ ଦେଇଥିଲେ।



## ଜାତୀୟ ସମ୍ମିଳନୀରେ ସିଏମ୍ଏଙ୍କ ନେତୃତ୍ୱକୁ ପ୍ରଶଂସା



ଭୁବନେଶ୍ୱର, ୨୪।୫(ସମିସ): ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ଆକାଉଟାଣ୍ଟସ ଅଫ୍ ଇଣ୍ଡିଆ (ଆଇସିଏମ୍ଏଆଇ) ପକ୍ଷରୁ ଓଡ଼ିଶାର ଭୁବନେଶ୍ୱରସ୍ଥିତ ସୋଆ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ୬୨ତମ ଜାତୀୟ କଷ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ଆକାଉଟାଣ୍ଟସ ସମ୍ମିଳନୀକୁ ଭାରତୀୟ ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ୍ (ଇରେଡା) ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ ସମ୍ବୋଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ଥାୟୀ ବିକାଶ ଓ ଅକ୍ଷୟ ଶକ୍ତି କ୍ଷେତ୍ର ପ୍ରତି ଯୋଗଦାନ ପାଇଁ ଇରେଡାର ଉଲ୍ଲେଖନୀୟ ଯୋଗଦାନକୁ ପ୍ରଶଂସା କରିଥିଲେ। ଷ୍ଟକ୍ ବଜାରରେ ଇରେଡାର ଐତିହାସିକ ଲିଷ୍ଟିଂକୁ ମଧ୍ୟ ସେ ପ୍ରଶଂସା କରିଥିଲେ। ଯାହା ଭାରତର ସବୁଜ ଫାଇନାନ୍ସ ଯାତ୍ରାରେ ଏକ ନୂତନ ଅଧ୍ୟାୟକୁ ଦର୍ଶାଉଛି। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରାହରେ ବକ୍ତବ୍ୟ ରଖି ଶ୍ରୀ ଦାସ ବିଶ୍ୱସ୍ତରରେ ସିଏମ୍ଏମାନଙ୍କ ବର୍ଦ୍ଧିତ ନେତୃତ୍ୱ ଉପରେ ଆଲୋକପାତ କରି କହିଥିଲେ। ଫର୍ଚ୍ଚୁନ୍ ୫୦୦ରେ ଥିବା ୫୦ ପ୍ରତିଶତରୁ ଅଧିକ କମ୍ପାନୀ ସିଏମ୍ଏମାନଙ୍କ ବିଶେଷତାକୁ ଉପଯୋଗ କରୁଥିବା ବେଳେ ଉଦୀୟମାନ ବଜାରରେ ଚାହିଦା ବଢ଼ିବାରେ ଲାଗିଛି। ସିଏମ୍ଏମାନେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ପରାମର୍ଶଦାତା, କ୍ରସ୍ ଫଙ୍କସନାଲ୍ ଏନାବଲର୍ ଓ ଏଣ୍ଟରପ୍ରାଇଜ୍ ଭାଲ୍ୟୁ ପାର୍ଟନର ଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଯାହାଫଳରେ ପାରମ୍ପରିକ କଷ୍ଟ ରିପୋର୍ଟିଂ ଠାରୁ ସେମାନେ ଆଗକୁ ବଢ଼ିଛନ୍ତି। ଇରେଡାର ପରିଚାଳନା ଉତ୍କର୍ଷ ଉପରେ ଆଲୋକପାତ କରି ଶ୍ରୀ ଦାସ କିଭଳି ସଂସ୍ଥା କିଭଳି ସମ୍ପୂର୍ଣ୍ଣ ଡିଜିଟାଲ୍ ରୂପାନ୍ତରଣକୁ ଗ୍ରହଣ କରିଛି ତାହା ଜଣାଇବା ସହ କମ୍ ଶ୍ରମଶକ୍ତି ସହ ଗତ ୫ବର୍ଷରେ ଲୋନ୍ ବୁକ୍‌ରେ ୩.୫ ଗୁଣା ବୃଦ୍ଧି ହାସଲ କରିଥିବା କହିଥିଲେ। କର୍ପୋରେଟ୍‌ରେ ଚମତ୍କାର ପରିବର୍ତ୍ତନ ଆଣିବା, ପ୍ରଶାସନ ଓ ସ୍ଥାୟୀ ବିକାଶକୁ ବଢ଼ାଇବାରେ ସିଏମ୍ଏମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଆଲୋକପାତ କରିଥିଲେ।

## ହେମଲତାଙ୍କ ସ୍ମୃତିରେ ଖାଦ୍ୟ ଓ ବସ୍ତ୍ରଦାନ



ଭୁବନେଶ୍ୱର, ୨୪।୫(ସମିସ): ବରିଷ୍ଠ ସମାଜସେବିକା, ସରଳ, ମିଭାଷୀ ବ୍ୟକ୍ତିତ୍ୱର ଅଧିକାରିଣୀ ସ୍ୱର୍ଗତ ହେମଲତା ସାହୁଙ୍କ ୧୧ ତମ ସ୍ମୃତି ଚାରଣ ଦିବସ ଖଣ୍ଡଗିରିସ୍ଥିତ ସତ୍ୟ ମହିମା ଆଶ୍ରମ ଠାରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ ମହିମା ସେବା ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶକ ନାରାୟଣ ଖୁଣ୍ଟିଆଙ୍କ ପୌରୋହିତ୍ୟ ଓ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ବିଶ୍ୱବାସୀଙ୍କ ମଙ୍ଗଳ କାମନା ସହ ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଅସହାୟ, ଅଭାବୀ ମା' ମାନଙ୍କୁ ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ମହିମା ସାଧୁ ମଧୁସୂଦନ ଦାସ, ଶିକ୍ଷାବିତ ତଥା ସମାଜସେବୀ ସୁକାନ୍ତି ପଣ୍ଡା, ସୁମିତ୍ରା ସାହୁ, ସସ୍ମିତା ପାହାଡ଼ସିଂ, ସମାଜସେବୀ ପଦ୍ମ ଚରଣ ବେହେରା ଉପସ୍ଥିତ ଥିଲେ। ସ୍ୱର୍ଗତ ହେମଲତାଙ୍କ ସୁପୁତ୍ର ବାବାଜୀ ସାହୁ, ସାମ୍ବାଦିକା ରୀନା ମହାନ୍ତି କାର୍ଯ୍ୟକ୍ରମକୁ ପ୍ରମୁଖ ପରିଚାଳନା କରିଥିଲେ।

## କୋଟପା ଆଇନ କଡ଼ାକଡ଼ି ଲାଗୁ ପାଇଁ ଦାବି

ଭୁବନେଶ୍ୱର, ୨୪।୫(ସମିସ): ରାଜ୍ୟରେ କୋଟପା (ସିଗାରେଟ୍ ଆଣ୍ଡ ଅଦର ଟବାକୋ ପ୍ରଡକ୍ଟ ଆକ୍ଟ) ଆଇନ୍‌କୁ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ଦାବି କରିଛି ସାମାଜିକ ଅନୁଷ୍ଠାନ ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ୨୦୧୩ ମସିହାରେ ତମାଖୁଜନିତ ବିକ୍ରିବଟା ଉପରେ କଟକଣା ଲଗାଇବା ପାଇଁ କୋଟପା ଆଇନ୍ ପ୍ରଣୟନ କରାଯାଇଥିଲା। ଆଇନ୍ ପ୍ରଣୟନର ଦୁଇ ତିନି ବର୍ଷ ଯାଏଁ ଏହା କଡ଼ାକଡ଼ି ଭାବେ ଲାଗୁ କରାଗଲା। ହେଲେ ତା'ପରେ ଧୀରେ ଧୀରେ ତମାଖୁ ଓ ତମାଖୁ ଜାତୀୟ ଦ୍ରବ୍ୟର ଉତ୍ପାଦନ, ବିକ୍ରି ଓ ପ୍ରଚାର ଓ ପ୍ରସାର ଅଧିକ ହେବାକୁ ଲାଗିଛି। କୋଟପା ଆଇନ୍‌ଟି ଘୋଷଣାରେ ମାତ୍ର ସୀମିତ ହୋଇ ରହିଯାଇଛି ଓ ଗଳିକନ୍ଦିରେ ନିଶାଦ୍ରବ୍ୟର ବିକ୍ରି ବୃଦ୍ଧି ପାଇଛି ବୋଲି ସଂଗଠନ ଅଭିଯୋଗ କରିଛି। ଗୁଟ୍‌ଖା ଯୋଗୁଁ ମୁଖ ଗହ୍ୱର ଓ କର୍କଟ ରୋଗ ଭଳି ମାରାତ୍ମକ ରୋଗରେ ଛୋଟ ପିଲା, ଯୁବ ସମାଜ, ବୟସ୍କମାନେ ପୀଡ଼ିତ ହେଉଛନ୍ତି। ତେଣୁ କୋଟପା ଆଇନ୍‌ଟିକୁ ପୁନଃ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ସଂଗଠନର ଅଧ୍ୟକ୍ଷ ସମାଜସେବୀ ମୀର ଅହମ୍ମଦ ଅଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

■ ୧୭ ଦାବିରୁ ୧୪ ପୂରଣ ପାଇଁ ବିଏମ୍‌ସିର ପ୍ରତିଶ୍ରୁତି

## ଆନ୍ଦୋଳନରୁ ଓହରିଲେ ଉଠାଦୋକାନୀ

ଭୁବନେଶ୍ୱର, ୨୪।୫(ସମିସ) : ରାଜଧାନୀରେ ପ୍ରବାସୀ ଭାରତୀୟ ସମ୍ମିଳନୀ ଆଳରେ ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ସାଧାରଣ ପ୍ରଶାସନ ବିଭାଗର ମିଳିତ ଉଦ୍ୟମରେ ଭୁବନେଶ୍ୱର ରାସ୍ତାକଡ଼ରେ ବ୍ୟବସାୟ କରି ନିଜ ପରିବାର ପ୍ରତିପୋଷଣ କରୁଥିବା ପାଖାପାଖି ୫ ହଜାରରୁ ଊର୍ଦ୍ଧ୍ୱ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇଥିଲା। ଏହାକୁ ନେଇ ଉଠାଦୋକାନୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେବାରୁ ସେହି ସମୟରେ ବିଏମ୍‌ସି ତରଫରୁ ଆଉ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରାଯିବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବିଏମ୍‌ସି ସେହି ପ୍ରତିଶ୍ରୁତିକୁ ପାଳନ କରିବା ପରିବର୍ତ୍ତେ ପ୍ରତାରଣା କରିଥିବାରୁ ଏହାର ପ୍ରତିବାଦରେ ଆସନ୍ତା ୨୬ ତାରିଖ ଦିନ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ ଚାରିପଟୁ ୨୦ ହଜାରରୁ ଊର୍ଦ୍ଧ୍ୱ ଉଠାଦୋକାନୀମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ୨ ନମ୍ବର ଓ ୫ ନମ୍ବର ବାସଭବନକୁ ଘେରାଉ କରାଯିବ ବୋଲି ଡାକରା ଦେବା ସହିତ ପୋଲିସ୍ କମିଶନରଙ୍କୁ ଲିଖିତ ଭାବରେ ଜଣାଇ ଦିଆଯାଇଥିଲା। ମହାସଂଘର ଏପରି ଡାକରା ଯୋଗୁଁ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ୍ ଉପ କମିଶନର ମାନସ କୁମାର ଗଡ଼ନାୟକ ଓ ଏସିପି ରମେଶ ଚନ୍ଦ୍ର ବିଶୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କୁ ଅବଗତ କରାଯାଇଥିଲା।

ସରକାର ଏହି ଘଟଣାକୁ ଗୁରୁତର ନେବା ସହ ଶନିବାର ସନ୍ଧ୍ୟା ୬ ଘଟିକା ସମୟରେ ବିଏମ୍‌ସି କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲଙ୍କ ସଭାପତିତ୍ୱରେ ବିଏମ୍‌ସି ବୈଠକ ଗୃହରେ ଏକ ଜରୁରିକାଳୀନ ଆଲୋଚନା ଅନୁଷ୍ଠିତ ହୋଇଥିଲା। ମହାସଂଘର ସଭାପତି ପ୍ରତାପ କୁମାର ସାହୁ ଓଡ଼ିଶା ଷ୍ଟ୍ରିଟ ଭେଣ୍ଡର୍ସ ୱେଲଫେୟାର ବୋର୍ଡ଼ ଗଠନ କରିବା, ଉଠାଦୋକାନୀ ଆଇନ ୨୦୧୪କୁ କାର୍ଯ୍ୟକାରୀ କରିବା, ସିଟି ମାଷ୍ଟର ପ୍ଲାନରେ ଉଠାଦୋକାନୀ ମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରିବା, ଓଡ଼ିଶାର ସବୁ ସହରରେ ଟାଉନ ଭେଣ୍ଡିଂ କମିଟି ଗଠନ କରିବା, ବିଏମ୍‌ସି, ବିଡ଼ିଏ, ଜିଏର ମିଳିତ ସ୍କ୍ୱାଡ଼ର ଆଇନ ବିରୋଧୀ କାର୍ଯ୍ୟକୁ ବନ୍ଦ କରିବା ଆଦି ୧୭ ଦଫା ଦାବି ବିଏମ୍‌ସି କମିଶନରକୁ ପ୍ରଦାନ କରିଥିଲେ। ଶ୍ରୀ ପାଟିଲ ୧୪ଟି ଦାବିକୁ ମାନି ନେଇଥିଲେ ଏବଂ ଖୁବ୍ ଶୀଘ୍ର ଏହି ୧୪ଟି ଦାବିକୁ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଗଲା ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ଆଲୋଚନାରେ ବିଏମ୍‌ସିର ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ଅଜୟ ମହାନ୍ତି, ପୋଲିସ୍ ଆଇଆଇସି କମଳ ଲୋଚନ ଭୂୟାଁ, ମହାସଂଘର ସାଧାରଣ ସମ୍ପାଦକ ଅନୁଜ କୁମା ପ୍ରଧାନ, ନିରଞ୍ଜନ ପାଣ୍ଡେ, ବିପିନ ବିହାରୀ ଜେନା, ପି. ସୁଦର୍ଶନ ପୃଷ୍ଟି, ପ୍ରଦୀପ ସାହୁ, ସୁମନ ପୃଷ୍ଟି, ସବନମ ବିବି, ମଙ୍ଗୁଲି ସାହୁ, ଶରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ଓଡ଼ିଶା ସବ୍‌ଜୁନିୟର ଉଷୁ ଦଳର ତାମିଲନାଡୁ ଯାତ୍ରା

ଭୁବନେଶ୍ୱର, ୨୪।୫(ସମିସ): ତାମିଲନାଡୁ ନମକ୍କାଲା ତିରୁଚଙ୍ଗୋଡେଠାରେ ଅନୁଷ୍ଠିତ ହେବାକୁ ଥିବା ୨୪ତମ ଜାତୀୟ ସବ ଜୁନିୟର ଉଷୁ ପ୍ରତିଯାଗିତାରେ ଅଂଶଗ୍ରହଣ କରିବା ଲାଗି ୬୫ଜଣିଆ ଓଡ଼ିଶା ଦଳ ତାମିଲନାଡୁ ଯାତ୍ରା କରିଛି। ଚଳିତ ମାସ ୨୬ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଦଳରେ ୫୯ଜଣ ଖେଳାଳି, ୪ଜଣ ଅଫିସିଆଲ ଓ ଦୁଇଜଣ ବୈଷୟିକ ଅଧିକାରୀ ସାମିଲ ଅଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ ଓଡ଼ିଶା ଦଳ ଏହି ଜାତୀୟ ପ୍ରତିଯୋଗିତାରେ ଭାଗ ନେଉଛି। ଅନ୍ତର୍ଜାତୀୟ ଜଜ ପ୍ରଦ୍ୟୁମ୍ନ ବେହେରା ଓ ଜଜ ସୁଶାନ୍ତ ନାୟକଙ୍କ ନେତୃତ୍ୱାଧୀନ ଦଳର କୋଚ ଭାବେ ପଙ୍କଜ ମହନ୍ତ ଓ ଦିବ୍ୟମୋହନ ପ୍ରଧାନ ମଧ୍ୟ ଦଳ ସହ ଯାତ୍ରା କରୁଛନ୍ତି। ଏଥିସହ ସୁଜନ କୁମାର ରଥ ଓ ଈଶ୍ୱର ଚନ୍ଦ୍ର ମହନ୍ତ ଦଳର ମ୍ୟାନେଜର ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ଉଷୁ ଆସୋସିଏସନର ଅଧ୍ୟକ୍ଷ ଇଂ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁମୋହନ ମହାନ୍ତି, ବିକାଶ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ ଖେଳାଳି ଓ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି। ଶନିବାର ଦଳ ତାମିଲନାଡୁ ଅଭିମୁଖେ ଯାତ୍ରା ଆରମ୍ଭ କରିଛି।



## 'ଥ୍ରେଡ୍‌ସ୍ ଅଫ୍ ୱିସ୍‌ଡମ୍-ଏ ୟୁଥ୍‌ସ ପର୍‌ସ୍ପେକ୍ଟିଭ୍ ଅନ୍ ଲାଇଫ୍' ଉନ୍ମୋଚିତ

ଭୁବନେଶ୍ୱର, ୨୪।୫(ସମିସ): ହୃଦାନନ୍ଦ ପୃଷ୍ଟିଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଥ୍ରେଡ୍‌ସ୍ ଅଫ୍ ୱିସ୍‌ଡମ୍-ଏ ୟୁଥ୍‌ସ ପର୍‌ସ୍ପେକ୍ଟିଭ୍ ଅନ୍ ଲାଇଫ୍' ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଦିଲ୍ଲୀ ମହିଳା ବୈଷୟିକ ବିଶ୍ୱବିଦ୍ୟାଳୟ (ଆଜିଟିୟୁଡବ୍ଲ୍ୟୁ) ଅଡିଟୋରିୟମ ପରିସରରେ ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୁଡୁଚେରୀର ପୂର୍ବତନ ଲେଫ୍ଟନାଣ୍ଟ ଗଭର୍ଣ୍ଣର ତଥା ବିଶିଷ୍ଟ ଲେଖିକା ଡ. କିରଣ ବେଦୀ, ୟୁପିଏସ୍‌ସି ପୂର୍ବତନ ଅଧ୍ୟକ୍ଷ ପ୍ରୀତି ସୁଦାନ, ଅବସରପ୍ରାପ୍ତ ଆଇଏଫ୍‌ଏସ୍ ତଥା ବିଶିଷ୍ଟ କବି ଅମରେନ୍ଦ୍ର ଖଟୁଆ, ନୂଆଦିଲ୍ଲୀ ଓଡିଆ ସମାଜ ସଭାପତି ସିଦ୍ଧାର୍ଥ ପ୍ରଧାନ, ଆଜିଟିୟୁଡବ୍ଲ୍ୟୁ କୁଳପତି ପ୍ରଫେସର ରଞ୍ଜନା ଝା ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ପେଟପାଟଣା ଆଳରେ ଗାଁ ଛାଡ଼ିଥିଲା 'ବିଦେଶିଆ'

ଭୁବନେଶ୍ୱର, ୨୪।୫(ସମିସ): ସମୟ ସହ ଗାଁ ଛାଡି ବଡ଼ ବଡ଼ ସହରରେ ଆକର୍ଷଣ ଓ ଭଲ ରୋଜଗାର ପାଇବା ଆଶାରେ ଛୋଟ ଛୋଟ ଗାଁ ମାନଙ୍କରୁ ଶ୍ରମିକମାନଙ୍କର ଧାଡ଼ି ସଦାସର୍ବଦା ସହରଗୁଡିକୁ ଛୁଟୁଥାଏ। 'ବିଦେଶୀଆ' ନାଟକର ନାୟକ ବିବାହର ଅଳ୍ପଦିନ ପରେ ଦି ପଇସା ଭଲ ରୋଜଗାର କରିବା ପାଇଁ ନିଜ ସୁନ୍ଦରୀ ସ୍ତ୍ରୀକୁ ଗାଁରେ ଛାଡ଼ି କୋଲକାତା ଚାଲିଯାଏ। ସେଠାରେ କର୍ମସଂସ୍ଥା ଯୋଗାଡ଼ କରିବା ସହ ନିଜର ପ୍ରଥମ ସ୍ତ୍ରୀକୁ ଭୁଲି କୋଲକାତାରେ ଦ୍ୱିତୀୟ ବିବାହ କରେ ଓ ଦୁଇଟି ପିଲାଙ୍କର ବାପା ବନିଯାଏ। ବିଦେଶିଆ ଗ୍ରାମର ଯୁବକ ବାଟୋହି ପ୍ରଥମ ସ୍ତ୍ରୀର ପରାମର୍ଶରେ କୋଲକାତା ଆସି ଖୋଜି ଖୋଜି ବିଦେଶିଆର ଦ୍ୱିତୀୟ ବିବାହ କଥା ଜାଣିପାରେ ଓ ବିଦେଶିଆକୁ ବୁଝାଇ ଶୁଝାଇ ଗାଁକୁ ନେଇଯାଏ। କାହଣୀ ଆଗକୁ ବଢ଼େ ଏବଂ ଦିନେ ହଠାତ୍ ବିଦେଶିଆର ଦ୍ୱିତୀୟ ସ୍ତ୍ରୀ ପିଲା ଛୁଆଙ୍କୁ ଧରି ବିଦେଶିଆର ଗାଁରେ ପହଞ୍ଚିଯାଏ। ଆଉ ତା' ପରେ ବିଦେଶିଆର ଦ୍ୱିତୀୟ ସ୍ତ୍ରୀର ପ୍ରଥମ ସ୍ତ୍ରୀ ସହ ସମ୍ନା ହେଇଯାଏ। କର୍ମସଂସ୍ଥାନ ଯୋଗାଡ଼ କରିବା ପାଇଁ ସାରା ପୃଥିବୀରେ ଶ୍ରମିକମାନେ ଏ ଦେଶରୁ ସେ ଦେଶ, ଏ ରାଜ୍ୟରୁ ସେ ରାଜ୍ୟ, ଏ ସହରରୁ ସେ ସହର ଦିନରାତି ଘୂରିବୁଲୁଥାନ୍ତି ନିଜର ପାରିବାରିକ ବନ୍ଧନକୁ ପଛରେ ପକାଇ। ସେହି ବିଷୟବସ୍ତୁ ନେଇ ଶନିବାର ପ୍ରଦର୍ଶିତ ହୋଇଛି ଭୋଜପୁରୀ ନାଟକ 'ବିଦେଶିଆ'। ଏହି ନାଟକର ଭିକାରୀ ଠାକୁର ହୋଇଥିବାବେଳେ ନାଟ୍ୟ ପରିଚାଳନା କରିଛନ୍ତି ଡ. ଶୈଳେନ୍ଦ୍ର। ଏହି ନାଟକକୁ ପରିବେଷଣ କରିଛନ୍ତି ପାଟନା ବିହାରରୁ ଆସିଥିବା ନିର୍ମାଣ କଳାମଞ୍ଚ ଅନୁଷ୍ଠାନ।



## ବଇଣ୍ଡାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



ବଇଣ୍ଡା,୨୪।୫(ସମିସ): କିଶୋରନଗର ବ୍ଲକ ବଇଣ୍ଡାଠାରେ ଶୁକ୍ରବାର ରାତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବଇଣ୍ଡା ମଣ୍ଡଳ ବିଜେପି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଜେପି ନେତା ଅରବିନ୍ଦ ସାହୁଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ସମ୍ବଲପୁର ଯାଉଥିବା ବେଳେ ବଇଣ୍ଡା ଛକ ନିକଟରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ମନ୍ତ୍ରୀ ପ୍ରଧାନ ଅଞ୍ଚଳବାସୀଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଅଞ୍ଚଳବାସୀ ବିଭିନ୍ନ ସମସ୍ୟା ନେଇ ତାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ରାଜେନ୍ଦ୍ର ସାହୁ, ଅଜିତ ପଟ୍ଟନାୟକ, ବିବୁଧେନ୍ଦ୍ର ସାହୁ, ହେମନ୍ତ ବିଶ୍ୱାଳ, ପ୍ରଦୀପ ସାହୁ, ଲୁଲୁ ସାହୁ, ରାଜା ପ୍ରଧାନ, ଗୋପାଳ ସାହୁ, ସରୋଜ ସାହୁ, ସୁଦାମ ପ୍ରଧାନ, ଚକ୍ରଧର ବେହେରା, ଚିତ୍ରସେନ ପ୍ରଧାନଙ୍କ ସମେତ ବହୁ ବିଜେପି ନେତା ଉପସ୍ଥିତ ଥିଲେ।

# ହିନ୍ଦୋଳରେ ପ୍ରଶାସନର ଚଢ଼ଉ, ୨୪ କ୍ରସର ସିଲ୍

ଖଜୁରିଆକଟା,୨୪।୫(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ମାଳ ମାଳ କ୍ରସର ସହ ଶହ ଶହ ବେଆଇନ ପଥର ଖଣି ରହିଛି। କ୍ରସର ଯୋଗୁ ଜଳବାୟୁ ମୃତ୍ତିକା ପ୍ରଦୂଷିତ ହେଉଥିବା ବେଳେ ଗାଁ ଗାଁରେ କିଡ୍‌ନୀ ରୋଗ ବ୍ୟାପିବାରେ ଲାଗିଛି। ତେବେ ପ୍ରଶାସନ ତରଫରୁ ଚଢ଼ଉ କରାଯାଇ ୨୪ଟି କ୍ରସର ସିଲ୍ କରାଯାଇଛି।

ହିନ୍ଦୋଳ ଉପଖଣ୍ଡରେ ଥିବା ବେଆଇନ କ୍ରସର୍‌ଗୁଡ଼ିକ ବର୍ଷବର୍ଷ ଧରି ଅଞ୍ଚଳରେ ପ୍ରଦୂଷଣ କରିବା ସହ ଦୂଷିତ ଜଳ ପିଇ ଲୋକେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଥିବା ବାରମ୍ବାର ପ୍ରଶାସନ ନିକଟରେ



ଲିଖିତ ଅଭିଯୋଗ ହୋଇଛି। ଗଣମାଧ୍ୟମ ଜରିଆରେ ମଧ୍ୟ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି। ଉପଖଣ୍ଡ ରାଜସ୍ୱ ବିଭାଗ, ଜିଲ୍ଲା ଖଣି ବିଭାଗ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଦୁଇଦିନ ପୂର୍ବରୁ କାରନ୍ଦା, ବାବନ୍ଧ, କନ୍ତିମିଲି ଆଦି ସ୍ଥାନରେ ଅତର୍କିତ ଚଢ଼ଉ କରି ୨୪ଟି ବେଆଇନ କ୍ରସର୍ ୟୁନିଟ ସିଲ୍ କରାଯିବା ସହ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଉଲ୍ଲେଯୋଗ୍ୟ, ଗତବର୍ଷ କାରନ୍ଦା ପଞ୍ଚାୟତ ମାନିଆନାଳୀ ଗ୍ରାମ ନିକଟରେ ବେଆଇନ କ୍ରସର ଚାଲୁଥିବାରୁ ଶବ୍ଦ ପ୍ରଦୂଷଣ ଓ ଧୂଳି ଧୂଆଁରେ ଅସ୍ତବ୍ୟସ୍ତ ହୋଇ ଗ୍ରାମର ଶତାଧିକ ମହିଳା ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଘେରଉ କରି ଏହାର ସ୍ଥାୟୀ ସମାଧାନ ଦାବି କରିଥିଲେ। ସେହିଭଳି ବାବନ୍ଧ ଓ ବେଢ଼ାପଡ଼ା ଗ୍ରାମବାସୀ ବେଆଇନ ଖଣି ଓ କ୍ରସର ଯୋଗୁଁ ଅସନ୍ତୋଷ ବ୍ୟକ୍ତ କରିଆସୁଥିଲେ। ସେ ସବୁକୁ ଟ୍ରକ୍ ଯୋଗେ ବେଆଇନ ଭାବେ ପରିବହନ କରୁଥିବା ସମୟରେ ବାଲିମି ଥାନା ପୁଲିସ୍ ଜବତ କରି ମାମଲା ରୁଜୁ କରିଥିଲା। ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା, ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ, ତହସିଲଦାର ଦିଲୀପ କୁମାର ସେଠୀଙ୍କ ସହ ଜିଲ୍ଲା ଖଣି ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ କର୍ମଚାରୀ ଓ ଟିପିସିଓଡିଏଲ କର୍ମଚାରୀ, ରାଜସ୍ୱ ବିଭାଗ ଅଧିକାରୀ ଚଢ଼ଉ କରି ଶୁକ୍ରବାର ୧୫ଟି କ୍ରସର ୟୁନିଟ ସିଲ୍ କରିଥିବା ବେଳେ ଦୁଇଦିନ ପୂର୍ବରୁ ୯ଟି ସିଲ୍ କରାଯାଇଥିବା ହିନ୍ଦୋଳ ତହସିଲଦାର ପ୍ରକାଶ କରିଛନ୍ତି।

## ମାଟ୍ରିକରେ ଏ-୧ରୁ ବଞ୍ଚିତ ଛାତ୍ରଛାତ୍ରୀଙ୍କ ୯୦ ପ୍ରତିଶତ ନମ୍ବର ହାସଲ



ଢେଙ୍କାନାଳ,୨୪।୫(ସମିସ): ଢେଙ୍କାନାଳ ସହର କୁଞ୍ଜକାନ୍ତସ୍ଥିତ ସାଇକୃପା +୨ ବିଜ୍ଞାନ ଆବାସିକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୁକ୍ତଦୁଇ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରୁ ବଞ୍ଚିତ ଏକାଧିକ ଛାତ୍ରଛାତ୍ରୀ ଯୁକ୍ତଦୁଇ ପରୀକ୍ଷାରେ ୯୦ ପ୍ରତିଶତ ନମ୍ବର ରଖି ରେକର୍ଡ ସୃଷ୍ଟି କରିଛନ୍ତି। ଏ ନେଇ କଲେଜ ପରିସରରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଅନୁଷ୍ଠାନର ଚେୟାରମ୍ୟାନ ଅନ୍ନଦା କୁମାର ମହାନ୍ତି ଯୋଗଦେଇ କହିଲେ ଯେ ଚଳିତବର୍ଷ ଆମ କଲେଜରେ ୧୨୯ ଜଣ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୦୯, ଦ୍ୱିତୀୟ ଶ୍ରେଣୀରେ ୧୭ ଜଣ ଏବଂ ତୃତୀୟ ଶ୍ରେଣୀରେ ୩ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେଇଛନ୍ତି। ସେମାନଙ୍କ ମଧ୍ୟରୁ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ହାସଲ କରିପାରି ନ ଥିବା ୮ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି ୨୭ ଜଣ ୫୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦଶମ ପରୀକ୍ଷାରେ ୬୩ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଭୁବନ ବ୍ଲକ ମହୁଲପାଳ ଗ୍ରାମର ମୁକେଶ ଓଝା ଯୁକ୍ତ ୨ରେ ୯୧ ପ୍ରତିଶତ ନମ୍ବର ରଖିବାରେ ସକ୍ଷମ ହୋଇଛନ୍ତି। କଲେଜ ଅଧ୍ୟକ୍ଷ ଡ. ତୁଷାର କୁମାର ମହାନ୍ତି କହିଛନ୍ତ ଯେ ଏଭଳି ସଫଳତା ଆମ କଲେଜର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରଛାତ୍ରୀଙ୍କ ପରିଶ୍ରମ ଏବଂ ଅଭିଭାବକଙ୍କ ସହଯୋଗ ପାଇଁ ସମ୍ଭବ ହୋଇଛି। ଏଥି ନିମନ୍ତେ ସେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଇକୃପା ଡିଗ୍ରୀ କଲେଜ ଅଧ୍ୟକ୍ଷ ବିଜୟ କୁମାର ପଟ୍ଟନାୟକ, ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ସମିର ସାହୁ, ସାମାଜସେବୀ ପ୍ରତାପ କୁମାର ଦାଶ, ବିଭୂତି ଭୂଷଣ ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସର ଭୂମିପୂଜନ



କାମାକ୍ଷାନଗର,୨୪।୫(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାମାକ୍ଷାନଗର ସହର ନିକଟ ଜନ୍ତାରିବୋଲଠାରେ ଶୁକ୍ରବାର କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସର ଭୂମିପୂଜନ ଓ ମୁଣ୍ଡିଦେଉଳିଠାରେ ଅସ୍ଥାୟୀ କ୍ୟାମ୍ପସ ଉଦଘାଟନ କରିବା ସହ ୫୩ ନମ୍ବର ଜାତୀୟ ରାଜପଥର ବାଇସିଙ୍ଗାଠାରେ ଫ୍ଲାଏଓଭର ବ୍ରିଜ ଉଦଘାଟନ କରିଛନ୍ତି। ପ୍ରଥମେ ବାଇସିଙ୍ଗା ନିକଟରେ ୧୦.୭୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଫ୍ଲାଏଓଭର ବ୍ରିଜ ଉଦଘାଟନ କରିଥିଲେ। ପରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସର ଭୂମିପୂଜନ କରିଥିଲେ। ମୁଣ୍ଡିଦେଉଳିଠାରେ କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ ଉଦଘାଟନ କରିବା ସହ ସାଧାରଣ ସଭାରେ ଉଦବୋଧନ ଦେଇଥିଲେ। ଢେଙ୍କାନାଳ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ମୁଖ୍ୟଅତିଥି, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଢେଙ୍କାନାଳ ଏସପି ଅଭିନବ ସୋନକର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଢେଙ୍କାନାଳ ବନଖଣ୍ଡରେ ଶିକାରୀଙ୍କ ଉତ୍ପାତ

● ନିୟନ୍ତ୍ରଣ କରିବାରେ ବନବିଭାଗ ବିଫଳ

ଢେଙ୍କାନାଳ,୨୪।୫(ସମିସ): ଢେଙ୍କାନାଳ ବନଖଣ୍ଡରେ ଥିବା ବିଭିନ୍ନ ସେକ୍ସନରେ ବେଆଇନ ଭାବେ ପ୍ରାଣୀ ଶିକାର, କାଠ ଚାଲାଣ ଆଦି ଧରାବନ୍ଧା ନିୟମରେ ପରିଣତ ହୋଇଛି। ବନବିଭାଗ ସ୍କ୍ୱାଡ୍ ଚଢ଼ଉ କରି ଶିକାରୀଙ୍କୁ ଗିରଫ କରୁଥିଲେ ମଧ୍ୟ ସେମାନଙ୍କୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି। ଫଳରେ ଶିକାରୀ ଗୁଳିରେ ଜଣେ ଗାର୍ଡଙ୍କ ଜୀବନ ଚାଲିଯାଇଛି।

କରୋନା ଦୁଇ ବର୍ଷ ମଧ୍ୟରେ କପିଳାସ ସଂରକ୍ଷିତ ଜଙ୍ଗଲରୁ ଦେଶୀ ବନ୍ଧୁକ, ପଶୁ ଶିକାର ପାଇଁ ଉଦ୍ଦିଷ୍ଟ ୫୦ଟି ତାର ଫାଶ, ଗୋଟିଏ କଇଁଛ ଚମଡ଼ା, ୯ଟି ବାରହା ଦାନ୍ତ, ୬ଟି ଚିତ୍ରା ହରିଣ ଶିଙ୍ଗ, ୩ଟି ଧନୁ, ୧୨ଟି ତୀର ଓ ଗୋଟିଏ ଚାପଡ଼ ଜବତ କରାଯାଇଥିଲା। ଢେଙ୍କାନାଳ ବନଖଣ୍ଡ ଅଧିକାରୀଙ୍କ ତତ୍ତ୍ୱାବଧାନରେ ୧୮ ଜଣଙ୍କୁ ନେଇ ଏକ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇଥିଲେ ମଧ୍ୟ ଏହା କେବଳ ନାମକୁ ମାତ୍ର କାମ କରୁଛି। କପିଳାସ ଅଭୟାରଣ୍ୟରେ ଶିକାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିବାବେଳେ ହିନ୍ଦୋଳ ବନାଞ୍ଚଳରେ ଜଙ୍ଗଲ ନିକଟ ଗ୍ରାମଗୁଡ଼ିକରେ ଶିକାର ଏକ ନିତିଦିନିଆ ବ୍ୟବସାୟରେ ପରିଣତ ହୋଇଛି। ହିନ୍ଦୋଳ ବନାଞ୍ଚଳରେ ଶିକାରୀମାନେ ୧୧ କେଭି ବିଦ୍ୟୁତ୍ ତାର ସଂଯୋଗ କରି ଫାଶ ବିଛାଇଥିବା ବେଳେ ଏହି ଫାଶରେ ଏକ ହାତୀ ଏବଂ ବାରହା ପଡ଼ି ମୃତ୍ୟୁବରଣ କରିଥିଲେ। ପ୍ରତିଦିନ ବାରହା, ହରିଣ, କୁଟୁରା ଶିକାର କରାଯାଉଛି। ଶିକାରୀମାନେ ବର୍ଷ ବର୍ଷ ଧରି ଅବାଧରେ ଶିକାର ଚଳାଇଥିବା ବେଳେ ଝିଙ୍କ, ବଜ୍ରକାପ୍ଟା ଭଳି ବିଲୁପ୍ତ ପ୍ରାୟ ଜନ୍ତୁଙ୍କୁ ମଧ୍ୟ ମାରି ଚୋରାଚାଲାଣ କରୁଛନ୍ତି। ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ଅଧିକ ଶିକାର ଚାଲିଛି। ଏପରିକି ଶିକାର ପାଇଁ ବୋମା ମଧ୍ୟ ବ୍ୟବହାର କରାଯାଉଛି। ଖାଦ୍ୟ ଭାବି ଜନ୍ତୁମାନେ ବୋମା ଖାଇଦେଉଥିବାରୁ ମୃତ୍ୟୁବରଣ କରୁଛନ୍ତି। ବୋମା ଖାଇ ଏକ ଭାଲୁର ମୃତ୍ୟୁ ଘଟଣା ପରେ ଜାଲରେ ପଡ଼ି କଲରାପତରିଆର ମୃତ୍ୟୁ ଘଟଣା ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା। ତେବେ ବନବିଭାଗ ଶିକାରୀଙ୍କୁ ସାବାଡ଼ କରିବାରେ ବିଫଳ ହେଉଛି। ଫଳରେ ଶିକାରୀଙ୍କ ଗୁଳିରେ ଜଣେ ନିଷ୍ଠାପର ତଥା କର୍ତ୍ତବ୍ୟନିଷ୍ଠ ଫରେଷ୍ଟ ଗାର୍ଡଙ୍କ ଜୀବନ ଯାଇଛି।

## ସାମାନ୍ୟ ବର୍ଷାରେ ବିଦ୍ୟୁତ୍ କାଟ୍

ଭୁବନ,୨୪।୫(ସମିସ): ସାମାନ୍ୟ ବର୍ଷା ହେଲେ ଭୁବନରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ହେଉଥିବାରୁ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୁବନ ବିଦ୍ୟୁତ୍ ବିଭାଗ ଅଧୀନରେ ହଜାର ହଜାର ଉପଭୋକ୍ତା ଥିବାବେଳେ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ଏବେ ଗ୍ରୀଷ୍ମ ପ୍ରବାହ ଚାଲିଥିବା ବେଳେ ବିଦ୍ୟୁତ୍ କାଟ ହେବ ନାହିଁ ବୋଲି ସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଭୁବନ ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଶୁକ୍ରବାର ରାତିରେ ସାମାନ୍ୟ ବର୍ଷା ହେବା ପରେ ବିଭାଗ ପକ୍ଷରୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପଚରାଯିବାରୁ ୩୩ କେଭି ଲାଇନ ଖରାପ ହୋଇଥିବା କହି ନିଜ ଉପରୁ ଦୋଷ ଛଡ଼ାଇ ଦେଇଥିବା ବେଳେ କେବେ ଅବସ୍ଥା ସ୍ୱାଭାବିକ ହେବ ସେ ସମ୍ପର୍କରେ କୌଣସି ସୂଚନା ଦେଇପାରୁ ନାହାନ୍ତି। ବିଦ୍ୟୁତ୍ ବିଭାଗରେ ଏଭଳି ବିଚିତ୍ର ନୀତିକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି।

## ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ

ପରଜଙ୍ଗ,୨୪।୫(ସମିସ): ମହାବୀରୋଡ ଥାନା ଅନ୍ତର୍ଗତ ଗଡ଼ପଳାଶୁଣି ଗ୍ରାମର ବିଭୂତି ଭୂଷଣ ସେଠ (୪୦)ଙ୍କର ହୃଦଘାତରେ ମୃତ୍ୟୁ ହୋଇଛି। ଶୁକ୍ରବାର ରାତିରେ ବିଭୂତି ଭୋଜି ଖାଇ ଘରକୁ ଆସି ଶୋଇଥିଲେ। ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କଣିହାଁ ବ୍ଲକ ବିଜେଡି ସଭାପତି ହେଲେ ପ୍ରଶାନ୍ତ



କଣିହାଁ,୨୪।୫(ସମିସ): ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ଜିଲ୍ଲା ନିର୍ବାଚନ ଅଧିକାରୀ ସରୋଜ କୁମାର ପଟ୍ଟନାୟକ ଶନିବାର ଅନୁଗୋଳ ଜିଲ୍ଲା ପାଲଲହଡ଼ା ନିର୍ବାଚନ ମଣ୍ଡଳୀ କଣିହାଁ ବ୍ଲକ ବିଜେଡିର ନୂତନ ସଭାପତି ଭାବେ ପ୍ରଶାନ୍ତ କୁମାର ସାହୁଙ୍କୁ ଘୋଷଣା କରିଛନ୍ତି। ଏଥିସହ ବ୍ଲକର ୧୯ ପଞ୍ଚାୟତ ବିଜେଡି ସଭାପତିଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି। ଡେରଙ୍ଗ ପଞ୍ଚାୟତ ସଭାପତି ଭାବେ ପୁରୁଷୋତ୍ତମ ସାହୁ, କାକୁଡ଼ିଆ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ହରିହରପୁର ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ହନୁମାନପୁର ଶିଶିର କୁମାର ବେହେରା, ଦଳକ ଜୟନ୍ତ କୁମାର ପ୍ରଧାନ, ବାଲିପଶି କରୁଣାକର ପ୍ରଧାନ, କୁଲୁମା ମହାର୍ଗା ସ୍ୱାଇଁ, କୁଲେଇ ସତ୍ୟାନନ୍ଦ ଗଡ଼ନାୟକ, ବିରୁ ଅବନୀକାନ୍ତ ଦେହୁରୀ, ବୁରୁକୁନା ତପନ କୁମାର ବେହେରା, କର୍ଣ୍ଣପାଳ ଦେବରାଜ ପ୍ରଧାନ, ପାରବିଲ ବିରଞ୍ଚିନାରାୟଣ ସାହୁ, ସୁଶୁପା ଅଭିମନ୍ୟୁ ପ୍ରଧାନ, ବଜ୍ରକୋଟ ହୃଦାନନ୍ଦ ମହାନ୍ତି, ରେଙ୍ଗାଳି ପ୍ରଜ୍ଞାବୀର ଦାସ, ଗଣ୍ଡମାଳା ଗିରୀଶ ଚନ୍ଦ୍ର ସାହୁ, ତାଳପଦା ପ୍ରତାପ ଚନ୍ଦ୍ର ବେହେରା, ଅର୍କିଳି ଶିବପ୍ରସାଦ ବେହେରା ଓ ସମଲ ପଞ୍ଚାୟତ ସଭାପତି ଭାବେ ଭବେଶ ପ୍ରଧାନଙ୍କ ନାମ ଘୋଷଣା କରାଯାଇଛି। ଦଳକୁ ତୃଣମୂଳ ସ୍ତରରେ ମଜବୁତ କରିବା ଦିଗରେ କାର୍ଯ୍ୟ ଜାରି ରହିବ ବୋଲି ନୂତନ ବ୍ଲକ ସଭାପତି ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଏହି ନିଯୁକ୍ତି ପାଇଁ ବ୍ଲକ ସଭାପତି ସାହୁ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ଜିଲ୍ଲା ନିର୍ବାଚନ ଅଧିକାରୀ, ପୂର୍ବତନ ବିଧାୟକ ମୁକେଶ ପାଳ, ଜିଲ୍ଲା ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ନାଲକୋ ସିପିପି ଶ୍ରମିକ କଂଗ୍ରେସ ୟୁନିୟନର ଶପଥ ଗ୍ରହଣ ଉତ୍ସବ

ନାଲକୋନଗର,୨୪।୫(ସମିସ): ନାଲକୋ ସିପିପିର ସ୍ୱୀକୃତିପ୍ରାପ୍ତ ସଙ୍ଗଠନ ନାଲକୋ ଶ୍ରମିକ ୟୁନିୟନର ଶପଥ ଗ୍ରହଣ ଉତ୍ସବ ୟୁନିୟନ କାର୍ଯ୍ୟାଳୟ ଶ୍ରମିକ ଭବନରେ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ଆଇଏନଟିୟୁସିର ରାଜ୍ୟ ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ, ରାଜ୍ୟ ସାଧାରଣ ସମ୍ପାଦକ କିଶୋର ଜେନା, ରାଜ୍ୟ ଉପସଭାପତି ମଦନମୋହନ ଧଳ, ନାଲକୋ ସିପିପିର ଜିଜିଏମ ସୁବ୍ରତ କୁମାର ମିଶ୍ର, ଜିଜିଏମ ଶୁଭେନ୍ଦୁ ଘୋଷ, ଜିଏମ ପ୍ରସନ୍ନ କୁମାର ସାହୁ, ନାଲକୋ କର୍ପୋରେଟ ଅଫିସ ସ୍ୱୀକୃତିପ୍ରାପ୍ତ ସଙ୍ଗଠନ ନାଲକୋ ଏମ୍ପ୍ଲୟିଜ ଫୋରମ୍‌ର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସ, ନାଲକୋ ଏମ୍ପ୍ଲୟିଜ ସଂଘ ସଭାପତି ନିର୍ମଳ ସାମଲ ଓ ଅନୁଗୋଳ ଜିଲ୍ଲା ଆଇଏନଟିୟୁସି ସଭାପତି ଦିଗମ୍ବର ଗଡ଼ନାୟକ ପ୍ରମୁଖ ଯୋଗଦେଇଥିଲେ। ନାଲକୋର ସାମ୍ପ୍ରତିକ ପରିସ୍ଥିତି, ରେକର୍ଡ ଲାଭ, ତଥା ସମ୍ପ୍ରସାରଣ ଓ ସାଂଗଠନିକ ଆଲୋଚନା କରାଯାଇଥିଲା। ଏଥିସହ ୨୦୨୫-୨୭ ବର୍ଷ ପାଇଁ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ହେମନ୍ତ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ବିଭବ ଜେନା, ୪ ଜଣ କାର୍ଯ୍ୟକାରୀ ସଭାପତି, ୭ ଉପସଭାପତି, ୨ ଯୁଗ୍ମ ସାଧାରଣ ସମ୍ପାଦକ, ୮ ସମ୍ପାଦକ, ୮ ସହସମ୍ପାଦକ, ୮ ଯୁଗ୍ମ ସହସମ୍ପାଦକ, କୋଷାଧ୍ୟକ୍ଷ ଓ ସହ କୋଷାଧ୍ୟକ୍ଷଙ୍କ ସମେତ ୩୪ଜଣ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସଙ୍ଗଠନର ମୁଖ୍ୟ ପରାମର୍ଶଦାତା ଭାବେ ରାମଚନ୍ଦ୍ର ଖୁଣ୍ଟିଆ, ରାଜୀବ ଜେନା, ମଦନ ମୋହନ ଧଳ, କିଶୋର ଜେନା ଓ ସସ୍ମିତା ବେହେରା ମନୋନୀତ ହୋଇଛନ୍ତି। ଏହା ସହିତ ଉପଦେଷ୍ଟା ମଣ୍ଡଳୀରେ ସନ୍ତୋଷ ରାଉତ, ଶୁଭ୍ରାଂଶୁ ବେହେରା, ପିକେ ମିଶ୍ର, ଆରକେ ସିଂ ଓ ସନ୍ତୋଷ ମହାରଣା ସ୍ଥାନ ପାଇଛନ୍ତି। ଶେଷରେ ନୂତନ କର୍ମକର୍ତ୍ତାଙ୍କୁ ଜିଏମ୍ ଏଚଆର ପ୍ରସନ୍ନ କୁମାର ସାହୁ ଶପଥପାଠ କରାଇଥିଲେ। ପୂର୍ବତନ ସଭାପତି ସନ୍ତୋଷ କୁମାର ରାଉତ ସଭା ପରିଚାଳନା କରିଥିଲେ।

## ଆମ୍ବଗଛରୁ ପଡ଼ି ଯୁବକ ମୃତ

ଅନୁଗୋଳ,୨୪।୫(ସମିସ): ଆମ୍ବଗଛରୁ ପଡ଼ି ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା କୁମ୍ଭାର ସାହିର ମୋହନ ମୁରଲୀ ବେହେରା (୨୭)। ସକାଳେ ମୋହନ ଘର ପଛ ପାଖରେ ଥିବା ଆମ୍ବ ଗଛରେ ଚଢ଼ି ଆମ୍ବ ତୋଳୁଥିଲେ। ମାତ୍ର ଗୋଡ଼ ଖସିଯିବାରୁ ସେ ତଳକୁ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ନାଲକୋ ସ୍ମେଲ୍ଟର ଏଏମଏସ ୟୁନିୟନ

## ମୁନା ସଭାପତି, ଗୋପାଳ ସାଧାରଣ ସମ୍ପାଦକ

ନାଲକୋନଗର,୨୪।୫(ସମିସ): ନାଲକୋ ସ୍ମେଲ୍ଟର ପ୍ଲାଣ୍ଟର ଶ୍ରମିକ ୟୁନିୟନ ବିଏମଏସ ସହ ବନ୍ଧିତ 'ଆଲୁମିନିୟମ୍ ମଜଦୁର ସଂଘ (ଏଏମଏସ)ର ନୂତନ କର୍ମକର୍ତ୍ତା ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଛି। ବିଏମ୍‌ଏସ୍ ଓଡ଼ିଶା ସଭାପତି ବାଦଲ ମହାରଣା ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଯୋଗଦେଇଥିଲେ। ସର୍ବସମ୍ମତି କ୍ରମେ ୭୩ ଜଣିଆ ନୂତନ କମିଟି ଗଠନ କରାଯାଇଛି। ସଭାପତି ଭାବେ ମୁନା ସାମଲ, ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ମଲ୍ଲିକ, କୋଷାଧ୍ୟକ୍ଷ ମଦନମୋହନ ସାହୁ, ସହକାରୀ କୋଷାଧ୍ୟକ୍ଷ ଭାବେ ନୃସିଂହ ଚରଣ ବେହେରାଙ୍କୁ ଚୟନ କରାଯାଇଛି। ଏଥିସହ ୩ଜଣ ସାଙ୍ଗଠନିକ ସମ୍ପାଦକ, ୩ଜଣ କାର୍ଯ୍ୟକାରୀ ସଭାପତି, ୮ଜଣ ଉପସଭାପତି, ୨ ଉପ ସାଧାରଣ ସମ୍ପାଦକ, ୨ କାର୍ଯ୍ୟାଳୟ ସମ୍ପାଦକ, ୩ ମହିଳା ଯୁଗ୍ମ ସମ୍ପାଦକ, ୧୩ ସମ୍ପାଦକ, ୧୨ ଯୁଗ୍ମ ସମ୍ପାଦକ, ୧୧ ଉପସମ୍ପାଦକ, ୧୦ ସହସମ୍ପାଦକ ଏବଂ ୨ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟଙ୍କୁ କମିଟିରେ ନିଆଯାଇଛି।

## ରେଡିଓ ସର୍ବୋଦୟ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ



ଅନୁଗୋଳ,୨୪।୫(ସମିସ): ଅନୁଗୋଳ ଜିଲ୍ଲାର ଏକମାତ୍ର ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ସର୍ବୋଦୟ ୮୯.୬ ଏଫଏମର ନୂତନ ଗୃହ ନିର୍ମାଣ ନିମନ୍ତେ ଅନୁଗୋଳ ହାଟଛକସ୍ଥିତ ତିନିକୋଣିଆ ବଗିଚା ପରିସରରେ ଜିଲ୍ଲାପାଳ ଅବଦାଲ ଏମ ଅଖତାର ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ଗାନ୍ଧୀ ବିଚାରର ସଂଗଠନ ଉତ୍କଳ ଗାନ୍ଧୀ ସ୍ମାରକନିଧି ପକ୍ଷରୁ ବାଜି ରାଉତ ଛାତ୍ରାବାସ ପରିସରରେ ଗତ ଜାନୁଆରୀରୁ ରେଡିଓ ସର୍ବୋଦୟର ପ୍ରସାରଣ ଆରମ୍ଭ ହୋଇଥିଲା। ରେଡିଓ ଷ୍ଟେସନର ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ରାଜ୍ୟସଭା ସାଂସଦ ସୁଲତା ଦେଓ ତାଙ୍କ ଉନ୍ନୟନ ପାଣ୍ଠିରୁ ଅର୍ଥ ଯୋଗାଇ ଦେଇଛନ୍ତି। ଏହି ଅର୍ଥରେ ରେଡିଓ ଷ୍ଟେସନ ପାଇଁ ଦୁଇଟି ରେକର୍ଡିଂ ଷ୍ଟୁଡିଓ ସହ ଏଡିଟିଂ ରୁମ, ବ୍ରଡ୍‌କାଷ୍ଟିଂ ରୁମ ଆଦି ନିର୍ମାଣ ହେବ। ଜିଲ୍ଲାପାଳ ଅଖତାର ଭିତ୍ତିପ୍ରସ୍ତର ସ୍ଥାପନ ପରେ ରେଡିଓ ଷ୍ଟେସନ ବୁଲି ଦେଖିଥିଲେ। ଏହି ଅବସରରେ ସେ କହିଲେ ଯେ ଅନୁଗୋଳବାସୀଙ୍କ ସ୍ୱର ଭାବେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ତଥା ମାନବାଧିକାର ଦିଗରେ ରେଡିଓ ସର୍ବୋଦୟ କାର୍ଯ୍ୟ କରିବା ଆବଶ୍ୟକ। ରେଡିଓ ଅନୁଗୋଳର ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ସେତୁର କାର୍ଯ୍ୟ କରୁ। ଏହି ରେଡିଓ ନିମନ୍ତେ ଜିଲ୍ଲା ପ୍ରଶାସନ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବ ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ପୌର ପାଳିକା ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ପୂର୍ତ୍ତ ବିଭାଗ ସୁପରିନଟେଣ୍ଡିଂ ଇଞ୍ଜିନିୟର ପ୍ରତାପ କୁମାର ହରିପାଲ, ଏସଡିଓ ସୁବୋଧ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ଧନେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ ଗାନ୍ଧୀ ସ୍ମାରକନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି, ରେଡିଓ ସର୍ବୋଦୟର ନିର୍ଦ୍ଦେଶକ ଡାକ୍ତର ବିଶ୍ୱଜିତ, ବାଜି ରାଉତ ଛାତ୍ରାବାସର ସମ୍ପାଦକ ଇଂ ଧନେଶ୍ୱର ସାହୁ, ପରିଚାଳକ କୈଳାସ ଚନ୍ଦ୍ର ସାହୁ, ରେଡିଓର ପଦାଧିକାରୀ ଆଦ୍ୟଶ୍ଳୋକ ମିଶ୍ର, ସୂର୍ଯ୍ୟନାରାୟଣ ନାଥ ପ୍ରମୁଖ ସହଯୋଗ କରିଥିଲେ।

## ସିପିପି ଏନ୍‌ଭିଏମ୍‌ଏସ୍ ୟୁନିୟନର ସାଧାରଣ ବୈଠକ

ନାଲକୋନଗର,୨୪।୫(ସମିସ): ରାଷ୍ଟ୍ରୀୟ ଶ୍ରମିକ ସଂଗଠନ ବିଏମଏସ ସହବନ୍ଧିତ ନାଲକୋ ବିଦ୍ୟୁତ ମଜଦୁର ସଂଘର ସାଧାରଣ ପରିଷଦ ବୈଠକ ନୂତନ ସଂଘ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ନାଲକୋ ବିଦ୍ୟୁତ ମଜଦୁର ସଂଘର ନୀତି, ଆଦର୍ଶ ଓ କାର୍ଯ୍ୟଶୈଳୀରେ ପ୍ରଭାବିତ ହୋଇ ନାଲକୋ ସିପିପିର ଅନ୍ୟ ଶ୍ରମିକ ସଂଗଠନର କାର୍ଯ୍ୟକର୍ତ୍ତା ତଥା ୩୦ରୁ ଉର୍ଦ୍ଧ୍ୱ ସଦସ୍ୟ ନାଲକୋ ବିଦ୍ୟୁତ ମଜଦୁର ସଂଘରେ ଯୋଗଦେଇଥିଲେ। ନାଲକୋ ବିଦ୍ୟୁତ ମଜଦୁର ସଂଘ ସାଧାରଣ ସମ୍ପାଦକ ଓ ସଭାପତି ନୂତନ ସଭ୍ୟମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରିବା ସହ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଦୁଇ ଟ୍ରକ ଧକ୍କା; ଚାଳକ ଆହତ



ପରଜଙ୍ଗ,୨୪।୫(ସମିସ): ୧୪୯ନଂ ଜାତୀୟ ରାଜପଥର ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ରଙ୍ଗଥଳି ନିକଟରେ ୨ ଟ୍ରକ ଧକ୍କା ହେବାରୁ ଜଣେ ଚାଳକ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତ ଚାଳକ କେନ୍ଦୁଝର ଜିଲ୍ଲା ପର୍ଶୁରାମପୁରର ବାବୁଲା ନାୟକ (୪୨)। ତାଙ୍କ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି।

● ଗାଦୀବ୍ରହ୍ମ ଡ୍ରାମାଟିକ୍ କ୍ଲବ୍‌ର ନାଟକ ମହୋତ୍ସବ ଉଦ୍‌ଘାଟିତ

## ପ୍ରଥମ ରଜନୀରେ 'କେତେ ଦୁଃଖ ଦେବୁ ଦେରେ ଦଇବ' ମଞ୍ଚସ୍ଥ



ପାରାଦୀପ, ୨୪।୫(ସମିସ): ଚୂନକତକୁଲାର ଓଁ ଗାଦୀବ୍ରହ୍ମ ଡ୍ରାମାଟିକ୍ କ୍ଲବ୍ ପକ୍ଷରୁ ଚୂନ ଖେଳ ପଡ଼ିଆରେ ଦୁଇଦିନିଆ ନାଟକ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ବାବୁ କଟିକିଆଙ୍କ ନିର୍ଦ୍ଦେଶନାରେ "କେତେ ଦୁଃଖ ଦେବୁ ଦେରେ ଦଇବ' ନାଟକ ମଞ୍ଚସ୍ଥ ହୋଇଥିଲା। ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପାରାଦୀପ ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ପ୍ରହ୍ଲାଦ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଗୋଲାପରାଣୀ ସାହୁ, ଗ୍ରାମର ମୁରବୀ ନିମାଇଁ ଚରଣ ମହାପାତ୍ର ଓ ବାବାଜୀ ଚରଣ ମହାପାତ୍ର, ଯାତ୍ରା ଲେଖକ ରମେଶ ତ୍ରିପାଠୀ, ସମାଜସେବୀ ଅନୁପ ମହାପାତ୍ର ଓ ନିଳାଦ୍ରୀ ବିହାରୀ ମହାନ୍ତି ପ୍ରମୁଖ ଯୋଗ ଦେଇତିଲେ। ମଞ୍ଚ ପରିଚାଳନା କରିଥିଲେ ରଶ୍ମିରଞ୍ଜନ ସାମନ୍ତରାୟ। ଦୀର୍ଘ ୩୦ ବର୍ଷ ଧରି ଏହି ଅନୁଷ୍ଠାନ ଓ ଗ୍ରାମର ଯୁବକ ଏହି ନାଟକ ମହୋତ୍ସବ ଆୟୋଜନ କରିଆସୁଛନ୍ତି। ପ୍ରଥମ ଦିବସ ନାଟକ ମଞ୍ଚସ୍ଥ ସମୟରେ ବର୍ଷା ସତ୍ତ୍ୱେ ଦର୍ଶକ ନାଟକର ମଜା ନେଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ "ସବୁ ଉପର ବାଲାର ଖେଳ" ନାଟକ ମଞ୍ଚସ୍ଥ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

ବାରମ୍ବାର ଖରାପ ହେଉଛି ଅଳିଆ ଉଠା ଗାଡ଼ି

# ପୌରାଞ୍ଚଳରେ ପଡ଼ିରହିଛି କୁଢ଼ କୁଢ଼ ଆବର୍ଜନା

ଜଗତସିଂହପୁର,୨୪।୫:(ସମିସ):

ଜଗତସିଂହପୁର ପୌର ପରିଷଦର ବ୍ୟାଟେରୀଚାଳିତ ଅଳିଆ ଉଠା ଗାଡ଼ି ବାରମ୍ବାର ଖରାପ ହେଉଥିବାରୁ ଅଳିଆ ଉଠିବାରେ ସମସ୍ୟା ସୃଷ୍ଟି ହେଉଛି। ଫଳରେ ପ୍ରାୟ ସମସ୍ତ ୨୧ଟି ୱାର୍ଡରେ ସପ୍ତାହ ସପ୍ତାହ ଧରି ଅଳିଆ ଆବର୍ଜନା ଜମା ହୋଇ ପରିବେଶକୁ ପ୍ରଦୂଷିତ କରୁଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ପୌରାଞ୍ଚଳ ଅଧିବାସୀ। ଏହି ସମସ୍ୟାର ସ୍ଥାୟୀ ସମାଧାନ କରାଯିବାକୁ ସାଧାରଣରେ ଦାବି ହେଉଛି।

ସୂଚନା ମୁତାବକ, ଜଗତସିଂହପୁର ପୌର ପରିଷଦ ଅଞ୍ଚଳରେ ୨୧ଟି ୱାର୍ଡ ରହିଥିବାବେଳେ ଏଠାରେ ୪୦ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି। ପ୍ରତି ୱାର୍ଡରୁ ଅଳିଆ ଆବର୍ଜନା ଉଠାଇବା ପାଇଁ ୨୦୨୨ରେ ପୌର ପରିଷଦ କର୍ତ୍ତୃପକ୍ଷ ୧୨ଟି ବ୍ୟାଟେରୀଚାଳିତ ଅଳିଆ ଉଠା ଗାଡ଼ି କ୍ରୟ କରିଥିଲେ। ଏଥିପାଇଁ ମହିଳା ଡ୍ରାଇଭର ନିଯୁକ୍ତ କରାଯାଇଥିଲା। ଏହି ଗାଡ଼ି ପ୍ରତିଦିନ ବିଭିନ୍ନ ୱାର୍ଡକୁ ଯାଇ ଅଳିଆ ଆଣୁଥିଲା। କିଛିଦିନ ଠିକ୍ ଠାକ୍ ଚାଲିବା ପରେ ଏହି ଗାଡ଼ି ମଧ୍ୟରୁ ୨/୩ଟି ଖରାପ ହୋଇଗଲା।







## ମରାମତିରେ ଖର୍ଚ୍ଚ ହେଲାଣି ଲକ୍ଷାଧିକ ଟଙ୍କା

ଫଳରେ ଅଳିଆ ଉଠିବା କାର୍ଯ୍ୟ ବାଧାପ୍ରାପ୍ତ ହେଲା। କିଛିଦିନ ମଧ୍ୟରେ ଖରାପ ଗାଡ଼ିକୁ ସଜଡା ଯାଇ କାମରେ ଲଗାଯାଇଥିଲା। ପରେ ଆଉ କିଛି ଗାଡ଼ି ଖରାପ ହେଲା ଓ ତାହାକୁ ମଧ ସଜଡାଯାଇଥିଲା। ଏବେ ୧୨ଟି ଗାଡ଼ି ମଧ୍ୟରୁ ପ୍ରାୟ ୯ଟି ଖରାପ ଥିବାରୁ ପୁନର୍ବାର ବିଭିନ୍ନ ୱାର୍ଡରୁ ଅଳିଆ ଉଠିପାରୁନାହିଁ। ଗାଡ଼ି କିଣା ହେବାର ୩ ବର୍ଷ ମଧ୍ୟରେ ଲକ୍ଷାଧିକ ଟଙ୍କା ମରାମତିରେ ଖର୍ଚ୍ଚ ହେଉଥିଲେ ମଧ ଯେଉଁ ଉଦ୍ଦେଶ୍ୟ ନେଇ ଗାଡ଼ି କିଣାଯାଇଥିଲା, ତାହା ସାଧିତ ହୋଇପାରୁନାହିଁ।

ଇତିମଧ୍ୟରେ ଅନେକ ଥର ଏହି ଅଳିଆ ଉଠା ଗାଡ଼ି ସଜଡା ହେଲାଣି। ତେବେ ସଜଡା ହେବାର କିଛିଦିନ ପରେ ଏହା ପୁଣି ଖରାପ ହେଉଥିବା ସାନିଟେସନ ଦାୟିତ୍ୱରେ ଥିବା କର୍ମଚାରୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ସୀମା ଜେନାଙ୍କୁ ପଚାରିବାରୁ ବର୍ତ୍ତମାନ ଖରାପ ଥିବା ଗାଡ଼ିର ମରାମତି କାର୍ଯ୍ୟ ଚାଲିଥିବା କହିଥିଲେ। ତେବେ ବାରମ୍ବାର ଏହି ବ୍ୟାଟେରୀ ଗାଡ଼ି ଖରାପ ହେଉଥିବାରୁ ଅଯଥା ଅର୍ଥ ଖର୍ଚ୍ଚ ନ କରି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଦାବି ଉଠାଇଛନ୍ତି ପୌରାଞ୍ଚଳ ବାସିନ୍ଦା। ଅନ୍ୟପକ୍ଷରେ ବର୍ତ୍ତମାନ ପାଇଁ ଏହାର କୌଣସି ବିକଳ୍ପ ନାହିଁ ବୋଲି କହିଛନ୍ତି ନିର୍ବାହୀ ଅଧିକାରୀ ଶ୍ରୀମତୀ ଜେନା। ଆବଶ୍ୟକ ସ୍ଥଳେ ଟ୍ରାକ୍ଟର ମାଧ୍ୟମରେ ବିଭିନ୍ନ ୱାର୍ଡରୁ ଅଳିଆ ଉଠାଯାଉଥିବା ସେ ସୂଚନା ଦେଇଛନ୍ତି। କେବେ ସଜଡ଼ା ସରୁଛି ଏହି ଖରାପ ହୋଇଥିବା ଗାଡ଼ି ଓ କେବେ ଜଗତସିଂହପୁର ପୌର ପରିଷଦ ଅନ୍ତର୍ଗତ ସମସ୍ତ ୨୧ଟି ୱାର୍ଡରୁ ନିୟମିତ ଅଳିଆ ଉଠିବ, ତାହାକୁ ହିଁ ଅପେକ୍ଷା କରିଛନ୍ତି ପୌରାଞ୍ଚଳବାସୀ।

■ ଜୀବିକା ପାଇଁ ପ୍ଲାଷ୍ଟିକ ସଂଗ୍ରହ

## ପରୋକ୍ଷରେ ପ୍ରକୃତିର ସେବା କରୁଛନ୍ତି ବିନୋଦ

କୁଜଙ୍ଗ,୨୪।୫(ସମିସ): ପ୍ଲାଷ୍ଟିକ୍ ଏବେ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ତେବେ ନିଜର ଜୀବିକା ପାଇଁ ପ୍ଲାଷ୍ଟିକ୍ ସଂଗ୍ରହ କରି ପରୋକ୍ଷରେ ପ୍ରକୃତିର ସେବା କରୁଛନ୍ତି ବିହାରୀ ଯୁବକ ବିନୋଦ ମୁଖିଆ। ତାଙ୍କର ଏହି କାର୍ଯ୍ୟ ପାଇଁ ପ୍ରଶଂସା କରାଯାଉଛି।

ବିହାରରୁ କେତେକ ପରିବାର ଆସି କୁଜଙ୍ଗ ମାଛ ବଜାର ନିକଟରେ ଦୀର୍ଘବର୍ଷ ଧରି ରହିଆସୁଛନ୍ତି। ଏହି ପରିବାର ମଧ୍ୟରୁ କେତେକ ମଜୁରି ଲାଗୁଥିବାବେଳେ ଅନ୍ୟ କେତକ ଗୃହ ନିର୍ମାଣରେ ଶ୍ରମିକ ଭାବେ କାର୍ଯ୍ୟ କରି ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ଯୁବକ ଅଛନ୍ତି ବିନୋଦ ମୁଖିଆ। ପରିବାର କହିଲେ ପତ୍ନୀ ଉର୍ମିଳା, ଦୁଇ ଝିଅ ଓ ଗୋଟିଏ ପୁଅ। ବିନୋଦ ପ୍ରତିଦିନ ବିଭିନ୍ନ ଆବର୍ଜନା ପୂର୍ଣ୍ଣ ଅଞ୍ଚଳରୁ ପ୍ଲାଷ୍ଟିକ ସଂଗ୍ରହ କରି ଏହାକୁ କବାଡିଆ ଦୋକାନରେ ବିକି ପରିବାର ପ୍ରତିପୋଷଣ କରନ୍ତି। ସେ ପ୍ରକୃତିର ସୁରକ୍ଷା ଓ ପ୍ଲାଷ୍ଟିକ୍‌ର ଭୟାବହତା ସମ୍ପର୍କରେ ଜାଣି ନ ଥିଲେ ମଧ ସ୍ୱାଭାବିକ ଭାବେ ପ୍ଲାଷ୍ଟିକ୍ ସଂଗ୍ରହକୁ ନିଜ ବୃତ୍ତି ରୂପେ ଗ୍ରହଣ କରିଛନ୍ତି। ତାହା ନିଜ ପାଇଁ ଯେତିକି ଉପଯୋଗୀ, ତା'ଠାରୁ ବେଶୀ ଉପଯୋଗୀ ଆମ ପରିବେଶ ପାଇଁ ବୋଲି କହିଛନ୍ତି କୁଜଙ୍ଗ ପ୍ରେସ୍ କ୍ଲବ୍ ସଭାପତି ପରିବେଶବିତ୍ ଡଃ ରଘୁନାଥ ସାହୁ। ବିଗତ କିଛିଦିନ ହେଲା ବିନୋଦ କୁଜଙ୍ଗର ଆଖପାଖ ଅଞ୍ଚଳର ନାଳ ନର୍ଦ୍ଦମାରୁ ଅନବରତ ପ୍ଲାଷ୍ଟିକ୍ ଗୋଟାଉଥିବାବେଳେ ଗୋଟିଏ ଅଞ୍ଚଳ ସମ୍ପୂର୍ଣ୍ଣ ଭାବେ ପରିଷ୍କାର ନ ହେଲେ ସେ ଅଞ୍ଚଳରୁ ଯାଆନ୍ତି ନାହିଁ।





ଗତ କିଛିବର୍ଷ ଧରି କୁଜଙ୍ଗରେ ଉଦ୍‌ବୃତ୍ତ ବର୍ଷା ଜଳ ପ୍ରମୁଖ ସମସ୍ୟା ହୋଇଥିବାବେଳେ ଏହାର ମୂଳ କାରଣ ନିଷ୍କାସନ ପଥ ବନ୍ଦ ହୋଇଯିବା ବା ପ୍ଲାଷ୍ଟିକ୍ ଜମିଯିବା। ବିନୋଦ ମଙ୍ଗରାଜପୁରର ପାରେଶ୍ୱରପୁର ନିକଟ ଏକ ଶାଖା କେନାଲରେ ପ୍ଲାଷ୍ଟିକ ସଫା କରୁଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାର ପଲିଥିନ ଜରି ଉପରେ କଟକଣା ଲଗାଇଥିବାବେଳେ ଏହା ବନ୍ଦ ହେବାର ନାଁ ଧରୁନି। ଅନ୍ୟପକ୍ଷରେ ପ୍ଲାଷ୍ଟିକର ଭୟାବହତା ନେଇ ସାଧାରଣରେ ସଚେତନତା ଅଭାବ ଯୋଗୁ ଏହି ସମସ୍ୟା ଏବେ ଉତ୍କଟ ରୂପ ନେଉଥିବାବେଳେ ବିନୋଦଙ୍କ ଭଳି ଯୁବକ ବାସ୍ତବରେ ପ୍ରକୃତିର ବନ୍ଧୁ ବୋଲି ମତ ଦେଇଛନ୍ତି ପ୍ରକୃତିବନ୍ଧୁ ଇଂ ଅମରେଶ ନରେଶ ସାମନ୍ତ।

## ଚୋରାମଦ ଜବତ, ବେପାରୀ ଗିରଫ

ଏରସମା,୨୪।୫(ସମିସ): ଏରସମା ଥାନା ଅନ୍ତର୍ଗତ ଘୋଡ଼ାଡିଆଁ ଗ୍ରାମରୁ ୪୦ ଲିଟର ଚୋରାମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ସମୀର କୁମାର ମହାନ୍ତି। ଗତକାଲି ରାତିରେ ଖବର ପାଇ ଏରସମା ଥାନା ପକ୍ଷରୁ ଘୋଡାଡିଆଁ ଗ୍ରାମରେ ଚଢ଼ଉ କରାଯାଇଥିଲା। ଏରସମା ଥାନାରେ ୧୭ ୬/୨୫ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସମୀରଙ୍କୁ କୋର୍ଟ ଚାଲାଣ କରାଯାଇଛି।



● ଅଠରବାଙ୍କୀରୁ ଇଫ୍‌କୋ ନାଳବନ୍ଧ ରାସ୍ତା କବ୍‌ଜା

## ଯାତାୟାତରେ ବାଧା; ପ୍ରତିବାଦ କଲେ ମିଳୁଛି ଧମକ

ପାରାଦୀପ,୨୪।୫(ସମିସ): ଅଠରବାଙ୍କୀରୁ ଇଫକୋ ନାଳବନ୍ଧ ରାସ୍ତା ଏବେ ବସ୍ତି ଲୋକଙ୍କ କବ୍‌ଜାରେ ରହିଛି। ଏହା ପାରାଦୀପ ପୌର ପରିଷଦ ଅନ୍ତର୍ଗତ ୨ ନମ୍ବର ୱାର୍ଡ ଅଧୀନରେ ରହିଛି। ରାସ୍ତା ଉପରେ ଖୁଲମଖୁଲା ଘରର ଜିନିଷ, ଜାଳେଣି କାଠ, ବାଇକ, ଟଲି ରିକ୍ସା ଓ ଘର ତିଆରି ପାଇଁ ଆଣିଥିବା ବାଲି, ଗୋଡି, ଇଟା ଆଦି ଗଦା କରି ରାସ୍ତାକୁ ସଂକୁଚିତ କରିଦିଆଯାଇଛି। ଏଭଳି ସ୍ଥିତିରେ ସେହି ବାଟ ଦେଇଯାଉଥିବା ଲୋକଙ୍କ ସମସ୍ୟା କହିଲେ ନ ସରେ। ଯଦି କେହି ଏହାର ପ୍ରତିବାଦ କରୁଛି, ସେ ଅଶ୍ଳୀଳ ଭାଷାରେ ଗାଳି ଶୁଣିବାକୁ ପଡୁଛି। ସନ୍ଧ୍ୟା ହେଲେ ରାସ୍ତା ଉପରେ ଚେୟାର ପକାଇ ଲୋକେ ବସି ରହୁଛନ୍ତି। ବାଇକ୍ ନେଇ ଗଲେ ବହୁ ସାବଧାନରେ ଯିବାକୁ ପଡୁଛି। ବାଇକ୍ ଆସିଲେ ମଧ ସେମାନେ ରାସ୍ତା ଛାଡ଼ିବାକୁ ନାରାଜ। ମ୍ୟୁନିସିପାଲିଟି ପକ୍ଷରୁ ନିର୍ମିତ ଏହି ୧୫ ଫୁଟିଆ ରାସ୍ତାକୁ ଏବେ ଟାଇଲ ପକାଇ କାମ କରାଯାଇଥିବାବେଳେ ଉକ୍ତ ରାସ୍ତାକୁ ସ୍ଥାନୀୟ ଲୋକେ ଅବରୋଧ କରିବା ଚିନ୍ତାର କାରଣ ହୋଇଛି। ତେବେ ପାରାଦୀପ ପୌରପାଳିକା ଏହି ରାସ୍ତାରେ ବସ୍ତିବାସିନ୍ଦାଙ୍କ ଏଭଳି ଜବରଦଖଲ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ନେଲେ ସେହି ରାସ୍ତାରେ ଯାତାୟାତ କରୁଥିବା ଲୋକେ ସମସ୍ୟା ଭୋଗିବା ନିଶ୍ଚିତ। ଅଠରବାଙ୍କୀ ବନ୍ଦର ଗେଟ ନିକଟରୁ ଦୋଛକି ରାସ୍ତାରେ ଭାରୀଯାନ ବହୁଳ ଭାବେ ଯାତାୟାତ କରୁଥିବାରୁ ଲୋକେ ଏହି ନାଳବନ୍ଧ ରାସ୍ତାରେ ଯାତାୟାତ କରୁଛନ୍ତି। ତେବେ ସେ ସମସ୍ୟାଠାରୁ ଏ ସମସ୍ୟା ବଳି ପଡ଼ିଥିବା କୁହାଯାଉଛି। ସାଧାରଣ ଲୋକଙ୍କ ଏହି ସମସ୍ୟାକୁ ଗୁରୁତର ଭାବେ ନେଇ ଏହାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

ପ୍ରତିଭାକୁ ରୋକିପାରିନି ଦାରିଦ୍ର୍ୟ

## ଚିତ୍ରକଳାରେ ପାରଦର୍ଶିତା ଦେଖାଇଛନ୍ତି ପ୍ରିୟଦର୍ଶିନୀ





କୁଜଙ୍ଗ,୨୪।୫(ସମିସ): ପ୍ରତିଭାକୁ ଦାରିଦ୍ର୍ୟ ରୋକିପାରେନି। ଏଭଳି ଜଣେ ପ୍ରଚଣ୍ଡ ପ୍ରତିଭାଧାରୀ ଭିନ୍ନକ୍ଷମ ଛାତ୍ରୀ ପ୍ରିୟଦର୍ଶିନୀ ସାହୁ। ଅକ୍ଷୟ ସାହୁ ଓ ସୁଜାତା ସାହୁଙ୍କ ତିନି କନ୍ୟାଙ୍କ ମଧ୍ୟରୁ ମଧ୍ୟମା କନ୍ୟା ପ୍ରିୟଦର୍ଶିନୀ। ଜନ୍ମରୁ କଥା କହିପାରୁ ନ ଥିବା ଏହି ଭିନ୍ନକ୍ଷମ ବାଳିକା ଚିତ୍ରାଙ୍କନରେ ଯେପରି, ପାଠରେ ମଧ ନିଜର ଉତ୍କର୍ଷ ଦେଖାଇଛନ୍ତି। ପିତା ଜଣେ ଛୋଟ ବ୍ୟବସାୟୀ। ତିନି ଝିଅଙ୍କ ପାଠପଢା ପାଇଁ ବହୁକଷ୍ଟ କରୁଥିବାବେଳେ ଏହି ଭିନ୍ନକ୍ଷମ ଝିଅ ପ୍ରିୟଦର୍ଶିନୀ ସାଧାରଣ ବିଦ୍ୟାଳୟରେ ପଢି ମଧ ନିଜର ନିଷ୍ଠା ଦେଖାଇଥିବାବେଳେ ଅବସର ସମୟରେ ଘରେ ବସି ଚିତ୍ର ଆଙ୍କନ୍ତି। ଝିଅର ଆଗ୍ରହ ଦେଖି ପିତାମାତା ତାଙ୍କୁ ଉତ୍ସାହିତ କରୁଥିବାବେଳେ ଅର୍ଥାଭାବ ଯୋଗୁଁ ପ୍ରଶିକ୍ଷଣ ଦେଇପାରିନାହାଁନ୍ତି। ଏହା ସତ୍ତ୍ୱେ ନିଜର ଦୃଢ଼ ଇଚ୍ଛାଶକ୍ତି ଓ ନିରନ୍ତର ଅଭ୍ୟାସ ଯୋଗୁ ସେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପୁରସ୍କୃତ ହେବା ସହ ଜିଲ୍ଲା ସ୍ତରରେ ବହୁ ପ୍ରତିଯୋଗିତାରେ ପ୍ରଥମ ହୋଇପାରିଛନ୍ତି। ଯଦି ତାଙ୍କୁ ଚିତ୍ରକଳାରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯା'ନ୍ତା, ତେବେ ସେ କଳାରେ ପାରଦର୍ଶିତା ହାସଲ ସହ ନିଜର ଅନ୍ତର୍ନିହିତ ପ୍ରତିଭାର ଉନ୍ମେଷ କରିପାରନ୍ତେ ବୋଲି ପଙ୍କପାଳ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି କ୍ୟାପେଟନ୍ ଅଜୟ କୁମାର ଖୁଣ୍ଟିଆ ପ୍ରକାଶ କରିଛନ୍ତି।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଅଧକ୍ଷଙ୍କୁ ଡକ୍ଟରେଟ ଉପାଧି

ଏରସମା,୨୪।୫(ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ସାମଲ ଆମେରିକା ମେରିଟ କାଉନସିଲ ଦ୍ୱାରା ସମ୍ମାନସୂଚକ ଡକ୍ଟରେଟ ଉପାଧି ଲାଭ କରିଛନ୍ତି।





ସେ ଜନତା କୋଠିର ଶ୍ରୀଶ୍ରୀ ଜଗନ୍ନାଥ ଦିବ୍ୟଚେତନା ପରିଷଦର ଜଣେ ସକ୍ରିୟ ସଦସ୍ୟ। ଏତଦ୍‌ବ୍ୟତୀତ ବାଲିକୁଦା ପୂଜ୍ୟପୂଜା ସଂସଦର ଉପଦେଷ୍ଟା ଅଛନ୍ତି। ସେ ଦକ୍ଷ ପ୍ରଶାସକ ଭାବେ ମହାବିଦ୍ୟାଳୟର ଭିତ୍ତିଭୂମି ଉନ୍ନତି ଓ ଶୈକ୍ଷିକ ବାତାବରଣ ସୃଷ୍ଟି କରିଛନ୍ତି। ଜାତୀୟ ସେମିନାରରେ ଅଂଶଗ୍ରହଣ କରି ନିଜର ପ୍ରବନ୍ଧ ପାଠ କରିଛନ୍ତି। ତାଙ୍କ ଦ୍ୱାରା ରଚିତ ଅନେକ ପ୍ରବନ୍ଧ ଜାତୀୟ ସ୍ତରରେ ଆଦୃତି ଲାଭ କରିଛି। ବିଶ୍ୱ ବ୍ୟାଙ୍କ ଦ୍ୱାରା ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ ଅନୁଦାନ ପାଇବା ପାଇଁ ମହାବିଦ୍ୟାଳୟସ୍ତରୀୟ କମିଟି ମୁଖ୍ୟ ଥାଇ ଏହି ମହାବିଦ୍ୟାଳୟର ସୁନାମ ଆଣିବା ସହିତ ଏକ ଆକର୍ଷଣୀୟ ଶ୍ରେଣୀ ଗୃହ ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କର ଏତାଦୃଶ କାର୍ଯ୍ୟ ପାଇଁ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି।

## ଏସ୍‌ଭିଏମ୍ କଲେଜର ପିଜି ଓ ସେଲ୍ଫ ଫାଇନାନ୍ସିଂ ବ୍ଲକ୍ ପାଇଁ ୫ କୋଟି ମଞ୍ଜୁର

ଜଗତସିଂହପୁର,୨୪।୫(ସମିସ): ଜଗତସିଂହପୁର ଜିଲ୍ଲା ତଥା ସମଗ୍ର ଓଡ଼ିଶାର ଏକ ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ (ଏସ୍‌ଭିଏମ୍ କଲେଜ)ରେ ଗତବର୍ଷଠାରୁ ବିଭିନ୍ନ ବିଭାଗରେ ପିଜି କ୍ଲାସ ଆରମ୍ଭ ହୋଇଛି। ତେବେ ଭିତ୍ତିଭୂମି ଅଭାବ କାରଣରୁ ଶିକ୍ଷାଦାନ ପ୍ରକ୍ରିୟା ସଠିକ୍ ଭାବେ ଚାଲିପାରୁ ନ ଥିଲା। ଏହି ସମସ୍ୟା ଦୂର କରିବା ପାଇଁ ମହାବିଦ୍ୟାଳୟର ପୁରାତନ ଛାତ୍ର ତଥା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ପରାମର୍ଶକ୍ରମେ ଆର୍ଥିକ ଅନୁଦାନ ନିମନ୍ତେ କଲେଜ କର୍ତ୍ତୃପକ୍ଷ ୨୦୨୪ ଡିସେମ୍ବର ୩ ତାରିଖରେ ସରକାରଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚଳିତ ମାସ ୨୩ ତାରିଖରେ



ଏହି କାର୍ଯ୍ୟ ପାଇଁ ୫ କୋଟି ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର କରାଯାଇଛି। କଲେଜ ଇତିହାସରେ ପୂର୍ବରୁ ଏକକାଳୀନ ମିଳିଥିବା ସମସ୍ତ ଅନୁଦାନଠାରୁ ଏହା ବୃହତ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ ୧ କୋଟି ୬୫ ଲକ୍ଷ ଟଙ୍କା ପଠାଯାଇଥିବାବେଳେ ଆସନ୍ତା ନଭେମ୍ବର ୩୦ ତାରିଖ ସୁଦ୍ଧା ଏହି ଟଙ୍କାର ବିନିଯୋଗ କରି ଡିସେମ୍ବର ୧୫ ତାରିଖ ସୁଦ୍ଧା ବିଭାଗ ପାଖରେ ବିନିଯୋଗ ପ୍ରମାଣପତ୍ର ଦାଖଲ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆସିଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଏ ଅବସରରେ କଲେଜ ଅଧକ୍ଷା, ଅଧ୍ୟାପକ/ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଧାୟକ ଅମରେନ୍ଦ୍ର ଦାସ, ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ରାସ୍ତା କାମ ଅଧପନ୍ତରିଆ

# ଅଦିନିଆ ବର୍ଷାରେ ଜନାପାଳ ଛକରେ ଆଣ୍ଠୁଏ ପାଣି

କୁଜଙ୍ଗ,୨୪।୫(ସମିସ):

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ପଙ୍କପାଳ ଗରେଇ ରାସ୍ତା ଦୀର୍ଘଦିନ ଧରି ଅଧପନ୍ତରିଆ ହୋଇପଡ଼ିରହିଛି। ଧାର୍ଯ୍ୟ ସମୟଠାରୁ ଏବେ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯିବାକୁ ବସିଥିବାବେଳେ ରାସ୍ତା କାମ ଶେଷ ହୋଇପାରିନାହିଁ। ଫଳରେ ଅଦିନିଆ ସାମାନ୍ୟ ବର୍ଷାରେ ରାସ୍ତା ବେହାଲ ହୋଇପଡ଼ିଛି। ବିଶେଷକରି ଜନାପାଳ ଛକ ନିକଟରେ ରାସ୍ତା ଅଧପନ୍ତରିଆ ହୋଇ ପଡିଥିବାବେଳେ ଏବେ ପାଣି ଲହଡ଼ି ଭାଙ୍ଗୁଛି। ଯଦି ବର୍ଷାଦିନ ସୁଦ୍ଧା ରାସ୍ତା ଓ ବିଭିନ୍ନ ସ୍ଥାନରେ ଡ୍ରେନେଜ କାମ ସମ୍ପୂର୍ଣ୍ଣ ହୋଇ ନ ପାରିବ, ତେବେ ପରିସ୍ଥିତି ଭୟଙ୍କର ହେବ ବୋଲି ଅଭିଯୋଗ ହୋଇଛି।

ସୂଚନା ମୁତାବକ, ଗରେଇ ରାସ୍ତାରେ ଗାଡ଼ି ଯାତାୟାତ ଅସୁବିଧା ଓ ଅନ୍ୟ ସମସ୍ୟା ଯୋଗୁଁ ସ୍ଥାନୀୟ ସମାଜସେବୀ ନିକୁଞ୍ଜ କିଶୋର ଚୌଧୁରୀ



ରାସ୍ତାରେ କିଛି ବଜୁରୀ ଗୁଣ୍ଡ ପକାଇଦେବା ଯୋଗୁ କୌଣସି ପ୍ରକାରେ ଯାତାୟାତରେ ସୁବିଧା ହୋଇପାରୁଥିଲା। ମାତ୍ର ଗତକାଲିଠାରୁ ବର୍ଷା ହେବା ଯୋଗୁଁ ସାଧାରଣ ଲୋକେ ବହୁ ହୀନସ୍ତା ହେଉଥିବା ଅଭିଯୋଗ ହୋଇଛି। ଜନାପାଳ ଛକ ଚାରି ଦିଗକୁ ସଂଯୋଗ କରୁଥିବା ଏକ ଛକ। ପୂର୍ବରେ ପାଟପୁର ସହିତ ଏରସମା ବ୍ଲକ୍, ପଶ୍ଚିମରେ ରାହାମା, ଉତ୍ତରରେ ପଙ୍କପାଳ ଓ ଦକ୍ଷିଣରେ ଗରେଇ ପୋତାନଇ ଅଞ୍ଚଳକୁ ଏହି ରାସ୍ତା ସଂଯୋଗ କରୁଛି। ବିଶେଷକରି ରେଳ ଷ୍ଟେସନ ସହ ପଙ୍କପାଳ ହାଟକୁ ବହୁ ସାଧାରଣ ଲୋକେ ଏହି ରାସ୍ତା ଦେଇ ଯାତାୟାତ କରୁଥିବାବେଳେ ଏବେ ରାସ୍ତା ବେହାଲ ହୋଇପଡ଼ିଛି। ଆଗକୁ ସ୍କୁଲ ଖୋଲିବ ଓ ବିଭିନ୍ନ ପୂଜା ପାର୍ବଣ ଆସୁଛି। ଏହି ଗୁରୁତ୍ୱପୂର୍ଣ୍ଣ ଛକ ରାସ୍ତାରୁ ପାଣି ନିଷ୍କାସନ ହୋଇ ନ ପାରିଲେ ପରିସ୍ଥିତ ଆଣୟତ୍ତ ହେବ ଓ ଟ୍ରାଫିକ ସମସ୍ୟା ଦେଖାଦେବା ଆଶଙ୍କା ଦେଖାଦେଇଛି। ତୁରନ୍ତ ଏହି ରାସ୍ତା କାମ ଶେଷ କରିବା ସହ ଡ୍ରେନେଜ୍ ବ୍ୟବସ୍ଥା କରାଯିବାକୁ ବିଜେଡି ନେତା ନିକୁଞ୍ଜ କିଶୋର ଚୌଧୁରୀ ଓ ପଙ୍କପାଳ ବଣିକ ସଂଘ ସଭାପତି ଫକୀର ଦାସ ପ୍ରମୁଖ ଦାବି କରିଛନ୍ତି।

## ଶସ୍ୟ ଆମଦାନୀ କେନ୍ଦ୍ରର ଶିଳାନ୍ୟାସ

ନାଉଗାଁ,୨୪।୫(ସମିସ): ନାଉଗାଁ ବ୍ଲକ୍ ଅନ୍ତର୍ଗତ ଗଜରାଜପୁର ସେବା ସମବାୟ ସମିତି ପରିସରରେ ପୂର୍ତ୍ତ ବିଭାଗ ଅଧୀନ ରାସ୍ତା ଓ ଗୃହ ନିର୍ମାଣ ବିଭାଜନ ପକ୍ଷରୁ ଚାଷୀଙ୍କ ପାଇଁ ଶସ୍ୟ ଆମଦାନୀ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଶିଳାନ୍ୟାସ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସର୍ବେନ୍ଦୁ ସୂତାର, ସମିତି ସଭାପତି ବସନ୍ତ କୁମାର ପାଢ଼ୀ, ସମ୍ପାଦକ ମଙ୍ଗଳାକାନ୍ତ ମହାନ୍ତି, ଗଜରାଜପୁର ସରପଞ୍ଚ ଲକ୍ଷ୍ମୀପ୍ରିୟା ମଲ୍ଲିକ, ସମିତିସଭ୍ୟା ରିଲା ଦାସ, ଗଳଦାରି ସରପଞ୍ଚ ଦିଲ୍ଲୀପ କୁମାର ନାୟକ, ସମିତି ସଭ୍ୟ ପ୍ରଭାତ କୁମାର ସ୍ୱାଇଁ, ପଦ୍ମଚରଣ ରାଉତ, କ୍ଷୀରୋଦ ରାଉତ, ନୂଆଗାଁ ସରପଞ୍ଚ ଦୋଳଗୋବିନ୍ଦ ରାଉଳ, ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ, ଦେବୀପ୍ରସାଦ ପାଢ଼ୀ, ବିସ୍ମୟାନନ୍ଦ ସ୍ୱାଇଁଙ୍କ ସମେତ ଶତାଧିକ ସମିତି ସଭ୍ୟ ଉପସ୍ଥିତ ଥିଲେ।

## ବିଶ୍ୱ ସାମୁଦ୍ରିକ କଇଁଛ ଦିବସ ପାଳିତ

ଏରସମା,୨୪।୫(ସମିସ): ଏରସମା ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥ ଶିଆଳି ଗ୍ରାମରେ ଏପିଓଡବ୍ଲୁଏ ପକ୍ଷରୁ ବିଶ୍ୱ ସାମୁଦ୍ରିକ କଇଁଛ ଦିବସ ପାଳିତ ହୋଇଯାଇଛି। ଦୋଳଗୋବିନ୍ଦଜୀଉ ଯୁଥ କ୍ଲବ୍ ସଭାପତି ଦୀନବନ୍ଧୁ ଗିରି ଅଧକ୍ଷତା କରିଥିଲେ। କଇଁଛ ସୁରକ୍ଷା ଉପରେ ସାମାଜିକ ଦାୟିତ୍ୱ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପଦ୍ମପୁର ସରପଞ୍ଚଙ୍କ ପ୍ରତିନିଧି ରାଜେନ୍ଦ୍ର ସାମନ୍ତ, ଅନୁଷ୍ଠାନର ସମ୍ପାଦକ ସୁକାନ୍ତ ସାମନ୍ତ, ଫରେଷ୍ଟ ଗାର୍ଡ ସୁବାସ ମାଝୀ, ଏସଏଚଜି ମହିଳା ସଂଗଠନର କର୍ମକର୍ତ୍ତା ରୀନାରାଣୀ ସାମନ୍ତ, ସଂଯୁକ୍ତା ଗିରି, ବାସନ୍ତୀ ଜାନା, ପ୍ରମିଳା ପାତ୍ର, ଲକ୍ଷ୍ମୀ ମାଇତି, ଅରବିନ୍ଦ ଜାନା, ରାଜକୁମାର ଜାନା, ଅମଳେଶ ପାଲ, ଉଲ୍ଲାସ ଭୂୟାଁ, ପ୍ରଫୁଲ୍ଲ ମାଇତି ପ୍ରମୁଖ ଉପସ୍ଥିତ ହୋଇ ଶିଆଳି ବେଳାଭୂମିର ରକ୍ଷଣାବେକ୍ଷଣ, ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଉପରେ ବକ୍ତବ୍ୟ ଦେଇଥିଲେ। ଶେଷରେ ଦୋଳଗୋବିନ୍ଦଜୀଉ ଯୁଥ କ୍ଲବର ବରିଷ୍ଠ କର୍ମକର୍ତ୍ତା ରବୀନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

### ଆଇସିଏଆଇର ଉପ-ଆଞ୍ଚଳିକ ସମ୍ମିଳନୀ 'ସକ୍ଷମ-୨୦୨୫'

# ଉଠାଦୋକାନୀ ଓ ଲକ୍ଷପତି ଦିଦି ସହ ଯୋଡ଼ି ହୁଅନ୍ତୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ : ଧର୍ମେନ୍ଦ୍ର

ସମ୍ବଲପୁର, ୨୪।୫ (ସମିସ)

ଦେଶରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ସମୁଦାୟ ବୃଦ୍ଧି ପାଇଲେ ବ୍ୟବସାୟ ବୃଦ୍ଧି ପାଇବ। ଏହି କମ୍ୟୁନିଟିର ବନ୍ଧୁମାନେ କୃଷି ଉତ୍ପାଦ ସଂଗଠନ ତଥା ଏଫପିଓ, ଷ୍ଟ୍ରିଟ୍ ଭେଣ୍ଡର ବା ଉଠା ବ୍ୟବସାୟୀ ଏବଂ ଲକ୍ଷପତି ଦିଦି ଭଳି ବିଷୟ ସହ ଯୋଡ଼ିହେବା ଦରକାର। ଏହିଭଳି ବ୍ୟବସାୟକୁ ସହଯୋଗ କରିବା ଦରକାର। ସେମାନଙ୍କ ଆର୍ଥିକ ବ୍ୟବସ୍ଥା ବଢ଼ିଲେ ହିଁ ଆମର ବ୍ୟବସାୟରେ ଅଭିବୃଦ୍ଧି ଘଟିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶନିବାର ଆଇଆଇଏମ ସମ୍ବଲପୁରରେ ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଫ୍ ଇଣ୍ଡିଆ (ଆଇସିଏଆଇ)ର ଉପ-ଆଞ୍ଚଳିକ ସମ୍ମିଳନୀ 'ସକ୍ଷମ-୨୦୨୫'ର ଉଦ୍‌ଘାଟନୀ ଅଧିବେଶନରେ ଯୋଗଦେଇ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମୁଦାୟକୁ ଏହି ପରାମର୍ଶ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ। ଏହି ନିଆରା କର୍ମଶାଳାରେ ସାରା ଦେଶରୁ ଯୋଗଦେଇଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏବଂ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଶ୍ରୀ ପ୍ରଧାନ। 'ସକ୍ଷମ-ବୃତ୍ତିଗତଙ୍କୁ ସଶକ୍ତ କରିବା, ପ୍ରଗତିକୁ ସକ୍ଷମ କରିବା' ବିଷୟ ଉପରେ ଆୟୋଜିତ ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ଦେଶର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି କ୍ଷେତ୍ରର




ଅଭିଜ୍ଞ ବ୍ୟକ୍ତିମାନଙ୍କର ଯୋଗଦାନ ଭାରତକୁ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥବ୍ୟବସ୍ଥାରେ ପରିଣତ କରିଛି। ଆଗାମୀ ଦିନମାନଙ୍କରେ ଏହି କ୍ଷେତ୍ରରେ ଭାରତର ସ୍ଥାନ ତୃତୀୟ ହେବ। ବିଶ୍ୱରେ ଭାରତର ପରିଚୟ ବଢ଼ିବ। ଭାରତର ଏହି ଯାତ୍ରାରେ ଆମର ସିଏ ସମ୍ପ୍ରଦାୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନରେନ୍ଦ୍ର ମୋଦୀ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଯେ ଦେଶର ୱେଲଥ୍ କ୍ରିଏଟର୍‌ଙ୍କୁ ସଠିକ୍ ସମ୍ମାନ ଦେଇଛନ୍ତି, ଯେଉଁଥିରେ ଆମର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏକ କାଟାଲିଷ୍ଟ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି, ଆମେ ୨୦୩୬ ସୁଦ୍ଧା ଓଡ଼ିଶାରେ ୧୦୦ କ୍ୟୁବର ଲକ୍ଷ୍ୟ ରଖିଛୁ, ଯେଉଁଥିରେ ପ୍ରତ୍ୟେକ ଷ୍ଟାର୍ଟଅପ୍‌ର ଆନୁମାନିକ ମୂଲ୍ୟ ୧୦୦ କୋଟି ଟଙ୍କା କରିବାର ଯୋଜନା କରିଛୁ। ଏଥିପାଇଁ ଆମକୁ ଏକ ସକ୍ଷମ ଇକୋସିଷ୍ଟମ ଏବଂ ଉଦ୍ୟମିତା ବାତାବରଣ ବଢ଼ାଇବାକୁ ହେବ। ଆଇଡିଆରୁ ଇନୋଭେସନ୍, ଇନୋଭେସନ୍‌ରୁ ଟେକ୍ନୋଲୋଜି ଏବଂ ପୁଣି ଟେକ୍ନୋଲୋଜିରୁ ସ୍କେଲଅପ୍ କରିବା ଆମର ପ୍ରାଥମିକତା ହେବା ଦରକାର। ଆଜି ସମଗ୍ର ଦେଶରେ ଆମର ଯୁବଶକ୍ତି ୨.୫ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍‌ରୁ ପ୍ରାୟ ୪୦ ଲକ୍ଷ କୋଟି ମୂଲ୍ୟର ତଥା ୭ ଲକ୍ଷରୁ ଅଧିକ ଲୋକଙ୍କୁ ରୋଜଗାର ଦେଉଛନ୍ତି। ଆମର ଯୁବବର୍ଗଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଆମେ ନୂଆ ସୁଯୋଗ ଏବଂ ସମାନ ମଞ୍ଚ ପ୍ରସ୍ତୁତ କରିବାକୁ ହେବ। ପୁରାତନ ବ୍ୟବସାୟକୁ ସମର୍ଥନ ଦେବା ସହିତ ନୂଆ ନୂଆ ବ୍ୟବସାୟକୁ ମଧ୍ୟ ଆଗକୁ ନେବାକୁ ହେବ। ଓଡ଼ିଶାର ପଶ୍ଚିମାଞ୍ଚଳରେ ଅପାର ସମ୍ଭାବନା ରହିଥିବାବେଳେ ତାହାର କେନ୍ଦ୍ରବିନ୍ଦୁରେ ସମ୍ବଲପୁର ରହିଛି। ସମ୍ବଲପୁରକୁ ଏକ ଷ୍ଟାର୍ଟଅପ୍‌ର ପେଣ୍ଠସ୍ଥଳୀ କରିବା ପାଇଁ ସମସ୍ତ ପ୍ରକାର ସମ୍ଭାବନା ଅଛି। ଏଠାରେ ଟେକ୍ସଟାଇଲ୍, ଗାରମେଣ୍ଟ, କୃଷି-ଉତ୍ପାଦ ଓ ଡିଜିଟାଲ ପ୍ରକଳ୍ପ ଭଳି ଅନେକ କ୍ଷେତ୍ରରେ ସୁଯୋଗ ରହିଛି। ଆମର ସିଏ କମ୍ୟୁନିଟି ଏହି ସୁଯୋଗଗୁଡ଼ିକୁ ଚିହ୍ନଟ କରିପାରିଲେ ହିଁ ଆମର ଯୁବବର୍ଗ ଏବଂ ନିବେଶକମାନେ ଉପଯୁକ୍ତ ହୋଇପାରିବେ। ଏହି କର୍ମଶାଳା ଆଇସିଏଆଇକୁ ସ୍ଥାନୀୟ ପ୍ରତିଭାଶାଳୀ ଯୁବବର୍ଗ ଏବଂ ପ୍ରତିଭାଙ୍କୁ ଖୋଜିବାରେ ସହାୟକ ହେବ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଇଆଇଏମ ସମ୍ବଲପୁରକୁ ଆସନ୍ତା ୫ ବର୍ଷରେ ଏକ ସବୁଜ ବନାଞ୍ଚଳ ଭାବରେ ବିକଶିତ କରିବା ପାଇଁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଲକ୍ଷ୍ୟ ପୂରଣ କରିବା ପାଇଁ ବର୍ତ୍ତମାନ ସମୟରୁ ବୃକ୍ଷରୋପଣ ଏବଂ ପରିବେଶ ସୁରକ୍ଷା ଉପରେ ସଠିକ୍ ପଦକ୍ଷେପ ନେବାକୁ ହେବ। ଆମେ ସମ୍ବଲପୁରକୁ ଏକ ସ୍ଥାୟୀ, ସବୁଜ ଓ ସ୍ୱଚ୍ଛ ସହର ବନାଇବା ଦରକାର ଏବଂ ଏହାର ଆରମ୍ଭ ଛୋଟ ଛୋଟ ପଦକ୍ଷେପ ଦ୍ୱାରା ସମ୍ଭବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ମହାନଗର ନିଗମ ନିର୍ବାଚନ ଶୀଘ୍ର କରିବାକୁ ପ୍ରଗତିଶୀଳ ନାଗରିକ ମଞ୍ଚର ଦାବି

**ସମ୍ବଲପୁର, ୨୪।୫ (ସମିସ):** ସମ୍ବଲପୁରର ଗଣସଂଗଠନ ତଥା ବିଭିନ୍ନ ବର୍ଗର ନାଗରିକଙ୍କୁ ନେଇ ଗଠିତ ପ୍ରଗତିଶୀଳ ନାଗରିକ ମଞ୍ଚର ବୈଠକ ଶନିବାର ସନ୍ଧ୍ୟାରେ ସାମ୍ବାଦିକ ଭବନରେ ସମାଜବାଦୀ କର୍ମୀ ରାଧାକାନ୍ତ ବହିଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉଭୟ ଅପରେସନ 'ସିନ୍ଦୂର'ର ଉପଲବ୍ଧି ଓ ସମ୍ବଲପୁର ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଯାଇଛି।

ଦଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ସମ୍ବଲପୁର ମହାନଗର ନିଗମ ଗଠନ ସତ୍ତ୍ୱେ ଏଯାଏଁ ରାଜନୈତିକ ଇଚ୍ଛା ଶକ୍ତି ଅଭାବରୁ ନିଗମ ନିର୍ବାଚନ ନ ହେବା କାରଣରୁ ସହରର ଅନେକ ସମସ୍ୟା ଓ ସଙ୍କଟର ନିବାରଣ ହୋଇ ପାରୁନଥିବାରୁ ନିଗମ ନିର୍ବାଚନ ଦିଗରେ ଥିବା ଅନ୍ତରାୟକୁ ଦୂର କରାଯିବା ସହ ଯଥାଶୀଘ୍ର ଓଡ଼ିଶା ସରକାର ନିର୍ବାଚନ ଘୋଷଣା କରନ୍ତୁ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଗଙ୍ଗାଧର ମେହେର ହାୟର ସେକେଣ୍ଡାରୀ ସ୍କୁଲର ନିଜସ୍ୱ ପରିସର ପ୍ରତିଷ୍ଠା ପାଇଁ ତୁରନ୍ତ ପଦକ୍ଷେପ, ଅଇଁଠାପାଲି ଜାତୀୟ ରାଜପଥରେ ଫ୍ଲାଇଓଭର ନିର୍ମାଣ କାର୍ଯ୍ୟରେ ଆବଶ୍ୟକ ସୁରକ୍ଷା ନିୟମ ଉଲ୍ଲଂଘନ ପରିପ୍ରେକ୍ଷୀରେ ଘଟୁଥିବା ଜୀବନହାନି ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯିବ ସହ ଜନଜୀବନର ସୁରକ୍ଷା ଦିଗରେ ନିର୍ମାଣ କାର୍ଯ୍ୟରେ ସଠିକ ନୀତି ଓ ସାବଧାନତା ଅବଲମ୍ବନ ପାଇଁ ଜୋର ଦିଆଯାଇଥିଲା। ଏ ଦିଗରେ ଜିଲ୍ଲା ପ୍ରଶାସନ, ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଜରୁରୀ ପଦକ୍ଷେପ ନେବା ପାଇଁ ଦାବି କରାଯାଇଥିଲା। ଆସନ୍ନ ମୌସୁମୀ ବର୍ଷା ପୂର୍ବରୁ ପୋତି ହୋଇଯାଇଥିବା ନାଳ ଗୁଡ଼ିକୁ ସଫା କରିବା ପାଇଁ ମହାନଗର ନିଗମ ତରଫରୁ ତ୍ୱରିତ ପଦକ୍ଷେପ ନେବା ଦାବି କରାଯାଇଥିଲା। ଆଲୋଚନାରେ ଗଦାଧର କୁଁଅର, ଗୋକୁଳ ମେହେର, ଶିବ ନନ୍ଦ, ସରୋଜ ମହାନ୍ତି, ଏନ. ଗୋପାଳ, ପ୍ରଣୟ ନାୟକ, ରୂପେଶ ବାଗ, ସଞ୍ଜିତ ମହାନ୍ତି, ତୁମନ ପ୍ରଧାନ, ମହେଶ ସାଇତା, ଆଶିଷ ମହାପାତ୍ର, ସଞ୍ଜୟ ତିୱାରୀ, ମହମ୍ମଦ ସନାଉଲ୍ଲା, ମହେଶ୍ୱର ଷଣ୍ଢ, ରାହାସ ବିହାରି ପଣ୍ଡା, ସନ୍ତୋଷ ନାଥ, ଭି. ରାମ ରାଓ, ବ୍ରଜକିଶୋର ବିଶ୍ୱାଳ, ସୁଶ୍ରୀ ସଙ୍ଗୀତା ବେହେରା, ସପ୍ନେଶ୍ୱର ସେନାପତି, ବୀରକିଶୋର ନାୟକ, ସୁଶିଲ ପାଢ଼ୀ, ଦିବ୍ୟଜ୍ୟୋତି ପଟ୍ଟନାୟକ, ହେରମ୍ବଚନ୍ଦ୍ର ଦାନୀ, ଗୀତମ୍ ସିଂ, ରମେଶ ସାହୁ, ଅରୁଣ ଖୁଣ୍ଟିଆ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ତାଲବାହାଲିରେ ବିହନ କମ୍ପାନୀର ଚାଷୀ କର୍ମଶାଳା

**କୁଚିଣ୍ଡା, ୨୪।୫(ସମିସ):** ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ ତୁରେଇ ପଞ୍ଚାୟତର ତାଲବାହାଲି ଠାରେ ରାଶି ବିହନ କମ୍ପାନୀ ପକ୍ଷରୁ ଶନିବାର ଚାଷୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୀଳାଦ୍ରୀ ବିହାରୀ ପଟେଲ, ସନ୍ୟାସୀ ପଟେଲ, କିଶୋର ତ୍ରିପାଠୀ, ରାଜକୁମାର ନାୟକ, ଦିଲିପ ନାଏକ ଓ ଅମୂଲ୍ୟ ତ୍ରିପାଠୀ ପ୍ରମୁଖ ଚାଷୀ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଶି କମ୍ପାନୀ ପକ୍ଷରୁ ଜାତୀୟ ସେଲସ୍ ମ୍ୟାନେଜର ତାମିଲନାଡୁ କୋଇମ୍ବାଟୁରର ନବୀନ କୁମାର ସାହା, ଓଡ଼ିଶା ଶାଖା ଭୁବନେଶ୍ୱରର ଏବିଏମ ତାରା ପ୍ରସାଦ ରଥ, ବରଗଡ଼ର ବ୍ୟବସାୟିକ କ୍ଷେତ୍ର ମ୍ୟାନେଜର ମୁକେଶ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।କମ୍ପାନୀର ଏହି ଅଧିକାରୀମାନେ ଉପସ୍ଥିତ ଚାଷୀଙ୍କୁ ରାଶି ବିହନ କମ୍ପାନୀ ପକ୍ଷରୁ ନୂତନ ତାରା ନାମକ ହାଇବ୍ରିଡ୍ ଧାନ ଉପରେ ତାଲିମ ପ୍ରଦାନ କରିଥିଲେ।୧୨୦ ଦିନରେ ଉତ୍ପାଦିତ ତାରା ଧାନର ରୋଗ ପ୍ରତିରୋଧକ ଶକ୍ତି, ଅଧିକ ପିଲ, ଅଧିକ ଅମଳକ୍ଷମ ଓ ଓଜନ, ବାତ୍ୟା ପ୍ରତିରୋଧକ ଶକ୍ତି ରହିଥିବା ନେଇ ଚାଷୀଙ୍କୁ ସଚେତନ କରାଇଥିଲେ। ଅତ୍ୟାଧୁନିକ ଜ୍ଞାନ କୌଶଳରେ ପ୍ରସ୍ତୁତ ଉନ୍ନତ କିସମର ହାଇବ୍ରିଡ୍ ତାରା ଧାନ ଚାଷ କଲେ ଚାଷୀ ଅଧିକ ଲାଭବାନ ହୋଇପାରିବେ ବୋଲି କହିଥିଲେ।ପରେ ଚାଷୀଙ୍କ ପାଇଁ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିବା ବେଳେ ତାଲବାହାଲି ଗ୍ରାମରେ ସନ୍ୟାସୀ ପଟେଲ କରିଥିବା ରବି ଧାନ (ରାଶି) ଚାଷ କ୍ଷେତକୁ ଚାଷୀଙ୍କୁ ପ୍ରଦର୍ଶିତ କରିଥିଲେ।ଏହି ଅବସରରେ ଯୋଗଦେଇଥିବା ଚାଷୀଙ୍କ ପାଇଁ କମ୍ପାନୀ ପକ୍ଷରୁ ଲଟେରୀ ମାଧ୍ୟମରେ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା। କମ୍ପାନୀର କୁଚିଣ୍ଡା ଦାୟିତ୍ୱରେ ଥିବା କ୍ଷେତ୍ର କର୍ମଚାରୀ ମଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଷେତ୍ର କର୍ମଚାରୀ ସୁଭ୍ରାଂଶୁ ଦେହୁରୀ ଓ ବରୁଣାବଳୀ ଶ୍ରୀହରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟକ ମହିଳା ଓ ପୁରୁଷ ଚାଷୀ ଯୋଗ ଦେଇଥିଲେ।ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଗୋକୁଳାନନ୍ଦଙ୍କ ଜୟନ୍ତୀ ପାଳିତ

**ରେଢ଼ାଖୋଲ, ୨୪।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର କଦମ୍ବପଡ଼ିଆସ୍ଥିତ ବ୍ୟାଡମିଣ୍ଟନ ଷ୍ଟାଡିୟମ୍‌ରେ ରେଢ଼ାଖୋଲ ବ୍ଲକର ପ୍ରଥମ ଚେୟାରମ୍ୟାନ ଗୋକୁଳା ନନ୍ଦ ସାହୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅକ୍ଷୟ କୁମାର ମହାକୁଡ଼ଙ୍କ ନେତୃତ୍ୱରେ ଆୟୋଜନ ସଭାରେ ପ୍ରଥମତଃ ଦୀପ ପ୍ରଜ୍ୱଳନ କରି ପ୍ରଥମ ଚେୟାରମ୍ୟାନ ଗୋକୁଳାନନ୍ଦଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୋକୁଳାନନ୍ଦ ଜଣେ ରେଢ଼ାଖୋଲ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ, ସ୍ୱଭିମାନୀ ବ୍ୟକ୍ତିତ୍ୱ ଥିଲେ। ଉପସ୍ଥିତ ଅତିଥିମାନେ ତାଙ୍କର ଜୀବନୀ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ।ଭୀମଭୋଇ କଲେଜର ପୂର୍ବତନ ଅଧ୍ୟକ୍ଷ ବାଳାଦିତ୍ୟ ବିକାଶ ଶ୍ରୀଚନ୍ଦନ ସିଂହ, ବିଜେଡ଼ି ଜିଲ୍ଲା ସମ୍ପାଦକ ପୁରୋଷତ୍ତମ ଅଗ୍ରୱାଲ, କାଳନ୍ଦୀ ଚନ୍ଦ୍ର ପ୍ରଧାନ, ପବିତ୍ର ମୋହନ ସାହୁ, କରୁଣା କର ପ୍ରଧାନ, ହରିହର ସାହୁ, ପ୍ରେମାନନ୍ଦ ସାମଲ, ସନ୍ୟାସୀ ଚରଣ ପ୍ରଧାନ, ବରିଷ୍ଠ ସାମ୍ବାଦିକ ରଞ୍ଜିତ ଦେହୁରୀ, ତପନ କୁମାର ବିଶ୍ୱାଳ, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## କେନ୍ଦୁପତ୍ର ଶ୍ରମିକ ସଶକ୍ତୀକରଣ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ

**ସମ୍ବଲପୁର, ୨୪।୫ (ସମିସ):** ରାଜ୍ୟ ସରକାରଙ୍କ ଜଙ୍ଗଲ ଏବଂ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟଠାରେ ଆଜି 'କେନ୍ଦୁପତ୍ର ଶ୍ରମିକଙ୍କର ସଶକ୍ତିକରଣ, ଅଧିକାର, ସୁଯୋଗ ଓ କଲ୍ୟାଣ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି, ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ କେନ୍ଦୁପତ୍ର ଭାଇ ଭଉଣୀମାନଙ୍କର ବଡ଼ ଯୋଗଦାନ ରହିଛି। ସେମାନଙ୍କୁ ସଶକ୍ତ କରିବା ସହ ସ୍ଥାୟୀ ସମସ୍ୟାର ସମାଧାନ କରିବା ପାଇଁ ଆମ ଡବଲ ଇଞ୍ଜିନ ସରକାର ଯତ୍ନଶୀଳ। କେନ୍ଦୁପତ୍ର ଶ୍ରମିକଙ୍କର ସବୁ ପ୍ରତିଶ୍ରୁତି ପୂରଣ କରାଯିବ। ଏ ଦିଗରେ ଆଜିର କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ ପଦକ୍ଷେପ। ଆମ ସରକାର ସବକା ସାଥ୍- ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସରେ କାମ କରୁଥିବା ସରକାର। ଏବେ ଡବଲ ଇଞ୍ଜିନ ସରକାରରେ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି କରାଯାଇଛି। ସୁଭଦ୍ରା ଯୋଜନା ପ୍ରାୟ ଏକ କୋଟି ମାଆ ଭଉଣୀମାନଙ୍କୁ ସଶକ୍ତ କରିଛି। ରାଜ୍ୟର ପ୍ରାୟ ୮୦୦୦ କୋଟି ଟଙ୍କା ମୂଲ୍ୟର ୭ ଲକ୍ଷ ମେଟ୍ରିକ୍ ଟନ ଖରିଫ ଧାନ ସଂଗ୍ରହ ଏବଂ ହିତାଧିକାରୀଙ୍କୁ ଡିବିଟି ଜରିଆରେ ସିଧାସଳଖ ସହାୟତା ରାଶି ପ୍ରଦାନ ସହ ବିଭିନ୍ନ କଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ ଡବଲ ଇଞ୍ଜିନ ସରକାରର କାମ କରିବାର ପ୍ରତିଫଳନ। ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦୀଙ୍କ ସରକାର ଶ୍ରମିକଙ୍କ ସାମାଜିକ ସୁରକ୍ଷା, ସେମାନଙ୍କ ସମ୍ମାନ ବଢ଼ାଇବା ସହ କଲ୍ୟାଣକାରୀ ଯୋଜନା କରିବା ପାଇଁ କଟିବଦ୍ଧ। ସମ୍ବଲପୁରରେ ପ୍ରାୟ ୨ ଲକ୍ଷରୁ ୨.୫ ଲକ୍ଷ ପରିବାର ବସବାସ କରନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସମସ୍ତଙ୍କର କଲ୍ୟାଣ ତଥା ଆୟ ବୃଦ୍ଧି କରାଇବା ଡବଲ ଇଞ୍ଜିନ ସରକାରର ଦାୟିତ୍ୱ ରହିଛି। ଆମ ଡବଲ ଇଞ୍ଜିନ ସରକାରରେ ଆସନ୍ତା ୫ ବର୍ଷ ମଧ୍ୟରେ ପିଲାଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବଢ଼ାଇବା ପାଇଁ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ୫୦, ୦୦୦ ଅଟଲ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯିବାର ବ୍ୟବସ୍ଥା ହୋଇଛି। ସେହିପରି ରାଜ୍ୟରେ ୬୭୯୪ ଗ୍ରାମ ପଞ୍ଚାୟତରେ ଗୋଟିଏ ଗୋଟିଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନା କରିବା ପାଇଁ ଡବଲ ଇଞ୍ଜିନ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ମଧ୍ୟାହ୍ନ ଭୋଜନ ସମ୍ପ୍ରସାରଣ ହୋଇଛି। ରାଜ୍ୟରେ ଡ୍ରପ ଆଉଟ୍ ହାର କମାଇବା ପାଇଁ ରାଜ୍ୟ ସରକାର 'ମାଧୋ ସିଂହ ହାତ ଖର୍ଚ୍ଚ' ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି, ଯାହା ପ୍ରଶଂସନୀୟ। ଏହି ଅବସରରେ ଶ୍ରୀ ପ୍ରଧାନ କେନ୍ଦୁପତ୍ର ତୋଳାଳୀ ଏବଂ ନିର୍ମାଣ ଶ୍ରମିକ ହିତାଧିକାରୀମାନଙ୍କୁ ଶିକ୍ଷାବୃତ୍ତି, ମୃତ୍ୟୁକାଳୀନ, ଅନୁକମ୍ପାମୂଳକ ଏବଂ ଅନ୍ୟାନ୍ୟ ସହାୟତା ରାଶି ଆଦି ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

## ସମ୍ବଲପୁର ବିଜେଡି ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର, ୨୪।୫ (ସମିସ):** ସମ୍ବଲପୁର ଜିଲ୍ଲା ବିଜେଡ଼ି ନୂତନ ସଭାପତି ପୂର୍ବତନ ମନ୍ତ୍ରୀ ଇଂ. ରୋହିତ ପୂଜାରୀଙ୍କ ବାସଭବନରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଦଳ ତରଫରୁ ସମ୍ବର୍ଦ୍ଧିତ କରାଯିବା ସହ ଏକ ବୈଠକର ଆୟୋଜିତ ହୋଇଥିଲା। ବୈଠକରେ ସମସ୍ତ ୱାର୍ଡର କର୍ମୀ ଉପସ୍ଥିତ ଥିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରା ଯାଇଥିଲା। ଆଗକୁ ସମ୍ବଲପୁରର ସାଧାରଣ ଜନତାପାଇ ନିଃସ୍ୱାର୍ଥରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ଅନେକ ପୁରୁଣା, ଯୁବ, ଛାତ୍ର କର୍ମୀ ଉପସ୍ଥିତ ଥିଲେ।



## ପ୍ରୀତମ୍ ଓ ସାହିଲଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର






**ସମ୍ବଲପୁର, ୨୪।୫ (ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଛାତ୍ର ପ୍ରୀତମ ପ୍ରତ୍ୟୁଷ ବାରିକ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ଛାତ୍ର ସାହିଲ ଦାସଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ୍ ପକ୍ଷରୁ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ବଲପୁର ୮ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗ ଛାତ୍ର ପ୍ରୀତମ ଚାରାରୋପଣ, ନାରୀ ସଶକ୍ତିକରଣ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ସଚେତନତା ଓ ଯୋଗ ଶିକ୍ଷା ଆଦି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ନିଜ ପାରିଦର୍ଶିତା ପ୍ରଦର୍ଶନ କରିଛନ୍ତି। ନିଜ ପାଠପଢ଼ା ଏବଂ ସାମାଜିକ କାର୍ଯ୍ୟକ୍ରମ ସହ ପ୍ରୀତମ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ଯୋଗାସନରେ ରାଜ୍ୟ ଓ ଦେଶ ପାଇଁ ସୁନାମ ଅର୍ଜନ କରିଛନ୍ତି। ସେ ଯୋଗଶିକ୍ଷା ଗୁରୁ ଚିତ୍ତରଞ୍ଜନ ପଣ୍ଡାଙ୍କଠୁ ଗ୍ରହଣ କରିଥିବାବେଳେ ଡଃ ବିଶ୍ୱମୋହନ ଜେନାଙ୍କ ନେତୃତ୍ୱରେ ଜାତୀୟ ସେବା ଯୋଜନା ଜରିଆରେ ଗଣତନ୍ତ୍ର ଦିବସ ପ୍ୟାରେଡ୍‌ରେ ମଧ୍ୟ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ।

ସେହିପରି ଜାତୀୟ ସେବା ଯୋଜନା ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବରେ ସମ୍ବଲପୁରର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ଡିଗ୍ରୀ କଲେଜର ଛାତ୍ର ସାହିଲ ଦାସଙ୍କୁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଛି। ସାହିଲ ଦୀର୍ଘଦିନ ଧରି ଚାରାରୋପଣ, ନାରୀ ସଶକ୍ତିକରଣ, ରକ୍ତଦାନ ଶିବିର ଓ ଜନସଚେତନତା କାର୍ଯ୍ୟକ୍ରମ ମାନଙ୍କରେ ନିଜ ପାରଦର୍ଶିତା ପ୍ରଦର୍ଶନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛନ୍ତି। ନିଜ ପାଠପଢ଼ା ଓ ସେବାକାର୍ଯ୍ୟକୁ ସମନ୍ୱୟ କରି ସାହିଲ ସମାଜର ଉନ୍ନତି ପାଇଁ ଅନେକ ସୃଜନଶୀଳ କାମ କରୁଛନ୍ତି।

### ବନ ବିଭାଗ ନିରବଦ୍ରଷ୍ଟା

# ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ହାତୀ





ସମ୍ବଲପୁର, ୨୪।୫(ସମିସ)

ବଣୁଆ ହାତୀ ଖାଦ୍ୟ ଅନ୍ୱେଷଣ ପାଇଁ ଜନବସତି ପାଖ ଜଙ୍ଗଲକୁ ପଳାଇ ଆସିଛି। 'ଜଙ୍ଗଲ ପାଖ ରାସ୍ତାରେ ଛିଡ଼ା ହୋଇଛନ୍ତି ଲୋକ। କିଏ ପଥର ମାରୁଛି ତ କିଏ ପାଟି କରୁଛି। କିଛି ଦୂରରେ ଛିଡା ହୋଇ ଆମ୍ବ ଖାଉଛି ଦନ୍ତା। ହେଲେ ଲୋକଙ୍କ ମନରେ ଟିକେ ହେଲେ ଭୟ ନାହିଁ। ସବୁଠୁ ବିଚିତ୍ର କଥା ଏତେ ସବୁ ଘଟି ଯାଉଛି ବନ ବିଭାଗର ଜଣେ ହେଲେ କର୍ମଚାରୀ ସେଠାରେ ଦେଖା ନାହିଁ।ଏପରି ଘଟଣା ଦିନିକିଆ ନୁହେଁ ବୋଲି ଯୁଯୁମୁରା ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତ ହିରୋ ଗ୍ରାମର କିଛି ସଚେତନ ନାଗରିକ ଏଭଳି କହିଛନ୍ତି। ସୂଚନା ଯୋଗ୍ୟ, ଶନିବାର ଅପରାହ୍ନ ୫ଟାରେ ହିରୋ-ମାନେଶ୍ୱର ଦେଇ ଯାଇଥିବା ରାସ୍ତା ପେଟୁପାଲି ପୂର୍ବ ଜଙ୍ଗଲରେ ଏକ ଦନ୍ତା ଖାଦ୍ୟ ଖୋଜିବା ପାଇଁ ଆସିଥିଲେ। ପ୍ରଥମେ କିଛି ଲୋକ ରାସ୍ତାରେ ଅଟକିଯାଇ ଥିଲେ। ପରେ ପରେ ଅନେକ ଲୋକ

### ସଚେତନତା ଅଭାବ
### ଫଟୋ ଉଠାଇବାରେ ବ୍ୟସ୍ତ

ରାସ୍ତା ଉପରେ ଛିଡ଼ା ହୋଇ ଭିଡ଼ ଜମାଇଥିଲେ।

ସୂଚନାଯୋଗ୍ୟ, ରବି ଫସଲ ଖାଇବା ଲାଗି ପଡ଼ିଆବାହାଲ ରେଞ୍ଜରେ ଅନେକ ସମୟରେ ହାତୀ ଦେଖିବାକୁ ମିଳୁଛି। ଏପରିକି ହାତୀ ଧାନ ଖାଇବା ସହ ଫସଲ ଦଳୁଛନ୍ତି, ଘର ଭାଙ୍ଗୁଛନ୍ତି। ଏପଟେ ବନ ବିଭାଗ କର୍ମଚାରୀ ଲୋକମାନଙ୍କୁ ମାଇକ୍ ଯୋଗେ ସଚେତନ କରୁଥିବା ବେଳେ ଲୋକମାନେ ସଚେତନ ହେବେ କଣ ହାତୀ ଦେଖିବାର ଆଳରେ ଭିଡ଼ ଜମାଇ ମଜା ନେବା ସହ ବିଭିନ୍ନ ଆଳରେ ହାତୀଙ୍କ ଯିବା ରାସ୍ତାକୁ ପ୍ରତିରୋଧ କରୁଛନ୍ତି। ବନ ବିଭାଗ ପକ୍ଷରୁ ଲୋକଙ୍କୁ ଯେତେ ସଚେତନ କଲେ ମଧ୍ୟ ଲୋକେ ଠିକ ଭାବେ ମାନୁ ନାହାନ୍ତି। ଏହାସହ ବନ ବିଭାଗ ପକ୍ଷରୁ କୌଣସି କଡା ପାଟ୍ରୋଲିଂ ମଧ୍ୟ ରହିନାହି। ହିରୋ ଗ୍ରାମବାସୀଙ୍କ କହିବା ଅନୁସାରେ ପ୍ରାୟ ଦିନ ଉକ୍ତ ଜଙ୍ଗଲରେ ହାତୀମାନେ ଯିବା ଆସିବା କରିଥାନ୍ତି। କିନ୍ତୁ ବନ ବିଭାଗର କେବେ ହେଲେ ଦେଖା ନାହିଁ। ଲୋକେ ଉପସ୍ଥିତ ରହି ହାତୀକୁ ହଇରାଣ କରିଥାନ୍ତି, ପରେ ହାତୀ ନିଜେ ଜଙ୍ଗଲ ଭିତରକୁ ଫେରିଯାଇଥାଏ। ଆଜିର ଘଟଣାରେ ମଧ୍ୟ ସମାନ ହଇରାଣର ଦୃଶ୍ୟ ଦେଖିବାକୁ ମିଳିଥିଲା। ରାସ୍ତା ଉପରେ ଯାଉଥିବା ଗାଡ଼ିରୁ ଲୋକ ଓହ୍ଲାଇ ଆସି ହାତୀ ଦେଖିବାରେ ବ୍ୟସ୍ତ ଥିଲେ। କେହି କେହି ହାତୀର ଫୋଟ ଉଠାଇବାରରେ ମଧ୍ୟ ଲାଗି ପଡ଼ିଥିଲେ। ଅଧିକାଂଶ ପାଟି କରିବା ସହ ପଥର ମାରିବାରେ ଲାଗିଥିଲେ। ହାତୀଙ୍କୁ ଦେଖି ଲୋକମାନେ ଚିତ୍କାର କରିବା ସହ ହାତୀଙ୍କୁ ଘଉଡାଇବା ଭଳି ପରିସ୍ଥିତି ସୃଷ୍ଟି କଲେ ହାତୀ ଓ ମଣିଷଙ୍କ ମଧ୍ୟରେ ସମସ୍ୟା ହେବାର ସମ୍ଭାବନା ରହିଥିବା ଜଣେ ପଶୁପ୍ରେମୀ ମତ ରଖିଛନ୍ତି। ତେଣୁ ହାତୀଙ୍କ ସୁରକ୍ଷା ପାଇଁ ସବୁବେଳେ ବନ ବିଭାଗ ଉପସ୍ଥିତ ରହିବା ସହ ଲୋକଙ୍କୁ ସଚେତନ କରିବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି।

## ସଡ଼କ ଦୁର୍ଘଟଣାରେ ୨ ମୃତ, ୨ ଗୁରୁତର

**ସମ୍ବଲପୁର, ୨୪।୫ (ସମିସ) :** ବୁର୍ଲା ଥାନା ଗୋଶାଳା ଫାଣ୍ଡି ଲଡୁଖାଇ ଛକ ନିକଟରେ ରାତି ପ୍ରାୟ ୧୧ଟା ସମୟରେ ଏକ କାର ସମ୍ବଲପୁର ପଟୁ ଗୋଡ଼ଭଗା ପଟକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ଡିଭାଇଡର୍ ଡେଇଁ ଆରପଟକୁ ଯାଇ ସମ୍ମୁଖରେ ଆସୁଥିବା ଏକ ଟ୍ରକକୁ ଧକ୍କା ଦେଇଥିଲା। ଫଳରେ କାରରେ ବସିଥିବା ଚାରିଜଣଙ୍କ ମଧ୍ୟରୁ ଦୁଇଜଣ ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ପୁଲିସର ସୂଚନା ଅନୁଯାୟୀ, ମୃତ ଦୁଇଜଣ ମନିଷ ଯାଦବ ଓ ସୁବ୍ରତ ସାହୁ ଏବଂ ଆହତମାନେ ହେଲେ ସୌରଭ ଗୁପ୍ତା ଓ ଆକାଶ ପଟ୍ଟନାୟକ। ସମସ୍ତେ ଗୋଡ଼ଭଗା ଅଞ୍ଚଳର ହୋଇଥିବା ବେଳେ ବୟସ ପାଖାପାଖି ୨୫ ରୁ ୨୮ ବର୍ଷ ମଧ୍ୟରେ ବୋଲି ଜଣାପଡ଼ିଛି।



## ବରଦାକାନ୍ତ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

**ସମ୍ବଲପୁର, ୨୪।୫(ସମିସ):** ସମ୍ବଲପୁର ଦୁର୍ଗାପାଲି ଠାରେ ଜୟଦୁର୍ଗା ଯୁବକ ସଂଘ ପକ୍ଷରୁ ବରଦାକାନ୍ତ ସ୍ମାରକୀ ତ୍ରିଦିବସୀୟ ଜିଲ୍ଲସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଶନିବାର ଦିନ ଉଦଘାଟିତ ହୋଇଯାଇଛି। ଏହାକୁ ପଦ୍ମଶ୍ରୀ ଡକ୍ଟର ଜିତେନ୍ଦ୍ର ହରିପାଲ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ମେଘନାଦ ପ୍ରଧାନ ଓ ମନୋଜ ଖେମକା ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ସାମାଜିକ ସଂଗଠନ ସେବା ପକ୍ଷରୁ ସଭାପତି ଛତ୍ରପତି ଡକ୍ଟର ଦିପକ ପାଣ୍ଡେଙ୍କ ସମେତ ସେବାର ମୁଖ୍ୟ ଉପଦେଷ୍ଟା ନିହାଲ ସିଂ ମଧ୍ୟ ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଖେଳାଳି ତଥା ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାର ବିଭିନ୍ନ ଅଞ୍ଚଳର ମୋଟ ୧୬ ଗୋଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ। ବବଲୁ ଚାଆଁର, ନାରାୟଣ ଦେଓ ଉପସ୍ଥିତ ରହି ପରିଚାଳନା କରିବାରେ ସହଯୋଗ କରିଥିଲେ।

## ବସେଇକେଲା କୃଷକ ବଜାର ଧାନକ୍ରୟ ଆରମ୍ଭ



**ଭେଡେନ, ୨୪।୫(ସମିସ):** ଭେଡେନ ପ୍ରାଥମିକ କୃଷି ସମବାୟ ସମିତି ଭେଡେନ ବ୍ଲକ ଅଧୀନ ବସେଇକେଲା କୃଷକ ବଜାରରେ ଶନିବାର ଧାନକ୍ରୟ ଆରମ୍ଭ କରିଛି। ଭେଡେନ ପାକ୍ସ ସଭାପତି ହରିଶଙ୍କର ବେହେରା, ନିର୍ଦ୍ଦେଶକ ସୁବଳ ପଧାନ, ଆର୍‌ଏମ୍‌ସି ଡାଇରେକ୍ଟର ବଳରାମ ଛନ୍ଦ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଚାଷୀ ରକ୍ଷାକର ବେହେରାଙ୍କ ୩୦୦ପ୍ୟାକେଟ୍ ୧୩୦ କ୍ୱିଣ୍ଟାଲ ଧାନ ପ୍ରଥମ କରି କିଣାଯାଇ ମିଲ୍‌କୁ ପଠାଯାଇଥିଲା। କାର୍ଯ୍ୟକ୍ରମରେ ଆର୍‌ଏମ୍‌ସି ଇନ୍‌ଚାର୍ଜ ଉଦୟ ଷାଣ୍ଢ, ପାକ୍ସ କର୍ମଚାରୀ ପ୍ରମୋଦ ବାରିକ, ନିରୋଜ ବେହେରା, ଟିକେଶ୍ୱର ଭୁଏ ପ୍ରମୁଖ ଉପସ୍ଥିତ ଥିଲେ। ଧାନକ୍ରୟ ଆରମ୍ଭରେ ଚାଷୀ ବାସୁଦେବ ପଟେଲ, ଭଗବାନ ସେଠ, ସିଦ୍ଧେଶ୍ୱର ପାଣିଗ୍ରାହୀ, ଜୟରାମ କରନ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀ ରକ୍ଷାକାର ବେହେରା, ଡ୍ରାଇଭର ସତ୍ୟଜିତ ମାଝି ଓ ଆର୍‌ଏମ୍‌ସି କର୍ମଚାରୀ ଉଦୟ ଷାଣ୍ଢଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଚାଷୀ ତଥା ପଣ୍ଡିତ ସିଦ୍ଧେଶ୍ୱର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

### ମଣ୍ଡିରେ ଦଲାଲରାଜ ଅଭିଯୋଗ

# ବିଲରୁ ଉଠିନି ଧାନ, ଟୋକନ୍‌ରେ ବିକ୍ରି ସରିଲାଣି

**ବରଗଡ଼, ୨୪।୫(ସମିସ)**

ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାର ମାର୍କେଟ ୟାର୍ଡ ମାନଙ୍କରେ ଦଲାଲ୍ ରାଜ ଖୋଲାଖୋଲି ଭାବେ ଚାଲିଛି। ଚାଷୀ ଖେତରେ ଏପର୍ଯ୍ୟନ୍ତ ଧାନ କାଟି ନାହିଁ କିନ୍ତୁ ସମ୍ପୃକ୍ତ ଚାଷୀ ନାମରେ ଧାନ ବିକ୍ରି ହୋଇ ସାରିଲାଣି। ଏପରି ଗୁରୁତର ଅଭିଯୋଗ ହୋଇଛି ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅଧୀନ ସତଲମା ଧାନ ମଣ୍ଡିରେ। ସେହି ଧାନ ବିଷୟରେ ଧାନବିକ୍ରି ପ୍ରକ୍ରିୟାର ତଦାରଖ କରୁଥିବା ଚାଷୀ କମିଟିକୁ ଜଣାନାହିଁ। ଏପରି ଅଭିଯୋଗ ନେଇ ସତଲମା ମାର୍କେଟ ୟାର୍ଡର ଚାଷୀ ଶନିବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଅଫିସ ବନ୍ଦ ଥିବା କାରଣରୁ ସେମାନେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଘଟଣା ସମ୍ପର୍କରେ ଫୋନ ମାଧ୍ୟମରେ ଜଣାଇଥିଲେ। ଘଟଣାର ଉଚିତ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ।



ସୂଚନା ଅନୁଯାୟୀ ମେ ୨୪ ତାରିଖ ସୁଦ୍ଧା ୨୬ ଜଣ ଚାଷୀଙ୍କ ଠାରୁ ୧୪୮୬ କ୍ୱିଣ୍ଟାଲ ଧାନ କିଣା ସରିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ୨୬ ଜଣ ଚାଷୀଙ୍କ ମଧ୍ୟରୁ ପ୍ରାୟ ୨୦ଜଣ ଚାଷୀ ଏ ପର୍ଯ୍ୟନ୍ତ ଧାନ ଅମଳ ମଧ୍ୟ କରିନାହାନ୍ତି। ଗାଁର ଜଣେ ଧାନ ବେପାରୀ ତଥା ମିଲ୍ ମାନଙ୍କର ଏଜେଣ୍ଟ ନିଜ ଚିହ୍ନାରେ ଛତିଶଗଡ଼ର ନିମ୍ନ ମାନର ଶସ୍ତା ଧାନ ଆଣିଛନ୍ତି। ଚାଷୀଙ୍କୁ ପ୍ରଲୋଭିତ କରି ତାଙ୍କ ନାମରେ ମାର୍କେଟରେ ପକାଇ ସେହି ଧାନକୁ ବିକ୍ରି କରୁଛନ୍ତି। ଏହାକୁ ନେଇ ସତଲମା ମାର୍କେଟ ୟାର୍ଡର ପ୍ରାୟ ୩୫ଜଣ ଚାଷୀ ଜିଲ୍ଲା ପ୍ରଶାସନ ଠାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଚାଷୀ ଆଜି କାର୍ଯ୍ୟାଳୟକୁ ଅଭିଯୋଗ ପାଇଁ ଆସିଥିଲେ। ଅତିଶୀଘ୍ର ସ୍କ୍ୱାଡ ପଠାଇ ଘଟଣାର ତଦନ୍ତ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଚାଷୀମାନଙ୍କୁ କହିଥିଲେ।

ସରକାର ଟୋକନ ତିଆରି କରିବା ପୂର୍ବରୁ ଚାଷୀର ଜମିକୁ ସାଟେଲାଇଟ୍ ମାଧ୍ୟମରେ ତଥା ରେଭେନ୍ୟୁ ବିଭାଗ ମାଧ୍ୟମରେ ତଦନ୍ତ କରି ଟୋକନ୍ ଦେଇଥାନ୍ତି। ଏ ପରିପ୍ରେକ୍ଷୀରେ ଯଦି ସେଭଳି ତଦନ୍ତ ହୁଏ ତା'ହେଲେ ଛତିଶଗଡ଼ର ଧାନ କିଭଳି ଦଲାଲଙ୍କ ଜରିଆରେ ପ୍ରକ୍ରିୟା କରାଯାଉଛି ତାହା ସ୍ପଷ୍ଟ ହୋଇଯିବ ବୋଲି ଚାଷୀ କହିଛନ୍ତି। ଏଥିରେ ଯିଏ ଦୋଷୀ, ସେ ଚାଷୀ ହେଉ କି ଦଲାଲ୍ କି ପ୍ରାଶାସନିକ ଅଧିକାରୀ ତା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସଲଲମା ମାର୍କେଟର ଚାଷୀ ଚଞ୍ଚଳ ପ୍ରଧାନ, ଦୁଷ୍ମନ୍ତ ସାହୁ, ସୁବାଷ ବଡ଼େଇ, ଫଗୁନୁ ସାହୁ, ଦେବାନନ୍ଦ ସାହୁ, ଜୟଦେବ ସାହୁ, କିଶୋର ସାହୁ, ପାରେଶ୍ୱର ସାହୁ, ବୈଶାଖୁରଣା, ଦୁର୍ଯ୍ୟୋଧନ ସାହୁ, ଭାଗବତ ପୂଜାରୀ, ମନୋଜ ସାହୁ, ସୁଶାନ୍ତ ଜାଲ, ସୁନୀଲ ସାହୁ, ବିଶିକେଶନ ବଡ଼େଇ, ବିଜୟ ପାତ୍ର, ଧୀରେନ ସେଠ, ରୁକ୍ମଣ ସାହୁ, ତ୍ରୈଲୋଚନ ସାହୁ, ମାନସ ବେହେରା, ସମୀର ସାହୁ, ଦିନେଶ ସାହୁ, ବିବେକ ସାହୁ, ଯଦୁନନ୍ଦନ ପ୍ରଧାନ, ପ୍ରସାନ୍ତ ସାହୁ, କୈଳାସ ସାହୁ ପ୍ରମୁଖ ଦାବି କରିଛନ୍ତି। ଏହି ସମୟରେ ଜୟ କିଷାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ ସାହୁ ଯୋଗ ଦେଇଥିଲେ।

## ଭାରତୀୟ କିଷାନ ସଂଘର ମଣ୍ଡି ପରିଦର୍ଶନ



**ବରଗଡ଼, ୨୪।୫ (ସମିସ):** ଭାରତୀୟ କିଷାନ ସଂଘର ଓଡ଼ିଶା ପ୍ରଦେଶ ସଭାପତି ଓ ବରଗଡ଼ ଜିଲ୍ଲା କର୍ମକର୍ତ୍ତାଙ୍କ ବିଭିନ୍ନ ମଣ୍ଡି ପ୍ରଦର୍ଶନ ଶନିବାର ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପର୍ଯ୍ୟାୟକ୍ରମେ କଳାପାଣି, ଗୋଡ଼ଭଗା ଓ ଅତାବିରା ମଣ୍ଡି ପରିଦର୍ଶନ କରାଯାଇଥିଲା। ମଣ୍ଡି ବ୍ୟବସ୍ଥାର ସୁଧାର ଉପରେ ଚାଷୀ ତଥା ମଣ୍ଡି ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଧାନକୁ ଟୋକନ ଆସିବା ପର୍ଯ୍ୟନ୍ତ ରଖିବାର ସରକାରୀ ବ୍ୟବସ୍ଥା ସକାଶେ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଇଥିଲେ। ଧାନ ଆସିବା ଅନୁସାରେ ଉଠାଣରେ ବିଳମ୍ବ ସକାଶେ ଉଦ୍‌ବେଗ ପ୍ରକାଶ କରିଥିଲେ। ମଣ୍ଡିରେ ଅଖା ବସ୍ତାର ବ୍ୟବସ୍ଥା ପର୍ଯ୍ୟାପ୍ତ ନ ଥିବାରୁ ଚିନ୍ତାବ୍ୟକ୍ତ କରିଥିଲେ। ଇ-ନାମ ମାର୍କେଟିଂ ଉପରେ ସେମିନାର କରିବାକୁ ଅତାବିରା ଓ ବରଗଡ଼ ଆରଏମ୍‌ସି ସମ୍ପାଦକଙ୍କୁ ପ୍ରସ୍ତାବ ଦେଇଥିଲେ। ପର୍ଯ୍ୟବେକ୍ଷକ ଦଳରେ ରାଷ୍ଟ୍ରୀୟ ସଦସ୍ୟ କେଦାର ମିଶ୍ର, ଭୁପାଳ ବିଶି, ସୁରେଶୁ ନିକେଣ୍ଡି, ଚୈତନ୍ୟ କର୍ଣ୍ଣ ପ୍ରମୁଖ ମଣ୍ଡି ବ୍ୟବସ୍ଥାକୁ ତଦାରଖ କରିଥିଲେ।

## ରକ୍ତଦାନ କରି ପ୍ରସୂତିଙ୍କ ଜୀବନ ବଞ୍ଚାଇଲେ



**ବରଗଡ଼, ୨୪।୫(ସମିସ):** ଗ୍ରୀଷ୍ମ ଋତୁରେ ବରଗଡ଼ ସମେତ ସମସ୍ତ ରକ୍ତଭଣ୍ଡାରରେ ରକ୍ତର ଅଭାବ ପରିଲକ୍ଷିତ ହେଉଥିବା ବିପଦ ବେଳେ ରକ୍ତ ପାଇଁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅତ୍ୟଧିକ ଗରମ ହେଉଥିବାରୁ ରକ୍ତଦାନ ଶିବିର ଆୟୋଜନ ମଧ୍ୟ କମିଯାଇଛି। ଯଦ୍ୱାରା ରକ୍ତଭଣ୍ଡାରରେ ସାଧାରଣ ବର୍ଗର ରକ୍ତ ମଧ୍ୟ ମିଳୁନାହିଁ। ଏଭଳି ସମୟରେ ବରଗଡ଼ର ଏକ ଘରୋଇ ଚିକିତ୍ସାଳୟରେ ଜଣେ ପ୍ରସୂତିଙ୍କ ରକ୍ତର ଆବଶ୍ୟକତା ରହିଥିଲା। ଏହା ଜାଣିବା ପରେ ସଂକଳ୍ପ ପରିବାରର ତରୁଣ ପଟେଲ ସ୍ୱେଚ୍ଛାକୃତ ଭାବେ ରକ୍ତ ଭଣ୍ଡାରକୁ ଆସି ରକ୍ତଦାନ କରିଥିଲେ। ତରୁଣ ନିୟମିତ ବ୍ୟବଧାନରେ ପର୍ଯ୍ୟାୟକ୍ରମେ ରକ୍ତଦାନ କରି ଆସୁଛନ୍ତି। ପ୍ରାୟ ବର୍ଷେ ଭିତରେ ୩ ଥର ରକ୍ତଦାନ କରିଛନ୍ତି। ରକ୍ତଦାନ କରିବା ପରେ ଅତ୍ୟନ୍ତ ଖୁସି ଅନୁଭବ କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ ନିୟମିତ ଭାବେ ରକ୍ତଦାନ କରିବା ପାଇଁ ତରୁଣ ବାର୍ତ୍ତା ଦେଇଛନ୍ତି।

## ଶୀତଳଷଷ୍ଠୀ ନିମନ୍ତେ ଲାୟନ୍ସ କ୍ଲବ୍‌ର ପ୍ରସ୍ତୁତି ବୈଠକ

**ପଦ୍ମପୁର, ୨୪।୫(ସମିସ):** ଲାୟନ୍ସ ଭବନ ପରିସରରେ ଚଳିତବର୍ଷ ଶୀତଳଷଷ୍ଠୀ ଶୋଭାଯାତ୍ରାକୁ ନେଇ ପଦ୍ମପୁର ଲାୟନ୍ସ କ୍ଲବ୍‌ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରୀତମ୍ ମେହର ଏଥିରେ ସଭାପତିତ୍ୱ କରିଥିଲେ। ଶୀତଳଷଷ୍ଠୀ ଶୋଭାଯାତ୍ରା ପ୍ରତିବର୍ଷ ବହୁ ଜନସମାଗମ ହୋଇଥାଏ। ଏବେ ପ୍ରବଳ ଗରମ ହେଉଥିବାରୁ ଏହାକୁ ଆଖିରେ ରଖି ଆସନ୍ତା ୩୧ରେ କଚେରୀ ଛକ ଠାରେ ଥଣ୍ଡା ସର୍ବତ ବଣ୍ଟନ କରିବା ପାଇଁ ନିଷ୍ପତ୍ତି ନିଆଗଲା। ସଭାରେ ଲାୟନ୍ସ କ୍ଲବ୍‌ର ବେଣୁ ମାଧବ ଦୋରା, ଚିତ୍ତରଞ୍ଜନ ଦାଶ, ବିନୋଦ ବିହାରୀ ମିଶ୍ର, ସୌମ୍ୟଜିତ୍ ପାଢ଼ୀ, ହିମାଂଶୁ ଯୋଶୀ, ସଦାନନ୍ଦ ପୁରୋହିତ ଓ ଅନ୍ୟ ସଭ୍ୟବୃନ୍ଦ ଯୋଗ ଦେଇଥିଲେ।

## ଚିରୋଲି ଓ ଜଟେଶିରା ରାସ୍ତାକାମ ସାରିବାକୁ ଦାବି



**ବରଗଡ଼, ୨୪।୫(ସମିସ):** ଝାରବନ୍ଧ ବ୍ଲକ ଜଗଦଳପୁର ପଞ୍ଚାୟତ ବଡ଼କୁଞ୍ଜାରୀ ଛକରୁ ଚଣ୍ଡୀଭଟା ପଞ୍ଚାୟତ ଅଧୀନ ଜଟେଶିରା ବାଟ ଦେଇ କୁମୀର ପର୍ଯ୍ୟନ୍ତ ପିଚୁରାସ୍ତା ନିର୍ମାଣ କରାଯାଇଛି। ଦୀର୍ଘ ଦିନର ସମସ୍ୟା ପରେ ଏହି ରାସ୍ତା ତିଆରି ହୋଇଛି। ହେଲେ ଚିରୋଲି ଗାଁରେ ଏହି ରାସ୍ତା ହାରାହାରି ଦଶ ମିଟରରେ ଅଧା କାମ ହୋଇ ମେଟାଲ ପଡ଼ି ରହିଛି। ଅନ୍ୟପଟେ ଜଟେଶିରାରୁ କୁମୀର ବାଟରେ ମଧ୍ୟ ହାରାହାରି ୧୦ ମିଟର ବି ରାସ୍ତା କାମ ନହୋଇ ଖାଲଖମା ହେଇ ପଡ଼ିଛି। ଅସରାଏ ବର୍ଷା ହେଲେ କାଦୁଅରେ ଚାଲିକି ଯିବା ଆସିବା ମଧ୍ୟ ମୁସ୍କିଲ ହୋଇ ପଡ଼ୁଛି। ଜଗଦଳପୁରରୁ ଝାରବନ୍ଧକୁ ଏହି ରାସ୍ତା ସଂଯୋଗ କରୁଥିବାରୁ ଦୈନିକ ଶହ ଶହ ଲୋକ ଯିବା ଆସିବା କରନ୍ତି। ସେଥିରେ ରାସ୍ତା ଏପରି ଅବସ୍ଥାରେ ପଡ଼ିରହିବା ସତ୍ତ୍ୱେ ଠିକାଦାର କିମ୍ବା ବିଭାଗୀୟ ଅଧିକାରୀଙ୍କ ନଜର ପଡ଼ୁ ନାହିଁ। ପ୍ରତିଦିନ ଉଭୟ ସ୍ଥାନରେ ଅନେକ ଦୁର୍ଘଟଣା ଘଟୁଛି, ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ପୂର୍ବରୁ ଅଧା ପଡ଼ିଥିବା ରାସ୍ତା ଗୁଡ଼ିକୁ ସମ୍ପୂର୍ଣ କରିବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଲୋକଙ୍କ ପକ୍ଷରୁ ଦାବି ହେଉଛି।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଦାବି

**ଦହିତା, ୨୪।୫ (ସମିସ):** ପଦ୍ମପୁର ଉପଖଣ୍ଡ ଦହିତାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଦେବା ପାଇ ବହୁଦିନରୁ ଦାବି ହୋଇ ଆସୁଅଛି। ଅଦ୍ୟାବଧି କୌଣସି ସୁଫଳ ମିଳୁ ନଥିବାରୁ ଅଞ୍ଚଳରେ ବ୍ୟାପକ ଅସନ୍ତୋଷ ପ୍ରକାଶ ପାଇଛି। ୧୯୮୬ ମସିହାରେ ସ୍ଥାପିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠାକୁ ୩୯ ବର୍ଷ ହେବା ସତ୍ତ୍ୱେ ଅଶାନୁରୂପ ଉନ୍ନତି ପରିଲକ୍ଷିତ ହୋଇନାହିଁ। ଫାର୍ମାସିଷ୍ଟ ପଦ ଦୀର୍ଘ ଦିନ ହେଲା ଖାଲି ପଡ଼ିଛି। ସେଥିରେ ଏଠାରେ ଅବସ୍ଥାପିତ ଡାକ୍ତରଙ୍କୁ ଜମଲା ଗୋଷ୍ଠୀକେନ୍ଦ୍ରକୁ ଡେପୁଟେସନରେ ନିଆଯାଇଛି। ସେ ଉଭୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଧା ଅଧା ଦିନ ଆସୁଛନ୍ତି। ଫଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମଧୁମେହ ରୋଗୀ ରକ୍ତପରୀକ୍ଷା ପାଇଁ ଗଲେ କିଟ୍ ନଥିବାରୁ ନିରାଶ ଫେରୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଠିକ ଭାବେ ଔଷଧ ଯୋଗାଣ ହେଉନଥିବା ମଧ୍ୟ ଅଭିଯୋଗ ହେଉଛି। ମଳମୂତ୍ର, ମ୍ୟାଲେରିଆ ରକ୍ତପରୀକ୍ଷା ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି ନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦହିତା ପଞ୍ଚାୟତ ଡଙ୍ଗାଛଞ୍ଚା, ଆମ୍ବବାହାଲ, ଅମ୍ବାଦହନ, ଲେଦ୍ରାପାଳି, ସରଗିପାଳି, ଶାନ୍ତିପୁର, ବିଜାମାଲ ଏବଂ ଖଳିଆପାଳି ପଞ୍ଚାୟତର ଅନେକ ଗାଁର ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଛନ୍ତି। ତେଣୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଦେବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

## ଭୂତପୂର୍ବ ସୈନିକ ସଂଘର ବାର୍ଷିକ ସାଧାରଣ ସଭା

**ବରଗଡ଼, ୨୪।୫(ସମିସ):** ବରଗଡ଼ ଜିଲ୍ଲା ଭୂତପୂର୍ବ ସୈନିକ ସଂଘର ବାର୍ଷିକ ସାଧାରଣ ସଭା ବରାହଗୁଡ଼ା ସ୍ଥିତ ଲା ଫ୍ଲୋରା ଇକୋ ରିଟ୍ରିଟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ସଂଘର ବାର୍ଷିକ ଆର୍ଥିକ ବିବରଣୀ ପାଠ କରାଯାଇଥିଲା। ପ୍ରଥମ ଥର ଭୋଟ ଦ୍ୱାରା ପୁରୁଷ ଏବଂ ମହିଳା ଗ୍ରୁପ୍‌ର କାର୍ଯ୍ୟକାରିଣୀ ପଦବୀ ଚୟନ କରାଗଲା। ପୁରୁଷ ଗ୍ରୁପର ସଭାପତି ଭାବେ ବିଦ୍ୟୁତ୍ ଦାଶ, ଉପସଭାପତି ମାନସ ଚାନ୍ଦ, ସମ୍ପାଦକ ସୂର୍ଯ୍ୟ ପ୍ରସାଦ ଦାଶ, ସହ ସମ୍ପାଦକ ସୁବ୍ରତ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ବିଭୂତି ଭୂଷଣ ଖାଡ଼ଙ୍ଗା, ସହ କୋଷାଧ୍ୟକ୍ଷ ଓମ୍ ପ୍ରକାଶ ଦାଶ ତଥା ମହିଳା ଗ୍ରୁପ୍‌ର ସଭାପତି ଭାବେ ପ୍ରଭାସିନୀ ଦାଶ, ଉପ ସଭାପତି ସୁଜାତା ପ୍ରଧାନ, ସମ୍ପାଦକ ଅନୁପମା ମିଶ୍ର, ସହ ସମ୍ପାଦକ ସୁନୀତା ଦାଶ ଏବଂ ରୀନା ଭୋଇ, କୋଷାଧ୍ୟକ୍ଷ ପଙ୍କଜିନୀ ସାହୁ ନିର୍ବାଚିତ ହେଲେ। ଶେଷରେ ମାନସ ଚାନ୍ଦଙ୍କ ଧନ୍ୟବାଦ ସହ ସଭା ସମାପନ ହୋଇଥିଲା।

## ବରିକେଲ ମଣ୍ଡଳରେ ତ୍ରିରଙ୍ଗା ଶୋଭାଯାତ୍ରା




**ପଦ୍ମପୁର, ୨୪।୫(ସମିସ):** ବିଜେପି ପଦ୍ମପୁର ନିର୍ବାଚନ ମଣ୍ଡଳୀ ବରିକେଲ ମଣ୍ଡଳ ଦ୍ୱାରା ବରିକେଲ ଗାଁରେଦେଶର ସାର୍ବଭୌମତ୍ୱ ବଜାୟ ରଖିବା ଏବଂ ବୀର ଯବାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଶନିବାର ତ୍ରିରଙ୍ଗା ଶୋଭାଯାତ୍ରା ହୋଇଛି। ଶୋଭାଯାତ୍ରାରେ ବିଜେପି ପଦ୍ମପୁର ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏ, ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସାହୁ, ସରପଞ୍ଚ ଦିନେଶ ସେଠ, ସମିତି ସଦସ୍ୟ ମନ୍ତ୍ର ସେଠ, କାଉନସିଲର ଚିନ୍ମୟ ପଣ୍ଡା, ମଣ୍ଡଳ ସଭାପତି ଦିବ୍ୟ ପଧାନ, ସୁନିଲ ଅଗ୍ରୱାଲ, ଟୁନା ଡନସନା, ଅକ୍ଷୟ ସାହୁ, ଜନକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯକ୍ରମକୁ ବରିକେଲ ପଞ୍ଚାୟତର ଟୁକୁ ପାତ୍ର, ଗୋଲକ ମେହେର, ରାଜେଶ ସାହୁ, ଅନନ୍ତ ସାହୁ, କ୍ଷେତ୍ରପାଲ ସାହୁ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

## ପିଏମ୍‌ଶ୍ରୀ ବାଳିକା ବିଦ୍ୟାଳୟରେ ଗ୍ରୀଷ୍ମ ଶିବିର ଉଦ୍‌ଯାପିତ

**ବରଗଡ଼, ୨୪।୫(ସମିସ):** ବରଗଡ଼ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ପିରାମଲ ଫାଉଣ୍ଡେସନର ସହଯୋଗରେ ବରଗଡ଼ ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ୫ଦିନିଆ ଗ୍ରୀଷ୍ମ ଶିବିର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ସରୋଜ ଭୂଏ ଯୋଗ ଦେଇଥିଲେ। ଶିବିରରେ ଚେତନା ଗୀତ, ପ୍ରାଥମିକ ଚିକିତ୍ସା ତାଲିମ୍, ବର୍ଜ୍ୟବସ୍ତୁରୁ ବିଭିନ୍ନ ଜିନିଷ ତିଆରି କରିବା, ନୃତ୍ୟଗୀତ ଅଭିନୟ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ଶାନ୍ତି ସୁନା କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନୂତନ କୌଶଳ ଶିଖିବା ଓ ତାକୁ ଦୈନନ୍ଦିନ ଜୀବନରେ ବ୍ୟବହାର କରିବା ପାଇଁ ଉତ୍ସାହିତ କରିଥିଲେ। ପିରାମଲ ଫାଉଣ୍ଡେସନର ପ୍ରୋଗ୍ରମ୍ ଲିଡର୍ ପୁନମ ନାୟକ, ଭଜନୀଶ, ଇସୁ ବସ୍ତ୍ର, ଶୁଭଶ୍ରୀ ପ୍ରଧାନ, ରିତୁ ମିଶ୍ର, ଦିପ୍ତିମୟୀ ସେଠ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।



## ରବୀନ୍ଦ୍ର ଦାଶଙ୍କ ପରଲୋକ

**ଅତାବିରା, ୨୪।୫ (ସମିସ):** ଅତାବିରାର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିବ ଶଙ୍କର ଦାଶଙ୍କ ମଧ୍ୟମ ପୁତ୍ର ରବୀନ୍ଦ୍ର ଦାଶ(୪୨)ଙ୍କ ଶୁକ୍ରବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ ଦୁଇ ବର୍ଷ ହେଲା ଚାକିରିରୁ ଅବ୍ୟାହତି ନେଇ ବ୍ୟବସାୟ କରୁଥିଲେ। ଦୀର୍ଘ ଦିନ ହେଲା ତାଙ୍କ ଖାଦ୍ୟ ନଳୀର ତଳ ଅଂଶରେ ସଂକ୍ରମଣର ଶିକାର ହୋଇ ଚିକିତ୍ସିତ ହେଉଥିଲେ। କିଛି ଦିନ ତଳେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। କିନ୍ତୁ ସଂକ୍ରମଣ ବଢ଼ିବାରୁ ଭେଣ୍ଟିଲେଟରରେ ରଖାଯାଇଥିଲା। ଶନିବାର ସକାଳେ ତାଙ୍କ ପାର୍ଥୀବ ଶରୀର ଅତାବିରା ସ୍ଥିତ ବାସଭବନକୁ ଅଣାଯିବା ପରେ ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ମୃତ୍ୟୁ ପରେ ପତ୍ନୀ, ଦୁଇ ପୁଅ ଝିଅ, ବଡ଼ ଭାଇ ଜିତେନ୍ଦ୍ର, ସାନ ଭାଇ ଡ.ଶୋଭେନ୍ଦ୍ର ଦାଶ, ପରିବାର ବର୍ଗଙ୍କୁ ଛାଡ଼ି ଯାଇଛନ୍ତି। ଅନ୍ତିମଦର୍ଶନ ସମୟରେ ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ବଡ଼ ଭାଇ ଜିତେନ୍ଦ୍ର ମୁଖାଗ୍ନି ଦେଇଥିଲେ।



# ପରୀକ୍ଷା ଫଳ ପ୍ରକାଶ ଦାବିରେ ଛାତ୍ରଛାତ୍ରୀଙ୍କ ଆମରଣ ଅନଶନ

### ବିଧାୟିକାଙ୍କ ସମର୍ଥନ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ପତ୍ର ଲେଖିଲେ ସାଂସଦ

**ପଦ୍ମପୁର, ୨୪।୫(ସମିସ)**

କେନ୍ଦ୍ରୀୟ ଶିକ୍ଷା ବୋର୍ଡ ଦ୍ୱାରା ଗତ ୧୩ରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳାଫଳ ପ୍ରକାଶ ପାଇସାରିଛି। କିନ୍ତୁ ପଦ୍ମପୁର ଉପଖଣ୍ଡର ପଦ୍ମପୁର, ପାଇକମାଳ, ଗାଇସିଲଟ, ସୋହେଲା ଆଦର୍ଶ ବିଦ୍ୟାଳୟ ସମେତ ଯେନିଥ ଗୁରୁକୁଳ, ପଦ୍ମପୁର ପବ୍ଲିକ ବିଦ୍ୟାଳୟ ଆଦି ୬ଟି ବିଦ୍ୟାଳୟର ପରୀକ୍ଷା ଫଳାଫଳ ପ୍ରକାଶ ପାଇନାହିଁ। ଅଭିଭାବକଗଣ କେନ୍ଦ୍ରୀୟ ବୋର୍ଡ କର୍ତ୍ତୃପକ୍ଷ, ବରଗଡ଼ ସାଂସଦ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ବାରମ୍ବାର ଅବଗତ କରିଥିଲେ ସୁଦ୍ଧା ସୁଫଳ ମିଳିଲା ନାହିଁ। ଶେଷରେ ଅନୋନ୍ୟପାୟ ହୋଇ ଶନିବାର ସମସ୍ତ ୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଗଣ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଆନ୍ଦୋଳନ ସ୍ଥଳକୁ ବିଧାୟିକା ବର୍ଷା ସିଂ ବରିହା ଆସି ସମର୍ଥନ ଜଣାଇଛନ୍ତି। ସମସ୍ତ ବିଦ୍ୟାଳୟର ଅଭିଭାବକ ମାନେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କୁ ଲିଖିତ ଅନୁରୋଧ କରିଥିଲେ। ସାଂସଦ ଶ୍ରୀ ବିଶି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ଲେଖି କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ପରୀକ୍ଷା ଫଳାଫଳ ପ୍ରକାଶ କରିବାକୁ ଦାବି ଜଣାଇଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଲୋଚନା ପାଇଁ ଛାତ୍ରଛାତ୍ରୀ ମଣ୍ଡଳୀର ଏକ ପ୍ରତିନିଧି ମଣ୍ଡଳୀଙ୍କୁ ସମ୍ବଲପୁର ଆମନ୍ତ୍ରଣ କରିଛନ୍ତି।



> କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଆଜି ସମ୍ବଲପୁରରେ ଅଭିଭାବକ ଓ ଛାତ୍ରଛାତ୍ରୀ ଆଲୋଚନା କରିଛନ୍ତି। ଆସନ୍ତା ମଙ୍ଗଳବାର ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ଏନେଇ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇ ଆସନ୍ତା ମଙ୍ଗଳବାର ଯାଏଁ ଅନଶନକୁ ସ୍ଥଗିତ କରାଗଲା ଏବଂ ଫଳାଫଳ ପ୍ରକାଶ ନହେଲେ ପୁଣି ବୁଧବାରରୁ ଆନ୍ଦୋଳନ ହେବ ବୋଲି କୁହାଯାଇଛି।

## ଶୀତଳଷଷ୍ଠୀ ମହୋତ୍ସବ ପ୍ରସ୍ତୁତି ଶେଷ

**ପଦ୍ମପୁର, ୨୪।୫(ସମିସ):** ତୃତୀୟ ସାର୍ବଜନୀନ ଶୀତଳଷଷ୍ଠୀ କମିଟି ପଦ୍ମପୁର ତରଫରୁ ପୁରୁଣା ବସ୍ତି ସ୍ଥିତ କଣ୍ଟାବନ୍ଧ ସଂଲଗ୍ନ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ଏବଂ ଜଗତଜନନୀ ମାତା ପାର୍ବତୀଙ୍କର ବିବାହ ଉତ୍ସବକୁ ନେଇ ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ସାମ୍ବାଦିକ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଛି। ଶୀତଳଷଷ୍ଠୀ ଉପଲକ୍ଷେ ଏହି ବିବାହ ଉତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା। କନ୍ୟା ମାତା ପିତା ଭାବେ ସ୍ୱର୍ଣ୍ଣକାନ୍ତି ସାହୁ ଓ କେଦାର ସାହୁ ଦାୟିତ୍ୱ ବହନ କରୁଥିବା ବେଳେ ବର ମାତାପିତା ଭାବେ ତାରାବତୀ ମେହେର ଓ ଚନ୍ଦନ ମେହେର ଦାୟିତ୍ୱ ନେଇଛନ୍ତି। ଉତ୍ସବ ପାଇଁ ଅଶୋକ ଖେଳପଡ଼ିଆରେ ମୀନାବଜାରର ଆୟୋଜନ କରାଯାଇଛି। ୩୦ରେ ମନ୍ଦିର ପ୍ରାଙ୍ଗଣରେ ସୁପରିଚିତ ପାରାୟଣ ଗାୟିକା ସୁଶ୍ରୀ ପ୍ରାପ୍ତି ଆଚାର୍ଯ୍ୟ ଓ ସାଥି ବିଜ୍ଞାସୀ ବାରିକଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ହେବ। ୨୯ରେ ମାତା ପାର୍ବତୀଙ୍କର ପିତା ଗୃହେ ଆଗମନ, ସନ୍ଧ୍ୟାରେ ସପ୍ତ ଋଷିଙ୍କ ଦ୍ୱାରା ପତର ପେଣ୍ଡି ଉତ୍ସବ ଏବଂ ୩୦ରେ ମାତା ପାର୍ବତୀଙ୍କର ଅଳଙ୍କାର ଧାରଣ କରାଯିବ। ୩୧ରେ ଅମୃତ ବେଳା ଦେଖି ଭକ୍ତଙ୍କ ମେଳିରେ ମନ୍ତ୍ରୋଚ୍ଚାରଣ, ଘଣ୍ଟ ଶଙ୍ଖ ବାଦ୍ୟ, ପାରମ୍ପରିକ କଲଙ୍ଗୀ, ଘୁମୁରା, କୃଷ୍ଣ ଗୁରୁ, ସଂକୀର୍ତ୍ତନ ସହ ବରଯାତ୍ରୀ ହୋଇ ବିବାହ ସମ୍ପନ୍ନ ହେବ। ୧ ଜୁନ୍‌ରେ ଯୁଗଳ ମୂର୍ତ୍ତିଙ୍କର ନଗର ପରିକ୍ରମା କରି ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ହେବ। ଆଜିର ସାମ୍ବାଦିକ ସମ୍ମିଳନୀରେ ସଭାପତି ପ୍ରୀତମ ମେହେର ଅଧ୍ୟକ୍ଷତା କରିଥିଲେ। କମିଟିର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ପରିଚୟ ସହ ସୂଚନା ପ୍ରଦାନ କରିଥିଲେ। କମିଟିର ସଦସ୍ୟ ସନ୍ତୋଷ ମହାନ୍ତି, ମୁଖ୍ୟ ପୂଜକ ଅତ୍ରାହି ଭଞ୍ଜନ ପାଣିଗ୍ରାହୀ, ମନ୍ଦିର ପୂଜକ ଟଙ୍କଧର ମହାପାତ୍ର ପୂଜାବିଧି ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ସହସମ୍ପାଦକ ପ୍ରଶାନ୍ତ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।



## ବୌଦ୍ଧରୁ ପୁରୀ ଗଲା ୭୦ଖଣ୍ଡ ରଥ କାଠ



**ବୌଦ୍ଧ,୨୪।୫(ସମିସ):** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ଶନିବାର ବୌଦ୍ଧ ବନଖଣ୍ଡର ମାଧପୁର ରେଞ୍ଜରୁ ୭୦ ଖଣ୍ଡ ଅସନ କାଠ ପୁରୀ ରଥଖଳାକୁ ପଠାଯାଇଛି। ଚଳିତବର୍ଷ ଦ୍ୱିତୀୟ ପର୍ଯ୍ୟାୟରେ ବୌଦ୍ଧରୁ ପୁରୀକୁ ରଥ କାଠ ପଠାଯାଇଥିବା ମାଧପୁର ରେଞ୍ଜ ଅଫିସର ଆଶିକ କୁମାର ଦିଗାଲ ସୂଚନା ଦେଇଛନ୍ତି। ସଙ୍କିର୍ତ୍ତନ ମଣ୍ଡଳୀ ସହିତ ରଥକାଠ ବୋଝେଇ ଦୁଇଟି ଗାଡ଼ିକୁ ମାଧପୁର ବନବିଭାଗ କାର୍ଯ୍ୟାଳୟ ସମ୍ମୁଖରେ କଳସ ବସାଯାଇ ସ୍ୱାଗତ କରାଯାଇଥିଲା। ଘଣ୍ଟ ବାଦ୍ୟ, ହରିବୋଲି ଓ ହୁଳହୁଳି ଦେଇ ମହାପ୍ରଭୁଙ୍କ କାଠକୁ ପୁରୀ ଅଭିମୁଖେ ପାଛୋଟି ନିଆଯାଇଥିଲା।

## ମନ୍ଦିର ଆଗରେ ନର୍ଦ୍ଦମା କାଦୁଅ

**ଭବାନୀପାଟଣା, ୨୪।୫ (ସମିସ):** ଭବାନୀପାଟଣା ପୌର କର୍ମଚାରୀ ଟ୍ରାକ୍ଟରରେ ମଇଳା ନେଲା ବେଳେ ପୁରୁଣାପଡ଼ା ଗାୟତ୍ରୀ ମନ୍ଦିର ପାଖରେ ଓଲଟି ପଡ଼ିଗଲା।ଓଲଟି ଯିବାରୁ ଟ୍ରାକ୍ଟରରେ ଥିବା କୁଢ କୁଢ କାଦୁଅ ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତାରେ ପଡ଼ି ରହିଛି। ଫଳରେ ମନ୍ଦିରକୁ ଯାଉଥିବା ଭକ୍ତ ଏବଂରାସ୍ତାରେ ଯାଉଥିବା



ଲୋକଙ୍କ ଦେହରେ କାଦୁଅ ଛିଟିକି ପଡୁଛି। ପୌର ବିଭାଗର ନଗରପାଳ, ନିର୍ବାହୀ ଅଧିକାରୀ, ୧୪ ଓ ୧୫ ନମ୍ବର ୱାର୍ଡର କାଉନସିଲର ଦୃଷ୍ଟି ଦେଇ ଜରୁରୀକାଳୀନ ଭାବେ ସଫେଇ କରିବାର ବ୍ୟବସ୍ଥା କରିବାକୁ ପୁରୁଣାପଡ଼ାବାସୀ ଦାବି କରୁଛନ୍ତି।

## ଡାକ ସହାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କେସିଙ୍ଗା, ୨୪।୫(ସମିସ):କଳାହାଣ୍ଡି ଜିଲ୍ଲା କେସିଙ୍ଗା ପୋଷ୍ଟ ଅଫିସରେ କାର୍ଯ୍ୟରତ ଡାକ ସହାୟକ ବିଭୂତି ଭୂଷଣ ନାଏକଙ୍କୁ କେସିଙ୍ଗା ପୋଷ୍ଟ ଅଫିସ ପକ୍ଷରୁ ଶନିବାର ଦିନ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରକାଶ ଥାଉକି ଶ୍ରୀ ନାଏକ ୨୦୨୨ ମସିହାରେ କେସିଙ୍ଗା ପୋଷ୍ଟ ଅଫିସ ଯୋଗଦାନ କରି ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ। ଶ୍ରୀ ନାଏକ ପୋଷ୍ଟ



ଅଫିସରେ ଅଲରାଉଣ୍ଡର ଭାବରେ ସମସ୍ତ କାର୍ଯ୍ୟକୁ ଅତି ସୁନ୍ଦର ଭାବରେ କରିପାରୁଥିଲେ।ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ କେସିଙ୍ଗା ପୋଷ୍ଟ ମାଷ୍ଟର ଝସକେତନ ତ୍ରିପାଠୀଙ୍କ ସମେତ ଡାକ ସହାୟକ ସୁନୀଲ ରଣା, ରାଜେନ୍ଦ୍ର ନାରାୟଣ ସାହୁ, ଦେବରାଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### କାର୍ଯ୍ୟକ୍ଷମ ହେଉନି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ

## ସାପ୍ତାହିକ ବଜାରରେ ପାଣି ପାଇଁ ଲୋକ ହନ୍ତସନ୍ତ

**ସୁବଳୟା, ୨୪।୫(ସମିସ):**



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡି ପଞ୍ଚାୟତର କର୍ଡାପାଲ ସ୍ଥିତ ସାପ୍ତାହିକ ବଜାରରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣର ୨ ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଫଳରେ ଲୋକେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ପ୍ରତି ଗୁରୁବାର ବସୁଥିବା କର୍ଡାପାଲ ସାପ୍ତାହିକ ବଜାର ଉପରେ ମୁର୍ଷୁଣ୍ଡି, ଲୁଡୁରପଙ୍କ, କେନଝିରିଆପାଲି, ବହଲପଦର, ଦୁର୍ଜନଟେଲା ଆଦି ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ଏହାବ୍ୟତିତ ଦୂର ଦୁରାନ୍ତରୁ ମଧ୍ୟ ଅନେକ ଲୋକେ କିଣାବିକା କରିବା ପାଇଁ ଆସିଥାନ୍ତି। ଏଠାରେ ଥିବା ନଳକୂପର ପାଣି ଫ୍ଲୋରାଇଡ ଯୁକ୍ତ ହୋଇଥିବା ବେଳେ ଉକ୍ତ ପାଣି ପିଇ ଏହି ଅଞ୍ଚଳର ଲୋକେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ଏଠାକୁ ଆସୁଥିବା ଲୋକଙ୍କ ପାନୀୟ ଜଳ ସମସ୍ୟାର ସମାଧାନ ଲକ୍ଷ୍ୟ ନେଇ ୨୦୨୧-୨୨ ଆର୍ଥିକ ବର୍ଷରେ ପ୍ରାୟ ଦଶ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା। ମାତ୍ର ଏହା ନିର୍ମାଣ ହୋଇ ଦୁଇ ବର୍ଷ ବିତିଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଉକ୍ତ ପ୍ରକଳ୍ପକୁ ଏଯାଏ ବିଦ୍ୟୁତ ସଂଯୋଗ ହୋଇପାରି ନଥିବା ଏହା କାର୍ଯ୍ୟକ୍ଷମ ହୋଇପାରୁ ନଥିବା ଜଣାପଡ଼ିଛି। ବଜାରକୁ ଆସୁଥିବା ଲୋକଙ୍କ ପାନୀୟ ଜଳ ସୁବିଧା ପାଇଁ ଏହି ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗୀୟ ଯନ୍ତ୍ରୀ ମଞ୍ଜୁଲତା ଗୌଡ଼ଙ୍କୁ ପଚାରିବାରୁ, ଉକ୍ତ ପ୍ରକଳ୍ପ ଆମ ବିଭାଗକୁ ଏଯାଏ ହସ୍ତାନ୍ତର ହୋଇ ନଥିବା କହିଛନ୍ତି।

## ଗଞ୍ଜେଇ ଜବତ ମାମଲାର ୩ କୋର୍ଟ ଚାଲାଣ



ବୌଦ୍ଧ, ୨୪।୫(ସମିସ):ବୌଦ୍ଧ ପୁଲିସ ଦ୍ୱାରା ଟୁଟୁସିଙ୍ଗା ଗ୍ରାମରାସ୍ତାରୁ କାର୍ ସହ ୭ କେଜି ଗଞ୍ଜେଇ ଜବତ୍ ମାମଲାର ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ସକାଳେ ଟୁଟୁସିଙ୍ଗା ଗ୍ରାମରାସ୍ତାରୁ ମହାନଦୀ ବ୍ରିଜ ଆଡକୁ ଆସୁଥିବା ଏକ କାର୍‌କୁ ଅଟକାଇ ବୌଦ୍ଧ ପୁଲିସ ଯାଞ୍ଚ କରିଥିଲା। କାର୍ ଭିତରେ ଥିବା ଏକ ଜରି ବସ୍ତାରେ ଗଞ୍ଜେଇ ବାହାରି ଥିଲା। ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରାଯିବାରୁ ତାହା ୭ କେଜି ଗଞ୍ଜେଇ ହୋଇଥିଲା।କାର୍‌ରେ ଥିବା ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ଲହୁଣୀପଡ଼ାଗ୍ରାମର ସୁମିତ କୁମାର ରାଏ, ଶରଧାପୁର ଗ୍ରାମର ସୁଧୀର କୁମାର୍ ମହନ୍ତ ଓ ଗୁଡିଆଲି ଗ୍ରାମର ଗଙ୍ଗାଧର ମହନ୍ତଙ୍କୁ ଗିରଫ କରି ତାଙ୍କ ଠାରୁ ୩ଟି ମୋବାଇଲ ଜବତ ମଧ୍ୟ କରା ଯାଇଥିଲା। ଏ ସମ୍ପର୍କରେ ବୌଦ୍ଧ ଥାନାରେ ମାମଲା ରୁଜୁ କରି ତିନି ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ● ଦାଦନ ସର୍ଦ୍ଦାର ପାଖରେ ନାବାଳିକା ବନ୍ଧା ପଡ଼ିବା ଘଟଣା

## ଥାନାରେ ନାବାଳିକା ଓ ଅଭିଯୁକ୍ତକୁ ରଖି ତଦନ୍ତ

**କଲମପୁର, ୨୪।୫(ସମିସ): କଲମପୁର** ଥାନା ମିନଗୁରମଣ୍ଡିପଡ଼ାର ବଟକୃଷ୍ଣ ଗୋପାଳଙ୍କ ନାବାଳିକା ଝିଅ ଦାଦନ ସର୍ଦ୍ଦାର ନିକଟରେ ବନ୍ଧା ପଡ଼ିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗର ଦୀର୍ଘ ପାଞ୍ଚ ମାସ ପରେ ନାବାଳିକାକୁ ଉଦ୍ଧାର କରିବାରେ ପୁଲିସ ସଫଳ ହୋଇଛି। ରାଜ୍ୟ ବାହାରକୁ ଯାଇ ସ୍ଥାନୀୟ ପୁଲିସ ଓ ଶିଶୁ ସୁରକ୍ଷା ବିଭାଗ ମିଳିତ ଭାବେ ଚଢ଼ଉ କରି ଝିଅକୁ ଉଦ୍ଧାର କରିଛନ୍ତି। ପ୍ରକାଶ ଯେ ବଟକୃଷ୍ଣ ଗୋପାଳ ଓ ତାଙ୍କ ସ୍ତ୍ରୀ ସମେତ ଦୁଇ ଝିଅକୁ ଧରି ତାମିଲନାଡୁର ରାମ ଗୁଣ୍ଡାକୁ ଜଣେ ଦାଦନ ଚାଲାଣକାରୀଙ୍କ ଦ୍ୱାରା କାମ ଅନ୍ୱେଷଣରେ ଯାଇଥିଲେ। ସେଠାରେ ଏମାନଙ୍କୁ ନେଇଥିବା ଚାଲାଣକାରୀ ଅନ୍ୟ ଏକ ଲୋକଙ୍କୁ ଏମାନଙ୍କୁ ସମର୍ପି ଦେଇଥିଲା। ସେହି ଦାଦନ ସର୍ଦ୍ଦାର ଏମାନଙ୍କୁ ଏକଘରେ ରଖି ଘର ନିର୍ମାଣ କାର୍ଯ୍ୟରେ ନିୟୋଜିତ କରିଥିଲା। ଖାଦ୍ୟପେୟର ଅଭାବ ଅନାଟନ କରିବାରୁ ଏମାନେ ଫେରି ଆସିବାକୁ ଚେଷ୍ଟା କରୁଥିବା ବେଳେ ଦାଦନ ସର୍ଦ୍ଦାର ତାଙ୍କ ନାବାଳିକା ଝିଅକୁ ଉଠାଇ ନେଇ ଚାଲିଗଲା ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ। ଦୀର୍ଘ ଦିନ ପରେ ଝିଅକୁ ଉଦ୍ଧାର କରିବାରେ ପୁଲିସ ସଫଳ ହୋଇଛି। କଲମପୁର ଥାନାରେ ଉଭୟ ଅଭିଯୁକ୍ତ ଓ ନାବାଳିକାଙ୍କୁ ଅଟକ ରଖି ପୁଲିସ ତଦନ୍ତ ଜାରି ରଖିଛି। ଏନେଇ କଲମପୁର ଥାନା ଅଧିକାରୀ ନୀଳାମ୍ବର ଜାନୀ ସୂଚନା ଦେଇଥିବା ବେଳେ ନାବାଳିକା ପରିବାର ଲୋକେ ମଧ୍ୟ ଥାନାରେ ଉପସ୍ଥିତ ଥିଲେ।ଏନେଇ 'ସକାଳ'ରେ ଗତ ଫେବୃଆରୀ ୨୩ତାରିଖ ଦିନ ଖବର ପ୍ରକାଶ ପାଇଥିଲା।

## ଆହାରକେନ୍ଦ୍ର କାର୍ଯ୍ୟକ୍ଷମ ନେଇ ଅନିଶ୍ଚୟତା

ଶଗଡ଼ା, ୨୪।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସଦର ମହକୁମାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିର୍ମିତ ଆହାରକେନ୍ଦ୍ର ଏକ ବର୍ଷରୁ ଅଧିକ ସମୟ ହେବ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହା ଜିଲ୍ଲାର ଉପାନ୍ତ ଅଞ୍ଚଳ ହୋଇଥିବା ବେଳେ ଡାକ୍ତରଖାନା ଉପରେ ୨୦ହଜାରରୁ ଅଧିକ ଲୋକ ନିର୍ଭର କରୁଛନ୍ତି। ପଡୋଶୀ କନ୍ଧମାଳ ଓ ସୁବର୍ଣ୍ଣପୁର ଜିଲ୍ଲାର ରୋଗୀମାନେ ମଧ୍ୟ ଡାକ୍ତରଖାନାରେ ପ୍ରତିଦିନ ଚିକିତ୍ସା ହେଉଛନ୍ତି। ପ୍ରତି ଦିନ ଶହ ଶହ ରୋଗୀ ଚିକିତ୍ସା ହେଉଥିବା ବେଳେ ୪୦ରୁ ଅଧିକ ରୋଗୀ ଭର୍ତ୍ତି ମଧ୍ୟ ହେଉଛନ୍ତି। ଦୂରରୁ ଆସିଥିବା ରୋଗୀମାନେ ରନ୍ଧା ଖାଦ୍ୟ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତରଖାନାରୁ ୫ଶହ ମିଟର ଦୂରକୁ ଯାଇ ରନ୍ଧାଖାଦ୍ୟ କିଣି ଖାଉଛନ୍ତି ଓ ଅଧିକ ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଦାବୀ ଅନୁସାରେ ଡାକ୍ତରଖାନା ପରିସରରେ ଆହାର କେନ୍ଦ୍ର ନିର୍ମାଣ କରାଯାଇଛି ଓ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଉଦ୍‌ଘାଟନ ମଧ୍ୟ ସରିଛି। ହେଲେ ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇ ନାହିଁ।ତେଣୁ କରି ରୋଗୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।ଜିଲ୍ଲା ପ୍ରଶାସନ ତୁରନ୍ତ ଆହାର କେନ୍ଦ୍ର କାର୍ଯ୍ୟକ୍ଷମ କରାଇବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

## ଜିଲ୍ଲାପାଳଙ୍କ କୃଷି ସମ୍ବନ୍ଧୀୟ ସମୀକ୍ଷା ବୈଠକ

ନୂଆପଡ଼ା, ୨୪।୫(ସମିସ): କୃଷି ସମ୍ବନ୍ଧୀୟ ସମୀକ୍ଷା ବୈଠକ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ବେଉରାଙ୍କ ସହ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ନୂଆପଡ଼ାକୁ କୃଷି ପ୍ରଧାନ ଜିଲ୍ଲାରୁ କୃଷି ଉଦ୍ୟୋଗୀ ଜିଲ୍ଲାରେ ରୂପାନ୍ତରିତ କରିବା ପାଇଁ ବିଭାଗ ପଦକ୍ଷେପ ନେବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କୃଷକମାନଙ୍କ ଉନ୍ନତି ପାଇଁ ଯେଉଁସବୁ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି ତାହା ଜିଲ୍ଲାରେ ସଠିକ ଭାବରେ ରୁପାୟନ କରାଯିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସମନ୍ୱିତ କୃଷି ଉପରେ ଗୁରୁତ୍ୱ ଦେଲେ ଚାଷୀମାନେ ଲାଭବାନ ହେବା ସହ ଅନ୍ୟମାନଙ୍କୁ ମଧ୍ୟ କାମ ଯୋଗାଇ ପାରିବେ, ଜିଲ୍ଲାରୁ ପ୍ରବାସୀ ଶ୍ରମିକ ପ୍ରଥାର ବିଲୋପ ହୋଇପାରିବ ବୋଲି ଜିଲ୍ଲାପାଳ କହିଥିଲେ। କୃଷି ବିଭାଗ ଗ୍ରହଣ କରିଥିବା ବିଭିନ୍ନ ଯୋଜନା ଓ ସଫଳତାର କାହାଣୀ ପାୱାର୍ ପଏଣ୍ଟ ମାଧ୍ୟମରେ ଉପସ୍ଥାପିତ କରାଯାଇଥିଲା। ଏହି ଅବସରରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅଧିକାରୀମାନଙ୍କୁ ଜିଲ୍ଲାପାଳ ସମ୍ମାନିତ କରିଥିଲେ।



## ଗାଡ଼ି ଭାଙ୍ଗିବା ଓ ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

କୁଜଙ୍ଗ,୨୪।୫(ସମିସ): କୁଜଙ୍ଗ ଥାନା ଅନ୍ତର୍ଗତ ବାଗୋଇ ଗ୍ରାମରେ ଗାଡ଼ି ଭାଙ୍ଗିବା ଓ ମହିଳାଙ୍କୁ ଆକ୍ରମଣ ଆଭିଯୋଗରେ ଜଣେ ଗିରଫ ହୋଇଛି। ଗିରଫ ଯୁବକ ତପନ ପଣ୍ଡା। ବାଗୋଇ ଗ୍ରାମର ଭାବଗ୍ରାହୀ ଜୟସିଂଙ୍କ ପତ୍ନୀ ନମିତା ରାତିରେ ଶୌଚ ହେବାକୁ ବାହାରକୁ ଯାଇଥିଲେ। ସେହି ସମୟରେ ସେ ଶବ୍ଦ ଶୁଣିଲେ ଓ ତପନ କୁମାର ପଣ୍ଡା ଏକ କଟୁରୀ ଦ୍ୱାରା ତାଙ୍କ ଗାଡ଼ି କାଚ ଭାଙ୍ଗୁଛି। ସେ ପାଟି କରିବାରୁ ନମିତାଙ୍କୁ ତପନ ଆକ୍ରମଣ କରିଥିଲେ। ସୌଭାଗ୍ୟବଶତଃ କଟୁରୀ ତାଙ୍କ ବାମ ହାତରେ ଲାଗିଥିଲା। ପାଟି ଶୁଣି ଗ୍ରାମବାସୀ ଉଠିଆସିଥିଲେ। ଅଭିଯୁକ୍ତ ସେହି ସ୍ଥାନରୁ ପଳାଇଯାଇଥିଲେ। ଆଜି ଅଭିଯୁକ୍ତଙ୍କୁ କୁଜଙ୍ଗ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।



## +୨ ପରୀକ୍ଷାରେ ଚାନ୍ଦୋଳ କଲେଜର ଶତପ୍ରତିଶତ ସଫଳତା

ଡେରାବିଶ,୨୪।୫(ସମିସ): ଡେରାବିଶ ବ୍ଲକ୍ ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର +୨ ପରୀକ୍ଷା ଫଳ ଆଶାନୁରୂପ ହୋଇଥିବା ଅଧ୍ୟକ୍ଷ ଅକ୍ଷୟ କୁମାର ବଳ ପ୍ରକାଶ କରିଛନ୍ତି। +୨ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ୨୮ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୨ ଜଣ ଓ ତୃତୀୟ ଶ୍ରେଣୀରେ ୪ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। +୨ କଳାରେ ୮୦ ପ୍ରତିଶତ କୃତକାର୍ଯ୍ୟ ହୋଇଥିବାବେଳେ ସେଥିମଧ୍ୟରୁ ୨୩ ଜଣ ପ୍ରଥମ ଶ୍ରେଣୀ, ୨୦ ଜଣ ଦ୍ୱିତୀୟ ଶ୍ରେଣୀ ଓ ୮୮ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସେହିପରି ଧନ୍ଦାମୂଳକ ଶିକ୍ଷାର ୧୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ସମସ୍ତେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୯ ଜଣ ପ୍ରଥମ ଶ୍ରେଣୀ ଓ ୭ ଜଣ ଦ୍ୱିତୀୟ ଶ୍ରେଣୀ ପାଇଛନ୍ତି। ଏହି ସଫଳତା ପାଇଁ ଅଧ୍ୟକ୍ଷ ଶ୍ରୀ ବଳ ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କୁ ଧନ୍ୟବାଦ ଦେବା ସହ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## +୨ ପରୀକ୍ଷାରେ ଡେଲଟା ଜୁନିୟର କଲେଜର ସଫଳତା

ଡେରାବିଶ,୨୪।୫(ସମିସ): ଡେରାବିଶ ବ୍ଲକ୍ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଭିତରବମ୍ଭୁସ୍ଥ ଡେଲଟା ଜୁନିୟର କଲେଜର ଚଳିତ ବର୍ଷର +୨ କଳା, ବିଜ୍ଞାନ ଓ ବାଣିଜ୍ୟ ଫଳ ସନ୍ତୋଷଜନକ ହୋଇଥିବା ଅଧ୍ୟକ୍ଷ ଡଃ ବିବେକାନନ୍ଦ ମିଶ୍ର ପ୍ରକାଶ କରିଛନ୍ତି। ଚଳିତ ବର୍ଷ +୨ ପରୀକ୍ଷାରେ କଲେଜର ୯୨ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବାବେଳେ ବିଜ୍ଞାନରେ ଛାତ୍ରୀ ମୋନାଲିସା ମହାରଣା, କଳା ବିଭାଗରେ ଅର୍ଚ୍ଚିତା ବଳ ଓ ବାଣିଜ୍ୟ ବିଭାଗର ଛାତ୍ର ଗୁରୁପ୍ରସାଦ ବଳ କଲେଜ ଟପ୍ପର ହୋଇଛନ୍ତି। ଅଧ୍ୟକ୍ଷ ଡଃ ମିଶ୍ର ଟପ୍ପର ସମେତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ସହ କଲେଜ ଅଧ୍ୟାପକ, ଅଧ୍ୟାପିକାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

● ଜୈବ ବିବିଧତା ଚିତ୍ରକଳା ପ୍ରତିଯୋଗିତା

## ହଂସୁଆ କଳା ପ୍ରତିଷ୍ଠାନ ଛାତ୍ର ପ୍ରଥମ



ରାଜନଗର, ୨୪।୫(ସମିସ): ଜୈବ ବିବିଧତା ଦିବସ ଅବସରରେ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାରେ ରାଜନଗରର ହଂସୁଆ କଳା ପ୍ରତିଷ୍ଠାନର ଛାତ୍ର ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ରାଜ୍ୟ ଜୈବ ବିବିଧତା ବୋର୍ଡ ପରିଚାଳିତ ଭିତରକନିକା ଆଦ୍ରଭୂମି ସଂଲଗ୍ନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ବିଭିନ୍ନ କଳା ପ୍ରତିଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରକୃତି ସହ ସମନ୍ୱୟ ଓ ଏହାର ସ୍ଥାୟୀ ବିକାଶ ଉପରେ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ରାଜନଗର ହଂସୁଆ କଳା ପ୍ରତିଷ୍ଠାନର ଛାତ୍ର ମାଧବ ସେଠୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଆନ୍ତର୍ଜାତିକ ଜୈବ ବିବିଧତା ଦିବସ କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି।

## ୯୮ ବୋତଲ ମଦ ଜବତ; ବ୍ୟବସାୟୀ ଗିରଫ

ପଟ୍ଟାମୁଣ୍ଡାଇ,୨୪।୫(ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ପୁଲିସ ୯୮ ବୋତଲ ମଦ ଜବତ କରିବା ସହ ଜଣେ ଚୋରାମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସମ୍ପ୍ରତି କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ଆଇଆଇସି ଧୀରଜ ଲେଙ୍କାଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଆଜି ଗାଡ଼ିରେ ଚୋରାମଦ ନେଇ ରାଜନଗର ଯାଉଥିବା ରାଜନଗର ଥାନା ଓକିଲପାଳ ଗ୍ରାମର ସୁବାସ ସାମଲଙ୍କୁ ପୁଲିସ ପିଛା କରି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଚନ୍ଦନନଗର ଚନ୍ଦ୍ରମୌଳି ଢାବା ନିକଟରେ ଗିରଫ କରି ତାଙ୍କଠାରୁ ୯୮ ବୋତଲ ଚୋରା ମଦ ଜବତ କରିଥିଲା। ଚୋରାମଦ ବ୍ୟବସାୟ କରିବା ଅଭିଯୋଗରେ ସୁବାସ ସାମଲଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଗ୍ରାମାଞ୍ଚଳ ଥାନା ଆଇଆଇସି ଧୀରଜ ଲେଙ୍କା ସୂଚନା ଦେଇଛନ୍ତି।



## ଜିଲ୍ଲାରେ ସୁପର ସ୍ପେସିଆଲିଟି ହସ୍ପିଟାଲ ପାଇଁ କୃତଜ୍ଞତା

ପଟ୍ଟାମୁଣ୍ଡାଇ,୨୪।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ କେନ୍ଦ୍ରାପଡ଼ା ସାଂସଦଙ୍କ ଉଦ୍ୟମରେ ଜିଲ୍ଲାର ଡେରାବିଶ ବ୍ଲକରେ ଏକ ସୁପର ସ୍ପେସିଆଲିଟି ହସ୍ପିଟାଲ ସ୍ଥାପିତ ହେବାକୁ ଯାଉଛି। ଏ ନେଇ ସାଂସଦ ଶ୍ରୀ ପଣ୍ଡା ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହିତ ଆଲୋଚନା କରିଛନ୍ତି। ଖୁବଶୀଘ୍ର ହସ୍ପିଟାଲ କରିବାକୁ ଯାଇଥିବା ଘରୋଇ ସଂସ୍ଥା ସହିତ ରାଜ୍ୟ ସରକାର ଚୁକ୍ତିପତ୍ର ସ୍ୱାକ୍ଷର କରିବେ ବୋଲି ଜଣାପଡିଛି। ଏଥିପାଇଁ ବିଜେପି ଯୁବନେତା ଆଡ଼ଭୋକେଟ ଭାରତ ଭୂଷଣ ଦାସ, ପରେଶ ସାହୁ ଓ ଚନ୍ଦନ ପାତ୍ର ପ୍ରମୁଖ ସାଂସଦ ଶ୍ରୀ ପଣ୍ଡାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ୨୦ ନମ୍ବର ରାଜ୍ୟ ରାଜପଥ ବେହାଲ

# ହେଉନି ମରାମତି, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

ରାଜକନିକା,୨୪।୫(ସମିସ)



ରାଜକନିକା-ସିଂହପୁର ୨୦ ନମ୍ବର ରାଜ୍ୟ ରାଜପଥର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡ଼ିଲାଣି। ଯେତେ ଅଭିଯୋଗ କଲେ ବି ବିଭାଗ ନିଦାବିଷ୍ଟ ସାଜିଛି। ଫଳରେ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଉକ୍ତ ରାସ୍ତାର ତୁରନ୍ତ ମରାମତି କରାଯିବାକୁ ସାଧାରଣରେ ଦାବି ହେଉଛି। ସୂଚନା ମୁତାବକ, ରାଜକନିକା-ସିଂହପୁର ରାସ୍ତାର ନମତରାଠାରୁ କଣ୍ଡିଆ ହାଟ ପର୍ଯ୍ୟନ୍ତ ଶହ ଶହ ଗର୍ତ୍ତ ଦେଖିବାକୁ ମିଳୁଥିବାବେଳେ କଣ୍ଡିଆର ଦୁର୍ଯ୍ୟୋଧନ ସାମଲ, ବିଶ୍ୱନାଥ ବଳଙ୍କ ଘର ପାଖ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି କାରଣରୁ ପ୍ରତ୍ୟେକ ଦିନ ଘଟୁଛି ଦୁର୍ଘଟଣା। ସେହିଭଳି ସିହୋପଡ଼ା କଲଭର୍ଟ ଉପରେ ଢଳେଇ ଭାଙ୍ଗିଯିବା କାରଣରୁ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ପେଗରପଡ଼ା ଗ୍ରାମ ପ୍ରବେଶ ପଥ ସ୍କୁଲ ପାଖରେ ବି ରାସ୍ତା ଅବସ୍ଥା ବିଗିଡିଗଲାଣି। ଦଇପୁର ମା' ଗୁଣ୍ଡିଚା ମନ୍ଦିର ପାଖ ରାସ୍ତା ଏତେ ଶୋଚନୀୟ ହୋଇପଡିଛି ଯେ ବର୍ଷା ହେଲେ ବିଭାଗୀୟ ଦୋଷ ଦୁର୍ବଳତାକୁ ପଦାରେ ପକାଉଛି। ଓଳାଭରରୁ ଅଶୋକ ବଜାର ରାସ୍ତା କଥା ନ କହିବା ଭଲ। ରାସ୍ତା ପ୍ରଶସ୍ତୀକରଣ ନାଁରେ ଲୋକଙ୍କ ସହ ଖେଳ ଖେଳୁଥିବା ବିଭାଗ କିନ୍ତୁ ରାସ୍ତା ମରାମତି କଥା ଭୁଲିଯାଇଛି। ପ୍ରତ୍ୟେକ ଦିନ ଘଟୁଛି ଦୁର୍ଘଟଣା। ଅଥଚ ଅଧପନ୍ତରିଆ ଭାବେ ଛାଡ଼ି ଛୁ ମାରିଛି ଠିକାଦାର। ଚକିତ କଲା ଭଳି କଥା ହେଉଛି ଖଣ୍ଡିଆ ରାସ୍ତାର ମରାମତି ତ ହେଉନାହିଁ, ଅଥଚ ଭଲ ପିଚୁ ଥିବା ରାସ୍ତାରେ ନୂଆ ପିଚୁ କରାଯାଇ କେବଳ ଠିକାଦାର ପୋଷା ଚାଲିଥିବା ଅଭିଯୋଗ ହେଉଛି। ରାସ୍ତାର ଏଭଳି ଅବସ୍ଥା ଥିଲେ ବି ବିଭାଗୀୟ ତତ୍ପରତା କମ୍। ସାଙ୍ଗକୁ ବିଭାଗୀୟ ଯନ୍ତ୍ରୀ ବି କାମ ହେବା ନେଇ ବାରମ୍ବାର ଭଣ୍ଡାଉଥିବା ଅଭିଯୋଗ ହେଉଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

## ସପନେଶ୍ୱର ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ





● ୩୦୦ ବର୍ଷ ପୁରାତନ ପାତାଳ ଫୁଟା ମହାଦେବ

● ଯଜ୍ଞ, ସଂକୀର୍ତ୍ତନରେ ନରସିଂହପୁର ଗ୍ରାମ ଉତ୍ସବମୁଖର

ପଟ୍ଟାମୁଣ୍ଡାଇ,୨୪।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ନରସିଂହପୁର ଗ୍ରାମର ୩୦୦ ବର୍ଷ ପୁରାତନ ପାତାଳ ଫୁଟା ମହାଦେବ ମନ୍ଦିର 'ସପନେଶ୍ୱର ମହାଦେବ ମନ୍ଦିର'ର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାରିଦିନ ଧରି ଅନୁଷ୍ଠିତ ଏହି ଭବ୍ୟ ଉତ୍ସବରେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରଥମ ଦିନରେ ଅଧିବାସ, ଅଙ୍କୁରରୋପଣ, ମଣ୍ଡଳ ପ୍ରସ୍ତୁତି କରାଯାଇଥିଲା। ଦ୍ୱିତୀୟ ଦିବସରେ କଳସ ଯାତ୍ରା, ସୌରାଗ୍ନି ଆନୟନ, ମଣ୍ଡପସ୍ଥ ଦେବାଦେବୀ ପୂଜା, କାରୁଶାଳା କର୍ମ ଆଦି ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ପ୍ରସାଦ ସେବନ ସହ ସନ୍ଧ୍ୟାରେ ଦିବ୍ୟ କଥାମୃତ ପ୍ରବଚନ ପ୍ରଦାନ କରିଥିଲେ ଶ୍ରୀମାନ୍ ବାବାଜୀ ଅମୃତାନନ୍ଦ ଦାସ ମହାରାଜ। ସେହିପରି ତୃତୀୟ ଦିନରେ ମଙ୍ଗଳ ଆଳତୀ, ବିଗ୍ରହ ଓ ମନ୍ଦିର ସ୍ନାନ, ଜୀବନ୍ୟାସ ଓ ପ୍ରାଣ ପ୍ରତିଷ୍ଠା, ମଣ୍ଡପସ୍ଥ ଦେବତା ପୂଜା ଅନୁଷ୍ଠିତ ହୋଇଥିଲା। ଏହାସହ ମଧ୍ୟାହ୍ନରେ ପ୍ରସାଦ ସେବନ ସହ ସନ୍ଧ୍ୟାରେ ଦିବ୍ୟ କଥାମୃତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୪ ତାରିଖ ଅର୍ଥାତ୍ ଉତ୍ସବର ଶେଷ ଦିବସରେ ସହସ୍ର ଆହୂତି, ଦେବତା ସ୍ଥାପନ ଓ ପୂର୍ଣ୍ଣାହୁତି କରାଯାଇଥିଲା। ପ୍ରତିଦିନ ସଂସ୍କାର, ଗୁରୁପୂଜା, ଧରିତ୍ରୀ ପୂଜା, ସୂର୍ଯ୍ୟ ଅର୍ଘ୍ୟଦାନ, ଗୋପୂଜା, ମଣ୍ଡପସ୍ଥ ଦେବତା ପୂଜା, ହବନ, ଆଳତୀ, ପୁଷ୍ପାଞ୍ଜଳି ଆଦି ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ୨୪ ତାରିଖ ସନ୍ଧ୍ୟାରେ ୧୦୧ ସାଧୁସନ୍ଥଙ୍କ ଦ୍ୱାରା ବିଶାଳ ସନ୍ଥ ସମ୍ମିଳନୀ ଓ ଆହୁତି ପ୍ରଦାନ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ ଗ୍ରାମବାସୀ ସାମିଲ ହୋଇଥିଲେ। ସେହିପରି ପ୍ରତି ସନ୍ଧ୍ୟାରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ବହୁ ପୁରାତନ ପାତାଳ ଫୁଟା ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିଲା। ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ମନ୍ଦିରର ପୁନରୁଦ୍ଧାର କରାଯାଇ ମନ୍ଦିରର ନାମ 'ସପନେଶ୍ୱର ମହାଦେବ ମନ୍ଦିର' ନାମରେ ନାମିତ କରାଯାଇଛି। ଆଗାମୀ ଦିନରେ ମନ୍ଦିରର ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସହ ମନ୍ଦିର ନୀତିକାନ୍ତି ଓ ସୁରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯିବ। ମନ୍ଦିର ନିର୍ମାଣ କାର୍ଯ୍ୟରେ ସହଯୋଗ କରିଥିବା ଗ୍ରାମବାସାଙ୍କ ସମେତ ବିଭିନ୍ନ ବଦାନ୍ୟ ବକ୍ତିଙ୍କୁ ମନ୍ଦିର କମିଟି ପକ୍ଷରୁ ସାଧୁବାଦ ଜ୍ଞାପନ କରାଯାଇଛି।

■ +୨ ପରୀକ୍ଷାରେ ଛାତ୍ରୀଙ୍କ ବାଜିମାତ୍

## କଳାରେ ମନୀଷା, ବିଜ୍ଞାନରେ ଦୀପିକା ଓ ବାଣିଜ୍ୟରେ ରୀତିକା ଟପ୍ପର

ପଟ୍ଟାମୁଣ୍ଡାଇ,୨୪।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତ୍ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ +୨ ପରୀକ୍ଷା ଫଳ ପ୍ରକାଶ ପାଇଛି। କଳା, ବିଜ୍ଞାନ ଓ ବାଣିଜ୍ୟ ତିନୋଟି ବିଭାଗରେ ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀ ବାଜିମାତ କରିଛନ୍ତି। କଳାରେ ମନୀଷା ଆଚାର୍ଯ୍ୟ ୬୦୦ ନମ୍ବରରୁ ୫୧୨ ନମ୍ବର ରଖି ଟପ୍ପର ହୋଇଥିବାବେଳେ ବିଜ୍ଞାନରେ ଦୀପିକା ବେହେରା ୫୦୧ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟରେ ରୀତିକା ଦାଶ ୫୫୮ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। କଳାରେ ୩୯୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସେଥିରୁ ୯୫ ଜଣ ପ୍ରଥମ ଶ୍ରେଣୀ, ୬୩ ଜଣ ଦ୍ୱିତୀୟ ଓ ୧୭୦ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ୧୮୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୬୮ ଜଣ ପ୍ରଥମ ଶ୍ରେଣୀ, ୬୦ ଜଣ ଦ୍ୱିତୀୟ ଶ୍ରେଣୀ ଓ ୧୯ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୨୧୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୪୫ ଜଣ ପ୍ରଥମ ଶ୍ରେଣୀ, ୩୯ ଜଣ ଦ୍ୱିତୀୟ ଶ୍ରେଣୀ ଓ ୮୪ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାଯାଇଛି। ତେବେ କଳାରେ ସର୍ବାଧିକ ୧୭୦ ଜଣ ଛାତ୍ରଛାତ୍ରୀ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଅନ୍ୟ ବିଭାଗ ତୁଳନାରେ ଫଳ ସେତେ ଭଲ ହୋଇ ନ ଥିବା କାରଣରୁ ଛାତ୍ରାଭିଭାବକ ମହଲରେ ଚିନ୍ତା ପ୍ରକଟ ହୋଇଛି। ଅନ୍ୟପକ୍ଷରେ କଳାରେ ୬୬ ଜଣ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ଓ ଅନୁପସ୍ଥିତ ଥିବା ଚିନ୍ତାର କାରଣ ହୋଇଛି। ସେହିପରି ବିଜ୍ଞାନରେ ୪୫ ଜଣ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ଓ ଅନୁପସ୍ଥିତ ଥିବାବେଳେ ବାଣିଜ୍ୟରେ ୪୮ ଜଣ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ଓ ଅନୁପସ୍ଥିତ ଥିବା ଜଣାପଡିଛି। କଳା, ବିଜ୍ଞାନ ଓ ବାଣିଜ୍ୟ ତିନୋଟି ବିଭାଗରେ ରେକର୍ଡ ସଂଖ୍ୟକ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ଓ ଅନୁପସ୍ଥିତ ଥିବା ମହାବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିବାବେଳେ ଗାରିମା କ୍ଷୁର୍ଣ୍ଣ କରିଛି ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି।

## ଅସହାୟ ପରିବାରକୁ ସହାୟତା



କେନ୍ଦ୍ରାପଡ଼ା,୨୪।୫(ସମିସ):କେନ୍ଦ୍ରାପଡ଼ା ସଦର ବ୍ଲକ୍ କଂସାର ପଞ୍ଚାୟତ କଂସାର ଗ୍ରାମର ସ୍ୱର୍ଗତ ରମାକାନ୍ତ ପଣ୍ଡାଙ୍କ ଅସହାୟ ପରିବାରକୁ କଂସାର ସାହସପୁର ଶିକ୍ଷା ନିକେତନର ୧୯୮୪ ବ୍ୟାଚ୍ ଛାତ୍ରଛାତ୍ରୀ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ପୁରାତନ ଛାତ୍ରଛାତ୍ରୀ ସ୍ୱର୍ଗତ ପଣ୍ଡାଙ୍କ ବାସଭବନରେ ପହଞ୍ଚି ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଥମେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ତାଙ୍କ ମାନସିକ ଭିନ୍ନକ୍ଷମ ପୁଅ ଓ ଝିଅଙ୍କ ଚିକିତ୍ସା ପାଇଁ ୨୦ ହଜାର ଟଙ୍କା ଅର୍ଥରାଶି ତାଙ୍କ ପତ୍ନୀଙ୍କୁ ପ୍ରଦାନ କରିଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅମୂଲ୍ୟ ସ୍ୱାଇଁ, ଅନ୍ନପୂର୍ଣ୍ଣା ନାୟକ, ପ୍ରଫୁଲ୍ଲ ପରିଡ଼ା, ସନ୍ତୋଷ ନାୟକ, ନିର୍ମଳ ନାୟକ, ରବୀନ୍ଦ୍ର ବେହେରା, କୈଳାସ ରାଉତ, ଦାମୋଦର ଜେନା, ଅଶୋକ ବାରିକ, ଅହଲ୍ୟା ସ୍ୱାଇଁ, ଭାରତୀ ସାମଲ, ଲତାମଣି ବେହେରା, ମଞ୍ଜୁଲତା ପ୍ରଧାନ, ଅର୍ଜ୍ଜୁନୀ ସାମଲ, ନାରାୟଣ ବେହେରା, ରମେଶ ସେଠୀ, ମନୋଜ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସାମାନ୍ୟ ବର୍ଷାରେ ଧୋଇଆଞ୍ଚଳ ଅଧା ଅନ୍ଧାର

ପଟ୍ଟାମୁଣ୍ଡାଇ,୨୪।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍‌ର ଧୋଇଆଞ୍ଚଳରେ ଆଜି ସାମାନ୍ୟ ବର୍ଷାରେ ଅଧା ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଛି। ଏପରିକି ଜୋରରେ ପବନ କିମ୍ବା କାଳବୈଶାଖୀ ହୋଇନାହିଁ। ଏ ସମ୍ପର୍କରେ ଦାଣ୍ଡିସାହି ବିଦ୍ୟୁତ୍ ସେକ୍ସନ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଫୋନ କଲେ ମଧ୍ୟ ସେ ଫୋନ ଉଠାଉନାହାନ୍ତି। ଏହି ସେକ୍ସନର ବିଦ୍ୟୁତ କର୍ମଚାରୀଙ୍କୁ ପଚାରିବାରୁ ଷ୍ଟାଫ୍ ଛୁଟିରେ ଥିବା ଦର୍ଶାଇ ଫୋନ କାଟି ଦେଉଛନ୍ତି। ଆଗକୁ ମୌସୁମୀ ଆସୁଥିବାବେଳେ ସାମାନ୍ୟ ବର୍ଷାରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବା ଟାଟା ପାୱାରର ପାରିବାପଣିଆକୁ ପଦାରେ ପକାଇଦେଇଛି। ସମ୍ପ୍ରତି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲେ ମଧ୍ୟ ବାରମ୍ବାର ବିଦ୍ୟୁତ କାଟ ଯୋଗୁଁ ଜନସାଧାରଣ ଯମ ଯନ୍ତ୍ରଣା ଭୋଗ କରୁଛନ୍ତି। ଧୋଇଆଞ୍ଚଳର ଦାଣ୍ଡିସାହି ସେକ୍ସନର ବିଦ୍ୟୁତ ଉପଭୋକ୍ତା ବର୍ଷ ବର୍ଷ ଧରି ବିଦ୍ୟୁତ୍ ବିଭାଗ ଦ୍ୱାରା ଅବହେଳିତ ହେଉଛନ୍ତି। ଏ ନେଇ ଅଭିଯୋଗ କଲେ ମଧ୍ୟ ଫଳାଫଳ ଶୂନ୍। ବିଦ୍ୟୁତ୍ ବିଭାଗ ଉପଭୋକ୍ତାଙ୍କୁ କେବଳ ଶୋଷଣ କରିବାରେ ବ୍ୟସ୍ତ ଥିବାବେଳେ ସେବା ଯୋଗାଇ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବିଦ୍ୟୁତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେଇ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଉପଲବ୍ଧ ନ କଲେ ଆଗାମୀ ଦିନରେ ଦାଣ୍ଡିସାହି ଗ୍ରୀଡ୍ ସାମ୍ନାରେ ଗଣଧାରଣ ଦିଆଯିବ ବୋଲି ଧୋଇଆଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ଚିତ୍ରରେଖା ସ୍ୱାଇଁଙ୍କ ଶ୍ରଦ୍ଧାଞ୍ଜଳି ସଭା



ପଟ୍ଟାମୁଣ୍ଡାଇ,୨୪।୫(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ଲୋକପ୍ରିୟ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଗୋଲକ ବିହାରୀ ସ୍ୱାଇଁଙ୍କ ପତ୍ନୀ ତଥା ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲର ଅନ୍ୟତମ ପ୍ରତିଷ୍ଠାତ୍ରୀ ଚିତ୍ରରେଖା ସ୍ୱାଇଁଙ୍କ ଏକାଦଶାହ ଅବସରରେ ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଇଂ ଦେବବ୍ରତ ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଘସିପୁରା ବିଧାୟକ ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୂର୍ବତନ ଅଧ୍ୟକ୍ଷ ମାନସ ସାମଲ, ଡା ଗୋଲକ ବିହାରୀ ସ୍ୱାଇଁ, ପୂର୍ବତନ ପ୍ରଶାସକ ବ୍ରଜବନ୍ଧୁ ଧଳ, ବ୍ରାହ୍ମଣୀ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନିର୍ମଳ ଚନ୍ଦ୍ର ବିଶ୍ୱାଳ, ଇଂ ସରୋଜ ବିଶ୍ୱାଳ, ପ୍ରାଧ୍ୟାପକ ମନୋଜ ପରିଡା, ଶିକ୍ଷାବିତ ସୁରେଶ ଜେନା ଓ ଅରୂପାନନ୍ଦ ବିଶ୍ୱାଳ, ଡ. ମାର୍ଶାଲିନ ବିଶ୍ୱାଳ, ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲ ଅଧ୍ୟକ୍ଷ ଡଃ ଅଭୟ ସାହୁ, ଉପାଧ୍ୟକ୍ଷ ମନୋଜିତ ନାୟକ, ଆଡଭୋକେଟ ବିଜୟ ରାଉତ, ଶୋଭାକର ନାୟକ, ପ୍ରଭଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ଚିତ୍ରରେଖା ସ୍ୱାଇଁଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏ ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏଥିସହିତ ପ୍ରତିଷ୍ଠିତ କଳାକାରଙ୍କୁ ନେଇ ଏକ ମନୋଜ୍ଞ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସୁବ୍ରତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଟିକୁ ସ୍ୱାଇଁ, ଗୁଡଲି ସ୍ୱାଇଁ, ଜୟ ସ୍ୱାଇଁ, ରାଜ ସ୍ୱାଇଁ, ବୁଟୁ ସ୍ୱାଇଁ ପରିଚାଳନା କରିଥିଲେ।

## ସମାଜସେବୀ ଉମାକାନ୍ତ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା,୨୪।୫(ସମିସ): ସମାଜ ସେବୀ ଉମାକାନ୍ତ ଗୁରୁଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ବାଲିଯାତ୍ରା ମହୋତ୍ସବ କମିଟି ଉପସଭାପତି ବରିଷ୍ଠ ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟଙ୍କ ଅଧ୍ୟକ୍ଷତାରେ ଜୟପୁରଠାରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ସାମୂହିକ ମାଲ୍ୟାର୍ପଣ ଓ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ବରିଷ୍ଠ ଗବେଷକ ଡଃ ବାସୁଦେବ ଦାସ, ସମ୍ମାନିତ ଅତିଥି ଭାବେ କବି କରୁଣାକର ଦାସ, ବାଲିଯାତ୍ରା କମିଟି ସମ୍ପାଦକ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ଜେନା, ଅନ୍ୟତମ ଉପସଭାପତି ଧିରେନ୍ଦ୍ର କୁମାର ଦାସ, ପତ୍ରିକା କମିଟି ସମ୍ପାଦକ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶୁଂଭାଶୁ କୁମାର ଦାସ, ଗବେଷକ ନିରଞ୍ଜନ ମେକାପ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ କହିଲେ, ସ୍ୱର୍ଗତ ଉମାକାନ୍ତ ଜଣେ ଗୁରୁ, ପରୋପକାରୀ, ସଂଗଠନପ୍ରେମୀ ଓ ଭଲ ମଣିଷ ଥିଲେ। ଯେକୌଣସି ସମୟରେ ଦରିଦ୍ରଙ୍କ ପାଖରେ ପହଞ୍ଚି ସାହାଯ୍ୟ କରୁଥିଲେ। ବାଲିଯାତ୍ରା ମହୋତ୍ସବରେ ତାଙ୍କର ଅତୁଳନୀୟ ଅବଦାନକୁ ସ୍ମରଣୀୟ କରିବା ପାଇଁ ବାଲିଯାତ୍ରା ମହୋତ୍ସବର ଚଳିତ ବର୍ଷ ପ୍ରକାଶ ପାଇବାକୁ ଯାଉଥିବା ପତ୍ରିକାରେ ଏକ ପୃଷ୍ଠା ଉତ୍ସବ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ସେ ବହୁ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଧର ମହାନ୍ତ, କେମ୍‌ର ସମ୍ପାଦକ ଜାହିଦ ଖାଁ, ରାହୁ ସାମଲ, ଅକ୍ଷୟପ୍ରିୟ ଦାସ, ବଜ୍ରସୁନ୍ଦର ରାଉତ, ଅଫସର ଅଲ୍ଲି ବକ୍ସ, ଅଶୋକ କୁମାର ସାହୁ, ପ୍ରଶାନ୍ତ କୁମାର ସିଂ, ଗୋଲେକ ପରିଡ଼ା, ସତ୍ୟବ୍ରତ ସିଂ, ନିଖିଲ ପ୍ରଧାନ, ମନୋଜ କୁମାର ସାହୁ, ସୁରେନ୍ଦ୍ର ବେହେରା ପ୍ରମୁଖଙ୍କ ସହ ପ୍ରଶାନ୍ତ ଗୁରୁ, ଉର୍ମିଳା ଗୁରୁ, ନିଲୀପ୍ତା ଗୁରୁ, ସହଧର୍ମିଣୀ ସୌଦାମିନୀ ଗୁରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଗରଦପୁର ତହସିଲ କାର୍ଯ୍ୟାଳୟରେ ଅବ୍ୟବସ୍ଥା

# ନାହାନ୍ତି ଆବଶ୍ୟକ ଷ୍ଟାଫ୍, ହୋଇପାରୁନି ମାପ

ଗରଦପୁର,୨୪।୫(ସମିସ)

ଗରଦପୁର ତହସିଲ କାର୍ଯ୍ୟାଳୟ ଏବେ ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଏହି କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ଜମି ମାପଚୁପ ହୋଇପାରୁନି। ଫଳରେ ଜମିଜମା ବିବାଦ ବଢୁଛି। ଅନ୍ୟପକ୍ଷରେ ପୁରୁଣା କର୍ମଚାରୀଙ୍କ ବଦଳି ପରେ ନୂଆ ନିଯୁକ୍ତି ପାଇଥିବା କର୍ମଚାରୀ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟ କରିପାରୁନାହାନ୍ତି। ଏମିତିକି ଓଡ଼ିଆ କିମ୍ବା ଇଂରାଜୀ ଭାଷାରେ ସରକାରୀ କାର୍ଯ୍ୟ କରିପାରୁ ନ ଥିବା ଅଭିଯୋଗ ହୋଇଛି। ମୋଟାମୋଟି ଭାବେ ଅନଭିଜ୍ଞ କର୍ମଚାରୀଙ୍କ ହାତରେ ଏବେ ତହସିଲ କାର୍ଯ୍ୟାଳୟ କୋମାରେ ପଡ଼ିଛି।

ଅଭିଜ୍ଞ କର୍ମଚାରୀଙ୍କ ଅଭାବ ଯୋଗୁଁ ତହସିଲରେ କୌଣସି କାର୍ଯ୍ୟ ହୋଇପାରୁ ନ ଥିବାରୁ ଦୈନିକ ଶତାଧିକ ଲୋକ ଫେରୁଛନ୍ତି। ୩ ବର୍ଷ ଧରି ଜଣେ ବ୍ୟକ୍ତି ଜାଗା ମାପିବାକୁ ଦେଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। କେବଳ ଏତିକି ନୁହେଁ ଜାଗା ମାପଚୁପ ପାଇଁ ଗଲେ ଅମିନ ନାହାନ୍ତି କହି ଫେରାଇ ଦେଉଛନ୍ତି। ଯଦି ରାଜନେତା ଓ ମୁଷ୍ଟିମେୟଙ୍କ ଚାପ ପଡୁଛି, ତେବେ କାମ ହେଉଛି। ଏଥିରୁ ସ୍ପଷ୍ଟ ସାଧାରଣ ଲୋକଙ୍କ ପାଇଁ କେତେ ଏହି ତହସିଲ ତତ୍ପର। ଗରଦପୁର ତହସିଲ ଅଧୀନରେ ଜମିଜମା ବିବାଦକୁ ନେଇ ଗତ ୩ ବର୍ଷରେ ୧୨ ଶହରୁ ଉର୍ଦ୍ଧ୍ୱ ଅପରାଧିକ ଅଭିଯୋଗ ହୋଇଥିବା ଜାଣିବାକୁ ମିଳିଛି। ଏହି ଅଭିଯୋଗରେ ହତ୍ୟାଠାରୁ ଆରମ୍ଭ କରି ମରଣାନ୍ତକ ଆକ୍ରମଣ ପର୍ଯ୍ୟନ୍ତ ଘଟଣା ଘଟିଛି। ଏହାର ଫାଇଦା ଦଲାଲ ନେଉଛନ୍ତି। ସବୁଠାରୁ ବଡ଼ କଥା ହେଲା ତହସିଲ ଯଦି ମାପ ନ କରିବ, ତେବେ ଏହି କାର୍ଯ୍ୟାଳୟରେ କର୍ମଚାରୀ କାହିଁକି ସରକାରୀ ତହବିଲରୁ ଲକ୍ଷ ଲକ୍ଷ ଟଙ୍କା ଦରମା ନେବେ ସେନେଇ ସ୍ଥାନୀୟ ବୁଦ୍ଧିଜୀବି ପ୍ରଶ୍ନ କରିଛନ୍ତି। ଏହି ତହସିଲ ଅଧୀନରେ ସରକାରୀ ଜାଗାରୁ ମାଟି ଚୋରି, ବିଭିନ୍ନ ସ୍ଥାନରୁ ବାଲି ଚୋରି ହେଉଛି। ମୋଟା ଅଙ୍କର ଅର୍ଥ ନେଇ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଏଭଳି କେତେଜଣ ଅନଭିଜ୍ଞ କର୍ମଚାରୀଙ୍କ ଯୋଗୁଁ ସରକାରଙ୍କ ସ୍ୱଚ୍ଛତାକୁ ନେଇ ବଦନାମ କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। କେବେ ସରକାରଙ୍କ ଶୁଭ ଦୃଷ୍ଟି ଏହି ତହସିଲ ଉପରେ ପଡ଼ିବ ଓ ଏହାର କାର୍ଯ୍ୟଶୈଳୀ ପରିବର୍ତ୍ତନ ହେବ, ସେ ନେଇ ଅଞ୍ଚଳବାସୀ ଚାତକ ଭଳି ଅନାଇ ବସିଛନ୍ତି।

**ବଢୁଛି ଜମିଜମା ବିବାଦ**

# ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ବାଲେଶ୍ୱର,୨୪।୫(ସମିସ): ଜୀବନବୀମା ସଂସ୍ଥା ବଜାଜ ଆଲାଏଞ୍ଜର ବାଲେଶ୍ୱର ଶାଖା ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସ୍ଥାନୀୟ ବିଦ୍ୟୁତ ମାର୍ଗ ସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବଜାଜ୍ ଆଲାଏଞ୍ଜର ଆସୋସିଏଟ ରିଜିଅଓନାଲ ହେଡ ବୀରେନ୍ଦ୍ର କୁମାର ବେହୁରା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ମଧୁମେହ ରୋଗ ବିଶେଷଜ୍ଞ ଡାକ୍ତର ତାପସ କୁମାର ଦାସ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ଅତ୍ୟାଧୁନିକ ଚିକିତ୍ସା ସେବାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବାଲେଶ୍ୱର ଶାଖା ସିନିୟର ମ୍ୟାନେଜର ଗୋପୀନାଥ ନନ୍ଦ ଏଥିରେ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ୟୁନିଟ୍ ୧ ସିନିଅର ବ୍ରାଞ୍ଚ ମ୍ୟାନେଜର ଦେବେନ୍ଦ୍ରନାଥ ଭଞ୍ଜ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଶିବିରରେ ଡାକ୍ତର ଦାସ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଉପାଦେୟ ପରାମର୍ଶ ଦେଇଥିଲେ। ବାଲେଶ୍ୱରର ପରମ୍ପରା କ୍ଲିନିକ୍ ପକ୍ଷରୁ ଏହି ଶିବିରରେ ବିଭିନ୍ନ ରୋଗ ସମ୍ବନ୍ଧୀୟ ରକ୍ତ ପରୀକ୍ଷା କରାଯାଇଥିଲା। ଶାଖାର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶବିରି ପରିଚାଳନାରେ ସହଯୋଗ କରିଥିଲେ।

## ପୂର୍ତ୍ତବିଭାଗ କର୍ମଚାରୀଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ

# ଅସ୍ଥାୟୀ କର୍ମଚାରୀଙ୍କୁ ଗ୍ରାଚ୍ୟୁଇଟି ଓ ପେନ୍‌ସନ୍ ଦାବି

ବାଲେଶ୍ୱର,୨୪।୫(ସମିସ)



ବାଲେଶ୍ୱର ପୂର୍ତ୍ତବିଭାଗ ଅଧୀନରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଏକ ଜରୁରୀ ବୈଠକ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାମଚନ୍ଦ୍ର ଜେନା ଅଧକ୍ଷତା କରିଥିଲେ। ସଦାନନ୍ଦ ରାଉତ, ପ୍ରଦୀପ କୁମାର ପଣ୍ଡା, ସୁଧାଂଶୁ ମହାପାତ୍ର, ଚନ୍ଦ୍ରମୋହନ ମାହାନ୍ତ ପ୍ରମୁଖ ଏହି ବୈଠକରେ ଯୋଗଦେଇ ପୂର୍ତ୍ତବିଭାଗ କର୍ମଚାରୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାଗକୁ ତୀବ୍ର ସମାଲୋଚନା କରିଥିଲେ। ପୂର୍ତ୍ତବିଭାଗ ଅଧୀନରେ କର୍ମଚାରୀମାନେ ଦୀର୍ଘ ୩୦ରୁ ୪୦ବର୍ଷ ଧରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ପ୍ରକଳ୍ପ କାର୍ଯ୍ୟ ସୁଚାରୁରୂପରେ ସମ୍ପାଦନା କରିଚାଲିଥିବା ସତ୍ତ୍ୱେ ସେମାନଙ୍କ ପାଇଁ ଗ୍ରାଚ୍ୟୁଇଟି ଓ ପେନ୍‌ସନ୍ ବ୍ୟବସ୍ଥା ଲାଗୁ ନ ହେବା ଅତ୍ୟନ୍ତ ଦୁଃଭାର୍ଗ୍ୟର ବିଷୟ ବୋଲି କହିଛନ୍ତି। ପୂର୍ତ୍ତବିଭାଗରେ ଅନୂନ୍ୟ ୫ବର୍ଷ ଧରି ୱାର୍କଚାର୍ଡ ଅଥବା ଅସ୍ଥାୟୀ ପଦରେ କାର୍ଯ୍ୟରତ ଥିବା କର୍ମଚାରୀମାନଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାରମୂଳେ ପେନସନ ଓ ଗ୍ରାଚ୍ୟୁଇଟି ପ୍ରଦାନ ପାଇଁ ରାଜ୍ୟ ଉଚ୍ଚ ନ୍ୟାୟାଳୟ, ଏପରିକି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିବା ସେମାନେ ସୂଚନା ଦେଇଥିଲେ। ମାତ୍ର ଏହି ନିର୍ଦ୍ଦେଶର କାର୍ଯ୍ୟକାରିତା ପ୍ରତି ସରକାର ଉଦାସୀନ ରହିବା ଯୋଗୁଁ ଶତାଧିକ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛନ୍ତି। ଫଳରେ ବିନା ଗ୍ରାଚ୍ୟୁଇଟି ଓ ପେନ୍‌ସନ୍‌ରେ ଅବସର ନେଇଥିବା କର୍ମଚାରୀମାନେ ଗଣ୍ଡେ ଭଲ ଖାଇବାକୁ ପାଉନାହାନ୍ତି ବୋଲି କହିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଦୃଷ୍ଟି ଦେବା ଏବେ ଦୁରୁହବ୍ୟାପାର ହୋଇଛି। ସେହିପରି ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପରିବାରବର୍ଗ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ କର୍ମଚାରୀ ସଂଘପକ୍ଷରୁ ବାରମ୍ବାର ଦାବିସତ୍ତ୍ୱେ ରାଜ୍ୟ ସରକାର ନିଦାବିଷ୍ଟୁ ସାଜିଛନ୍ତି। କର୍ମଚାରୀଙ୍କ ଅବସ୍ଥାକୁ ବିଚାରପୂର୍ବକ ଗତ ୨୨ତାରିଖ ଦିନ ପୂର୍ତ୍ତ ବିଭାଗର ସିଭିଲ ବିଭାଗ ମୁଖ୍ୟଯନ୍ତ୍ରୀ ୧୯୯୨ ମସିହା ପେନ୍‌ସନ୍ ଆଇନ ଅନୁଯାୟୀ ୱାର୍କଚାର୍ଡ କର୍ମଚାରୀଙ୍କୁ ପେନ୍‌ସନ୍ ଓ ଗ୍ରାଚ୍ୟୁଇଟି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ପାଇଁ ଚିଠି ନଂ ୧୧୯୨ରେ ରାଜ୍ୟ ସରକାରଙ୍କୁ ଚିଠି କରାଯାଇଛି। ଏହା କେବେ କାର୍ଯ୍ୟକାରୀ ହେବ ତାହା ଅନିଶ୍ଚିତା ମଧ୍ୟରେ ଥିବାବେଳେ ତଥାପି କର୍ମଚାରୀମାନେ ଆଶା ରଖିଛନ୍ତି ବୋଲି କହିଛନ୍ତି। ଆଗାମୀ ଦିନରେ ଯଦି ସରକାର ଏହାକୁ କାର୍ଯ୍ୟକାରୀ ନକରନ୍ତି ସମସ୍ତ କର୍ମଚାରୀ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋବର୍ଦ୍ଧନ ପରିଡ଼ା, ଦେଶବନ୍ଧୁ ସାମଲ, ଅନାମ ଚନ୍ଦ୍ର ରାଉତ, ଉଗ୍ରସେନ ବାରିକ, ସଦାନନ୍ଦ ବେହେରା, ସାବିତ୍ରୀ ବେରା, ଶିଶିର କୁମାର ବାରିକ, ପରିତୋଷ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ମୋବାଇଲ ଛିନ୍‌ତାର କରି ଫେରାରବେଳେ ଦୁର୍ଘଟଣା

## ■ ଜଣେ ଲୁଟେରା ଅଟକ, ଦୁଇ ଫେରାର



ବାଲେଶ୍ୱର,୨୪।୫(ସମିସ): ଜଣେ ଶିକ୍ଷକଙ୍କଠାରୁ ମୋବାଇଲ ଛିନ୍ତାଇ କରି ଫେରାର ହୋଇଯାଉଥିବାବେଳେ ସହଦେବଖୁଣ୍ଟା ଥାନା ଅଧୀନ କସିମିଳାଠାରେ ଦୁର୍ଘଟଣା ଘଟିଛି। ଫଳରେ ଲୋକେ ଜଣେ ମୋବାଇଲ ଚୋରକୁ କାବୁ କରିଥିବା ବେଳେ ଅନ୍ୟ ଦୁଇଜଣ ଫେରାର ହୋଇଯାଇଛି। ଏନେଇ ସ୍ଥାନୀୟ ଲୋକେ ସହଦେବଖୁଣ୍ଟା ଥାନାକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ମୋବାଇଲ ଚୋରକୁ ଅଟକ ରଖିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି। ସୂଚନା ଅନୁସାରେ, ଦହପଡ଼ାଠାରେ ଜଣେ ଶିକ୍ଷକ ଟ୍ୟୁସନ ସାରି ଫେରୁଥିବା ବେଳେ ଗୋଟିଏ ବାଇକ୍‌ରେ ତିନି ଜଣ ଯୁବକ ହଠାତ ଆସି ତାଙ୍କଠାରୁ ମୋବାଇଲ ଛିନ୍ତାଇ କରି ଦୃତଗତିରେ ବାଲେଶ୍ୱର ଆଡକୁ ଫେରାର ହୋଇଯାଉଥିଲେ। ଏହି ସମୟରେ କସିମିଳା ଠାରେ ସେମାନଙ୍କ ଗାଡ଼ିଟି ସାଇକେଲରେ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା। ଫଳରେ ଛିନ୍ତାଇ କରିଥିବା ଯୁବକମାନେ ରାସ୍ତାରେ ପଡ଼ିଯାଇଥିଲେ। ଫଳରେ ସେମାନଙ୍କ ବାଇକ୍‌ଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ଯାଇଥିବା ବେଳେ ସାଇକେଲ ଚାଳକ ଜଣଙ୍କ ଆହତ ହୋଇଥିଲେ। ଦୁର୍ଘଟଣା ପରେ ରାସ୍ତାରେ ଯାଉଥିବା ବ୍ୟକ୍ତି ଓ ସ୍ଥାନୀୟଲୋକେ ଉକ୍ତ ସାଇକେଲ ଆରୋହୀକୁ ଉଠାଇ ଚିକିତ୍ସା ପାଇଁ ମେଡିକାଲକୁ ପଠାଇଥିବା ବଳେ ମୋବାଇଲ ଛିନତାଇ କରିଥିବା ଜଣେ ଯୁବକକୁ ସେମାନେ କାବୁ କରିଥିଲେ। ବାକି ଦୁଇଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହାପରେ ଲୋକେ ଉକ୍ତ ଚୋରକୁ ଉତ୍ତମ ମଧ୍ୟମ ଦେବା ସହ ସହଦେବଖୁଣ୍ଟା ପୁଲିସକୁ ଜିମା ଦେଇଥିଲେ।

# ସୁଲଗ୍ନା କଲେଜରେ ସମର୍ ଫେଷ୍ଟ -୨୦୨୫



ବାଲେଶ୍ୱର,୨୪।୫(ସମିସ): ଗୁଣାତ୍ମକ ଶିକ୍ଷାର ପ୍ରୋତ୍ସାହନ ସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନୈତିକତାର ବିକାଶ ଘଟିଲେ ଜାତିର ପ୍ରକୃତ ଉନ୍ନତି ସାଧିତ ହୋଇ ପାରିବ ବୋଲି ମଠସାହିସ୍ଥିତ ସରିତା ନଗରରେ ଥିବା ସୁଲଗ୍ନା କଲେଜ ପରିସରରେ ପାଳିତ ସମର୍ ଫେଷ୍ଟ-୨୦୨୫ ଅବସରରେ ଲେଫ୍ଟେନ୍ କର୍ଣ୍ଣେଲ ତଥା ପି. ଏକ୍ସ. ଇ., ଚାନ୍ଦିପୁରର ଯୁଗ୍ମ ନିର୍ଦ୍ଦେଶକ ନିରାକାର ବାରିକ ପ୍ରକାଶ କରିଥିଲେ। ସୁଲଗ୍ନା ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁନ୍ସର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡ. ଘନଶ୍ୟାମ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଏକ ଚାପମୁକ୍ତ ବାତାବରଣର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ କବି ପ୍ରଶାନ୍ତ ଦାସ ଯୋଗଦେଇ ଥିଲେ। ଯୁବ ସମାଜସେବୀ ଇଂ ପରମାନନ୍ଦ ମହାପାତ୍ର ଯୋଗ ଦେଇ ବେସିକ୍ ସାଇନ୍ସ ପାଠ୍ୟକ୍ରମ ପାଇଁ ଆବଶ୍ୟକ ଲାଙ୍ଗୁଏଜ୍ ସ୍କିଲ୍ ଓ କମ୍ୟୁନିକେଟିଭ ସ୍କିଲ ବାବଦରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ଡ଼ ଶଙ୍କର୍ଷଣ ପଣ୍ଡା, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଏବଂ ବଂଶୀଧର ଜେନା ଯୋଗ ଦେଇଥିଲାବେଳେ ଅନ୍ୟମାନଙ୍କ ମଧ୍ୟରେ ସୁଲଗ୍ନା ଯୁକ୍ତ ତିନି କଲେଜର ପ୍ରିନ୍ସିପାଲ୍ ଡ. ଧରଣୀଧର ଘୋଷ, ସୁଲଗ୍ନା ଯୁକ୍ତ ଦୁଇ କଲେଜର ପ୍ରିନ୍ସିପାଲ୍ ପ୍ରଫେସର ଚକ୍ରଧର ସାହୁ, ବି.ଏସ୍‌ସିନର୍ସିଂ କଲେଜର ପ୍ରିନ୍ସିପାଲ୍ ଓ ସୁଲଗ୍ନା ପବ୍ଲିକ ସ୍କୁଲର ପ୍ରିନ୍ସିପାଲ୍ ମଧୁସ୍ମିତା ଦାସ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଚଳିତବର୍ଷ ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାରେ ସୁଲଗ୍ନା କଲେଜରେ ସର୍ବାଧିକ ୫୭୬ ନମ୍ବର ରଖିଥିବା ଛାତ୍ର ଅଭିଷେକ ଭଞ୍ଜଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ କଲେଜ ଓ ସ୍କୁଲର ଶ୍ରେଷ୍ଠ କୋଡିଏ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସୁଲଗ୍ନା ବିଏସ୍‌ସି ନର୍ସିଂ କଲେଜର ଛାତ୍ରଛାତ୍ରୀଙ୍କ ନେତୃତ୍ୱରେ ଅଧ୍ୟାପକ ଜେଏନ୍‌ଙ୍କ ସଂଯୋଜନାରେ ସନ୍ଧ୍ୟାରେ ଆୟୋଜିତ ଆକର୍ଷଣୀୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମର ସଫଳ ରୂପାୟନରେ ସଞ୍ଜୀବ ମିର୍ଦ୍ଧା, ରମେଶ ଚନ୍ଦ୍ର ବିଶ୍ୱାଳ, ସନ୍ୟାସୀ ବିଶ୍ୱାଳ, ଭରତ ବିଶ୍ୱାଳ, ଜଗଦୀଶ ସିଂହ, ଅକ୍ଷୟ ସିଂହ, ବସନ୍ତ ବାରିକ୍, ଶୁଭେନ୍ଦୁ ଦିଣ୍ଡା, ସୌମ୍ୟରଞ୍ଜନ ପାଣିଗ୍ରାହୀ, ଯତୀନ୍ଦ୍ର ମାର୍ଣ୍ଡି, ଅଶୋକ କୁମାର ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

## ● ପଞ୍ଜୀକରଣ ଓ ସହାୟତା ରାଶି ପ୍ରଦାନରେ ବିଳମ୍ବ

# ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଉଦ୍‌ବେଗ

ବାଲେଶ୍ୱର,୨୪।୫(ସମିସ): ଜିଲ୍ଲା ନିର୍ମାଣ ଶ୍ରମିକ ସଂଘ ସମୂହ ସମନ୍ୱୟ ସମିତି ପକ୍ଷରୁ ଏକ ବୈଠକ ଉଠା ଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ପୀତାମ୍ବର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବିଜୟପାତ୍ର ନିର୍ମାଣ ଶ୍ରମିକମାନଙ୍କ ପଞ୍ଜିକରଣ ଓ ସହାୟତା ରାଶି ପ୍ରଦାନରେ ଅହେତୁକ ବିଳମ୍ବ ହେଉଥିବା କଥା ଜଣାଇଥିଲେ। ମେ' ପହିଲା ଦିନ ଜିଲ୍ଲାସ୍ତରରେ ଶ୍ରମିକ ଦିବସ ପାଳନ ଅବସରରେ ଜିଲ୍ଲା ଶ୍ରମଦପ୍ତର ପକ୍ଷରୁ ବାଲେଶ୍ୱରର କୌଣସି ଶ୍ରମିକ ନେତାଙ୍କୁ ନିମନ୍ତ୍ରଣ କରି ନ ଥିବାରୁ ସେ ଦର୍ଶାଇଥିଲେ। ଉପରୋକ୍ତ ବିଷୟ ଉପରେ ଆଲୋଚନାରେ ଅଂଶଗ୍ରହଣ କରି ବରିଷ୍ଠ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଓ ଶାନ୍ତନୁ ଦାସ ପ୍ରମୁଖ ଉଦ୍‌ବେଗ ପ୍ରକାଶ କରିଥିଲେ।



ଦୀର୍ଘ ମାସ ଧରି ପଞ୍ଜିକରଣ ପାଇଁ ଆବେଦନ କରିଥିବା ଯୋଗ୍ୟ ନିର୍ମାଣ ଶ୍ରମିକମାନଙ୍କର ପଞ୍ଜିକରଣ ଓ କନ୍ୟା ବିବାହ, ପୁଅ, ଝିଅଙ୍କ ପାଠପଢ଼ା, ମୃତ୍ୟୁକାଳୀନ ବାବଦକୁ ସହାୟତା ରାଶି ପ୍ରଦାନ କରାଯାଉ ନ ଥିବା ସମ୍ପର୍କରେ ସଂଘର କର୍ମକର୍ତ୍ତା ଅଭିଯୋଗ କରିଥିଲେ। ସେହିପରି ନବୀକରଣ ପାଇଁ ମଧ୍ୟ ବିଳମ୍ବ ହେଉଥିବାର ଅଭିଯୋଗ ହୋଇଥିଲା। ପ୍ରବଳ ଗ୍ରୀଷ୍ମରେ ଶ୍ରମ ଦପ୍ତରକୁ ଆସୁଥିବା ଶ୍ରମିକମାନଙ୍କ ବସିବା ପାଇଁ କୌଣସି ବନ୍ଦୋବସ୍ତ କରାଯାଇନାହିଁ। ତେଣୁ ଆସନ୍ତା ସପ୍ତାହରେ ଡିଭିଜନାଲ୍ ଶ୍ରମ ଆୟୁକ୍ତ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ସାକ୍ଷାତ କରି ଏସମସ୍ତ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ସାକ୍ଷାତକାର ପାଇଁ ଏକ ପ୍ରତିନିଧି ଦଳ ମନୋନୀତ କରାଯାଇଛି। ଏହି ଆଲୋଚନାରେ ସଞ୍ଜୟ କୁମାର ସାମଲ, ବେଣୁଧର ମହାନ୍ତି, ହରିଶ ଚନ୍ଦ୍ର ପାତ୍ର, ମୃତ୍ୟୁଞ୍ଜୟ ରାଉତ, କୃଷ୍ଣ ଚରଣ ଜେନା, ପ୍ରଦୀପ ବେହେରା, ମିନତୀ ବେହେରା ଓ କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

# ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟର ରାଜ୍ୟ ସଭାପତି ବିପିନ ଦାସ



ବାଲେଶ୍ୱର,୨୪।୫(ସମିସ): ଜନସଂଖ୍ୟା ନିୟନ୍ତ୍ରଣ ଆଇନ ସହିତ ୟୁନିଫର୍ମ ସିଭିଲ କୋଡ୍ ଆଇନ ପ୍ରଣୟନ ଏବଂ ଓକଫ୍‌ବୋର୍ଡର ସମ୍ପୂର୍ଣ୍ଣ ଉଚ୍ଛେଦ ସହିତ ସନାତନ ଧର୍ମ ସାମ୍ନାରେ ଥିବା ସବୁ ସମସ୍ୟାର ସମାଧାନ ପାଇଁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ ପ୍ରଚାରକ ଡ. ଇନ୍ଦ୍ରେସ କୁମାରଙ୍କ ଅନୁମୋଦନ କ୍ରମେ ରାଷ୍ଟ୍ରୀୟହିନ୍ଦୁ ଫ୍ରଣ୍ଟର ଓଡ଼ିଶା ପ୍ରଦେଶ ସଭାପତି ଭାବରେ ବିପିନ ବିହାରୀ ଦାସଙ୍କ ନାମକୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅନିଲ ଚୌଧୁରୀ ଘୋଷଣା କରିଛନ୍ତି। ଶ୍ରୀ ଦାସ ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ଓଡ଼ିଶା ପ୍ରଦେଶର ସଭାପତି ଅଛନ୍ତି। ବହୁ ହିନ୍ଦୁ ସଙ୍ଗଠନ ସହ ଜଡ଼ିତ ରହି ହିନ୍ଦୁ ସମାଜର ସୁରକ୍ଷା ପାଇଁ କାର୍ଯ୍ୟ କରିଆସୁଛନ୍ତି। ତାଙ୍କୁ ଏଭଳି ମହତ କାର୍ଯ୍ୟରେ ଦାୟିତ୍ୱ ଦେଇଥିବାରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ଅଧିକାରୀ ତଥା ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟର ମୁଖ୍ୟ ସଂରକ୍ଷକ ଡ. ଇନ୍ଦ୍ରେସ୍ କୁମାର, ଅଧକ୍ଷ ଅନିଲ ଚୌଧୁରୀଙ୍କୁ ସାଧୁବାଦ ଜଣାଇଛନ୍ତି।

# ବୁଢ଼ାବଳଙ୍ଗ ନଦୀରୁ ନାବାଳକର ମୃତଦେହ ଉଦ୍ଧାର



ବାଲେଶ୍ୱର,୨୪।୫(ସମିସ): ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ କସମିଳା ନିକଟସ୍ଥ ବୁଢ଼ାବଳଙ୍ଗ ନଦୀରୁ ଶନିବାର ଅପରାହ୍ନରେ ଜଣେ ନାବାଳକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ନାବାଳକ ହେଲେ ଟାଉନ ଥାନା ଓଲନ୍ଦାଜ ସାହିର ଗଙ୍ଗାଧର ବେହେରାଙ୍କ ନାବାଳକ ପୁଅ ବିଷ୍ଣୁ ବେହେରା(୧୩)। ବିଷ୍ଣୁ ଗତକାଲି ବୁଢ଼ାବଳଙ୍ଗ ନଦୀ ବାଲିଘାଟକୁ ଗାଧୋଇବାକୁ ଯାଇ ଜଳରେ ନିଖୋଜ ହୋଇଯାଇ ଥିଲେ। ଟାଉନ ଥାନା ପୁଲିସ, ଓଡ୍ରାଫ୍ ଟିମ ଖୋଜାଖୋଜିକରି ଆଜି କସମିଳା ଠାରେ ମୃତଦେହକୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ଟାଉନ ଥାନାରେ ମାମଲା ରୁଜୁ କରାଯାଇ ମୃତଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି।

## ଦିନକ ପରେ ସାବିତ୍ରୀ ବ୍ରତ

# ଆକାଶଛୁଆଁ ଫଳ ଦାମ୍; ଫାଣ୍ଡି ଛକରେ ପ୍ରବଳ ଭିଡ଼





## ଭିଡ଼ ନିୟନ୍ତ୍ରଣ କରିବାକୁ ନହାନ୍ତି ଟ୍ରାଫିକ୍ ପୁଲିସ

ବାଲେଶ୍ୱର,୨୪।୫(ସମିସ)

ଉତ୍କଳୀୟ ସଂସ୍କୃତିର ଅନନ୍ୟ ପର୍ବ 'ସାବିତ୍ରୀ ବ୍ରତ'କୁ ବାଲେଶ୍ୱର ସହର ଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲାରେ ବିବାହିତ ମହିଳାମାନେ ବେଶ ଶ୍ରଦ୍ଧା ଓ ଭକ୍ତିର ସହିତ ପାଳନ କରନ୍ତି। ସାବିତ୍ରୀ ବ୍ରତରେ ଫଳ ଦୋକାନଠାରୁ ଆରମ୍ଭ କରି ଲୁଗାପଟା ଓ ଜଳଖିଆ ଦୋକାନରେ ମଧ୍ୟରେ ଭିଡ଼ ହୋଇଥାଏ। ଆସନ୍ତା ସୋମବାର ପବିତ୍ର ସାବିତ୍ରୀ ଅମାବାସ୍ୟା। ଏହି ସାବିତ୍ରୀ ଅମାବାସ୍ୟା ପାଇଁ ବାଲେଶ୍ୱର ସହରଠାରୁ ଆରମ୍ଭ କରି ସବୁଠି ଏବେ ଉତ୍ସାହ ଦେଖିବାକୁ ମିଳିଛି। ସହରର ଫାଣ୍ଡି ଛକ ଠାରେ ଫଳ ଦୋକାନ ଗୁଡିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିବାବେଳେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ କୌଣସି ଟ୍ରାଫିକ କର୍ମଚାରୀ ଉପସ୍ଥିତ ନ ଥିବା ଦେଖିବାକୁ ମିଳିଛି। ସାବିତ୍ରୀ ବ୍ରତରେ ଲାଗିବା ପାଇଁ ଫାଣ୍ଡିରେ ଛକରେ ପଡିଛି ବିଭିନ୍ନ ପ୍ରକାର ଫଳ। ହେଲେ ଏହି ସାବିତ୍ରୀ ବ୍ରତ ପାଇଁ ଏବେ ଫଳ ଦର ଆକାଶଛୁଆଁ ହୋଇଛି। ବିଶେଷ କରି ଫାଣ୍ଡିଛକରେ ବିକ୍ରି ହେଉଥିବା ସେଓ କେଜି ପ୍ରତି ୨୪୦ଟଙ୍କାରୁ ଆରମ୍ଭ କରି ୩୫୦ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ କମଳା କେଜି ପ୍ରତି ୧୨୦ଟଙ୍କାରେ ବିକ୍ରି ହେଉଛି। ଏହାବ୍ୟତୀତ ନାସପାତି କେଜି ପ୍ରତି ୩ଶହ ଟଙ୍କା ଥିବା ବେଳେ ଅଙ୍ଗୁର କେଜି ପ୍ରତି୧୨୦ଟଙ୍କା ରହିଥିବା ବେଳେ ଖଜୁରୀ ଶହେ ଟଙ୍କା। ସେହିପରି ଅନାରସ ୧୨୦ଟଙ୍କାରୁ ଆରମ୍ଭ କରି ୨ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ସେହିଭଳି ସପୁରୀ ଗୋଟାକୁ ୬୦ଟଙ୍କା ରହିଥିବା କଦଳୀ ଗୋଟିଏ ଡର୍ଜନକୁ ୩୦ଟଙ୍କାରୁ ଆରମ୍ଭ କରି ଶହେ ଟଙ୍କା ପର୍ଯ୍ୟନ୍ତ ରହିଛି। ଡ୍ରାଗନଫ୍ରୁଟ୍ ଗୋଟାକୁ ୨୦ଟଙ୍କାରେ ବିକ୍ରି ହେଉଥିବାବେଳେ ଆମ୍ବ କେଜି ପ୍ରତି ୫୦ରୁ ୮୦ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛିଷ ଲିଚୁ କେଜି ପ୍ରତି ୨ଶହ ଟଙ୍କାରେ ବିକ୍ରି ହେଉଛି। ଏନେଇ ଦୋକାନୀ ଜ୍ୟୋତିରଞ୍ଜନ ମହାନ୍ତି କହିଛନ୍ତି ଯେ,ସବୁ ପର୍ବପର୍ବାଣୀରେ ଫଳ ଦର ପ୍ରତିଦିନ ଅପେକ୍ଷା ସାଧାରଣତଃ ଅଧିକ ହୋଇଥାଏ। ତାଙ୍କ ଦୋକାନରେ ଭେରାଇଟି ଫଳ ରହିଥିବା ବେଳେ ବାହାର ରାଜ୍ୟରୁ ଫଳ ଆସୁଥିବା ବେଳେ ସେଥିପାଇଁ ଦର ଅଧିକ ହୋଇଥାଏ। ଗତବର୍ଷ ଅପେକ୍ଷା ଚଳିତବର୍ଷ ଭଲ ବେପାର ହେବାର ସମ୍ଭାବନା ମଧ୍ୟ ରହିଛି ବୋଲି କହିଛନ୍ତି। ଅନ୍ୟପଟେ ଦେଖିବାକୁ ଗଲେ ଫାଣ୍ଡିଛକ କହିଲେ ସାଧାରଣତଃ ଫଳମାର୍କେଟକୁ ହିଁ ବୁଝାଇଥାଏ। ଆଉ ଏହି ଠାରେ ରହିଛି ସହଦେବ ଖୁଟା ଥାନା। ଏଠାରେ ସବୁଦିନ ଅପେକ୍ଷା ପର୍ବପର୍ବାଣୀରେ ଅଧିକ ଭିଡ଼ ହୋଇଥାଏ। ଏଠାରେ ପାର୍କିଂର ବ୍ୟବସ୍ଥା ନ ଥିବା କାରଣରୁ ଅଧିକ ଭିଡ଼ ହୋଇଥାଏ। ହେଲେ ଏହି ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଟ୍ରାଫିକ ପୁଲିସ ନୟୋଜିତ ହେବା କଥା କିନ୍ତୁ ଟ୍ରାଫିକ ପୁଲିସ ମୁତୟନ ହୋଇ ନ ଥିବା କାରଣରୁ ରାସ୍ତାରେ ଗାଡ଼ିଗୁଡ଼ିକ ରଖାଯାଇଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଫଳରେ ଯାତାୟତରେ ଅଧିକ ସମସ୍ୟା ସୃଷ୍ଟି ହେଉଛି।




ସକାଳ THE SAKALA



www.sakalaepaper.com

## ଅବ୍ୟବସ୍ଥାରେ ଡ୍ରେନେଜ୍ କାର୍ଯ୍ୟାଳୟ

# ଲୋକେ ହନ୍ତସନ୍ତ, ଆସୁନାହାନ୍ତି କର୍ମଚାରୀ

ସିମୁଳିଆ,୨୪।୫(ସମିସ)



ସିମୁଳିଆ ଡ୍ରେନେଜ୍ କାର୍ଯ୍ୟାଳୟ ଅଛି ହେଲେ ଖୋଲା ହେଉନି। କର୍ମଚାରୀମାନେ ମନଇଚ୍ଛା କାମ କରୁଥିବାବେଳେ ଘର ପରିତ୍ୟକ୍ତ ଅବସ୍ଥାକୁ ଚାଲି ଆସିଲାଣି। ବାଲେଶ୍ୱର ଜିଲ୍ଲା ମାର୍କୋଣାରେ ରହିଛି ସବ୍‌ଡିଭିଜନ୍ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଡ୍ରେନେଜ୍ କାର୍ଯ୍ୟାଳୟ। ୧୬ ନମ୍ବର ଜାତୀୟ ରାଜପଥଠାରୁ ୧୦୦ ମିଟର ଦୂରରେ ଥିବା ସାଳନ୍ଦୀ ଜଳସେଚନ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପାଶ୍ୱର୍ରେ ଏହା ଅବସ୍ଥିତ। ଏଠାରେ କର୍ମଚାରୀମାନଙ୍କ ମନମୁଖୀ କାମ ଦେଖିବାକୁ ମିଳୁଛି। ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ଜନ୍ମେଞ୍ଜୟ ଦତ୍ତ ନିଯୁକ୍ତ ହୋଇଥିବା ବେଳେ କନିଷ୍ଠ ଯନ୍ତ୍ରୀ ଭାବେ ଅଜିତ ବେହେରାଙ୍କ ସହ ଅନ୍ୟ ଦୁଇଜଣ ଏବଂ ଜଣେ ଯନ୍ତ୍ରୀ ଅଛନ୍ତି। ସେହିପରି ଠିକା ପିଅନ ଡାଇମଣ୍ଡ କାମ କରୁଛନ୍ତି। ତେବେ ପିଅନଙ୍କୁ ଛାଡ଼ି ନିର୍ବାହୀ ଯନ୍ତ୍ରୀ ସପ୍ତାହକୁ ଥରେ କାର୍ଯ୍ୟାଳୟ ଆସୁଥିବାବେଳେ ଯନ୍ତ୍ରୀମାନେ ଜମାରୁ କାର୍ଯ୍ୟାଳୟ ଆସନ୍ତିନି। କାମରେ ଆସୁଥିବା ଲୋକମାନେ ନିର୍ବାହୀ ଯନ୍ତ୍ରୀ ଓ ଯନ୍ତ୍ରୀମାନଙ୍କ ଭେଟ ନ ପାଇ ହଇରାଣ ହେଉଛନ୍ତି। କେହି ପଚାରିଲେ କହନ୍ତି, ଫିଲ୍ଡ ଡ୍ୟୁଟିରେ ଅଛନ୍ତି। କାର୍ଯ୍ୟାଳୟ ତ ଆସୁ ନାହାନ୍ତି, ପଞ୍ଚାୟତ ସମିତି ବୈଠକ ହେଉ କିମ୍ବା ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ହେଉ; ସେଠାରେ ମଧ କାହାର ଦେଖାଦର୍ଶନ ମିଳୁନି। ଅନ୍ୟପଟେ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ କାର୍ଯ୍ୟାଳୟର କବାଟ ଓ ଝରକା ଭାଙ୍ଗି ଗଲାଣି। କାର୍ଯ୍ୟାଳୟ ପରିସର ଅନାବନା ଗଛରେ ଭରିଗଲାଣି। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ନାରୀନେତ୍ରୀ ଭାରତୀ ମଲ୍ଲିକ କହିଛନ୍ତି, କର୍ମଚାରୀମାନେ କାମ କରୁନାହାନ୍ତି। ସବୁବେଳେ ଠକୁଛନ୍ତି। ଏନେଇ ତଦନ୍ତ ହେଉ ଏବଂ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅଭିଯୋଗ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ଦତ୍ତଙ୍କୁ ପଚରାଯାଇଥିଲା ସେ କହିଛନ୍ତି, ଭଦ୍ରକ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମୋର ଅଧିକାଂଶ ସମୟ କାମ। ତା'ଛଡ଼ା ମାର୍କୋଣା କାର୍ଯ୍ୟାଳୟର ଭଲ ଘରନାହିଁ। ସେଠାରେ କାମ କେମିତି ହେବ? ନୂଆ ଘର ପାଇଁ ଯନ୍ତ୍ରୀମାନଙ୍କୁ ଏଷ୍ଟିମେଟ ଦେବାକୁ କୁହାଯାଉଛି। ହେଲେ ସେମାନେ ଦେଉ ନାହାନ୍ତି। ସେହିପରି ଯନ୍ତ୍ରୀ ଶ୍ରୀ ବେହେରାଙ୍କ ପ୍ରତିକ୍ରିୟା ନିଆଯାଇଥିଲା। ସେ କହିଛନ୍ତି, ଆମେ ଫିଲ୍ଡ ଷ୍ଟାଫ୍। ବାହାରେ ରହି କାମ କରୁଛୁ। କାର୍ଯ୍ୟାଳୟ ନାହିଁ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଆସୁ ନାହାନ୍ତି। ଆମେ ଯାଇ ସେଠାରେ କ'ଣ କରିବୁ?

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

ଜଳେଶ୍ୱର ବ୍ଲକ୍,୨୪।୫(ସମିସ): ଜଳେଶ୍ୱର ବ୍ଲକ୍ ଶ୍ୟାମନଗର ପଞ୍ଚାୟତର ଜଣେ ନାବାଳିକାକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ମାନସିକ ବିକାରଗ୍ରସ୍ତ ନାବାଳିକାଟି ଶୁକ୍ରବାର ସକାଳ ସମୟରେ ଘରୁ ପାଇଖାନା କହି ଘରୁ କୁଆଡେ ପଳେଇ ଯାଇଥିଲେ। ଘର ଲୋକ ବହୁ ଖୋଜା ଖୋଜି କରିଥିଲେ କିନ୍ତୁ ପାଇ ନ ଥିଲେ। ଶନିବାର ସକାଳେ ଉକ୍ତ ଝିଅକୁ ଗୋବରଘଟା ପଞ୍ଚାୟତର ସିଟ୍ ଛକଠାରେ ବସିଥିବା ଦେଖିବାକୁ ପାଇ କିଛିଲୋକ ତାକୁ ଘରେ ଆଣି ଛାଡ଼ିଥିଲେ। ନାବାଳିକା ପେଟରେ ଅତ୍ୟଧିକ ଯନ୍ତ୍ରଣା ଅନୁଭବ କରିବାରୁ ନାବାଳିକାର ମା'ତାଙ୍କୁ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ନାବାଳିକାକୁ ଦେଖି ଦୁଷ୍କର୍ମ ଆଶଙ୍କା କରି ରାଇବଣିଆ ଥାନାର ଦ୍ୱାରସ୍ଥ ପାଇଁ କହିଥିଲେ। ସେ ରାଇବଣିଆ ଥାନାର ଦ୍ୱାରସ୍ଥ ପରେ ରାଇବଣିଆ ଥାନା ଅଧିକାରିଣୀ ଓ ନାବାଳିକାଙ୍କ ପରିବାରଲୋକ ଅଧିକ ତଦନ୍ତ ପାଇଁ ନାବାଳିକା ମିଳିଥିବା ସ୍ଥାନକୁ ଯାଇଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ପିକ୍‌ଅପ୍

ଖଇରା,୨୪।୫(ସମିସ): ସେବାଶ୍ରମ ବିଦ୍ୟାଳୟକୁ ଚାଉଳ ନେଇ ଯାଉଥିବା ପିକଅପ୍ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଥିବା ବେଳେ ଗାଡିରେ ଥିବା ଶ୍ରମିକ ଓ ଡ୍ରାଇଭର ଅଳ୍ପକେ ବର୍ତ୍ତୀଯାଇଛନ୍ତି। ସୂଚନା ଅନୁଯାୟୀ ଖଇରା ବ୍ଲକ୍‌ର ଗଗୁଆ ଓ କବର ସେବଶ୍ରମକୁ ଚାଉଳ ନେଇ ସୋର-କୁପାରୀ ରାସ୍ତାରେ ଯାଉଥିବା ପିକଅପ୍ ନନ୍ଦପୁର ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଚାଉଳକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇ ଗୋଦାମକୁ ଅଣାଯାଇଥିବାବେଳେ ଗାଡ଼ିର ଡ୍ରାଇଭର ଓ ଅନ୍ୟମାନେ ଅଳ୍ପକେ ବଡ଼ ଦୁର୍ଘଟଣାରୁ ରକ୍ଷା ପାଇଛନ୍ତି।

## ଶ୍ରମିକ ପାଉନାହାନ୍ତି; ମେସିନ୍ କରୁଛି ମନରେଗା କାମ

ଲଙ୍ଗଳେଶ୍ୱର,୨୪।୫(ସମିସ): ଗ୍ରାମାଞ୍ଚଳରେ ଗରିବ ଲୋକଙ୍କୁ କାମ ଯୋଗାଇବାକୁ କେନ୍ଦ୍ରସରକାର ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ବା ମନରେଗା ଯୋଜନା କରିଛନ୍ତି। କିନ୍ତୁ କିଛି ନ୍ୟସ୍ତସ୍ୱାର୍ଥ ସରକାରୀ କର୍ମଚାରୀ ଓ ନେତା ମିଶି ଶ୍ରମିକମାନଙ୍କୁ କାମଦେବା ପରିବର୍ତ୍ତେ ମେସିନ ଦ୍ୱାରା କାମ କରୁଛନ୍ତି। ଏଭଳି ଏକ ଘଟଣା ଘଟିଛି ସଦର ବ୍ଲକ୍ ଅଧୀନ ସାର୍ଥା ଗ୍ରାମରେ। ଗ୍ରାମରେ ଥିବା ଖଜୁରୀ ପୋଖରୀ ଓ ଲୁଣା ପୋଖରୀ ଦୁଇଟି ଦୀର୍ଘବର୍ଷ ଧରି ପୁନରୁଦ୍ଧାର ନ ହୋଇ ବ୍ୟବହାର କ୍ଷମ ନ ହୋଇ ପଡ଼ିଥିଲା। ଏବେ ଏଇ ଦୁଇ ପୋଖରୀକୁ ପ୍ରଧାନମନ୍ତ୍ରୀ ଅମୃତ ସରୋବର ଯୋଜନାରେ ସାମିଲ କରାଯାଇ ଶ୍ରମିକ ମାନଙ୍କ ଶସକ୍ତ କରିବାର ଯୋଜନା ହୋଇଥିଲା। କିନ୍ତୁ ଏଠାରେ ଓଲଟାଫଳ ହେବାର ଅଭିଯୋଗ ହୋଇଛି। ୧୦ଲକ୍ଷ ଟଙ୍କା ଲେଖାଏଁ ଦୁଇଟି ପୋଖରୀ ଖୋଳିବାକୁ ୨୦ଲକ୍ଷ ଟଙ୍କା ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ମଞ୍ଜୁର ହୋଇଥିଲା। କିନ୍ତୁ ପ୍ରଥମରୁ ଶ୍ରମିକ ବଦଳରେ ଜେସିବିରେ ପୋଖରୀ ଖୋଳା ହେଉଛି। ଏ ପଟେ ଶ୍ରମିକ ମାନେ କାମ ପାଉନଥିବା ଅଭିଯୋଗ କରିଥିଲେ ହେଁ ସେମାନଙ୍କ ଅଭିଯୋଗକୁ କେହି ଗୁରୁତ୍ୱ ଦେଉ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଏ ବାବଦରେ ସରପଞ୍ଚ ଧନଞ୍ଜୟ ପାତ୍ରଙ୍କୁ ପଚାରିବାରୁ ସେ ଦୁଇଟି ଅମୃତ ସରୋବର କାର୍ଯ୍ୟ ଚାଲିଛି ବୋଲି ସ୍ୱୀକାର କରିଥିଲେ ହେଁ ମେସିନ କାମ କରୁଛି ଜାଣିନାହାନ୍ତି ବୋଲି ସେ କହିଥିଲେ। ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲାପାଳ ଖୁବଶୀଘ୍ର ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମର ଜବକାର୍ଡ ଧାରୀମାନେ ଦାବି କରିଛନ୍ତି।



## ବାଇକ୍ ଚୋରି ଘଟଣାରେ ତିନି ଗିରଫ, ୧୨ ବାଇକ୍ ଉଦ୍ଧାର

ସୋର,୨୪।୫(ସମିସ): ସୋର ବ୍ଲକ୍ ଗୋପୀନାଥପୁର ପଞ୍ଚାୟତ ନରସିଂନଗର ଗ୍ରାମରୁ ଏକ ବାଇକ୍ ଚୋରି ଘଟଣାରେ ସୋର ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ପୁଲିସ ସେମାନଙ୍କ ନିକଟରୁ ୧୨ ଟି ବାଇକ ଜବତ କରିଛି। ନରସିଂନଗର ଗ୍ରାମର ଅନନ୍ତ ବିଶ୍ୱାଳଙ୍କ ଗ୍ଲେମର ବାଇକ୍‌ଟି ଗତ ୧୪ ତାରିଖ ଦିନ ଚୋରି ହୋଇଥିଲା। ଏ ବାବଦରେ ଅନନ୍ତ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୁଲିସ ପାଖର ଗ୍ରାମର ଅଭିଷେକ କର (୨୧), ଉତ୍ତରେଶ୍ୱର ଗ୍ରାମର ସୌରୀଶ ପ୍ରସାଦ କର (୨୧) ଏବଂ ସବିରା ରାଧିକା ନଗର ଗ୍ରାମର ମୁନା ଜେନା (୨୦) କୁ ଉଠାଇ ଆଣି ପଚରିବା ପରେ ଅନନ୍ତଙ୍କ ବାଇକ୍ ସମେତ ମୋଟ ୧୨ ଟି ବାଇକକୁ ପୁଲିସ ସେମାନଙ୍କ ନିକଟରୁ ଜବତ କରିଥିଲା। ଫଳରେ ପୁଲିସ ୩ ଜଣଙ୍କୁ ଗିରଫ କରିଥିଲା। ଶନିବାର ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ପୁଲିସ ସମସ୍ତଙ୍କୁ କୋର୍ଟଚାଲାଣ କରି ଅଧିକ ତଦନ୍ତ ଆରମ୍ଭ କରିଛି।

## ବାଲି ବୋଝେଇ ହାଇୱା ଦୁର୍ଘଟଣାଗ୍ରସ୍ତ, ଚାଳକ ଗୁରୁତର

ସୋର,୨୪।୫(ସମିସ): ସୋର ଥାନା ୧୬ ନମ୍ବର ଜାତୀୟରାଜପଥ ତଳନଗର ନିକଟରେ ଏକ ବାଲି ବୋଝେଇ ହାଇୱା ଦୁର୍ଘଟଣା ହୋଇଥିବା ବେଳେ ଏହାର ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଶନିବାର ସକାଳେ ବାଲି ବୋଝେଇ ହାଇୱାଟି ଭଦ୍ରକରୁ ସୋର ଅଭିମୁଖେ ଆସୁଥିଲା। ଏହି ସମୟରେ ତଳନଗର ନିକଟ ଷ୍ଟାର୍ ହୋଟେଲ ସମ୍ମୁଖରେ ଜାତୀୟ ରାଜପଥ ଉପରେ ହୋଇଥିବା ହମ୍ପ କାରଣରୁ ଆଗରେ ଯାଉଥିବା ଏକ ଟ୍ରକ ଡଠାତ୍ ବ୍ରେକ ମାରିବାରୁ ହାଇୱା ଚାଳକ ଜଣଙ୍କ ଭାରସାମ୍ୟ ହରାଇ ଟ୍ରକ୍ ପଛରୁ ଧକ୍କା ଦେଇଥିଲା। ଫଳରେ ହାଇୱା ଚାଳକ ଗୁରୁତର ଆହତ ହୋଇଥିଲେ। ଖବର ପାଇ ସୋର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କ୍ରେନ୍ ମାଧମରେ ଚାଳକକୁ ଉଦ୍ଧାର କରି ସୋର ଡାକ୍ତରଖାନକୁ ନେଇଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଖବରପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରି ଥାନାକୁ ଆଣି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି

ସୋର,୨୪।୫(ସମିସ): ସୋର ବ୍ଲକ୍ ନଦୀଗାଁ ପଞ୍ଚାୟତ ଗୁହାଳଡ଼ିହ ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ଖରାଛୁଟି ଚାଲିଥିବାବେଳେ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦଥିବାରୁ ପିଲାମାନଙ୍କୁ ସପ୍ତାହରେ ଥରେ ଖାଦ୍ୟ ବଣ୍ଟନ କରାଯାଉଛି। ଗତ ୨୨ ତାରିଖ ଦିନ କେନ୍ଦ୍ରର କର୍ମଚାରୀ ନନ୍ଦିନୀ ଜେନା ପିଲାମାନଙ୍କୁ ଖାଦ୍ୟ ବାଣ୍ଟିବା ପରେ ସମସ୍ତ ଆସବାବିପତ୍ର କେନ୍ଦ୍ରରେ ରଖି ଚାବି ଦେଇ ଘରକୁ ଯାଇଥିଲେ। ଶନିବାର ସକାଳେ କିଛିଲୋକ କେନ୍ଦ୍ର ନିକଟରେ ଥିବା ଏକ ସମରସିବଲ ମୋଟର ଚୋରିହୋଇଥିବା ଜାଣିବାକୁ ପାଇଥିଲେ। ପରେ ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ରର ଚାବି ଭଙ୍ଗା ଯାଇ ଏକ ଗ୍ୟାସ୍ ଟାଙ୍କି ,୪୫ କିଲୋଚାଉଳ ସମେତ ଅନ୍ୟ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ କର୍ମଚାରୀ ନନ୍ଦିନୀ ଜେନା ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ଏ-୧ ପାଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର ବ୍ଲକ୍,୨୪।୫(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଜଳେଶ୍ୱର ରାଇବଣିଆ ମଣ୍ଡଳ ପକ୍ଷରୁ ଏ-୧ ଛାତ୍ର ଛାତ୍ରୀମାନଙ୍କୁ ନେଇ ଓଷ୍ଟା ଜଳେଶ୍ୱରର ସଭାପତି ସୁକୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସମାରୋହ ଜଳେଶ୍ୱର ନୂଆ ବଜାର ସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ସଙ୍କଳ୍ପ ହେଉଛି ସେହି ଶକ୍ତି ଯାହା ଆମକୁ ଆମର ସମସ୍ତ ନିରାଶା ଏବଂ ବାଧାବିଘ୍ନକୁ ଦୂର କରିଥାଏ। ଏହା ଆମର ଇଚ୍ଛାଶକ୍ତି ନିର୍ମାଣରେ ସାହାଯ୍ୟ କରେ ଯାହା ସଫଳତାର ଆଧାର ହୋଇଥାଏ ବୋଲି ଏହି ସମ୍ବର୍ଦ୍ଧନା ସଭାରେ ବିଧାୟକ ଅଶ୍ୱନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଇଓ ଜଗବନ୍ଧୁ ଜେନା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକର ବିଇଓ କୁଞ୍ଜ ବିହାରୀ ପ୍ରଧାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁଷୟା ପ୍ରଧାନ, ଏବିଇଓ ଜ୍ୟୋସ୍ନାରାଣୀ ପ୍ରଧାନ, ଏବିଇଓ ତଥା ବି. ଆର୍ ସିସି ଶୁଶାନ୍ତ କୁମାର ଜେନା, ଓଷ୍ଟା ବ୍ଲକ ସମ୍ପାଦକ ହରେକୃଷ୍ଣ ଜେନା, ଜିଲ୍ଲା ଓଷ୍ଟା ସଭାପତି ମନୋରଞ୍ଜନ ଦାସ, ରାଇବଣିଆ ମଣ୍ଡଳର ସଭାପତି ଓଷ୍ଟା ହରମୋହନ ମହନ୍ତ, ସ୍କୁଲ କମିଟିର ସଭାପତି ଜୟନାରାୟଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁନୀଲ ନାୟକ, ପ୍ରକ୍ତନ ପ୍ରଧାନଶିକ୍ଷକ ସୁଦର୍ଶନ ପ୍ରଧାନ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ମୂରଲୀ ମୋହନ ପ୍ରଧାନ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶଶିକାନ୍ତ ପ୍ରଧାନ, ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରାଣକୃଷ୍ଣ ଗିରି, ପ୍ରାକ୍ତନ ପ୍ରଧାନଶିକ୍ଷକ ମନୋଜ କୁମାର ମାହାନ୍ତି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ମାହାନ୍ତି, ପ୍ରଧାନଶିକ୍ଷକ ଡ. ଅଜିତ କୁମାର ମାହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ଜିଲ୍ଲାର ଚତୁର୍ଥ ତଥା ଜଳେଶ୍ୱର ବ୍ଲକ୍ ଟପ୍ପର ଏ-୧ ପାଇଥିବା ଛାତ୍ରୀ ଶିକ୍ଷ୍ୟାଦର୍ଶନି ପରିଡ଼ା, ବ୍ଲକ୍‌ର ଅଷ୍ଟମ ଅମ୍ରିତା ଜେନା ଓ ବ୍ଲକର ଦ୍ୱିତୀୟ ଜ୍ୟୋତିରାଦିତ୍ୟ ପତି ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ସରୋଜ ପାଣିଗ୍ରାହୀ ମଞ୍ଚ ଆହ୍ୱାନ ସହ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲାବେଳେ ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅର୍ଜୁନ ଚନ୍ଦ୍ର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ। ମୋଟ ଜଳେଶ୍ୱର ବ୍ଲକର ଏ-୧ ପାଇଥିବା ୩୬ ଜଣ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇ ଥିଲା। ଜଳେଶ୍ୱର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପରିଚାଳନା କରିଥିଲେ।

## 'ଆମେ ଆପଣଙ୍କ ସେବାରେ' ପକ୍ଷରୁ ସଡ଼କ ସଫେଇ



ଜଳେଶ୍ୱରବ୍ଲକ,୨୪।୫(ସମିସ): ଜଳେଶ୍ୱର ବ୍ଲକ୍ ଖାଲିନା ପଞ୍ଚାୟତ ଅଧୀନ ଖାଲିନା ଠାରୁ ନାମ୍ପ ପର୍ଯ୍ୟନ୍ତ ଗ୍ରାମ୍ୟ ସଡ଼କ କାଦୁଅ ପଚପଚ ହୋଇ ବିପତ୍ତିର କାରଣ ପାଲଟିଛି। ସୂଚନା ଅନୁସାରେ ବ୍ୟାପକ ପରିମାଣରେ ହେଉଥିବା ରବୀ ଧାନ ଚାଷ ଅମଳ ଲାଗି ଏକ ସଡ଼କକୁ ବ୍ୟାପକ ବ୍ୟବହାର କରାଯାଏ। ବିଶେଷ କରି ହାରଭେଷ୍ଟର, ଟ୍ରାକ୍ଟର ଚକା ମାଧମରେ କ୍ଷେତରୁ ଆସୁଥିବା ଗଦାଗଦା କାଦୁଅ ରାସ୍ତାରେ ଜମା ହୋଇ ପିଚୁ ରାସ୍ତାକୁ ମାଟି ରାସ୍ତାର ଭ୍ରମ ସୃଷ୍ଟି କରିଛି। କେହି ସଫା କରିବାକୁ ନଥିବା ବେଳେ ତାହା ଶୁଖି, ପିଚୁ ସଡ଼କରେ ଲାଖି ରହିଥିଲା। ମୌସୁମୀ ବର୍ଷାରେ ରାସ୍ତା କାଦୁଅ ହୋଇ ଚଳାଚଳ ରେ ଲୋକେ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଏହା ଏକମାତ୍ର ସଡ଼କ ହୋଇଥିବାବେଳେ କାଦୁଅ ଯୋଗୁଁ ଲୋକେ ସାଇକେଲ, ମଟର ସାଇକେଲ,କୁ ଦୁରରେ ରଖି ଚାଲି ଚାଲି ଯିବାକୁ ବାଧ ହେଉଛନ୍ତି । ଏପରିକି ଖାଲି ପାଦରେ ଯିବା ମଧ କଷ୍ଟସାଧ ହେଉଛି। ଛାତ୍ରଛାତ୍ରୀମାନେ ବିଦ୍ୟାଳୟ, କଲେଜ, କୋଚିଂସେଣ୍ଟର, ଟିୟୁସନ ଯିବାରେ ଘୋର ଅସୁବିଧା ଉପୁଜିଛି। ତେଣୁ ଏହାକୁ ଆଖୀ ଆଗରେ ରଖି "ଆମେ ଆପଣଙ୍କ ସେବାରେ ସଂଗଠନ "ର ସଭାପତି -ଗୋପାଳ କୃଷ୍ଣ ପାତ୍ର, ଜୟନାରାୟଣ ସାହୁ, ଦେବବ୍ରତ ପାଠୀ, ସତ୍ୟବ୍ରତ ଦେ ସର୍ବପ୍ରଥମେ ରାସ୍ତା ସଫେଇ ପାଇଁ ଆଗେଇ ଆସିଥିଲେ। ଗ୍ରାମ ପରିଚାଳନା କମିଟି ର-ନଗେନ୍ଦ୍ର ଦେ, ସଞ୍ଜୟ କର, ବୁଦ୍ଧଦେବ ଦେ, ଭୂପେନ ଦେ, ନୟନ କୁମାର ପାଠୀ ଭୁବନ ଦାସ, ଜୀବନ କୁମାର ପାଠୀ, ଘନଶ୍ୟାମ ପାତ୍ର, ମାନସ ପାତ୍ର, ଅଞ୍ଜନ କୁମାର କର, ଅଶୋକ ଭଞ୍ଜ ଘନଶ୍ୟାମ ବେହେରା, ସପନ କୁମାର ଦେ, ଜୟନ୍ତ କର, ରମେଶ ମହାପାତ୍ର, ଗିରିଶ ଚନ୍ଦ୍ର କର, ଦିଲ୍ଲୀପ କୁମାର ଦେ, ରଜନୀ କାନ୍ତ କର, ତପନ ରାଉଳ, ବିପିନ ବଡୁ, ପ୍ରମୁଖ ତୁରନ୍ତ ସଡ଼କ ସଫା କରିବା ପାଇଁ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି।

## ସାହିତ୍ୟ ସଂସଦ ପକ୍ଷରୁ ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ଖଇରା,୨୪।୫(ସମିସ): ଖଇରାସ୍ଥିତ ମୋ ଅନୁଷ୍ଠାନ ସାହିତ୍ୟ ସଂସଦ ପକ୍ଷରୁ ଖଇରା ବ୍ଲକ୍‌ର ଏ-୧ ପାଇଥିବା ୨୫ଜଣଙ୍କ ମଧ୍ୟରୁ ୨୨ଜଣ ଛାତ୍ରଛାତ୍ରୀଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଖଇରା ଶିକ୍ଷକ ଭବନ ପରିସରରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଅଧକ୍ଷ ମୁକ୍ତିକାନ୍ତ ଶତପଥୀ ପୌରୋହିତ୍ୟ କରିଥିଲେ। ଖଇରା ବ୍ଲକ୍ ଅଧକ୍ଷା ଅଭିଲିପ୍ସା ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦାମଚରଣ ରାଉତ ମୁଖ୍ୟବକ୍ତା, ଆଇନ୍‌ଜୀବୀ ବସନ୍ତ କୁମାର ବାରିକ, ରଘୁନାଥ ପତ୍ରୀ, ବୁଦ୍ଧିରାମ ପାଣିଗ୍ରାହୀ, ଭରତ ଚନ୍ଦ୍ର ଦାସ, ମୁକ୍ତିକାନ୍ତ ପାଣିଗ୍ରାହୀ, ଶିକ୍ଷକ ନେତା ବିଷ୍ଣୁପ୍ରସାଦ ମିଶ୍ର, ଜଗନ୍ନାଥ ମହାପାତ୍ର, ନାରାୟଣ ମହାପାତ୍ର ଓ କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଭଳି ସମ୍ବର୍ଦ୍ଧନା ପିଲାମାନଙ୍କୁ ଆଗକୁ ବଢିବାକୁ ପ୍ରେରଣା ଯୋଗାଇବ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ପରେ ଅତିଥିଙ୍କ ଦ୍ୱାରା ଉପସ୍ଥିତ ପ୍ରତିଭାଧାରୀ ଟପ୍ପର ଛାତ୍ରୀଛାତ୍ର ମାନଙ୍କୁ ପ୍ରତିଭା ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି କୁଞ୍ଜଲତା ମାହୁନ୍ତ ଅତିଥି ପରିଚୟ, ବୁଦ୍ଧିରାମ ପାଣିଗ୍ରାହୀ ବେଦପାଠ ଓ ସମ୍ପାଦକ ନରେନ୍ଦ୍ର ପ୍ରସାଦ ବେହେରା ବିବରଣୀ ପାଠ କରିଥିଲେ। ଏଥିସହ ସଭାପତିଙ୍କ ସମେତ ସଦସ୍ୟା ଶ୍ରଦ୍ଧାଞ୍ଜଳି ଖମାରୀ,ସଦସ୍ୟ ହେମନ୍ତ କୁମାର ନାୟକ, ସମ୍ଭୁନାଥ ସେଠୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।

## ମାଗଣା ମୋତିଆବିନ୍ଦୁ ଚିହ୍ନଟ ଓ ଅସ୍ତ୍ରୋପଚାର ଶିବିର

ନୀଳଗିରି, ୨୪।୫(ସମିସ): ଶିଶିର ମହାପାତ୍ର ଫାଉଣ୍ଡେସନ ଏବଂ ବାଲେଶ୍ୱର ଲାୟନସ୍ ଆଇ ହସ୍ପିଟାଲ ମିଳିତ ଆନୁକୂଲ୍ୟରେ ମାଗଣା ମୋତିଆବିନ୍ଦୁ ଚିହ୍ନଟ ଏବଂ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୬୮ ଜଣ ଚକ୍ଷୁ ରୋଗୀ ପରୀକ୍ଷା ପାଇଁ ଆସିଥିବା ବେଳେ ଉପସ୍ଥିତ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେଇ ପରୀକ୍ଷା କରିଥିଲେ। ସେଥିମଧ୍ୟରୁ ୨୮ ଜଣ ରୋଗୀଙ୍କର ମୋତିଆ ବିନ୍ଦୁ ଚିହ୍ନଟ କରାଯାଇ ତାଙ୍କୁ ଅସ୍ତ୍ରପ୍ରଚାର ପାଇଁ ବାଲେଶ୍ୱରକୁ ପଠାଯାଇଥିଲା। ଉକ୍ତ ଶିବିରକୁ ଶିଶିର ମହାପାତ୍ର ଫାଉଣ୍ଡେସନ ର ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ର , ଏନଏସି ୬ ନମ୍ବର ୱାର୍ଡ କାଉନସିଲର ପ୍ରତାପ ସେଠୀ, ସମାଜସେବୀ ନିଗମ ରାଉତ,ଜଗନ୍ ରାଉତ ,ଭରତ ଦାସ ,ରମେଶ ଚନ୍ଦ୍ର ପାତ୍ର , ଭାସ୍କର ବିଶ୍ୱାଳ ,ଦେବାଶିଷ ଦାସ ଏବଂ ଚିନ୍ମୟ ଶରଣ ରାଉତ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୨୪।୫(ସମିସ): ବାଲେଶ୍ୱରରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲ୍ଲା ସଭାପତି ସିମନ ଦାସ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏହି ଶିବିରକୁ ଉଦ୍‌ଘାଟନ ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ପ୍ରତି ବାଲେଶ୍ୱର ଜିଲ୍ଲାରେ ଦେଖାଦେଉଥିବା ରକ୍ତର ଅଭାବ ପୂରଣରେ ବିଜୁ ଛାତ୍ର ଜନତା ଆଶ୍ରିତା ତରେଇ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଓମପ୍ରକାଶ ମହାପାତ୍ର, ସୀମନ ସାମଲ, ସାମାଜିକ କର୍ମୀ ହ୍ରିତିକ ନାୟକ, ସୁଶୀଲ ପଣ୍ଡା ପ୍ରମୁଖ ଏଥିରେ ଯୋଗ ଦେଇ ଥିଲେ। ବିଜୁ ଛାତ୍ର ଜନତା ଦଳର ଛାତ୍ର ନେତା ଗଜେନ୍ଦ୍ର ନାୟକ ଏଥିରେ ଉପସ୍ଥିତ ରହି ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଶିବିରରେ ବାଲେଶ୍ୱର ସ୍ଥାନୀୟ ଅଞ୍ଚଳର ବହୁ ଯୁବକ ଯୁବତୀ ରକ୍ତଦାନ କରିଥିଲେ। ଜିଲ୍ଲା



ଦଳଙ୍କ ଭଳି ସଙ୍ଗଠନଙ୍କ ପ୍ରୟାସ ବେଶ ପ୍ରଶଂସନୀୟ ତଥା ପ୍ରେରଣାଦାୟୀ ବୋଲି ସେ କହିଥିଲେ। ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ବାଲେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର, ଯୁବ ସଙ୍ଗଠକ ସାହିରୁଲ ହକ୍, ଭାଗବତ ସାହୁ, ଅସିତ ଦାସ, ଇନ୍ତେକାବ ଅଲି ଖାନ, ଶ୍ରୀମନ୍ତ ମାଝୀ, ସମାଜସ୍ୱୋ ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ନରୋତ୍ତମ ଦାସ, ଚିନ୍ମୟ ମହାନ୍ତି, ଜୀବନ ସଂଗ୍ରାମ ମିଶ୍ର, ଶୁଭମ ନାୟକ, ସୁରଜ ସାହୁ, ଜାକବ ସିଂ, ଦେବରାଜ ଦେ, ମୋନାଲିସା ମହାନ୍ତି, ଅମିତ ମହାନ୍ତି, ପ୍ରିତମ ସ, ଜୁବେର ଅଲି, ଓମକାର ରାଜ, ଓମକାର ନାୟକ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ।

## ଫକୀରମୋହନଙ୍କ ଗଳ୍ପ 'ରାଣ୍ଡୀପୁଅ ଅନନ୍ତା'ର ଶବ୍ଦ ବ୍ୟବଚ୍ଛେଦକୁ ବିରୋଧ

ବାଲେଶ୍ୱର,୨୪।୫(ସମିସ)




ବ୍ୟାସକବି ଫକୀରମୋହନଙ୍କ କାଳଜୟୀ ଗଳ୍ପ ରାଣ୍ଡୀପୁଅ ଅନାନ୍ତାକୁ ନେଇ ନିର୍ମାଣ ହୋଇଥିବା ଚଳଚ୍ଚିତ୍ରକୁ ଏବେ ବିରୋଧର ସ୍ୱର ଶୁଣିବାକୁ ମିଳିଛି। ଏହି ଚଳଚିତ୍ରର ପ୍ରଯୋଜକ ନାମକରଣର ଛେଦନ କରି କେବଳ ଅନନ୍ତା ରଖିଛନ୍ତି। ଏଥିପାଇଁ ଓଡ଼ିଶାର ସହିତ୍ୟ ପ୍ରେମୀମାନଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଉନବିଂଶ ଶତାବ୍ଦୀରେ ଫକୀର ମୋହନଙ୍କ ଦ୍ୱାରା ରଚିତ ଏଇ କାହାଣୀ ଶିରୋନାମାରେ ଥିବା ଶୀର୍ଷ ଲେଖାରେ ରାଣ୍ଡୀ ଶବ୍ଦଟିକୁ କାଟି ଦିଆ ଯାଇ ଏକ ପ୍ରାୟୋଜିତ ଚଳଚ୍ଚିତ୍ର କରାଯାଇଛି। ଏହାକୁ ପ୍ରତିବାଦ କରି ଫକୀର ମୋହନଙ୍କ ଜନ୍ମ ପୀଠ ବାଲେଶ୍ୱର ମାଟିରୁ ବିରୋଧର ସ୍ୱର ଉଠିଛି। ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ପାଇଁ ଯେଉଁ ମଣିଷଟି ଭାଷା ସାହିତ୍ୟର କୁରୁକ୍ଷେତ୍ରରେ ନିଜେ ସବ୍ୟସାଚୀର ଭୂମିକା ନିର୍ବାହ କରିଥିଲେ, ତାଙ୍କ ସର୍ଜନା ଶିଳ୍ପର ନାଁକୁ ବ୍ୟବଚ୍ଛେଦ କରିବା କେଉଁ ଅସ୍ମିତା ବୋଲି ଅନେକ ସାହିତ୍ୟିକ ପ୍ରଶ୍ନ ଉଠାଇଛନ୍ତି। ଅତୀତରେ ରାଣ୍ଡୀପୁଅ ଅନନ୍ତା କାହାଣୀ ଉପରେ ବିଶିଷ୍ଟ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତି ଗୀତଗାନ କରି ବେଶ ଲୋକପ୍ରିୟତା ହାସଲ କରିଥିଲେ। ସେ ସମୟରେ ସେ ଗୀତକୁ ଶୁଣିବା ମାତ୍ରେ ଫକୀର ମୋହନଙ୍କ ସାହିତ୍ୟର ସ୍ପନ୍ଦନ ସଭିଙ୍କ ଦେହରେ ଖେଳି ଯାଉଥିଲା। ମାତ୍ର ଆଜି ଦିନରେ ଫକୀରମୋହନଙ୍କ କଳାଶିଳ୍ପକୁ ନେଇ ଯେଉଁଭଳି "ମୁଷ୍ଟିମେୟ ପ୍ରଯୋଜକ ଖେଳଖେଳ ଖେଳୁଛନ୍ତି ତାହା ଏବେ ଉଦ୍‌ବେଗର ବିଷୟ ହେଇଛି। ଯଦି ଅନ୍ୟ ରାଜ୍ୟର ଏପରି କେହି କରି ଥାଆନ୍ତେ, ତେବେ ବିଭିନ୍ନ ଆଡୁ ବିବାଦ ତଥା ବିରୋଧର ସାମ୍ନା କରିବାକୁ ପଡ଼ିଥାନ୍ତା। ତେବେ ଏଭଳି ଘଟଣା ଓଡ଼ିଶାରେ ଘଟିବାକୁ ନେଇ ସାହିତ୍ୟ ପ୍ରେମିଙ୍କ ମନରେ ଆଘାତ ଲାଗିଛି। ବାଲେଶ୍ୱରର ବିଶିଷ୍ଟ ସାହିତ୍ୟିକ ଡ.ରାଧାରଞ୍ଜନ ପଟ୍ଟନାୟକ, ଡ.ବଂଶୀଧର ଚୌଧୁରୀ, କବି ଅଭୟ ଦାସ, କବି ସମରେନ୍ଦ୍ର ମହାପାତ୍ର, କୃଷ୍ଣ କୁମାର ମହାନ୍ତି, ଡ. ସନ୍ତୋଷ ନାୟକ, ଡ. ଅନ୍ତର୍ଯ୍ୟାମୀ ପଣ୍ଡା, କବି ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ଡା .ଅଭିମନ୍ୟୁ କାନୁନଗୋ ପ୍ରମୁଖ ସାରସ୍ୱତ ସ୍ରଷ୍ଟା ମାନେ ବିରୋଧ କରିଛନ୍ତି। ଏବେ ଶୁଣିବାକୁ ମିଳୁଛି ,ଫକୀର ମୋହନଙ୍କ କାହାଣୀ କୁ ନେଇ ଟେଲିଫିଲ୍ମ ବା ଚଳଚିତ୍ର ନିର୍ମାଣ କରାଯାଇ ନାହିଁ। ବରଂ ସବ୍ୟସାଚୀ ମହାପାତ୍ର ଫକୀର ମୋହନଙ୍କ ରାଣ୍ଡୀପୁଅ ଅନନ୍ତା ଅବଲମ୍ବନରେ ଅନନ୍ତା ଫିଚର ଫିଲ୍ମ କରିଛନ୍ତି। ଯଦି ଏହା ଭିତରେ ଫକୀର ମୋହନଙ୍କ ମୂଳ ଗଳ୍ପର କାହାଣୀ ନ ରହି କଳ୍ପନାର କାହାଣୀ ଥାଏ , ତେବେ ଏଥିରେ ପ୍ରତିବାଦ କରିବାର କାରଣ ନାହିଁ। ମାତ୍ର ଯଦି ଅବିକଳ ଫକୀର ମୋହନଙ୍କ କାହାଣୀକୁ ନେଇ ଫିଚର ଧର୍ମୀ ଫିଲ୍ମ ପ୍ରସ୍ତୁତ ହୋଇଥାଏ, ତେବେ ତାହା ଫକୀରମୋହନଙ୍କ ପ୍ରତି ଅପମାନ ଧରାଯିବ ବୋଲି ମତ ପ୍ରକାଶ ପାଇଛି।